ଚନ୍ଦ୍ରମଲ୍ଲିକାର ବାସ୍ନା

ବିଜୟଲକ୍ଷ୍ମୀ ମହାନ୍ତି

Digitized by srujanika@gmail.com

ଚନ୍ଦ୍ର ମଲ୍ଲିକାର ବାସ୍ନା

ବିଜୟଲକ୍ଷ୍ମୀ ମହାନ୍ତି

ବୁକ୍ସ ଏଣ୍ଡ୍ ବୁକ୍ସ
ବିନୋଦବିହାରୀ, କଟକ-୭୫୩୦୦୩

Digitized by srujanika@gmail.com

ଚନ୍ଦ୍ରମଲ୍ଲିକାର ବାସ୍ନା

●

ବିଜୟଲକ୍ଷ୍ମୀ ମହାନ୍ତି

●

ପ୍ରକାଶକ
କୃଷ୍ଣଚନ୍ଦ୍ର ବେହେରା
ବୁକ୍ସ ଏଣ୍ଡ ବୁକ୍ସ
ବିନୋଦବିହାରୀ
କଟକ

●

ପ୍ରକାଶକାଳ :
ଜାନୁଆରୀ, ୧୯୭୯

●

ମୁଦ୍ରଣ :
ରାଧାରାଣୀ ପ୍ରିଣ୍ଟର୍ସ
କଟକ

●

ମୂଲ୍ୟ :
ସାତଟଙ୍କା ମାତ୍ର
ଶୋଭନ—ନଅଟଙ୍କା

CHANDRA MALLIKAR BASNA

●

Bijoylaxmi Mohanty

●

Published by :
K. C. Behera
Books and Books
Binod Behari Cuttack

●

Publication year :
January 1979

●

Printed at :
Radharani Printers
Cuttack

●

Price :
Rs. 7-00
Bound. Nine Only

Digitized by srujanika@gmail.com

ମୁଖବନ୍ଧ

ଡି. ଏଚ. ଲରେନ୍ସ (D. H. Lawrence)ର ଡେଭିଡ ହରବର୍ଟ ଲରେନ୍ସ ଏହି ଶତାବ୍ଦୀର ଅନ୍ୟତମ ଶ୍ରେଷ୍ଠ ଇଂରାଜୀ ଲେଖକ ଓ ଅନେକଙ୍କ ମତରେ ପୃଥିବୀର ଅଳ୍ପ କେତେଜଣ ଉତ୍କୃଷ୍ଟ ଔପନ୍ୟାସିକଙ୍କ ମଧ୍ୟରେ ଅନ୍ୟତମ । ସେ ବିଶେଷ କରି ତାଙ୍କ ଲେଖାମାନଙ୍କରେ ବର୍ତ୍ତମାନ କାଳର ଯନ୍ତ୍ର ଶିଳ୍ପ-ଭିତ୍ତିକ ସମାଜର ବିଶଦ ଆଲୋଚନା ଓ ବିଶ୍ଳେଷଣ ଓ ସମାଲୋଚନା କରିଛନ୍ତି ଓ ମଣିଷର ଅନ୍ତର୍ନିହିତ ସ୍ୱାଭାବିକ ଶକ୍ତିର ଅଭିବୃଦ୍ଧି ଉପରେ ବାରମ୍ବାର ଜୋର ଦେଇଛନ୍ତି । ସେ ୧୮୮୫, ସେପ୍ଟେମ୍ବର ୧୧ ତାରିଖରେ ଇଂଲଣ୍ଡର ମଧ୍ୟଦେଶ (Midlands) ର ନଟିଂହାମ୍ସାୟାରର ଇଷ୍ଟଉଡ୍ ଅଞ୍ଚଳରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ବାପା କୋଇଲା ଖଣିରେ କାମ କରୁଥିଲେ ଓ ମା ସ୍କୁଲରେ ଶିକ୍ଷୟିତ୍ରୀ ଥିଲେ ଓ ଅବସର ସମୟରେ କବିତା ଲେଖାଲେଖି କରୁଥିଲେ । ତେଣୁ ସ୍ୱାଭାବିକ ଭାବରେ ଲରେନ୍ସଙ୍କ ପିଲାଦିନ ଇଷ୍ଟଉଡ ଅଞ୍ଚଳର କୋଇଲା ଖଣି, ଖଣି ଶ୍ରମିକ ଓ ସେମାନଙ୍କର ଜୀବନଯାତ୍ରା ସହିତ ଜଡ଼ିତ ହୋଇ ପଡ଼ିଥିଲା, ଓ ତାଙ୍କ ଲେଖାମାନଙ୍କରେ ବାରମ୍ବାର ଆମ୍ଭେମାନେ ଏହି ଖଣି ଅଞ୍ଚଳର ଚିତ୍ର ପାଇଥାଉ । ଲରେନ୍ସ ଭଲ ଛାତ୍ର ଥିଲେ ଓ ସେ ବୃତ୍ତି ପାଇ ନଟିଂହାମ୍ ହାଇସ୍କୁଲରେ ପଢ଼ିଥିଲେ (୧୮୯୮) । ପରେ ୨୧ବର୍ଷରେ ସେ ନଟିଂହାମ ବିଶ୍ୱବିଦ୍ୟାଳୟ କଲେଜକୁ ପଢ଼ିବାକୁ ଯାଇଥିଲେ ଓ ଶେଷରେ ୧୯୦୮ରେ ଇଷ୍ଟଉଡ଼ ଛାଡ଼ି ସେ ଲଣ୍ଡନ ପାଖ କ୍ରୟଡନ୍ର ଗୋଟିଏ ସ୍କୁଲରେ ଶିକ୍ଷକ ଭାବରେ ଯୋଗ ଦେଲେ । ଶିକ୍ଷା ଓ ଶିକ୍ଷାଦାନ ସମ୍ପର୍କରେ ଲରେନ୍ସଙ୍କର ନିର୍ଦ୍ଦିଷ୍ଟ ମତ ରହିଛି ଓ ତାଙ୍କ ଉପନ୍ୟାସ ଓ ଗଳ୍ପମାନଙ୍କରେ ଆମେ ଶିକ୍ଷକମାନଙ୍କୁ ଅନେକ ସମୟରେ ଚରିତ୍ର ଭାବରେ ଦେଖୁ । ନିକଟରେ ପେନ୍‌ଗୁଇନ ପ୍ରକାଶ-ସଂସ୍ଥା ପକ୍ଷରୁ ଲରେନ୍ସଙ୍କର ଶିକ୍ଷା ସମ୍ପର୍କୀୟ ମତାମତ ସବୁ ଏକାଠି ହୋଇ 'Lawrence on Education' ନାମକ ଏକ ପୁସ୍ତିକା ପ୍ରକାଶ ପାଇଛି । ଏ ସବୁଥିରେ ସେ ତରୁଣ ମନର ସହଜ, ସ୍ୱାଭାବିକ ପ୍ରବୃତ୍ତିର ଅଭିବୃଦ୍ଧି ଉପରେ ଜୋର ଦେଇ ଆଲୋଚନାମାନ କରିଛନ୍ତି ।

ଲରେନ୍ସ ବେଶ ପିଲାଦିନରୁ ଲେଖାଲେଖି ଆରମ୍ଭ କରିଥିଲେ ଓ ତାଙ୍କର ପ୍ରଥମ ଉପନ୍ୟାସ 'ଶ୍ୱେତ ମୟୂର' (The White Peacock) ୧୯୧୧ରେ

Digitized by srujanika@gmail.com

ପ୍ରକାଶ ପାଇଥିଲା । ଏହି ସମୟରେ ସେ ସମସାମୟିକ ସାହିତ୍ୟ ଜଗତର ଦୁଇଜଣ ବିଶିଷ୍ଟ ବ୍ୟକ୍ତି ଫୋର୍ଡ ମାଡ଼କ୍ସ ଫୋର୍ଡ ଓ ଏଡୱାର୍ଡ ଗାର୍ନେଟ୍‌ଙ୍କ ସାହାଚର୍ଯ୍ୟ ଓ ସମର୍ଥନ ପାଇଁ ପାରିଥିଲେ ଯାହା ଫଳରେ ତାଙ୍କର ଦ୍ୱିତୀୟ ବହି 'ଅନୁପ୍ରବେଶକାରୀ' (The Trespasser) ୧୯୧୨ରେ ଛପା ହେଲା ଓ ସେ ଲେଖକମାନଙ୍କ ମଧ୍ୟରେ ସ୍ୱୀକୃତି ପାଇ ପାରିଲେ । କିନ୍ତୁ ଲରେନ୍ସଙ୍କ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ୧୯୧୨ ଅପ୍ରେଲ ମାସରେ, ତାଙ୍କୁ ଯେତେବେଳେ ୨୭ ବର୍ଷ ସେହି ସମୟରେ ଘଟିଲା । ତାଙ୍କର ଫ୍ରିଡ଼ା ଓ୍ୱିକ୍ଲିଙ୍କ (Frieda Weekley) ସହିତ ଦେଖାହେଲା । ଫ୍ରିଡ଼ା ଜଣେ ଅଭିଜାତ ବଂଶୀୟ ଜର୍ମାନ ମହିଳା ଓ ସେ ନଟିଂହାମ୍‌ରେ ଲରେନ୍ସଙ୍କୁ ପଢ଼ାଉଥିବା ଜଣେ ଅଧ୍ୟାପକଙ୍କୁ ବିବାହ କରିଥିଲେ । ପରିଚୟରୁ ପ୍ରେମ, ଓ ଫ୍ରିଡ଼ା ନିଜର ସ୍ୱାମୀଙ୍କୁ ଛାଡ଼ି ଲରେନ୍ସଙ୍କ ପାଖକୁ ଚାଲି ଆସିଲେ ଓ ପରେ ୧୯୧୪ ଜୁଲାଇରେ ଉଭୟଙ୍କର ବିବାହ ହେଲା । ୧୯୧୨ରୁ ଏ ଯେଉଁ ଜୀବନ ଆରମ୍ଭ ହେଲା ସେଥିରେ ଫ୍ରିଡ଼ା ଲରେନ୍ସଙ୍କ ଜୀବନ ଓ ସାହିତ୍ୟ ସହିତ ଓତଃପ୍ରୋତ ଭାବରେ ଜଡ଼ିତ ହୋଇ ପଡ଼ିଲେ ଓ ସେ ହେଲେ ଲରେନ୍ସଙ୍କ ବହୁ ପ୍ରସିଦ୍ଧ ଉପନ୍ୟାସ ଓ ଗଳ୍ପର ପ୍ରେରଣା ଦାତ୍ରୀ । ଏହି ସମୟରୁ ଉଭୟଙ୍କ ପାଇଁ ଅତି ନିବିଡ଼ ଓ ଘନିଷ୍ଠ କିନ୍ତୁ ଅତି ଅସ୍ଥିର ଓ ଯାଯାବର ଜୀବନ ଆରମ୍ଭ ହେଲା । ୧୯୧୨ରେ ଉଭୟ ଜର୍ମାନୀ ଗଲେ, ଅଳ୍ପ ଦିନ ପରେ ଇଂଲଣ୍ଡକୁ ଫେରି ଆସିଲେ, ପୁଣି ଇଟାଲୀ ଗଲେ ଓ ପୁଣି ଇଂଲଣ୍ଡକୁ ଫେରି ଆସିଲେ । ଏହା ଭିତରେ ଲରେନ୍ସଙ୍କ ପ୍ରଥମ ପରିଣତ ଉପନ୍ୟାସ 'ପୁତ୍ର ଓ ପ୍ରେମିକ' (Sons and Lovers) ବିଲାତରେ ୧୯୧୩ରେ ପ୍ରକାଶ ପାଇଲା ଓ ସେ 'ଇନ୍ଦ୍ରଧନୁ' (The Rainbow) ଉପନ୍ୟାସର ଲେଖା ଆରମ୍ଭ କରିଥାନ୍ତି । ତାଙ୍କର ପ୍ରଥମ ଗଳ୍ପ ସଂକଳନ 'ପ୍ରସୀୟ ଅଫିସର ଓ ଅନ୍ୟାନ୍ୟ ଗଳ୍ପ' (The Prussian Officer and Other Stories) ୧୯୧୪ରେ ଓ ତାଙ୍କର ପ୍ରଥମ କବିତା-ଗ୍ରନ୍ଥ 'ପ୍ରେମ କବିତା ଓ ଅନ୍ୟାନ୍ୟ' (Love Poems and Others) ୧୯୧୩ରେ ପ୍ରକାଶ ପାଇଲା । ଏହି ସମୟରେ ବି ଲରେନ୍ସ ଫ୍ରିଡାଙ୍କର ସମକାଳୀନ ପ୍ରସିଦ୍ଧ ସମାଲୋଚକ ମିଡଲଟନ୍ ମରେ ଓ ତାଙ୍କର ଲେଖିକା ପତ୍ନୀ କାଥରିନ୍ ମାନସ୍‌ଫିଲଡ଼ଙ୍କ ସହିତ ବନ୍ଧୁତ୍ୱ ହେଲା ଓ ଲରେନ୍ସ ବିଲାତର ସାହିତ୍ୟ ଜଗତରେ ଜଣେ ନୂତନ ପ୍ରତିଭାଶାଳୀ ଲେଖକ ଭାବରେ ସ୍ୱୀକୃତି ପାଇଲେ ।

ପ୍ରଥମ ମହାଯୁଦ୍ଧର ବର୍ଷଗୁଡ଼ିକ (୧୯୧୪-୧୯୧୮) ଲରେନ୍ସ ଦଂପତିଙ୍କ ପାଇଁ ବେଶ୍ ଅନିଶ୍ଚିତ ଓ ଦୁର୍ଯୋଗପୂର୍ଣ୍ଣ ଥିଲା । ସେମାନେ ଇଂଲଣ୍ଡ ଯାକ ଘୂରି ବୁଲିଲେ, ଲରେନ୍ସ ନିଜର ସ୍ୱପ୍ନର ଆଦର୍ଶ ସାମାଜିକ ଗୋଷ୍ଠୀ "ରାନାନିମ" (Rananim) ପ୍ରତିଷ୍ଠା କରିବା ପାଇଁ ବନ୍ଧୁମାନଙ୍କୁ ପ୍ରବର୍ତ୍ତାଇବାକୁ ଆରମ୍ଭ କଲେ, ଓ ଲେଖକ ଓ ଦାର୍ଶନିକ ବାରଟ୍ରାଣ୍ଡ ରସେଲ୍‌ଙ୍କ ସହିତ ବନ୍ଧୁତ୍ୱ ହେଲା । ସେ ସମୟର

Digitized by srujanika@gmail.com

ପ୍ରସିଦ୍ଧ ସାମାଜିକ ମହିଳା ଲେଡି ଓଟୋଲାଇନ ମରେଲଙ୍କ ସହିତ ବି ପରିଚୟ ହେଲା ଓ ଲରେନ୍‌ସ ଲେଡ଼ି ଓଟୋଲାଇନଙ୍କର ଅକ୍‌ସଫୋର୍ଡ ନିକଟବର୍ତ୍ତୀ ପ୍ରସିଦ୍ଧ ଗାର୍ସିଂଟନ୍ ପ୍ରାସାଦକୁ ଯିବା ଆସିବା ଆରମ୍ଭ କଲେ । ପରେ ଇଂଲଣ୍ଡ ଛାଡ଼ି ଆମେରିକାର ଫ୍ଲୋରିଡ଼ାକୁ ସପ୍ରିବାର ପାଇଁ ଚାଲିଯିବା ପାଇଁ ଯେ ଗାଡ କରି ନିଜର ସ୍ୱାସ୍ଥ୍ୟ ଯୋଗୁ ଯାଇ ପାରିଲେ ନାହିଁ, ଓ ପରିଶେଷରେ ୧୯୧୬ରେ କର୍ନୱାଲର ଗୋଟିଏ ଗ୍ରାମ୍ୟ ପରିବେଶରେ ରହିବାକୁ ଚେଷ୍ଟା କଲେ । କିନ୍ତୁ ସେଠାରେ ବି ରହି ପାରିଲେ ନାହିଁ । ଲରେନ୍‌ସଙ୍କ ଓ ଫ୍ରୀଡ଼ା ଜର୍ମାନ ହୋଇଥିବାରୁ ଫ୍ରୀଡ଼ାଙ୍କୁ ନାନା ସରକାରୀ ନିର୍ଯ୍ୟାତନା ସହିବାକୁ ପଡ଼ିଲା । ୧୯୧୭ରେ ସେମାନେ ଲଣ୍ଡନକୁ ଫେରିଲେ ଓ ଯୁଦ୍ଧ ଶେଷ ପର୍ଯ୍ୟନ୍ତ ଲଣ୍ଡନରେ ହିଁ ରହିଲେ । ଏହି ସମୟରେ ୧୯୧୫ରେ 'ଇନ୍ଦ୍ରଧନୁ' ପ୍ରକାଶ ପାଇଲା ଓ ୧୯୧୬ରେ 'ପ୍ରେମିକା ନାରୀଙ୍କ (Women in Love) ର ଲେଖା ଶେଷ ହେଲା । ଏହା ୧୯୨୦ରେ ଘରୋଇ ଭାବରେ ଓ ୧୯୨୧ରେ ସାଧାରଣ ଭାବରେ ପ୍ରକାଶ ପାଇଥିଲା । ଏହି ସମୟରେ (Amores) (୧୯୧୬), (Look We have Come Through') (୧୯ ୭) ଓ 'New Poems' (୧୯୧୮) ପ୍ରଭୃତି କବିତା-ସଙ୍କଳନ ଗ୍ରନ୍ଥ ବି ପ୍ରକାଶ ପାଇଥିଲା ।

ଯୁଦ୍ଧ ପରେ ବି ସେହି ଅସ୍ଥିରତା ଲାଗି ରହିଲା । ଲରେନ୍‌ସ ପୁଣି ଆମେରିକା ଯିବା ପାଇଁ ଚିନ୍ତା କଲେ, ଫ୍ରୀଡ଼ା ଜର୍ମାନୀ ଗଲେ, ଲରେନ୍‌ସ ଇଟାଲି ଗଲେ, ଉଭୟ ସିସିଲିରେ ଗୋଟାଏ ଘର ନେଇ କିଛି ଦିନ ରହିଲେ, ଲରେନ୍‌ସ ସାର୍ଡିନିଆ ଗଲେ ଓ ଶେଷରେ ୧୯୨୦ ଜୁନ୍ ମାସରେ ସେମାନେ ଜର୍ମାନୀ ଯାଇ ଫ୍ରୀଡ଼ାଙ୍କ ମାଙ୍କ ପାଖରେ ରହିଲେ । ଏହି ସମୟରେ ଆମେରିକା ସାହିତ୍ୟ ସମ୍ପର୍କରେ ଆଲୋଚନା । Studies in classic American Literature. (୧୯୨୩) ଭ୍ରମଣ ଗ୍ରନ୍ଥ । Sea and Sardinia. (୧୯୨୧), ଉପନ୍ୟାସ The Lost girl (୧୯୨୦), 'Aurons Rod' (୧୯୨୨) ଗଳ୍ପ ସଙ୍କଳନ । England My England and Other Stories (୧୯୨୨), କବିତାଗ୍ରନ୍ଥ । Boy. A. Book of poems (୧୯୨୨), ଓ ଆଲୋଚନା ଗ୍ରନ୍ଥ । Fantasia of The unconscious. (୧୯୨୨), ପ୍ରଭୃତି ପ୍ରକାଶ ପାଇଥିଲା । ୧୯୨୧ ସାରା ବର୍ଷ ଲରେନ୍‌ସ ୟୁରୋପ ସାରା ଘୂରି ବୁଲିଲେ—ଇଟାଲି, ଜର୍ମାନୀ, ଅଷ୍ଟ୍ରିଆ, କେତେବେଳେ ଫ୍ରୀଡ଼ାଂକ ସହିତ । କିନ୍ତୁ ୟୁରୋପ ତାଙ୍କୁ ଭଲ ଲାଗୁ ନଥାଏ । ତାଛଡ଼ା, 'woman in Love' ସମ୍ପର୍କରେ ଅନେକ ବିରୁଦ୍ଧ ସମାଲୋଚନା ହେଉଥାଏ । ସେ ଜଣେ ବନ୍ଧୁଙ୍କ ନିମନ୍ତ୍ରଣରେ ସିଲୋନ୍ ବା ବର୍ତ୍ତମାନର ଶ୍ରୀଲଙ୍କା ଯିବା ପାଇଁ ସ୍ଥିର କଲେ । କିନ୍ତୁ ଶ୍ରୀଲଙ୍କା ନ ଯାଇ ଲରେନ୍‌ସ ଓ ଫ୍ରୀଡ଼ା ଅଷ୍ଟ୍ରେଲିଆ ଗଲେ । ଅଷ୍ଟ୍ରେଲିଆ ଯିବାର ଫଳ ହେଲା ତାଙ୍କର ଅନ୍ୟତମ ପ୍ରସିଦ୍ଧ ଉପନ୍ୟାସ 'କଙ୍ଗାରୁ' ('kangaroo'୧୯୨୩)

Digitized by srujanika@gmail.com

ଏହାପରେ ୧୯୨୩ରେ ଅନ୍ୟ ଜଣେ ବାନ୍ଧବୀଙ୍କ ସହିତ ସେମାନେ ନିଉମେକ୍ସିକୋର ଟଓସ୍‌କୁ ଗଲେ ଓ ସେଠାରେ ପ୍ରାଚୀନ ଆଜଟେକ୍ ସଭ୍ୟତାର ଭ୍ରମଣରେ ପ୍ରବୃତ୍ତ ହୋଇ ଲରେନ୍ସ, 'Plumed Serpent' ଉପନ୍ୟାସର ଲେଖା ଆରମ୍ଭ କଲେ । କିନ୍ତୁ ମେକ୍ସିକୋ ଫ୍ରୀଡ଼ାଙ୍କୁ ଭଲ ଲାଗୁ ନ ଥିଲା । ସେମାନେ ଲଣ୍ଡନକୁ ଫେରି ଆସିଲେ ଓ ପୁଣିଥରେ ଆଉ ଜଣେ ବାନ୍ଧବୀଙ୍କ ସାଥିରେ ୧୯୨୪ ମାର୍ଚ୍ଚ ମାସରେ ନିଉମେକ୍ସିକୋ ଫେରିଗଲେ । ଏହି ସମୟରେ ୧୯୨୪—'୨୫ ଶୀତ ଋତୁରେ ଲରେନ୍ସ ଖୁବ୍ ପୀଡ଼ିତ ହୋଇ ପଡ଼ିଲେ ଓ ଏ ପୀଡ଼ା କ୍ରମଶଃ ବଢ଼ିବାକୁ ଲାଗିଲା । ୧୯୨୫ ସେପ୍ଟେମ୍ବରରେ ସେମାନେ ୟୁରୋପକୁ ଫେରି ଆସିଲେ ଓ ଜେନୋଆ ନିକଟରେ କିଛି ଦିନ ରହିଲାପରେ ୧୯୨୬ରୁ '୮ ପ୍ରାୟ ଦୁଇବର୍ଷ ଫ୍ଲୋରେନ୍ସରେ ରହିଲେ, ଏହି ସମୟରେ ଔପନ୍ୟାସିକ ଅଲଡସ୍ ହକ୍ସଲି ତାଙ୍କର ଖୁବ୍ ଘନିଷ୍ଠ ହୋଇ ଉଠିଥିଲେ । ସେତେବେଳେ ଲରେନ୍ସ ଛବି ଆଙ୍କୁଥିଲେ ଓ କବିତା, ଗଳ୍ପ ଲେଖୁଥିଲେ । ପ୍ରସିଦ୍ଧ କ୍ଷୁଦ୍ର ଉପନ୍ୟାସ । St. Mawr ୧୯୨୫ରେ ଓ, The plumed serpent ୧୯୨୬ରେ ପ୍ରକାଶ ପାଇଲା ଓ ୧୯୨୮ ବେଳକୁ, Ludy chatterlay's Lover ଉପନ୍ୟାସର ଲେଖା ସରି ସେହି ବର୍ଷ ଫ୍ଲୋରେନ୍ସରେ ଛପା ହେଲା (ଏହି ଉପନ୍ୟାସର ସମ୍ପୂର୍ଣ୍ଣ ସାଧାରଣ ସଂସ୍କରଣ ୧୯୫୯ରେ ପ୍ରକାଶ ପାଇଥିଲା) । ଲରେନ୍ସଙ୍କ ରୋଗ ବଢ଼ିଲା । ସେ ରୋଗର ନିରାକରଣ ପାଇଁ ବାରମ୍ବାର ସ୍ଥାନ ଓ ଜଳବାୟୁ ପରିବର୍ତ୍ତନ କରିବାକୁ ଲାଗିଲେ । କିନ୍ତୁ କିଛି ହେଲା ନାହିଁ । ୧୯୩୦ ମାର୍ଚ୍ଚ '୨ରେ ଏହି ଅସ୍ଥିର, ପ୍ରଚଣ୍ଡ ପ୍ରତିଭା—ସମ୍ପନ୍ନ ଲେଖକ ଆଣ୍ଟିବସ୍ ନିକଟବର୍ତ୍ତୀ ଭେନ୍‌ସରେ ଯକ୍ଷ୍ମା ରୋଗରେ ପ୍ରାଣତ୍ୟାଗ କଲେ । ଲରେନସଙ୍କର ଅନ୍ୟାନ୍ୟ ଲେଖା ହେଲା ଉପନ୍ୟାସ—'The Man who Died' (୧୯୩୧) ଓ 'The Virgin and the Gipsy' (୧୯୩୦) ଗଳ୍ପ 'The Ladybird' (୧୯୨୩), 'Sun' (୧୯୨୬), 'Glad Ghosts' (୧୯୨୬), 'Rawdon's Roof' (୧୯୨୮), 'The Woman who Rode Away and Other Stories (୧୯୨୮) ଓ 'Love Among the Haystacks and other Pieces' (୧୯୩୦), କବିତା—'Birds, Beasts and Flowers (୧୯୨୩), 'Pansies' (୧୯୨୯), 'Nettles' (୧୯୩୦), 'The Triumph of the Machine' (୧୯୩୦), ଓ 'Last poems' (୧୯୩୨), ନାଟକ 'The widowing of Mrs Holroyd' (୧୯୧୪) Touch and go' (୧୯୨୦), 'David' (୧୯୨୬), ଭ୍ରମଣ କାହାଣୀ 'Twilight in Italy' (୧୯୧୬), ଓ Mornings in Mexico' (୧୯୨୭); ଅନ୍ୟାନ୍ୟ ଲେଖା Psycho-analysis and the unconscious' (୧୯୨୧), 'Reflections

Digitized by srujanika@gmail.com

on The Death of a Percupine and other Essays' (୧୯୨୫), 'Pornography and objcenity' (୧୯୨୯) Assorted Articles' (୧୯୩୦), 'Apocalypse' (୧୯୩୧), 'Phoenix' (୧୯୩୬), ଓ 'Phoenix II' (୧୯୬୮), ଓ ତାଙ୍କର ଚଠି ଗୁଡ଼ିକର ବିଭିନ୍ନ ସଙ୍କଳନ ୧୯୩୨, ୧୯୪୮, ଓ ୧୯୬୨ରେ ବିଭିନ୍ନ ସମ୍ପାଦକମାନଙ୍କ ଦ୍ୱାରା ସମ୍ପାଦିତ ହୋଇ ପ୍ରକାଶ ପାଇଛି ।

ମୁଁ ଲରେନ୍ସଙ୍କର ତିନୋଟି ଗଳ୍ପ ଏଠାରେ ଅନୁବାଦ କରିଛି । ଗଳ୍ପଗୁଡ଼ିକ ହେଲ The Daughters of vicar, The Horsedealers Daughter and 'The odour of Chrysanthemums' ଲରେନ୍ସ ଇଂରାଜୀ ସାହିତ୍ୟର ଜଣେ ପ୍ରତିଷ୍ଠିତ ଓ ପ୍ରତିଭା ଓ ସମ୍ପନ୍ନ ସାହିତ୍ୟିକ । ତାଙ୍କର ଗଦ୍ୟଶୈଳୀ ସାହିତ୍ୟ ଜଗତରେ ଅଦ୍ୱିତୀୟ ଓ ଏହା ଏକ କବିତ୍ୱପୂର୍ଣ୍ଣ, ଛନ୍ଦମୟ ପ୍ରକାଶ ପର ମନେହୁଏ । ସେଣୁ ଲରେନ୍ସଙ୍କର ଭାଷାକୁ ଭାଷାନ୍ତରରେ ପରିଣତ କରିବା କଷ୍ଟ-ସାପେକ୍ଷ ଓ ଓଡ଼ିଆ ଭାଷାରେ ଏହାକୁ ଅନୁବାଦ କରିବା ଅଧିକ କଷ୍ଟ ସାପେକ୍ଷ, କାରଣ ଓଡ଼ିଆ ଇଂରାଜୀର ସମଗୋଷ୍ଠୀୟ ଭାଷା ନୁହେଁ । ଓଡ଼ିଆ ଭାଷାର ସୀମିତ ଶବ୍ଦାବଳୀ ମଧ୍ୟରେ ଇଂରାଜୀ ଭାଷାର ଅସଂଖ୍ୟ ଶବ୍ଦାବଳୀ ଓ ଭାଷାର ପ୍ରାଚୁର୍ଯ୍ୟକୁ ପ୍ରକାଶ କରିବା, ବିଶେଷକରି ଲରେନ୍ସଙ୍କ ଭାବକୁ ପ୍ରକାଶ କରିବା ସମ୍ବନ୍ଧରେ କେତେଗୁଡ଼ିଏ ଅବଶ୍ୟମ୍ଭାବୀ ଅସୁବିଧା ପ୍ରତି ଦୃଷ୍ଟି ଦେବାକୁ ହୋଇଛି ।

ଥିଓଡ଼ୋର ସାଭୋରି (Theodre Savory, 'The Art of Translation' କହନ୍ତି, ଅନୁବାଦ ସମ୍ବନ୍ଧରେ ଯେଉଁ ପ୍ରତିବନ୍ଧକ ସୃଷ୍ଟି ହୁଏ ତାହା ତିନି ପ୍ରକାରର । ପ୍ରଥମତଃ ସଫଳ ଅନୁବାଦରେ ମୂଳ ଲେଖାର ପ୍ରକୃତ ଉଦ୍ଦେଶ୍ୟକୁ ସ୍ପଷ୍ଟ ଓ ଅବିକଳ ଭାବରେ ପ୍ରକାଶ କରାଯାଏ । ଏଥିରେ ଭାବ ଓ ଭାଷା ସ୍ପଷ୍ଟ ହେବା ସଙ୍ଗେ ସଙ୍ଗେ ଏହା ଶବ୍ଦପ୍ରବଣତା ବା କୌଣସି ପ୍ରକାର ଅତିଶୟୋକ୍ତି ଦ୍ୱାରା ପ୍ରଭାବିତ ହୁଏ ନାହିଁ । ଦ୍ୱିତୀୟରେ ଏହି ସ୍ପଷ୍ଟ ଓ ଅବିକଳ ଅନୁବାଦକୁ ଆମେ ମୂଳ ଲେଖାରେ ଯଥେଷ୍ଟ ନିକଟତର କରି ପ୍ରକାଶ କରିପାରୁ । ତେଣୁ ଏହି ପ୍ରକାର ଅନୁବାଦରେ କେତେଗୁଡ଼ିଏ ଅଦରକାରୀ, ଅସ୍ପଷ୍ଟ ଶବ୍ଦ ବାଦ ଦିଆଯାଇ ପାରେ । କିନ୍ତୁ ଏହି ବାଦ ଦେବା ଦ୍ୱାରା ଯେପରି ମୂଳ ଲେଖାର କ୍ଷତି ନ ହେବ ତାହା ପ୍ରତି ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ । ଯେତେବେଳେ ଅନୁବାଦ ପଦ୍ୟରୁ ପଦ୍ୟକୁ, ବା ପଦ୍ୟରୁ ଗଦ୍ୟକୁ ବା ଗଦ୍ୟରୁ ଗଦ୍ୟକୁ ବା ପଦ୍ୟରୁ ପଦ୍ୟକୁ ହୁଏ, ସେତେବେଳେ ତୃତୀୟ ପ୍ରକାର ପ୍ରତିବନ୍ଧକ ସୃଷ୍ଟି ହୁଏ । ଏହି ପ୍ରକାର ଅନୁବାଦରେ ମୁଖ୍ୟତ ଭାଷା ଓ ଭାବର ମୌଳିକତା, କିଛି ପରିମାଣରେ ଭାଷାନ୍ତରରେ ବାଧା ପ୍ରାପ୍ତ ହୁଏ । କିନ୍ତୁ ଏଠାରେ ମୂଳ ଲେଖାର ବୌଦ୍ଧିକ ଅନୁବାଦ ଓ ବୌଦ୍ଧିକ ଆନନ୍ଦ ଲାଭ ପ୍ରତି ଦୃଷ୍ଟି ରଖି ଅନୁବାଦ କରାଯାଏ । ଚତୁର୍ଥ

ପ୍ରକାର ଅନୁବାଦରେ ବିଜ୍ଞାନ ବା ଶିଳ୍ପ ସମ୍ବନ୍ଧୀୟ ବିଷୟ ବସ୍ତୁକୁ ଅନୁବାଦ କରିବା ସମୟରେ କେତେଗୁଡ଼ିଏ ଅବଶ୍ୟମ୍ଭାବୀ ପ୍ରତିବନ୍ଧକ ସୃଷ୍ଟି ହୋଇଥାଏ ଯାହାକୁ ଉପରୋକ୍ତ ତିନି ପ୍ରକାର ପ୍ରତିବନ୍ଧକଠାରୁ ପୃଥକ ଭାବରେ ବିଚାର କରାଯାଇ ପାରିବ । ସେଗୁଡ଼ିକ ଅନୁବାଦ କରିବା ସମୟରେ ନିର୍ଦ୍ଦିଷ୍ଟ ଶବ୍ଦାବଳୀ ଓ ଭାବ ପ୍ରକାଶ ପ୍ରତି ଲକ୍ଷ୍ୟ ରଖି ସେଗୁଡ଼ିକର ବ୍ୟବହାର କରାଯିବା ଉଚିତ ।

ଏହି ପରିପ୍ରେକ୍ଷୀରେ ଲରେନ୍‌ସଙ୍କର ଭାଷା ଓ ସାହିତ୍ୟର ଅନୁବାଦରେ ଦ୍ୱିତୀୟ ଓ ତୃତୀୟ ପ୍ରକାର ପ୍ରତିବନ୍ଧକର ସମ୍ଭାବନା ଅଧିକ । ସେହି ଦୃଷ୍ଟିରୁ ଲରେନ୍‌ସଙ୍କର ଗଳ୍ପଗୁଡ଼ିକୁ ଅନୁବାଦ କରିବା ସମୟରେ ମୁଁ ଭାବ ଓ ଭାଷାକୁ ଯେତେଦୂର ସମ୍ଭବ ଶୁଦ୍ଧ ଓ ବିଶୁଦ୍ଧ ଭାବରେ ରଖିବାକୁ ଚେଷ୍ଟା କରିଛି ।

ଲରେନ୍‌ସ ଇଂରାଜି ସାହିତ୍ୟର ଜଣେ ଯୋଗଜନ୍ମା, ପ୍ରସିଦ୍ଧ ଲେଖକ ଏବଂ ତାଙ୍କର ଲେଖା ଓଡ଼ିଆ ସାହିତ୍ୟରେ ଅନୁବାଦ ହେଲେ ଓଡ଼ିଆ ସାହିତ୍ୟର ଓ ଇଂରାଜି ସାହିତ୍ୟର ଭାବ ବିନିମୟ ହେବା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷାର ଅଭିବୃଦ୍ଧି ହୋଇପାରିବ । ଏଥିପାଇଁ ମୁଁ ଲରେନ୍‌ସଙ୍କ ସାହିତ୍ୟରୁ ତାଙ୍କର କ୍ଷୁଦ୍ର ଗଳ୍ପ କେତୋଟି ଅନୁବାଦ କରିବାକୁ ଗ୍ରହଣ କରିଛି । ଆଶା ଭବିଷ୍ୟତରେ ଏହି ପ୍ରଚଣ୍ଡ ପ୍ରତିଭା ସମ୍ପନ୍ନ ଲେଖକଙ୍କର ଆହୁରି ଗଳ୍ପ, ଉପନ୍ୟାସ ଅନୂଦିତ ହୋଇ ଓଡ଼ିଆ ପାଠକମାନଙ୍କ ସହିତ ଲରେନ୍‌ସଙ୍କର ପରିଚୟ ଘନିଷ୍ଠତର ହେବ ।

ବିଜୟଲକ୍ଷ୍ମୀ ମହାନ୍ତି
ଆଂଚଳିକ ଭାଷା ପ୍ରତିଷ୍ଠାନ,
ଭୁବନେଶ୍ୱର,

Digitized by srujanika@gmail.com

ଚନ୍ଦ୍ରମଲ୍ଲିକାର ବାସ୍ନା

ଷ୍ଟେସନରୁ, ନମ୍ବର ଚାର, ଛୋଟିଆ ରେଳ ଇଂଜିନ୍, ସାତଟା ବୋଗିରେ ଡବା ଟାଣି ଝଣ ଝଣେଇ, ଧପ୍ ଧପ୍ କରି ଆସି ପହଞ୍ଚିଲା, ଜୋର ଜୋର ଶବ୍ଦ କରି । ତା ଶବ୍ଦରେ ପାଖ ବୁଦା ବୁଦାକିଆ ଜଂଗଲର ଘୋଡ଼ା ଛୁଆଟା ଚମକି ପଡ଼ିଲା ପରି ହେଲା ଓ ଲିଭି ନ ଥିବା ଅପରାହ୍ଣର ଆଲୁଅରେ ଘୋଡ଼ାଛୁଆର ଝାପ୍‌ସା ଛାଇ ଧୀରେ ଧୀରେ ଦୂରରୁ ଦୂରକୁ ଅପସରି ଗଲା । ସ୍ତ୍ରୀ ଲୋକଟିଏ ହାତରେ ବାସ୍କେଟ ଧରି ରେଲଲାଇନ କଡ଼େ କଡ଼େ ଅଣ୍ଡରବ୍ରିଜ ଆଡ଼କୁ ଯାଉ ଯାଉ ରେଲଲାଇନ୍ ପାଖ ସରୁଆ ବାଡ଼ କଡ଼କୁ ଆଉଜି ପଡ଼ି ଚଳନ୍ତା ଇଂଜିନ୍‌ର ଚକକୁ ଚାହିଁ ରହିଲା । ଗୋଟାଏ ପରେ ଗୋଟାଏ ଡବା, ଦୁମ୍, ଦୁମ୍ ଶବ୍ଦ କରି ଧୀର, ନିଶ୍ଚିତ ଗତିରେ ଆଗେଇ ଗଲେ । ସବୁଜ-ବାଡ ଓ ଧକେଇ ଚକେଇ ଯାଉଥିବା କଳା ଡବା ମଝିରେ ସ୍ତ୍ରୀ ଲୋକଟିକୁ ଘୋଡେଇ ଆଗେଇଗଲା କଳା ରେଳଇଂଜିନଟା । କ୍ରମେ ଡବାଗୁଡ଼ାକ ବଙ୍କେଇଲେ ରେଲଲାଇନ ପାଖ ଛୋଟିଆ ଜଂଗଲ ଭିତର ଦେଇ, ଯେଉଁଠି ଶୁଖିଲା ଓକ୍‌ପତ୍ର ସବୁ ଝଡ଼ରେ ଝଡ଼ିପଡ଼ୁଥିଲା । ସେତେବେଳେ ରେଳରାସ୍ତା କଡ଼ରେ ଟିକି ଟିକି ଚଢ଼େଇ ଗୁଡ଼ାକ ତାଙ୍କର ନାଲିଆ ଲାଞ୍ଜକୁ ଟେକିଦେଇ ବୁଦାବୁଦାକିଆ ଜଂଗଲ ଉପରେ ନଇଁ ଆସୁଥିବା ଗୋଧୂଳି ଭିତରେ ମିଶିଯାଉଥିଲେ । ବାହାରେ, ଇଂଜିନ୍‌ର ଧୂଆଁ ଖେଳ ପଡ଼ିଆର ଶୁଖିଲା ଘାସ ଉପରେ ଲିଭି ବି ପୁଣି ଲିଭି ଯାଉନି, ଗୁଣପାଖେ ବିଷଣ୍ଣ, ପରିତ୍ୟକ୍ତ ବିଲ, ସନ୍ତସନ୍ତିଆ କାଦୁଆ ସରୁ ରାସ୍ତାଟିଏ ଲମ୍ବିଯାଇଛି ଖଣିର ପୋଖରୀ ଆଡ଼କୁ, ଚଢ଼େଇଗୁଡ଼ାକ ସନ୍ତସନ୍ତିଆ ଭୂଇଁର ଗଛଲତା ଏବେ କଳା ଆଲକାତରିଆ ଖଣି ଘରେ ବସା ବାନ୍ଧିବାକୁ ଆରମ୍ଭ କଲେଣି । ଅପରାହ୍ଣର ସ୍ଥିର ଆଲୁଅରେ ପୋଖରୀ ସେ ପାଖରୁ କୋଇଲା ଖଣିର ଧାର ଅସ୍ପଷ୍ଟ ଦେଖାଯାଉଛି, ସେ ପାଖକୁ ମୋଟାରୁ ସରୁ ହୋଇ ଆସିଛି ଖଣିର ଚିମନି ଓ ତା ସେ ପାଖକୁ ଦେଖାଯାଉଛି ବ୍ରନସ୍ଲେ କଲଏରିର ଆବୁଡ଼ା ଖାବୁଡ଼ା ହୋଇ ଗଦା ହୋଇଥିବା କଳା କୋଇଲା ଗଦା ।

କୋଇଲାଖଣିରୁ ଉପାରିଆ ରେଳ ରାସ୍ତା ପାଖରେ, ଯେଉଁଠି କୋଇଲା ବୁହା ଟ୍ରକ ସବୁ ଧାଡ଼ି ବାନ୍ଧି ଠିଆ ହୁଅନ୍ତି, ସେଇଠି ପହଞ୍ଚି ରେଳଇଂଜିନଟା ହୁଇସିଲ ଦେଲା ।

ଖଣି ଶ୍ରମିକମାନେ, ଧାଡ଼ି ବାନ୍ଧି କେହି ଏକା, କେହିବା ଦଳ ଦଳ ହୋଇ ଧୀର ମନ୍ଥର ଗତିରେ, ଝାପ୍‌ସା ଛାଇ ପରି ଫେରୁଥାନ୍ତି ଘରକୁ, ଖଣିର ଭିତରୁ ବାହାର

Digitized by srujanika@gmail.com

ହେମାନେ ଫେରଯାଉଥାନ୍ତି ଖେଳେଇ ହୋଇ ରହିଥିବା ସେମାନଙ୍କର ଗୃହପାଖର ଘରକୁ । ପିଣ୍ଡିର ହାଡ଼ପରି ଲମ୍ବିଥିବା ରେଳରାସ୍ତା ଧାରକୁ ଲାଗି ଟେକିହୋଇ ବସିଛି ଛୋଟିଆ ମାଟି ଘରଟିଏ, କଳା କୋଇଲା ଗୁଣ୍ଡି ଭର୍ତ୍ତି ରାସ୍ତାର ତିନିହାତ ଦୂରକୁ ଛିଡ଼ା । ଘରର ଟାଇଲ ଛାତ ଉପରେ ଗୋଟାଏ ଟାଣୁଆ, ଝଙ୍କାଳିଆ ଅଙ୍ଗୁର ଗଛ ଲଟେଇଛି, ତା ଟାଣୁଆ ଡଙ୍ଗାରେ ଜାବୁଡ଼ି ଧରି ଛାତର ଟାଇଲ୍‌କୁ । ହାୱା ଛାତଟାକୁ ମାଡ଼ି ଯିବାରେ ଯେମିତି ତାର ବିରାମ ନାହିଁ । ଇଟାବନ୍ଧା ଦୁଆର ଗୃହପାଖେ ବେଢ଼ିଛି କେତେ ଗୁଡ଼ାଏ ଶୀତଦିନିଆ ସେବତୀ ଫୁଲଗଛ । ତା' ସେପାଖକୁ ଗଡ଼ ଲମ୍ବା ବଗିଚାଟିଏ, ବୁଦବୁଦକିଆ ଜଂଗଲ ପାଖ ଝରଣାକୁ ଲାଗି ବଗିଚା ଭିତରେ କେତେଗୁଡ଼ାଏ ଝଙ୍କାଳିଆ ଅପେଲ୍ ଗଛ, କେତେଟା ଉଇଣ୍ଟରକାକ ଓ ଆଉ କେତେଗୁଡ଼ାଏ ମୋକଖିଆ ବଡ଼-ଗୋଲପ ଗଛ ବଗିଚା ଭିତର ରାସ୍ତାର ଦି ପାଖରେ ଲାଗିଛି କେତେଗୁଡ଼ାଏ ପାଟକରଂଗର ସେବତୀ ଫୁଲଗଛ, କଣ୍ଟାବୁଦା ଉପରେ ନାଲିଲୁଗା ଶୁଖାହେଲା ପରି ସେବତୀ ଫୁଲ ସବୁ ଫୁଟିଛି ଗଛରେ । ସ୍ତ୍ରୀ ଲୋକଟିଏ ଅନ୍ଧାରୁଆ କୁକୁଡ଼ାଘର ଭିତରୁ ବାହାରି ବଗିଚାର ଅଧା ପର୍ଯ୍ୟନ୍ତ ଆସିଲା । ସେ କୁକୁଡ଼ାଘର କବାଟ ବନ୍ଦକରି ତାଲା ପକାଇଲା । ତାପରେ ସିଧା ହୋଇ ଛିଡ଼ାହୋଇ ତା ପିନ୍ଧା ଧଳାଲୁଗା ଉପରେ ମଡ଼ିଥିବା ଗୁଣ୍ଡିତକ ଝାଡ଼ିଦେଲା ।

ସ୍ତ୍ରୀ ଲୋକଟି ବେଶ୍ ଲମ୍ବା ଓ ତାର ଦୃପ୍ତ ଚେହେରା । ଦେଖିବାକୁ ସୁନ୍ଦର କିନ୍ତୁ ତାର ଦୁଇ କଳା ଭ୍ରୂରୁ ଦେଖିଲେ ମନେ ହୁଏ ସେ ଖୁବ୍ ଦାମ୍ଭିକ । ତାର କଳା ମଚମଚ ବାଳ ମୁଣ୍ଡର ମଝି ଶିରର ଦୁଇପାଖକୁ ଅଡ଼େଇ ହୋଇ ରହିଛି । ରେଳରାସ୍ତା ପାଖଦେଇ ଯାଉଥିବା କୋଇଲାଖଣିର ଶ୍ରମିକମାନଙ୍କୁ ଅନେଇ ସେ ଟିକେ ସମୟ ଠିଆ ହେଲା । ତା ପରେ ସେ ଝରଣା ଆଡ଼କୁ ଯିବାକୁ ବାହାରିଲା । ତା ମୁହଁରେ ଏକ ଶାନ୍ତ ଚୁପ୍‌ଚାପ ଭାବ । କଠୋରତାର ଭାବ ତା ମୁହଁରେ ସୁସ୍ପଷ୍ଟ । ଟିକିଏ ରହି ସେ ଡାକିଲା ।

'ଜନ୍ ।' କେହି ଉତ୍ତର ଦେଲେ ନାହିଁ । ସେ ଟିକିଏ ଅପେକ୍ଷା କରି ପୁଣି ପାଟି-କରି କହିଲା,

'ଜନ୍, ତୁ କୋଉଠି ?''

'ଏଇଠି ।' କଣ୍ଟା ବୁଦା ତଳୁ ଶୁଭିଲା ଗୋଟିଏ ଛୋଟପିଲାର ଡେଙ୍ଗଡ଼େଙ୍ଗା ସ୍ୱର । ସ୍ତ୍ରୀ ଲୋକଟି ଗୋଧୂଳିର ମ୍ଳାନ ଆଲୁଅ ଭିତରେ ଦେଇ ତୀକ୍ଷ୍ଣ ଭାବରେ ଆଗକୁ ଅନେଇଲା ।

ତା ପରେ ସେ କଡ଼ା ସ୍ୱରରେ ପଚାରିଲା,

'ତୁ ସେ ଝରଣା ପାଖକୁ ଯାଇଛୁ ?'

Digitized by srujanika@gmail.com

ଜବାବ ଦେବାକୁ ପିଲାଟିର ମୁହଁ କୋଳ ଓଠରୁ ମଝିରେ ଦେଖାଗଲା । ପାଞ୍ଚବର୍ଷର ଛିଙ୍କ, ସ୍ୱାସ୍ଥ୍ୟବାନ ପିଲାଟିଏ । ସେ ଠିଆ ହେଲା ଅତି ସ୍ଥିର ଅଥଚ ବଡ଼ ଅବାଧ ପିଲାପଣ ।

ଅଶ୍ୱସ୍ତ ହୋଇ ଶାନ୍ତ ସ୍ୱରରେ ତା ମା କହିଲା "ଓ ତୁ ଏଇଠି ! ମୁଁ ଭାବିଲି ତୁ ପୁଣି ସେ ଝରଣା ପାଖକୁ ଯାଇ ଓଦା ହେଉଛୁ । ଯା ହେଉ ମୋ କହିଥିବା କଥା ତୋର ମନେଅଛି ।"

ପିଲାଟି ଏ କଥାରେ କିଛି କହିଲାନାହିଁ କି ହଲଚଲ ବି ହେଲାନାହିଁ । ତା ମା ଆଦର କରିନେଇ କହିଲା "ଆ, ଆ, ଘର ଭିତରକୁ ଯିବା, ରାତି ହୋଇ ଆସିଲାଣି ହେଇ ସେଠି ତୋ କେଳେବାପାଙ୍କ ଇଂଜିନ ଲାଇନ ଉପରେ ଆସୁଛି ।"

ପିଲାଟି ଚୁପ୍‌ଚାପ୍ ଘୋର ଅନିଚ୍ଛାରେ, ଧୀରେ ଧୀରେ ଚାଲିଲା । ସେ ପିନ୍ଧିଛି ଟ୍ରାଉଜର୍ ଓ ଉପରେ ଓ୍ୱେଷ୍ଟକୋଟ. ତା ଓ୍ୱେଷ୍ଟକୋଟର କନା ତା ପରିକା ଛୋଟପିଲାର ଜାମାପାଇଁ ବହୁତ ମୋଟା ଓ ଓଜନିଆ । ତାର ପୋଷାକ ନିଶ୍ଚୟ ଜଣେ ବଡ଼ମଣିଷର ପୋଷାକରୁ କଟା ହୋଇ ତିଆରି ହୋଇଛି ।

ସେମାନେ ସାଙ୍ଗ ହୋଇ ଧୀରେ ଧୀରେ ଘରକୁ ଫେରିଲେ । ଫେରିଲା ବେଳେ ପିଲାଟି କେଉଁ କେଉଁ ଛୁଣ୍ଡା ସେବତି ଫୁଲ ତୋଳି ଦୁଇହାତ ଅଞ୍ଜୁଳାରେ ଭର୍ତ୍ତିକରି ବାଟଯାକ ପାଖୁଡ଼ାସବୁ ପକାଇ ଯାଉଥାଏ ।

'ନାଇଁ, ନାଇଁ, ସେମିତି କରନା, ରାସ୍ତା ଅସନା ହେଉଛି' ତା ମା ତାକୁ ଶାସନକରି କହିଲା । ପିଲାଟି ମା କଥା ଶୁଣି ଆଉ ଫୁଲ ଛୁଣ୍ଡାଇ ବାଟରେ ପକାଇଲାନାହିଁ । କିନ୍ତୁ ତା ମା ତା ଦେଖି ହଠାତ୍ କଣ ମନରେ ଭାବି ଅଧମଉଳା ତିନି ଚାରିଟା ଫୁଲଥିବା ଗୋଟାଏ ଡେମ୍ଫ ଗଛରୁ ଭାଙ୍ଗି ଆଣି ତା ନିଜ ମୁହଁ ପାଖରେ ଧରି ଦେଖିବାକୁ ଲାଗିଲା । ଯେତେବେଳେ ମା, ପୁଅ ଦୁହେଁ ଘର ପାଖରେ ପହଞ୍ଚିଲେ; ସେତେବେଳେ ସ୍ତ୍ରୀଲୋକଟି ଫୁଲ ଡେମ୍ଫଟାକୁ କଣ କରିବ ଜାଣିପାରିଲା ନାହିଁ । ଟିକିଏ ଭାବି ତାକୁ ଫୋପାଡ଼ି ନ ଦେଇ ତା ନିଜ ପୋଷାକର ପକେଟରେ ପୂରାଇଦେଲା । ମା, ପୁଅ ଦୁହେଁ ତାଙ୍କ ଘରର ତଳ ପାହାଚରେ ଠିଆ ହୋଇ ଦୂରର ଫେନିଲା ଶ୍ରମିକମାନଙ୍କ ଧାଡ଼ିକୁ ଚାହିଁ ରହିଲେ । ଗୋଟାଏ ଛୋଟିଆ ଟ୍ରେନ୍‌ର ଚକର ଶବ୍ଦ କ୍ରମଶଃ ନିକଟତର ହେଉଥାଏ । ହଠାତ୍ ଟ୍ରେନ ଇଞ୍ଜିନଟା ଘର ପାଖକୁ ଅସ୍ପଷ୍ଟ ଭାବରେ ଦେଖାଦେଇ ଗେଟ୍ ପଛପଟେ ଆସି ଠିଆ ହୋଇଗଲା ।

ଗେଡ଼ା ହୋଇ ଓ ତା ପାଚିଲା ଦାଢ଼ିକୁ ଗୋଲେଇ କରି କାଟିଥିବା ଇଂଜିନ ଡ୍ରାଇଭର ଡବା ଭିତରୁ ନଇଁ ପଡ଼ି ଟ୍ରେନ୍ ଉପରୁ ସ୍ତ୍ରୀ ଲୋକଟିକୁ ଚାହିଁଲା ।

Digitized by srujanika@gmail.com

ସେ ଅତି ଖୁସି ମିଜାଜରେ କହିଲା,

'ମତେ କପେ ଚା ଦେ'

ଇଂଜିନ ଡ୍ରାଇଭର ଜଣକ ସେ ସ୍ତ୍ରୀ ଲୋକଟିର ବାପା । ସ୍ତ୍ରୀ ଲୋକଟି 'ଅଣୁଛି' ବୋଲି କହି ଘର ଭିତରକୁ ଗଲା ଓ ସାଙ୍ଗେ ସାଙ୍ଗେ ଚା ବସାଇ ଫେରି ଆସିଲା । ଦାଢ଼ିଆ ଲୋକଟି କହିଲା ମୁଁ ତତେ ଦେଖିବାପାଇଁ ରବିବାର ଦିନ ଆସିପାରିଲି ନାହିଁ । ଝିଅ କହିଲା 'ତମେ ଆଜି ଆସିବ ବୋଲି ମୁଁ ଭାବୁ ନ ଥିଲି,

ବୁଢ଼ା ମନ ଟିକେ ଦବିଗଲା, କିନ୍ତୁ ସେ ତାର ଖୁସିବାସିଆ ଭାବକୁ ଫେରେଇ ଆଣି ପୁଣି କହିଲା,

'ଓଃ, ତା ହେଲେ ତୁ ଶୁଣିଛୁ ? ଆଚ୍ଛା, ତା ହେଲେ ତୁ ସେ ବିଷୟରେ କଣ ଭାବୁଛୁ— ?'

ଝିଅ କହିଲା, ସେ ବିଷୟରେ କିଛି କହିବାପାଇଁ ଏବେ ବି ତ ବେଳ ହୋଇନ :

ତାର ଏମିତିକା ନାପସନ୍ଦିଆ ଉତ୍ତରରେ ବୁଢ଼ାର ମନ ଟିକେ ଅସନ୍ତୁଷ୍ଟ ହେଲା । ତଥାପି ସେ ନରମସ୍ୱରରେ ଉଦାସ ଭାବରେ କହିଲା ।

'କି ଅଛି, ଏଥିରେ କାହାର ବା କଣ କରିବାର ଅଛି'? ମୋ ବୟସର ଲୋକ ପକ୍ଷରେ ନିଜ ଘରର ଚୁଲିପାଖରେ କୁଣିଆ ହୋଇ ବସି ରହିବା ପୋଷାଏ ନାହିଁ । ଆଜି ମୁଁ ଯଦି ଆଉଥରେ ବିଭା ହେବାକୁ ଠିକ୍ କରେ ତେବେ ସେଥିରେ ଶୀଘ୍ର ବା ଡେରିର ପ୍ରଶ୍ନ ଉଠେନି । ସେଥିରେ କାହାର ବା କଣ କ୍ଷତି ହେବ ?'

ସ୍ତ୍ରୀ ଲୋକଟି ଏ କଥାର କିଛି ଉତ୍ତର ନ ଦେଇ ମୁହଁ ବୁଲାଇ ତା ଘର ଭିତରକୁ ଚାଲିଗଲା । ଇଂଜିନ୍ ଡବା ଭିତରେ ଲୋକଟା ତା ଝିଅ ଚା ଓ ପ୍ଲେଟରେ ରୁଟି ଓ ଲହୁଣୀ ନେଇ ଆସିବା ପର୍ଯ୍ୟନ୍ତ ନିଜମତକୁ ଦୃଢ଼ ସମର୍ଥନ ଜଣାଇ ଠିଆ ହୋଇ ରହିଲା । ସୁ ସୁ ଶବ୍ଦ କରୁଥିବା ଇଂଜିନ୍‌ର ପାହାଚ ପର୍ଯ୍ୟନ୍ତ ଯାଇ ତା ଫୁଟ ପ୍ଲେଟ ପାଖରେ ସେ ଠିଆ ହେଲା ।

ବୁଢ଼ା କହିଲା, 'ତୁ ମୋ ପାଇଁ ରୁଟି-ଲହୁଣୀ କାହିଁକି ଅଣିଲୁ ? ଖାଲି ଚା ମୋର ଦରକାର ଥିଲା, ଚା କପ୍‌ରେ ମୁହଁ ଲଗାଇ ସେ ପ୍ରଶଂସା କରିବା ସ୍ୱରରେ କହିଲା, 'ଚାହା ଭାରି ଭଲ ହୋଇଛି' । ସେ କିଛି ସମୟ ଚୁପ୍‌ଚାପ୍ ଚା ଖାଇଲା, ତାପରେ କହିଲା, "ମୁଁ ଶୁଣିଲି ଓ୍ୱାଲିଟର ଝଣିରେ ବେଶୀ କାମ ପାଇଛୁ ?"

Digitized by srujanika@gmail.com

ସ୍ତ୍ରୀ ଲୋକଟି ଟିକିଏ କଡ଼ାସ୍ୱରରେ କହିଲା 'ସେ କେତେବେଳେ ଅଉ ବେଶୀ କାମ ନ ପାଆନ୍ତି କି ?"

ବୁଢ଼ା କହିଲା, ମୁଁ ତାକୁ ଲର୍ଡନେଲସନ ଦୋକାନରେ ଦେଖିଥିଲି । ସେଠି ସେ ବାହାଦୁରୀ ଦେଖାଇ କହୁଥିଲା ଯେ ତାର 'ଅଧିକା କାମରେ ସେ ବେଶୀ ଟଙ୍କା ପାଇଛି । ଅଉ ସେ ଟଙ୍କା ସେ ନିଶ୍ଚୟ ମଦ ଦୋକାନରେ ଶେଷ କରିବ । ଅଧିକା କାମର ମଜୁରି ତ ବେଶ୍ କିଛି ପାଇବ ।"

ସ୍ତ୍ରୀ ଲୋକଟି ପଚାରିଲା, 'କେତେବେଳେ ?"

ସେ କହିଲା "ଏଇ ଗଲା ଶନିବାର ଦିନରେ, ମୁଁ କିନ୍ତୁ ଜାଣିଛି ତାର ଅଧିକା କାମ ପାଇବା କଥା ସତ ।"

ସ୍ତ୍ରୀ ଲୋକଟି କଷ୍ଟସ୍ୱରରେ ହସିଉଠିଲା ଓ କହିଲା "ହଁ" ହୋଇଥିବ, ସେ ତ ମତେ ମୋଟେ ତେଇଶି ଶିଲିଂ ଦେଇଥିଲେ ।"

ପାଗଳ ଜଣରେ ହାତମାରି ତା ବାପ କହିଲା 'ହଁ, ଖୁବ ଭଲକଥା, ଯେତେବେଳେ ଜଣେ ଲୋକ ତା ନିଜ ଟଙ୍କାରେ ଆଉ କିଛି କରିପାରେ ନାହିଁ, ସେତେବେଳେ ସେ ନିଜକୁ ପଶୁପରି କରେ ।'

ସ୍ତ୍ରୀ ଲୋକଟି କିଛି ନ କହି ମୁହଁ ବୁଲାଇ ଦେଲା । ତା ବାପା ତା କପରୁ ଶେଷ ଢୋ'କ ପିଇ କପ୍‌ଟା ତା ହାତକୁ ବଢ଼ାଇ ଦେଇ ଦେଲା ।

ମୁହଁ ପୋଛୁ ପୋଛୁ ଦୀର୍ଘନିଶ୍ୱାସ ପକାଇ ସେ କହିଲା, 'ହଉ ସେ ତ ଏବେ ମଦ ଜୁଆ ଖେଳୁଛି ।"

ତା ପରେ ସେ ଇଂଜିନର୍ ଲିଭର୍ ଉପରେ ହାତ ପକାଇବାରୁ ଇଂଜିନ୍‌ଟା ଟାଣି-ହୋଇ ଗର୍ଜ୍ଜନ ଛାଡ଼ିଲା ଓ ଟ୍ରେନ୍‌ର ଡବାଗୁଡ଼ିକ ଘଡ଼ଘଡ଼କରି ଛକଆଡ଼କୁ ଅଗେଇଗଲା । ସ୍ତ୍ରୀ ଲୋକଟି ପୁଣି ଇଂଜିନ ସେପାଖକୁ ଅନେଇ ଠିଆ ହେଲା । ସେତେବେଳକୁ ଅନ୍ଧାର ଗାଢ଼ହୋଇ ଆସିଲାଣି, ନୈଳବସ୍ତ୍ରା ଓ ଧୂଆଁ ହୋଇଥିବା ଟ୍ରକ୍‌ର ଖାଲି ଜାଗାମାନଙ୍କରେ ଶ୍ରମିକମାନେ ବିଷଣ୍ଣ ଉଦାସ ଅନ୍ଧାରରେ ସେ ପର୍ଯ୍ୟନ୍ତ ବି ଦଳ ଦଳ ହୋଇ ଘରକୁ ଫେରୁଥାନ୍ତି । ଏଲିଜାବେଥ ବେଟ୍, ଘରକୁ ଫେରୁଥିବା ସେଇ ଉଦାସୀନ ନିର୍ବାକ୍ ଶ୍ରମିକମାନଙ୍କୁ ଦେଖି ଦେଖି ତା ଘର ଭିତରକୁ ଫେରି ଆସିଲା । ତାର ସ୍ୱାମୀ ଫେରି ନ ଥାଏ । ରୋଷେଇ ଘରଟି ତାଙ୍କର ଛୋଟ ଓ ତା ଭିତରେ ଚୁଲିରେ ନିଆଁ ଦପ୍ ଦପ୍ ଜଳୁଛି । ଚୁଲି ଭିତରେ ଚିମ୍‌ନିର ମୁହଁ ପାଖାପାଖି ପର୍ଯ୍ୟନ୍ତ ଜଳନ୍ତା କୋଇଲାଖଣ୍ଡ ଗଦା ହୋଇଛି । ରୋଷେଇଘରର ଧଳା, ଗରମ ଚୁଲି ଓ ନାଲିଆ ନିଆଁରେ ଦପ୍ ଦପ୍ କରୁଥିବା

Digitized by srujanika@gmail.com

ଚୁଲିର ଷ୍ଟିଲ ପଖା ଗଡ଼ଟାକୁ ଉଜ୍ଜ୍ୱଳ କରୁଛି । ଗୁହା କରିବାପାଇଁ ସବୁ ତିଆରି ହୋଇ ରହିଛି କପ୍ ଗୁଡ଼ାକ ଉପରେ ଅନ୍ଧାରରେ ଚୁଲିର ନିଆଁ ପଡ଼ି ଚକ୍ ଚକ୍ କରୁଛି । ପଛପଟକୁ ଯେଉଁଠି ଘରୁ ବାହାରିବାକୁ ପାହାଚସବୁ ବାହାରକୁ ଅଛି, ସେଇଠି ଛୋଟପିଲାଟିଏ ବସି ଛୁରୀରେ ଖଣ୍ଡେ ଧଳା କାଠନେଇ କାଟୁଛି ସେଇଟାକୁ । ସେ ଆଲୁଅ ଅନ୍ଧାର ଛାଇ ଭିତରେ ଲୁଚିଯାଉଛି । ସମସ୍ତ ପ୍ରାୟ ସାଢ଼େ ୪ଟା ହେବ । ବାପା ଗୃ ଖାଇବାକୁ ଆସିବାପର୍ଯ୍ୟନ୍ତ ଯେମିତି ହେଲେ ସେମାନଙ୍କୁ ଅପେକ୍ଷା କରିବାକୁ ପଡ଼ିବ । ତା ମା ତା ପୁଅର ଏକ ବାଗିଆ କାଠ ଖେଳକୁ ଦେଖି ଦେଖି, ପୁଅର ଅଲକ୍ଷ୍ୟରେ ଓ ତାର ଆତ୍ମବିସ୍ମୃତ ଖେଳ ଭିତରେ ସେ ନିଜକୁ ଦେଖୁଥିଲା । ସେ ଦେଖୁଥିଲା ପୁଅ ଭିତରେ ତା ବାପକୁ, ବାପର ଉଦାସୀନତାକୁ । ତା ବାପ କେବଳ ତା ନିଜପାଇଁ ଉଦାସୀନ ନୁହେଁ କିନ୍ତୁ ଆଉ ସବୁ ଜିନିଷପ୍ରତି ସେ ଉଦାସୀନ ଏଲିଜାବେଥକୁ ଦେଖିଲେ ଜଣା ଯିବ ଯେମିତି ସେ କେବଳ ତା ନିଜ ସ୍ୱାମୀ ଚିନ୍ତାରେ ନିମଗ୍ନ । ତାର ସ୍ୱାମୀ ହୁଏତ ଘରକୁ ନଫେରି, ଘରଦ୍ୱାର କଥା ନ ଭାବି ମଦ ଦୋକାନକୁ ଯାଇଛି । ଘରେ ତାର ଖାଇବା ଜିନିଷସବୁ ଶୁଖୁଛି । ସ୍ତ୍ରୀ ଲୋକଟି ଘଣ୍ଟାକୁ ଚାହିଁଲା, ତାପରେ ସେ ସିଝେଇଥିବା ଆଳୁଗୁଡ଼ାକରୁ ଚୋପା ଛଡ଼ାଇବାକୁ ବାହାରକୁ ନେଇଗଲା । ଝରଣା ସେ ପାଖ ବଗିଚା ଓ ପଡ଼ିଆ ଉପରେ ସେତେବେଳକୁ ଅଜଣା ଅନ୍ଧାର ମାଡ଼ି ଆସିଲାଣି, ଏଲିଜାବେଥ୍ ଡେକ୍‌ଚି ନେଇ ଆଳୁ ଛଡ଼ାଇବାକୁ ଗଲା । ଡେକ୍‌ଚିରୁ ପାଣି ଢାଳିହୋଇ ଦୁଆର ନାଳରେ ଧୂଆଁ ବାହାରି ତା ପଛପଟେ ଅନ୍ଧାରରେ ସେତେବେଳକୁ ମିଶିଗଲାଣି । ଉଚ୍ଚା ବଡ଼ରାସ୍ତା ଉପରର ହଳଦିଆ ବତୀଗୁଡ଼ାକ ବି ଜଳିଲେଣି । ବତୀଖୁଣ୍ଟଗୁଡ଼ାକ ଲମ୍ବିଯାଇଛି ରେଳଲାଇନ ଓ ପଡ଼ିଆ ସେପାଖ ଖୋଲା ଜାଗା ପର୍ଯ୍ୟନ୍ତ ।

ଆଉଥରେ ସେ ଜଣକିଆ ହୋଇ ଘରକୁ ଫେରୁଥିବା ଲୋକଙ୍କ ବାଟକୁ ଚାହିଁଲା, ସେତେବେଳକୁ ଲୋକଙ୍କ ଫେରିବା ବିଶେଷ ହୋଇ ଆସିଲାଣି ।

ଭିତରେ ଚୁଲିରେ ନିଆଁ ଲିଭିବାକୁ ବସିଲାଣି, ଘରଭିତରେ ଗାଢ଼ ନାଲି ରଂଗର ଆଲୁଅ । ସ୍ତ୍ରୀ ଲୋକଟି ଆଳୁ ଡେକଚିକୁ ଥୋଇ ରଖିଲା ଓ ଚୁଲି ମୁହଁରେ ଯୋଡ଼େଇକି ବଟିଲା ରୁଟି ଜାଗାକୁ । ହଠାତ୍, ଛୋଟ ପାଦଶବ୍ଦରେ, ଧୀରେ ଧୀରେ କବାଟ ପାଖରୁ କେହି ଆସିବାର ସେ ଶୁଣିପାରିଲା । କେହି ଜଣେ କବାଟ ପାଖରେ ଠିଆ ହେଲାପରି ତାକୁ ଜଣାଗଲା । ତାପରେ ଛୋଟଝିଅଟିଏ ଘରଭିତରକୁ ଆସି ତା ବାହାରକୁ ଯିବା ଜାମାପଟା ସବୁ ଖୋଲିବାକୁ ଲାଗିଲା । ମୁଣ୍ଡରୁ ବନ୍ଧାହୋଇଥିବା କୁଞ୍ଚକୁଞ୍ଚିଆ ଫିତାର ଫୁଲ ସେ ଖୋଲିପକାଇଲା । ତା ବାଳର ରଂଗ ଏବେ ସୁନାରଂଗରୁ ବଦଳି ଝାଇରିଆ ରଂଗ ହେବାକୁ ବସିଲାଣି । ତା ବାଳଗୁଡ଼ା ଆଲୁରୁବାଲୁରୁ ହୋଇ ଟୋପି ତଳୁ ଆଖି ଉପରକୁ ପଡ଼ୁଛି ।

Digitized by srujanika@gmail.com

ତା ମା ତାକୁ ସ୍କୁଲରୁ ଡେରିରେ ଫେରି ଥିଲା ବୋଲି ଗାଳିଦେଇ କହିଲା ଟଣ୍ଡା, ଶୀତଦିନରେ ସନ୍ଧ୍ୟାପରେ ତାର ଘର ଭିତରେ ରହିବା ଉଚିତ୍ ।

ଛୋଟଝିଅଟି କହିଲା 'କାହିଁକି, ମା, ରାତି ତ ଜମା ବେଶି ହୋଇନି, ଘରେ ତ ଆଲୁଅ ଲଗେଇନି, ଅଉ ବାପା ତ ଏ ପର୍ଯ୍ୟନ୍ତ ଘରକୁ ଫେରିନାହାଁନ୍ତି ।

ତା ମା କହିଲା 'ନା, ବାପ ସିନା ଫେରିନାହାନ୍ତି, କିନ୍ତୁ ବର୍ତ୍ତମାନ ତ ପାଞ୍ଚଟା ବାଜିବାକୁ ମୋଟେ ପନ୍ଦର ମିନିଟ ଅଛି । ତୁ ତାଙ୍କୁ ବାଟରେ ଦେଖିଲୁ କି ?

ଝିଅ କହିଲା 'କାହିଁ ନା ତ, ମୁଁ ତାଙ୍କୁ ଦେଖିନି, ସେ କଣ ଆସି ଓଲ୍ଡ ବ୍ରିନ୍‌ସଲେକୁ ଯାଇଛନ୍ତି କି ? ନାହିଁ ଲୋ ମା ସେ ମୋଟେ ଫେରିନାହାନ୍ତି, ମୁଁ ତ ତାଙ୍କୁ ବାଟରେ ଜମା ଦେଖିନି' ।

ତା ମା ରାଗିକି କହିଲା 'ହଁ ତୁ ଆଉ କେମିତି ଦେଖିବୁ, ସେ ତ ଲୁଚିକି ଯାଇଥିବେ । ସେ ନିଶ୍ଚୟ ପ୍ରିନ୍‌ସ ଅଫ ୱେଲ୍‌ସକୁ ଯାଇ ବସିଥିବେ । ନ ହେଲେ ସେ ଏତେ ଡେରି କରନ୍ତେନି :

ଝିଅଟି ତା ମା ଆଡ଼କୁ ଚାହିଁଲା ଓ କହିଲା 'ମା, ଆ, ଆମେ ଚା ପିଇବା :

ତା ମା ଜନ୍‌କୁ ଚା ଟେବୁଲ୍ ପାଖକୁ ଡାକିଲା । ପୁଣି ଥରେ ଦାଣ୍ଡଦ୍ୱାର ଖୋଲି ବାହାର ଅନ୍ଧାର ଭିତରେ ଏଲିଜାବେଥ୍ ନିରେଖି ଅନେଇଲା । ସବୁ ଆଡ଼ କେମିତିଆ ନିଛାଟିଆ, ନିଶୂନ ହୋଇଗଲାଣି :

ସେ ନିଜକୁ ନିଜେ କହିଲା, 'ବୋଧେ କଣ କରିବାକୁ ସେ ଏତେ ବେଳଯାଏ ନ ଫେରି ଅଟକି ଯାଇଛନ୍ତି' ।

ସେମାନେ ତିନିଜଣ ଚା ପିଇବାକୁ ବସିଲେ । ଜନ୍ କବାଟ ପାଖରେ ଟେବୁଲ୍ ଶେଷ ପାଖକୁ ବସିଲା । ସେ ଯେମିତି ଟେବୁଲ୍ ସେ ପାଖ ଅନ୍ଧାରରେ ମିଶିଯାଇଛି । ସେମାନଙ୍କ ମୁହଁ ସବୁ ଅନ୍ଧାରରେ ପରସ୍ପରକୁ ଦେଖା ଯାଉ ନ ଥାଏ । ଝିଅଟି ଚୁଲିର ପଖା ଆଡ଼କୁ ଟଳି ପଡ଼ି ଧୀରେ ଧୀରେ ଖଣ୍ଡେ ମୋଟା ରୁଟିକୁ ନିଆଁରେ ସେକୁଥାଏ । ଛୋଟପୁଅର ମୁହଁ ଅନ୍ଧାରୁଆ ଛାଇରେ ଝାପ୍‌ସା ଚିହ୍ନ ପରି ଦେଖା ଯାଉଥାଏ । ସେ ତାର ଭଉଣୀର ନାଲି ନିଆଁରେ ଝଲମଲ କରୁଥିବା ଆଲୋକିତ ରୂପାନ୍ତରିତ ମୁହଁକୁ ଚାହିଁଲା ।

ଛୋଟ ପୁଅଟି ଭଉଣୀ ମୁହଁକୁ ଅନେଇ କହିଲା 'ମା ଲୋ, ନିଆଁକୁ ଚାହିଁରହିଲେ ଖରି ସୁନ୍ଦର ଲାଗେ ଦେଖିବାକୁ ନୁହେଁ ।'

ତା ମା ପଚାରିଲା 'ସତରେ ! କାହିଁକି କହିଲୁ ?'

Digitized by srujanika@gmail.com

ସେ କହିଲା, "ଦେଖିଲୁ, ନୂଆଁ ଗୁଡ଼ା ନାଲି, ଛୋଟ ଛୋଟ ଇଟା ଘର ପରି ଥାକ ଥାକ ହୋଇଛି ଦେଖିବାକୁ କେତେ ଭଲ ଲାଗୁଛି, ଯେମିତି ତା ଭିତରୁ କି ବାସ୍ନା ବାହାରୁଛି ।"

ତା ମା କହିଲା 'ଚୁଲିଅରେ ନିଆଁ ଲଗେଇବାକୁ ପଡ଼ିବ, ଏ ନିଆଁ ତ ଲିଭି ଯିବ ଆଉ କିଛି ଏ ପରେ । ତୋ ବାପା ଫେରିଆସିଲେ ଚୁଲିରେ ନିଆଁ ନ ଥିବା ଦେଖିଲେ ରାଗିବେ । କହିବେ, 'ମୁଁ ଥାକାମାଦା ହୋଇ ଖଟିରୁ ଫେରିଲାବେଳକୁ ତମେ ସବୁ ନିଆଁ ଲିଭେଇ ଦେଇଥିବ । ଆଉ ମୁଁ କିଛି ଏ ଧୂଆଧୋଇ ହୋଇ ନିଆଁ ପାଖରେ ବସି ଦେହକୁ ଗରମ କରି ପାରିବିନି । ମଦଦୋକାନରେ ଚୁଲି ସବୁବେଳେ ଜଳୁଥାଏ ବୋଲି ଘର ଚେଡ଼େ ସୁନ୍ଦର ଗରମ ଥାଏ । କିନ୍ତୁ ଆମ ଘରେ ରାତି ହେଉ ହେଉ ନିଆଁ ଲିଭିଯିବ' 'ମା କଥାରେ ସମସ୍ତେ କିଛି ବେଳ ଚୁପ୍‌ଚାପ୍ ରହିଗଲେ । ହଠାତ୍ ଛୋଟ ପୁଅ ରାଗିଯାଇ କହିଲା 'ଏ ଆନି' ଶୀଘ୍ର ରୁଟି ସେକିକି ଦେ', ତା ଭଉଣୀ କହିଲା 'ଦେଖୁନୁ ତ ମୁଁ ସେଇଆ କରୁଛି । ଆଉ ତୁ କହିଲେ କଣ ନିଆଁ ଜୋର୍‌ରେ ଜଳିଉଠିବ ତୁ ଟିକେ ବସ ମୁଁ ସେକି ଦେଉଛି :

ଛୋଟ ପୁଅ ପୁଣି ଚଡ଼ଚଡ଼ା ସ୍ୱରରେ କହିଲା 'ମା, ଦେଖିଲୁ, ସେ କେମିତି ଥରି ଥରି ରୁଟିକୁ ସେକୁଛି ?'

ତା ମା କହିଲା, 'ଏଇ ଜନ୍, ତୁ ଯେମିତି ହ'ନା, ଚୁପ୍ କରି ବସ, ଏତେ ବାଜେ କଥା କହିବା ତୋର କିଛି ଦରକାର ନାହିଁ' ।

ଘର ଭିତରର ଟିଂଟାଂ କଡ଼ମଡ଼ ଶବ୍ଦ ସାଙ୍ଗରେ ଅନ୍ଧାର ଜମି ଆସିଲା ଚାରିପାଖରୁ । ଜନ୍‌ର ମା ଖୁବ୍ ଅଳ୍ପ ଖାଇଲା । ସେ ବସି ବସି ରହି ଖାଉ ଖାଉ କିନ୍ତୁ ଭାବନାରେ ବୁଡ଼ିଗଲା । ଯେତେବେଳେ ସେ ରହି ଟେବୁଲ୍ ପାଖରୁ ଉଠିଲା ସେତେବେଳକୁ ରାଗରେ ତା କପାଳଉପରର ରେଖା କୁଞ୍ଚେଇ ଯାଉଥାଏ ସେ ଚୁଲି ପାଖରେ ଥିବା ରୁଟି ଜାଗା ଆଡ଼କୁ ଚାହିଁ ରାଗରେ ମନକୁ ମନ କହିପକାଇଲା ।

'ବଡ଼ ଆଶ୍ଚର୍ଯ୍ୟ କଥା, ସବୁଦିନ ତମର ଡେରି, ଠିକ୍ ଖାଇବାବେଳକୁ କୋଉଦିନ ତ ତମେ ଘରକୁ ଫେରିବନି ଅଉ ରୁଟି ଯଦି ଶୁଖି ଫାପଡ଼ା ହୁଏ ତେବେ ମୋର କଣ ଅଛି । ସବୁଦିନ ତ ତମେ ଘରକୁ ନ ଫେରି ସିଧା ମଦଭାଟିକୁ ଚାଲିଯାଉଛ ଆଉ ମୁଁ ଏଠି ବସି ତମ ଆସିବାପାଇଁ ଓ ଖାଇବାପାଇଁ ଅପେକ୍ଷା କରୁଥିବି :

ମନକୁ ମନ ଏ କଥା କହି କହି ସେ ସେଷେଇଘରକୁ ଗଲା । ଗୋଟାକୁ ଗୋଟା ଟଣ୍ଡି କୋଇଲା ନାଲିଆ ରଡ଼ ନିଆଁରେ ପକାଇଲା ବେଳେ ତା ଛାଇ କାନ୍ଥରେ ପଡ଼ୁଥିଲା ।

ତାପରେ ଜଳନ୍ତା ନିଆଁ ଉପରେ କୋଇଲା ଖଣ୍ଡ ସବୁ ଘୋଡେଇ ହୋଇ ପଡ଼ି ସାରା ଘରଟା ଅନ୍ଧକାରମୟ ହୋଇଗଲା ।

ଅନ୍ଧାରରେ ମିଶିଯାଇ ଜନ୍ ଚଡ଼ଚଡ଼ା ସ୍ୱରରେ ପୁଣି ପାଟିକରି ଉଠିଲା, 'ମା ମତେ କିଛି ଦେଖାଯାଉନି !' ତା ମା ମନର ରାଗ ସତ୍ତ୍ୱେ ବି ତା କଥା ଶୁଣି ହସିପକାଇଲା । କହିଲା ।

ଅନ୍ଧାର ହୋଇଛି ବୋଲି କଣ ତୋ ହାତ, ପାଟି ପାଖକୁ ଯାଇ ପାରୁନି ?' କହି କହି ସେ ଖୋଷେଇ ଘରୁ ପାଉଁଶ ଜାଗାଟା ବାହାରେ ରଖିଦେଇ ଆସିଲା । ଅନ୍ଧାରରେ ସେ ଅସ୍ପଷ୍ଟ ଛାଇ ପରି ଦେଖାଯାଉଥାଏ । ଜନ୍ ଫେର୍ ପାଟିକରି କହିଲା,

'ମାଁ ମୁଁ ତ କିଛି ଦେଖିପାରୁନି'

ତା ମା ଚିଡ଼ି ଯାଇ କହିଲା, ହେ ଭଗବାନ । ଅନ୍ଧାର ହେଲେ ତ ତୁ ତୋ ବାପାପରି ଦୁଷ୍ଟାମୀ ବାହାର କରୁଛୁ !'

ତାପରେ ସେ ଖଣ୍ଡେ କାଗଜ ଥାକରୁ ଟାଣି ସେଥିରେ ନିଆଁ ଧରେଇ ଘର ମଝିରେ, ଛାତରୁ ଝୁଲୁଥିବା ଲ୍ୟାମ୍ପରେ ଲଗାଇବାକୁ ନେଇଗଲା । ସେ ଲ୍ୟାମ୍ପରେ ନିଆଁ ଲଗାଇଲା ବେଳେ ତା ଦେହ ଓ ମୁହଁରେ ଆଲୁଅ ପଡ଼ିଲା । ଆଲୁଅ ପଡ଼ି ତା ମୁହଁରେ ଏକ ମାତୃତ୍ୱର ଭାବ ଆଷ୍ଟ ଫୁଟିଉଠିଲା ।

'ମା', ଛୋଟ ଝିଅଟି ପାଟିକରି ଡାକିଲା ।

'କଣ ?' ତା ମା ବତି ଉପରେ କାଚ ଲଗଉ ଲଗଉ ଜବାବ ଦେଲା । ଲଣ୍ଠନର ତମ୍ବା ଖୋଳ ଭିତର ଦେଇ ଆଲୁଅ ତା ମା ମୁହଁ ଉପରେ ପଡ଼ି ଚକ୍ ଚକ୍ କରୁଥିଲା । ସେ ମୁହଁ ବୁଲେଇ ଝିଅ ଆଡ଼କୁ ଚାହିଁ ଜବାବ ଦେଲା ବେଳେ ତା ସୁନ୍ଦର ମୁହଁ ଆହୁରି ସୁନ୍ଦର ଦେଖା ଯାଉଥିଲା ।

ତା ମା ପୋଷାକରେ ଫୁଲ ଖୋସିଥିବା ଦେଖି ସେ ଆଶ୍ଚର୍ଯ୍ୟ ହୋଇ କହିଲା 'ମା ଲୋ । ତୋ ପକେଟରେ କଣ ଆଜି ତୁ ଗୋଟାଏ ଫୁଲ ରଖିଛୁ ?'

ଝିଅ କଥା ଶୁଣି ତା ମା ଯେମିତି ଅପ୍ରସ୍ତୁତ ହୋଇ କହିଲା , "ବାପରେ' ତୋ! କଥା କହିବାର ଢଙ୍ଗ ଦେଖି ମୁଁ ଭାବିଲି ଘରେ କେଉଁଠି ନିଆଁ ଲାଗିଗଲା କି କଣ ! ଏମିତି ଛାନିଆ ହୋଇ କଥା କହୁଛୁ !" ସେ ଲଣ୍ଠନର କାଚ ଭଲକି ଲଗେଇସାରି ଲଣ୍ଠନର ଫିତା ଟେକିଲା, ସେ ଠିଆ ହୋଇଥିବା ପାଖ ଚଟାଣରେ ଦେଖାଗଲା ଛୋଟିଆ ଅସ୍ପଷ୍ଟ ଛାଇଟିଏ ।

Digitized by srujanika@gmail.com

ଅନୁ ଝିପିରେ ଆଗେଇ ଆସି ଟେହ୍ଲେଇ ହୋଇ ମା ଅଣ୍ଟା ପାଖରେ ତା ମୁହଁକୁ ଘାଞ୍ଜିଦେଇ ଚିଁ ଅଁ କହିଲା,

'ଦେଖି, ଦେଖି ମା ମୁଁ ଟିକେ ଫୁଲ ଗୁଡ଼ା ଶୁଙ୍ଘେ ।'

ଲଣ୍ଠନର ଫିତା ଟେକି ଦେଇ ତା ମା କହିଲା,

'ଏଇ ଦୁଷ୍ଟ ଯା ପଳା ଏଠୁ ।'

ଲଣ୍ଠନ ଆଲୁଅରେ ଦୁ' ଜଣଙ୍କ ମୁହଁର ଭାବ ସ୍ପଷ୍ଟ ଦେଖାଯାଉଥିଲା । ଅନୁ ସେ ପର୍ଯ୍ୟନ୍ତ ତା ଅଣ୍ଟା ପାଖରେ ନଇଁ ପଡ଼ି ଫୁଲକୁ ଶୁଙ୍ଘିବାରେ ଲାଗିଥାଏ । ଚିଡ଼ିଯାଇ ତା ମା ପକେଟରୁ ଫୁଲତକ କାଢ଼ିଲା ଫୋପାଡ଼ି ଦେବାକୁ ।

ଅନୁ ପାଟି କରି ଉଠିଲା 'ମା, ପକାନା, ପକାନା, ଫୁଲଗୁଡ଼ା ପକାନା । ସେ ତା ମା ହାତ ଧରି ଟକାଇ ଫୁଲଗୁଡ଼ା ପୁଣି ପକେଟରେ ପୁରାଇ ଦେବା ପାଇଁ ଝୁଙ୍କି ପଡ଼ିଲା ।

ତା ମା ଭୁଲିପଡ଼ି କହିଲା, 'ହେଃ ଛାଡ଼, କାହିଁକି ସେମିତି ହଉଛୁ ?' ଅନୁ ଫୁଲଗୁଡ଼ାକ ନେଇ ଓଠରେ ଲଗେଇ ନାକ ପାଖରେ ଶୁଙ୍ଘି ଶୁଙ୍ଘି ଗୁଣ୍ଡୁ ଗୁଣ୍ଡୁ ହୋଇ କହିଲା, 'ଫୁଲଗୁଡ଼ା କି ସୁନ୍ଦର ବାସୁଛି ?' ତା ମା ଟିକିଏ ହସିଲା, ତାପରେ କହିଲା 'କାହିଁ ନା, ତ ମତେ ତ ସେମିତିକା ବାସୁନି ! ତୋ ବାପା ସାଙ୍ଗରେ ମୋର ବାହାଘର ହେଲା ବେଳେ ଅଉ ତୁ ଜନ୍ମ ହେଲାବେଳେ ସେ ଫୁଲର ବାସ୍ନା ମୋତେ ଖୁବ ଭଲ ଲାଗୁଥିଲା । କିନ୍ତୁ ଯେଉଁଦିନ ତୋ ବାପା ମଦଖାଇ ମାତାଲ ହୋଇ ଫେରିଲେ ପ୍ରଥମେ ସେଦିନ ତାଙ୍କ ଶାର୍ଟରେ ସେ ଶୁଖିଲା ସେବତୀ ଫୁଲ ଲଗେଇ ଫେରିଥିଲେ । ସେଇଦିନଠୁ ସେ ସେବତୀ ଫୁଲର ବାସ୍ନା ମୋ ପାଇଁ ବଦଳି ଯାଇଛି ।'

ଏଲିଜାବେଥ ତା ପିଲା ଦୁଇଟିଙ୍କୁ ଚାହିଁଲା । ତା କଥା ଶୁଣି ପିଲା ଦିହଟା କଣ କହିବେ କିଛି ଭାବି ପାରିଲେ ନାହିଁ । ସେମାନଙ୍କ ଆଖିରେ କେମିତିକା ନ ବୁଝି ପାରିବାର ଭାବ । ମା ଓ ପିଲା ତା ପରେ କିଛି ସମୟ ଚୁପ୍ ହୋଇ ବସି ରହିଲେ । ହଠାତ୍ ଘଣ୍ଟାକୁ ଅନେଇ ଏଲିଜାବେଥ କହିଲା, 'ଆରେ ଛଅଟା ବାଜିବାକୁ ଆଉ ମୋଟେ କୋଡ଼ିଏ ମିନିଟ ଅଛି ।' ତାପରେ ସେମିତି ଚିଡ଼ଚିଡ଼ିଆ, ରାଗିଲା ସ୍ୱରରେ ସେ କହିଲା ।, 'ନା, ଆଜି ବି ନିଜେ ଘରକୁ ଆସିବେନି, କିଏ ହେଲେ ତାଙ୍କୁ ସାଙ୍ଗରେ ଆଣି ଛାଡ଼ିଦେଇ ଯିବ । ବରଂ ସେଇଠି ସେ ଥାଆନ୍ତୁ । ଖଣି ଜାମରୁ ଫେରି ସେମିତି ଅସନା ମସନା ହୋଇ ଘରକୁ ମାତାଲ ହୋଇ ତାଙ୍କର ଫେରିବା କିଛି ଦରକାର ନାହିଁ । ମୁଁ ତାଙ୍କୁ ଏଣିକି ଆଉ ସବୁଦିନେ ଏତେ ଧୂଆ ଧୋଇ କରି ସଫା କରିପାରିବି ନାହିଁ । ସେ ଫେରି ଏଇଘର ଚଟାଣରେ ଶୁଅନ୍ତୁ । ମୁଁ ତାଙ୍କୁ ଜମା ଉଠେଇବି ନାହିଁ । ସତେ

Digitized by srujanika@gmail.com

ମୁଁ କେତେ ବୋକା, ଯେମିତ ବୋକା ନ ହୋଇଥିଲେ ମୁଁ କେବେ ହେଲେ ଏଠିକି ଆସି ନ ଥାନ୍ତି, ଏତ ଅସହ୍ୟ, ଅପରିଚ୍ଛନ୍ନିଆ ଝଣିଦର, ଗୃହଆଡ଼େ ମୂଷା ଆଉ ପୋକ-ଜୋକ ଭର୍ତ୍ତି । ଖାଲି ତାଙ୍କରି ପାଇଁ ସେମାନେ କୁଚ ଛପି ଏପଟ ସେପଟ ହେଉଛନ୍ତି । ଗତ ସପ୍ତାହ ଭିତରେ ଆଜିକୁ ମିଶେଇ ସେ ଦ ଥର ମଦଖାଇ. ଏମିତ ହେଲେଣି, କ'ଣ କରିଯିବ ମୁଁ ଭାବିପାରୁନି—"

ଟେବୁଲ ସଫା କରିବାକୁ ସେ ଉଠିଗଲା ଓ ନିଜ ମନକୁ ବୁଝେଇବାକୁ ଚେଷ୍ଟା-କଲା । ପିଲା ଦ ଜଣ ଯାକ ପାଖଘରେ ପ୍ରାୟ ଘଣ୍ଟାଏ ହେବ ବସି ଖେଳିବାରେ ଲାଗିଛନ୍ତି । ଖେଳୁ ଖେଳୁ ପିଲା ଦୁଇଟି ଯେପରି ନିଜ ଭିତରେ ହଜି ଯାଇଥିଲେ । ମା ଗାଳି ଭୟରେ ଦ ଜଣଙ୍କ ଭିତରେ କଳିକଜିଆ ବଦଳରେ ଏକ ପ୍ରକାର ବୁଝାମଣା ହୋଇ ଯାଉଥିଲା । ମନରେ ସେମାନଙ୍କର କେତେ ପ୍ରକାର ଖେଳର କଳ୍ପନା ଜଳ୍ପନା । ବାପା ଘରକୁ ଫେରିବା ବେଳର ଭୟ ବି ରହିଥିଲା ତାଙ୍କ ମନରେ, ଟୁଲ ଚୌକିରେ ବସି ଏଲିଜାବେଥ ଧୀରେ ଧୀରେ ଟ୍ୱିଙ୍କଲ୍ ଟ୍ୱିଙ୍କଲ୍ ଘଅ ଢଂଗର ଢୁଲ ନେଇ ସ୍ୱେଟର ବୁଣି ବସିଲା, ସେ ବୁଣୁଥିବା କଣ୍ଟାରୁ ମଝିରେ ମଝିରେ ଏକ ପ୍ରକାର ଅତି କ୍ଷୀଣ ଟିଂ ଟିଂ ଶବ୍ଦ ବାହାରି ଗୃହପାଖର ଚୁପ୍‌ଚାପ ଭାବକୁ ବାଧା ଦେଉଥିଲା । ପିଲାମାନଙ୍କର ପାଟି ବି ଶୁଭୁଥିଲା ପାଖଘରୁ, ଆଉ ଏଲିଜାବେଥ ପିଲାଙ୍କ ଖେଳର ଛୋଟ ଛୋଟ କଥାଗୁଡ଼ିକୁ ଶୁଣୁ ଶୁଣୁ ମନଧ୍ୟାନ ଦେଇ ସ୍ୱେଟର ବୁଣୁଥିଲା । ମନକୁ ମନ ତା ମନର ରାଗ କମିଆସିଲା, ବେଳେ ବେଳେ କାନ ପାରି ସେ କଣ ଶୁଣୁଥିଲା, ତାପରେ ପୁଣି ତା କାମରେ ମନ ଦେଉଥିଲା । କେତେବେଳେ ପୁଣି ସେ ମନର ରାଗକୁ ଭୁଲିଯାଇ ତା ଉଲବୁଣା ବନ୍ଦ-କରି, ବାହାର ରେଲଲାଇନ୍ ପାଖରୁ କାହାର ଜୋତାର ଦପ୍ ଶବ୍ଦ ଶୁଣି କାନପତାଏ ଅଭ୍ୟାସ ବଶତଃ ହଠାତ୍ ପିଲାମାନଙ୍କୁ 'ଚୁପ୍ ଚୁପ୍' କହିବାକୁ ଯିବାବେଳେ ସେ ନିଜର ଭୁଲ୍ ଠିକ୍ ସମୟରେ ବୁଝିପାରି ଚୁପ ରହେ ଓ ପାଦ ଶବ୍ଦ ଧିରେ ଧିରେ ରେଲଲାଇନ ପାଖ ଗେଟ ପାଖରୁ ଅପସରି ଯାଏ, ପିଲା ଦ ଜଣ ସେମିତ ତାଙ୍କ ଖେଳରେ ମାତିଥାନ୍ତି ।

କିନ୍ତୁ ଆଜିର ଆଉ ଖେଳରେ ମନ ଲାଗିଲାନାହିଁ । ସେ ଖେଳଛାଡ଼ି, ଜମେଇଥିବା ଚଟି ଜୋତା ଆଡ଼କୁ ଚାହିଁଲା, ତାକୁ ଭାରି ବିରକ୍ତ ଲାଗିଲା । ଆଜି ଖେଳିବାକୁ ଜମା ଭଲ ଲାଗୁନାହିଁ । ସେ ତା ମା ପାଖକୁ ଆସି, ଶୁଖେଇ ମା'କୁ ଚାହିଁ ଡାକିଲା ।

'ମା', କିନ୍ତୁ ତା ମା କିଛି ଶୁଣି ପାରୁ ନ ଥିଲା । ଜନ୍ ସୋଫା ତଳୁ ବେଙ୍ଗ ପରି ତେଇଁ ତେଇଁ ବାହାରି ଆସିଲା, ତାକୁ ଦେଖି ତା ମା ତା ଆଡ଼କୁ ଚାହିଁ ଡାକିଲା,

'ଜନ୍, ଦେଖିଲୁ ତୋ ଶାର୍ଟ ହାତରେ କଣ ଲାଗିଲାଣି ।'

Digitized by srujanika@gmail.com

ଜନ୍ ତା ଶାର୍ଟ ହାତଟାଣି ଦେଖିଲା କିନ୍ତୁ କିଛି କହିଲା ନାହିଁ । କିଏ ଜଣେ ରେଲଲାଇନ୍ ସେପାଖରେ ରୁକ୍ଷ, କର୍କଶ ସ୍ୱରରେ, କାହାକୁ ଡାକ ଦେଲା, ଘର ଭିତରେ ହଠାତ ସମସ୍ତେ ଚୁପ୍ ହୋଇ କାହାକୁ ଯେମିତି ଅପେକ୍ଷା କରି ରହିଲେ । କିନ୍ତୁ ଟିକେ ପରେ ଦୁଇ ଜଣ ଲୋକ କଥା ହୋଇ ହୋଇ ତାଙ୍କ ଘର ପାଖ ଦେଇ ଚାଲିଗଲେ ।

ତାପରେ ଏଲିଜାବେଥ ପିଲମାନଙ୍କୁ କହିଲା,

"ଶୋଇବା ବେଳ ହେଲଣି, ଆନା, ଜନ୍ ଶୋଇବ ଯାଅ" ଆନା ପୁଣି ମୁହଁ ଶୁଖାଇ କହିଲା,

"ମା, ବାପା ତ ଏପର୍ଯ୍ୟନ୍ତ ଆସିଲେ ନାହିଁ ?"

ତା କଥାରେ କାନ ନ ଦେଇ ତା ମା କହିଲା,

"ଠିକ୍ ଅଛୁ, ତମର ସେକଥା ସବୁ କିଛି ଭାବିବା ଦରକାର ନାହିଁ । ବାପା ଆସିବା ବେଳ ହେଲେ ଆସିବେ, ତାଙ୍କ ସାଙ୍ଗମାନେ ବେଳ ହେଲେ ତାଙ୍କୁ କାଠଗଡ଼ି ପରି ବୋହି ଆଣିବେ । ଆସିଲେ ଏଇ ଘର ଚଟାଣରେ ତାଙ୍କୁ ଶୋଇଦେବେ । ତାପରେ ସେ ନିଜେ ନିଜେ ଉଠିବେ, କେହି ତାଙ୍କୁ ଉଠାଇବା ଦରକାର ନାହିଁ କି ପାଟି କରିବା ଦରକାର ନାହିଁ । ଆଜି ମଦ ଖାଇ ଫେରି କାଲି ତ ସେ ଆଉ କାମକୁ ଯିବେ ନାହିଁ ।"

ଏଲିଜାବେଥ ଚାହୁଁଥିଲା ଯେମିତି ଗୋଟାଏ ବେଶୀ ହଇଚଇ ନ ହେଉ ତା ସ୍ୱାମୀ ଫେରୁଥରେ । ସେ ପିଲମାନଙ୍କର ହାତ, ଗୋଡ଼, ମୁହଁ ତଉଲିଆରେ ପୋଛିପାଛି ଦେଲା । କାହିଁକି କେଜାଣି ପିଲା ଦିଟା ଏକଦମ୍ ଚୁପ୍ ହୋଇ ଯାଇଥାନ୍ତି; ତାଙ୍କ ମା ତାଙ୍କୁ ରାତି ଶୋଇବା ପୋଷାକ ପିନ୍ଧେଇ ଦେଇ ଶୋଇବାକୁ ଯିବାକୁ କହିଲା । ଆନା ଓ ଜନ୍ ବିଛଣାରେ ବସି ପ୍ରାର୍ଥନା କଲେ । ଜନ୍ ଗୁଣ୍ଠି ଗୁଣ୍ଠି ହୋଇ ପ୍ରାର୍ଥନା କଲା । ଏଲିଜାବେଥ ସେମାନଙ୍କ ଆଡ଼କୁ ଚାହିଁଲା । ତା ଝିଅର ଆଖି ଓ ପୁଅର ମୁଣ୍ଡ ଉପରର କଳା ବାଳ ଆଡ଼କୁ ସେ ଅନେଇ ରହିଲା । ସେମାନଙ୍କ ଆଡ଼କୁ ଚାହିଁ ତା ଭିତରର ରାଗ ପିଲାଙ୍କ ବାପା ଉପରେ ଯେମିତି ଅଜାଡ଼ି ହୋଇ ପଡ଼ିଲା, ମା ପିଲା ତିନିଜଣଙ୍କୁ ହଇରାଣ କରିବାର ଯେମିତି ଅନ୍ତ ଶେଷ ନାହିଁ, ପିଲା ଦି ଜଣ ମା ର ରାଗିଲା ଚାହାଣୀରୁ ରକ୍ଷା ପାଇବାକୁ ଗୁଦର ଭିତରେ ତାଙ୍କ ମୁହଁ ଢାଙ୍କିଦେଲେ । ପିଲାଙ୍କୁ ଶୁଆଇ ଏଲିଜାବେଥ୍ ପୁଣି ଫେରି ଆସିଲା ରୋଷେଇ ଘରକୁ । ଘର ଭିତରେ କେମିତିକା ଏକ ଛମ ଛମ ଭାବ, ମନ ଭିତରେ ସ୍ୱାମୀକୁ ଅପେକ୍ଷା କରିବାର ଉତ୍କଣ୍ଠା, ସେ ପୁଣି ସମୟ କଟାଇବାକୁ ସ୍ୱେଟର ବୁଣାରେ ମନ ଦେଲା, ଆଉ କୁଆଡ଼କୁ ତାର ଲକ୍ଷ୍ୟ ନ ଥାଏ । କିଛି ବେଳ, ଏମିତି ନିଛାଟିଆ ହୋଇ ବସି ବୁଣିବାପରେ ରାଗ ପରିବର୍ତ୍ତରେ ତା ମନରେ ଦେଖାଦେଲା ଭୟ, କିଛି ଗୋଟାଏ ଘଟିବାର ଆଶଙ୍କା ।

Digitized by srujanika@gmail.com

—୨—

ଘଣ୍ଟାରେ ଅଠଟା ବାଜିଲା । ସେ ହଠାତ୍ ତା ବୁଣା-ସ୍ୱେଟରକୁ ଗୋଟାଏ ପାଖ ଚୌକି ଉପରେ ରଖିଦେଇ ଉଠିପଡ଼ିଲା । ସିଡ଼ିଘର ପାଖକୁ ଯାଇ କବାଟ ଖୋଲି ଅନେଇ ଦେଖିଲା ବାହାରକୁ, କଣ କାନେଇ କଣ ଶୁଣିଲା । ତାପରେ ସିଡ଼ିଘର କବାଟ ପଛପଟୁ ଅଉଜେଇ ଦେଇ ସେ ଧୀରେ ଧୀରେ ପାଦ ଗଣି ଗଣି ଚାଲି-ଆସିଲା ବାହାରକୁ ।

ବଗିଚା ଭିତରେ କଣ ଗୁଡ଼ାଏ ଗୋଡ଼ିଆ ଗୋଡ଼ି ହେବାର ଶବ୍ଦ । ଶବ୍ଦ ଶୁଣି ସେ ଅଟକିଗଲା । କିନ୍ତୁ ସେ ଭଲକରି ଜାଣିଥିଲା ମୂଷାଗୁଡ଼ାକ ଘର ଚାରିପାଖରେ ଏମିତି ହେଉଛନ୍ତି । ଜାଣିକି ବି କଣପାଇଁ ସେ ଆଗେଇଗଲା । ଚାରିଆଡ଼େ କଳାକଳି ଅନ୍ଧାର, ରେଲିଙ୍ଗ ପାଖରେ, ଯେଉଁଠି ଟ୍ରକ୍ ସବୁ ଠିଆ ହୋଇଛନ୍ତି, ସେଠି ବି ଗାଢ଼ ଅନ୍ଧାର । ଅଳ୍ପ ଆଗକୁ, ଦୂରରେ ଟଣି ପାଟରେ ହଳଦିଆ ମିଞ୍ଜି ମିଞ୍ଜିଆ ଲଣ୍ଠନ ଅଳୁଅ ମିଞ୍ଜି ମିଞ୍ଜି ହୋଇ ଦେଖାଯାଉଥିଲା, ଅନ୍ଧାରରେ ଦୂରରୁ ଟଣିଧାରର ଜଳନ୍ତା ନାଲି ନିଆଁ ଧାସ ବି କେତେବେଳେ କେତେବେଳେ ଦିଶିଯାଉଥିଲା । ଟେଳାବେଥ ଉଟେଉର ହୋଇ ରେଳରାସ୍ତା ଧାରେ ଧାରେ, ପାଖ ପାଟଣା ଗେଟକୁ ଟପି ବଡ଼ରାସ୍ତା ଉପରେ ଆସି ପହଞ୍ଚିଲା । ସେଠି ପହଞ୍ଚି ତା ଭୟ କମିଲା ଟିକିଏ, ମନରେ ଟିକିଏ ସାହସ ହେଲା । ନଉ ବ୍ରନ୍ସ୍ଲେ ଅଡ଼କୁ ଲୋକମାନେ ଉଠିବେ ବି ଯାଉଥାନ୍ତି । ପାଖ ଘର ଗୁଡ଼ାକରେ ଅଳୁଅ ଜଳୁଥାଏ । ସେ ପାଖକୁ, ଅଳ୍ପ ଦୂର କୋଡ଼ିଏ ହାତ ଛଡ଼ା ପ୍ରିନ୍ସ ଅଫ ୱେଲ୍ସର ବଡ଼ ବଡ଼ ଖୋଲା ଝରକା, ତା ଭିତର ଉଜ୍ଜ୍ୱଳ ଓ ଉଷୁମ ଥିବା ପରି ମନେ ହେଉଥାଏ । ଭିତରୁ ଲୋକମାନଙ୍କର ପାଟିତୁଣ୍ଡ ବେଶ୍ ଜୋରରେ ଶୁଭୁଥାଏ । ଏସବୁ ଦେଖି ସେ ମନେ ମନେ ଭାବିଲା, 'ଯାହାହେଉ ତା ସ୍ୱାମୀର କିଛି ହୋଇନି' ତେବେ ଆଉ ଗୋଳମାଳ ଶୁଣି ସେ ଭାବିଥିଲା ତା ସ୍ୱାମୀର ବୋଧେ କିଛି ବିପଦ ପଡ଼ିଲା । ତା ସ୍ୱାମୀ ପ୍ରିନ୍ସ ଅଫ ୱେଲ୍ସରେ ବସି ବସି ମଦ ଖାଉଛି, ତାର କିଛି ହୋଇନି । ତଥାପି ତାର ଭୟ ହେଲା । ଆଜି ପର୍ଯ୍ୟନ୍ତ ସେ କେବେହେଲେ ତାକୁ ମଦ ଦୋକାନରୁ ଫେରେଇ ନେବାକୁ ଆସିନି, କିନ୍ତୁ ତାକୁ ଫେରେଇ ନ ନେଇ ସେ ତ ଘରକୁ ଫେରିଯିବନି । ତାପରେ ସେ ଏଠି ସେଠି ଆଗ ପଛ ହୋଇ ରହିଥିବା ଘର ଗୁଡ଼ିକର କଡ଼େ କଡ଼େ ଆଗକୁ ଚାଲିଲା । ବଡ଼ରାସ୍ତାର ଗୋଟାଏ ପାଖକୁ ଠିଆ ହୋଇ ଘର ମଝିରେ ଯାଇଥିବା ଗୋଟାଏ ରାସ୍ତା ଭିତରକୁ ସେ ପଶିଗଲା ।

Digitized by srujanika@gmail.com

ଅଜଣା ସ୍ତ୍ରୀ ଲୋକଟାଏ, ଅନ୍ଧାରରେ ତା ରୋଷେଇଘର ପଛପଟ୍ ନର୍ଦ୍ଦ ପଡ଼ି, ଝଙ୍କି ମାରି ରହିଲା। ସ୍ତ୍ରୀ ଲୋକଟିର ଉପରେ ଝରକା ଫାଙ୍କ ଦେଇ ରୋଷେଇଘରର ଝାପ୍‌ସା ଆଲୁଅ ପଡ଼ୁଥିଲା। ସେ କହିଲା, 'କଣ ! ମି. ଶଗ୍‌ଲେଙ୍କୁ ଖୋଜୁଛ ? ସେ ତ ଘରେ ଏଇକ୍ଷଣି ନାହାନ୍ତି ? ତମେ ଏଲିଜାବେଥ୍ ବେଟ୍ ନା ?'

ଏଲିଜାବେଥ କହିଲା, 'ହଁ, ଶଗ୍‌ଲେ କଣ ଘରେ ନାହାନ୍ତି ? ମୋ ସ୍ୱାମୀ ବି ଏ ପର୍ଯ୍ୟନ୍ତ ଘରକୁ ଫେରି ନାହାନ୍ତି।'

ସ୍ତ୍ରୀ ଲୋକଟି କହିଲା, 'ଆଚ୍ଛା। ଫେରିନାହାନ୍ତି ? ଜ୍ୟାକ୍ ତ କେତେବେଳୁ ଆସି ଖାଇପାରି ବାହାରକୁ ଗଲେଣି। ସେ ସବୁଦିନ ଶୋଇବା ଆଗରୁ ଅଧଘଣ୍ଟା ଲେଖାଁ ବୁଲିବାକୁ ଯାଆନ୍ତି। ତମେ ବେଟ୍‌ଙ୍କୁ ଯାଇ ପ୍ରିନ୍‌ସ ଅଫ ୱେଲ୍‌ସରେ ଖୋଜିଛ ?'

ଏଲିଜାବେଥ କହିଲା, 'ନା 'ମୁଁ ସେଠିକି ଯାଇନି' ସ୍ତ୍ରୀ ଲୋକଟି କହିଲା, 'ନାଇଁ, ତମକୁ ବି ସେଠିକି ଯିବାକୁ ଭଲ ଲାଗିବ ନାହିଁ ନ ଯାଇ ଭଲ କରିଛ, ସେ ଜାଗା ଭଲ ନୁହେଁ, ଏଲିଜାବେଥ୍‌କୁ ଭାରି ଅଶ୍ୱସ୍ତି ଲାଗୁଥାଏ, ଟିକେ ପରେ ସ୍ତ୍ରୀ ଲୋକଟି ପୁଣି କହିଲା, 'କାହିଁ ଜ୍ୟାକ୍ ତ ତମ ସ୍ୱାମୀଙ୍କ ବିଷୟରେ ମୋତେ କେବେ କିଛି କହନ୍ତି ନାହିଁ ?'

ଏଲିଜାବେଥ କହିଲା, 'ନାଇଁ, ଠିକ୍ ଅଛି, ଆଜି ସେ ନିଶ୍ଚୟ ସେଇ ମଦ ଦୋକାନକୁ ଯାଇଛନ୍ତି।'

କୁଆଡ଼କୁ ନଜର ନ ଦେଇ ବଡ଼ ବିରକ୍ତ ହୋଇ ଏଲିଜାବେଥ ଏସବୁ କଥା କହି ପକାଇଲା। ସେ ଜାଣିଥିଲା ଆଉ ଜଣେ ସ୍ତ୍ରୀ ଲୋକ ସେ ପାଖ ଘରେ ତା ଦାଣ୍ଡ କବାଟ ପାଖରେ ଠିଆ ହୋଇ ସେମାନଙ୍କ କଥାବାର୍ତ୍ତା ଶୁଣୁଥିଲା, ତଥାପି ଏଲିଜାବେଥର ସେ ଆଡ଼କୁ ଖାତିର ନ ଥିଲା। ତା ସାଙ୍ଗେ କଥା ହେଉଥିବା ସ୍ତ୍ରୀ ଲୋକଟି କହିଲା।

'ହଉ ଟିକଏ ରୁହ, ମୁଁ ମୋ ସ୍ୱାମୀଙ୍କୁ ପଚାରି ଆସେ, ଯଦି ସେ କିଛି ଜାଣିଥିବେ'।

ଏଲିଜାବେଥ କହିଲା 'ନାଇଁ, ନାଇଁ, ଥାଉ, ତମେ ଏତେ ହଇରାଣ ହେବା କିଛି ଦରକାର ନାହିଁ।'

ସ୍ତ୍ରୀ ଲୋକଟି କହିଲା, 'ନାଇଁ ଆଉ ହଇରାଣ କ'ଣ ? ମୁଁ ଯାଇ ତାଙ୍କୁ ପଚାରିଆସିବି, ଯଦି ତମେ ଟିକେ ମୋ ଘର ଭିତରକୁ ଆସି ମୋ ପିଲାମାନଙ୍କୁ ନଜର ରଖନ୍ତ। ସେମାନେ ନ ହେଲେ ନିଆଁ ପାଖକୁ ପଳେଇ ଆସିବେ।'

Digitized by srujanika@gmail.com

ଏଲିଜାବେଥ ଗୁଣୁ ଗୁଣୁ ହୋଇ କଣ କହୁ କହୁ ଚାଲି ନ ହେବା ଭଙ୍ଗୀରେ ସେ ସ୍ତ୍ରୀ ଲୋକଟିର ଘର ଭିତରକୁ ଗଲା। ସ୍ତ୍ରୀ ଲୋକଟି କହିଲା 'ମୋ ଘରଟା ଏମିତି ଅସନା ମସନା ହୋଇ ପଡ଼ିଛି ବୋଲି ମନରେ କିଛି ଭାବିବ ନାହିଁ।'

ସତରେ, ତା ଗ୍ରେଷ୍ଟେଇଘର ବଡ଼ ଅସନା, ଅପରିଚ୍ଛନ୍ନିଆ ହୋଇ ପଡ଼ିଥାଏ, ଘରର ଚଟାଣସାରା ପିଲାଙ୍କ ଜାମା, ପ୍ୟାଣ୍ଟ, ତଉଲିଆ ସବୁ ଖେଳେଇ ହୋଇ ପଡ଼ିଛି, ଖେଳଣା ସବୁ ଇଆଡ଼େ ସିଆଡ଼େ ବିଛୁଡ଼ି ପଡ଼ିଛି। ଖାଇବା ଟେବୁଲ ଉପରେ ରୁଟି, ତରକାରି ପଡ଼ି ଆଉ କେଟ୍‌ଲରେ ଥଣ୍ଡା ଚା ଥୁଆ ହୋଇଛି

ଚାରିଆଡ଼କୁ ଆଖି ବୁଲେଇ ନେଇ ଏଲିଜାବେଥ ସେ ସ୍ତ୍ରୀ ଲୋକଟି ଆଡ଼କୁ ଚାହିଁ କହିଲା "ଆମ ଘର ବି ଏମିତି ଅସନା, ତମ ଘର ଠାରୁ କିଛି କମ୍ ନୁହେଁ।"

ଶର୍ଲେଙ୍କ ସ୍ତ୍ରୀ ଦେହରେ ଖଣ୍ଡେ ଚାଦର ଘୋଡ଼େଇ ହୋଇ ତରତର ହୋଇ ବାହାରି ଯାଉ ଯାଉ କହିଲା,

'ମୁଁ ଏଇ ଯାଏଁ ଯାଏଁ ଫେରିଆସୁଛି'

ଏଲିଜାବେଥ ଖେଳେଇ ହୋଇପଡ଼ିଥିବା ଅସନା, ଅପରିଷ୍କାର ଘରକୁ ନାପସନ୍ଦିଆ ଆଖିରେ ଦେଖୁ ଦେଖୁ ଅପେକ୍ଷା କରି ସେଇଠି ବସି ରହିଲା। ଘର ଭିତରେ ପଡ଼ିଥିବା ବିଭିନ୍ନ ସାଇଜ୍‌ର ଜୋତା ସବୁକୁ ଦେଖି ମନେ ମନେ ଗଣି ଦେଖିଲା ବାରଟା ଜୋତା। ଘରର ଅବସ୍ଥା ଦେଖି ସେ ଭାବିଲା 'ଏତେ ପିଲାରେ ଘର ଏମିତି ହେବା କିଛି ବିଚିତ୍ର ନୁହେଁ।'

ବାହାରେ ବଗିଚା ଭିତରେ ଶର୍ଲେ ଆଉ ତା ସ୍ତ୍ରୀର ପଦଶବ୍ଦ ଶୁଣା ଗଲା। ସେମାନଙ୍କ ଆସିବାର ଦେଖି ଏଲିଜାବେଥ୍ ଉଠି ଠିଆ ହେଲା। ଶର୍ଲେ ଦେଖିବାକୁ ବେଶ୍ ଲମ୍ବା ଓ ସୁସ୍ଥସବଳ। ତା ମୁଣ୍ଡଟା ଦେଖିବାକୁ ବେଶୀ ଚାନ୍ଦୁଆ, ବିଶେଷ କରି ଜଣାପଡ଼ୁଛି ତା କପାଳ ଉପରେ ଗୋଟାଏ ଲମ୍ବା ନେଳିଆ କଟା ଦାଗ। ଖଣି ଭିତରେ କାମ କଲାବେଳେ ତା ମୁଣ୍ଡରେ ସେ ଖଣ୍ଡିଆଟା ହୋଇଥିଲା ବହୁଦିନ ଆଗେ, ସେ ଖଣ୍ଡିଆ ଭିତରେ କୋଇଲା ଗୁଣ୍ଡ ପଶି ରହିଯାଇଥିଲା ବୋଲି, ତା ମୁଣ୍ଡରେ ସେ ଖଣ୍ଡିଆଟା ଚିତା କୁଟେଇଲା ପରି ନେଳିଆ ଦେଖାଯାଏ।

ସେ ବେଶୀ କିଛି କଥା ନ କହି ସିଧା ଏଲିଜାବେଥକୁ ପଚାରିଲା "ବେନ୍ କଣ ଏ ପର୍ଯ୍ୟନ୍ତ ଘରକୁ ଫେରିନି ? ତାହେଲେ ସେ କୁଆଡେ ଗଲା ତ ମୁଁ କହିପାରିବିନାହିଁ, ସେ ତ ମଦଦୋକାନରୁ ଚାଲି ଆସିଲାଣି।" ଦୋକାନ ଆଡକୁ ମୁହଁ ବଢ଼େଇ ଦେଖି ନେଇ ସେ କହିଲା। ତା କଥାରେ ସମବେଦନା ଓ ସହାନୁଭୂତି ପୂରିରହିଥିଲା 'ସେ

Digitized by srujanika@gmail.com

ବୋଧହୁଏ 'ଇଙ୍'କୁ ଯାଇଥିବେ ଶଗ୍‌ଲେର ସ୍ତ୍ରୀ କହିଲା, ଟିକେ ସମସ୍ତ ଚୁପ୍‌ରହି ଶଗଲେ ପୁଣି କହିଲା,

'ମୁଁ ତ ତାକୁ ଦୋକାନରେ ବସି ମଦ ଖାଉଥିବାର ଦେଖିଥିଲି । ଦୋକାନରୁ ସବୁ ଲୋକ ମଦ ଖାଇ ମାତାଲ ହୋଇ ଏଇ ଟିକେ ସମସ୍ତ ଆଗରୁ ଫେରିଲେ । ମୁଁ ତାକୁ ପାଟି କରି ଡାକି କହିଲି "ଏଇ ଓ୍ୱାଲ୍‌ଟ୍, ତୁ ଘରକୁ ଯିବୁ ନାହିଁ କି ?" କିନ୍ତୁ ସେ କହିଲା 'ତମେ ସବୁ ଯାଅ ମୁଁ ଅଳ୍ପ ସମସ୍ତ ଛାଡ଼ି ତମ ପଛେ ପଛେ ଯାଉଛି" ସେଇଠୁ ମୁଁ ଆଉ ବାଉର ସେଠାରୁ ଫେରିଆସିଲୁ । ଆମେ ଭାବିଲୁ ସେ ଆମ ପଛେ ପଛେ ଆସୁଛି ଆଉ ଟିକେ ପରେ ଘରେ ପହଞ୍ଚିବ ।"

ଶଗଲେ କଣ କରିବ ଠିକ କରି ପାରୁ ନ ଥିଲା ସେ ତା ସାଙ୍ଗକୁ ଛାଡ଼ି ଚାଲି ଆସିଥିବାରୁ ଅନୁତପ୍ତ ହେଉଥିଲା ମନେ ମନେ । କିନ୍ତୁ ଏଲିଜାବେଥ ଜାଣିଥିଲା ଯେ ଆଜି ବି ପୂର୍ବଦିନ ପରି ଗୋଟାଏ ଗୋଳମାଳ ହେବ ତା ଘରେ, ସେଥିପାଇଁ ସେ ଶଗ୍‌ଲେର ମନ ବୁଝିବା ପାଇଁ କହିଲା ।

ନାଇଁ, ନାଇଁ, ତମେ ଯାହା କହୁଚ ଯେ ସେ ଇଙ୍ଟିକୁ ଯାଇଛନ୍ତି, ସେ କଥା ସତ କାରଣ ସେଠାକୁ ସେ ଆଗରୁ ବି କେତେଥର ଯାଇଛନ୍ତି, ଆଉ ମୁଁ ତାଙ୍କୁ ସେଠାକୁ ନ ଯିବା ପାଇଁ କହି କହି ଥକି ଗଲିଣି, କିନ୍ତୁ ମୋ କହିବାର କିଛି ମୂଲ୍ୟ ନାହିଁ ମୁଁ ଜାଣେ ଆଜି ସେଠାରେ ଲୋକମାନେ ତାଙ୍କୁ ଟେକି ଟେକି ଆଣିଲେ ଯାଇ ସେ ଘରୁକୁ ଆସିବେ"

ଶଗ୍‌ଲେର ସ୍ତ୍ରୀ କହିଲା, ସେମିତି ଅଣାହେଲେ ସତରେ କେତେ ଖରାପ କଥା ।" ଶଗ୍‌ଲେ ଟିକେ ଥତମତ ଖାଇ କହିଲା "ଆଚ୍ଛା, ମୁଁ ଟିକେ ଓ୍ୱାଲ୍ଟର ଘରକୁ ଯାଇ ଆସେ ସେ ଘରେ ଅଛି ନା ନାହିଁ ?" ତା କଥା କହିବା ଢଙ୍ଗରେ ପ୍ରକାଶ ପାଉଥିଲା ତା ମନର ଭୟ ।

ଏଲିଜାବେଥ କହିଲି 'ନାଇଁ, ଦରକାର ନାଇଁ, ତମେ ଏତେ କଷ୍ଟ କରିବା ଦରକାର ନାହିଁ । 'ଏ କଥା ବାହାରେ କହିଲେ ବି ସେ ମନେ ମନେ ଚାହୁଁଥିଲି ଶଗ୍‌ଲେ ଯାଉ ବୋଲି ।

ଘରର ଦାଣ୍ଡ ଦୁଆର ଆଡ଼କୁ ସେମାନେ ଦୁଇ ଜଣ କଥା ହୋଇ ଯାଉ ଯାଉ ଏଲିଜାବେଥ ହଠାତ୍ ଶୁଣିଲି ଯେ ଶଗ୍‌ଲେର ସ୍ତ୍ରୀ ବଗିଚା ଭିତରେ ଦଉଡ଼ି ଯାଇ ତା ପଡ଼ିଶା ଘରର ଦ୍ୱାର ଖୋଲି ଦେଲା । ତା ଦେଖି ଏଲିଜାବେଥର ଛାତି ଭିତରଟା ଦୁମ୍ କରି ହେଲା, ଯେମିତି ତା ଛାତି ଭିତରୁ ସବୁଯାକ ରକ୍ତ କିଏ ଶୋଷିନେଇଗଲା ।

Digitized by srujanika@gmail.com

କିନ୍ତୁ ତା ପରେ ପରେ ସେ ଶଗ୍‌ଲେକୁ କହିବାର ଶୁଣିଲା, "ହେଲ ଏଥର ! କେତେଥର ମୁଁ ମେ ଖାଲଗୁଡ଼ା ବନ୍ଦ କଲେଣି ! ଆଉ କେତେଥର ମୁଁ ତମକୁ କହିଲିଣି ନା ବାଟରୁ ଏ ଖାଲଗୁଡ଼ା ମାଟି ପୂରେଇ ବନ୍ଦ କରିଦେବାକୁ ? ଯିଏ ଯିବ ଏ ବାଟେ ତା ଗୋଡ଼ ଖାଲରେ ପଶି ଭାଙ୍ଗିବ ।"

ଏଲିଜାବେଥର ଭୟ କମିଗଲା, ମନରେ ସାହସ ଫେରିଆସିଲା । ସେ ଶଗ୍‌ଲେ ସାଙ୍ଗରେ ଶୀଘ୍ର ଶୀଘ୍ର ଚାଲିବାକୁ ଲାଗିଲା । ତାପରେ ସେ କହିଲା, 'ପିଲା ଦୁଇଟାଙ୍କୁ ଘରେ ଏକା ଛାଡ଼ି ଆସିଛି, କେହିନାହାନ୍ତି । ସେମାନଙ୍କୁ ଏକା ଛାଡ଼ି ଆସିଛି ବୋଲି ମତେ ଭଲ ଲାଗୁନି ।

ଶଗ୍‌ଲେ ଧୀର ଭାବରେ କହିଲା, "ନା, ସେମାନଙ୍କୁ ଏକା ଛାଡ଼ି ଆସିବା ତ ଠିକ୍ ନୁହେଁ ।" ଏମିତି କଥା ହେଉ ହେଉ ସେମାନେ ବଗିଚ୍ଚ ଟପି ବାହାରକୁ ଆସିଲେ ।

ଶଗ୍‌ଲେ ପୁଣି କହିଲା, "ମୁଁ ଏଇ ସାଙ୍ଗେ ସାଙ୍ଗେ ଫେରିଆସୁଛି, ତମେ ବ୍ୟସ୍ତ ହେବନାହିଁ, ଓ୍ୱାଲ୍‌ଟର କିଛି ଅସୁବିଧା ହେଇ ନ ଥିବ" ।

ଏଲିଜାବେଥ୍ କହିଲା, 'ତେବେ ମୁଁ ଘରକୁ ଯାଉଛି, ତମେ ମତେ ଟିକେ ଖବର ଦେବ ।

"ହଉ, ମୁଁ ଏଇ ସାଙ୍ଗେ ସାଙ୍ଗେ ବୁଲି ଆସି ଖବର ଦେବି, ତମେ ବ୍ୟସ୍ତ ହେବା ଦରକାର ନାହିଁ ।"

ଏଲିଜାବେଥ୍ ଘରେ ପହଞ୍ଚି ଦେଖିଲା ଗୃହଆଡେ ଚୁପ୍‌ଚାପ୍ ନିରବ । ସେ ତା ଶାଲ ଆଉ ଟୋପି କାଢ଼ି ରଖିଲା, କିଛି ସମୟ ସେ ଥିର ହୋଇ ବସିଲା । ସେତେବେଳକୁ ସାଢ ସାତେ ନ ଟାରୁ ବେଶି ହେଲାଣି । ସେ ଦୂରରୁ ଖଣି ଇଂଜିନ୍‌ର ଶବ୍ଦ ଶୁଣି ଚମକି ପଡ଼ିଲା,, ତା ମନରେ ପୂର୍ବର ସେଇ ଭୟ ପୁଣି ଦେଖାଦେଲା, ତା ଛାତିର ରକ୍ତ ସବୁ ଜମାଟ ବାନ୍ଧିଗଲା । ସେ ତା ଦୁଇ ହାତକୁ ଛାତିରେ ଲଗାଇ ପାଟି କରି ଉଠିଲା 'ହେ ଭଗବାନ, ଏଇତ ମୋଟେ ନ'ଟା ବେଳ ଗାଡ଼ି ଯାଇଛି, ଆଉ ମୁଁ ଏତେ ବ୍ୟସ୍ତ କାହିଁକି ହେଉଛି ?" ଯେମିତି ପାଟିକରି ସେ ନିଜକୁ ଗାଳି ଦେଲା ।

ସେ ସେମିତି ପୁଣି କିଛି ସମୟ ଚୁପ୍‌ହୋଇ ବସି ରହିଲା । ପ୍ରାୟ ଅଧ ଘଣ୍ଟାଏ ଖଣ୍ଡେ ପରେ ସେ ଭାରି କ୍ଲାନ୍ତ ଓ ବ୍ୟସ୍ତ ହୋଇ ପଡ଼ିଲା ।

"କାହିଁକି ମନଟାକୁ ମୁଁ ଏତେ ବ୍ୟସ୍ତ, କରୁଛି ? ଏମିତି ହେଲେ ମୋର ନିଜ ମନ ବେଶି ଖରାପ ହେଉଛି ନା, ଆଉ ଅଧିକା କଣ ହେଉଛି ?" ସେ ନିଜକୁ ନିଜେ ଅସହାୟ ଭାବରେ କହି ପକାଇଲା ।

Digitized by srujanika@gmail.com

ସେ ତା ସ୍ୱେଟର ବୁଣାରେ ମନ ପୁଣି ଦେଲା । ଦଶଟା ବାଜିବାକୁ ଆଉ ପନ୍ଦର ମିନିଟ ଅଛି, ବାହାରେ ଶୁଣାଗଲା କାହାର ଧିର ପାଦଶବ୍ଦ । ବୋଧେ ଜଣେ ଲୋକର ପାଦଶବ୍ଦ । ସେ କବାଟ ଖୋଲିବାକୁ କବାଟପାଖକୁ ଗଲା । କବାଟ ଖୋଲି ସେ ଦେଖିଲା ଓ୍ୱାଲ୍ଟରର ମା ଆସିଛି । ତା ମା ଦେଖିବାକୁ ବେଶ୍ ବୁଢ଼ୀ, କଳା ଟୋପି ମୁଣ୍ଡରେ ଦେଇ କଳାଶାଲଟାଏ ଦେହରେ ଘୋଡେଇ ହୋଇଛି, ବୟସ ଷାଠିଏ ପାଖା ପାଖି, ମୁହଁରେ ମଳିନ ଭାବ, ମୁହଁ ଶୁଖିଯାଇଛି, ଆଖି ଦୁଇଟି ନିଷ୍ପ୍ରଭ ନେଳିଆ, ମୁହଁସାରା ଚମ ସବୁ ଜାକିମାକି ହୋଇଯାଇଛି, ଆଉ ମୁହଁରେ କେମିତିକା ଏକ କାନ୍ଦ କାନ୍ଦ ଭାବ ।

ସେ ଘର ଭିତରକୁ ପଶି ଆସି ଏଲିଜାବେଥ୍ ଆଡକୁ ମୁହଁ ବୁଲାଇ ଚାହିଁଲା, ବଡ଼ ବ୍ୟସ୍ତହୋଇ, ତାପରେ କହିଲା,

“ଲିଜି, ଏବେ କଣ ହେବ କହିଲୁ, ହେ ଭଗବାନ କ'ଣ ହେବ ?” ଏଲିଜାବେଥ୍ ବୁଢ଼ୀଆଡକୁ ବୁଲି ତା ମୁହଁକୁ ସିଧା ଚାହିଁ ପଚାରିଲା ।

‘କ'ଣ ହେଲା ମା !’

ବୁଢ଼ୀ ଚୌକି ଉପରେ ବସିଲା, ମୁଣ୍ଡ ଧିରେ ଧିରେ ହଲାଇ ହଲାଇ-ବଡ ବ୍ୟସ୍ତ ହେଲା ପରି ସେ କହିଲା,

“ମୁଁ କିଛି ଜାଣିପାରୁନି, କି କିଛି ବି ଜାଣିନି, କଣ ହେଉଛି କେଜାଣି !”

ଏଲିଜାବେଥ୍ ତା ଆଡ଼କୁ ଅନେଇ ତାକୁ ଦେଖିବାକୁ ଲାଗିଲା । ବୁଢ଼ୀ କଥାରେ ସେ ବ୍ୟସ୍ତ ହେଲେ ବି ମନେ ମନେ ତାକୁ ଯେମିତି ଭାରି ଚଡ଼ି ମାଡୁଥିଲା ।

ବୁଢ଼ୀ ପୁଣି ଦୀର୍ଘନିଃଶ୍ୱାସ ପକେଇ କହିଲା, “କଣ ହେବ କେଜାଣି, ମୋ ଦୁଃଖର ଆଉ ଶେଷ ନାହିଁ, ଭଗବାନ ! ମୋ ଦୁଃଖ କଣ ଶେଷ ହେବନି ! ଯେତେ ଦୁଃଖ ଭଗବାନ ମତେ ଦେଲେଣି, ସେ ତ ବହୁତ ହେଲାଣି, ଆଉ କାହିଁକି ?” କହୁ କହୁ ବୁଢ଼ୀ କାନ୍ଦି ପକାଇଲା, ଲୁହ ଧାର ଧାର ହୋଇ ତା ଗାଲ ଉପରେ ବୋହିଗଲା, ସେ ତାକୁ ହାତରେ ପୋଛିଲା ବି ନାହିଁ ।

ଏଲିଜାବେଥ୍ ବଧା ଦେଇ କହିଲା, “କାହିଁକି ମା. ତମେ ଏମିତି କାନ୍ଦୁଛ ? କଣ ହୋଇଛି, ତମେ କଣ କହୁଛ ମୁ କିଛି ବୁଝିପାରୁନି ?”

ବୁଢ଼ୀ ଧିରେ ଧିରେ ଲୁହ ପୋଛିଲା ତା ଅଖିରୁ । ଏଲିଜାବେଥର କଥା ଶୁଣି ବୁଢ଼ୀ ଅଖିରୁ ଲୁହ ବୋହିବା ବନ୍ଦ ହୋଇଗଲା । ସେ ଆଖି ପୋଛି ପୋଛି କାନ୍ଦ କାନ୍ଦ ହୋଇ କହିଲା ।

Digitized by srujanika@gmail.com

'ତୁ ବାପ୍ପାଣ ଏବେ କଣ କରିବୁ ? ମୁଁ ବ ବୁଝିପାରୁନ, ଆମେ ସମସ୍ତେ କଣ କରିବା, ହେ ଭଗବାନ ! ଆମକୁ ରକ୍ଷାକର !'' ଏଲିଜାବେଥ୍ ନିଜ ସମସ୍ତ ଚୁପଚାପ ବସି ରହି ବୁଢ଼ୀକୁ ଲକ୍ଷ୍ୟ କଲା ତାପରେ ସେ ହଠାତ୍ ପଚାରିଲା ।

'ମା, ସେ କ'ଣ ମରିଗଲେ !' ଏକଥା କହିଦେଇ ତା ଛାତି ଭିତରଟା ଥରି ଉଠିଲା, ନିଜ ପ୍ରଶ୍ନ ପଚାରିବା ଢଙ୍ଗରେ ସେ ଲଜ୍ଜିତ ହୋଇଗଲା, ତା କଥା ଶୁଣି ବୁଢ଼ୀ ବ କେମିତି ଡରିଗଲା, ତା ମନ ଭିତରଟା ଗୁରୁ କରି ହୋଇଗଲା ଭୟରେ, ସେ କହିଲା ।

"ଲିଜ, ତୁ ସେମିତି କହନା ଲୋ ! ଆମର ଏତେ ବଡ଼ କ୍ଷତି ନ ହେଉ, ଭଗବାନ ଆମକୁ ସେଥିକରୁ ରକ୍ଷା କରନ୍ତୁ । ଜ୍ୟାକ୍ ଗଲେ ଏଇ ଟିକିକ ଆଗରୁ ଆସି ମତେ ସବୁ କହିଯାଇଛି । ମୁଁ ଶୋଇବାକୁ ଯିବା ଆଗରୁ ଘର ଝରକା ପାଖରେ ବସି ବାହାରକୁ ଚାହିଁଥିଲି । ସେ ତରତର ହୋଇ ଆସି ମତେ କହିଲା, 'ମାଉସୀ, ତମେ ଟିକିଏ ବେଟ୍ ଘରକୁ ଯାଇ ତା ସ୍ତ୍ରୀ ପାଖରେ ଥାଅ, ବେଟ୍‌ର ଗୋଟାଏ ଆକ୍‌ସିଡେଣ୍ଟ ହୋଇଛି, ଆମେ ସବୁ ବେଟ୍‌କୁ ନେଇ ଘରକୁ ଆସିବା ପର୍ଯ୍ୟନ୍ତ ତମେ ଟିକେ ଯାଇ ତା ପାଖରେ ରୁହ । ମୁଁ ତାକୁ କିଛି କଥା ପଚାରିବା ଆଗରୁ ସେ ପଳେଇଗଲା । ଆଉ ମୁଁ ତ ତା ପଛେ ପଛେ ସିଧା ତୋ ପାଖକୁ ଚାଲି ଆସିଲି, ମୁଁ ଭାବିଲି ଓ୍ୱାଲ୍‌ଟର କଣ ହୋଇଛି କେଜାଣି, ତୁ ଏକୁଟିଆ ହଠାତ୍ ତା ଆକ୍‌ସିଡେଣ୍ଟ କଥା ଶୁଣି ମନରେ କାଳେ ଭୟ କରିବୁ । ତୋର କଥା ଭାବି ମୁଁ ସାଙ୍ଗେସାଙ୍ଗେ ଏଠିକି ଚାଲି ଆସିଲି । ଲିଜ, ତୁ ବ୍ୟସ୍ତ ହୋଅନା, ତୁ କଣ ଜାଣିଛୁ, କଣ ହେଇଛି ? କେତେଦିନ ହେଲା ସେ ଏମିତି ମଦ ଖାଇଲାଣି ? କେତେମାସ ହେଲା ? ପାଞ୍ଚ ନା ଛଅ ମାସ ହେଲା ସେ ଖାଇଲାଣି କହିଲୁ ?''
ବୁଢ଼ୀ ମୁଣ୍ଡ ହଲେଇ ହଲେଇ ପୁଣି କହିଲା 'ହେ ଭଗବାନ ! କଅଣ ଏମିତି ସବୁ ହେଉଛି ? ବେଳ ଏମିତି ବଦଳୁଛି କାହିଁକି ? ଯା ହେବାକୁ ଅଛି ହେଉ ।''

ଏଲିଜାବେଥ୍ ବୁଢ଼ୀର କଥା ଶୁଣୁ ନ ଥିଲା, ତାର ମନ ଆତୁର କ'ଣ କ'ଣ ସବୁ ଭାବିବାରେ ଲାଗିଥିଲା । ସେ ଭାବୁଥିଲା, ଯଦି ତା ସ୍ୱାମୀ ସତରେ ମରିଯାଇଥିବ ଆକ୍‌ସିଡେଣ୍ଟରେ, ତେବେ ସେ କଣ ତା ସ୍ୱାମୀର ପେନ୍‌ସନ୍ ଟଙ୍କା ଓ ତା ନିଜର ଯାହା କିଛି ସାମାନ୍ୟ ରୋଜଗାର ହେବ ସେ ଟଙ୍କାରେ ଚଳିପାରିବ ? ତା ମନର ଭାବନାର ସ୍ରୋତରେ ଯେମିତି ପର ଲାଗି ଯାଇଥିଲା । ଆଉ ସେ ଯଦି ଝଣ୍ଡିଆ ଖାବଗ ହୋଇ ତା ହାତ କି ଗୋଡ଼ କି ଆଉ କଣ ଭାଙ୍ଗିଥାଏ, ତେବେ ବ ତ ସେମାନେ ତା ସ୍ୱାମୀକୁ ହସ୍‌ପିଟାଲକୁ ନେବେ ନାହିଁ, ଘରେ ତାର ସେବା କରିବା କେତେ ହଇରଣ ! କିନ୍ତୁ ସେମିତି ହେଲେ ଅନ୍ତତଃ ସେ ତା ସ୍ୱାମୀକୁ ମଦଖାଇବା, ଆଉ ଏମିତି ବାରଂବାର ରାସ୍ତାକଡରେ ମଦୁଆଙ୍କ ଘର ଏଠ ସେଠି ପଡ଼ି ରହିବାରୁ ତ ବନ୍ଦ କରିପାରିବ !

Digitized by srujanika@gmail.com

ଯେତେବେଳେ ଓ୍ୱାଲ୍ଟର ଦେହ ଖରାପ ହୋଇ ପଡ଼ି ରହିବ ସେତେବେଳେ ତାକୁ ମଦଖାଇବାରୁ ରକ୍ଷାକରିବା ଟିକେ ସହଜ ହେବ । ଏଇ କଥା ଭାବି, ଅଉ ଓ୍ୱାଲ୍ଟରର ସେବା କରିବା ଛବି ତା ମନରେ ଅସି ତା ଆଖିର ଲୁହ ଜକେଇ ଆସିଲା । କିନ୍ତୁ ଏମିତି କାନ୍ଦି ବସିଲେ ତ ଚଳିବନି. କାନ୍ଦିବା ତ ତା ପକ୍ଷରେ ବଡଲୋକିର ଶୋଭା । ପିଲାଙ୍କ କଥା ତାର ମନେ ପଡ଼ିଲା । ପିଲାମାନଙ୍କ ପାଇଁ ଯାହା ହେଲେ ବି ତାକୁ ବଞ୍ଚିରହିବାକୁ ହେବ, ପିଲା ଦୁଇଟାଙ୍କୁ ତ ପୁଣି ସେ ମଣିଷ କରିବ !

“ହଉ । କଣ ହେଉଛି” ବୁଢ଼ୀ ପୁଣି ମନକୁ ମନ କହିଲା, “ମନେ ପଡ଼ୁଛି ଏଇ ଯେମିତି ଗଲା ହପ୍ତାହରେ ଓ୍ୱାଲ୍ଟ ତା ଦରମା ଅଣି ମୋତେ ଦେଇଥିଲା । ବୁଝିଲୁ, ଲିଜି, ସେ ଭାରି ଭଲ ପିଲା ଥିଲା, ଭାରି ଭଲ, କ'ଣ ତାର ହେଲା । କାହିଁକି ସେ ଏମିତି ହତାଶ ଗଲା କେଜାଣି । ମୁଁ ବା ଏବେ କେମିତି କ'ଣ ଜାଣି ପାରିବି ? ସେ ତ ମୋ ପାଖରେ ଥିଲାବେଳେ ଭାରି ଖୁସିବାସି ଥିଲା, ଥିଲା ଅତି ଚଞ୍ଚଳ, ଅତି ସରଳ । ତାର ଦୁଷ୍ଟାମୀ ଯେ ନ ଥିଲା ତା ନୁହେଁ, ମୋ ପାଖରେ ସେ ଦୁଷ୍ଟାମୀ ବି ତ କରୁଥିଲା । କିନ୍ତୁ ସେ ଏମିତିକା ହୋଇ ନ ଥିଲା ହେ ଭଗବାନ ! ତାକୁ ରକ୍ଷା କର, ତା ଜୀବନକୁ ସଜାଡ଼ିବା ପାଇଁ ଏଇ ଥରକ ପାଇଁ ତାକୁ ସୁଯୋଗ ଦିଅ । ହେ ଭଗବାନ, ଏଇ ଥରକ ଥରେ ମୋ ଡାକ ଶୁଣ । ଏଲିଜାବେଥ୍, ମୁଁ ଜାଣେ ତୋ ସାଙ୍ଗେ ସେ ମଝିରେ ମଝିରେ ଝଗଡ଼ା କରୁଥିବ, କିନ୍ତୁ ମୋ ପାଖରେ ଥିଲାବେଳେ ସେ ଏମିତି ନ ଥିଲା, ଭାରି ମନଖୁସିଆ, ଖେଳାମେଳା ପିଲାଟିଏ ଥିଲା । ମୁଁ ଜାଣି ପାରୁନି, ସେ ପୁଣି ଏମିତି କେମିତି ହେଲା........”

ବୁଢ଼ୀ କଥା କହୁ କହୁ ଗୋଟାଏ ଅତି ଏକସୁରିଆ ବିରକ୍ତିକର ସ୍ୱରରେ କ୍ରମେ ଜୋରରେ କାନ୍ଦିବାକୁ ଲାଗିଲା । ଏଲିଜାବେଥ ସେତେବେଳକୁ ନିଜ ଭାବନାରେ ବୁଡ଼ି ଯାଇଥିଲା । ଦୂରରେ ଖଣି ପାଖ ଇଂଜିନର ହୁଇସିଲ ଶବ୍ଦ ଶୁଣି ସେ ଚମକି ପଡ଼ି ସେଇଆଡ଼କୁ କାନେଇଲା । ଇଂଜିନର ଶବ୍ଦ ଧିରେ ଧିରେ ମିଳେଇଗଲା । ମିଳେଇ ଯାଉଥିବା ଶବ୍ଦକୁ ଶୁଣୁ ଶୁଣୁ ସେ ଅନ୍ୟମନସ୍କ ହୋଇ ଯାଇଥିଲା । ବୁଢ଼ୀ କିନ୍ତୁ ଏ ସବୁ କିଛି ଜାଣି ପାରୁ ନ ଥିଲା । ଏଲିଜାବେଥ୍ ମନକୁ ପାପ ଛୁଇଁଥାଏ, ତା ମନର ଭାବନାରେ ପଥରର ବୋଝ, ସେ ଯେମିତି କାହାକୁ କି କି ଏକ ଅଘଟଣାକୁ ଅପେକ୍ଷା କରୁଥିଲା । ବୁଢ଼ୀ ମଝିରେ ମଝିରେ ମନକୁ ମନ କଣ କହି ଚୁପ୍ ହୋଇ ଯାଉଥାଏ । କିଛି ସମୟ ପରେ ସେ କହି ଉଠିଲା “ବୁଝିଲୁ ଲିଜି, ସେ ତ ତୋର ପୁଅ ନୁହେଁ, ତୁ କେମିତି ତାର ସବୁ କଥା ବୁଝି ପାରିବୁ ? ନିଜପିଲାର କଥା ମା ବୁଝିବା, ଅଉ ବାହାର ଲୋକ ବୁଝିବା ଭିତରେ ତଫାତ୍ ଅଛି । ସେ ଆଜି ଯାହା ହେଲେ ବି, ମୁଁ ତାକୁ ତା ଏତିକି ଟିକିଏ ଦିନୁ ଜାଣିଛି, ଆଉ ସେଇଦିନରୁ ବି ତା ଭଲମନ୍ଦ ଗୁଣ ଜାଣି ତାକୁ

Digitized by srujanika@gmail.com

ବଢ଼େଇ ଆଣିଛୁ, ତା ପ୍ରତି ନରମ ହେବାକୁ ଚେଷ୍ଟା କରୁଛୁ । ତେବେ ସେମିତି ମୋ ପରି ନରମ ହେବାକୁ ହେବ । ତାର କେତେ ଗୁଡ଼ାଏ ଗୁଣ ପାଇଁ ତୁ ବିରକ୍ତ ହେଲେ ବି ସେ ସବୁକୁ ତତେ ସହିବାକୁ ପଡ଼ିବ........ ।"

ସେତେବେଳକୁ ସାଢ଼େ ଦଶଟା ବାଜିଲାଣି, କାନ୍ଥ ଘଣ୍ଟାରେ । ତେବେ ବି ବୁଢ଼ୀ କହି ଚାଲିଥାଏ "ଏବେ ଯାହା ଅବସ୍ଥା ସେଥିରେ ତ ମୂଳରୁ ଶେଷ ପର୍ଯ୍ୟନ୍ତ ଗୋଳମାଳ ପଶିଛି, ସେଥିରେ ଏ ସବୁ ବୁଝିବାକୁ ଲୋକ ତ ବ୍ୟସ୍ତ ହେଉନି । ଏସବୁ ଜାଣିବାକୁ ବୁଝିବାକୁ ତୁ ଏବେ ବି ଛୋଟ । ଜୀବନର ଅନୁଭୂତି ବା ଅଭିଜ୍ଞତା ତୋର ବା କେତେ !"

ହଠାତ୍ ବାହାର ଗେଟ୍ ଖୋଲିବାର ଶବ୍ଦ ଶୁଣାଗଲା ଏବଂ ବାହାରେ କାହାର ଭାରି ପାଦ ଶବ୍ଦ ପାହାଚ ଉପରୁ ଘର ଆଡ଼କୁ ଆସୁଥିବାର ଜଣାଗଲା । ବୁଢ଼ୀ ତା ବସିବା ଜାଗାରୁ ଉଠୁ ଉଠୁ ପାଟି କରି ଉଠିଲା "ଲିଜି, ମୁଁ ବାହାରକୁ ଯାଇ ଦେଖେ କଣ ହୋଇଛି", କିନ୍ତୁ ସେତେବେଳକୁ ଏଲିଜାବେଥ୍ ନିଜେ କବାଟ ପାଖକୁ ଯାଇ ସାରିଥାଏ । ସେ କବାଟ ଖୋଲିଲା, ଖଣି ପୋଷାକ ପିନ୍ଧିଥିବା ଲୋକଟିଏ ଠିଆ ହୋଇଥାଏ ବାହାରେ । ସେ ଲୋକ କହିଲା ।

"ସେମାନେ ତାକୁ ନେଇ ଆସୁଛନ୍ତି" ଏଲିଜାବେଥ୍‌ର ଛାତି ଭିତରେ କଣ ଗୋଟାଏ ସେମିତି ଅଟକି ଗଲା, କିଛିଏ ବେଳ, ତାପରେ ସେଇଟା ତା ଛାତିରୁ ବାହାରି ତାକୁ ଅଣନିଃଶ୍ୱାସି କରି ପକେଇଲା । ସେ ପଚାରିଲା,

"କିଏ ତାଙ୍କୁ ଆଣୁଛନ୍ତି, କଣ ହୋଇଛି ତାଙ୍କର ?" ସେତେବେଳକୁ ଲୋକଟି ମୁହଁ ବୁଲେଇଲାଣି ଯିବାପାଇଁ, ସେ ଆଗର ଅନ୍ଧାର ଆଡ଼କୁ ଚାହିଁ କହିଲା ;

"ଡାକ୍ତର କହୁଛନ୍ତି ଯେ ସେ କେତେବେଳେରୁ ମରିଗଲେଣି ବୋଲି । ଆମେ ତାକୁ ଲ୍ୟାମ୍ପ କ୍ୟାବିନ ପାଖରେ ପଡ଼ିଥିବାର ଦେଖିଲୁ", ୱାଲ୍ଟରର ମା ଏଲିଜାବେଥ୍ ପଛରେ ଠିଆ ହୋଇ ଶୁଣୁଥିଲା । ସେ ପାଖ ଚୌକି ଉପରକୁ ପଡ଼ିଯାଇ, ଦୁଇ ହାତରେ ମୁହଁକୁ ଢାଙ୍କି ଜୋରରେ କାନ୍ଦି ଉଠିଲେ "ହେ ଭଗବାନ ! ମୋ ପୁଅର କଣ ହେଲା ! ମୋ ପୁଅର କଣ ହେଲା !",

ଏଲିଜାବେଥ୍ ଚିଡ଼ିଯାଇ ବୁଢ଼ୀକୁ ଗାଳିଦେଲା,

"ମା ! ଚୁପ୍ ହୁଅ ! ଥିର ହୋଇ ସେଇଠି ବସ, ପାଟିକରି ତମେ ଆଉ ପିଲାଙ୍କୁ ଉଠାଅ ନାହିଁ । ସେମାନେ ଶୋଇଥାନ୍ତୁ, ଉଠିକି ଆସି ଏସବୁ ତାଙ୍କର ଦେଖିବା ଦରକାର ନାହିଁ ।"

Digitized by srujanika@gmail.com

"

ବୁଢ଼ୀ ଧିରେ ଧିରେ ହୁଁକି ହୁଁକି ଉଁ ଉଁ ହୋଇ କାନ୍ଦିବାରେ ଲାଗିଲା । ଲୋକଟା ଗୁଳିଯିବାକୁ ବାହାରିଲା । ଏଲିଜାବେଥ୍ ବାହାରକୁ ଯାଇ ତାକୁ ପଚାରିଲା, "କଣ ହୋଇଛି ତାଙ୍କର ?"

ଲୋକଟି କଣ କହିବ ଭାବି ନ ପାରି କହିଲା, "ମୁଁ ତ ଠିକ୍ ଭାବରେ ଜାଣି ନାହିଁ ! ଆମେ ସବୁ ଘରକୁ ଫେରି ଯାଉଥିଲୁ, ଆଉ ସମସ୍ତେ ବି ଯାଇ ସାରିଥିଲେ । କିନ୍ତୁ ସେ ଫେରିବା ବେଳେ କୂଆଡ଼େ ତା ଉପରେ ବୋଝେଇ କୋଇଲା ଡବା ଖସି ପଡ଼ିଲା ।"

ବୁଢ଼ୀ, ଜୋରରେ କାନ୍ଦି ଉଠି କହିଲା "ତେବେ ସେଇଥିରେ ତ ସେ ଚାପି ହୋଇ ଯାଇଥିବ !"

"ନାଁ, ଡବାଟା ତା ପଛପଟେ ଖସି ପଡ଼ିଲା ସେ ଖଣି ଭିତରୁ ବାହାରି ଖଣି ମୁହଁ ପାଖରେ ହୋଇଥିଲା । ଡବାଟା ଖଣି ମୁହଁ ଉପରେ ପଡ଼ିଯିବାରୁ ଗାତ ଭିତରେ ତାର ନିଃଶ୍ୱାସ ରୁନ୍ଧ ହୋଇଗଲା ।"

ଏଲିଜାବେଥ ଏକଥା ଶୁଣି କାଠ ପଡ଼ିଗଲା । ସେ ପଟରୁ ତା ଶାଶୁ ପାଟି କରୁଥିବାର ଶୁଣିପାରିଲା, "କଣ ହେଲା ! କଣ ହେଲା !"

ଲୋକଟି ପାଟି କରି ଜୋରରେ କହିଲା "ତା ଶ୍ୱାସ ରୁନ୍ଧ ହୋଇଗଲା ।" ତା କଥା ଶୁଣି ବୁଢ଼ୀ ପୁଣି ଜୋରରେ କାନ୍ଦି ଉଠିଲା । ଏଲିଜାବେଥ ଶାଶୂ ଉପରେ ହାତ ପକାଇ କହିଲା, "ମା, ତମେ ପାଟିକରି କାନ୍ଦନି, ପିଲାମାନେ ଉଠି ପଡ଼ିବେ । ତମେ ପିଲାଙ୍କୁ ଉଠାଅନି, ଏତେ ପାଟି କରି କାନ୍ଦନି ।"

ସେ ବି ନିଜ ଅଜାଣତରେ କାନ୍ଦି ପକାଇଲା, ବୁଢ଼ୀ ବସି ସେମିତି ଧିରେ ଧିରେ କହିଁ କହିଁ ହୋଇ କାନ୍ଦୁଥାଏ, ଏଲିଜାବେଥ ଭାବିଲା ସେମାନେ ତ, ତା ସ୍ୱାମୀକୁ ଘରକୁ ନେଇ ଆସିବେ, ସେଥିପାଇଁ ଆଗରୁ ସବୁ ସଜାଡ଼ିବା ଦରକାର । ସେ କଣ କରିବ ଭାବି ନ ପାରି କିଛିକ୍ଷଣ ସେମିତି ଠିଆ ହୋଇ ଭାବିଲା, ତା ମୁହଁ ଶୁଖି ଶୋଷା ପଡ଼ିଯାଇଥାଏ, ସେ ନିଜକୁ ନିଜେ କହିଲା, "ସେମାନେ ଆଣିଲେ ତାଙ୍କୁ ଏଇ ଖାଇବାଘର ଚଟାଣ ଉପରେ ଶୁଆଇବେ ।"

ତାପରେ ସେ ଗୋଟାଏ ମହମବତୀ ଲଗେଇ ତା ଛୋଟିଆ କୋଠରି ଭିତରକୁ ଗଲା । ଘରଟା ଓଦାଳିଆ, ଥଣ୍ଡାଥଣ୍ଡିଆ ଲାଗୁଥାଏ, ପବନ ବି ଥଣ୍ଡା ଲାଗୁଥାଏ । କିନ୍ତୁ ସେ ନିଆଁ ଲଗେଇ ଘରଟାକୁ ଗରମ କରି ପାରିଲା ନାହିଁ । ସେ ଘରେ ଚୁଲି ନ ଥିଲା ଘରକୁ ଗରମ କରିବା ପାଇଁ । ସେ ମହମବତୀ ଗୋଟିଏ ଜାଗାରେ ବସେଇ ଦେଇ

ଘରର ଚାରିଆଡ଼କୁ ଚାହିଁଲା । ମହମବତୀ ଆଲୁଅ ଖାଇବା ଟେବୁଲ ଉପରର ଫୁଲଦାନୀ ଦୁଇଟାରେ ଖଂଜା ହୋଇଥିବା କାଚ ଉପରେ ପଡ଼ି ଜକ୍ ଜକ୍ କରୁଥାଏ । ଫୁଲଦାନୀ ଦୁଇଟାରେ ଗୋଲାପି ଚନ୍ଦ୍ରମଲ୍ଲିକା ରଖା ହୋଇଥିଲା । ଘର ଭିତରଯାକ ଚନ୍ଦ୍ରମଲ୍ଲିକାର ଶୁଷ୍କ, ଜୀବନହୀନ ଗନ୍ଧ । ଏଲିଜାବେଥ ପାଖରେ ଛିଡ଼ାହୋଇ ଫୁଲଗୁଡ଼ିକୁ ଅନେଇଲା । ତାପରେ ସେ ବୁଲିପଡ଼ି ଦେଖିଲା ତା ସ୍ୱାମୀକୁ ଘରର ଚଟାଣ ଉପରେ ଚୌକି ଆଉ ଆଲମାରି ମଝିରେ ଶୁଆଇ ହେବ କି ନାହିଁ । ଚୌକି ଗୁଡ଼ାକ ସେ ଗୋଟାଏ ପାଖକୁ ଘୁଞ୍ଚାଇ ଦେଲା । ଏଥର ୱାଲ୍ଟରକୁ ଚଟାଣ ଉପରେ ଶୁଆଇବାକୁ ଜାଗା ହେବ ଓ ତା ପାଖରେ ଯିବା ଆସିବା କରିବାକୁ ବି ବାଟ ରହିବ । ସେ ତା ନାଲି ଟେବୁଲ କ୍ଲଥ ଓ ଆଉ ଗୋଟାଏ ପୁରୁଣା ଲୁଗା ଆଣି ଚଟାଣ ଉପରେ ବିଛାଇ ଦେଲା । ଖାଇବାଘର ଛାଡ଼ି, ବାହାରକୁ ଆସିଲା ବେଳେ ଥରଥରେଇ ତାର ଦୀର୍ଘନିଃଶ୍ୱାସ ବାହାରି ପଡ଼ିଲା, ଘରର ଚଟାଣକୁ ଚାହିଁ ଚାହିଁ ସେ ପଦାକୁ ଆସିଲା, ୱାଲ୍ଟରର ଗୋଟାଏ ସଫା ସାର୍ଟ ନେଇ ସେ ରୋଷେଇଘର ଚୁଲି କାନ୍ଥ ଉପରେ ଶୁଖାଇ ଦେଲା । ସେ ପର୍ଯ୍ୟନ୍ତ ତା ଶାଶୁବୁଢ଼ୀ ବସି ଉଁ ଉଁ ହୋଇ କାନ୍ଦୁଥାଏ ।

ଏଲିଜାବେଥ୍ କହିଲା, "ମା ତମେ ସେଠୁ ଉଠିଆସ, ସେମାନେ ତାଙ୍କୁ ଆଣି ଏଠି ଶୁଆଇବେ, ତମେ ଏ ରୋଷେଇ ଘର ଚୁଲି ପାଖକୁ ଚାଲି ଆସି ବସ" ।

ଶାଶୁବୁଢ଼ୀ କିଛି ନ କହି ଯନ୍ତ୍ରପରି ଉଠିଯାଇ ନିଆଁ ପାଖରେ ବସି ପୁଣି ସେମିତି କାନ୍ଦିବାରେ ଲାଗିଲା, ଏଲିଜାବେଥ ଷ୍ଟୋର ଘରଭିତରକୁ ଗଲା ଆଉ ଗୋଟାଏ ମହମବତୀ ଆଣିବାକୁ । ସେତିକିବେଳେ ତା ଘରର ଖୋଲାଛାତ ତଳେ ପାରାପେଟ ପାଖରେ ସେ ଶୁଣିବାକୁ ପାଇଲା ଆସୁଥିବା ଲୋକମାନଙ୍କ ପାଦଶବ୍ଦ । ଷ୍ଟୋର ଘରର କବାଟ ପାଖରେ ସ୍ଥିର ହୋଇ ଠିଆ ହୋଇ ସେ ଟିକେ ଶୁଣିଲା । ସେମାନଙ୍କ ଖଚବୁହା, ଅଖାଡ଼ୁଆ ପାଦଶବ୍ଦ ବଗିଚା ଭିତରୁ ଆସି ତା ଘରର ପାହାଚ ଉପରକୁ ଚଢ଼ିବାର ଶୁଣାଗଲା । ଖସ ଖସ ଦପ୍ ଦପ୍ ପାଦଶବ୍ଦ ସାଙ୍ଗକୁ ଶୁଭୁଥାଏ କିଛି ଅସ୍ପଷ୍ଟ, ଚୁପ୍‌ଚାପ କଥାବାର୍ତ୍ତା ବି । ବୁଢ଼ୀ ପୁରାପୁରି ଚୁପ ହୋଇଯାଇଥାଏ । ଲୋକମାନେ ଘରର ଭିତର ଦୁଆରକୁ ଆସିଲେ । ତାପରେ ଏଲିଜାବେଥ ଖଣି ମ୍ୟାନେଜର ମାଥ୍ୟୁଙ୍କୁ କହିବାର ଶୁଣିଲା,

"ଜିମ୍, ତମେ ଆଗ ଭିତରକୁ ଯାଅ । ଦେଖ କ'ଣ ବ୍ୟବସ୍ଥା ହୋଇଛି ।"

ସେମାନେ କବାଟ ଖୋଲି ଭିତରକୁ ଆସିଲେ, ଏଲିଜାବେଥ ଓ ତା ଶାଶୁବୁଢ଼ୀ ଦି, ଜଣ ଯାକ ଦେଖିଲେ, ଜଣେ ଶ୍ରମିକ ଗୋଟାଏ ଷ୍ଟ୍ରେଚରର ଗୋଟାଏ ମୁଣ୍ଡକୁ ଧରି ପଛେଇ ପଛେଇ ଅଗକୁ ଆସୁଛି । ଷ୍ଟ୍ରେଚର ଉପରୁ ସେମାନେ ୱାଲ୍ଟରର ଗୋଡ଼ରେ ଥିବା ଟେଁ-ପିନ୍ଧା କଣ୍ଟାବାଡ଼ୁଆ ଜୋତାକୁ ଦେଖିପାରୁଥିଲେ, ଷ୍ଟ୍ରେଚର ଧରିଥିବା ଦୁଇ ଜଣ

Digitized by srujanika@gmail.com

ଶ୍ରମିକ ଟିକିଏ ଅପେକ୍ଷା କରି ଠିଆହେଲେ, ଖଣି ମ୍ୟାନେଜର ଖାଇବାଘର କବାଟ ପାଖକୁ ଆସି ପଚାରିଲେ,

"ଓ୍ୱାଲ୍ଟଙ୍କୁ ତୁମେ କୋଉଠି ରଖିବ ?"

ମ୍ୟାନେଜର ଦେଖିବାକୁ ଗେଡା ହୋଇ ଧଳା ଦାଢ଼ିଆ ଲୋକଟିଏ, ଏଲିଜାବେଥ ଷ୍ଟୋରଘର ଭିତରୁ ଅଜଳା ମହମବତୀଟାଏ ନେଇ ସେଠାରେ ପହଞ୍ଚିଥିଲା, ସେ କହିଲା,

"ଏଇ ଖାଇବାଘର ଚଟାଣ ଉପରେ ତାଙ୍କୁ ରଖ"

ମ୍ୟାନେଜର ହାତ ଦେଖାଇ କହିଲା,

"ଏଇ ଭିତରେ ଆଣି ରଖ ଜିମ୍ ।"

ଷ୍ଟ୍ରେଚର ଧରିଥିବା ଲୋକ ଦୁଜଣ ସେ ଛୋଟିଆ ଘର ଭିତରକୁ ପଶିଲେ । ଓ୍ୱାଲ୍ଟ ଉପରେ ଘୋଡ଼ା ହୋଇଥିବା କୋଟଟା ଖସିପଡ଼ିଲା, ସେମାନେ ଅବାଗିଆ କରି ତାଙ୍କୁ ଘର ଭିତରକୁ ନେଇଗଲାବେଳେ । ସ୍ତ୍ରୀଲୋକ ଦୁ'ଜଣ ଓ୍ୱାଲ୍ଟର ଅଣ୍ଟା ପର୍ଯ୍ୟନ୍ତ ଖୋଲା ଦେହକୁ ଦେଖିପାରିଲେ । ତା ଦେହସାରା କୋଇଲା ଗୁଣ୍ଡର କଳା କଳା ଦାଗ । ସେ କାମରୁ ଫେରୁଥିଲା । ବୁଢ଼ୀ ଭୟରେ ପୁଣ କାନ୍ଦିବାକୁ ଆରମ୍ଭ କଲା ଧିର ଗଳାରେ ।

ଖଣି ମ୍ୟାନେଜର ପୁଣି ଚଟ୍କରି ପାଟି କରି ଉଠିଲା,

"ଷ୍ଟ୍ରେଚରଟାକୁ ଗୋଟାଏ ପାଖକୁ ରଖ, ଆଉ ତାଙ୍କୁ ସେ ବିଛା ହୋଇଥିବା ଗୁଦର ଉପରେ ଶୁଆଇଦିଅ । ବୁଝିଲ, ଭଲ କି ଦେଖିକି ରଖ" ।

ଜଣେ ଶ୍ରମିକ ଟେବୁଲ ଉପରେ ଥିବା ଚନ୍ଦ୍ରମଲ୍ଲିକା ଫୁଲଦାନୀରେ ଧକ୍କା ଖାଇବାରୁ ସେଇଟା ତଳକୁ ପଡ଼ିଗଲା । ସେ ଭୟରେ ବାହାରକୁ ଚାହିଁଲା । ତାପରେ ସେମାନେ ଷ୍ଟ୍ରେଚରଟା ତଳେ ରଖିଲେ । ଏଲିଜାବେଥ ତା ସ୍ୱାମୀଆଡ଼କୁ ଜମା ଚାହିଁପାରିଲାନାହିଁ । ସେଇ ଘର ଭିତରକୁ ପଶି ପ୍ରଥମେ ଯାଇ ସେ ଭଙ୍ଗା ଫୁଲଦାନୀଟାକୁ ଫୁଲ ସହିତ ଉଠାଇନେଲା ଓ ଉଠିଉଠି ସେ ଶ୍ରମିକ ଦୁ' ଜଣଙ୍କୁ କହିଲା,

"ଟିକେ ରୁହ ।"

ସେମାନେ ତିନିଜଣ ଠିଆ ହୋଇ ରହିଲେ, ସେ ତଳେ ଢାଳିଥିବା ଫୁଲଦାନୀର ପାଣି ଆଉ କାଚଖଣ୍ଡସବୁ ପୋଛି ସଫା କରିଦେଲା, ମ୍ୟାନେଜର ଅସ୍ଥିର ଓ ହତବୁଦ୍ଧି ହୋଇ ତା ଆଖିପତାର ବାଳକୁ ଆଉଁସି ଆଉଁସି କହିଲେ, "ବଡ଼ ଆଶ୍ଚର୍ଯ୍ୟ କଥା, କେମିତି ଏମିତି ଘଟିଲା, ମୁଁ କିଛି ବୁଝି ପାରୁନାହିଁ । ମୋ ଜୀବନରେ ଏମିତି

Digitized by srujanika@gmail.com

କେଉଁଠି ହୋଇଥିବାର ମୁଁ ଜାଣେନା ସେ ଖଣି ଭିତରେ କେମିତି ରହିଗଲା ସମସ୍ତେ ଅସି ପାରିବା ପରେ ? କୋଇଲା ବୋଝେଇ ଡବାଟା କେମିତି ବା ତା ଉପରେ ପଡ଼ିଲା କେଜାଣି ? ଆଉ ସେ କେମିତି ନିଶ୍ୱାସ ବନ୍ଦ ହୋଇ ମରିଗଲା ତା ବି ବଡ଼ ଆଶ୍ଚର୍ଯ୍ୟର କଥା ।”

ସେ ଓ୍ୱାଲ୍‌ଟରର ମୃତ ଦେହ ଆଡ଼କୁ ଚାହିଁଲା, ଓ୍ୱାଲଟରର ଉଲଙ୍ଗ ଦେହ ଅଧାମୁକୁଳା ହୋଇ କୋଇଲାଗୁଣ୍ଡର ଛପ ଲାଗି ଚଟାଣଉପରେ ରଖାହୋଇ ଥାଏ ମ୍ୟାନେଜରର ପ୍ରତି କହିଲେ ।

“ଡାକ୍ତର କହୁଛି ସେ ନିଶ୍ୱାସ ରୁନ୍ଧି ହୋଇ ମରିଛି । କିନ୍ତୁ ଏମିତି ମରିବା ମୁଁ ଆଗରୁ କେବେ ଦେଖି ନ ଥିଲି । ଯେମିତି କିଏ ଜାଣି ଶୁଣି ତାକୁ ଇଚ୍ଛାକରି ମାରିଛି, ସେମିତି ମନେ ହେଉଛି ମୋର । ଡ଼ବାଟା, ଆଶ୍ଚର୍ଯ୍ୟ ଭାବରେ ତା ଉପରେ ଖସି ପଡ଼ିଲା, ଆଉ ସେ ମୂଷା ଯନ୍ତ୍ରାରେ ପଡ଼ି ମଲାପରି ତା ତଳେ ବନ୍ଦ ହୋଇଁ ମରିଗଲା :”

ଶ୍ରମିକ ଦୁଇ ଜଣ ମ୍ୟାନେଜରଙ୍କ କଥାରେ କିଛି ଉତ୍ତର ଦେଲେ ନାହିଁ । ଖାଲି ସେମାନଙ୍କ ମୁଣ୍ଡ ସେମାନେ ଗୋଟାଏ ପାଖକୁ ଘୁଞ୍ଚାଇ ନେଇ ମ୍ୟାନେଜରର କଥା ଶୁଣୁଥିଲେ । ମ୍ୟାନେଜରଙ୍କ ବର୍ଣ୍ଣନାରେ ସେମାନେ ବି ସେମିତି ଭୟରେ କାଠ ହୋଇ ଯାଇଥିଲେ ।

ଏତିକିବେଳେ ବାହାରେ ଶୋଇବା ଘରର କବାଟ ପାଖରେ ସେମାନେ ଓ୍ୱାଲ୍‌ଟର୍ ଝିଅର ତୀକ୍ଷ୍ଣ, ଚେଁ ଚେଇଁଆ ସ୍ୱର ଶୁଣିବାକୁ ପାଇଲେ ।

“ମା, ମା, କିଏ ଆସିଛି ? ମା, କିଏ ଆସିଛି ସେଠିକି କି ?” ଏଲିଜାବେଥ ଶୋଇବାଘର ଆଡ଼କୁ ଦଉଡ଼ିଯାଇ କବାଟ ଖୋଲି ତା ଝିଅକୁ ଆଦେଶ ଦେବାପରି କହିଲି ।

“ଏଇ ଯା, ଶୋଇବୁ ଯା, କାହିଁକି ଆସି ଏଠି ଏମିତି ପାଟି କରୁଛୁ ? ଯା ଯାଙ୍ଗେ ସଙ୍ଗେ ଶୋଇପଡ, କିଛି ହେଇନି ଏଠି !”

ତାପରେ ସେ ତା ପାଖକୁ ଯାଇ ତାକୁ ଶୋଇବାକୁ ଘର ଭିତରକୁ ନେଇଗଲି । ଖାଇବାଘର ଭିତରେ ଥିବା ମ୍ୟାନେଜର ଓ ତାର ଲୋକମାନେ ଏଲିଜାବେଥର କଥାବାର୍ତ୍ତା ଶୁଣି ପାରୁଥିଲେ । ସେ ତା ଝିଅକୁ ନରମସ୍ୱରରେ କହିଲି, “ତୋର କଣ ହେଲି କି ଆଜି, ତୁ ଉଠି ଆସିଲୁ କାହିଁକି ? ଯା ଶୋଇବୁ ଯା ।”

ତା ଝିଅ କିନ୍ତୁ ମଳି ମଳି ସ୍ୱରରେ କହିଲି “ମୁଁ ଭାବିଲି କେତେ ଗୁଡାଏ ଲୋକ ବୋଧହୁଏ ଆମଘରକୁ ଆସିଛନ୍ତି । ବାପା ଆସିଲେଣି ମା ?”

Digitized by srujanika@gmail.com

ତା ମା କହିଲ, "ହଁ, ସେମାନେ ତାଙ୍କୁ ନେଇ ଆସିଲେଣି । ତମେ ସବୁ କିଛି କିଛି ଗୋଳମାଳ କରିବା ଦରକାର ନାହିଁ, ତୁ ଯ ଶୁନା ସିଏ ସେ ଶୋଇପଡ଼ୁ, ତୋ ଭାଇ ପାଖରେ ।"

ସେ ତା ସିଅଙ୍କୁ ଶୁଆଇ ଦେଇ ସେମାନଙ୍କ ଉପରେ ଚଦର ଘୋଡ଼େଇ ଦେଲା । ଅନ୍ନ ପୁଣି ଡ଼ରିଲା ସ୍ୱରରେ ଫୁସ ଫୁସ କରି ପଚାରିଲା ।

"ମା ବାପା କଣ ଆଜି ବି ମଦ ଖାଇଛନ୍ତି ?"

"ନା, ନା, ସେ ଆଜି ମଦ ଖାଇନାହାନ୍ତି, ସେ ସେଠି ଶୋଇପଡ଼ିଛନ୍ତି ।"

"ସେ କଣ ଖାଇବାଘରେ ଶୋଇଛନ୍ତି"

"ହଁ ତୁ ଶୋଇପଡ, ଗୋଳମାଳ କିଛି କରନା ।"

ତାପରେ ସବୁ ଚୁପ୍‌ଚାପ ହୋଇଗଲା କିଛି ସମୟ ପାଇଁ, କିଛି ପରେ ପୁଣି ଖାଇବ ଘରୁ ସେମାନେ ଶୁଣିବାକୁ ପାଇଲେ, ଛୋଟ ସିଅଟିର ଡ଼ରୁଆ ସ୍ୱର ।

ଖାଇବା ଘରେ ଏତେ ପାଟି ହେଉଛି କାହିଁକି ମା ?"

ତା ମା କହିଲା, "ସେ କିଛି ନୁହଁ, ତୁ ଶୋଇପଡ଼, ତୁ କାହିଁକି ଏତେ ବ୍ୟସ୍ତ ହେଉଛୁ ?"

ଓ୍ୱାଲ୍‌ଟର ମାର କାନ୍ଦ ଶୁଭୁଥାଏ । ଘରଣଟେ କଣ ହେଉଛି ନ ହେଉଛି ସେ କିଛି ଜାଣୁ ନ ଥାଏ । ଚୌକି ଉପରେ ବସି ଝୁଲି ଝୁଲି ସେ କାନ୍ଦୁଥାଏ । ମ୍ୟାନେଜର ତା ପାଖକୁ ଯାଇ ତା କାନ୍ଧ ଉପରେ ନିଜ ହାତ ରଖି ତାକୁ ନ କାନ୍ଦିବାକୁ କହିଲେ, "ଚୁପ୍ ଚୁପ୍, ତମେ କାନ୍ଦନା ।"

ବୁଢ଼ି ଆଖି ଖୋଲି ମ୍ୟାନେଜରଙ୍କୁ ମୁହଁ ଟେକି ଚାହିଁଲା । ମ୍ୟାନେଜରଙ୍କୁ ଦେଖି ସେ ଡ଼ରିଗଲା, ଓ ଆଶ୍ଚର୍ଯ୍ୟ ହୋଇ ଭାବିଲା ମ୍ୟାନେଜର ତା ପାଖକୁ କାହିଁକି ଆସିଛି ।

ଶୋଇବାଘରୁ ସିଅ ପୁଣି ତାର ଗେହ୍ଲାଳିଆ ସ୍ୱରରେ ପଚାରିଲା ।

"ମା, ଏଇକ୍ଷଣି କେତେଟା ବାଜିଛି ?" ତାର ଶୋଇପଡ଼ିବାକୁ ଜମା ମନ ହେଉ ନ ଥାଏ । କିନ୍ତୁ ମା ଉତ୍ତରରେ ସେ ବିଛଣା ଉପରେ ଚୁପ୍ ଚୁପ ପଡ଼ିଥାଏ ।

ତା ମା କଅଁଳେଇ କହିଲା, "ଦଶଟା ବାଜିଛି !" ତାପରେ ସେ ପିଲାଙ୍କୁ ଆପୁଡ଼େଇ ଶୁଆଇ ସେମାନଙ୍କୁ ଚଦର ଭଲକରି ଘୋଡ଼େଇ ଦେଇ ବାହାରକୁ ଆସିଲା ।

ଟଣି ମ୍ୟାନେଜର ମାଥିଉ ଶ୍ରମିକ ଦୁଇ ଜଣଙ୍କୁ ଯିବାକୁ ଡ଼ାକିଲେ । ସେମାନେ ତାଙ୍କ ଟୋପି ମୁଣ୍ଡରେ ଲଗାଇ ଷ୍ଟ୍ରେଚର ନେଇ ଓ୍ୱାଲଟର ଦେହ କରେ କରେ ଘର

Digitized by srujanika@gmail.com

ବାହାରକୁ ଚାଲିଗଲେ । ପିଲାମାନେ କାଳେ ନିଦରୁ ଉଠି ପଡ଼ିବେ ବୋଲି ଭାବି ସେ ଦୁଇଜଣ ଘର ଛାଡ଼ି ବହୁତ ଦୂରକୁ ଯିବା ପର୍ଯ୍ୟନ୍ତ ବି ପାଟିଫିଟେଇ ନ ଥିଲେ । ଯେତେବେଳେ ଏଲିଜାବେଥ ଖାଇବାଘରକୁ ଆସିଲା ସେ ଦେଖିଲା ତା ବୁଢ଼ୀଶାଶୂ ଏକା ସେଠି ଓ୍ୱାଲ୍ଟର ମଲା ଦେହ ପାଖରେ ବସିଛି । ଓ୍ୱାଲ୍ଟ ଉପରକୁ ଝୁଙ୍କି ପଡ଼ି ତାକୁ ଦେଖୁଛି, ଆଉ ତା ଆଖିରୁ ଲୁହ ଧାର ଧାର ହୋଇ ଓ୍ୱାଲ୍ଟର ଦେହ ଉପରେ ଥପ୍ ଥପ୍ ହୋଇ ଖସି ପଡ଼ୁଛି ।

ଏଲିଜାବେଥ ତା ଶାଶୂ ବୁଢ଼ୀକୁ କହିଲା—

"ମା, ଆସ ଆମେ ତାଙ୍କୁ ଟିକେ ସଜାଡ଼ି ଶୁଆଇ ଦେବା ।" ସେ ଚୁଲି ଉପରେ ପାଣି ଗରମ କରିବା ପାଇଁ କେଟ୍‌ଲି ବସେଇଦେଇ ଓ୍ୱାଲ୍ଟ ପାଖକୁ ଆସିଲା । ତାପରେ ସେ ଓ୍ୱାଲ୍ଟ ପାଖରେ ଆଣ୍ଠୁ ମାଡ଼ି ବସି ତା ଗୋଡ଼ରୁ ଖଣି ଜୋତା ସବୁ ବାହାର କଲା । ଭିତରର ଗୋଟାଏ ମହମବତୀ ଆଲୁଅରେ ଘଣ୍ଟା ଛମ୍ ଛମ୍ ଓ ଝାପ୍‌ସା ଦେଖାଯାଉଥାଏ । ଜୋତା ଖୋଲିବାକୁ ଘରର ଝାପ୍‌ସା ଆଲୁଅରେ ଏଲିଜାବେଥ ମୁହଁ ମାଡ଼ି ଚଟାଣ ପାଖ ପର୍ଯ୍ୟନ୍ତ ନଇଁ ପଡ଼ିଥାଏ । ଶେଷରେ ସେ କଷ୍ଟେ ମଷ୍ଟେ ଓ୍ୱାଲ୍ଟ ଗୋଡ଼ରୁ ଜୋତା ଖୋଲି ବାହାର କରି ଜୋତାକୁ ଦୂରେଇ ରଖିଲା । ତାପରେ ସେ ଓ୍ୱାଲ୍ଟର ମା କୁ ଫୁସ୍ ଫୁସ୍ କରି କହିଲା ।

"ମା ! ତମେ ଟିକେ ମତେ ସାହାଯ୍ୟ କର ।" ତାପରେ ଦୁଇଜଣ ମିଶି ଓ୍ୱାଲ୍ଟର ଦେହରୁ ସବୁ ଲୁଗାପଟା କାଢ଼ିଲେ ।

ଯେତେବେଳେ ସେମାନେ ଲୁଗାପଟା କାଢ଼ିସାରିଲେ, ସେମାନେ ଓ୍ୱାଲ୍ଟର ଜୀବନହୀନ, ଅଚଳ ଦେହଟାକୁ ଭଲକରି ଚାହିଁ ଚାହିଁ ଦେଖିଲେ । ମୃତ୍ୟୁର ନିଷ୍କପଟ, ସରଳ କୋଳରେ ସେ ଶାନ୍ତ ଶିଶୁଟି ପରି ଶୋଇ ପଡ଼ିଛି । ଏଲିଜାବେଥ ତାକୁ ଅଜଣା ହୃଦୟର ଭୟ ଓ ଆବେଗରେ ଅନେଇ ରହିଲା । ବୁଢ଼ୀ ଓ ସେ ଦି ଜଣଯାକ କିଛି ସମୟ ସ୍ଥିର, ଅବିଚଳିତ ଭାବରେ ତଳକୁ ଅନେଇ ତାକୁ ଦେଖିଲେ, ଓ୍ୱାଲ୍ଟର ମା ବଡ଼ ଅଧୀର ଭାବରେ କାନ୍ଦୁଥାଏ । କିନ୍ତୁ ଏଲିଜାବେଥ ମନରେ ଅନ୍ୟ ଭାବନା । ସେ ଦେଖୁଥିଲା ଓ୍ୱାଲ୍ଟକୁ; ଓ୍ୱାଲ୍ଟର ସରଳ ଅନାଶକ୍ତିକୁ, ତା ମୁହଁରେ ମୃତ୍ୟୁର ପ୍ରକାଶକୁ । ସେ ଶୋଇଯାଇଛି ନିଷ୍କଳଙ୍କ ଶରୀର ଭିତରେ । ଓ୍ୱାଲ୍ଟ ପାଇଁ ତାର ବା ଆଉ କଣ କରିବାକୁ ଅଛି ? କିନ୍ତୁ ସେ ଗ୍ରହଣ କରି ପାରୁ ନ ଥିଲା ଓ୍ୱାଲ୍ଟର ଏହି ଅନାଶକ୍ତିକୁ । ନଇଁପଡ଼ି ସେ ତା ହାତ ତା ସ୍ୱାମୀ-ଉପରେ ରଖିଲା, ହାତ ରଖିବା ତ ତାର ଅଧିକାର । ଏତେବେଳେ ପର୍ଯ୍ୟନ୍ତ ବି ତା ଦେହ ପୂର୍ବପରି ଥଣ୍ଡା ହୋଇନି, ଖଣି ଭିତରେ ସେ ଯେଉଁ ସ୍ଥାନରେ ମରିଥିଲା ସେ ଜାଗାଟା ବୋଧେ ଗରମ ଥିଲା । ତା ମା ଦୁଇ ହାତରେ

Digitized by srujanika@gmail.com

ପୁଅର ମୁହଁକୁ ଧରି ଭରି ଗୁଣ୍ଡୁ ଗୁଣ୍ଡୁ ହୋଇ କହିଯାଉଥିଲା, ବୁଢ଼ୀ ଆଖିରୁ ଲୁହ ଟୋପା ଟୋପା ହୋଇ ବୋହିଯାଉଥାଏ ଭଳାପଞ୍ଜରୁ ପାଣି ଟପ୍ ଟପ୍ ହୋଇ ପଡ଼ିଲାପରି । ଯେମିତି ବୁଢ଼ୀ ଇଚ୍ଛାକରି କାନ୍ଦୁନି, କିନ୍ତୁ ଲୁହ ତା ଆଖିରୁ ବୋହିଯାଉଛି ମନକୁ ମନ । ଏଲିଜାବେଥ ତା ସ୍ୱାମୀର ଦେହକୁ ଛୁଇଁ କରି ଯେମିତି ଅନୁଭବ କଲା, ତା ମୁହଁ ଓ ଓଠରେ ହାତଟା ବୁଲେଇ ଆଣିଲା । ସେ ଯେମିତି ସେଇ ଜୀବନହୀନ, ନିସ୍ପନ୍ଦ ଦେହଟାରେ କିଛି ଗୋଟାଏ ସମ୍ପର୍କ ଖୋଜି ପାଇବାକୁ ଚେଷ୍ଟା କରୁଥିଲା । କିନ୍ତୁ ସେ ଯେମିତି କିଛି ପାଇ ପାରୁ ନ ଥିଲା । ଓ୍ୱାଲ୍ଟ ତା ପାଖରୁ ଦୂରେଇ ଯାଇଛି । ଓ୍ୱାଲ୍ଟ ଆଜି ତା ପାଇଁ ଅଜ୍ଞାତ, ଅଭେଦ୍ୟ ଓ ଅଜ୍ଞେୟ ।

ସେ ଉଠି ରୋଷେଇ ଘରକୁ ଗଲା । ଗରମ ପାଣି, ସାବୁନ, ଗୋଟାଏ ସଫା କନା ଆଉ ନରମ ତଉଲିଆଟାଏ ନେଇ ପୁଣି ତା ପାଖକୁ ଆସିଲା । ସେ କହିଲା "ମୁଁ ତାଙ୍କୁ ଧୋଇଦେବି" । ତାପରେ ବୁଢ଼ୀ ତା ପାଖକୁ ଆସି ବସିଲା । ଏଲିଜାବେଥ ଓ୍ୱାଲ୍ଟର ମୁହଁ ଧୋଇ ଦେଲା । ତା କଳା ମିଚ୍ ମିଚ୍ ନିଶକୁ ପାଟି ଉପରୁ ଝାଡ଼ିଦେଇ ତାକୁ ସଫା କନାରେ ପୋଛି ଦେଲେ । ଏଲିଜାବେଥର ହୃଦ ଭିତରେ କି ଏକ ଅଜଣା ଭୟ, ଯେଉଁ ଭୟରୁ ନିଜକୁ ମୁକ୍ତ କରିବାକୁ ସେ ଓ୍ୱାଲ୍ଟର ଶେଷସେବା କରିବାରେ ଲାଗିଥାଏ । ବୁଢ଼ୀ, ତା ପୁଅର କାମ ସବୁ ଏଲିଜାବେଥ କରିବା ଦେଖି ସହି ନ ପାରି କହିଲା ।'

"ଦେ ମତେ ଦେ, ମୁଁ ତାକୁ ଟିକେ ପୋଛି ଦିଏ !" କହି ସେ ଓ୍ୱାଲ୍ଟର ଆର ପାଖରେ ଆଣ୍ଠେଇ ପଡ଼ି ଏଲିଜାବେଥ ଧୋଇଥିବା ଜାଗାକୁ ତଉଲିଆରେ ଆସ୍ତେ ଆସ୍ତେ ପୋଛି ଦେଲା । ଶାଶୁ, ବୋହୂ ଦି ଜଣ ଚୁପ୍ ଚୁପ୍ ଏମିତି ନୀରବରେ କାମ କରି ଚାଲିଲେ କିଛି ସମୟ । କିନ୍ତୁ ସେମାନେ ମୃତ୍ୟୁକୁ ଭୁଲି ନ ଥିଲେ । ମୃତ ଦେହର ସ୍ପର୍ଶ ଦୁହିଁଙ୍କ ମନରେ ଆଣି ଦେଇଥିଲା ଏକ ଅଦ୍ଭୁତ ଆବେଗ, ସେ ଆବେଗର ଅନୁଭବ ଦୁହିଁଙ୍କ ପାଇଁ ଅଲଗା । ଦି ଜଣଙ୍କ ମନରେ ଏକ ଅଦ୍ଭୁତ ଭୟର ଅନୁଭୂତି ମା ଅନୁଭବରେ ତା ପୁଅ ତା ପାଇଁ ଏକ ମିଛ ଗର୍ଭବେଦନା, ପୁଅଠାରୁ ବଞ୍ଚିତ; କିନ୍ତୁ ତା ସ୍ତ୍ରୀ ପାଇଁ ସେ ଅନୁଭବ ସମ୍ପୂର୍ଣ୍ଣ ଅନ୍ୟ ପ୍ରକାରର । ଏଲିଜାବେଥ ଅନୁଭବ କରୁଥିଲା ମନୁଷ୍ୟ ଆତ୍ମାର ସମ୍ପୂର୍ଣ୍ଣ ନିସଙ୍ଗତାକୁ, ତା ଗର୍ଭର ସନ୍ତାନ ତା ପାଇଁ ଏକ ବିରାଟ ବୋଝ । ସେମାନେ ଓ୍ୱାଲ୍ଟର ସବୁ କାମ ଶେଷ କଲେ । ଓ୍ୱାଲ୍ଟର ସୁନ୍ଦର ଲୋଭନୀୟ ଦେହଟା ଆହୁରି ସୁନ୍ଦର ଦିଶୁଥାଏ । ତା ମୁହଁରେ ମଦ ଖାଇବାର ଚିହ୍ନ ଏବେ ଟିକିଏ ବି ନାହିଁ । ତାର ସୁଠାମ ଦେହ ଲମ୍ବ ଲମ୍ବ ହାତ, ସୁନ୍ଦର ମୁହଁରେ ନିଦୁଆ ଭାବ । କିନ୍ତୁ ସେ ଦେହ ମୃତ ଓ ନିଷ୍ପନ୍ଦ ।

ତା ମୁହଁକୁ ଚାହିଁ ବୁଢ଼ୀ ଭୟମିଶା, ଫୁସ୍ ଫୁସ୍ ସ୍ୱରରେ ଏଲିଜାବେଥକୁ କହିଲା ।

Digitized by srujanika@gmail.com

"ତା ପାଇଁ ହାତଯୋଡ଼ି ପ୍ରାର୍ଥନା କର ଲୋ ଲିଜି ! ତା ପାଇଁ ଭଗବାନଙ୍କୁ ଡାକ !', ତା କଥାରେ ଭସ୍ମ ଓ ମା'ର ଭଲପାଇବା ।

ଏଲିଜାବେଥ ପୁଣି ଥରେ ନଇଁ ପଡ଼ି ୱାଲ୍ଟର ବେକପାଖରେ ନିଜ ମୁହଁକୁ ଲଗାଇଲା । ତା ଛାତି ଭିତରଟା ଥର ଉଠିଲା କି ଏକ ଅଜଣା ଭୟରେ । ସେ ତା ସ୍ୱାମୀ ପାଖରୁ ଉଠିଆସିଲା । ୱାଲ୍ଟରର ମୃତ ଦେହ ପାଖରେ ଏଲିଜାବେଥର ରକ୍ତ ମାଂସ ଦେହର କିଛି ମୂଲ୍ୟ ନାହିଁ । ଅଜ୍ଞ କ୍ଳାନ୍ତ, ଅବସାଦ ଓ ଭୟରେ ଅବଶ ତା'ର ହାବ୍ର ମନ; ତା ଜୀବନଟା ଯେତେ ଏମିତ ଲକ୍ଷ୍ୟହୀନ ଭାବରେ ବଢ଼ିଗଲା !

ତା ଶାଶୁ ଗୁଣୁ ଗୁଣୁ ହୋଇ କହୁଥାଏ,

"ଲିଜ୍ ! ଦେଖ୍ ସେ କେମିତ ବର୍ଷକର ପିଲାଟି ପରି ଶୋଇପଡ଼ିଛି; କେଉଁଠି ଟିକିଏ ହେଲେ ବି ଟିକି ଦାଗଟାଏ ତା ଦେହରେ ନାହିଁ, ଦୁଧପରି ଧଳା ତା ଦେହ, ଟିକି ପିଲାର ଦେହପରି ତା ଦେହ ନରମ ଓ ନରମ, ଛୋଟ ପିଲା ପରି ସେ ସୁନ୍ଦର, ତା ପାଇଁ ଈଶ୍ୱରଙ୍କୁ ଡାକ ଲୋ, ଲିଜି ।" ୱାଲ୍ଟର ତା ମାର ସ୍ନେହ ଓ ଗର୍ବର ଧନ, ଏଲିଜାବେଥ ତା ଶାଶୁ କଥା ଶୁଣି କାନ୍ଦି କାନ୍ଦି ମୁହଁ ଲୁଚେଇଲା ଦୁଇ-ହାତରେ ।

ମା କହି ଚାଲିଥାଏ, "ସେ ତା ବାଟରେ ଚାଲିଗଲା, ଲିଜି ଚିର ନିଦ୍ରାରେ ସବୁଦିନଆ ନିଦରେ ସେ ଆଜି ଶୋଇପଡ଼ିଛି । କେତେ ସରଳ ଦିଶୁଛି ତା ମୁହଁ । ତା ମୁହଁରେ କିଛି ହେଲେ ପାପର ଚିହ୍ନ ଦେଖୁଛୁ ଲିଜି ! ସେ ତା ବାଟ ଖୋଜି ନେଇଛି, ତା ମୁହଁରେ ଛୋଟିଆ ହସ ଦେଖି ତୁ ବୁଝିପାରୁନୁ ସେ କେମିତ ଅତି ଖୁସିରେ, ଅତି ଆନନ୍ଦରେ ଚାଲିଯାଇଛି ? ତା ମୁହଁର ହସ ଦେଖିଲେ ବୁଝି ପାରିବୁ ତା ମନରେ କି ଶାନ୍ତି, କି ସନ୍ତୋଷ ! ତା ପାଇଁ ମନଦୁଃଖ କରି ତୁ କାନ୍ଦନା, ତାକୁ ତା ଚିରଶାନ୍ତି ନିଦ୍ରାରୁ ଆଉ ଉଠାନା— ।"

ଏଲିଜାବେଥ ୱାଲ୍ଟରର ମୁହଁକୁ ଅନେଇଲା । ତା ମୁହଁ ଗୋଟାଏ ପାଖକୁ ଢଳିପଡ଼ିଛି । ଗହଳିଆ କେଶ ତଳେ ତା ପାଟି ଟିକିଏ ମେଲା ହୋଇ ରହିଛି । ଆଖି ଅଧାବୁଜା, ସେ ଆଖିର ଆଲୁଅ ନିଷ୍ପ୍ରଭ, ଘରର ଅଧା ଅଳ୍ପଅ ଅଧା ଅନ୍ଧାରରେ । ତା ଜୀବନର ଆଲୁଅ ଲିଭିଯାଇଛି । ଚିରଦିନ ପାଇଁ ସେ ଏଲିଜାବେଥ ଠାରୁ ଦୂରେଇ ଯାଇଛି । ଏଲିଜାବେଥ ପାଇଁ ସେ ଏବେ ଅଜଣା, ଅଚିହ୍ନା । ତା ଗର୍ଭରେ ବଢ଼ୁଥିବା ୱାଲ୍ଟରର ଛୁଆ ଆଜି ତା ପେଟ ଭିତରେ ବରଫ ଖଣ୍ଡେ ପାଲଟି ଯାଇଛି । ୱାଲ୍ଟର ଆଜି ତା ପାଇଁ କେହି ନୁହେଁ, କିଛି ନୁହେଁ । ଯାହା ସହିତ ସେ ଏତେଦିନ ଧରି ଏକାଠି ରହି ଆସିଲା, ଯାହାର ଆତ୍ମା ସହିତ ସେ ଏକାତ୍ମ ହୋଇ ଚଳି ଆସିଲା,

ସେ ଯଦି ତାହାର ଅଚିହ୍ନା ଅଜଣା ହୋଇଲା, ତେବେ ସେ ଗର୍ଭରେ ଧରିଥିବା ପିଲାଟା ଯାହା ଓ୍ୱାଲ୍ଟର ବି ଏକ ଅଂଶ, ସେ ଖଣ୍ଡେ ନିର୍ଜୀବ ବରଫ ଖଣ୍ଡ ନୁହେଁ ତ ଆଉ କଣ ? ଅଥବା କଣ ଏଇଆ ବି ହୋଇ ପାରେ ଯେ ଦୁହିଁଙ୍କର ଏଇ ସମ୍ପୂର୍ଣ୍ଣ, ଅତୁଟ ବିଚ୍ଛିନ୍ନତା ଆଜି ଜୀବନର ଜନ୍ମପରେ ଅସ୍ପଷ୍ଟ । ଭୟରେ ସେ ମୁହଁ ବୁଲାଇ ନେଲା । ଏଇ ସତ୍ୟର ଅନୁଭବ ତା ପାଇଁ ଥିଲା ଭୟଙ୍କର ଅସହ୍ୟ ।

ସେମାନେ ଦିନେ ଥିଲେ ପରସ୍ପରର ଅଜଣା, କିନ୍ତୁ ତେବେ ବି ସେମାନେ ମିଳିତ ହେଉଥିଲେ ବାରମ୍ବାର ପରସ୍ପର ନଗ୍ନତାର ବନ୍ଧନମଧ୍ୟରେ । କିନ୍ତୁ ପ୍ରତିଥର ସେମାନଙ୍କ ମିଳନରେ ସେମାନେ ଥିଲେ ଯେପରି ଦୁଇଟି ବିଚ୍ଛିନ୍ନ ଆତ୍ମା । ଯାହା ଆଜି ଘଟିଗଲା ଅବଶ୍ୟମ୍ଭାବୀ ଭାବେ, ଓ୍ୱାଲ୍ଟ ଆଜି ତା ଠାରୁ କାହିଁ କେତେକ ଦୂରରେ, ହାତ ଯେମିତି ପାଉନି ସେ ଆତ୍ମାକୁ ଛୁଇଁବାକୁ । ସେମାନଙ୍କର ଦୁଇ ବିଚ୍ଛିନ୍ନ ଆତ୍ମା ସବୁଦିନ ପାଇଁ ବିଚ୍ଛିନ୍ନ ହୋଇ ରହିଗଲା । ସାଧାରଣ ଜୀବନରେ ଓ୍ୱାଲ୍ଟ ତା ଠାରୁ କିଛି କମ୍ ଦାୟୀ ନୁହେଁ । ଆଜି ତା ଗର୍ଭର ସନ୍ତାନ ଯେମିତି ତା ପାଇଁ ପାଲଟିଛି ବରଫଖଣ୍ଡ । ଓ୍ୱାଲ୍ଟର ଜୀବନହୀନ, ନିସ୍ପନ୍ଦ ଦେହଟାକୁ ଚାହିଁ ତାର ଉଦାସୀନ, ନିରାସକ୍ତ ମନ କହେ, "ମୁଁ କିଏ ? ମୁଁ ଆଜି ପର୍ଯ୍ୟନ୍ତ କଣ କରିଛି ? ଆଜି ପର୍ଯ୍ୟନ୍ତ ତ ମୁଁ ଏଇ ସ୍ୱାମୀ ସାଙ୍ଗରେ ବଞ୍ଚିବା ପାଇଁ ଜୀବନ ସାଙ୍ଗରେ ଯୁଦ୍ଧ କରିଆସିଛି । ସେ ମରିଗଲା କିନ୍ତୁ ସେ ସବୁଦିନପାଇଁ ଅମର ରହିଲା । ମୁଁ କି ଭୁଲ କରିଥିଲି ବୋଲି କଷ୍ଟ ପାଇବାକୁ ରହିଲି । କାହିଁକି ମୁଁ ଆଜି ଯାଏ କାହା ପାଇଁ ବଞ୍ଚି ରହିଥିଲି ?" ଏଇ ସ୍ୱାମୀ ପାଇଁ ତ ଭୟରେ ତା ମନଭିତରଟା ଥରି ଉଠିଲା । ସେ ଜାଣେ ଯେ ଏତେଦିନ ଏକାଠି ଘର କରିଥିଲେ ବି ସେ ତା ସ୍ୱାମୀକୁ ଜାଣି ନ ଥିଲା, ଓ ତା ସ୍ୱାମୀ ବି ତାକୁ ଜାଣି ନଥିଲା । କିନ୍ତୁ ପୃଥିବୀର ଏହି ଅଜଣା ଅନ୍ଧକାର ଭିତରେ ଦୁହିଁଙ୍କର ଭେଟ ହୋଇଥିଲା । ଦୁହେଁ ସେଇ ଅନ୍ଧକାର ଭିତରେ ପରସ୍ପର ସହିତ ଯୁଦ୍ଧ କରିଥିଲେ ପରସ୍ପରର ଅଜାଣତରେ, କିନ୍ତୁ ବର୍ତ୍ତମାନ ସେ ଜାଣି ପାରୁଛି ଓ ଅନୁଭବ କରିପାରୁଛି କିଏ କଣ ଓ ଏଇ ଜାଣିପାରିବା ହିଁ ଆଜି ମନକୁ ନୀରବ କରିଦେଇଛି । ତା ନିଜର ଭୁଲ୍ ସେ ବୁଝିପାରି ନ ଥିଲା ସେ ଓ୍ୱାଲ୍ଟକୁ ଯାହା ଭାବିଥିଲା ପ୍ରକୃତରେ ସେ ତା ନୁହେଁ । ସେ ତାକୁ ନିଜର ବୋଲି ହିଁ ଭାବୁଥିଲା । କିନ୍ତୁ ଓ୍ୱାଲ୍ଟ ଯେ ଚିରଦିନ ତା ଠାରୁ ଦୂରରେ । ସେ ତା ପରି ଭାବୁ ନ ଥିଲା କି ତା ପରି ଅନୁଭବ କରୁ ନ ଥିଲା ।

ଭୟ ଓ ଲଜ୍ଜାରେ ସେ ଓ୍ୱାଲ୍ଟର ଖୋଲା ଫୁଗୁଂଲା ଦେହଟା ଆଡ଼କୁ ଚାହିଁଲା, ଯେଉଁ ଦେହକୁ ସେ ଆଜି ପର୍ଯ୍ୟନ୍ତ ଭୁଲ ଭାବରେ ଜାଣି ଆସିଥିଲା । ସେଇ ଓ୍ୱାଲ୍ଟ ତ ତା ପିଲାମାନଙ୍କର ବାପା । ତା ଦେହଭିତରୁ ତା ମନ ବାହାରିଯାଇ ଦୂରରେ ରହି ସବୁ କଥା ଦେଖୁଥିଲା । ଓ୍ୱାଲ୍ଟର ଖୋଲା ଦେହଟା ଦେଖି ତା ମନରେ ଲଜ୍ଜା ଆସୁଥିଲା । ସେ ଯେମିତି ସେ ଦେହଟାକୁ ଆଉ ସହ୍ୟ କରି ପାରୁ ନ ଥିଲା, କିନ୍ତୁ

Digitized by srujanika@gmail.com

ୱାଲ୍ଟ ତ ଆଉ ତା ଦେହଠାରୁ ଅଲଗା ନୁହେଁ । ଏଇସବୁ କଥା ତାକୁ ବିବ୍ରତ କରୁଥିଲା । ୱାଲ୍ଟର ମୁହଁକୁ ଚାହିଁ ସେ ମୁହଁ କାନ୍ଥ ଆଡ଼କୁ ବୁଲାଇ ନେଲା । ବର୍ତ୍ତମାନ ୱାଲ୍ଟର ଗୃହିଣୀ ଏଲିଜାବେଥର ଗୃହିଣୀଠାରୁ ଅଲଗା, ୱାଲ୍ଟର ଜୀବନର ଗତି ଏଲିଜାବେଥର ଜୀବନରୁ ଅଲଗା । ୱାଲ୍ଟ ଯାହାଥିଲା ଏଲିଜାବେଥ ତାକୁ ଗ୍ରହଣ କରି ନ ଥିଲା—ବର୍ତ୍ତମାନ ସେ ତା ବୁଝିପାରୁ ଥିଲା । ୱାଲ୍ଟର ନିଜତ୍ୱକୁ ସେ ଗ୍ରହଣ କରି ନ ଥିଲା । କିନ୍ତୁ ଏଇ ଜୀବନ ତ ସେମାନଙ୍କ ଦୁଇଜଣଙ୍କର ଥିଲା । ଏବେ ସେ ମୃତ୍ୟୁ ପାଖରେ କୃତଜ୍ଞ । ଆଜି ୱାଲ୍ଟର ମୃତ୍ୟୁ ହିଁ ସେମାନଙ୍କ ଜୀବନର ସତ୍ୟକୁ ପ୍ରକାଶ କରିଲା । ଆଜି ସେ ଜାଣିପାରିଲା ୱାଲ୍ଟ ମରିଛି କିନ୍ତୁ ସେ ନିଜେ ମରିନି ।

ଏଇ ସବୁ କଥା ଭାବୁ ଭାବୁ ୱାଲ୍ଟ ପାଇଁ ତା ମନ ଭିତରେ ଦୁଃଖ ଓ ସମବେଦନା ଭରିଗଲା, ସତେ ସେ କେତେ କଷ୍ଟ ପାଇଲା । ବିଚରା ୱାଲ୍ଟର ଜୀବନ କେତେ ଭୟଙ୍କର ଭାବରେ କେତେ ଛଟପଟ ହୋଇ ଯାଇ ନ ଥିବ । ସ୍ୱାମୀ କଥା ଭାବି ଏଲିଜାବେଥ ଦୁଃଖରେ ଯେମିତି ଭାଙ୍ଗି ପଡ଼ିଲା । ସେ ତ ତା ସ୍ୱାମୀର କଷ୍ଟ ପାଇଁ କିଛି ହେଲେ କରିପାରିଲା ନାହିଁ । ୱାଲ୍ଟ ତାର ସ୍ୱାମୀ, ତାର ଅପର ଆତ୍ମା, ସେ ଅତି ଦୟନୀୟ ଭାବରେ ଦୁର୍ଘଟଣାରେ ପଡ଼ିଲା, କିନ୍ତୁ ଏଲିଜାବେଥ ତ ତାକୁ ଦୁର୍ଘଟଣାରୁ ରକ୍ଷାକରିବାପାଇଁ କିଛି କରି ପାରିଲା ନାହିଁ । ତାର ପିଲାମାନେ ଅଛନ୍ତି କିନ୍ତୁ ପିଲାମାନେ ତ ଜୀବନର ସଙ୍କେତ । ତା ମୃତ ସ୍ୱାମୀର ସେମାନଙ୍କ ସଙ୍ଗେ କିଛି ସମ୍ପର୍କ ନାହିଁ ସେ ଓ ୱାଲଟ ଦୁହେଁ ହିଁ ତ ଅଧାର ଯାହା ମଧ୍ୟ ଦେଇ ଜୀବନ ତା ପିଲାମାନଙ୍କ ପାଖକୁ ବୋହି ଯାଇଛି । ସେ ମା ହୋଇଛି, କିନ୍ତୁ ସେ ଯେ ତା ସଙ୍ଗେ ସ୍ତ୍ରୀ ବି ହୋଇଛି, ଏ କଥା ଭାବିଲେ କେତେ ଦୁଃଖ ନ ଲାଗୁଛି । ତା ସ୍ୱାମୀ ମୃତ, କିନ୍ତୁ ସେ ବି ବୁଝିପାରୁଥିବ ସ୍ୱାମୀ ହେବା ବି କେତେ ଦୁଃଖଦାୟକ । ଏଲିଜାବେଥ ଅନୁଭବ କଲା ପରଜଗତରେ ତା ସ୍ୱାମୀ ତା ପାଇଁ ଏକ ଅଜଣା ଲୋକ ହୋଇରହିବ ସେଇ ମରଣାତୀତ ଜଗତରେ ଯଦି କେବେ ସେମାନଙ୍କର ଦେଖାହେବ ତେବେ ସେମାନେ ଯେ ଦିନେ ପରସ୍ପରର ନିକଟତମ ହୋଇଥିଲେ ଏକଥା ଭାବି ସେମାନେ ଲଜ୍ଜିତ ହେବେ, ପିଲା ଦି ଜଣ, କେଉଁ ଏକ ଅଜଣା ଅଜ୍ଞାତ କାରଣରୁ କି କଣ, ଆଜି ତାଙ୍କ ଦୁଇଜଣଙ୍କଠାରୁ ଜନ୍ମ ହୋଇଛନ୍ତି । କିନ୍ତୁ କାହିଁ ପିଲାମାନେ ତ ତାଙ୍କ ଦି ଜଣଙ୍କୁ ଏକାଠି କରିପାରିଲେ ନାହିଁ । ଆଜି ୱାଲ୍ଟ ମୃତ, ସେ ଜାଣେ ୱାଲ୍ଟ ଆଜି ତା ଠାରୁ କେତେ ଦୂରରେ, ଚିରଦିନ ପାଇଁ ସେ ବିଚ୍ଛିନ୍ନ, ଚିରଦିନ ପାଇଁ ତାର ଏଲିଜାବେଥ ପାଇଁ କିଛି କରିବାକୁ ନାହିଁ । ତା ପାଇଁ ଜୀବନର ଏକ ପରିଚ୍ଛେଦର ଶେଷ ହୋଇଛି । ସେମାନେ ଦୁହେଁ ଆଜି ଜୀବନରେ ପରସ୍ପରକୁ ଅସ୍ୱୀକାର କରିଛନ୍ତି, ଏଇତ ୱାଲ୍ଟ ଏଇ ମୁହୂର୍ତ୍ତରେ ତା ଜୀବନରୁ ଅପସରିତ । ତା ମନ ଏକ ଦୁଃସହ ଯନ୍ତ୍ରଣାରେ କାତର ହୋଇ ପଡ଼ିଲା, ଏଇ ସବୁ କଥା ଭାବି । ସବୁ ଶେଷ ହୋଇଗଲା । କିନ୍ତୁ ୱାଲଟ ମରିବାର ବହୁଆଗରୁ ସେମାନଙ୍କ

Digitized by srujanika@gmail.com

ସମ୍ପର୍କରେ ଖୁଣ ଲାଗିଥିଲା । ତେବେ ବି ତ ସେ ତାର ସ୍ୱାମୀ । ଭାବିଲେ ଦୁଃଖ ଲାଗେ ।

ଓ୍ୱାଲ୍ଟର ମା ହଠାତ୍ ପଚାରିଲା "ଏ କିଆଡ଼ୁ ତା ଶାର୍ଟ ପାଇଲୁ ?" ଏଲିଜାବେଥ କିଛି ନ କହି ତା ଶାଶୂ ଆଡ଼କୁ ବୁଲି ଚାହିଁଲା । ସେ କାନ୍ଦିବାକୁ ଚେଷ୍ଟା କରୁଥିଲା । ସେ ଜାଣେ ତା ଶାଶୂ ଇଚ୍ଛା କରୁଥିବ ଯେ ସେ କାନ୍ଦୁ, କିନ୍ତୁ ସେ କାନ୍ଦି ପାରୁ ନଥିଲା । ସେଥିପାଇଁ ନୀରବ ରହିଥିଲା । ରୋଷେଇଘରକୁ ଯାଇ ସେ ଓ୍ୱାଲ୍ଟର ଶାର୍ଟ ନେଇ ଆସିଲା ।

ଶାର୍ଟରେ ଏଠି ସେଠି ହାତ ମାରି ଦେଖି ଦେଖି ସେ କହିଲା "ଏଇଟା ଶୁଖି ଯାଇଛି ।" ଓ୍ୱାଲ୍ଟରକୁ ଶାର୍ଟ ପିନ୍ଧାଇବାକୁ ତାକୁ ଯେମିତି ଲାଜ ଲାଗୁଥିଲା । ଆଜି ତାର ବା ଅନ୍ୟ କାହାରି କି ଅଧିକାର ଅଛି ଓ୍ୱାଲ୍ଟରକୁ ଛୁଇଁବା ପାଇଁ, ତଥାପି ଓ୍ୱାଲ୍ଟର ଦେହ ଉପରେ ତାର ସ୍ପର୍ଶ ଆଜି ଅଭିମାନ ଶୂନ୍ୟ ଥିଲା । ବଡ଼ କଷ୍ଟରେ ସେ ତାକୁ ଶାର୍ଟ ପିନ୍ଧାଇଲା, ଶାର୍ଟକୁ ତା ଦେହରେ ପୂରାଇବାକୁ ବି ତାକୁ କଷ୍ଟ କରିବାକୁ ପଡ଼ିଲା । ଓ୍ୱାଲ୍ଟର ଦେହଟା ଭାରି ଓ ନିର୍ଜୀବ । ତା ମନକୁ ଏକ ଭୟଙ୍କର ଭୟ ଜାବୁଡ଼ି ଧରିଲା । ଓ୍ୱାଲ୍ଟ ଯେ ଏପରି ଭାରି ଓ ନିର୍ଜୀବ ହୋଇପାରେ, ଏପରି ଦୂରେଇ ଯାଇପାରେ, ଏ କଥା ଭାବି ତାଁ ମନ ଭିତର ବିକଳ ହେବାକୁ ଲାଗିଲା । ଦୁଇ ଜଣଙ୍କ ଗଢି ଉଠିଥିବା ଦୂରତ୍ୱ ତା ପାଇଁ ଅସହ୍ୟ ଥିଲା । ତାଙ୍କ ଭିତରର ଦୂରତ୍ୱ କଳ୍ପନାତୀତ ଭାବରେ ଦୀର୍ଘ, ଯାହାକୁ କି କଳନା କରିବା ତା ପକ୍ଷରେ ଅସମ୍ଭବ । ସେଇ କଳ୍ପନାତୀତ ଶୂନ୍ୟତା ଯାହା ତା ପାଇଁ ଏକ ଯନ୍ତ୍ରଣାର ଉତ୍ସ, ତା ପାଖରୁ ସେ କଷ୍ଟସ୍ତୁ ଦୂରେଇ ଯିବ ।

ଓ୍ୱାଲ୍ଟର କାମ ସବୁ ଶେଷ ହେଲା । ସେମାନେ (ଏଲି ଓ ତା ଶାଶୂ) ତା ଉପରେ ଗୋଟାଏ ଧଳା ଚଦର ଘୋଡ଼ାଇ ଦେଲେ ଓ ତା ମୁହଁକୁ ଚଦରରେ ବାନ୍ଧି ଚଟାଣ ଉପରେ ଶୁଆଇ ଦେଲେ । ତାପରେ ଏଲିଜାବେଥ ଖାଇବା ଘରର କବାଟ ବନ୍ଦ କରି ଦେଲା, କାଳେ ପିଲାମାନେ ଉଠିଲେ ଦେଖି ପକାଇବେ ଚଟାଣ ଉପରେ କ'ଣ ଏମିତି ଘୋଡ଼ା ହୋଇ ରଖାହୋଇଛି । ଏସବୁ କରିସାରି ସେ ରୋଷେଇ ଘର ସଜାଡ଼ିବାକୁ ଚାଲିଗଲା । ତା ମନ ଓ ହୃଦୟରେ ଏକ ନୀରବତାର ବୋଝ ଯେମିତି ଜମା ହୋଇଯାଇଛି । ସେ ଏବେ ଜାଣିଲା ଯେ ଜୀବନ ପାଖରେ ସେ ନିଜକୁ ସମର୍ପଣ କରିଛି, ଏଇ ଜୀବନ ବର୍ତ୍ତମାନ ତାର ଉପସ୍ଥିତ କର୍ତ୍ତା ଓ ପରିଚାଳକ । କିନ୍ତୁ ମୃତ୍ୟୁ, ଯିଏ ତାର ଶେଷକର୍ତ୍ତା, ତା ଠାରୁ ସେ ଭୟ ଓ ଲଜ୍ଜାରେ ନିଜକୁ ସଙ୍କୁଚିତ କରି ପଛକୁ ହଟାଇ ନେଲା ।

Digitized by srujanika@gmail.com

ଘୋଡ଼ା ସକାଳର ଝିଅ

"ଆଚ୍ଛା, ମାବେଲ, ତୋ ନିଜ ବିଷୟରେ ତୁ କିଛି ଭାବୁନୁ ?" ଜୋ, ପଚାରିଲା ନିହାତି ବେଖାତିରିଆ ଓ ନିର୍ବନ୍ଧିଆ ଭାବରେ । କାରଣ ତା ନିଜ ବିଷୟରେ ତାର କିଛି ଭାବନା ନଥିଲା । ସେ ମାବେଲର ଉତ୍ତରକୁ ଅପେକ୍ଷା ନକରି, ଡାହାଣ କଡ଼କୁ ବୁଲି, ତା ସିଗାରେଟରେ ଟବାକୋ ପୁରାଇଲା । ଟବାକୋ ସିଗାରେଟ ଭିତରେ ପୁରାଇବାକୁ ଜଲଦିରେ ମାଡ଼ିମାଡ଼ି ତାପରେ ନିଶ୍ୱାସ ଛେପ ସେ ବାହାରକୁ ପକେଇଦେଲା । କାହାର କଣ ହେଲେ ନ ହେଲେ ତାର କିଛି ଯାଏ ଆସେ ନାହିଁ, ତା ନିଜ ବିଷୟରେ ତ ତାକୁ କିଛି ଚିନ୍ତା କରିବାକୁ ପଡ଼ୁନାହିଁ ।

ତିନି ଭାଇ ଓ ଭଉଣୀ ପୁରୁଣା ଭଙ୍ଗା ଜାକିସିଆ ଟେବୁଲକୁ ଘେରିବସି ଉଆଉ ସିଆଉ ଗପୁଥିଲେ । ଆଜି ସକାଳ ଡ଼ାକରେ ସେମାନଙ୍କ ଭାଗ୍ୟର ଶେଷ ନିଷ୍ପତ୍ତି ଆସିଯାଇଛି । ଆଜି ମନେ ହେଉଛି ଏଇ ନିରସିଆ ଖାଇବା ଘରଟା ଆଉ ଘର ଭିତରର ଭାରି ମେହେଗାନି କାଠର ଟେବୁଲ ଚୌକିଗୁଡ଼ାକ ସେମାନଙ୍କୁ ବିଦାୟ ଦେବାକୁ ଯେମିତି ଅପେକ୍ଷା କରି ବସି ରହିଛନ୍ତି ।

କିନ୍ତୁ ସେମାନଙ୍କ ଭିତରେ କଥାବାର୍ତ୍ତା ଦ୍ୱାରା କିଛି ଠିକ୍ ହୋଇ ପାରିଲା ନାହିଁ । ତିନି ଭାଇଙ୍କର ଟେବୁଲ ଚାରି ପାଖରେ ବସିବା ଓ ସିଗାରେଟ ଖାଇବା ଢଂଗରୁ ଏବଂ ସେମାନଙ୍କର ନିଜ ନିଜର ଅବସ୍ଥା ବିଷୟରେ ଫୁଲ ଫାଙ୍କିଆ କଥାବାର୍ତ୍ତା ଢଂଗ ଦେଖିଲେ ମନେହୁଏ ତିନି ଜଣଯାକ କେହି କାହାକଥା କେବେ ହେଲେ ଭାବନ୍ତି ନାହିଁ । ଭଉଣୀଟି କିନ୍ତୁ ସେମାନଙ୍କ ଠାରୁ ଅଲଗା । ତାର ବୟସ ସତେଇଶ ପାଖା-ପାଖି ହେଲାଣି । ଦେଖିବାକୁ ଗେଡ଼ା ହେଇ, ନିଜ ଭିତରେ ସେ ଏକାକୀ ଥାଏ, କିନ୍ତୁ ତା ମୁହଁରେ ସବୁବେଳେ ବିଷାଦର ଛାଇ ଟାଙ୍କି ରହିଥାଏ ତା ଭାଇମାନଙ୍କ ପରି ସେ ଫୁଲ ଫାଙ୍କିଆ ବା ବେପରୁଆ ହୋଇପାରେନି । ତା ମୁହଁରେ ବାରି ହୋଇପଡୁଥିବା କଠିନ ଭାବଟି ନଥିଲେ ସେ ଯେ ସୁନ୍ଦରୀ ବୋଲି, ଗଣା ହେଉଥାନ୍ତା ସେଥିରେ ସନ୍ଦେହ ନାହିଁ । କିନ୍ତୁ ତା ମୁହଁରେ ଟାଣୁଆ ଭାବ ପାଇଁ ତା ଭାଇମାନେ ତାକୁ ଡାକୁଥିଲେ 'ଡ଼ାହାଳ-କୁକୁର ।'

ବାହାରେ ଘୋଡ଼ା ମାନଙ୍କର ଟପ୍ ଟପ୍ ଟାପୁ ଶୁଣାଯାଉଥାଏ । ତିନିଭାଇ ନିଜ ନିଜ ଚୌକିରେ ଆରାମରେ ବସି ଘୋଡ଼ା ମାନଙ୍କର ଟାପୁ ଶବ୍ଦ ଶୁଣୁଥିଲେ, ହାଇରୋଡ଼ ସେ ପାଖକୁ ଘାସ ପଡ଼ିଆ । ହାଇରୋଡ଼ ଓ ଘାସ ପଡ଼ିଆ ମଝିରେ ଯାଇଛି ଗୋଟାଏ

Digitized by srujanika@gmail.com

ବୁଦବୁଦକିଆ ଘଞ୍ଚ ସବୁଜ କଣ୍ଟାବୁଦା ଧାଡ଼ି । ତା ସେ ପାଖରୁ ଦେଖାଯାଉଛି ଘୋଡ଼ା ଉପରେ ଘୋଡ଼ା ସବାର ମାନଙ୍କୁ ଘୋଡ଼ା ମ ନଙ୍କୁ ବସି ବସି ଦେଖିବା ବୋଧହୁଏ ସେମାନଙ୍କର ଏଇ ଶେଷଥର । ଏଇ ଘୋଡ଼ା ଗୁଡ଼ିକ ସେମାନଙ୍କ ଶେଷ ସମ୍ବଳ ବିକି ହେବା ପାଇଁ ଖେଳ ଶିଖାଇବା ପାଇଁ ଘୋଡ଼ା ମାନଙ୍କୁ ସବାରମାନେ ଘୋଡ଼ାଶାଳ ଭିତରୁ ବାହାରକୁ ଆଣୁଛନ୍ତି, ଭାଇମାନେ ଘୋଡ଼ା ମାନଙ୍କୁ ଚାହିଁ ଦେଖୁଥାନ୍ତି ଅର୍ଥଶୂନ୍ୟ ଦୃଷ୍ଟିରେ । ସେ ଚାହିଁ ଚାହିଁ ଦେଖିବାରେ ଯେମିତି କିଛି ନୂଆ କଥା ନାହିଁ । କିନ୍ତୁ ଏଇଥର ସେମାନଙ୍କର ଶେଷଥର ଦେଖିବା ଏଇ ଘୋଡ଼ା ମାନଙ୍କୁ ବିକିଦେଲେ ସେମାନଙ୍କର ଆଉ କିଛି ନ ଥିବ ବିକିବାକୁ । ଭାଇମାନଙ୍କ ଆଖିରେ କେମିତିକା ଆଗ୍ରହଶୂନ୍ୟ ଚାହାଣି, କିନ୍ତୁ ସେଇ ଚାହାଣିରେ କେଉଁ ଘୋଡ଼ା କେତେ ଦାମ୍‌ରେ କଟିବ ସେଇ ଦର କଷାକଷିର ଭାବ ସେମାନଙ୍କ ଜୀବନର ପରିବର୍ତ୍ତନରେ ସେମାନେ ଭୟଭୀତ । ତେଣୁ ପରିସ୍ଥିତିର ଆଘାତରେ କଣ ହେବ ସେ କଥା ଭାବି ସେମାନେ ନିଜକୁ ସେ ଚିନ୍ତାରୁ ମୁକ୍ତ କରିପାରୁନଥିଲେ ।

ଦେଖିବାକୁ ସେମାନେ ସମସ୍ତେ ଖୁବ ସୁସ୍ଥ ସବଳ ଓ ସୁନ୍ଦର ତାଙ୍କ ଭିତରେ କୋ ବଡ଼ । ତାର ବୟସ ତେଇଶ ପାଖା ପାଖି ତାର ଚଉଡ଼ା ଛାତି, ସୁନ୍ଦର ଚେହେରା ତା ମୁହଁର ରଙ୍ଗ ନାଲି, ତା କଳା ମିଶମିଶ ନିଶକୁ ଅଙ୍ଗୁଠିରେ ସେ ଓଠ ଉପରକୁ ମୋଡ଼ି ଦେଉଛି । ତା ଆଖିରେ କେମିତିକା ନିଙ୍ଘିଆ, ଅସ୍ଥିର ଓ ବୋକା । ସେ ହସିଲେ ମୁହଁରେ ଏକ sensual ଭାବ ପ୍ରକାଶ ପାଏ, କିନ୍ତୁ ତାକୁ ଦେଖିଲେ ଜଣାଯାଏ ଯେ ସେ ନିହାତି ନିଙ୍ଘିଆ ଓ ବୋକା ସେ ଘୋଡ଼ା ମାନଙ୍କୁ ଚାହିଁ ବସିରହିଛି କିନ୍ତୁ ତା ମୁହଁରେ ଓ ଆଖିରେ ରହିଛି ଏବଂ ଅସହାୟ, ହତାଶ୍ ଭାବ ସେ ନିଜର ଦୁର୍ଗତି କଥା ଭାବି ବିଚଳିତ ଓ ଭୟଭୀତ ।

ଗାଡ଼ିଟଣା ଘୋଡ଼ା ଗୁଡ଼ିକ ଟ୍‌ଲିଟ୍‌ଲି ଯାଉଥିଲେ ସେମାନଙ୍କ ଭିତରୁ ଚାରିଟା ଘୋଡ଼ାଙ୍କର ମୁଣ୍ଡଠାରୁ ଲାଞ୍ଜ ପର୍ଯ୍ୟନ୍ତ ବନ୍ଧା ହୋଇଛି । ବଡ଼ରାସ୍ତାରୁ ଭାଙ୍ଗି ସାନ ରାସ୍ତାଟିଏ ଯେଉଁ ଆଡ଼େ ଯାଇଛି, ଘୋଡ଼ାମାନେ ସେଇ ରାସ୍ତାରେ ଗୋଡ଼ ବାଡ଼େଇ ଚାଲିଛନ୍ତି କଳା କାଦୁଆ ରାସ୍ତାରେ ସେମାନଙ୍କ ଗୋଡର ଖୁରକୁ ବାଡ଼େଇ, ସେମାନଙ୍କ ଦେହର ପଛପଟକୁ ହଲେଇ, ଦପ୍‌ଦପ୍ ଶବ୍ଦ କରି କରି ସେମାନେ ରାସ୍ତାର ମୋଡ ଆଡ଼କୁ ଆଗେଇ ଚାଲିଛନ୍ତି । ଘୋଡ଼ାଗୁଡ଼ା ଦେଖିବାକୁ ବେଶ୍ ମୋଟା । ସେମାନଙ୍କ ଚାଲିରେ ଏକ ଉଜାଣିଆ ଓ ନିଦୁଲିଆ ଭାବ । ସେ ଭାବରେ ପ୍ରକାଶ ପାଉଥିଲା ସେମାନଙ୍କ ପରାଧୀନ ଜୀବନର ଚିହ୍ନ । ସବା ଆଗରେ ଥିବା ସହିସ ମୁଣ୍ଡ ଟେକି ପଛକୁ ଚାହିଁଲା ତା । ଘୋଡ଼ା ମୁହଁରେ ବନ୍ଧା ହୋଇଥିବା ଦଉଡ଼ି ହଲିଗଲା । ତାପରେ ଘୋଡ଼ା ସବାର ଦଳ କ୍ରମେ ଆଖି ଆଗରୁ ରାସ୍ତାରୁ ଅପସରି ଗଲେ । ସବା ପଛ ଘୋଡ଼ାର ଲାଞ୍ଜଭିତରେ ଟାଣ ଓ

Digitized by srujanika@gmail.com

ଶକ୍ତି କରି ଧଇଁଡ଼ି ବନ୍ଧା ହୋଇଥିବାରୁ ତାର ପଛପଟ ତଳ ଉପର ହୋଇ ଗତି କରୁଥାଏ ଶେଷରେ ଦେଖାଯାଉ ଥିବା ତା ଲାଞ୍ଜର ଶେଷ କି ତା ନଦୁଆ ଗୋଲରେ ଆଗ ବାଡ଼ କଡ଼ ଦେଇ ଅତିକ୍ରମ କରିଗଲା ।

ଜୋ ସେମିତି ତା ନକଚକିଆ, ବୋକାଳିଆ ଆଖିରେ ଅନେଇ ରହିଥିଲା ଘୋଡ଼ା ଗୁଡ଼ାକ ତା ପାଖେ ତା ନିଜ ଦେହ ପରି ଘୋଡ଼ାମାନଙ୍କୁ ଦେଖି ଦେଖି ସେ ଭାବିଲା ତାର ସବୁ ଶେଷ ହୋଇ ଯାଇଛି, ତାର ଆଉ ରହିଲା କଣ ? ଏବେ ତା ଭାଗ୍ୟକୁ ସେ ତା ବୟସର ଜଣେ ସ୍ତ୍ରୀ ଲୋକ ସହିତ ପ୍ରେମରେ ପଡ଼ିଛି, ଆଉ ସେଇ ସ୍ତ୍ରୀ ଲୋକର ବାପା ପାଖ ଜମିଦାରୀର ଜଣେ ଗୁମାସ୍ତା । ସେ କହିଛି ଜୋକୁ ଗୋଟାଏ ଚାକିରୀ କରେଇ ଦବ । ସେ ସେଇ ସ୍ତ୍ରୀ ଲୋକ କୁ ବାହା ହବ, ତାପରେ ତା ଦିନଗୁଡ଼ା ଏମିତି ଶେଷ ହୋଇଯିବ, ଆଉ ତା ଜୀବନରେ ରହିଲା କଣ ? ସେ ତ ଏବେ ଗୋଟାଏ ପରାଧୀନ ପଶୁ ।

ବଡ଼ ଅଶ୍ୱସ୍ତିକର ଭାବରେ ସେ ମୁହଁ ବୁଲାଇଲା, ଚାଲିଯାଇଥିବା ଘୋଡ଼ା ମାନଙ୍କର ପାଦଶବ୍ଦ ପ୍ରତିଧ୍ୱନିତ ହେଉଥିଲା ତା କାନ ଭିତରେ, ତା ନିଜ ବୋକାଳିଆ ଚଞ୍ଚଳତାରେ ସେ ଖାଇବ ପ୍ଲେଟରୁ ଖଣ୍ଡ ଖଣ୍ଡ ଘିଷୁରି ମାଂସର ଛୋଟ ହାଡ଼ ସବୁ ଉଠେଇ, ଆସ୍ତେ ଆସ୍ତେ ହ୍ୱିସିଲ ମାରି ମାରି, ସେ ଗୁଡ଼ାକ ଚୁଲି ପାଖରେ ବସିଥିବା କୁକୁର ପାଖକୁ ପକଉଥାଏ । ଥରକୁ ଥର କୁକୁରଟା କେମିତି ଖାଉଥାଏ ତା ସେ ଦେଖୁଥାଏ ଅନେଇ ଅନେଇ ଖାଇବା ସରିଗଲେ ପୁଣି ଖାଇବା ପାଇଁ କୁକୁରଟା ସିଧା ଜୋ ର ଆଖିକୁ ଚାହିଁବା ପର୍ଯ୍ୟନ୍ତ ଜୋ ତା ପାଖକୁ ମାଂସ ନ ପକାଇ ଅପେକ୍ଷା କରୁଥାଏ । ଜଣ ଭାବି ସେ ଖଟେଇ ହେଲା ଭଳି ମୁହଁ କଲା, ତାପରେ ନିହାତି ବୋକାଙ୍କ ପରି ପାଟି କରି କୁକୁରଟାକୁ କହିଲା ।

"ତୁ ଆଉ ମାଂସ ଖାଇବୁନି ବୋଧେ ! ଖାଇବୁ ? ହଇରେ···?" ତା କଥା ଶୁଣି କୁକୁରଟା ଯେମିତି ଅତି ଦୁଃଖରେ ତା ଲାଞ୍ଜକୁ ହଲାଇବାରେ ଲାଗିଲା । ତାପରେ ତା ପଛପଟକୁ ତଳକୁ ନୁଏଇଁ, ଥରେ ଗୋଟାଏ ଘେରି ବୁଲି ପଡ଼ି, ପୁଣି ଯେଉଁଠି ବସିଥିଲା ସେଇଠି ଯାଇ ବସି ପଡ଼ିଲା ।

ଖାଇବା ଟେବୁଲ ଚାରିପାଖରେ ଗୋଟାଏ ଅଖାଡୁଆ ଚୁପଚାପ ନୀରବତା । ଜୋ ତା ଚେୟାର ସେ ବୁଲି ବସିଥାଏ । ତାଙ୍କ ପରିବାରର ସମସ୍ତେ ଗୋଟାଏ ନିଷ୍ପତ୍ତିରେ ନ ପହଞ୍ଚିଲା ପର୍ଯ୍ୟନ୍ତ ସେ ଘର ଛାଡ଼ି ଯାଇ ବି ପାରୁନଥାଏ ।

ଜୋ ର ତଳ ଭାଇ ନିଁ ଫ୍ରେଡ୍ ହେନରୀ । ସେ ଲମ୍ବାଳିଆ, ହୃଷ୍ଟପୁଷ୍ଟ, ଏବଂ ଖୁବ୍ ସପ୍ରତିଭ । ସେ ବି ଘୋଡ଼ାମାନଙ୍କୁ ଯାଉଥିବାର ଦେଖିଥିଲା । ସେ ବି ଜୋ ପରି ଏକ ପଶୁ

Digitized by srujanika@gmail.com

ବୋଲି ଧରିନିଆଯାଇପାରେ, କିନ୍ତୁ ସେ ଦୁଇଜଣଙ୍କ ଭିତରେ ପ୍ରଭେଦ ରହିଛି । ଫ୍ରେଡ୍ ପଶୁ ହେଲେ ବି ପଶୁକୁ ବଶ କରିପାରେ, ନିଜ ଅଧୀନରେ ରଖିପାରେ । ସେ ନିଜେ କାହାରି ଅଧୀନତା ସ୍ୱୀକାର କରେ ନାହିଁ । ସେ ଯେ କୌଣସି ଘୋଡ଼ାକୁ ବି ମଣେଇ ପାରେ । ତା ଚାଲି ଚଳନରେ ମୁରବି ଢଂଗ ଓ ତା କଥାବାର୍ତ୍ତାରେ ମୁରବିଆନାର ଢଂଗ ବାରି ହୋଇପଡ଼େ, କିନ୍ତୁ ସେ ଘୋଡ଼ାମାନଙ୍କ ଉପରେ ମାଲିକ ହେଲେ ବି ଜୀବନର ବିଭିନ୍ନ ପରିସ୍ଥିତିକୁ ସେ ଠିକ୍ ଭାବରେ ପରିଚାଳିତ କରିପାରେନି । ସେ ତା ମାଟିଆ ନିଶକୁ ଓଠ ଉପରେ ଉପରକୁ ମୋଡ଼ି ମୋଡ଼ି ଟେକି ଦେଇ ବଡ଼ ବିରକ୍ତିକର ସ୍ୱରରେ ତା ଭଉଣୀ ଆଡ଼କୁ ଚାହିଁଲା । ତା ଭଉଣୀ କିନ୍ତୁ ନିର୍ବାକ୍, ନିଷ୍ପନ୍ଦ ଭାବରେ ବସି ରହିଥିଲା, ଫ୍ରେଡ୍ ତାକୁ କହିଲା ।

"ତୁ ଟିକେ ଲୁସି ପାଖକୁ ଯିବୁ ? କ'ଣ ଯିବୁ ନା ନାହିଁ ?" ତା ଭଉଣୀ କିଛି କହିଲା ନାହିଁ ।

ଫ୍ରେଡ୍ ପୁଣି କହିଲା, "ନ ଯିବୁ ତ ତୁ ଆଉ କଣ କରିପାରିବୁ ମୁଁ ବୁଝିପାରୁ ନାହିଁ ?"

ଜୋ ଚିଡ଼ଚିଡ଼ିଆ ସ୍ୱରରେ କହିଲା, "ହେ ଝୋକି, ଯାଉନୁ ?"

ତେବେ ବି ସେ କିଛି ଉତ୍ତର ଦେଲା ନାହିଁ ।

ସାନ ଭାଇ ମାଲକୋମ କହିଲା, "ମୁଁ ଯଦି ତା ଜାଗାରେ ଥାନ୍ତି, ତେବେ ମୁଁ ନର୍ସ ଟ୍ରେନିଂରେ ଯାଇଥାନ୍ତି ।" ମାଲକୋମ, ସେମାନଙ୍କ ଭିତରେ ସବୁଠୁ ସାନ, ବୟସ ବାଇଶି ପାଖାପାଖି, ଭାରି ଖୁସି ବାସିଆ, ବେପରୁଆ । କିନ୍ତୁ ମାବେଲ ତା କଥାରେ, ବି କିଛି ଉତ୍ତର କଲା ନାହିଁ । ତା ଭିନଭାଇ ଆଜି ପର୍ଯ୍ୟନ୍ତ ତା ବିଷୟରେ ଓ ତାକୁ ଘେରି ଏତେ କଥାବାର୍ତ୍ତା କରିଛନ୍ତି ଯେ ସେମାନେ କିଛି କହିଲେ ତାକୁ ଆଉ ଆଜି ସେ କଥାର କିଛି ମୂଲ୍ୟ ଅଛି ବୋଲି ଜଣା ପଡ଼େ ନାହିଁ ।

ଚୁଲି ଉପରେ ଥିବା ଥାକ ଉପରୁ ମାର୍ବଲ ଘଣ୍ଟାରେ ଅଧଘଣ୍ଟିଆ ଘଣ୍ଟା ଢଂ କରି ବାଜିଲା । କୁକୁରଟା ଭିଡ଼ିମୋଡ଼ି ହୋଇ ଚୁଲି ପାଖରୁ ଉଠି ଜଳଖିଆ ଟେବୁଲ ଚାରିପାଖରେ ବସିଥିବା ଭାଇ ଭଉଣୀଙ୍କ ଆଡ଼କୁ ଅନେଇଲା । କିନ୍ତୁ ସେମାନଙ୍କ ଗୁପ୍ତ ଆଲୋଚନାରେ ତାର କିଛି ପ୍ରଭାବ ପଡ଼ିଲା ନାହିଁ ।

ଜୋ, ହଠାତ୍ କଣ ଭାବି ପାଟି କରି କହିଲା । "ଅଚ୍ଛା ଠିକ୍ ଅଛି, ମୁଁ ଏଇ ବାହାରିଲି ।"

ସେ ତା ଚୌକି ଠେଲି ଠିଆ ହେଲା । ଘୋଡ଼ା ଭଳି ଆଣ୍ଠୁକୁ ଛଳକି ନୁଇଁ ସେ ଅଳସ ଭାଙ୍ଗିଲା । ଅଳସ ଭାଙ୍ଗିସାରି ସେ ନିଆଁ ପାଖକୁ ଗଲା । କିନ୍ତୁ

Digitized by srujanika@gmail.com

ତେବେ ବି ସେ ଘରୁ ବାହାରକୁ ଗଲା ନାହିଁ । ସେ ଜାଣିବାକୁ ଚାହୁଁଥିଲା ଅନ୍ୟମାନେ କଣ କହିବେ ବା କରିବେ ବା କରିବାକୁ ଚାହୁଁଛନ୍ତି । ସେ ତା ସିଗାରେଟ ପାଇପରେ ନିଆଁ ଧରେଇଲା । ତାପରେ କୁକୁରଟାର ଅଡ଼କୁ ବଡ଼ ଅସ୍ୱାଭାବିକ ଭାବରେ ଅନେଇ ଜୋର୍‌ରେ ପାଟିକରି କହିଲା, "ମୋ ସାଂଗେ ଯିବୁ ? ଯିବୁ କିରେ ଟେଙ୍ଗି ? କଣ ଶୁଣିପାରୁନୁ ?"

କୁକୁରଟା ତା କଥା ଶୁଣି ଲଜ୍ଜିତ ହେଲେଇଲା । ଜୋ ତା ଦାନ୍ତ ଦେଖେଇ ଦି ହାତରେ ପାଇପକୁ ଧରି ଜୋର୍‌ରେ ଜୋର୍‌ରେ ପାଇପ ଟାଣିବାକୁ ଲାଗିଲା । ସେ ଯେମିତି ପାଇପ ଟାଣିବାରେ ମଜ୍ଜି ଯାଇଛି, ପାଇପ୍ ଟାଣୁ ଟାଣୁ ସେ କୁକୁର ଅଡ଼କୁ ଅନ୍ୟମନସ୍କ ଭାବରେ ଚାହିଁ ରହିଲା । କୁକୁରଟା ବି ତା ଅଡ଼କୁ କେମିତିକା କାନ୍ଦୁଆ କାନ୍ଦୁଆ ଆଖିରେ ଅବିଶ୍ୱାସ କଲାପରି ଅନେଇଥାଏ ! ଜୋ ଆଣ୍ଠୁ ଦୁଇଟାକୁ ଆଗକୁ ବଢେଇଦେଇ ଠିକ୍ ଘୋଡା ପରି ଠିଆ ହୋଇଥାଏ ।

ଫ୍ରେଡ୍ ତା ଭଉଣୀକୁ ପଚାରିଲା, "ଅଚ୍ଛା ତୁ ଲୁସିଠୁ ଚିଠି ପାଇଛୁ କି ?"

'ଗତ ସପ୍ତାହରେ ପାଇଛି ।" ତା ଭଉଣୀ ନିର୍ଲିପ୍ତ କଣ୍ଠରେ କହିଲା । "ସେ କଣ ଲେଖିଛି ?" ଏ କଥାରେ ତା ଭଉଣୀ କିଛି ଉତ୍ତର ଦେଲା ନାହିଁ । ଫ୍ରେଡ୍ ପୁଣି ପଚାରିଲା "ସେ କଣ ତତେ ତା ପାଖକୁ ଯିବାକୁ କହିଛି ?" "ସେ ଲେଖିଛି ମୁଁ ଇଚ୍ଛା କଲେ ଯାଇପାରେ ।"

"ତାହେଲେ, ତୁ ଯାଇ ତା ପାଖରେ ରହିବା ସୁବିଧା ହେବ ତୁ ତାକୁ କହିଦେ ତୁ ସୋମବାର ଦିନ ଯାଇ ତା ଗାଁରେ ପହଞ୍ଚିବୁ" ଏକଥା ବି ସେ ଚୁପ୍‌ଚାପ ଶୁଣିଲା, କିଛି ଜବାବ ଦେଲା ନାହିଁ ଫ୍ରେଡ୍ ପୁଣି ବିରକ୍ତ ହୋଇ କହିଲା, 'କଣ ତୁ ସେଇଠି ତା ପାଖରେ ଯାଇ ରହିବୁ ବୋଲି ଠିକ୍ କଲୁ ?"

ତେବେ ବି ସେ କିଛି କହିଲା ନାହିଁ । ଘର ଭିତରେ ଗୋଟାଏ ନିହାତି ବିରକ୍ତିକର, ଫାଙ୍କା, ଚୁପଚାପ ଭାବ, ମାଲକୋମ ନିର୍ବୋଧଙ୍କ ପରି ଦାନ୍ତ ଦେଖେଇ ଖତେଇ ହେଲାପରି ମୁହିଁ କରୁଥାଏ ।

ଜୋ ପାଟି କରି କହିଲା, "ବୁଝିଲୁ, ତତେ ବର୍ତ୍ତମାନଠାରୁ ଆର ବୁଧବାର ଭିତରେ, ତୁ କଅଣ କରିବୁ, ଠିକ୍ କରିବାକୁ ପଡ଼ିବ ନହେଲେ ତୋ କଥା ତୁ ବୁଝ, ଯା ସେଇ ରାସ୍ତା କଡ଼ର ପଥର ଉପରେ ରହିବୁ ।"

ଜୋ କଥା ଶୁଣି ତା ଭଉଣୀର ମୁହଁ କଳା ପଡ଼ିଗଲା, କିନ୍ତୁ ସେ କିଛି ନ କହି ଚୁପ ରହିଲା ।

Digitized by srujanika@gmail.com

ମାଲକୋମ ଝରକାବାଟେ ବାହାରକୁ ଚାହିଁଥିଲା । ଏମ୍.ନଙ୍କର କୌଣସି କଥାରେ ସେ ମୁଣ୍ଡ ଖେଲାଉନଥିଲା । ହଠାତ୍ ସେ ପାଟି କରି କହିଲା, "ହେଇତ ଜ୍ୟାକ୍ ଫରଗୁସନ ଆସିଲାଣି !"

ଜୋ ବି ଜୋରରେ ପାଟିକରି କହିଲା "କାହିଁ, କୋଉଠି ?"

"ଏଇ ତ ସେ ପାଖରେ ।"

"କଣ ଭିତରକୁ ଆସୁଛି ?"

ମାଲକୋମ ଗେଟ ଆଡ଼କୁ ବେକ ଟେକେଇ ଅନେଇ କହିଲା "ହଁ" ।

ସମସ୍ତେ ପୁଣି ଚୁପ୍ ହୋଇ ବସିଲେ କିଛି ସମୟ । ମାବେଲ ଟେବୁଲର ଗୋଟିଏ ମୁଣ୍ଡରେ ଦୋଷୀ ଭଳି ବସି ରହିଲା । ଗେଷ୍ଟେଇଘର ଆଡ଼ୁ କିଏ ଜଣେ ସିଟି ମାରି ମାରି ଆସିବାର ଜଣାଗଲା । କୁକୁରଟା ଉଠିପଡ଼ି ଭୁକି ଉଠିଲା ଜୋର୍‌ରେ । ଜୋ କବାଟ ଖୋଲି ପାଟିକରି କହିଲା "ଭିତରକୁ ଆସ" ।

ପରେ ପରେ ତରୁଣଟିଏ ଭିତରକୁ ଆସିଲା । ତା ଦେହରେ ଗୋଟାଏ ଓଭରକୋଟ, ତା ଉପରେ ବାଇଗଣୀ ରଂଗର ଚାଦରଟାଏ ସେ ଘୋଡ଼େଇ ହୋଇଛି । ତା ମୁଣ୍ଡର ଟୁଇଡ଼ କ୍ୟାପ, ମୁହଁ ଉପରକୁ ଡଳି ପଡ଼ିଛି, ଟୋପିଟା ସେ ମୁଣ୍ଡରୁ କାଢ଼ି ନଥାଏ । ଦେଖିବାକୁ ମଧ୍ୟଭଳିଆ ଢଙ୍ଗ, ମୁହଁ ଟିକେ ଲମ୍ବାଳିଆ । ତା ମୁହଁ ଟିକେ ଶୁଖି ଯାଇଥାଏ, ତା ଆଖିରେ କ୍ଳାନ୍ତ ଭାବ ।

ମାଲକୋମ ଓ ଜୋ ଦୁ' ଜଣ ଯାକ ପାଟି କରି ଉଠିଲେ, "ଆରେ ଜ୍ୟାକ, କରେ !" ଫ୍ରେଡ୍ ହେନସ୍ତି ଖାଲି କହିଲା "ଜ୍ୟାକ୍ !"

ଫ୍ରେଡ୍‌କୁ ଉଦ୍ଦେଶ୍ୟ କରି ଜ୍ୟାକ୍ କହିଲା "ତୁ କଣ କରୁଛୁ ?" ଫ୍ରେଡ୍ କହିଲା "ଆଉ କଣ କରିବ ? ଆମକୁ ବୁଧବାର ସୁଦ୍ଧା ଘର ଛାଡ଼ିବାକୁ ପଡ଼ିବ । ତତେ କଣ ଥଣ୍ଡା ହେଇଛି କରେ ?"

"ହଁ ଭାରି ଥଣ୍ଡା ହେଇଛି"

"ତାହେଲେ ତୁ ଆଜି ଏଠି ରହିଯା ।"

"ମୁଁ ରହିବି ? ଯେତେବେଳେ ଏ ଗୋଡ଼ ଦୁଇଟା ଅଚଳ ହୋଇଯିବ, ସେତେବେଳେ କେଜାଣି ମତେ ବାଧ୍ୟ ହୋଇ ରହିବାକୁ ପଡ଼ିବ ।" ଜ୍ୟାକ୍ ଘଡ଼ଘଡ଼ିଆ ସ୍ୱରରେ କହିଲା ତା କଥାରେ ସାମାନ୍ୟ ସ୍କଚ ଉଚ୍ଚାରଣ ।

ଜୋ, ସମୁଦ୍ର ଗର୍ଜନ ଭଳି ଚିତ୍କାର କରି କହିଲା,

Digitized by srujanika@gmail.com

"ହୋଇଗଲେ ଭଇ, ହୋଇଗଲା । ଯଦି ଡାକ୍ତରଙ୍କୁ ଅଣ୍ଡା ଧରେ ଅଉ ସେ କାଶି କାଶି ହକୁଅଡ଼େ ବୁଲେ ତେବେତ ଅଉ କିଛି କହିବା ନାହିଁ । ରୋଗୀମାନେ ଆଉ କଣ କରିବେ ?"

ଡାକ୍ତର ଜ୍ୟାକ ଜୋ ଅଡ଼କୁ ଧିରେ ଧିରେ ଚାହିଁଲା ତାପରେ ସେ ତାକୁ ଟଙ୍କାଳିଆ ସ୍ୱରରେ କହିଲା "ସେଥିରେ ତୋର କିଛି ଅସୁବିଧା ହେଉଛି ?"

"ନା, ଯେତେଦୂର ଜାଣେ ସେମିତି କିଛି ହଉନି । କାହିଁକି ମୋ ଆଡ଼କୁ ସେମିତି ଅନଉଛୁ ? କ'ଣ କୋଉଠି ବିଗିଡ଼ିଗଲାକି ?"

"ମୁଁ ଭାବିଲି ତୁ ବୋଧେ ମୋ ଅପେକ୍ଷା ରୋଗୀମାନଙ୍କ ବିଷୟରେ ବେଶୀ ଭାବୁଛୁ । ତୋର ନିଜର କିଛି ରୋଗ ହୋଇଛି କି ?" ଜୋ କହିଲା "ଯା ମ, ଯା, ମୁଁ କେବେ ରୋଗୀ ହୋଇନି କି ସେ 'ଫୁଟଫାଟିଆ ଡାକ୍ତରଙ୍କ ପାଖକୁ କେବେ ଯାଇନି କି ଯିବି ବି ନାହିଁ ।"

ଏତିକିବେଳେ ମାବେଲ ଟେବୁଲ ପାଖରୁ ଉଠି ଗଲା ବାହାରକୁ । ସେ ଉଠିବାରୁ ସମସ୍ତେ ତା ବସିବା ବିଷୟରେ ସଚେତନ ହେଲେ । ସେ ପ୍ଲେଟ ଓ ବାସନ-ଗୁଡ଼ା ଏକାଠି କଲା ଉଠେଇ ନେବାକୁ ଟେବୁଲ ଉପରୁ । ଜ୍ୟାକ୍ ମାବେଲ ଆଡ଼କୁ ଅନେଇଲା । କିନ୍ତୁ ତାକୁ କିଛି କହିଲା ନାହିଁ । ତାକୁ ସେ ଆସିଲାବେଳୁ କିଛି ଭଲ ମନ୍ଦ କଥା ବି ପଚାରିନଥିଲା । ସେ ବାସନଗୁଡ଼ା ଟ୍ରେ'ରେ ଥୋଇ ବାହାରକୁ ଚାଲିଗଲା । ତା ମୁହଁର ଭାବ ଉଦାସୀନ ଓ ଭାବନା ଶୂନ୍ୟ ।

ଡାକ୍ତର ଜ୍ୟାକ୍ ପଚାରିଲା, "ତେବେ ତମେ ସମସ୍ତେ କେବେ ଯାଉଛ ?" ମାଲକୋମ କହିଲା', ମୁଁ ଆଜି ଏଗାରଟା ପଇଁଚାଳିଶ୍ ଟ୍ରେନରେ ଯିବି । ଜୋ, ତୁ ଘୋଡ଼ାସାଜ ସାଂଗରେ ଯିବୁ ବୋଧେ ?"

ଜୋ, କହିଲା, "ମୁଁ ତ ତତେ କହିଛି ମୁଁ ଘୋଡା ସାଜ ସାଂଗରେ ଯିବି ବୋଲି । କହିନି ? ତୁ ପୁଣି ପଚାରୁଛୁ କାହିଁକି ?"

ମାଲକୋମ ତାପରେ ଜ୍ୟାକ ସାଂଗରେ ହାତ ମିଳେଇ କହିଲା, "ଆମକୁ ତ ମାବେଲକୁ ସାଂଗରେ ନେଇ ଯିବାକୁ ପଡ଼ିବ । ସେତେବେଳେ ମୁଁ ଯିବା ପୂର୍ବରୁ, ଜ୍ୟାକ୍, ତୋ ସାଂଗରେ ଦେଖାକରି ଯିବି ।"

ମାଲକୋମ ତାପରେ ବାହାରକୁ ଚାଲିଗଲା । ଜୋ ବି ତା ପଛେ ପଛେ ଉଠିଗଲା ତା ସାଂଗରେ ।

' ସମସ୍ତେ ଘରୁ ଚାଲିଯିବା ପରେ, ଯେତେବେଳେ ଫ୍ରେଡ୍ ଆଉ ଜ୍ୟାକ୍ ଘରେ ଏକା ରହିଲେ, ସେତେବେଳେ ଜ୍ୟାକ କହିଲା "........ । ଅଚ୍ଛା ତୁ ଯାଉଛୁ ବୁଧବାର ଆଗରୁ ?"

Digitized by srujanika@gmail.com

ଫ୍ରେଡ୍ କହିଲା, "ହଁ, ସେଇଆ ତ ଠିକ୍ ହେଉଛି ।"

"କୋଉଠିକି ଯିବ, ନର୍ଥ ଆମ୍ପଟନ୍ ?"

"ହଁ !"

"ହେଃ ଭଗବାନ !" ଫରଗୁସନ ଅତି ବିରକ୍ତ ହୋଇ କହିଲା ।

ତାପରେ ଦୁଇଜଣ ଯାକ କିଛି ସମୟ ଚୁପ୍ ଚାପ୍ ହୋଇ ବସି ରହିଲେ ।

ପୁଣି ଫରଗୁସନ ପଚାରିଲା, "କ'ଣ ତମ ଭିତରେ ସବୁ ଠିକ୍ ଠାକ୍ ହୋଇ ଯାଇଛି ?"

ଫ୍ରେଡ୍ କହିଲା "ହଁ, ପ୍ରାୟ ଠିକ୍ ହୋଇଯାଇଛି ।"

ପୁଣି ଦୁହେଁ କିଛି ସମୟ ଚୁପ୍ ହୋଇ ବସିଲେ ।

ଡାକ୍ତର କହିଲା, "ବୁଝିଲୁରେ ଫ୍ରେଡ୍, ତୁ ଚାଲିଗଲେ ମତେ ଖରାପ ଲାଗିବ ।"

ଫ୍ରେଡ୍ କହିଲା, "ମତେ ବି ଖରାପ ଲାଗିବରେ ।"

ଜ୍ୟାକ କହିଲା "ତତେ ତ ମୁଁ ଜମା ଭୁଲି ପାରିବିନି !"

ଫ୍ରେଡ୍ ହେନଶ ବୁଲି ପଛକୁ ବସିଲା । ସେମିତି ସେମାନଙ୍କର କଥା ସରିଯାଇଥିଲା । ମାବେଲ ଘର ଭିତରକୁ ଆସିଲା ଟେବୁଲ୍ ସଫା କରିବା ପାଇଁ ।

ଫରଗୁସନ ମାବେଲକୁ ପଚାରିଲା, "ତାହେଲେ ପରଦିନ ତମେ କଣ କରିବାକୁ ଠିକ୍ କରିଛ ? ତମେ କଣ ତମ ଭାଇଙ୍କ ପାଖକୁ ଯିବ ?"

ମାବେଲ ଜ୍ୟାକ୍ ଆଡ଼କୁ ଅନେଇଲା । ମାବେଲ ଆଖିର ସେଇ ସ୍ଥିର ନିଶ୍ଚିତ ଚାହାଣୀ ଦେଖିଲେ ଜ୍ୟାକ୍‌କୁ ଖାଲି ଅଡୁଆ ଲାଗେ । ସେତେବେଳେ ତା'ର ଲୋକ ଦେଖାଣିଆ ସହଜ ଭାବଟା ତା ନିଜକୁ ଖାଲି ଅବାଗିଆ, ଅସହଜ ମନେ ହୁଏ ।

ସେ ଉତ୍ତର ଦେଲା "ନା"

ତା କଥା ଶୁଣି ଫ୍ରେଡ୍ ହେନଶ ଚିଡ଼ିଯାଇ ପାଟିକରି କହିଲା "ଆଚ୍ଛା ତା ହେଲେ ତୁ କଣ କରିବୁ ବୋଲି ଠିକ୍ କରୁଛୁ ?

ତୁ କଣ ଭାବୁଛୁ ଆମକୁ କହୁନୁ କାହିଁକି ?

Digitized by srujanika@gmail.com

କିନ୍ତୁ ତଥାପି ସେ କୌଣସି ଜବାବ ନ ଦେଇ, ଫ୍ରେଡ୍ କଥାକୁ ଏଡ଼େଇ ଦେଇ ନିଜ କାମ କରିବାରେ ଲାଗିଲା । ସେ ଖାଇବା ଟେବୁଲ ଉପରୁ ଧଳା ଟେବୁଲ କ୍ଲଥଟା କାଢ଼ିନେଇ ତା ଉପରେ ପ୍ଲାଷ୍ଟିକ କ୍ଲଥ ପକେଇ ଦେଲା ।

ତା ଭାଇ ଏ ସବୁ ଦେଖି ଚିଡ଼ିଯାଇ କହିଲା,

ଓଃ, ଅତି ବାହାଦୁରୀ ଦେଖେଇ ହେଉଛି ! କିଏ କରିବ କିଛି ନ ଜାଣି ବେଶୀ ଗୁଡ଼ାଏ ଢ଼ଙ୍ଗ ବାହାର କରୁଛି ।”

କିନ୍ତୁ ମାବେଲ ମୁହଁରେ ଏ କଥାର କିଛି ହେଲେ ପ୍ରଭାବ ପଡ଼ିଲା ନାହିଁ । ସେ ଯେମିତି ଉଦାସୀନ ଭାବରେ ତା କାମ ଶେଷ କରିବାରେ ଲାଗିଥାଏ । ଜ୍ୟାକ୍ ତାକୁ ଏ ପର୍ଯ୍ୟନ୍ତ ଲକ୍ଷ୍ୟ କରି ଦେଖୁଥିଲା । ମାବେଲ ତା କାମ ସାରି ବାହାରକୁ ଚାଲିଗଲା ।

ଫ୍ରେଡ୍ ଅତି ବିରକ୍ତ ହୋଇ, ଓଠ କାମୁଡ଼ି, ତା ଅଡ଼କୁ ବଡବଡ ଆଖିରେ ଚାହିଁଲା । ବିରୋଧରେ ତା ନେଳିଆ ଆଖିରେ ଯେମିତି ପଲକ ପଡୁ ନଥିଲା । ସେ ବିରକ୍ତ ହୋଇ ମୁହଁ ବିକୃତ କରି ତାକୁ ଖତେଇ ହେଲା ।

ଫ୍ରେଡ୍ ଆସ୍ତେ ଆସ୍ତେ ଡାକ୍ତରକୁ କହିଲା, “ତମେ ତାକୁ ପଚାରି ପଚାରି ଫାଟିଗଲେ ବି ତାଠାରୁ ଅଧିକା କିଛି ଉତ୍ତର ଆଦାୟ କରିବାର ସାଧ୍ୟ ନାହିଁ ।”

ଡାକ୍ତର ତା କଥା ଶୁଣି ଟିକିଏ ହସିଲା । ସେ ପଚାରିଲା ।

“ତା ହେଲେ ଶେଷ ପର୍ଯ୍ୟନ୍ତ ସେ କଣ କରିବ ବୋଲି ଭାବୁଛ ?”

ଫ୍ରେଡ୍ କହିଲା “ମୁଁ କଣ ଜାଣିଛି ।

ଦୁହେଁ କିଛି ସମୟ ପାଇଁ ଚୁପ୍ ହୋଇଗଲେ । ତା ପରେ ଡ଼ାକ୍ତର ତା ସାଂଗକୁ କହିଲା ।

“ଆଜି ରାତିରେ ତୋ ସାଂଗେ ଦେଖା କରିବ, ବୁଝିଲୁ ?”

“କୋଉଠି ଦେଖାହେବ ? କ’ଣ ଆମେ ଜେଲ୍‌ଜେଲ ପର୍ଯ୍ୟନ୍ତ ଯିବା ?”

ଜ୍ୟାକ୍ କହିଲା, “ମୁଁ ଜାଣିନି, ମୋତେ ଏତେ ଅଣ୍ଡା ହୋଇଛି ଯେ କୁଆଡ଼କୁ ଆସିବାକୁ ମୋର ଇଚ୍ଛା ହେଉନି । ତେବେ ମୁଁ ‘ମୁନ ଆଣ୍ଡ ଷ୍ଟାର’ ପର୍ଯ୍ୟନ୍ତ ଯେମିତି ହେଲେ ଆସିବି,’

“ତା ହେଲେ ଆଜି ଲଜ ଆଉ ତମେ ଦୁଇକଣଯାକ ରାତିରେ ମତେ ଅପେକ୍ଷା କରି ରୁହିବୁ” ଫ୍ରେଡ କହିଲା ।

Digitized by srujanika@gmail.com

"ହଉ, ଯଦି ମୋ ଅଣ୍ଟା ଆଉ ନ ବଢ଼େ ତେବେ ମୁଁ ଆସିବି"

"ତା ହେଲେ ସେଇଆ ହଉ" କହି ଦୁହେଁ ଯିବାକୁ ଉଠିଲେ ।

ତା' ପରେ ଦି'ଜଣ ଯାକ ସାଂଗ ହୋଇ ବାରଣ୍ଡା ଗଳି ଭିତରି ଦେଇ ପଛପଟ କବାଟ ପାଖକୁ ଗଲେ । ଫ୍ରେଡ୍‌ଙ୍କ ଘରଟା ବେଶ ବଡ଼, ଏବେ କିନ୍ତୁ ଘରେ ଚାକର ବାକର ନାହାନ୍ତି । ଭାଙ୍ଗିରୁଜି ଗଲାଣି ଘର ପଛପଟକୁ ଇଟା ଘେରା ଅଗଣାଟିଏ ତା ସେ ପାଖକୁ ଗୋଟାଏ ବଡ ନାଳିଆ, ପଥର ପିଟା ଚକଡାର ଦୁଇ ପାଖରେ ଲମ୍ବା ହୋଇ ଘୋଡାଶାଳ । ତା ସେ ପାଖକୁ ଗଡ଼ାଣିଆ ହୋଇ, ଓଦା, ସନ୍ତସନ୍ତିଆ, ଅନ୍ଧାରୁଆ, ଅଣଓସାରିଆ ପଡ଼ିଆଟାଏ ଗଡ଼ିଯାଇଛି ସେ ପାଖରେ ଖୋଲା ପଡ଼ିଆକୁ ଲାଗି ।

କିନ୍ତୁ ଘୋଡ଼ାଶାଳ ଗୁଡ଼ାକ ଖାଲି । ଘୋଡାଶାଳ ଯୋସେଫ୍ ପରଭିନର । ଯୋସେଫ୍ ପରଭିନ ଏଇ ପିଲା ଗୁଡ଼ାଙ୍କର ବାପା । ତାର ପାଠ ଶାଠ କିଛି ନଥିଲା । କିନ୍ତୁ ସେ ଜଣେ ବେଶ ବଡ ଘୋଡା ବେପାରୀ ଥିଲା । ସେତେବେଳେ ଘୋଡ଼ାଶାଳରେ ଘୋଡ଼ାମାନେ ଭର୍ତ୍ତି ହୋଇ ରହୁଥିଲେ, ଘୋଡ଼ା, ଘୋଡ଼ା କିଣାଳୀ, ଆଉ ସଉଦା ମାନଙ୍କ ଯିବା ଆସିବା, ହଇଚଇ ଗୋଳମାଳରେ ସେ ଜାଗା ଉଠୁଥିଲା ପଡୁଥିଲା । ସେତେବେଳେ ଦେଖାଶୁଣା କରିବା ପାଇଁ ଚାକର ବାକର ବି ରହୁଥିଲେ ଯଥେଷ୍ଟ । ଏଇ କିଛି ଦିନ ହେବ କିନ୍ତୁ ଅବସ୍ଥା ବଦଳି ଯାଇଛି । ସେମାନଙ୍କ ଅବସ୍ଥା ଶୋଚନୀୟ ହୋଇଛି । ବୁଢ଼ା ଯୋସେଫ୍ ପୁଣି ଦ୍ୱିତୀୟ ଥର ବିବାହ କରିଥିଲା ତା ଭାଗ୍ୟ ବଦଳେଇବା ପାଇଁ । କିନ୍ତୁ ସେ ଏବେ ମଲାଣି, ଆଉ ତା ମରିବା ପରେ ଘରବାଡ଼ି ସବୁ ଚହଲିକି ଗଲାଣି, ସବୁ ନଷ୍ଟ ଭ୍ରଷ୍ଟ ହୋଇଗଲାଣି, ଏବେ ତା ପରିବାରର ଆଉ କିଛି ନାହିଁ, ଖାଲି କରଜ ଓ କରଜ ଆଦାୟ ପାଇଁ ଧମକ ଓ ଡରାଣ ।

ମାସ ମାସ ଧରି ମାବେଲ ଏତେ ବଡ଼ ଘରଟାରେ ଚାକରବାକର ବିନା ଘରର ସବୁ କାମ ଚଳାଉଛି । ଚରମ ଦାରିଦ୍ର୍ୟରେ ବି ତାର ଏଇ ନ ପାରିଲା, ଅକାମୀ ଭାଇ ଗୁଡ଼ାଙ୍କୁ ସେ ଚଳାଇ ଆସିଛି । ଗତ ଦଶବର୍ଷ ଧରି ଘରର ସବୁ କଥା ବୁଝି ଆସିଛି । କିନ୍ତୁ ଆଗେ ସେମାନଙ୍କ ଅବସ୍ଥା ଥିଲା ଅନ୍ୟପ୍ରକାର । ଟଙ୍କା ପଇସାର ଅଭାବ ନଥିଲା ସେତେ ସ୍ୱଚ୍ଛଳ ଅବସ୍ଥା ଥିଲା ସେମାନଙ୍କର । ସେତେବେଳେ ଆଉ ସବୁଆଡୁ ଯେତେ ଖରାପ ହେଲେ ବି ପଇସା ବଳରେ ସେ ମନରେ ଗର୍ବ ଓ ଦମ୍ଭ ଅନୁଭବ କରୁଥିଲା । ସେତେବେଳେ ପରିବାରର ଲୋକମାନେ କଳିକଜିଆ କରୁଥିଲେ, ଘରର ସ୍ତ୍ରୀ ଲୋକମାନଙ୍କର ଅପକୀର୍ତ୍ତି କଥା ପ୍ରଚାର ହେଉଥିଲା; ତା ନଷ୍ଟ ଚରିତ୍ର ଭାଇମାନଙ୍କର ଜାରଜ ପିଲାମାନେ ଜନ୍ମ ହେଉଥିଲେ. କିନ୍ତୁ ତେବେ ବି ପଇସା ବଳରେ ସେ ସବୁକୁ ଚାପି

Digitized by srujanika@gmail.com

ରଖାଯାଇ ପାରୁଥିଲା । ସେ ନିଜେ ବି, ପଇସା ଥିବାରୁ ନିଜକୁ ନିରାପଦ ମନେ କରୁଥିଲା ।

ତାଙ୍କ ଘରକୁ ତାଙ୍କର ସାଂଗସୁଖ ବା ବନ୍ଧୁ ବାନ୍ଧବ କେହି ଆସୁ ନଥିଲେ । କିନ୍ତୁ ଯେଉଁମାନେ ଆସୁଥିଲେ ସେମାନେ ଥିଲେ ହୁଏତ ଘୋଡ଼ା ବ୍ୟବସାୟୀ ବା ଆଉ କାହିଁ, ସେଇ ଧରଣର ଲୋକ । ମାବେଲର ଭଉଣୀ ଘରୁ ଚାଲିଯିବା ପରେ ତାର ନିଜର ଆଉ କୌଣସି ପିଲା ସାଂଗ କେହି ନ ଥିଲେ । କିନ୍ତୁ ସେଥିପାଇଁ ତାର ଏଦୁଃଖ ନଥିଲା । ସେ ପ୍ରତିଦିନ ଚର୍ଚ୍ଚକୁ ଯାଉଥିଲା ଓ ତା ମା ବାପା କଥା ସବୁବେଳେ ବୁଝୁଥିଲା ତାକୁ ଯେତେବେଳେ ଚଉଦ ବର୍ଷ ହୋଇଥିଲା ସେତେବେଳେ ତା ମା'ର ମୃତ୍ୟୁ ହୋଇଥିଲା । ତା ମା'କୁ ସେ ଭଲ ପାଉଥିଲା ଆଉ ତା ମା' କଥା ମନେ ପକେଇ ପକେଇ ସେ ତା ଦିନ କାଟୁଥିଲା ତା ବାପାକୁ ବି ସେ ଭଲ ପାଉଥିଲା । କିନ୍ତୁ ବାପାକୁ ଭଲ ପାଇବା ତାର ଅଲଗା ପ୍ରକାରର, ବାପା ଉପରେ ସେ ନିର୍ଭର କରୁଥିଲା, ବାପା ପାଖରେ ଥିବାରୁ ସେ କାହାକୁ ଭୟ କରୁ ନଥିଲେ । କିନ୍ତୁ ବାପା ଯେତେବେଳେ ଚଉବନ ବର୍ଷ ବୟସରେ ପୁଣି ଦ୍ୱିତୀୟ ଥର ପାଇଁ ବାହା ହେଲା, ସେହିଦିନ ଠାରୁ ବାପାକୁ ଭଲ ପାଇବା ତାର ଶେଷ ହୋଇ ଯାଇଥିଲା । ବାପା ଉପରେ ତା ମନ ଅତି ବିରକ୍ତ ହୋଇ ଯାଇଥିଲା ଓ ବାପାର ସବୁ କଥାକୁ ସେ ବିରୋଧ କରୁଥିଲା । ଏବେ ବାପା ମରିବା ପରେ ସେମାନଙ୍କୁ ଋଣ ଭାରରେ ବୁଡ଼େଇ ଦେଇ ଯାଇଛି ।

ଅବସ୍ଥା ଖରାପ ବେଳେ ସେ ଅତି ଦୁଃଖରେ ଦିନ କଟେଇଛି । କିନ୍ତୁ ତେବେ ବି, ପରିବାରର ପ୍ରତ୍ୟେକଙ୍କ ପାଖରେ ଥିବା ବିଚାର, ରୁଚି, ପଣ୍ଡିତତ୍ୱ ଅହଂକାର ସେମାନଙ୍କୁ କୌଣସି ପ୍ରକାର ବିପଦରେ ବିଚଳିତ କରି ପାରିନାହିଁ । ମାବେଲର ଦିନ ଶେଷ ହୋଇ ଆସିଲାଣି, ତେବେ ବି ଦରିବାର ଲୋକ ସେ ନୁହେଁ । ତା ନିଜ ବାଟ ସେ ଠିକ୍ କରି ନେଇଛି, ନିଜେ କଣ କରିବ ନ କରିବ ସେଥିପାଇଁ ଅନ୍ୟର ସାହାଯ୍ୟ ଦରକାର କରେ ନାହିଁ । ତା ନିଜ ପାଇଁ ବ୍ୟବସ୍ଥା କରିବାର ଗୁଣ ତା ନିଜ ହାତରେ ସେଥିପାଇଁ ଭାବନା ବା ଚିନ୍ତା ନ କରି ଦିନ ଦିନ ଧରି ସେ ଆଜି ପର୍ଯ୍ୟନ୍ତ ଖାଲି ସହି ଆସିଛି । କାହିଁକି ବା ସେ କିଛି ଭାବିବ ? କାହିଁକି ବା କାହା ପ୍ରତିର ସେ କିଛି ଉତ୍ତର ଦେବାକୁ ଯିବ ? ଯାହା ସବୁ ହୋଇଗଲାଣି ତା ପାଇଁ ଯଥେଷ୍ଟ ହେଲାଣି, ଆଉ ଅଧିକ କିଛି ହେବାକୁ ତ ଅନ୍ୟବାଟ ନାହିଁ, ତାକୁ ଆଉ ଏଇ ଛୋଟ ସହରର ବଡ ରାସ୍ତାରେ, ଲୋକମାନଙ୍କ ଦୃଷ୍ଟି ଅନ୍ତରାଳରେ ଲୁଚି ଲୁଚି ଯିବାକୁ ହେବ ନାହିଁ । ଆଉ ତାକୁ ଏମିତି ନିଜକୁ ଛୋଟ କରି, ଦୋକାନକୁ ଯାଇ ଶସ୍ତା, ବାଜେ ଖାଇବା ଜିନିଷ ସବୁ କିଣି ଆଣିବାକୁ ପଡ଼ିବ ନାହିଁ । ଏଣିକି ସେ ସବୁର ଶେଷ ହେବ, ସେଥିପାଇଁ

Digitized by srujanika@gmail.com

ସେ କାହାର କଥା ଭାବୁ ନାହିଁ, ନିଜ ପାଇଁ ମଧ୍ୟ ନୁହେଁ । କୌଣସି ବିଷୟରେ ମୁଣ୍ଡ ନ ଖେଳେଇ ସେ ନିଜ ନିବୃତ୍ତିରେ ଆଗେଇଯିବ । ତା ମୁହଁରେ ଏକ ଆନନ୍ଦର ଆଭାସ, ସେ ତା ନିଜର ଚରମ ପରିଣତିର ନିକଟତର ହେବାକୁ ଯାଉଛି, ତା ଜୀବନର ଚରମ ଉପଲବ୍‌ଧିକୁ ଅନୁଭବ କରିବାକୁ ଯାଉଛି । ସେ ତା ମୃତ ମା'ର ନିକଟତର ହେଉଛି । ତା ମା' ମରି, ଆଜି ସେଇ ପରମ ଅନୁଭୂତିରେ ଲୀନ ହୋଇ ଯାଇଛି ।

ଖରାବେଳେ ସେ ଗୋଟାଏ ଛୋଟିଆ ବ୍ୟାଗରେ କଇଁଚି, ଖଣ୍ଡେ ସ୍ପଞ୍ଜ, ଗୋଟାଏ ଛୋଟ ଘସିବା ବ୍ରସ ନେଇ ବାହାରକୁ ଗଲା । ଶୀତ ଦିନଆ, ଧୂସରିଆ ଶୁଖିଲା ଦିନ । ଗଛଆଡ଼େ କେମିତି ନା ଏକ ବିଷାଦର ଛାଇ, ଗାଢ ସବୁଜ ଜମିକୁ ଘେରି ରହିଛି । ଅଦୂରରେ ଥିବା ଚିକେଇ କାରଖାନାରୁ ଧୂଆଁ ବାହାରି ଆଖପାଖର ଗଛଅଡ଼କୁ ଧୂଆଁଳିଆ କାଳିଆ କରୁଛି । ସେ ଭିତରର ହୋଇ କେହି ଦେଖି ନ ପାରିଲା ଭଳି ରାସ୍ତା କଡେ କଡ଼େ ଓ କାହା ଆଡକୁ ନ ଚାହିଁ ସହର ଭିତର ଦେଇ ଯାଇ ଚର୍ଚ୍ଚର କବରଖାନା ପାଖରେ ପହଞ୍ଚିଲା ।

ଏଇଠି ତାକୁ ଖୁବ ଭଲ ଲାଗେ । ନିଜକୁ ସେ ନିରାପଦ ମନେ କରେ । ଏଇଠି ସେ ଭାବେ ତାକୁ କେହି ଦେଖୁନାହିଁ । କିନ୍ତୁ ପ୍ରକୃତରେ କବରଖାନା ପାଚେରୀ ପାଖ ଦେଇ ଯିଏ ସବୁ ଯିବାଆସିବା କରନ୍ତି ସେମାନେ ମାବେଲକୁ ଦେଖିପାରନ୍ତି । ଯାହା ହେଲେ ବି, ଥରେ ସେ ଚର୍ଚ୍ଚର ଅସ୍ପଷ୍ଟ ଛାଇ ଭିତରକୁ ଆସିଗଲେ, କବର-ଗୁଡ଼ିକ ମଝିରେ ସେ ନିଜକୁ ଏଇ ପୃଥିବୀରୁ ମୁକ୍ତ ବୋଲି ଭାବେ । ତାର ମନେ ହୁଏ ଯେ ଏଇ କବରଖାନାର ମୋଟା ପାଚେରୀ ଭିତରେ ବନ୍ଦ ରହି ସେ ଯେମିତି ଅନ୍ୟ ଏକ ରାଜ୍ୟରେ ନିରାପଦରେ ରହିଛି ।

ଅତି ଯତ୍ନ କରି ଆଦରରେ ସେ ମା'ର କବର ଉପର ଘାସ ସବୁ କାଟି ଦେଲା । ତାପରେ କବର ଉପରେ ଥିବା ଟିଣର ଜଗ ଉପରେ ଛୋଟ ଧଳା, ଗୋଲାପି, ସେବତୀ ଫୁଲଗୁଡ଼ିକୁ ସଜାଇ ରଖିଲା ଫୁଲ ସଜେଇସାରି, ପାଖ କବର ପାଖରୁ ଗୋଟାଏ ଖାଲି ମଗ୍ ନେଇଆସି ସେଥିରେ ପାଣିଆଣି କବର ଉପରେ ମାର୍ବଲ ପଥର ଓ ତା ଉପରର ଲେଖାହୋଇଥିବା ପଥରକୁ ଭଲକରି ଧୋଇ ସଫା କରିଦେଲା ।

ଏ ସବୁ କରି ତାକୁ ଖୁବ ଭଲ ଲାଗିଲା । ମନ ଭିତରେ ଏକ ପରମ ସନ୍ତୋଷ ସେ ଅନୁଭବ କଲା । ତାର ମନେ ହେଲା ସତେ ଯେମିତି ସେ ତା ମାର ଅତି ପାଖକୁ, ଅତି ନିକଟକୁ ଚାଲି ଆସିଛି ତା ମା'ର ସ୍ପର୍ଶକୁ ଅନୁଭବ କରିପାରୁଛି ତାପରେ ସେ ଟିକେ କଷ୍ଟ କରି ପାର୍କ ଭିତର ଦେଇ ବାହାରକୁ ଆସିଲା ତା ମନ ଭିତରେ ଗଭୀର ଆନନ୍ଦ ଓ ପରମ ଶାନ୍ତି । ଯେମିତି ତା ମା ପାଇଁ ଏ ଟିକିଏ କାମ କରିଦେଇଥିବାରୁ ସେ ତା ମାର ଅତିନିକଟ, ଅତି ଅନ୍ତରଙ୍ଗ ସମ୍ପର୍କ ଭିତରକୁ ଆସିପାରିଛି ।

Digitized by srujanika@gmail.com

ଡାକ୍ତର ଜ୍ୟାକର ଘର ଠିକ ଚର୍ଚ୍ଚକୁ ଲାଗି ଫରଗୁସନ ଏଠିକାର ଜଣେ ସାଧାରଣ ସହକାରୀ ଡାକ୍ତର ସେଥିପାଇଁ ସେ ପାଖ ଗାଁର ରୋଗୀମାନଙ୍କୁ ଚିକିତ୍ସା କରେ ଗାଁର ରୋଗୀମାନଙ୍କୁ ଦେଖିଯିବା ବାଟରେ ହଠାତ୍ ସେ କବରଖାନା ଆଡ଼କୁ ଅନେଇ ଦେଖିଲା ମାବେଲ କବର ପାଖରେ ବସି କଣ ସବୁ କରିବାରେ ଲାଗିଛି ସେ ତା କାମରେ ଏମିତି ମଜ୍ଜି ଯାଇଛି ଯେ ତାକୁ ଦେଖିଲେ ମନେ ହେବ ସେ ଯେମିତି ଅନ୍ୟ ଏକ ଅଜଣା ପୃଥିବୀରେ ରହିଛି ଫରଗୁସନ ମନକୁ ହଠାତ୍ ଏକ ଅଜଣା ଭୟ ସ୍ପର୍ଶ କଲା ସେ ଚାଲି ଯାଉ ଯାଉ ଟିକିଏ ରହିଯାଇ ମାବେଲକୁ ମନ୍ତ୍ରମୁଗ୍ଧ ହୋଇ ଚାହିଁ ରହିଲା ।

ଫରଗୁସନ ତାକୁ ଚାହିଁ ରହିଛି ବୋଲି ଜାଣିପାରି ମାବେଲ ବି ମୁହଁ ଉଠାଇ ତା ଆଡ଼କୁ ଚାହିଁ ଆଖି ତଳକୁ କଲା । ଚାରିଚକ୍ଷୁର ମିଳନ ହେଲା । ଦୁହେଁ ପୁଣି ମୁହଁ ଉଠେଇ ପରସ୍ପରକୁ ଚାହିଁଲେ । ଦୁହେଁ ଦୁହିଁଙ୍କ ଅନୁଭବକୁ ନିଜ ନିଜ ଭିତରେ ଅନୁଭବ କଲେ । ତାପରେ ଫରଗୁସନ ତା ଟୋପି ଉଠେଇ ନେଇ ଧିରେ ଧିରେ ତା ବାଟରେ ଚାଲିଗଲା । କିନ୍ତୁ ତାର ମନ ଭିତରେ ମାବେଲ ମୁହଁର ପ୍ରତିଛବି ଏକ ଚିରନ୍ତନ ଅନ୍ତର୍ନିହିତ ସତ୍ୟପରି ଆଙ୍କି ହୋଇ ରହିଗଲା । ସେ ପ୍ରତିଛବି କବର ଉପରୁ, ଫରଗୁସନକୁ ଚାହିଁ ରହିଥିବା ମାବେଲର ଅଭୁଲା ମୁହଁ, ତା ଆଖିର ଚାହାଣୀ ଧିର କିନ୍ତୁ ଭୟଭୀତ, ସେ ଚାହାଣୀ କିଛି ଗୋଟାଏ ଅଘଟଣ ଘଟିବାର ଆଶଙ୍କାରେ ବିଚଳିତ, ତା ମୁହଁ ଦେଖି ଜ୍ୟାକ୍ ବୁଝିପାରୁଥିଲା ଯେ ସେ କିଛି ଗୋଟାଏ କରିବସିବ । ସେଇ ଭୀତ, ଶଙ୍କାପୂର୍ଣ୍ଣ ମୁହଁ ଆଜି ଫରଗୁସନକୁ ମନ୍ତ୍ରମୁଗ୍ଧ କରିଛି, ତା ଚାହାଣୀର ସେଇ ସମ୍ମୋହନୀ ଶକ୍ତିରେ ଫରଗୁସନର ସାରା ଦେହ ପ୍ଳାବିତ. ଓ ଅବଶ ।

ରୋଗୀ ଦେଖା କାମ ସେ ଶୀଘ୍ର ଶୀଘ୍ର ଶେଷ କଲା । ତା ସର୍ଜରୀକୁ ଯାଇ ସେ ଅପେକ୍ଷା କରିଥିବା ଲୋକମାନଙ୍କ ବୋତଲରେ ଶସ୍ତା ଔଷଧ ସବୁ ଭର୍ତ୍ତି କରି ଦେଇ ସେମିତି ତରତର ହୋଇ ସେ ଚାରିଟା ବେଳ ପୂର୍ବରୁ ଆଉଥରେ ରୋଗୀମାନଙ୍କ ଘର ଘର ବୁଲି ଦେଖିନେଲା । ସବୁବେଳେ ସେ ଚାଲି ଚାଲି ତା ସର୍ଜରୀକୁ ଯିବାକୁ ଭଲପାଏ । ବିଶେଷ କରି ଯେତେବେଳେ ତା ଦେହ ଭଲ ନଥାଏ । ତାର କେମିତି ମନେହୁଏ ସବୁ-ବେଳେ କାମରେ ଲାଗିଲେ ସେ ସମ୍ପୂର୍ଣ୍ଣ ସୁସ୍ଥ ରହିବ ।

କ୍ରମେ ସନ୍ଧ୍ୟା ହୋଇ ଆସିଲା । ଚାରିଆଡେ ଏକ ଧୂସର, ଉଦାସୀନ, ଶୀତୁଆ ପରିବେଶ । ସିରିସିରିଆ, ଓଦାଳିଆ କାଳୁଆ ଅନ୍ଧାରେ ଚାରିଆଡ଼େ ଏକ ଆଚ୍ଛନ୍ନ, ଭୟଙ୍କର ପରିବେଶ, କିନ୍ତୁ ଏ ସବୁ ପ୍ରତି ଫରଗୁସନର ଲକ୍ଷ୍ୟ ନାହିଁ । ସେ ତରବର ହୋଇ ପାହାଡ଼ ଉପରେ ଚଢ଼ି, କୋଇଲା ରାସ୍ତା କଡେ କଡେ ଯାଇଥିବା ଗାଢ଼ ଧାରୁଆ, ପଡ଼ିଆ ବାଟେ ବୁଲି ଘରକୁ ଫେରୁଥିଲା । ଅଳ୍ପ ଦୂରରେ ଗାଁର ଅଗଣିର ନାଳ କଡେ

Digitized by srujanika@gmail.com

କେତେ ଛୋଟିଆ ସହରଟି ଗଢ଼ିଉଠୁଛି, ଧକ୍ ଧକ୍ ହୋଇ ଜଳି ଜଳି ବଢ଼ିଉଠୁଥିବା ପାଉଁଶ ଗଦା ଘେରି ସହର ଭିତରେ ରହିଛି ଗୋଟାଏ ପୁରୁଣା ଦୁର୍ଗ । ଦୁର୍ଗ ଉପରେ କ୍ରମଶଃ ମୋଟାରୁ ସରୁ ହୋଇଯାଇଛି ତାର ଚୂଡ଼ା । ତା ଚାରିପାଖେ କେତେଗୁଡ଼ାଏ ଝାଟ୍ରୁ, କଦମ୍ବିନୀ, ଭଙ୍ଗାଘର ସହରର କୁଞ୍ଚୁକୁଞ୍ଚିଆ ଧାଡ଼ିକୁ ଲାଗି, କଳା ଆଡ଼କୁ ଗଡ଼ି ଆସିଥିବା ଜାଗା ଉପରେ ପରବନ ପରିବାରର ଘର ନାଁ ତାର ଓଲଡମିଡୋ, ଫରଗୁସନ ଯାଉଯାଉ ପରବନର ଘୋଡ଼ାଶାଳ ଓ ତାର ବାହାର ଘରକୁ ଦେଖିପାରିଲା । ଘୋଡ଼ାଶାଳ ଓ ବାହାର ଘର ସବୁ ଗଡ଼ାଣିଆ ଉପରେ କଳା ଆଡ଼କୁ ମୁହାଁ କରିଛନ୍ତି ! ସେ ଆଉ ଏଣିକି ପରବନ ଘରକୁ ଯାଇ ପାରିବନି, ସେମାନେ ତ ଘର ଛାଡ଼ି ଦେଉଛନ୍ତି ! ତେଣୁ ସେ ମଝିରେ ମଝିରେ ବୁଲିବାକୁ ଯାଉଥିବା ଜାଗା ଭିତରୁ ଗୋଟାଏ ଯାଗାକୁ ଯିବା ତା ପାଇଁ ବନ୍ଦ ହୋଇଗଲା, ଏଇ ଛୋଟ, ଅପରିଚିତ, ଅସୁନ୍ଦର ସହରଟାରେ, ଏଇ ଧରଣେ ପରିବାରେ ଲୋକମାନେ ହିଁ ତାର ବନ୍ଧୁ ଥିଲେ ଏ କୋଇଲାଖଣି କଲୋନୀରେ ଖାଲି ଗପ ଖଟଣୀ ହିଁ ସାର, ଖାଲି ଘରକୁ ଘର ବୁଲି ଖଣିର ଶ୍ରମିକ ଓ କୁଲିମାନଙ୍କ ରୋଗ ଦେଖିବା ହେଉଛି ତାର କାମ ।

ଏହାରି ଭିତରେ କାମ କରି କରି ସେ ବିରକ୍ତ ହୋଇଗଲାଣି, ତେବେ ବି ଏଇ କାମ କଲେ ତାକୁ ଆନନ୍ଦ ମିଳେ । ଏଇ ଖଣି ଶ୍ରମିକ ମାନଙ୍କ ଘର ଘର ବୁଲି ସେବା କରିବାରେ ଏକ ପରିତୃପ୍ତି ଅଛି । ଶ୍ରମିକ ମାନଙ୍କର ସେବା କରିବାରେ ସେମାନଙ୍କ ଜୀବନର ଗଭୀର ସ୍ତରକୁ ନଜର କରି ବୁଝିହୁଏ, ତାର ସ୍ନାୟୁ ଉତ୍ତେଜିତ ଓ ମନ ତୃପ୍ତିରେ ପୂରିଉଠେ, ଏଇକଥା ଭାବିଲେ, ସେ ଏଇ ଅସଭ୍ୟ, ସଂଯମ ହୀନ, ଭୀଷଣ ଅଥଚ ଭାବପ୍ରବଣ ସ୍ତ୍ରୀ, ପୁରୁଷ ମାନଙ୍କର ଏତେ ନିକଟରେ ହୋଇ ପାରିଛି ଯେ ଭାବିଲେ ତାକୁ ଭାରି ଭଲ ଲାଗେ । ସେ ବିରକ୍ତ ହୁଏ, ସେ ଭାବେ ଏଇ ଖଣିର ନର୍କକୁଣ୍ଡକୁ ସେ ଘୃଣା କରେ କିନ୍ତୁ ପ୍ରକୃତରେ ଦେଖିବସିଲେ ସେମାନଙ୍କ ଜୀବନ ତାକୁ ଉତ୍ତେଜିତ କରେ, ତାକୁ ଏକ ଜୀବନ ଅନୁଭୂତି ଆଣିଦିଏ ଏଇ ଅସଭ୍ୟ, ଅଶିକ୍ଷିତ, ଅଳ୍ପକେ ଉତ୍ତେଜିତ ଲୋକମାନଙ୍କ ସଂପର୍କ ତାକୁ ବି ଅନେକ ସମୟରେ ଉତ୍ତେଜିତ କରେ ତା ନିଜର ସ୍ନାୟୁ ଉପରେ ଏମାନଙ୍କର ପ୍ରଭାବ ଉତ୍ତେଜକ ବା ମାଦକ ଦ୍ରବ୍ୟ ଭଳି କାମ କରେ ।

ଓଲଡମିଡୋର ତଳ ଆଡ଼କୁ, ଅଗଭୀର, ଖାଲୁଆ, ସନ୍ତସନ୍ତିଆ, ସବୁଜ ଜମି ଉପରେ ଚାରିକୋଣିଆ ହୋଇ ଗଭୀର ପୋଖରୀଟାଏ । ଫରଗୁସନ, ଲକ୍ଷ୍ୟହୀନ ଭାବରେ ଏପଟ ସେପଟ ଚାହିଁ ଚାହିଁ ହଠାତ୍ ଅଦୂରରେ କିଏ ଜଣେ ପଡ଼ିଆ ଭିତରୁ କଳା ଲୁଗା ପିନ୍ଧି ପୋଖରୀ ଆଡ଼କୁ ଯାଉଥିବାର ଦେଖିପାରିଲା କିଏ ବୋଲି ଜାଣିବାକୁ ସେ ପୁଣିଥରେ ଭଲ କରି ଚାହିଁଲା ଯିଏ ଆସୁଥିଲା ସେ ମାବେଲ ପରି ଦେଖାଯାଉଥିଲା ଢଂଗେ ଢଂଗେ ଫରଗୁସନ ଦୃଷ୍ଟି ଚଞ୍ଚଳ ଓ ସତର୍କ ହୋଇଗଲା ।

Digitized by srujanika@gmail.com

ସେ ଭାବିଲା ମାବେଲ ଏତେବେଳେ କାହିଁକି ପୋଖରୀ ଭିତରକୁ ଯାଉଛି ? ସେ ସିଡ଼ିର ଉଚା ଯାଗା ଉପରେ ଅଟକି ଯାଇ କଣ ହେଉଛି ଦେଖିବା ପାଇଁ ଅପେକ୍ଷା କରି ରହିଲା । ଏତେ ସଂଜବେଳେ ସେଇ କଳା ଲୁଗା ପିନ୍ଧିଥିବା ଦେହଟି ପ୍ରକୃତରେ ପୋଖରୀ ଆଡ଼କୁ ମୁହାଁଉଥିବାର ସେ ଲକ୍ଷ୍ୟ କଲା । ଏପରି ଏକ ସନ୍ଦେହଜନକ ପରିସ୍ଥିତି ଭିତରେ ମାବେଲକୁ ଦେଖି ସେ ତାର ଗମ୍ଭୀର ଅନ୍ତର୍ଦୃଷ୍ଟିରେ କିଛି ଗୋଟାଏ ଅଘଟଣ ଘଟିବାକୁ ଯାଉଥିବାର ଅନୁଭବ କଲା । ମାବେଲର ଗତିବିଧି ଦେଖି ତାର ମନ ଆଶଙ୍କାରେ ବିଚଳିତ ହେବାକୁ ଲାଗିଲା । ସେ ଦୂରରୁ ତାକୁ ଲକ୍ଷ୍ୟ କରି ନିଜକୁ ସତର୍କ କରି ରଖିଲା ସେ ଭାବିଲା, ଯଦି ସେ ସତର୍କ ହୋଇ ତା ଉପରେ ଦୃଷ୍ଟି ନରଖିବ ତେବେ ଫଜର ବହ୍ନାଆ, ଅନ୍ଧାରରେ ସେ ହୁଏତ ଚିରଦିନ ପାଇଁ ମାବେଲକୁ ହରେଇବ ।

ମାବେଲ ଅଗେଇ ଯାଉଥିବା ବେଳେ ଫରଗୁସନ ତା ପଛେ ପଛେ ତାକୁ ଅନୁସରଣ କରୁଥାଏ । ମାବେଲ ଆଗେଇଯାଉଥାଏ, କୁଆଡ଼କୁ ଦୃଷ୍ଟି ନ ଦେଇ, ସେ ଯେମିତି ଆଜି ନିଜକୁ ଭୁଲିଯାଇଛି । ଯେମିତି ତାକୁ କିଏ ମନ୍ତ୍ର କରି ଟାଣି ଟାଣି ନେଇ ଯାଉଛି ଆଗକୁ, ସେ ନିଜେ ନିଜେ ଯାଉନାହିଁ ସେ ଧୀରେ ଧୀରେ ପଡ଼ିଆ ଭିତରେ ପୋଖରୀ ଆଡ଼କୁ ଆଗେଇଯାଉଛି । ପୋଖରୀ ତୁଠପାଖରେ ପହଞ୍ଚି ସେ ଟିକେ ସମୟ ଠିଆ ହେଲା । ସେ ମୁଣ୍ଡ ଉଠେଇ କୁଆଡ଼କୁ ଚାହିଁଲା ବି ନାହିଁ ତାପରେ ଧୀରେ ଧୀରେ ପୋଖରୀ ଭିତରକୁ କାଦୁଅ ଆଡେଇ ଆଡ଼େଇ ପଶିବାକୁ ଲାଗିଲା ।

ଫରଗୁସନ ସ୍ଥିର ନିଶ୍ଚଳ ଦୃଷ୍ଟିରେ ତାକୁ ଚାହିଁରହିଥାଏ । କ୍ଷୀଣ, କଳା ଦେହଟି ଧୀରେ ଧୀରେ, ସତର୍କ ପାଦରେ ପୋଖରୀ ମଝିକୁ ଆଗେଇଯାଉଥାଏ । କ୍ରମେ ସେ ପୋଖରୀର ଆହୁରି ମଝିକୁ, ସ୍ଥିର ପାଣି ଭିତରକୁ ଆଗେଇଗଲା । ଏମିତି ଆଗେଇ ଯାଉ ଯାଉ ପାଣି ତାର ଛାତି ପର୍ଯ୍ୟନ୍ତ ହୋଇଗଲା । ତାପରେ ଫରଗୁସନ, ମାବେଲକୁ ସେଇ ଉଦାସୀନ, ନିର୍ଜୀବ ଅପରାହ୍ଣରେ ଆଉ ଦେଖିବାକୁ ପାଇଲା ନାହିଁ ।

"ଆରେ ! ବଡ଼ ଆଶ୍ଚର୍ଯ୍ୟର କଥା !" ଫରଗୁସନ ପାଟିକରି କହି ପକାଇଲା ନିଜକୁ ନିଜେ ।

ସେଇ ବିଷାଦ, ଉଦାସୀନ, ଶୀତ ଅନ୍ଧାର ଭିତରେ ଫରଗୁସନ ସେ ଓଦା, ଅଘଡ଼ୁଆ ପଡ଼ିଆ ଉପରେ ପୋଖରୀ କନ୍ଦକୁ ଟପି ପାଣି ପାଖରେ ଯାଇ ପହଞ୍ଚିଲା । ପୋଖରୀ ପାଖରେ ପହଞ୍ଚିବାକୁ ତାକୁ କିଛି ସମୟ ଲାଗିଲା । ଅଣନିଶ୍ୱାସୀ ହୋଇ ସେ ଯାଇ ପୋଖରୀ କୂଳରେ ଠିଆହୋଇ ଚାରିଆଡ଼କୁ ଚାହିଁଲା । ସେ କିଛି ଦେଖି ପାରୁନଥିଲା । ନିଶ୍ଚଳ ପାଣି ଭିତରକୁ ଚାହିଁ ସେ ଯେମିତି କାହାକୁ ଦେଖିବାକୁ ଚେଷ୍ଟା

Digitized by srujanika@gmail.com

କରୁଥିଲା । ହେଇ, ସେଇଠି ବୋଧେ ମାବେଲର କଳା ଲୁଗାର ଛାଇ ପାଣି ତଳେ ଦେଖାଯାଉଛି ।

ସେ କିଛି ଠିକ କରିନପାରି ଧୀରେ ଧୀରେ ପୋଖରୀ ଭିତରକୁ ପଶିଲା । ପୋଖରୀର ତଳ ବେଶ ଗଭୀର, କାଦୁଅରେ ପୂର୍ଣ୍ଣ ସେ ସେଇ ପାଣି ଭିତରେ ପଶିବାରୁ, ଥଣ୍ଡା ପାଣିରେ ତା ଗୋଡ ଝୋଲ ମାରିଗଲା । ପାଣି ଭିତରେ କାଦୁଅକୁ ଘାଣ୍ଟି ଘାଣ୍ଟି ସେ ଖୋଜିବା ବେଳେ ଥଣ୍ଡା, ପଚା କାଦୁଆ ପାଣିର ଗନ୍ଧ ତା ନାକରେ ବାଜୁଥାଏ । ତାକୁ ସେଥିପାଇଁ ନିଶ୍ୱାସ ନେବାକୁ କଷ୍ଟ ହେଉଥାଏ । ତେବେ ବି ସେଇ ଗନ୍ଧ ଭିତରେ ସେ ପୋଖରୀର ଆହୁରି ଭିତରକୁ ଭିତରକୁ ପଶି ଖୋଜିବାରେ ଲାଗିଥାଏ । ପୋଖରୀର ଥଣ୍ଡା ପାଣି କ୍ରମେ ତାର ଜାଂଘ ଟପି ପେଟ ପର୍ଯ୍ୟନ୍ତ ଆସିଲା । ପାଣି ଭିତରେ ଥଣ୍ଡାରେ ତା ଦେହ ବରଫ ପାଲଟି ଯାଉଥାଏ, ପୋଖରୀ ତଳଟା ଏତେ କାଦୁଆ ଆଉ ପଙ୍କୁଆ ଯେ ଠିଆ ହେବାପାଇଁ ତାକୁ ଭୟ ଲାଗୁଥାଏ । ସେ ମନେ ମନେ ଭୟ କରୁଥାଏ ଯଦି ପଡ଼ିଯିବ ତେବେ ମୁହଁ ମାଡ଼ି କାଦୁଅ ଭିତରେ ପଡ଼ିଯିବ । ସେ ପହଁରି ଜାଣେନା, ସେଥିପାଇଁ ତାକୁ ବେଶୀ ଡରୁ ଲାଗୁଥିଲା ।

ସେ ସାମାନ୍ୟ ନଇଁପଡ଼ି, ହାତ ମେଲେଇ ପାଣି ଭିତରେ ଚାରିଆଡ଼ ଖୋଜି ମାବେଲକୁ ଠାବ କରିବାକୁ ଚେଷ୍ଟାକଲା । ଥଣ୍ଡା, କାଳୁଆ ପୋଖରୀଟା ତା ଛାତି ଉପରେ ଯେମିତି ମାଡ଼ି ବସିଲା । ସେ ଆଉ ଟିକେ ବୁଡ଼ି, ଆହୁରି ଟିକେ ଭିତରକୁ ହାତ ବଢ଼େଇ ଖୋଜିଲା । ଚାରିଆଡ଼କୁ ହାତ ବୁଲେଇ ବୁଲେଇ ସେ ପୋଖରୀ ଭିତରଟା ଯାକ ଖୋଜିଲା, ଖୋଜି ଖୋଜି ସେ ଶେଷରେ ମାବେଲର ଓଦା ଲୁଗାଟାକୁ ଛୁଇଁଲା, କିନ୍ତୁ ଲୁଗାଟା ତା ହାତରୁ ଖସିଗଲା , ସେ ଲୁଗାଟାକୁ ଧରିବା ପାଇଁ ଯେତେ ଚେଷ୍ଟା କଲେ ବି ସେଇଟାକୁ ଧରିପାରିଲା ନାହିଁ ।

ଏତିକିବେଳେ ହଠାତ୍ ତାର ଗୋଡ଼ ଖସିଗଲା ଓ ସେ ପାଣି ଭିତରେ ମୁହଁ ମାଡ଼ି ପଡ଼ିଗଲା । ହେଇ ଅସନା, ଅପରିଷ୍କାର ପାଣି ଭିତରେ ପଡ଼ିଯାଇ ସେ ଅଣନିଶ୍ୱାସୀ ହୋଇଗଲା ଓ ସେଠାରୁ ଉଠିକି ଆସିବାପାଇଁ କିଛି ସମୟ ପ୍ରାଣପଣେ ଚେଷ୍ଟା କଲା । କିଛି ସମୟପରେ ସେଇ ଅଥଳ ପାଣି ଭିତରୁ ତାର ପାଦ ମାଟି ଛୁଇଁଲା ଓ ସେ ଉଠି ଠିଆ ହେବାକୁ ସକ୍ଷମ ହେଲା । ପାଣି ଭିତରେ ତା ଗୋଡ ମାଟି ଛୁଇଁବା ପରେ ସେ ଠିଆ ହୋଇ ଚାରିଆଡ଼କୁ ଚାହିଁଲା । ତାର ନିଶ୍ୱାସ ଘନ ଘନ ପଡ଼ୁଥିଲା, କିନ୍ତୁ ସେ ଯେମିତି ଜାଣିପାରୁଥିଲା ଯେ ସେ ଏବେ ତାର ଜଣାଶୁଣା ପୃଥିବୀକୁ ଫେରି ଆସିଛି । ନିଜକୁ ଟିକେ ଥମ୍ଭ କରିସାରି ସେ ପାଣି ଉପରକୁ ପୁଣି ଚାହିଁଲା । ସେ ଦେଖିଲା ମାବେଲର ଦେହଟା ବି ତାରି ପାଖରେ ପାଣିରୁ ଉପରକୁ ଉଠୁଛି । ସେ ମାବେଲର ଲୁଗାକୁ ଧରି ପକେଇଲା । ତାପରେ ସେ ନିଜ ଗୋଡକୁ ଟାଣି କରି ରଖି ଧୀରେ ଧୀରେ ମାବେଲକୁ ତା ଆଡ଼କୁ

Digitized by srujanika@gmail.com

ଅଣିଲି । ଅତି ସାବଧାନରେ ଏଥର ସେ କୂଳ ଆଡ଼କୁ ମୁହାଁଇଲା । ଧିରେ ଧିରେ ଉପରକୁ ଉଠି ସେ ପୋଖରୀ କୂଳ ପାଖରେ ଆସି ପହଞ୍ଚିଲା । କୂଳରେ ପାଣି ତା ଆଣ୍ଠୁ ତଳକୁ ଆସିବାରୁ ବୁଡ଼ିଯିବାର ଭୟ ତାର କମିଗଲା । ମନରେ ଟିକେ ବଳ ଆସିଲା । ତାପରେ ସେ ମାବେଲର ଦେହକୁ ଟେକି କୂଳ ଉପରକୁ ଆସିଲା ବହୁ କଷ୍ଟ କରି, କୂଳ ଉପରେ ପହଞ୍ଚି ପୋଖରୀର ସେଇ ଅସନା, ଓଦା କାଦୁଅରୁ ସେ ରକ୍ଷା ପାଇଲା ।

ମାବେଲକୁ ସେ ପୋଖରୀ କୂଳରେ ମାଟି ଉପରେ ଶୁଆଇ ଦେଲା । ତାର ଚେତା ନଥାଏ ଓ ତା ଦେହରୁ ପାଣି ବୋହି ପଡ଼ୁଥାଏ । ଫରଗୁସନ ମାବେଲର ପିଠି ଚିପି ଚିପି ପାଣି ସବୁ ପାଟି ବାଟେ ବାହାର କଲା । କିନ୍ତୁ ଚେତା ଆଣିବାପାଇଁ ତାକୁ ବେଶୀ ପରିଶ୍ରମ କରିବାକୁ ପଡ଼ିଲାନାହିଁ । ଆସ୍ତେ ଆସ୍ତେ ତାର ନିଃଶ୍ୱାସ ପ୍ରଶ୍ୱାସ ଯିବାକୁ ଆରମ୍ଭ କଲା । ଅଳ୍ପ ସମୟ ଭିତରେ ମାବେଲ ଦେହ ଭିତରେ ଜୀବନ ଚିହ୍ନ ଦେଖାଦେଲା । ଫରଗୁସନ ତା ଦେହରେ ହାତମାରି ତାହା ଅନୁଭବ କରିପାରିଲା । ମାବେଲର ମୁହଁକୁ ସେ ଦୁଇହାତରେ ପୋଛି ଦେଇ, ନିଜ ଓଭରକୋଟଟା ଘୋଡ଼େଇ ଦେଲା ମାବେଲ ଦେହ ଉପରେ, ତାପରେ ସେଇ ମ୍ଳାନ, ଉଦାସୀନ, ଝାପ୍‌ସା ଅନ୍ଧାରରେ ଗୃହଆଡ଼କୁ ଅନେଇ ଅନେଇ, ଫରଗୁସନ ପୋଖରୀ କୂଳେ କୂଳେ, ପଡ଼ିଆ ଭିତରେ ମାବେଲ କୁ ଟେକି ଟେକି ନେଇଗଲା ।

ମାବେଲକୁ ଟେକି ନେବା ପାଇଁ ତାକୁ କଷ୍ଟ ହେଉଥିଲା । ବାଟ ତାକୁ ଦ୍ୱିଗୁଣ ଜଣାପଡୁଥାଏ, ତାକୁ ଲାଗୁଥାଏ ସେ ଯେମିତି ଘର ପର୍ଯ୍ୟନ୍ତ ଯାଇ ପାରିବନାହିଁ । କିନ୍ତୁ ବହୁ କଷ୍ଟରେ ସେ ମାବେଲ ଘରର ଘୋଡ଼ାଶାଳ ଭିତରଦେଇ ଯାଇ ଅଗଣାରେ ପହଞ୍ଚିଲା । ସେ ଘର କବାଟ ଖୋଲି ଭିତରକୁ ପଶିଲା । ରୋଷେଇ ଘର ଭିତରେ ଚୁଲି ପାଖରେ ମାବେଲକୁ ଶୁଏଇଦେଇ ତାକୁ ପାଟିକରି ଡାକିଲା । ଘର ଭିତରେ କେହି ସାଡ଼ା ଶବ୍ଦ ନାହିଁ, ଚାରିଆଡ଼େ ଚୁପ୍‌ଚାପ କିନ୍ତୁ ଚୁଲିରେ ଜଳନ୍ତା କୋଇଲା ଖଣ୍ଡ ଭର୍ତ୍ତି ହୋଇଛି ।

ପୁଣିଥରେ ସେ ମାବେଲ ପାଖକୁ ଆସି ତା ପାଖରେ ଆଣ୍ଠେଇ ବସିଲା । ମାବେଲ ବର୍ତ୍ତମାନ ଭଲ ଭାବରେ ନିଃଶ୍ୱାସ ପ୍ରଶ୍ୱାସ ନେଲାଣି । ବଡ଼ ବଡ଼ ଆଖିକରି, ଚେତା ପାଇବା ପରେ, ସେ ସବୁ ଆଡ଼କୁ ଅନେଇଲା । କିନ୍ତୁ କିଛି ଯେମିତି ବୁଝି ସେ ବୁଝି ପାରୁ ନଥିଲା, ତା ଆଖିରେ ଅବୁଝା, ଅଚିହ୍ନା ଭାବ ।

ଫରଗୁସନ ଉପର ମହଲାକୁ ଦଉଡ଼ି ଗଲା । ଗୋଟାଏ ବିଛଣାରୁ କମ୍ବଳଟାଏ ଆଣି ଚୁଲି ପାଖରେ ଗରମ ହେବାକୁ ରଖିଲା । ତାପରେ ମାବେଲ ଦେହରୁ ସବୁ କାଦୁଅ ଗନ୍ଧ ଓଦାଲୁଗା ଯାକ ସେ ବାହାର କରି ଦେଇ ଗୋଟାଏ ଶୁଖିଲା ତଉଲିଆ

ନେଇ ତା ଓଦା ଦେହକୁ ଭଲ କରି ପୋଛି ଦେଲା ଓ କମ୍ବଳଟା ଦେଇ ଘୋଡ଼ାଇ-ଦେଲା ତା ଖୋଲା ଦେହ ଉପରେ । ଏସବୁ କରିସାରି ସେ ଖାଇବା ଘରକୁ ଯାଇ ହ୍ୱିସ୍କି ଖୋଜିଲା । ଖାଇବା ଟେବୁଲ ଉପରେ ବୋତଲରେ ଟିକିଏ ହ୍ୱିସ୍କି ଥିଲା । ସେଥିରୁ ସେ ନିଜେ ଟିକେ ଖାଇଲା ଓ ଅଳ୍ପ ଟିକେ ମାବେଲର ପାଟିରେ ଢାଳି ଦେଲା ।

ହ୍ୱିସ୍କି ପଡ଼ିବା ସାଂଗେ ସାଂଗେ ମାବେଲର ଚେତନା ସମ୍ପୂର୍ଣ୍ଣ ରୂପେ ଫେରି ଆସିଲା । ସେ ଫରଗୁସନର ମୁହଁକୁ ବଲ ବଲ କରି ଚାହିଁ ରହିଲା । ଏମିତି କିଛି ସମୟ ତା ମୁହଁକୁ ଚାହିଁ ରହିବା ପରେ ସେ ବୁଝି ପାରିଲା ଯେ ଫରଗୁସନ ତା ପାଖରେ ବସିଛି । କିଛି ସମୟ ଚାହିଁ ଚାହିଁ ସେ କହିଲା ।

"ଡାକ୍ତର ଫରଗୁସନ ?"

ଫରଗୁସନ ଉତ୍ତର ଦେଲା "କଣ ?"

ଏତେ ବେଳଯାଏ ସେ ନିଜେ ସେଇ ଓଦା ପୋଷାକ ପିନ୍ଧିଥିଲା । ତା ଦେହରୁ ଓଦାକୋଟ ଓ ଜାମା କାଢ଼ି ନିଜ ପାଇଁ କିଛି ଶୁଖିଲା ପୋଷାକ ଆଣିବା ପାଇଁ ସେ ଉପର ମହଲାକୁ ଯିବାକୁ ଭାବୁଥିଲା । ତା ଲୁଗାପଟାର ସେଇ ମଇଳା, ପଙ୍କୁଆ ଗନ୍ଧକୁ ବି ସେ ଜମା ସହି ପାରୁନଥିଲା । ତା ଛଡ଼ା ନିଜ ଦେହର ଅବସ୍ଥା ବିଷୟରେ ମଧ୍ୟ ସେ ଅତି ବେଶୀ ଚିନ୍ତିତ ଥିଲା ।

ମାବେଲ ପଚାରିଲା, "ମୋର କଣ ହେଇଛି ? ମୁଁ କଣ କରିଛି ?"

ଫରଗୁସନ କହିଲା, "ତମେ ତ ପୋଖରୀ ଭିତରକୁ ଡେଇଁ ପଡ଼ିଥିଲ" ଏକଥା କହିଲା ବେଳେ ତା ଛାତି ଭିତରଟା ଥରି ଉଠିଲା । ମାବେଲ ପାଖକୁ ଯାଇ ତାର ଯତ୍ନ ନେବାକୁ ତାକୁ କେମିତି ମାଡ଼ି ପଡ଼ିଲା । ମାବେଲ ତା ଆଡ଼କୁ ଅପଲକ ଆଖିରେ ଅନେଇ ରହିଥାଏ । ଫରଗୁସନ ଉପରେ ଯେମିତି ଅନ୍ଧାର ମାଡ଼ି ଆସିଲା । ସେ ମାବେଲ ଆଡ଼କୁ ଅସହାୟ ଭାବରେ ବୁଲି ଚାହିଁଲା । ତା ଭିତରର କମ୍ପନ କ୍ରମଶଃ କମି ଆସିଲା । ସେ ତାର ପୂର୍ବ ମନୋବଳ ଫେରାଇ ଆଣି ଦୃଢ଼ ମନରେ ଘଟିଯାଇ-ଥିବା ଘଟଣାକୁ ଗ୍ରହଣ କରିବାକୁ ଚେଷ୍ଟା କଲା । କିନ୍ତୁ ସେ ଜାଣି ନଥିଲା ଘଟଣାଟା କି ମୋଡ଼ ନେବ ।

ମାବେଲ ଫରଗୁସନ ଉପରୁ ଆଖି ନ ଫେରେଇ ପଚାରିଲା, "ମୋର କଣ ମୁଣ୍ଡ ଖରାପ ହୋଇଥିଲା ?"

ଫରଗୁସନ କହିଲା "ବୋଧେ ସେତେବେଳେ ହୋଇଥିଲା ।" ଉତ୍ତର ଦେଲାବେଳେ ସେ ଆଉ ସେତେ ବିଚଳିତ ହୋଇ ପଡ଼ୁନଥିଲା । ତା ମନକୁ ଭଲ ଯେ

ଫେରି ପାଇଥିଲା । ସେଇ ଅଭିଜ୍ଞତା, ବିରକ୍ତିକର ମନର ଅସ୍ଥିର ଅବସ୍ଥାରୁ ବର୍ତ୍ତମାନ ସେ ନିଜକୁ ମୁକ୍ତ କରି ପାରିଛି ବୋଲି ମନେ ମନେ ଖୁସି ହେଲା ।

ମାବେଲ ପୁଣି ପଚାରିଲା "କଣ ଏବେ ବି ମୋର ମୁଣ୍ଡ ଠିକ୍ ନାହିଁ ?" "କାହିଁ ନା ତ ! ତମର ମୁଣ୍ଡ ପୁରାପୁରି ଠିକ୍ ଅଛି । ତମର ମୁଣ୍ଡ ଖରାପ ହେବାର ତ କୌଣସି କାରଣ ଦେଖୁନି !" କହି ସେ ମୁହଁ ବୁଲେଇ ବସିଲା । ତା ମନର ଅସ୍ଥିର ଭାବ ପୁଣି ତାକୁ ବିଚଳିତ କଲା । ଏଇ ଅବସ୍ଥାରେ ସେ ନିଜକୁ ମନେ କରୁଥିଲା ଅଥିରୁ ଓ ତା'ର ମନେ ହଉଥିଲା ଯେମିତି ମାବେଲର ମନର ବଳ ତାଠାରୁ ଅଧିକ । ଏତେବେଳ ଯାଏ ମାବେଲ ଫରଗୁସନକୁ ଚାହିଁ ଅନେଇ ରହିଥିଲା । ଫରଗୁସନ କହିଲା "କୋଉଠି ଶୁଖିଲା ଲୁଗା ଅଛି କହିଲେ ମୁଁ ଆଣି ପିନ୍ଧନ୍ତି ।"

ମାବେଲ ପଚାରିଲା "ତମେ କଣ ମୋ ପାଇଁ ପୋଖରୀ ଭିତରେ ବୁଡ଼ି ଯାଇଥିଲ ?"

ସେ କହିଲା "ନା ମୁଁ ପୋଖରୀ ଭିତରକୁ ପଶିଥିଲି କିନ୍ତୁ ପାଣିରେ ପଶି ମୁଁ ପୁରା ଓଦା ହୋଇଗଲି ।"

ତାପରେ ଦୁହେଁ ଅଳ୍ପସମୟ ପାଇଁ ଚୁପ୍ ରହିଲେ । ଫରଗୁସନ କଣ କହିବ ଭାବି ପାରିଲା ନାହିଁ । ଉପର ମହଲାକୁ ଯାଇ ଶୁଖିଲା ଲୁଗା ଆଣି ପିନ୍ଧିବାକୁ ତାର ମନ ହେଉଥାଏ । କିନ୍ତୁ ତା ମନ ଭିତରେ ଆଉ ଏକ ଇଚ୍ଛା ଲୁଚି ରହିଥିଲା । ଏତେ ସମସ୍ତ ମାବେଲର ଉପସ୍ଥିତି ତାକୁ ବାନ୍ଧି ରଖିଥିଲା ଏକ ଅଜଣା ଆକର୍ଷଣରେ । ତାର ମନ କହୁଥିଲା, ସେ ତା ମନକୁ ମାବେଲ ପାଖରେ ଥୁଆଇ ପକେଇ, ଉପରକୁ ଯାଇ ଶୁଖିଲା ଲୁଗା ନେଇ ଆସିବ । କିନ୍ତୁ ଅନ୍ତରର ଉତ୍ତାପରେ ଦେହର ଥଣ୍ଡାକୁ ଓ ମନର ଅସ୍ଥିରତାକୁ ସେ ଆଉ ଅନୁଭବ କରୁନଥିଲା । ସେ ପିନ୍ଧିଥିବା ଓଦା ଲୁଗାର ଥଣ୍ଡାକୁ ସେ ଭୁଲିଯାଇଥିଲା ।

ମାବେଲ ପଚାରିଲା, "ତମେ କାହିଁକି ପୋଖରୀ ଭିତରକୁ ଯାଇଥିଲ ?" ମୁଁ ଚାହୁଁନଥିଲି ଯେ ତମେ ଏମିତି ଗୋଟାଏ ନିହାତି ବୋକାଳିଆ କାମ କର ବୋଲି ।" ଫରଗୁସନ ଉତ୍ତର ଦେଲା ରହି ରହି ।

ଡ୍ରେସେଇ ଘର ଚଟାଣରେ ସୋଫା କୁସନ ଉପରେ ଶୋଇରହି ଫରଗୁସନ ଆଡ଼କୁ ସେମିତି ଚାହିଁ ରହି ସେ ପୁଣି କହିଲା ।

ମୁଁ କାହିଁକି ବୋକା ଭଳିଆ କାମ କରିବି ? ମୁଁ ତ ଠିକ କରୁଥିଲି, ମୁଁ ଯାହା ଭଲ ହେବ ବୋଲି ସେତେବେଳେ ଭାବିଲି ତା କରିଥିଲି ।"

Digitized by srujanika@gmail.com

ଫରଗୁସନ କହିଲା, ମୁଁ ଯାଇ ଏଇ ଓଦା ଲୁଗା ଗୁଡ଼ା ବଦଳେଇ ଆସେ ।" କିନ୍ତୁ ଏ କଥା କହିଲେ ବି ମାବେଲ ତାକୁ ଯିବା ପାଇଁ ନ କହିବା ପର୍ଯ୍ୟନ୍ତ ଉଠିଯିବା ପାଇଁ ତା ନିଜର ସେତିକି ସାହସ ହେଉନଥାଏ । ସତେ ଯେମିତି ମାବେଲ ହାତରେ ଫରଗୁସନର ଜୀବନ ବାନ୍ଧି ହୋଇ ରହିଛି ଏବଂ ସେ ନିଜକୁ ମାବେଲର କବଳରୁ ମୁକ୍ତ କରିପାରୁନାହିଁ, ବା ଫରଗୁସନ ସେଇ ବନ୍ଧନରୁ ନିଜକୁ ମୁକ୍ତ କରିବାକୁ ଚାହୁଁ ନାହିଁ ।

ହଠାତ୍ ମାବେଲ ତା ଶୋଇବା ଯାଗାରୁ ଉଠି ବସିଲା । ଉଠି ବସି ସେ ତା ନିଜ ବିଷୟରେ ସଚେତନ ହେଲା । ତା ଖୋଲା ଦେହ ଉପରେ କମ୍ବଳ ଘୋଡ଼ା ହୋଇଥିବା କଥା ସେ ଜାଣିପାରିଲା । ନିଜ ଚାରିପାଖର ପରିସ୍ଥିତିକୁ ସେ ଅନୁଭବ କରିପାରିଲା । ମୁହୂର୍ତ୍ତିକ ପାଇଁ ତାର ବୁଦ୍ଧି ଯେମିତି ହଜିଗଲା । ସେ ତା ଚାରିପାଖକୁ ହତବୁଦ୍ଧ ଦୃଷ୍ଟିରେ ଚାହିଁ କଣ ଯେମିତି ଖୋଜିବାରେ ଲାଗିଲା । ଫରଗୁସନ ତା ପାଖରେ ଯେମିତି ଠିଆ ହୋଇଥାଏ । ମାବେଲ ଦେଖିଲା ତା ଲୁଗାପଟା ସବୁ ତା ଚାରିପାଖରେ ଖେଳେଇ ହୋଇ ପଡ଼ିଛି ।

ସେ ଫରଗୁସନ ଆଡ଼କୁ ସିଧା, କଠୋର ଦୃଷ୍ଟିରେ ଚାହିଁ ପ୍ରଶ୍ନ କଲା, "କିଏ ମୋ ଦେହରୁ ଲୁଗାପଟା କାଢ଼ିଛି ?"

ଫରଗୁସନ କହିଲା "ତୁମର ଚେତା ଆଣି ତୁମକୁ ସାନ୍ତ୍ୱନା କରିବାକୁ ମୁଁ ତୁମ ଲୁଗାପଟା ଦେହରୁ କାଢ଼ିଥିଲି ।"

ଆଶ୍ଚର୍ଯ୍ୟରେ ଓ ବିରକ୍ତିରେ କିଂକର୍ତ୍ତବ୍ୟବିମୂଢ଼ ହୋଇ ମାବେଲ ପାଟି ମେଲା କରି କିଛିକ୍ଷଣ ତା ଆଡ଼କୁ ଚାହିଁ ରହିଲା । ତାପରେ ସେ ପଚାରିଲା, "ତେବେ କଣ ତୁମେ ମତେ ଭଲ ପାଅ ?"

ଫରଗୁସନ କିଛି ନ କହି, ବିମୋହିତ ଭାବରେ ତା ଆଡ଼କୁ ବଡ଼ ବଡ଼ ଆଖି କରି ଚାହିଁ ରହିଲା ।

ତାର ସମଗ୍ର ସତ୍ତା ମାବେଲ ସାମନାରେ ବିଗଳିତ ହୋଇଯାଉଥିଲା ଯେମିତି ।

ମାବେଲ ଆଣ୍ଠୁରେ ଘୁଷୁଡ଼ି ଘୁଷୁଡ଼ି ଫରଗୁସନର ଗୋଡ଼ ପାଖରେ ପହଞ୍ଚିଲା । ସେ ଫରଗୁସନର ଦୁଇ ଗୋଡ଼କୁ କୁଣ୍ଢେଇ ଧରି ତାର ଖୋଲା ଛାତିକୁ ଫରଗୁସନର ଗୋଡ ଓ ଆଣ୍ଠୁରେ ଚାପି ଧରିଲା । ଫରଗୁସନ ପାଇଁ ଏ ଏକ ଅପୂର୍ବ, ଅଲୌକିକ ଅନୁଭୂତି । ମାବେଲ ଉପରକୁ ମୁହଁ ଟେକି ତା ମୁହଁ ଆଡକୁ, ତା ଖୋଲା ବେକ ଆଡକୁ ଫରଗୁସନକୁ ଟାଣିଲା । ତା ଆଖିରେ ଏକ ଉଜ୍ଜ୍ୱଳ ଦୃଷ୍ଟି । ସେଇ ଦୃଷ୍ଟିରେ ଏକ

Digitized by srujanika@gmail.com

ରୂପାନ୍ତରିତ ବିହ୍ୱଳ ଭାବ । ଜୀବନର ପ୍ରଥମ ଅଧିକାର ଦାବୀରେ ସେ ଆଖିରେ ବିଜୟିନୀର ଭାବ ସୁସ୍ପଷ୍ଟ ।

ସେ ସମ୍ମୋହିତ ହେଲା ଭଳି କହିଲା, "ସତରେ ଜ୍ୟାକ୍, ତମେ ମତେ ଭଲ ପାଅ ? ମୁଁ ଜାଣେ ତମେ ମତେ ଭଲ ପାଅ ।" ତା ସ୍ୱରରେ ଏକ ଅଧୀର, ଅଭିଭୂତ ଭାବ । ତା ସ୍ୱରରେ ଆକୁଳତା ଓ ଅନ୍ତରଙ୍ଗତା ।

ମନର ଆବେଗ ଓ ଉତ୍ତେଜନାରେ ସେ ଫରଗୁସନର ଦେହ ଲୁଗା ଓ ଅଣ୍ଟା ଉପରେ ଜାଗା ଅଜାଗା ନଦେଖି ଚୁମ୍ବନ ଦେବାରେ ଲାଗିଲା । ଆଉ ଅନ୍ୟ କୌଣସି ଆଡ଼କୁ ନଜର ନଥିଲା ତାର ସେତେବେଳେ ।

ଫରଗୁସନ ତଳକୁ ଚାହିଁଲା । ତା ଅଣ୍ଟା ପାଖରେ ମାବେଲ ମୁଣ୍ଡର ଓଦା, କେରା କେରା ହୋଇ ଝୁଲୁଥିବା ବାଳ । ମାବେଲର ଖୋଲା ଅସଜଡ଼ା ଓଦାଳିଆ କାନ୍ଧ, ସେ ମନେ ମନେ ଅଭିଭୂତ ଓ ଭୟଭୀତ ହୋଇପଡ଼ିଲା । ସେ ଯେ ମାବେଲକୁ କେବେ ଭଲପାଇ ପାରିବ ଏକଥା ତାର କଳ୍ପନା ଭିତରକୁ ବି ଆସିନଥିଲା । ସେ ତାକୁ ଭଲ ପାଇବାକୁ ଚାହୁଁ ବି ନ ଥିଲା କେବେ । ତା ଛଡ଼ା, ଏଇ ଭାବରେ ନିଜର ବ୍ୟକ୍ତିତ୍ୱକୁ ଅନ୍ୟଠାରେ ଏପରି ଭାବରେ ସମର୍ପଣ କରିବାକୁ ସେ ମନେ ମନେ ଘୃଣା କରୁଥିଲା । ଏହା ଯେପରି ତା ଡାକ୍ତରୀ ବୃତ୍ତିର ଚରମ ଅପମାନ ! ମାବେଲକୁ, ଅଣ୍ଟା ପାଖରେ ଏପରି ଭାବରେ କୁଣ୍ଢେଇ ଧରିବା ଅବସ୍ଥାରେ ଦେଖିବାପାଇଁ ତାକୁ ଭୀଷଣ ବିରକ୍ତ ବି ଲାଗୁଥିଲା । ପ୍ରକୃତରେ ଏହି ଅପ୍ରୀତିକର ଅବସ୍ଥାରେ ସେ ନିଜକୁ ଅତି ଅସହାୟ ମନେ କରୁଥିଲା । ଆଜି ପର୍ଯ୍ୟନ୍ତ ଏ ସବୁରୁ ନିଜକୁ ଦୂରେଇ ରଖି ସେ, ଅତି ଭୟଙ୍କର ଭାବରେ ଏହାର ବିରୋଧ କରୁଥିଲା । କିନ୍ତୁ ଶେଷରେ ତାର—ତାର ଏ କ'ଣ ହେଲା ? କାହିଁ ଏଥିରୁ ମୁକ୍ତ ହେବାକୁ ବା ଏଥିରୁ ନିଜକୁ ଦୁରେଇ ନେବାକୁ ତାର ସବୁ ଶକ୍ତି କୁଆଡ଼େ ଚାଲିଯାଉଛି !

ମାବେଲ ଫରଗୁସନର ମୁହଁକୁ ପୁଣିଥରେ ଚାହିଁଲା । ତା ଆଖିରେ ପୂର୍ବର ସେଇ ସାନୁନୟ ପ୍ରେମ ନିବେଦନ, ସେଇ ସ୍ୱାବାଶିତ, ବିଜୟିନୀର ଭାବ । ତା ଆଖିରୁ ବାହାରୁଥିବା ଉଜ୍ଜ୍ୱଳ, ଝଙ୍କିତ ଆଲୋକରେ ଫରଗୁସନ ନିଜକୁ ଅସହାୟ ଓ ଅବଶ ମନେକରୁଥିଲା । କିନ୍ତୁ ତେବେ ବି ତା ହୃଦୟରେ ମାବେଲ ପାଇଁ ଏତେଟିକିଏ ବି ଭଲ ପାଇବାର ଆଗ୍ରହ ନ ଥିଲା । ସେ ତ ଭଲ ପାଇବାକୁ ଇଚ୍ଛା କରୁନଥିଲା । ତା ଭିତରର କି ଏକ ବିରୋଧ ଭାବ ତାକୁ ବାଧା ଦେଉଥିଲା ।

ଏକ ସଙ୍ଗୀତମୟ, ଆତ୍ମନିର୍ଭରତାପୂର୍ଣ୍ଣ ସ୍ୱରରେ ମାବେଲ ଗୁଣୁଗୁଣୁ ହୋଇ କହିଲା, "ତମେ ମତେ ଭଲ ପାଅ ଜ୍ୟାକ୍, ତମେ ମତେ ସତରେ ପ୍ରେମ କର ।"

Digitized by srujanika@gmail.com

ସେ ଫର୍ଗୁସନକୁ ଟାଣିଲା ତା ଆଡ଼କୁ । ଫରଗୁସନ ମନରେ ଭୟ ଓ ବିଚଳିତ ଭାବ । ତା ମନରେ ମାବେଲକୁ ଭଲ ପାଇବା ବା ପ୍ରେମ କରିବାର ସାମାନ୍ୟତମ ଇଚ୍ଛା ବି ନାହିଁ । ତେବେ ବି ମାବେଲ ତାକୁ ଆକର୍ଷଣ କରୁଛି ନିଜ ଆଡ଼କୁ । ସେ ହଠାତ୍ ଗୋଡ଼ଖସି ପଡ଼ିଯିବା ଭୟରେ ତା ଦୁଇହାତ ଆଣି ମାବେଲର ଖୋଲା କାନ୍ଧ ଉପରେ ଚିପି ଧରିଲା । ମାବେଲର ଖୋଲା ଦେହକୁ ଜାବୁଡ଼ି ଧରିଥିବା ଫରଗୁସନର ହାତରେ ଯେମିତି ଖଣ୍ଡେ ଜଳନ୍ତା ନିଆଁ ଝଣ୍ଡେ କିଏ ମାଡ଼ିଦେଲା । ମାବେଲକୁ ଭଲ ପାଇବାକୁ ତ ତାର ଜମା ଇଚ୍ଛା ନ ଥିଲା, ତାର ସାରା ବ୍ୟକ୍ତିତ୍ୱ ଯେମିତି ଏହାର ବିରୋଧ କରୁଥିଲା । ପ୍ରକୃତରେ ଏପରି ଏକ ବିରକ୍ତିକର ପରିସ୍ଥିତିରୁ ସେ ଚାହୁଁଥିଲା ମୁକ୍ତି । କିନ୍ତୁ ମାବେଲର ସେଇ ଖୋଲା କାନ୍ଧର ସ୍ପର୍ଶ, ତା ସୁନ୍ଦର ଉଜ୍ଜଳ ମୁହଁର ଆକର୍ଷଣ ତାକୁ ବିଚଳିତ କରୁଥିଲା । ମାବେଲ କଣ ପାଗଳ ହୋଇଯାଇଛି ? ଫରଗୁସନ ମନରେ ଭୟ ହେଉଥିଲା କାଳେ ତା ମନରେ ଦୁର୍ବଳତା ଦେଖାଦେବ । କିନ୍ତୁ ତା ମନ ଭିତରେ କି ଏକ କ୍ଷୁଦ୍ର ଯନ୍ତ୍ରଣା ଟୁକ୍ ଟୁକ୍ କରି କଷ୍ଟ ଦେଉଥିଲା ତାକୁ ।

ମାବେଲର ମୁହଁକୁ ନ ଚାହିଁ ପାଖ କବାଟ ଆଡ଼କୁ ସେ ଚାହିଁ ରହିଲା । ସେତେବେଳ ଯାଏ ତାର ହାତ ସେମିତି ମାବେଲ କାନ୍ଧ ଉପରେ ରହିଥାଏ । ହଠାତ୍ ମାବେଲ ସମ୍ପୂର୍ଣ୍ଣ ନୀରବ ହୋଇଗଲା । ଏଇ ପରିବର୍ତ୍ତନରେ ଫରଗୁସନ ମାବେଲ ଆଡ଼କୁ ଅନେଇଲା । ମାବେଲର ଆଖିରେ ଭୟ ଓ ଆଶଙ୍କାର ସୂଚନା । ତା ଆଖିର ଉଜ୍ଜଳ ଆଲୋକ ତା ମୁହଁରୁ ଲିଭି ଯାଇଛି ଓ ସେ ମୁହଁରେ ଏକ ବିକଳ, ଉଦାସୀନତାର ଛାଇ ଘୋଟେଇ ହୋଇ ପଡ଼ିଛି । ମାବେଲ ଆଖିର ଏଇ ପ୍ରଶ୍ନବାଚକ ଦୃଷ୍ଟିକୁ ସେ ମୋଟେ ସହି ପାରୁ ନଥିଲା, ସେଇ ଆଖି ପଛରେ ଥିବା ମୃତ୍ୟୁର ସଙ୍କେତକୁ ବି ସେ ସହି ପାରୁ ନଥିଲା ।

ଏଇ ବିରକ୍ତିକର ମାନସିକ ବିରୋଧଭାବକୁ ଏଡ଼ାଇ ସେ ଚେଷ୍ଟା କଲା ମାବେଲ ପ୍ରତି ସହଜ ଓ ସମ୍ବେଦନଶୀଳ ହେବାକୁ । ତା ମୁହଁରେ ଏକ ସହାନୁଭୂତି ଓ ଆତ୍ମୀୟତାର ଭାବ ଦେଖା ଦେଲା ; ଏବଂ ଏତେ ବେଳଯାଏ ଫରଗୁସନ ଆଡ଼କୁ ଅନେଇ ରହିଥିବା ମାବେଲର ଅପଲକ ଆଖିରେ ଧିରେ ଧିରେ ଭରି ଉଠିଲା ଲୁହ । ତାପରେ ସେଇ ଢଳ ଢଳ ହେଉଥିବା ଲୁହ ଗୋଟିଏ ଛୋଟ ଝରଣା ପରି ବୋହିଗଲା ତା ଦୁଇଗାଲ ଉପର ଦେଇ । ଫରଗୁସନର କଠୋର ହୃଦୟ ଛୋଟ ଝରଣା ସାଙ୍ଗରେ କି ଏକ ଯନ୍ତ୍ରଣାରେ ତରଳିବାରେ ଲାଗିଲା ।

ମାବେଲ ଆଡ଼କୁ ଚାହିଁ ଦେଖିବାକୁ ତାକୁ ଭାରି କଷ୍ଟ ହେଲା । ସେ ଆଣ୍ଠୁ ମାଡ଼ି ବସିପଡ଼ି ମାବେଲର ମୁଣ୍ଡକୁ ଦୁଇ ବାହୁରେ ଧରି ଛାତି ବେକ ପାଖରେ ତା ମୁହଁକୁ ଚିପି ଧରିଲା । ମାବେଲ ବି ଚୁପଚାପ, ନୀରବ ! ଫରଗୁସନର ମନର ବଳ କି ଏକ

Digitized by srujanika@gmail.com

ଅସହ୍ୟ ଯନ୍ତ୍ରଣାରେ, କି ଏକ ମାନସିକ ଦୁଃଖରେ ଭାଂଗି ପଡ଼ିଲା । ସେ ମାବେଲର, ବୋହି ଯାଉଥିବା, ତରଳା ଲୁହକୁ ନିଜ ବେକ ଉପରେ ଅନୁଭବ କଲା । କିନ୍ତୁ ତେବେ ବି ତାର ମନର ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇନଥାଏ ।

ମାବେଲର ଲୁହ ଫରଗୁସନର ବେକ ଦେଇ ତଳକୁ ଗଡ଼ିଗଲା । କିନ୍ତୁ ସେ ଥାଏ ସ୍ଥିର, ଅବିଚଳିତ । ମଣିଷ ମନର ଏକ ପରମ ଆବେଗାନୁଭୂତ ଓ ଅନାକର୍ଷଣତାର ମଝିରେ ସେ ଝୁଲି ରହିଥାଏ । ବର୍ତ୍ତମାନର ପରିସ୍ଥିତିରେ ମାବେଲକୁ ନିଜର ଆହୁରି ନିକଟତର ନ କରି ତାର ଅନ୍ୟ ଉପାୟ ନାହିଁ । ସେଇ ତାକୁ ପୁଣି ଥରେ ମୃତ୍ୟୁ ମୁହଁକୁ ଠେଲି ଦେଇ ପାରିବନି । ତା ବାହୁର ନିବିଡ଼ ଆଶ୍ଲେଷ ଭିତରୁ ସେ ମାବେଲକୁ ମୁକ୍ତି ଦେଇ ପାରିବନି । ତା ପରିବର୍ତ୍ତେ ଏମିତି ଭାବେ ସାରା ଜୀବନଟା ସେ କଟେଇ ଦେବାକୁ ଚାହେଁ । ଏହା ବି ତ ତା ଜୀବନର ଏକ ସତ୍ୟ । ଯଦି ଓ ତା ହୃଦୟର ଅନ୍ୟ ପକ୍ଷରେ ମାବେଲକୁ ଗ୍ରହଣ କରି ନ ପାରିବା ଯନ୍ତ୍ରଣା ତା ପାଇଁ ଏକା ପରି ସତ୍ୟ, ଏ ବି ତା ପାଇଁ ଏକ ଜୀବନ ସତ୍ୟ । ନିଜ ଅଗୋଚରରେ ଫରଗୁସନ ମାବେଲର ଉଦା, ଚମ୍ପାଳିଆ ନରମ ବାଳକୁ ଚୁମି କରି ଖାଉଥିଲା ।

ତା ନାକରେ ହେଇ ପଲ୍ଲ, କାଦୁଅ ପାଣିର ଗନ୍ଧ ଆସି ପୁଣି ବାଜିଲା ଏବଂ ମାବେଲ ତାଠାରୁ ନିଜକୁ ଦୂରେଇ ନେଇ ତା ଅଡ଼କୁ ଏକ ଦୃଷ୍ଟିରେ ଚାହିଁ ରହିଲା । ତା ଆଖିରେ ଉତ୍କଣ୍ଠା ଓ ଅକୁହା ଭାଷା । ସେଇ ଆଖିକୁ ଚାହିଁବାକୁ ଫରଗୁସନର ଭୟ ହେଉଥାଏ । ନିଜ ଅଜାଣତରେ କଣ କରୁଛି ନ କରୁଛି ବୁଝିନପାରି ସେ ହଠାତ୍ ମାବେଲକୁ ଚୁମ୍ବନ ଦେବାକୁ ଲାଗିଲା । ମାବେଲ ଆଖିର ସେଇ ସନ୍ତୁଷ୍ଟ, ଅକୁହା, ଅବୁଝା ଭାବଠାରୁ ସେ ନିଜକୁ ଦୂରେଇ ରଖିବାକୁ ଚାହୁଁନଥିଲା ।

ମାବେଲ ଫରଗୁସନ ଆଡ଼କୁ ବୁଲି ଚାହିଁଲା ପୁଣି ଥରେ । ତା ମୁହଁରେ ଏକ ଛୋଟ ସ୍ମିତ ହସ, ତା ଆଖିରେ ପୂର୍ବର ସେଇ ଆନନ୍ଦର ଝଲକ । ସେଇ ଆନନ୍ଦର ଝଲକକୁ ନିଜ ଭିତରେ ଗ୍ରହଣ ନ କରିପାରି ଫରଗୁସନ ଭୟଭୀତ । କିନ୍ତୁ ସେଇ ହସ, ସେଇ ଆନନ୍ଦକୁ ତାକୁ ଗ୍ରହଣ କରିବାକୁ ହିଁ ହେବ । କାରଣ ମାବେଲ ଆଖିର ଭୟବିହ୍ୱଳ, ସନ୍ଦିଗ୍ଧ ଦୃଷ୍ଟିକୁ ସେ ଦେଖିବାକୁ ଚାହୁଁନଥିଲା ।

ମାବେଲ ଭଂଗା ଭଂଗା ସ୍ୱରରେ ପୁଣି ଥରେ ପଚାରିଲା, "ତମେ କ'ଣ ମତେ ଭଲପାଅ ଜ୍ୟାକ୍ ?"

ଫରଗୁସନ ନିଜ ଇଚ୍ଛା ବିରୁଦ୍ଧରେ କହିଲା "ହିଁ" ଏକଥା, କହିବାକୁ ତାର କଷ୍ଟ ହେଉଥିଲା । କିନ୍ତୁ ତା କଥାଟା ସମ୍ପୂର୍ଣ୍ଣ ମିଛ ନ ଥିଲା । ତା ପାଇଁ ଏହା ଏକ

Digitized by srujanika@gmail.com

ନୂତନ ସତ୍ୟ ଏହି ସତ୍ୟ, ତାହା ନୂତନ ଅନୁଭୂତିରୁ ହିଁ ଉଦ୍ଭବ । କିନ୍ତୁ ଏବେ ମଧ୍ୟ ସେ ଏଇ ସତ୍ୟକୁ ଗ୍ରହଣ କରିବାକୁ ଅନିଚ୍ଛୁକ ଥିଲା ।

ମାବେଲ ମୁହଁ ଟେକି ଜ୍ୟାକ୍ ଆଡ଼କୁ ଚାହିଁଲା । ସେ ନଇଁପଡ଼ି ମାବେଲ ଓଠରେ ଅତି ମୃଦୁ ଭାବରେ ଚୁମ୍ବନ ଦେଲା । ସେଇ ଚୁମ୍ବନଟି ତାର ପ୍ରେମର ପ୍ରଥମ ପ୍ରତିଶ୍ରୁତି । ଚୁମ୍ବନ ଦେବାପରେ ପୁଣି ତା ହୃଦୟରେ ପୂର୍ବର ସେଇ ବିରୋଧତାକୁ ସେ ଅନୁଭବ କଲା । ସେ ତାକୁ ପାଇବାକୁ ତ କେବେ ଇଚ୍ଛା କରୁନଥିଲା । କିନ୍ତୁ ଏବେ ଆଉ ସେ ସବୁର ମୂଲ୍ୟ କଣ ? ବର୍ତ୍ତମାନ ଦୁହିଁଙ୍କ ଭିତରେ ଥିବା ବ୍ୟବଧାନକୁ ସେ ଅତିକ୍ରମ କରି ଆସିଛି । ଦୁହିଁଙ୍କ ଭିତରର ବ୍ୟବଧାନ ସଙ୍କୁଚିତ ହୋଇ କ୍ରମଶଃ ଦୁହିଁଙ୍କୁ ଏକ ଏକାତ୍ମ ସତ୍ତାରେ ପରିଣତ କରିଛି ।

ଫରଗୁସନର ଚୁମ୍ବନ ସ୍ପର୍ଶରେ ମାବେଲ ଆଖିର ଲୁହ ପୁଣି ଥରେ ଧୀରେ ଧୀରେ ଜକେଇ ଆସିଲା । ସେ ଫରଗୁସନ ପାଖରୁ ଘୁଞ୍ଚିଯାଇ ନିଶ୍ଚଳ ଭାବରେ ବସି ରହିଲା । ଫରଗୁସନ ଆଡ଼କୁ ମୁହଁ ପଛ କରି ଓ ତା ଦୁଇହାତ କୋଳ ଉପରେ ରଖି ସେ ବସିଥିଲା ଚୁପହୋଇ । ତା ଆଖିରୁ ଧାର ଧାର ହୋଇ ଲୁହ ଝରିପଡ଼ୁଥିଲା । ଦୁହେଁ ସମ୍ପୂର୍ଣ୍ଣ ନୀରବ । ଫରଗୁସନ ବି ନୀରବ, ନିଶ୍ଚଳ ହୋଇ ଚୁଲି ପାଖରେ ବସିଥାଏ । ତାର ଅଶାନ୍ତ, ବିରୋଧୀମନର ବନ୍ଧ ଭାଙ୍ଗି ତାକୁ ଯେମିତି ଆହୁରି ବେଶୀ ବିବ୍ରତ, ବିଚଳିତ କରୁଛି । ସେ କ'ଣ କେବେ ମାବେଲକୁ ଭଲ ପାଇପାରେ ? ଶେଷରେ ସେ ଏମିତି ଭାବରେ ପ୍ରେମରେ ପଡ଼ିଲା ? ତା ବିଷୟରେ ଯେତେବେଳେ ଅନ୍ୟମାନେ ଜାଣିବେ ? ସେ ଜଣେ ଡାକ୍ତର ! ଆଉ ଡାକ୍ତର ହୋଇ ତାର ପୁଣି ପ୍ରେମ ! ସମସ୍ତେ ଯେ ତାକୁ ଥଟ୍ଟା କରିବେ ଜାଣିଲେ ! ଏଇ କଥା ଭାବି ତା ମନ ଭିତରେ ଯନ୍ତ୍ରଣାରେ ଛଟପଟ କରିବାକୁ ଲାଗିଲା ।

ଏଇ ବିରକ୍ତ ନଗ୍ନ, ଯନ୍ତ୍ରଣାଦାୟକ ଭାବନା ଭିତରେ ସେ ମାବେଲକୁ ଅନେଇଲା । ମାବେଲ ଅନ୍ୟମନସ୍କ ହୋଇ କଣ ଯେମିତି ଗମ୍ଭୀର ଭାବରେ ଚିନ୍ତା କରୁଥିଲା । ତା ଆଖିରୁ ଟୋପାଏ ଲୁହ ଝରିପଡ଼ିବାର ସେ ଦେଖି ପାରିଲା । ଫରଗୁସନର ହୃଦୟରେ କିଏ ଯେମିତି ଖଣ୍ଡେ ଜଳନ୍ତା ନିଆଁ ମାଡ଼ିଦେଲା । ମାବେଲ ଆଡ଼କୁ ଚାହିଁ, ପ୍ରଥମଥର ପାଇଁ, ସେ ଯେମିତି ତାକୁ ଅନୁଭବ କଲା । ତାର ଖୋଲା କାନ୍ଧ, ଖୋଲା ବାହୁ, ତା ଛାତିର ଗୋଟାଏ ପାଖରେ ନଗ୍ନ ସ୍ତନ ତାକୁ ଆକର୍ଷଣ କରୁଥିଲା । ଘରଆଡ଼ର ଘନୀଭୂତ ଅନ୍ଧକାରର ଅସ୍ପଷ୍ଟ ଛାଇରେ ସେ ଏ ସବୁ ଲକ୍ଷ୍ୟ କରୁଥିଲା ।

"ତମେ କାହିଁକି କାନ୍ଦୁଛ ?" ସେ ପଚାରିଲା ମାବେଲକୁ । ତା କଣ୍ଠର ସ୍ୱର କେମିତି ବଦଳିଯାଇଥିଲା ।

Digitized by srujanika@gmail.com

ମାବେଲ ତା ଆଡ଼କୁ ଚାହିଁଲା । ତାର ଝରିପଡ଼ୁଥିବା ଲୁହ ଭିତରେ ପ୍ରଥମଥର ପାଇଁ ସେ ନିଜର ପରିବେଶ ଓ ପରିସ୍ଥିତି ବିଷୟରେ ସଚେତନ ହେଲା । ଲାଜରେ ତା ଆଖି ବୁଜି ହୋଇଗଲା ।

ଶଙ୍କିତ କଣ୍ଠରେ, ଫରଗୁସନକୁ ଦେଖି ଦେଖି ସେ କହିଲା, "ନାଇଁ, ମୁଁ କାନ୍ଦୁନାହିଁ ।"

ଫରଗୁସନ ହାତ ବଢେଇ ତା ଖୋଲା ବାହୁ ଉପରେ ନିଜ ହାତ ରଖିଲା । ତାପରେ ହଠାତ୍ ଉତ୍ତେଜନାରେ ସେ କହି ପକାଇଲା, "ମୁଁ ତମକୁ ଭଲପାଏ ମାବେଲ, ମୁଁ ତମକୁ ପ୍ରକୃତରେ ପ୍ରେମ କରେ ।" ତା ସ୍ୱରରେ ଥିଲା କୋମଳତା, ଯେମିତି ଏକଥା ସେ ନିଜେ କହୁନାହିଁ, ତାକୁ କିଏ କୁହାଇଦେଉଛି । କଣ୍ଠରେ ତାର ମୃଦୁ କମ୍ପନର ଆଭାସ ।

ମାବେଲ ଘୁଞ୍ଚିଯାଇ ମୁଣ୍ଡ ତଳକୁ କରି ବସିଲା । ତା ବାହୁ ଉପରେ ଫରଗୁସନ ହାତର ନରମ, ନିବିଡ଼ ସ୍ପର୍ଶ ତାକୁ ବିଚଳିତ କରୁଥିଲା । ସେ ଫରଗୁସନ, ମୁହିଁକୁ ଅନେଇ କହିଲା—

"ମତେ ଛାଡ଼ ମୁଁ ଯିବି । ମୁଁ ତମ ପାଇଁ ଶୁଖିଲା ଲୁଗା ଆଣିଦେବି । ଫରଗୁସନ କହିଲା "କାହିଁକି ? ମୋର ଦରକାର ନାହିଁ କିଛି, ମୁଁ ଠିକ ଅଛି ।" ମାବେଲ ବ୍ୟସ୍ତ ହୋଇ କହିଲା, "ନା ମୁଁ ଯିବି, ମୁଁ ଲୁଗା ଆଣି ଦେଉଛି, ତମେ ବଦଳାଅ ।"

ସେ ତା ବାହୁ ଉପରୁ ହାତ ଖସାଇନେଇ ଫରଗୁସନ ଆଡ଼କୁ ଚାହିଁ ତା ଦେହକୁ ଘୋଡ଼େଇ ଦେଲା ; କିନ୍ତୁ ସେ ତଳୁ ବସିବା ଯାଗାରୁ ଉଠିଲା ନାହିଁ । ସନ୍ତୁଷ୍ଟ ନୟନରେ ଚାହିଁ ରହି ସେ କହିଲା ।

"ଜ୍ୟାକ୍, ମତେ ଗୋଟିଏ ଚୁମା ଦିଅ" ଫରଗୁସନ ତାକୁ ଛୋଟ ଚୁମ୍ବନଟିଏ ଦେଲା । କିନ୍ତୁ ତାର ମନ ଭିତରେ ଭୀଷଣ ରାଗ ହେଉଥିଲା ।

ଟିକିଏ ସମୟ ପରେ ମାବେଲ କମ୍ବଳ ଘୋଡ଼େଇ ହୋଇ ଉଠିଲା । ସେ ଅତି ବିବ୍ରତ କିନ୍ତୁ ଅସହାୟ ଦିଶୁଥିଲା । ଫରଗୁସନ ତାର ସେଇ ଶଙ୍କିତ, ଅସହାୟ ଭାବକୁ ଚାହିଁ ଦେଖୁଥିଲା । ମାବେଲ କମ୍ବଳକୁ ଗୋଟେଇ ନେଇ ତା ଦେହରେ ଘୋଡ଼େଇ ଉପରକୁ ଯିବାକୁ ବାହାରିଲା । ଯିବାବେଳେ କମ୍ବଳଟା ତା ଗୋଡ଼ ପାଖରେ ତଳେ ଘୁଷୁଡ଼ି ଘୁଷୁଡ଼ି ଯାଉଥିଲା ଆଉ ଫରଗୁସନ ସେଇ କମ୍ବଳ ଭିତରୁ ମାବେଲର ଖୋଲା ପାଦ ଓ ଗୋଡର କିଛି ନଗ୍ନ ଅଂଶକୁ ଦେଖି ପାରୁଥିଲା । କିନ୍ତୁ ତାକୁ ଚାହିଁରହି ଯେତେବେଳେ ସେ ତାର ଖୋଲା ଦେହ ଉପରେ କମ୍ବଳ ଘୋଡ଼େଇ ଦେଇଥିଲା ସେତିକି ବେଳର କଥା ମନେ ପକେଇବାକୁ ଚେଷ୍ଟା କରୁଥିଲା । କିନ୍ତୁ ସେତେବେଳ କଥା

Digitized by srujanika@gmail.com

ମନେପକେଇବାକୁ ତା ମନରେ ସାହସ ନ ଥିଲା । ସେତେବେଳେ ତ ସେ ନିଜେ ପାଖରେ ଥିଲା ମୂଲ୍ୟହୀନ । ତା ଛଡ଼ା ମାବେଲର ବୁଢ଼ିଗଲା ବେଳର ଭୟଙ୍କର ଅବସ୍ଥାକୁ ମନେରଖିବାକୁ ବି ସେ ଚାହୁଁ ନଥିଲା, କାରଣ ସେତେବେଳେ ତ ମାବେଲ ତା ପାଇଁ କିଛି ନ ଥିଲା, ମାବେଲ ସହିତ ତାର ସମ୍ପର୍କ ରହିଥିଲା ତା ଅନୁଭବର ବାହାରେ ।

ହଠାତ୍ ଅନ୍ଧାର ଘର ଭିତରୁ ଏକ ଝଣ୍‌ଝଣିଆ ସ୍ୱର ସେ ଶୁଣିବାକୁ ପାଇଲା । ତାପରେ ମାବେଲ ଉପରୁ କହୁଥିବାର ସେ ଶୁଣିଲା, "ଏଇ ଲୁଗାନିଅ ।" ତଳ ମହଲର ପାହାଚ ପାଖକୁ ଯାଇ ଲୁଗା ଗୁଡ଼ାକ ମାବେଲ ଉପରୁ ପକାଇଲା ବେଳେ ସେ ଧରିଲା । ଲୁଗା ଆଣି ନିଆଁ ପାଖକୁ ଫେରି ଆସି ନିଆଁରେ ଟିକେ ସେକି ହୋଇ ସେ ଓଦା ଲୁଗା ଗୁଡ଼ାକ ବଦଳି ପକାଇଲା । ଲୁଗା ଗୁଡାକୁ ଦେହରେ ପିନ୍ଧି ନିଜକୁ ଅନେଇ ସେ ହସି ପକାଇଲା ।

ଚୁଲିରେ ନିଆଁ ଗୁଡା ଲିଭିଯାଉଥିଲା । ଆଙ୍ଗୁଳାଏ କୋଇଲା ଆଣି ସେ ଚୁଲି ଭିତରକୁ ପକେଇଦେଲା । ଘରସାରା ଅନ୍ଧାର, ପାଖ ରାସ୍ତା କଡ଼ର ଗଛ ସେ ପାଖରୁ ରାସ୍ତା ଆଲୁଅର ଛୋଟ ରେଖାଟିଏ ଘର ଭିତରେ ପଡ଼ି ଅସ୍ପଷ୍ଟ ଦେଖାଯାଉଥାଏ ସିନା । ଫରଗୁସନ ରୋଷେଇ ଘର ଥାକରୁ ଡ଼ିଆସିଲି ଆଣି ଗ୍ୟାସ୍‌ବତୀ ଲଗାଇଲା । ତାପରେ ତା ଓଦା ଲୁଗା ପକେଟରେ ଥିବା ଇଅଡୁ ସିଅଡୁ ଜିନିଷ ସବୁ କାଢ଼ି ଗୋଟାଏ ପାଖରେ ଗଦା କଲା ।

କାନ୍ଥ ଘଣ୍ଟାରେ ସେତେବେଳକୁ ଛ'ଟା ବାଜିଲାଣି । ତା ନିଜ ଘଣ୍ଟାଟା ବନ୍ଦ ହୋଇଯାଇଛି । ତାର ଡ଼ାକ୍ତରଖାନାକୁ ଯିବାବେଳ ହୋଇଗଲାଣି । ମାବେଲର ଆସିବାକୁ ସେ ଅପେକ୍ଷା କଲା । କିନ୍ତୁ ତେବେ ବି ମାବେଲ ତଳକୁ ଆସୁନଥାଏ । ସେ ବାଧ୍ୟ ହୋଇ ପାହାଚ ପାଖକୁ ଯାଇ ପାଟି କରି କହିଲା—

"ମୁଁ ବର୍ତ୍ତମାନ ଯିବ ମାବେଲ ।"

ସାଂଗେ ସାଂଗେ ମାବେଲର ପାଦଶବ୍ଦ ପାହାଚ ଉପରେ ଶୁଣାଗଲା । ସେ ତଳକୁ ଓହ୍ଲାଇ ଆସୁଥିଲା । ତାର ସବୁଠାରୁ ଭଲ କଳା ଭଏଲର ପୋଷାକ ସେ ପିନ୍ଧିଥାଏ । ତା ଓଦା ବାଳକୁ ଟେକି ପଛପଟକୁ ବାନ୍ଧି ଦେଇଥାଏ । ତଳକୁ ଆସି ସେ ଫରଗୁସନ ଆଡ଼କୁ ଚାହିଁଲା ଓ ନିଜ ଅଜାଣତରେ ଛୋଟ ହସଟିଏ ହସିଦେଇ କହିଲା ।

"ତମକୁ ସେଇ ପୋଷାକରେ କେମିତି ଅଖାଡୁଆ ଦେଖାଯାଉଛି ? ମତେ ଜମା ଭଲ ଲଗୁନି ଦେଖିବାକୁ ।"

ଫରଗୁସନ ପଚାରିଲା "କଣ ଭାରି ଖରାପ ଦିଶୁଛି ?"

Digitized by srujanika@gmail.com

ଦୁହେଁ ଦୁହିଁଙ୍କ ପାଖରେ ପରସ୍ପରକୁ ସଙ୍କୁଚିତ ଓ ଲଜ୍ଜିତ ମନେ କରୁଥିଲେ ।

ମାବେଲ କହିଲା "ତମ ପାଇଁ ଟିକେ ଚା କରିଦିଏ ।"

ଫରଗୁସନ ମନାକଲା । "ନାଇଁ ମୁଁ ଯିବି, ଚା' ଦରକାର ନାହିଁ ।"

"ସତରେ ଯିବ ?" ମାବେଲ ପଚାରିଲା ଆଖି ବଡ ବଡ଼ କରି । ତା ଆଖିରେ ଆଗର ସେଇ ସନ୍ଦେହ ପୁଣି ଉଙ୍କି ମାରିଲା । ସେଇ ଆଖିରେ ଫରଗୁସନ ବି ପୂର୍ବର ଯନ୍ତ୍ରଣାକୁ ପୁଣି ଅନୁଭବ କଲା । ମାବେଲର ଏଇ ଶଙ୍କିତ ବିବ୍ରତ ମନୋଭାବ ଯେ ତା ପାଇଁ ଅସହ୍ୟ । ସେ ନଇଁପଡ଼ି ତାକୁ ଚୁମ୍ବନ ଦେଲା ମୃଦୁ ଭାବରେ । ତା ପରେ ଆବେଗର ଉତ୍ତେଜନାରେ, ତା ହୃଦୟର ସମସ୍ତ ଯନ୍ତ୍ରଣାକୁ ଏକାକାର କରି ସେ ମାବେଲକୁ ଚୁମ୍ବନ ଦେବାରେ ଲାଗିଲା ।

ଅନ୍ୟମନସ୍କ ଭାବରେ ମାବେଲ କହିଉଠିଲା, "ମୋ ବାଳ ଗୁଡ଼ାକ ବଡ଼ ଅସନା ହୋଇଛି ଯେ ! ଆଉ ମୁଁ ବି ! ମୁଁ ବି ନିଜେ କେମିତିକା ଅତି ବାଜେ ଗନ୍ଧ ଛାଡ଼ୁଛି ।" କହି କହି ହଠାତ୍ ସେ ଅତି ବିକଳ ଭାବରେ କାନ୍ଦି ଉଠି କହିଲା । ଓଃ ! ତମେ ମତେ ସତରେ କେମିତି ଭଲ ପାଇଲ ! ମୁଁ କି ତମ ଭଲ ପାଇବାର ଯୋଗ୍ୟ ନ୍ୟାକ୍ ?"

"ବାଜେ କଥା, କାହିଁକି ବାଜେ କଥା କହୁଛ ? ମୁଁ ତ ତମକୁ ଭଲପାଏ, ମୁଁ ତ ତମକୁ ନିଜର କରିବାକୁ ଚାହେଁ । ମୁଁ ତମକୁ ବାହାହେବି । ଆମେ ଯେତେ ଶୀଘ୍ର ସମ୍ଭବ ହେବ ସେତେ ଶୀଘ୍ର ବିବାହ କରିବା । ସମ୍ଭବ ହେଲେ ଆସନ୍ତା କାଲି ହିଁ ମୁଁ ଆମ ବିବାହର ବ୍ୟବସ୍ଥା କରିବି ।" ଫରଗୁସନ ଏକଥା କହି ମାବେଲକୁ ସାନ୍ତ୍ୱନା ଦେଲା ଓ ମାବେଲକୁ ତା ନିଜ ଦୁଇ ବାହୁରେ କୁଣ୍ଢେଇ ଧରି ତାକୁ ଅତି ଆବେଗରେ ଚୁମ୍ବନ ଦେବାରେ ଲାଗିଲା ।

କିନ୍ତୁ ମାବେଲ ଖାଲି କାନ୍ଦୁଥାଏ । ସେ କାନ୍ଦି କାନ୍ଦି କହିଲା "ସତେ ଏ କଣ ହେଲା ! ମୁଁ ତ କିଛି ବୁଝିପାରୁନି । ମୁଁ କଣ ତମର ଭଲ ପାଇବାର ଯୋଗ୍ୟ ?"

"ନା ନା ତମେ ସେମିତି କୁହନି, ମୁଁ ତ କେବଳ ତମକୁ ଚାହେଁ, ତମ ଛଡ଼ା ମୋର ଆଉ କାହାରିଠାରେ ଦରକାର ନାହିଁ ।" ଫରଗୁସନ ଅନ୍ଧ ଭଳି ମାବେଲକୁ ନିଜ ଆଡ଼କୁ ଟାଣିଆଣି ଜାବୁଡ଼ି ଧରି ଏଇ କଥା ଗୁଡ଼ା କହିଗଲା । କିନ୍ତୁ ତା କଥା ଶୁଣି ମାବେଲ ନିଜର ବଞ୍ଚିବାର ଭୟ ଅପେକ୍ଷା ଏଇ କଥାର ପ୍ରକାଶ ଭଙ୍ଗୀରେ ବେଶୀ ଭୟଭୀତ ହୋଇଥିଲା । ତାର ଭୟ ହେଉଥିଲା କାଳେ ଫରଗୁସନ ତାକୁ ଛାଡ଼ି ଚାଲିଯିବ, ତାକୁ ଭଲ ପାଇ ନ ପାରି ତ୍ୟାଗ କରିବ । ମନର ଏଇ ଭୟରେ ସେ ଫରଗୁସନର କଥ ର ଗୁରୁତ୍ୱକୁ ମାପୁଥିଲା ।

Digitized by srujanika@gmail.com

ଧର୍ମଯାଜକଙ୍କ ଝିଅ

ଲଣ୍ଡ୍ରଲେ ଆଲଡଫସର ପ୍ରଥମ ଧର୍ମଯାଜକ । ଏଇ ଛୋଟ ଗାଆଁ ର ଘରଗୁଡ଼ାକ, କେଉଁ କାଳରୁ କେଜାଣି ବୋଧେ ସେମାନଙ୍କର ଆରମ୍ଭ ଦିନରୁ ହେବ, ଏମିତି ନୀରବରେ ରହିଆସିଛନ୍ତି । ଗାଁର ଲୋକମାନେ ରବିବାରଟା ଝକ୍‌ମକ ସକାଳେ ଦୁଇ, ତିନି ମାଇଲ୍ ରାସ୍ତା, ଗଳି କନ୍ଦି ଓ ବିଲରାସ୍ତା ଦେଇ ଆସି ସେମିତ୍ ଗୀର୍ଜାରେ ପହଞ୍ଚନ୍ତି ।

ଯେତେବେଳେ ଖଣି ଦବୁ ଆରମ୍ଭ ହେଲା, ବଡ଼ ରାସ୍ତା କଡ଼େ କଡ଼େ, ଧାଡ଼ି ଧାଡ଼ି ହୋଇ ଗଢ଼ି ଉଠିଲା ଛୋଟ ଛୋଟ ଘର ସବୁ । ଦୁଧ ଉପରେ ସର ପଡ଼ିଆସିଲା ପରି ସେଇ ଖଣିମାନଙ୍କରେ କାମ କରୁଥିବା ଶ୍ରମିକମାନଙ୍କର ବସତି ଦିନକୁ ଦିନ ବଢ଼ି-ଚାଲିଲା । ସେଇ ବସତିର ଲୋକମାନଙ୍କ ଭିତରେ ସହରର ଲୋକମାନଙ୍କ ଅସ୍ତିତ୍ୱ ଯେମିତି କ୍ରମଶଃ ଲୋପ ପାଉଥିଲା ।

ନୂଆ ହୋଇ ଗଢ଼ି ଉଠିଥିବା ଏଇ ଖଣି ଅଞ୍ଚଳର ଲୋକମାନଙ୍କ ପାଇଁ ଆଲଡଫସରେ ଏବେ ଗୋଟାଏ ଗୀର୍ଜା ହେବା ଦରକାର । କିନ୍ତୁ ବଡ ଗୀର୍ଜା କରିବାକୁ ତ ବେଶୀ ଟଙ୍କାର ପ୍ରୟୋଜନ । ସେଥିପାଇଁ ଗୋଟାଏ କୁଜା ସିମେଣ୍ଟ ତିଆରି ମୂଷା ପରି ଶ୍ରମିକମାନଙ୍କ ଘରର ସାମନା ପଡ଼ିଆରେ ଆପେଲ ଗଛ ଧାଡ଼ି ତଳକୁ ଯାକଯୁକ୍ତ ହୋଇ ଛୋଟିଆ ଗୀର୍ଜାଟାଏ ତିଆରି ହେଲା । ପଶ୍ଚିମ ପଟକୁ ଥିବା ଗୀର୍ଜାର ଚମ୍ବୁଜ ଦୁଇଟା ମୂଷାର କାନ ପରି । ଗୀର୍ଜାଟାକୁ ଦେଖିଲେ ମନେହୁଏ କେମିତି ଦୟନୀୟ ଓ ଶ୍ରୀହୀନ । ଗୀର୍ଜାର ସେଇ ଦୟନୀୟ ଟାପଛଡ଼ା ନୂଆ ଢଙ୍ଗକୁ ଘୋଡ଼େଇ-ବାକୁ ଲୋକମାନେ ତା ଚାରିପାଖରେ ବଡ଼ ବଡ଼ ଆଇଭି ପତ୍ରର ଲତା ଲଗାଇଛନ୍ତି । ପଡ଼ିଆ ଭିତରେ ଏକାଟିଆ ଗୀର୍ଜାଟା ସବୁଜ ଲତା ଭିତରେ ବୁଡ଼ିଯାଇ ଯେମିତି ଘୁମେଇ ପଡ଼ିଛି, ଆଉ ତା ଚାରିପାଖର ଛୋଟ ଛୋଟ ଇଟାଘର ସବୁ ଗୋଟାକ ପରେ ଗୋଟାଏ ପାଖକୁ ପାଖକୁ ତା ଆଡ଼କୁ ମାଡ଼ି ଆସୁଛନ୍ତି । ଘରଗୁଡ଼ାକ ମାଡ଼ିଆସିବା ଫଳରେ ଗୀର୍ଜାଟା ଭାଙ୍ଗିଯିବ ଯେମିତି ଆଉ କିଛି ଦିନପରେ । ଏବେଠୁ ସେଇଟା ଭାଙ୍ଗିଯିବା ପରି ଦିଶିଲାଣି ।

ଏରନେଷ୍ଟ ଲଣ୍ଡ୍ରଲେ ସଫୋକ୍‌ର ସହକାରୀ ଧର୍ମଯାଜକ । ତାଙ୍କର ବୟସ ପ୍ରାୟ ସତେଇଶ, ନବ ବିବାହିତ । ଏଇ ନୂଆ ଖଣି ଅଞ୍ଚଳର ଗୀର୍ଜାରେ ପୁରୋହିତ ହେବାପାଇଁ ସେ ଆସିଛନ୍ତି । ଲୋକଟି ଅତି ସାଧାରଣ । କାମ୍ବ୍ରିଜରୁ ଖ୍ରୀଷ୍ଟଧର୍ମରେ ପାସ୍‌କରି

Digitized by srujanika@gmail.com

ଗୀର୍ଜାର ପୁରୋହିତ ବଚ୍ଛା ହୋଇଛନ୍ତି । ତାଙ୍କ ସ୍ତ୍ରୀ ବି ଖୁବ ଆତ୍ମ-ସଂଯମୀ, ସେ କାମ୍ବ୍ରିଜ ସାମ୍ବାରର ଜଣେ ପୁରୋହିତଙ୍କ ଝିଅ । ଲିଣ୍ଡଲେଙ୍କ ଶ୍ୱଶୁର ତାଙ୍କର ବର୍ଷକର ଯାହା ରୋଜଗାର ସବୁ ନିଜେ ଖର୍ଚ୍ଚ କରି ଦିଅନ୍ତି । ସେଥିପାଇଁ ଲିଣ୍ଡଲେଙ୍କ ସ୍ତ୍ରୀଙ୍କର ନିଜର ହୋଇ ସମ୍ପତ୍ତି ବାଡ଼ି କିଛି ନାହିଁ । ଏମିତି ଅବସ୍ଥାରେ ଲିଣ୍ଡଲେ ଓ ତାଙ୍କ ସ୍ତ୍ରୀ ଆଲଡ୍‌କ୍ରସକୁ ଶହେ କୋଡ଼ିଏ ଟଙ୍କା ଲେଖା ମାସିକ ଭତ୍ତା ନେଇ ରହିବାକୁ ଆସିଲେ । ଆଲଡ୍‌କ୍ରସରେ ଲିଣ୍ଡଲେ ପରିବାର ଅନ୍ୟମାନଙ୍କଠାରୁ ନିଜକୁ ବଡ଼ ବୋଲି ଭାବନ୍ତି ।

କିନ୍ତୁ ଏଇ ନୂଆ ହୋଇ ବସବାସ କରିବାକୁ ଆରମ୍ଭ କରୁଥିବା ଅଶିକ୍ଷିତ, ଅସନ୍ତୁଷ୍ଟ ଶ୍ରମିକମାନେ ଲିଣ୍ଡଲେ ପରିବାରକୁ ଜମା ଭଲ ପାଇ ପାରୁ ନ ଥିଲେ । ପୂର୍ବରୁ ଲିଣ୍ଡଲେ କୃଷି ସମ୍ପ୍ରଦାୟର କର୍ମଚାରୀମାନଙ୍କର ପୁରୋହିତ ଥିଲେ ଓ ସେ ମନରେ ଧରି ନେଇଥିଲେ ଯେ ସେ ଉଚ୍ଚଜାତିର ଜମିଦାର ମାନଙ୍କ ବା ମାଲିକମାନଙ୍କ ଦଳର ଲୋକ । କିନ୍ତୁ ତା ସତ୍ତ୍ୱେ ତାଙ୍କୁ ଖଣିର ଶ୍ରମିକମାନଙ୍କୁ ସବୁବେଳେ ଦୟା ଓ ସ୍ନେହ ଦେଖାଇବାକୁ ପଡୁଥିଲା । ତେବେ ବି ସେମାନଙ୍କ ଭିତରେ ଥିବା ଦୂରତ୍ୱ, ଶ୍ରମିକ ଓ ଉଚ୍ଚବଂଶଜାତ ପୁରୋହିତର ଗର୍ବକୁ ସେ ଛାଡ଼ିପାରୁ ନ ଥିଲେ ବା ସେ ନିଜକୁ କେବେହେଲେ ଶ୍ରମିକମାନଙ୍କ ଭିତରେ ଜଣେ ବୋଲି ଭାବୁ ନ ଥିଲେ ।

ସେ ଯା ହେଲେ ବି ଖଣିର ଶ୍ରମିକମାନେ ଲିଣ୍ଡଲେ ଗଢ଼ିଥିବା ଏଇ ବ୍ୟବଧାନ ବା ଦୂରତ୍ୱକୁ ଗ୍ରହଣ କରନ୍ତି ନାହିଁ । ସେମାନଙ୍କ ଶ୍ରମିକ ଜୀବନ ଭିତରେ ଏଇ ପୁରୋହିତଙ୍କ ସ୍ଥାନ ନାହିଁ, ଏକଥା ସେମାନେ ମୁହଁ ଖୋଲି, ନିର୍ବିକାର ଭାବରେ କହି ବି ଦିଅନ୍ତି । କୁଲି ସ୍ତ୍ରୀ ଲୋକମାନେ କହନ୍ତି "ଅମେ ତ ସବୁ କୁଲିମୂଲିଆ ଲୋକ, ଆମର କଣ ଅଛି !", ନହେଲେ କହନ୍ତି "ଆମେ ସବୁ ନିଜେ ତ ଗୀର୍ଜା, ପୁରୋହିତଙ୍କର ଏଠାରେ କଣ ଦରକାର ?" ଖଣିର ଲୋକମାନେ ତାଙ୍କୁ ଭଲ ବ୍ୟବହାର ଦେଖାନ୍ତି ଓ ଭଲମନ୍ଦ କହନ୍ତି ଯେତେବେଳଯାଏ ଲିଣ୍ଡଲେ ମୋନଙ୍କର ଅତି ନିକଟତର ହେବାକୁ ଚେଷ୍ଟା ନ କରନ୍ତି, କିନ୍ତୁ ସେମାନେ ଦୂରରୁ ପୁରୋହିତଙ୍କୁ ନେଇ ଥଟ୍ଟା ତାମସା କରନ୍ତି । ଏ ହଲୁରୁ ନିଜକୁ ମୁକ୍ତ ରଖିବାକୁ ମନେ ମନେ ଯେତେ ଉତ୍କଣ୍ଠା ହେଲେ ବି ଏ ପର୍ଯ୍ୟନ୍ତ ସେଥିରେ ସଫଳ ହୋଇପାରି ନାହାନ୍ତି ।

ଏବେ ସେ ସେମାନଙ୍କୁ ଆଉ ନିହାତି ଅବଜ୍ଞା ବା ଘୃଣ୍ୟ ଦୃଷ୍ଟିରେ ଦେଖନ୍ତି ନାହିଁ । ତାଙ୍କର ଘୃଣା ଓ ଅବଜ୍ଞା ନୀରବ ବଶ୍ୟତାରେ ପରିଣତ ହୋଇଛି । ଏ କଥା ସେ ସ୍ୱୀକାର କରନ୍ତି; କିନ୍ତୁ ତାଙ୍କ ମନର ଏଇ ସୂକ୍ଷ୍ମ ଘୃଣାଭାବ ଅଧିକାଂଶ ଶ୍ରମିକଙ୍କ ପାଇଁ ବଢ଼ିବା ସାଙ୍ଗେ ସାଙ୍ଗେ ନିଜ ଭିତରେ ବି ଏକ ଅଜଣା କ୍ରୋଧ ଓ ଘୃଣା ଜାତ କରେ । ଏଇ ମନୋଭାବ ନିକଟରେ ସେ ଆତ୍ମସମର୍ପଣ କରିଛନ୍ତି । ସେଥିପାଇଁ ଅଳ୍ପ କେତୋଟି

Digitized by srujanika@gmail.com

ଘରକୁ ଛାଡ଼ିଦେଲେ ଅନ୍ୟ ଅଧିକାଂଶ ଶ୍ରମିକଙ୍କ ଘରକୁ ସେ ଯାଆନ୍ତି ନାହିଁ । ଏ ବ୍ୟବସ୍ଥା ତାଙ୍କୁ ବାଧ୍ୟ ହୋଇ ଗ୍ରହଣ କରିବାକୁ ପଡ଼ୁଛି । ଧର୍ମଯାଜକ ଭାବରେ ନିଜର ଜୀବନ ନିର୍ବାହ କରିବାକୁ ଅନ୍ୟମାନଙ୍କ ଉପରେ ଆଜି ପର୍ଯ୍ୟନ୍ତ ନିର୍ଭର କରି ଆସିଥିବାରୁ, ଅନ୍ୟ ଭାବରେ ତାଙ୍କର ବ୍ୟକ୍ତିତ୍ୱର ବିକାଶ ବି ହୋଇପାରିନାହିଁ । ଶ୍ରେଷ୍ଠ ସମାଜର ମର୍ଯ୍ୟାଦାସମ୍ପନ୍ନ ଲୋକମାନଙ୍କ ଭିତରେ ସେ ନିଜର ସ୍ଥାନ ହରାଇଛନ୍ତି । ତା ଛଡ଼ା, ଏବେ ସେ ଏତେ ଦରିଦ୍ର ହୋଇ ପଡ଼ିଛନ୍ତି ଯେ ଏଇ ଅତି ସାଧାରଣ ବ୍ୟବସାୟୀମାନଙ୍କ ଭିତରେ ବି ତାଙ୍କର ସ୍ଥାନ ଅତି ନଗଣ୍ୟ । ସେମାନଙ୍କ ଭିତରେ ସମ୍ମାନଜନକ ସ୍ଥାନ ପାଇବା ପାଇଁ ବା ନିଜକୁ ସେମାନଙ୍କର ଭକ୍ତିଭାଜନ କରିବାପାଇଁ ଚେଷ୍ଟା କରିବା ତାଙ୍କର ପ୍ରକୃତି ନୁହେଁ ବା ସେଥିପାଇଁ ସେ ଇଚ୍ଛା ବି କରନ୍ତି ନାହିଁ । ଅନ୍ୟମାନଙ୍କ ଉପରେ ନିଜକୁ ଚାପି ଧରିବା ପାଇଁ, ଯେଉଁଠାରେ ଅନ୍ୟମାନେ ତାଙ୍କୁ ସମ୍ମାନ ଦେବେ, ବା ଭଲ ପାଇବେ, ଏପରି ମନ ବଳ ବି ତାଙ୍କର ନ ଥିଲା । ଏମିତି ଅବସ୍ଥାରେ, ସେ କୌଣସି ପ୍ରକାରେ ଅତି ଧାନସ୍ଥିନ ଓ ଉଦାସ ଭାବରେ ଜୀବନଟା କଟାଇ ଦେଉଥାନ୍ତି ।

ପ୍ରଥମେ ପ୍ରଥମେ ପୁରୋହିତଙ୍କ ସ୍ତ୍ରୀ ଭୀଷଣ ବିରକ୍ତ ହେଲେ ବି ନିଜକୁ ସଂଯତ ରଖିବାକୁ ଚେଷ୍ଟା କରୁଥିଲେ । ଅନ୍ୟମାନଙ୍କଠାରୁ ବଡ଼ ବୋଲି ନିଜକୁ ଦେଖାଇବାକୁ ଯାଇ ଅନ୍ୟ ମାନଙ୍କ ଉପରେ ସେଇ କଥା ଜବରଦସ୍ତ ଚପେଇବାକୁ ସେ ଚେଷ୍ଟା କରୁଥିଲେ । କିନ୍ତୁ ନିଜେ ତ ଅତି ଦରିଦ୍ର, ସେଥିପାଇଁ ବିଭିନ୍ନ ପାଉଣାଦାର ଲୋକଙ୍କର ପାଉଣା ଦେଲାବେଳେ ତାଙ୍କର ଅବସ୍ଥା ଅତି ଶୋଚନୀୟ ହୁଏ । ଆଉ ସେ ଯେତେବେଳେ ସେମାନଙ୍କ ଆଗରେ ନିଜକୁ ଆହୁରି ବେଶୀ କରି ଦେଖେଇ ହେବାକୁ ଚେଷ୍ଟା କରନ୍ତି, ସେତେବେଳେ ତାଙ୍କୁ ସେଇ ସାଧାରଣ, ନୀଚ ଲୋକମାନଙ୍କ ଥଟ୍ଟା ଓ ବିଦ୍ରୂପ ସହ୍ୟ କରିବାକୁ ହୁଏ ।

ସେଥିରେ ତାଙ୍କର ଗର୍ବ ଓ ଅହଂକାର ବାଧା ପାଏ ଓ ସେ ଏଇ ବିଦ୍ରୂପକାରୀ, ଦୟାମାୟାହୀନ ଲୋକଗୁଡ଼ାକ ଆଗରେ ନିଜକୁ ବଡ଼ ଅସହାୟ ଓ ଦୟନୀୟ ମନେକରନ୍ତି । ପ୍ରଥମେ ପ୍ରଥମେ ସେ ଘର ଭିତରେ ଓ ବାହାରେ, ସବୁବେଳେ ସେମାନଙ୍କ ଉପରେ ମନର ରାଗ ମେଣ୍ଟାଇବାକୁ ଚେଷ୍ଟା କରୁଥିଲେ । କିନ୍ତୁ ପରେ ପରେ ସେ ବୁଝିପାରିଲେ ଯେ ବାହାରେ ନିଜର ରାଗ ପ୍ରକାଶ କରିବାମାନେ ବିପଦକୁ ନିଜ ଉପରକୁ ଟାଣିବା ଓ ସେଥିପାଇଁ ନିଜର ଆତ୍ମସମ୍ମାନ ପର୍ଯ୍ୟନ୍ତ ବଳି ଦେବାକୁ ହେବ । ଏବେ ସେ ଆଉ ତାଙ୍କ ରାଗ ବାହାରକୁ ନ ଦେଖାଇ ନିଜ ଘରର ଚାରି କାନ୍ଥର ବନ୍ଧନୀ ଭିତରେ ବନ୍ଦ ରଖିଲେ; କିନ୍ତୁ ତାଙ୍କ ମନର ରାଗ ସେଇ ଚାରିକାନ୍ଥ ଭିତରେ ଏତେ ବେଶୀ ହୁଏ ଯେ ସେଥିରେ ତାଙ୍କ ନିଜର ବି ଭୟ ହୁଏ । ସେଇ ରାଗର ପ୍ରଭାବ ତାଙ୍କ ନିତିଦିନିଆ ଜୀବନ ଉପରେ ବି ପଡ଼େ । ଏଥିପାଇଁ ସେ ତାଙ୍କର ପୁରୋହିତ ସ୍ୱାମୀ ଉପରେ ଭୀଷଣ ବିରକ୍ତ

Digitized by srujanika@gmail.com

ହୁଅନ୍ତି । ଏବଂ ସେ ଜାଣନ୍ତି ଯେ ଏ ସବୁ ବିଷୟରେ ନିଜେ ସାବଧାନ ନ ହେଲେ ତାଙ୍କ ଦୁଇଜଣଙ୍କର ଜୀବନ ବି ଅଶାନ୍ତିରେ ଭରପୂର ହେବ । ସେଇ ଭୟରେ ସେ ନିଜକୁ ସଂଯତ ଓ ସଂକୁଚିତ କରି ରଖନ୍ତି । ସେଇଥିପାଇଁ ନିଜର ଦରିଦ୍ରତା ଓ ଅଶାନ୍ତିକୁ ଉପେକ୍ଷା କରିବାକୁ ସେ ତା ଘର ଚାରିକାନ୍ଥର ସୀମା ପଛପଟେ ନିଜକୁ ଲୁଚାଇ ରଖିବାକୁ ବାଧ ହୋଇଛନ୍ତି ।

ପ୍ରତିବର୍ଷ ସେମାନଙ୍କର ପିଲାଜନ୍ମ ହୁଅନ୍ତି ମେସିନରୁ ବାହାରିଲା ପରି । ଲିଣ୍ଡେଲେଙ୍କ ସ୍ତ୍ରୀ ବି ନିଜର କାମ କରିଯାଆନ୍ତି, ତାଙ୍କ ପିଲାମାନଙ୍କର ଯତ୍ନ ଠିକ୍ ଭାବରେ ନିଅନ୍ତି । କିନ୍ତୁ ଥରକୁ ଥର ପିଲା ଜନ୍ମ ହେବା ଫଳରେ ଓ ନିଜର ବିରକ୍ତି, ରାଗ ଓ ଦୁଶ୍ଚିନ୍ତାର ପ୍ରଭାବରେ ସେ କ୍ରମେ ଅକର୍ମଣ୍ୟ ହୋଇଯିବାରୁ ଏବେ ଏକ ଚକଲଗା ଚୌକି ତାଙ୍କର ଅବଲମ୍ବନ ହୋଇଛି ।

ପିଲାଗୁଡ଼ାକ ବେଶ୍ ସୁସ୍ଥସବଳ ; କିନ୍ତୁ ସେମାନେ ବାପା ମାଙ୍କର ସ୍ନେହ ବଦଳରେ ସେମାନଙ୍କ କଠୋରତାଟାକୁ ବେଶୀ ଅନୁଭବ କରନ୍ତି । ବାପା ମା ଦୁହେଁ ସେମାନଙ୍କୁ ଘରେ ପାଠ ପଢ଼ାଇଛନ୍ତି ଏବଂ ସେମାନଙ୍କୁ ଅତି ଭଦ୍ର ଓ ଅହଂକାରୀ ଭାବରେ ଅନ୍ୟମାନଙ୍କଠାରୁ ଅଲଗା କରି ଗଢ଼ିଛନ୍ତି । ସେମାନେ ଯେ ସମାଜର ଉଚ୍ଚଶ୍ରେଣୀର ପିଲା, ଏଇ ଧାରଣା ସେମାନଙ୍କ ମନ ଭିତରେ ପୂରାଇ ଦିଆଯାଇଛି । ସେମାନେ ଏଇ ନୀଚ କୁଲିମୂଲିଆଙ୍କଠାରୁ ଅଲଗା । ଏକ ସ୍ୱତନ୍ତ୍ର ପରିବେଶ ଭିତରେ ବଢ଼ି ଆସୁଥିବାରୁ ସେମାନେ ସେଠାରେ ଅନ୍ୟମାନଙ୍କଠାରୁ ପୃଥକ । ସେମାନଙ୍କର ଚେହେରା ଦେଖିବାକୁ ସୁନ୍ଦର, ଆଖିରେ ଏକ ସତେଜ, ନିର୍ଦ୍ୱନ୍ଦ୍ୱ ଚାହାଣୀ । ସେମାନେ ଦରିଦ୍ର ଓ ପୃଥକ ହେଲେ ବି ଅତି ଭଦ୍ର ଓ ସଂଯମୀ ।

କ୍ରମେ ଦିନ ବଢ଼ି ଚାଲିବା ସଂଗେ ସଂଗେ ଲିଣ୍ଡେଲେ ଓ ତାଙ୍କ ସ୍ତ୍ରୀର ବାର୍ଦ୍ଧକ୍ୟ ଆସିଲା । ଦିନ, ମାସ, ବର୍ଷ ଧରି ସେମାନେ ଖାଲି କେମିତି ତାଙ୍କର ସଂସାର ଚଳାଇବେ, କେମିତି ନିଜର ଅଣ୍ଟ ନିଅଣ୍ଟ ଅବସ୍ଥାରୁ ଟିକିଏ ମୁକ୍ତି ପାଇବେ, ସେଇଥିରେ ଲାଗି ରହିଲେ । ତାଙ୍କ ପିଲାମାନେ କିପରି ଭଦ୍ର ହେବେ, ସମାଜରେ ମୁଣ୍ଡ ଟେକି ମସ୍ତିଷ-ପରି ଠିଆ ହେବେ, ସମାଜର ଗୁରୁ ଦାୟିତ୍ୱ ତୁଲାଇବାକୁ ସକ୍ଷମ ହେବେ, ଏଇ ସବୁ ପାଇଁ ବାପା, ମା ଦୁହିଁଙ୍କର ଚେଷ୍ଟା ଓ ଶାସନର ବିରାମ ନ ଥିଲା । ରବିବାର ସକାଳେ ସେମାନେ ସମସ୍ତେ ଗୀର୍ଜାକୁ ଯାଆନ୍ତି । ଘରେ ରହନ୍ତି କେବଳ ଲିଣ୍ଡେଲେଙ୍କ ସ୍ତ୍ରୀ । ଝିଅମାନେ ସେମାନଙ୍କର ଲମ୍ବା ଲମ୍ବା ଗୋଡ଼ ଉପରେ, ଛୋଟ ଛୋଟ ଫ୍ରକ୍ ଓ ପୁଅମାନେ କଳା କୋଟ ଓ ଲମ୍ବା, ମଇଳିଆ ରଂଗର ଢିଲା ପାଇଜାମା ପିନ୍ଧନ୍ତି । ଗୀର୍ଜାକୁ ଗଲାବେଳେ ପିଲାମାନେ ଖଣିର ଶ୍ରମିକମାନଙ୍କ ଘର କଡ଼ ଦେଇଯାଆନ୍ତି । ଅଥଚ ସେତେବେଳେ ସେମାନଙ୍କ ମୁହଁରେ କୌଣସି ପ୍ରକାର ଭାବ ପ୍ରକାଶିତ ହୁଏ ନାହିଁ ।

Digitized by srujanika@gmail.com

ସେ ମୁହଁ ହୋଇଥାଏ ଭାବ ଲେଶହୀନ । କିନ୍ତୁ ସେମାନଙ୍କ ପିଲା ମୁହଁରେ ଗର୍ବ ଓ ବର୍ତ୍ତମାନର ସୂଚନା ସ୍ପଷ୍ଟ ବାରି ହୋଇପଡ଼େ । ସେମାନେ ଖଣିର ଶ୍ରମିକଙ୍କ ପିଲାଙ୍କଠାରୁ ସଭ୍ୟ, ଶିକ୍ଷିତ ଓ ଉଚ୍ଚ । ଏ ସବୁ ଭାବର ପ୍ରକାଶ କିନ୍ତୁ ସେମାନଙ୍କ ଆଖିରେ ଅସ୍ପଷ୍ଟ । ପିଲାଙ୍କ ଭିତରେ ବଡ଼ ଭଉଣୀ ମେଗ୍, ସେମାନଙ୍କ ଦଳର ନେତ୍ରୀ । ସେ ଦେଖିବାକୁ ଲମ୍ବା, ପାତଳା, ତାର ସୁନ୍ଦର ମୁହଁରେ ଏକ ଗଭୀର, ଗମ୍ଭୀର ଭାବ, ଯାହା ଦେଖିଲେ ମନେହୁଏ ସେ ଅଭିଜାତ୍ୟ ସମ୍ପନ୍ନା ଓ ଭାଗ୍ୟବତୀ । ତା ତଳ ଭଉଣୀ, ଲୁଇଜାର ଚେହେରା ଗେଡ଼ା ହୋଇ ମୋଟାଳିଆ । ତା ମୁହଁ ଓ ଆଖିରେ ଅବାଧ, ଜିଦଖୋରିଆ ଭାବ । ସେଥିପାଇଁ ତାର ବନ୍ଧୁ ଅପେକ୍ଷା ଶତ୍ରୁ ହିଁ ବେଶୀ । ସେ ଛୋଟ ଛୋଟ ଭାଇ-ଭଉଣୀଙ୍କର ଯତ୍ନ ନେଲା ବେଳେ ମେଗ୍ ବଡ଼ ବଡ଼ ଭାଇ ଭଉଣୀଙ୍କ କଥା ବୁଝେ । ଖଣିଶ୍ରମିକ ମାନଙ୍କ ପିଲାମାନେ ଏଇ ବାଟହୋଇ ପଢ଼ିଥିବା, ପୁରୋହିତଙ୍କ ନସାହ ପିଲାମାନଙ୍କୁ ଅନେଇ ଅନେଇ ଦେଖନ୍ତି । ପୁରୋହିତଙ୍କ ପିଲାମାନଙ୍କର ଚେହେରା, ସେମାନଙ୍କର ଭଦ୍ରାମୀ ଓ ସେମାନଙ୍କର ବ୍ୟବଧାନକୁ ଶ୍ରମିକ ପିଲାମାନେ ମନେ ମନେ ଭାରି ବଡ଼ କରି ଦେଖନ୍ତି । ପୁରୋହିତଙ୍କର ଛୋଟ ପୁଅମାନଙ୍କର ଢ଼ୋଲା ପାଇଜାମାକୁ ଦେଖି ସେମାନେ ହସାହସି ହୁଅନ୍ତି ସିନା କିନ୍ତୁ ନିଜକୁ ସେମାନଙ୍କ ଠାରୁ ଛୋଟ ବୋଲି ଜାଣିଥିବାରୁ ସେ ବିଷୟରେ ମୁଣ୍ଡ ଖେଳେଇବାକୁ ସେମାନଙ୍କୁ ଭଲ ଲାଗେ ନାହିଁ ।

ମେଗ୍ ବଡ଼ ହେବା ପରେ ସେଇଠିକାର ବ୍ୟବସାୟୀମାନଙ୍କର କେତେଗୁଡ଼ିଏ ଛୋଟ ଛୋଟ ଝିଅମାନଙ୍କର ଯତ୍ନ ନେବା କାମକୁ ହାତକୁ ନେଇଛି । ଲୁଇଜା ଘର ସମ୍ଭାଳେ, ତା ବାପାଙ୍କ ଅଧୀନରେ ଥିବା ଶ୍ରମିକମାନଙ୍କ ଘର ସବୁ ବୁଲେ, ଆଉ ଖଣିର ଧନୀ ଲୋକଙ୍କ ଝିଅ ମାନଙ୍କୁ ପିଆନୋ ଶିଖାଏ । ସେ ଛବଣଟି ପିଆନୋ ସ୍ୱର ଶିଖେଇବାକୁ ସପ୍ତାହକୁ ତେର ଶିଲିଂ କରି ପାଏ ।

— ୨ —

ଶୀତଦିନିଆ ସକାଳଟିଏ । ମେଗ୍‌କୁ ସେତେବେଳକୁ ପ୍ରାୟ ଏକୋଇଶି ବର୍ଷ ପାଖା ପାଖି ହେଲାଣି । ଲିଣ୍ଡଲେ ତାଙ୍କର କଳା ଓଭରକୋଟ୍ ପିନ୍ଧି, ଅତି ଦରିଦ୍ର ଦୟନୀୟ, ଚେହେରାରେ, ସତର୍କ ଭାବରେ କାଖ ତଳେ ଧଳାକାଗଜ ବିଡ଼ାଏ ଯାକି ଅଲଡ଼ରସପ ଆଡ଼କୁ ଚଲେ । ସେ ତାଙ୍କ ଗୀର୍ଜାର ପାଞ୍ଜି ବାଣ୍ଟିବାକୁ ଯାଉଥିଲେ ।

Digitized by srujanika@gmail.com

ତେହେରା ଶ୍ମଶ୍ରୁ ଓ ସେ ମଧ୍ୟଭଳିଆ ସ୍ୱାସ୍ଥ୍ୟର ମଧ୍ୟ ବୟସ୍କ ଲୋକଟିଏ । ଲେଭଲକ୍ରସିଂ ପାଖରେ ଟ୍ରେନ୍ ଗଲାବେଳେ ସେ ଅପେକ୍ଷା କରି ଠିଆ ହୋଇ ରହିଲେ । ଖଣି ଆଡ଼କୁ ଟ୍ରେନ୍‌ଟା ଝଣ ଝଣ ଶବ୍ଦକରି ଅସ୍ତବ୍ୟସ୍ତ ଭାବରେ ଆଗେଇ ଚାଲିଗଲା । କାଠଗୋଡ଼ ଲଗେଇଥିବା ଲୋକଟି ଛୋଟେଇ ଛୋଟେଇ ଆସି ଲେଭଲକ୍ରସିଂ ଗେଟ୍ ଖୋଲି ଦେଲା ଓ ଲିଣ୍ଡ୍‌ସେ ରେଳରାସ୍ତା ଟପି ସେପାଖକୁ ଚାଲିଗଲେ । ତାଙ୍କ ବାଁ ପାଖରେ ଟେଲିଗ୍ରାଫ୍ ଲାଇନ୍ ଓ ରାସ୍ତା ତଳକୁ, ନାଲି ଛାତଥିବା ଛୋଟ କୁଡ଼ିଆ ଘରଟିଏ । ଆପେଲ୍ ଗଛର ଦୁଇଟା ପଣ ଝାଡ଼ା, ଅର୍ଦ୍ଧା ଡାଳ ଭିତର ଦେଇ ଘରଟା ଦେଖାଯାଉଛି । ଲିଣ୍ଡ୍‌ସେ ରାସ୍ତାର ଖାଲୁଆ ପାଚେରି ପାଖ ଦେଇ ବାଡ଼ରାସ୍ତା ଉପରୁ କୁଡ଼ିଆ ଆଡ଼କୁ ଯାଉଥିବା ଭଙ୍ଗା ପାହାଚ ଉପରେ ତଳକୁ ଓହ୍ଲେଇ ଗଲେ । ଛୋଟ କୁଡ଼ିଆଟା, ଟ୍ରେନର ଘଡ଼ଘଡ଼ ଶବ୍ଦ ଓ କୋଇଲା ବୋଝେଇ ଡବାର ଝଣ ଝଣ ଶବ୍ଦଠାରୁ ଦୂରେଇ, ଏକ ଅନ୍ଧାରୁଆ, ଚୁପ୍‌ଚାପ୍ ଜାଗାରେ, ନିଜର ଏକ ସ୍ୱତନ୍ତ୍ର ପୃଥିବୀ ଭିତରେ ଜାଗାମାଡ଼ି ବସିଛି । ବରଫ ଖଣ୍ଡ ସବୁ ଶୁଖିଲା ପଣ ଝାଡ଼ା ଅଙ୍ଗୁର କଣ୍ଟି-ମାନଙ୍କରେ ଟାଣ ହୋଇ ଲାଗି ଝୁଲି ରହିଛି ।

ଲିଣ୍ଡ୍‌ସେ ଡାକିବେ ବୋଲି କବାଟ ବାଡ଼େଇବାକୁ ଯାଉଛନ୍ତି, ଏତିକିବେଳେ ସେ ଶୁଣିବାକୁ ପାଇଲେ ଏକ ଝଣ ଝଣ ଶବ୍ଦ । ବୁଲିପଡ଼ି ସେ ଦେଖିଲେ ଠିକ୍ ତାଙ୍କ ପଛପଟେ ଗୋଟାଏ କଳା ଚାଳିଘର । ତା ଭିତରୁ କବାଟ ଖୋଲି ବୟସ୍କା ସ୍ତ୍ରୀ ଲୋକଟିଏ ନାଲିଆସିଆ ବଡ଼ ବଡ଼ ବାସନ ମଝିରେ, ନଇଁ ପଡ଼ି, କଣ ଗୁଡ଼ାଏ ଚକ୍‌ଚକିଆ ତରଳ ଜିନିଷ ମଦ ପିମ୍ପା ଭିତରକୁ ଢାଳୁଛି । ଘରପାଖରେ କେମିତିକା ମହମ ଗନ୍ଧ । ସ୍ତ୍ରୀ ଲୋକଟି ଧରିଥିବା ବାସନକୁ ତଳେ ଥୋଇ ମଦପିମ୍ପାଟା ନେଇ ଥାକ ଉପରେ ରଖିଲା । ତାପରେ ଗୋଟାଏ ଟିଣ ବୋତଲ ନେଇ ସେ ବାହାରକୁ ଆସିଲା । ଏତିକିବେଳେ ପୁରେନ୍ଦ୍ରଜିତଙ୍କ ଉପରେ ତାର ଆଖି ପଡ଼ିଲା ।

ସେ ଦୋଷୀ ଢଙ୍ଗରେ କହିଲା "ଆରେ ! ପୁରେନ୍ଦ୍ରଜିତ ସେ ! ଯାଆନ୍ତୁ, ଭିତରକୁ ଯାଆନ୍ତୁ ।"

ପୁରେନ୍ଦ୍ରଜିତ ଭିତରକୁ ଗଲେ । ରୋଷେଇ ଘର ଭିତରେ ଜଣେ ମୋଟା, ବୟସ୍କ ଲୋକ ବସିଛି । ତା ମୁହଁରେ ଲମ୍ବା ପାଚିଲା ଦାଢ଼ି, ବସି ବସି ସେ ନାଶ ଶୁଙ୍ଘୁଛି । ଅତି ଜୋରରେ, ତା ଘଡ଼ଘଡ଼ିଆ ସ୍ୱରରେ ସେ ପୁରେନ୍ଦ୍ରଜିତଙ୍କୁ ବସିବାକୁ କହିଲା । କିନ୍ତୁ ପୁରେନ୍ଦ୍ରଜିତ ବସିଲେ କି ନାହିଁ ସେ କଥା ନ ଦେଖି ତାପରେ ସେ ନିଆଁ ଆଡ଼କୁ ଚାହିଁ ବସି ରହିଲା । ପୁରେନ୍ଦ୍ରଜିତ ବସି ବସି ଅପେକ୍ଷା କଲେ ।

ସ୍ତ୍ରୀ ଲୋକଟି କିଛି ସମୟ ପରେ ଭିତରକୁ ଆସିଲା । ତା ମୁଣ୍ଡର କଳା ଲେସ୍‌ଥିବା ଟୋପିରୁ ଫିତାଟା ଫିଟି ପଡ଼ି ଝୁଲୁଛି ପିଠି ପଟେ, ତା ଶାଲ୍ ଉପରେ । ମଝିରେ

ଟେଲେଗ୍ରର ସ୍ତ୍ରୀ ଲୋକଟି, ଦେଖିବାକୁ ବେଶ୍ ପରିଷ୍କାର ପରିଚ୍ଛନ୍ନ । ତା ଢଙ୍ଗ ଢାଙ୍ଗରେ ବି ବେଶ୍ ଉଦାମୀ ପ୍ରକାଶ ପାଉଥିଲା । ମହମ ଟିଣଟା ହାତରେ ଧରି ସେ ରୋଷେଇ-ଘର ବାହାରକୁ ଗଲା । ପୁଣି ଏଥର ରୋଷେଇଘର ବାହାରକୁ ଗଲା । ପୁଣି ରୋଷେଇଘର ଭିତରକୁ ଆସିବାର ପାଦଶବ୍ଦ ତାର ଶୁଣାଗଲା ବାହାରୁ । ସୂତା, ବୋତାମ, ଜରି ପ୍ରଭୃତି ବିକିବା ଦୋକାନ ତାଙ୍କର । କାଉଣ୍ଟର ଥାକ ଉପରେ ସବୁ ସୂତା, ବୋତାମର ପାକେଟ ରଖାହୋଇଛି । ଗୋଟାଏ, ବଡ ପୁରୁଣା କାଳିଆ ସିଲେଇ ମେସିନ ଉପରେ ସିଲେଇ ହେଉଥିବା କନା ଲାଗି, ଘର ମଝିରେ ଖୋଲା ଜାଗାରେ ରହିଛି । ଦୋକାନ-ଟେବୁଲ ପଛକୁ ଯାଇ ସ୍ତ୍ରୀ ଲୋକଟି ଗୋଟାଏ ଛୋଟ ଝିଅକୁ ମହମ ବେ ଚଲଟା ଦେଇ ତା ଠାରୁ ଜଗ୍‌ଟାଏ ଆଣିଲା ।

ଛୋଟ ଝିଅଟା କହିଲା, "ମୋ ମା କହିଛି ତମେ ଏଇ ଜଗ୍‌ଟାକୁ ରଖ", କହି ସେ ଚାଲିଗଲା । ସ୍ତ୍ରୀ ଲୋକଟି ତା ହିସାବ ଖାତାରେ କଣ ଲେଖି ଲେଖି କଗଟା ନେଇ ରୋଷେଇ ଘରକୁ ଆସିଲା । ତା ସ୍ୱାମୀ, ଦେଖିବାକୁ ଭାରି ମୋଟା, ସେ ଉଠିଯାଇ ଆଉ କିଛି ଅଧିକା କୋଇଲା ଆଣି ଚୁଲିରେ ପକାଇଲା, ଚୁଲି ବହୁତ ଜୋରରେ ଜଳୁଥିଲା । ତା ସ୍ୱାମୀ ଚାଲୁଥିଲା ଧୀରେ ଧୀରେ ଅତି ଅଳସୁଆଙ୍କ ପରି । ବ୍ୟବସାୟରେ ସେ ଦରଜି । ତାର ବ୍ୟବସାୟ ପ୍ରାୟ ବନ୍ଦ ହୋଇଗଲାଣି, କିନ୍ତୁ ତାର ଏଇ ମୋଟା ପେଟ ଚେହେରା ତାକୁ ଏବେ ବଡ ହଇରାଣ କରୁଛି । ତା ଯୌବନ ସମୟରେ ସେ ଭଲ ନାଚୁଥିଲା ଓ ଗୋଟାଏ ବଡ ପହିଲିମାନ ବି ଥିଲା । ଏବେ ସେ ଅକାମୀ ହୋଇଲେଣି, କାହାରି ସାଙ୍ଗରେ ବେଶୀ କଥା କହେ ନାହିଁ, ଚୁପ୍ ଚାପ୍ ବସି ରହେ । କିଣ୍ଡେଲେଙ୍କର ତାକୁ କିଛି କହିବାକୁ ନାହିଁ । କେବେ ବି ତାକୁ କଣ କହିବେ ବୋଲି ସେ ମନ ଭିତରେ ଭାବୁଥାନ୍ତି । କିନ୍ତୁ ଜନ୍ ଉତ୍ସ୍ୱଣ୍ଣ ଏସବୁକୁ ଆଦୌ ନଜର ନ ଦେଇ ସେମିତି ଚୁପ୍‌ଚାପ୍ ହୋଇବସିଥାଏ । ଏଇ ମୋଟା ଦରଜିଟିର ନାମ ଜନ ଉତ୍ସ୍ୱଣ୍ଣ ।

ଉତ୍ସ୍ୱଣ୍ଣର ସ୍ତ୍ରୀ ଲୁଗା ବିଛେଇ ଦେଲା ଟେବୁଲ ଉପରେ । ଉତ୍ସ୍ୱଣ୍ଣ ଗୋଟିଏ ମଗରେ ବିଅର ଢାଳି ପିଇଲା ଓ ସିଗାରେଟ ଟାଣିଲା ।

ସେ କିଣ୍ଡେଲେଙ୍କୁ, ତା ଲମ୍ବା ଦାଢ଼ି ଭିତରୁ ପାଟି ମେଲାଇ ପଚାରିଲା, "ଖାଇବ କି ଟିକିଏ ?" କିଣ୍ଡେଲେଙ୍କ ଆଡ଼କୁ ଚାହିଁ ସେ ପୁଣି ବିଅର ବୋତଲକୁ ଚାହିଁଲା । ଯେମିତି ଆଉ କିଛି ତାର କହିବାକୁ ନାହିଁ ଓ ତାପରେ ସେ ପୁଣି ଚୁପ୍ ହଇଗଲା ।

Digitized by srujanika@gmail.com

କିଣ୍ଟଲେଙ୍କ ଇଚ୍ଛା ଥିଲେ ବି ସେ ମନା କଲେ, "ନାଇଁ, ମୋର ଦରକାର ନାହିଁ, ଧନ୍ୟବାଦ ।" ସେ ବିଅର ପିଇବା ଦ୍ୱାରା ପୁରୋହିତ ବିଅର ପିଉଛନ୍ତି ବୋଲି ତାଙ୍କୁ ଲୋକମାନେ ଅପବାଦ ଦେବାକୁ ସେ ଚାହୁଁ ନ ଥିଲେ ।

ଉର୍ବାଣ୍ଟର ସ୍ତ୍ରୀ କହିଲା, "ଆମେ ଚାଷିକା ଲୋକ ବୋଲି ଆମକୁ ଏ ସବୁ ଟିକିଏ ଖାଇବାକୁ ପଡ଼େ ।"

ଉର୍ବାଣ୍ଟର ସ୍ତ୍ରୀର ଟିକିଏ ଖନ୍ତ ଖନ୍ତିଆ ସ୍ୱଭାବ । କିଣ୍ଟଲେ ତା ଘରେ ବଟକ୍ତ ହୋଇ ବସିରହିଥିବା ବେଳେ ସେ ଖାଇବା ଟେବୁଲ ଉପର ଯଫାନର ସକାଡ଼ି ତା ସ୍ୱାମୀକୁ ଖାଇବାକୁ ଦେଲା । ଉର୍ବାଣ୍ଟ ଖାଇବାକୁ ବସିଲା ଟେବୁଲ ଉପରେ, ଆଉ ସେ ନିଜେ ତା ଗୋଲିଆ ଆରାମ ଚେୟାରରେ ନିଆଁ ପାଖରେ ବସି ରହିଲା ।

ଉର୍ବାଣ୍ଟର ସ୍ତ୍ରୀ ଚାହୁଁଥିଲା ଟିକିଏ ଶାନ୍ତିରେ ତା ଜୀବନଟା କଟେଇ ଦେବାକୁ । କିନ୍ତୁ ତା ଭାଗ୍ୟକୁ ଏମିତିକା ଦୁଷ୍ଟ ଆଉ ହଇରଣିଆ ପିଲା ଓ ଏମିତିକା ଅଳସୁଆ ସ୍ୱାମୀ ମିଳିଛନ୍ତି ଯେ ତା ଜୀବନରେ ଶାନ୍ତି ନାହିଁ । ତା ଅଳସୁଆ ସ୍ୱାମୀ ତା ନିଜ ବିଷୟରେ ଟିକିଏ ବି ମୁଣ୍ଡ ଖେଳାଏ ନାହିଁ । ଏପରି ଅବସ୍ଥାରେ ପରିସ୍ଥିତିର ଚାପରେ ପଡ଼ି ଉର୍ବାଣ୍ଟର ସ୍ତ୍ରୀର ସୁନ୍ଦର ଗୁରୁକଣିଆ ମୁହଁଟା ଚିଡ଼ଚିଡ଼ିଆ ହୋଇ ଅସୁନ୍ଦରିଆ ହୋଇଗଲାଣି । ବାଧ୍ୟରେ ପଡ଼ି ଘରର ସମସ୍ତଙ୍କ କଥା ତାକୁ ବୁଝିବାକୁ ପଡ଼େ ଏବଂ ତାର ଇଚ୍ଛା ନଥିଲେ ବି ତାକୁ ଅନ୍ୟମାନଙ୍କୁ ଶାସନ କରିବାକୁ ପଡ଼େ । ତାକୁ ଦେଖିଲେ ବୁଝାପଡ଼େ ଯେ ତା ଘରର ସେ ମୁରବି ଏବଂ ତା ପୁଅମାନଙ୍କୁ ସେ ଶାସନ କରେ, ଯଦିଓ ତା ସେ ନିଜ ଇଚ୍ଛା ବିରୁଦ୍ଧରେ କରିଥାଏ । ତା ଛୋଟିଆ ଦୋକାନର କଥା ବୁଝିବାକୁ ତାକୁ ଭଲ ଲାଗେ । ଭଡ଼ାଗାଡ଼ିରେ ବସି ନଟିଙ୍ଗହାମ୍‌କୁ ଯାଇ ଗୋଦାମଘରୁ ମାଲ ପତ୍ର କିଣି ଆଣିବାକୁ ସେ ଭଲପାଏ । କିନ୍ତୁ ତା ପୁଅମାନଙ୍କୁ ଶାସନ କରିବାପରି ବିରକ୍ତିକର କାମ କରିବାକୁ ସେ ଜମା ଇଚ୍ଛା କରେ ନାହିଁ । ସେ ତାର ସାନପୁଅକୁ ବେଶୀ ଭଲ ପାଏ । କାରଣ ସେ ତାର ଶେଷ ପିଲା ଓ ତାପରେ ଯେ ଆଉ ପିଲା ହେବ ନାହିଁ, ଏଇକଥା ଭାବି ସେ ମନେ ମନେ ଆଶ୍ୱସ୍ତ ହୁଏ ।

କିଣ୍ଟଲେ ଯାଉଥିବା କେତେଗୁଡ଼ିଏ ଘର ଭିତରୁ ଏଇଟି ଗୋଟିଏ । ଏଇ ଉର୍ବାଣ୍ଟ ଘରକୁ ସେ ବେଳେ ବେଳେ ଆସନ୍ତି । ଉର୍ବାଣ୍ଟର ସ୍ତ୍ରୀ ତା ନିଜର ଶାସନ ନିୟମ ଅନୁସାରେ, ତାର ସବୁ ଗୁଡ଼ିକ ପିଲାଙ୍କୁ ଗୀର୍ଜାର ନିୟମ ଭିତରେ ବଢାଇଛି । ଏଥିପାଇଁ ସେ ଯେ କୌଣସି ନିର୍ଦ୍ଦିଷ୍ଟ ଧର୍ମକୁ ବିଶ୍ୱାସ କରେ ତା ନୁହେଁ । ଏମିତିଭାବରେ ସେ ତା ପିଲାମାନଙ୍କୁ ବଢାଇ ଆଣିଛି । ଉର୍ବାଣ୍ଟର ନିଜର କୌଣସି ନିର୍ଦ୍ଦିଷ୍ଟ ଧର୍ମ ନାହିଁ । ସେ ଅତି ଆଗ୍ରହରେ ଖ୍ରୀଷ୍ଟଧର୍ମର 'ୱେଲସଲିଙ୍କ ଜୀବନୀ' ବହିକୁ ପଢେ । ପଢିଲେ ତାକୁ

Digitized by srujanika@gmail.com

ଏକପ୍ରକାର ଆନନ୍ଦ ମିଳେ । କିନ୍ତୁ ତାର ସେଇ ଆନନ୍ଦ ତା ପାଇଁ ନସ ଶୁଙ୍ଘିବା ବା ଟିକିଏ ବ୍ରାଣ୍ଡି ପିଇବାର ଆନନ୍ଦ ସଙ୍ଗେ ସମାନ । ସେଥିପାଇଁ ସେ ଜନ୍ ଓ୍ୱେସ୍‌ଲି ବା ଜନ୍ ମିଲ୍‌ଟନଙ୍କ ବିଷୟରେ ଜାଣିବାକୁ କେବେ ମୁଣ୍ଡ ଘୂରାଏ ନାହିଁ । ଜନ୍ ମିଲ୍‌ଟନଙ୍କ କଥା ସେ ଜୀବନରେ ଶୁଣି ନାହିଁ ବା ତାଙ୍କ ବିଷୟରେ ଜାଣିବା ତାର କେବେ ଦରକାର ପଡ଼ିନାହିଁ ।

ଡୁରଣ୍ଟର ସ୍ତ୍ରୀ ଖାଇବା ଟେବୁଲ ପାଖ ଚେୟାରରେ ବସିଥିଲା । ସେ ଦୀର୍ଘ ନିଶ୍ୱାସ ପକେଇ କହିଲା, "ମୋର ଜମା ଖାଇବାକୁ ଇଚ୍ଛା ହେଉ ନାହିଁ ।"

ଲିଣ୍ଡ୍ଲେ ପଚାରିଲେ "କାହିଁକି, ତମର କଣ ଦେହ ଭଲ ନାହିଁ କି ?" ତାଙ୍କ ପଚାରିବାରେ ସହାନୁଭୂତି ରହିଥିଲା ।

ସେ ଜୋରରେ ନିଶ୍ୱାସ ନେଇ କହିଲା, "ନାଇଁ, ତା ନୁହେଁ, ଆମ ସମସ୍ତଙ୍କର କଣ ହେବ ସେଇ କଥା ଭାବି ମୋତେ ଭଲ ଲାଗୁନାହିଁ ।"

କିନ୍ତୁ ପୁରୋହିତ ଚାହୁଁ ନ ଥିଲେ ଡୁରଣ୍ଟର ସ୍ତ୍ରୀ କଥାରେ ସହାନୁଭୂତି ଦେଖାଇ ତାର ଦୁଃଖ ବଢ଼ାଇବାକୁ ।

ସେ ପଚାରିଲେ, "ତମର କଣ ଅସୁବିଧା ହୋଇଛି ?" ଡୁରଣ୍ଟର ସ୍ତ୍ରୀ କହିଲା "ଆଉ କଣ ବାକି ଅଛି ଯେ । ଏଇ ଦରିଦ୍ର ଘରେ ତ କାମ କରି କରି ମୋ ଜୀବନ ଯିବ ।"

କିନ୍ତୁ ତା କଥା ଶୁଣି ଲିଣ୍ଡ୍ଲେଙ୍କ ମୁହଁରେ କୌଣସି ପ୍ରକାର ଭାବାନ୍ତର ହେଲାନାହିଁ । କାରଣ ଡୁରଣ୍ଟର ସ୍ତ୍ରୀ, ଯାହାର ଖାଇବାକୁ ପିନ୍ଧିବାକୁ ଯଥେଷ୍ଟ ଅଛି, ସେ ଦରିଦ୍ରତା ବିଷୟରେ କ'ଣ ବା ଜାଣେ । ତେଣୁ ସେ ତା କଥା ଶୁଣି କହିଲେ "କାଇଁ ତମ ଜୀବନ ସେମିତି କଷ୍ଟରେ କଟିବ ବୋଲି ତ ମୋର ମନେ ହେଉ ନାହିଁ ।"

ସେ କହିଲା "ଯୋଉ ଗୋଟିଏ ପୁଅକୁ ମୁଁ ମୋ ପାଖରେ ରଖିବାକୁ ଚାହୁଁ ଥିଲି —" କହି ସେ ଅଧୈର୍ଯ୍ୟ ଭାବରେ କାନ୍ଦି ପକାଇଲା ।

ତେବେ ବି ଲିଣ୍ଡ୍ଲେ କିଛି କହିଲେ ନାହିଁ । ତାଙ୍କର ମନରେ ଟିକେ ବି ସହାନୁଭୂତି ଆସୁ ନ ଥିଲା ।

ସେ ପୁଣି କହିଲା, "ମୁଁ ଭାବିଥିଲି ମୋର ସାନପୁଅ ମୋ ବୁଢ଼ୀଦିନେ ମୋତେ ସାହାଯ୍ୟ ହୋଇଥାନ୍ତା । ଏବେ ଆଉ କଣ ହେବ ?"

ଲିଣ୍ଡ୍ଲେ କିନ୍ତୁ ଜାଣିଥିଲେ ଯେ ଡୁରଣ୍ଟର ସ୍ତ୍ରୀ ଗରିବ ହୋଇଯିବ ବୋଲି ଯାହା କାନ୍ଦୁଛି, ସେଥିରେ ବ୍ୟସ୍ତ ହେବାର କିଛି ନାହିଁ । ସେ ମନେ ମନେ ଆଶ୍ଚର୍ଯ୍ୟ

Digitized by srujanika@gmail.com

ହେଉଥିଲେ, ଯେ ତା ପୁଅ ପକୃତରେ କ୍ୱଅର୍ଟେ ଯାଇଛୁ । ସେ ପଚାରିଲେ, "ଆଲଫେଡର କିଛି ଅସୁବିଧା ହୋଇଛି କି ?"

ତ ଘରଣ୍ଟର ସ୍ତ୍ରୀ ଚଟ୍ କରି କହିଲା, "ଆମେ ତ ଶୁଣିଛୁ ସେ ରାଣୀଙ୍କ ଜାହାଜରେ କାମ ପାଇଛି ।"

ଲିଣ୍ଡ୍ଲେ ଆଶ୍ଚର୍ଯ୍ୟ ହୋଇ କହିଲେ । ଅଚ୍ଛା, ସେ ତେବେ ଜାହାଜରେ ଯୋଗ ଦେଇଛି । ମୁଁ ଭାବୁଛି ଏହାଠୁ ବଳି ଭଲ କାମ ଆଉ କଣ ହୋଇଥାନ୍ତା । ସମୁଦ୍ରରେ ରହି ଦେଶ ଓ ରାଣୀଙ୍କର ସେବା କରି ପାରିବ......"

ଅଲଫ୍ରେଡର ମା ଚିକ୍କାର କରି କହିଲା, "ତାର ମୋତେ ସେବା କରିବା କଥା । ମୁଁ ମୋ ପୁଅକୁ ଘରେ ରଖିବାକୁ ଚାହେଁ ।"

ଆଲଫ୍ରେଡ଼, ତା ମାଆର ସବାସାନ ପୁଅ, ସେ ସବୁବେଳେ ତା ମା ପାଇଁ ଯାନ । ସେଥିପାଇଁ ତା ମା ତାକୁ ନଷ୍ଟ କରିବାର ଅଧିକାଂଶିକୁ ପୁରାପୁରି କାମରେ ଲଗାଇଛି ।

ଲିଣ୍ଡ୍ଲେ ତା କଥା ଶୁଣି କହିଲେ, "ତମେ ଯେ ତାକୁ ପାଖରେ ରଖି ପାରିବନି ଏ କଥା ଠିକ୍ । କିନ୍ତୁ ଅନ୍ୟ ପକ୍ଷରେ ଏଥିରେ ଦୁଃଖିତ ହେବାର ତ କିଛି ନାହିଁ ।"

"ଲିଣ୍ଡ୍ଲେ ଆପଣଙ୍କ ପକ୍ଷରେ ସେ କଥା କହିବା ହୁଏତ ସହଜ, କିନ୍ତୁ ମୋ ପାଇଁ ତ ଟିକେ ଅଲଗା କଥା । ଆପଣ କ'ଣ ଭାବୁଛନ୍ତି । ମୁଁ କେବେହେଲେ ଚାହିଁବି ମୋ ପୁଅ ଯାଇ ମାଙ୍କଡ଼ ପରି ଅନ୍ୟ ଲୋକଙ୍କ ବେକାରି ଖଟୁ ?" ଡୁରଣ୍ଟର ସ୍ତ୍ରୀ ଚଡ଼ିଯାଇ କହିଲା ।

"ଜାହାଜରେ ଯାଇ କାମ କରିବାଟା କିଛି ନାକର କାମ ନୁହେଁ, ଏଥିରେ ତ ତାର ଅପମାନ କିଛି ହେବ ନାହିଁ !" ଲିଣ୍ଡ୍ଲେ କହିଲେ !

ସେ ରାଗିଯାଇ ପାଟି କରି କହିଲା, "ଏଇଟା ଅପମାନ କାମ କି ସେଇଟା ଅପମାନର କାମ ସେଥିରୁ ମତେ କଣ ମିଳିବ । ସେ ଯାଇ ନିଜକୁ ଗୁଳିର ଭଳି ଖଟେଇବ ଆଉ ସେଥିପାଇଁ ତାକୁ ଦିନେ ଅନୁତାପ କରିବାକୁ ପଡ଼ିବ ।"

ସ୍ତ୍ରୀ ଲୋକଟାର କୋଧ ଓ ଜିଦ୍ ଓ ଅସହିଷ୍ଣୁତା ପୁରୋହିତଙ୍କ ଯାଗ ଦେହରେ ବାଜୁଥିବା ପରି ଜଣାପଡ଼ିଲା ଓ ସେ କିଛି ସମୟ ପାଇଁ କିଛି ନ କହି ଚୁପ୍ ରହିଲେ ।

Digitized by srujanika@gmail.com

ଟିକିଏ ପରେ ସେ କହିଲେ "ଜାହାଜରେ କାମ କରି ଖଣୀଙ୍କର ଓ ଦେଶର ସେବା କରିବାକୁ ଯଦି ବେଗାଣ୍ଣ ଗୃହିଣୀ କୁହାଯିବ. ତେବେ କୋଉ ଖଣିରେ ଯାଇ କାମ କଲେ ତା ଠାରୁ କେଉଁ କମ୍ ଗୁଣରେ ବେଗାଣ୍ଣ ଖଟଣୀ ହେବ ।"

ପୁରେନ୍ଦ୍ରନ୍ତ ଡୁର୍ଣ୍ଣର ସ୍ତ୍ରୀକୁ ଯେମିତି ବୁଝେଇ ପାରୁ ନ ଥିଲେ ।

"ଘରେ ରହିଲେ ଯେ ତା ନିଜ ଘରେ ରହିବ, ସେ ତା ନିଜର ମାଲିକ ହେବ । ଘରେ ରହିବା ଆଉ ପରଘରେ ଯାଇ କାମ କରିବା ଭିତରେ କଅଣ ତଫାତ୍ ସେ ନିଶ୍ଚୟ ବୁଝିପାରିବ ।" ଡୁର୍ଣ୍ଣର ସ୍ତ୍ରୀ କହିଲା ।

ଲିଣ୍ଡଲେ କହିଲେ, "ଜାହାଜରେ ରହିଲେ ସେ ମଣିଷ ହେବ, ଆଉ ଏଇଠିକାର କୁ-ସଙ୍ଗ ଓ ମଦ ଖାଇବାଠାରୁ ସେ ନିଜକୁ ଦୂରେଇ ରଖିପାରିବ ?" ଡୁର୍ଣ୍ଣର ପିଲାମାନେ ପ୍ରାୟ ସମସ୍ତେ ଭଉଣୀଙ୍କର ମଦୁଆ ଓ ତାଙ୍କ ଭିତରେ ରହି ଆଲ୍‌ଫ୍ରେଡ ବି ବେଶ୍ ପିଇପିଇ କରେ ।

ତେଣୁ ଆଲଫ୍ରେଡ଼ର ମା କହିଲା, "କ'ଣ ହେଲା ଯେ ଯଦି ମଦ ଖାଇଲା ସେ ନିଜ ପଇସାରେ ମଦ ପିଉଛି, ଏଥିରେ ଅନ୍ୟ ମାନଙ୍କର ମୁଣ୍ଡ ଖେଳେଇବା କ'ଣ ଦରକାର । ମଦ ଖାଇବା ପାଇଁ ତ ସେ ଯାଇ କାହାର ପକେଟମାର କରୁନାହିଁ !"

ତା କଥା ଶୁଣି ଲିଣ୍ଡଲେ ଭାବିଲେ କଥାଟା ପରୋକ୍ଷ ଭାବରେ ତାଙ୍କ ଉପରକୁ ଆସୁଛି । ତାଙ୍କ ଡାକ୍ତରୀ ବ୍ୟବସାୟ ପାଇଁ ସେ ସେମାନଙ୍କଠାରୁ ପଇସା ରୋଜଗାର କରନ୍ତି । ସେମାନଙ୍କ ପକେଟରୁ ପଇସା ନିଅନ୍ତି । ସେଥିପାଇଁ ଡୁର୍ଣ୍ଣ ସ୍ତ୍ରୀର କଥା ଶୁଣି ସେ ନିଜକୁ କଠିନ କରି କହିଲେ "ସେ ସବୁ ଯାହା ହେଉନା କାହିଁକି, ମୁଁ ଭାରି ଖୁସି ଯେ ସେ ଜାହାଜରେ କାମ ପାଇଛି ।"

"ବୁଝିଲେ ପ୍ରେମେନ୍ଦ୍ରଙ୍କେ, ଯେତେବେଳେ ମୁଁ ବୁଢ଼ୀ ହେବାକୁ ବସିଲିଣି, ଆଉ ତା ବାପା ଅକାମୀ ହେବାକୁ ବସିଲେଣି, ସେତିକି ବେଳେ ଆପଣ ଏ ବିଷୟରେ ଖୁସି ନ ହୋଇ ଆଉ କେଉଁ ବିଷୟରେ ଖୁସି ହେଲେ, ମୁଁ ଭାରି ଖୁସି ହେବି ।"

ଆଲଫ୍ରେଡର ମା ପଣତ କାନି ଦେଇ କାନ୍ଦିବାକୁ ଲାଗିଲା । ତା ସ୍ୱାମୀ ଏ ସବୁ ବିଷୟରେ ଟିକିଏ ବି ବିଚଳିତ ନୁହେଁ । ସେ ଖାଇବା ଶେଷ କରି ଟିକିଏ ବିଅର ପିଇଲା । ତା'ପରେ ନିଆଁ ପାଖକୁ ଯାଇ ବସିଲା, ଯେମିତି ସେ ଘର ଭିତରେ ଆଉ କେହି ନାହାନ୍ତି, କେବଳ ସେ ଏକା ଅଛି ।

Digitized by srujanika@gmail.com

କିଣ୍ଡଲେ ଓ'ବ୍ରାଏନର ସ୍ତ୍ରୀକୁ କହିଲା, "ବୁଝିଲ, ସମୁଦ୍ର ଭିତରକୁ ଯାଇ ଯିଏ ଦେଶର ଭଗବାନଙ୍କର ସେବା କରିବ ମୁଁ ତାକୁ ସମ୍ମାନ କରେ ।" "ହଁ ସେ ଠିକ୍ କଥା । କିନ୍ତୁ ଯେଉଁମାନେ ବାହାରେ ଯାଇ ଯାବତୀୟ ପ୍ରକାର କାମ କରୁଛନ୍ତି । ସେମାନେ ଯେତେବେଳେ ଆପଣଙ୍କର ନିଜର ପୁଅ ନୁହଁନ୍ତି, ସେତେବେଳେ ଏମିତି କଥା କହିବା ସହଜ । ସେମିତି କଥା କହିବାରେ ପାର୍ଥକ୍ୟ ଅଛି ।" ସେ କିଣ୍ଡଲେଙ୍କୁ ରାଗିକରି କହିଲା ।

"ମୋର ଯଦି ଗୋଟାଏ ପୁଅ ଯାଇ ଜାହାଜରେ କାମ କରିବ ତା ପାଇଁ ମୁଁ ଗର୍ବ ଅନୁଭବ କରିବ ।"

"ଆପଣ କରିପାରନ୍ତି, କିନ୍ତୁ ଆମେ ତ ସମସ୍ତେ ଏକାପରି ଧୀର ହୋଇନେ——"

ଆଉ ଓ'ବ୍ରାଏନ ସ୍ତ୍ରୀକୁ ବେଶୀ ନ ରାଗାଇ ପୁରୋହିତ ହିବାକୁ ବାହାରିଲେ । ସେ ଭଙ୍ଗା ହୋଇଥିବା କାଗଜର ପୁଡ଼ିଆଟାଏ ତଳେ ରଖିଲେ, କହିଲେ "ମୁଁ ପାଞ୍ଜିଟା ଆଣିଛି ।"

ଓ'ବ୍ରାଏନ ସ୍ତ୍ରୀ କାଗଜଟାକୁ ଖୋଲି ଦେଖିଲା ଓ ଚଡ଼ଚଡ଼ିଆ ସ୍ୱରରେ କହିଲା "ବାହାପଟରେ ରଙ୍ଗରଙ୍ଗିଆ ଚିତ୍ର ଥିଲେ ମତେ ଭଲ ଲାଗେ ।"

କିଣ୍ଡଲେ ତା କଥାର କିଛି ଜବାବ ଦେଲେ ନାହିଁ ।

ସେ କହିଲା, "ହେଇଟି ସେ ଲଫାପା ଭିତରେ ଆମ ପିଆନୋ ମାଷ୍ଟ୍ରାଣୀଙ୍କ ଟଙ୍କା ଅଛି——" କହି ସେ ଉଠିଯାଇ ଥାକ ଉପରୁ ଲଫାପାଟା ନେଇ ଦୋକାନଭିତରକୁ ଯାଇ ସେଥିରେ ଅଠା ଲଗେଇ ବନ୍ଦ କରି କିଣ୍ଡଲେଙ୍କୁ ଦେଇ କହିଲା, "ତାର କାମ ପାଇଁ ଏତିକି ମୁଁ ଦେଇ ପାରିବି, ଅଧିକ ବେଶୀ ଦେବାକୁ ମୋର କ୍ଷମତା ନାହିଁ ।"

କିଣ୍ଡଲେ ଲଫାପାଟାକୁ ପକେଟରେ ପୁରାଇ ଓ'ବ୍ରାଏନ ଘରୁ ବିଦାୟ ହୋଇ ଗଲେ, ଓ'ବ୍ରାଏନର ସ୍ତ୍ରୀ ଲୁଚାଇକରି ଅର୍ଗାନ ଶିଖେଇବା ଟଙ୍କା କିଣ୍ଡଲେଙ୍କୁ ଲଫାପାରେ ପୁରେଇ ଦେଇଥିଲା । କିଣ୍ଡଲେ ଘର ଘର ବୁଲି ପାଞ୍ଜି ବାଣ୍ଟି ଦେଇଗଲେ । ଏମିତି ସେ ସବୁଥର, ଧରିବନ୍ଧା, ନିରସକ୍ତ ଢଙ୍ଗରେ ସମସ୍ତଙ୍କ ଘରେ ପାଞ୍ଜି ବାଣ୍ଟିଦେଇ ଯାଆନ୍ତି— ସବୁଥର ଏକ ନିୟମାବନ୍ଧା, ବିରକ୍ତିକର ସ୍ୱରରେ, ସେଇ ଅଧା ଚିହ୍ନା, ଅଳ୍ପ ଜଣା ଲୋକଙ୍କ ଭିତରେ ପାଞ୍ଜି ବାଣ୍ଟି ବାଣ୍ଟି ଏବଂ ସେମାନଙ୍କ ଭଲମନ୍ଦ କଥା ବୁଝି ସେ କ୍ଳାନ୍ତ ଓ ଶ୍ରାନ୍ତ ହୋଇ ପଡ଼ିଲେଣି । ପାଞ୍ଜି ବାଣ୍ଟିବା ଶେଷକରି ଶେଷରେ ସେ ଘରକୁ ଫେରିଲେ ।

ଖାଇବା ଘର ଭିତରେ ଧକ ଧକ ହୋଇ ନିଆଁ ଜଳୁଥାଏ । କିଣ୍ଡଲେଙ୍କ ସ୍ତ୍ରୀ ତାଙ୍କ ଚକଲଗା ଚୌକି ଉପରେ ବସି ଥାଆନ୍ତି । ସେ ଏବେ ଖୁବ ମୋଟା

Digitized by srujanika@gmail.com

ହୋଇଯାଇଛନ୍ତି । ଲିଣ୍ଡଲେ ଖାଇବା ପାଇଁ ଛୁରୀରେ ମାଂସ କାଟିଲେ । ରୋଷେଇଘରୁ ଲୁଇସା ବାହାରି ଆସିଲା । ଦେଖିବାକୁ ସେ ଟେଡ଼ା, ଚେହେରା ତାର କୁନ୍ଦଳ କାନ୍ଦଳ ଓ ମୋଥିରେ ଏକ ହସଖୁସି ଭାବ । ତାପରେ ବଡ଼ଝିଅ ମେରୀ ଆସି ତରକାରୀ ବାଢ଼ି ଦେଇଗଲା ଖାଇବା ଟେବୁଲ ଉପରେ । ମେରୀ ସୁନ୍ଦରୀ, ତା ଆଖିର ନୋଳାର ରଂଗ ଗାଢ଼ ମାଟିଆ ରଂଗ, ଆଖି ଉପରେ ସୁନ୍ଦର ଦୁଇଟି ଧଳା ଭ୍ରୂ । ଲିଣ୍ଡଲେଙ୍କ ସାନ ସାନ ପିଲାମାନେ ଖାଇବା ଟେବୁଲ ପାଖରେ ଖାଇ ବସି ଟିକଏ ସମସ୍ତ ପାଟିଗୋଳ କରି ଖେଳାଲେ, କିନ୍ତୁ ବାପାଙ୍କ ଉଚ୍ଚରେ କେହି ବେଶୀ ହୋ ହା ବା ମରାମରି ହେଲେ ନାହିଁ । ଲିଣ୍ଡଲେଙ୍କ ଘରର ପାଣି ପବନରେ ଦାରିଦ୍ର୍ୟତାର ସ୍ପର୍ଶ ଲାଗି ରହିଥିଲା ।

ଟେବୁଲ ଉପରେ ସମସ୍ତଙ୍କ ଥାଳିଆରେ ମାଂସ ଖଣ୍ଡ ସବୁ ଟିକ କାଟି କରି ଦେଇ ଦେଇ ଲିଣ୍ଡଲେ କହିଲେ, "ଆଜି ମୁଁ ଓ୍ୱାର୍ଣ୍ଣ ଘରକୁ ଯାଇଥିଲି ବୋଧେ ଆଲଫ୍ରେଡ ଘରୁ ଚାଲିଯାଇଛି ଜାହାଜରେ କାମ କରିବାକୁ ।"

"ଯା ହେଉ ଭଲ ହେଲା ।" ସେ କଥା ଶୁଣି କର୍କଶିଆ ସ୍ୱରରେ ଲିଣ୍ଡଲେଙ୍କ ରୋଗିଣୀ ସ୍ତ୍ରୀ କହିଲେ ।

ଲୁଇସା ସେତେବେଳକୁ ସାନ ଭାଇଭଉଣୀଙ୍କ ଖାଇବା କଥା ବୁଝୁଥିଲା । ସେ ତା ମା କଥା ଶୁଣି କଣ କହିବ ବୋଲି ମୁହଁ ଟେକି ଚାହିଁଲା । ମେରୀ, ତାର ସରୁ, ମିଠା ସ୍ୱରରେ ପଚାରିଲା, "ସେ ସେମିତି କାହିଁକି କଲା ?"

"କେଜାଣି କାହିଁକି ସେ ଗଲା । ବୋଧେ କିଛି ମଜା ପାଇବା ପାଇଁ କରିଥିବ । ଅଚ୍ଛା, ଆସ ଏଥର ପ୍ରାର୍ଥନା କରିବା ।" ଲିଣ୍ଡଲେ ପିଲାମାନଙ୍କୁ କହିଲେ ।

ପିଲାମାନେ ଖାଇବା ଆଗରୁ ହାତଗୋଡ଼ ଧୋଇ ପ୍ରାର୍ଥନା କରିବା ପାଇଁ ମୁଣ୍ଡ ନୋଇଁ ବସିଲେ । ପ୍ରାର୍ଥନା ଶେଷ ହେଉ ନ ହେଉଣୁ ପୁଣି ବଡ଼ ବଡ଼ ମାନେ ଆଲଫ୍ରେଡ ବିଷୟ ଶୁଣିବାକୁ ମୁଣ୍ଡ ଟେକିଲେ ।

ଲିଣ୍ଡଲେଙ୍କ ସ୍ତ୍ରୀ କହିଲେ "ସେ ଶେଷ ପର୍ଯ୍ୟନ୍ତ ଠିକ୍ କାମ କଲା, ନ ହେଲେ ତା ଅନ୍ୟ ଭାଇମାନଙ୍କ ପରି ସେ ବି ଗୋଟାଏ ମଦୁଆ ହୋଇଥାନ୍ତା ।"

ଲୁଇସା ଜୋର୍‌ରେ କହିଲା, "ମା, ସେମାନେ ସମସ୍ତେ ତ ମଦୁଆ ନୁହନ୍ତି ?"

"ସେମାନଙ୍କ ଭିତରୁ ଯଦି କେହି ମଦୁଆ ନୁହଁ ସେଟା ବାପା ମାଙ୍କ ଭୁଲ୍‌ରୁ ନୁହେଁ । ଓ୍ୱାର୍ଣ୍ଣ ଯେ କି ଭଲଆ ମଦୁଆ, ସେ କଥା ସମସ୍ତେ ଜାଣନ୍ତି ।

Digitized by srujanika@gmail.com

ଲିଣ୍ଡଲେ ତାଙ୍କ ସ୍ତ୍ରୀଙ୍କୁ କହିଲେ, "ବୁଝିଲ, ସେ ଯାହା କରୁଛି ପୂରାପୂରି ଠିକ୍ କାମ କରୁଛି । ଏବେ ସେ ଅନ୍ତତଃ ତା ବୟସର ପିଲାଙ୍କୁ ପ୍ରଭାବରୁ ଦୂରେଇ ରହିପାରିବ । କେତେ ବୟସ ହେଲା ତାକୁ—ଛଅଣେଇଶି ?"

ଲୁଇସା କହିଲା "ନାହିଁ, କୋଡ଼ିଏ ।"

"କୋଡ଼ିଏ ! ତା ହେଲେ ତ ସେ ଜୀବନରେ ଗୋଟାଏ ଭଲ ମଣିଷ ହୋଇ ଗଢ଼ି ଉଠିବା ପାଇଁ ସୁଯୋଗ ପାଇବ, ତା ପାଇଁ ଏହାଠାରୁ ଆଉ ବେଶୀ ଭଲ କିଛି ହୋଇ ନ ଥାନ୍ତା । କିନ୍ତୁ—" ଲିଣ୍ଡଲେ କହିଲେ ।

ଲୁଇସା କହିଲା, "କିନ୍ତୁ ଆମ ସାଙ୍ଗରେ ସେ ତ ଗୀର୍ଜାରେ ଗୀତ ଗାଇ ପାରିବ ନାହିଁ ।" ଲୁଇସା ସେମିତି ଆଲଫ୍ରେଡ଼ ଯିବା ବିଷୟରେ ତା ବାପା ମା ଙ୍କର ବିରୋଧ କରୁଥିଲା ।

ତା ବାପା କହିଲେ, "ସେ ଯା ହେଉ. ଏଠି କୁସଙ୍ଗରେ ପଡ଼ି ଖରାପ କାମ କରିବା ଅପେକ୍ଷା ନୌ ବାହିନୀରେ ନାବିକ ପଦରେ ଚାକିରି କରିବା ଯଥେଷ୍ଟ ଭଲ ।"

ଲୁଇସା କହିଲା, "ସେ କଣ ଖରାପ ହୋଇଯାଉଥିଲା ?"

ସେ ସେମିତି ଆଲଫ୍ରେଡ଼ କଥା ଛାଡ଼ିବାକୁ ରାଜି ନୁହେଁ ।

ତା କଥା ଶୁଣି ମେଗ୍ କହିଲା, "ବୁଝିଲୁ, ଆଲଫ୍ରେଡ଼ ଆଗରୁ ଯେମିତି ଥିଲା, ଏବେ ଆଉ ସେମିତି ନ ଥିଲା ।" କଥା ଗୁଡ଼ିକ ସେ ନରମରେ କିନ୍ତୁ ଜୋର ଦେଇ କହିଲା । ତା କଥା ଶୁଣି ଲୁଇସା ଇଚ୍ଛା ନ ଥିଲେ ବି ଚୁପ୍ ହୋଇ ରହିଲା । ସେ ମନେ ମନେ ମେଗ୍ କଥାରେ ରାଜି ହେବାକୁ ଚାହୁଁ ନ ଥିଲେ ବି ସେ ଜାଣିଥିଲା ଯେ ମେଗ୍ ଯାହା କହୁଛି ତା ସତ ।

ଲୁଇସା ପାଇଁ ଆଲଫ୍ରେଡ଼ ଏକ ଅଲଗା ଧରଣର ପିଲା । ସେ ଖୁସି ବାସିଆ ଓ ସ୍ନେହୀ । ତାକୁ ଦେଖିଲେ ମନେ ହୁଏ ତା ମନ ଖୁବ୍ କୋମଳ ଓ ଦୟାଳୁ ଓ ତାକୁ ଦେଖିଲେ ବି କେମିତି ଭଲ ଲାଗେ, ମନଟା ଆନନ୍ଦରେ ଭରି ଯାଏ । ସେ ହସିଲେ ଲୁଇସାର ହୃଦୟ ନାଚେ ଓ ଆନନ୍ଦରେ କମ୍ପିଯାଏ । ତା ମା ଜୋର୍ ଦେଇ କହିଲା, "ସେ ଯାହା କଲା ଏକଦମ୍ ଠିକ୍ କାମହିଁ କରିଛି ।"

ଲିଣ୍ଡଲେ କହିଲେ, "ମୁଁ ତ ସେଇଆ ଭାବୁଛି । କିନ୍ତୁ ଆଲଫ୍ରେଡ଼ର ମା ତ ମତେ ବହୁତ ଗାଳି ଦେଲା, ତାକୁ ଏଇ କଥା କହିଲି ବୋଲି ।"

"ସେ ପିଲାମାନଙ୍କ ଭଲମନ୍ଦ ବିଷୟରେ କଣ କେବେ କିଛି ଭାବେ ? ସେମାନଙ୍କ ରୋଜଗାର ଟଙ୍କା ନେବାରେ ସେ ବ୍ୟସ୍ତ ।" ଲିଣ୍ଡଲେଙ୍କ ସ୍ତ୍ରୀ କହିଲେ ।

Digitized by srujanika@gmail.com

ଲୁଇସା କହିଲା, "ସେ ନିଶ୍ଚୟ ତା ପୁଅକୁ ପାଖରେ ରଖିବାକୁ ଇଚ୍ଛା କରୁଥିବ।"

ତା ମା ଅଟ୍ଟା କରି କହିଲେ, "ହଁ, ତା ସେ କରୁଛି। ତା ପୁଅ ମଦୁଆଙ୍କ ସାଙ୍ଗରେ ପଡ଼ି ଅନ୍ୟ ଭାଇମାନଙ୍କ ପରି ମଦୁଆ ହେଲେ ବି ସେ ତାକୁ ପାଖରେ ରଖିବାକୁ ଚାହେଁ।"

"କିନ୍ତୁ ଜର୍ଜ ତ ବୋଧେ ମଦ ଖାଏନା।" ଝିଅ ମାଙ୍କ କଥାରେ ବାଧା ଦେଇ କହିଲା।

"ନାଁ ଖାଏନା, କାରଣ ତାକୁ ଉଣେଇଶ ବର୍ଷ ବେଳେ ଖଣିରେ ସେ ଏମିତି ଥରେ ପୋଡ଼ି ଯାଇଥିଲା, ଯେ ସେଇ ଭୟରେ ସେ ମଦ ଖାଇବା ଛାଡ଼ି ଦେଇଛି। ଅଉ ନୌ ବାହାମତ ଖଣି ଠଉଁ ତ ନିଶ୍ଚୟ ଭଲ।"

ମିସ୍ରେଲେ କହିଲେ, "ତା ଠିକ୍—ଏକଦମ ଠିକ୍।"

ଏ କଥାରେ ଲୁଇସା ରାଜି ହେଲା, କିନ୍ତୁ ଆଲଫ୍ରେଡ଼ ଯେ କେତେ ଗୁଡ଼ାଏ ବର୍ଷ ପାଇଁ ଛାଡ଼ି ଚାଲିଗଲା ସେ କଥା ସେ ମନେ ମନେ ଭାବିଲା। ତାକୁ ନିଜକୁ ବି ତ ଏବେ ଉଣେଇଶ ବର୍ଷ ଚାଲିଛି।

— ୩ —

ମେଟ୍‌କୁ ଯେତେବେଳେ ତେଇଶି ବର୍ଷ, ସେତେବେଳେ ଥରେ ମିସ୍ରେଲେଙ୍କ ଦେହ ଭାରି ଖରାପ ହେଲା। ରୋଜଗାର ବାଟ ବନ୍ଦ ହୋଇ ଯିବାରୁ ତାଙ୍କ ପରିବାରର ଅବସ୍ଥା ଅତି ଶୋଚନୀୟ ହୋଇ ଉଠିଲା। ଔଷଧ ପତ୍ର ଓ ଅନ୍ୟାନ୍ୟ ଖର୍ଚ୍ଚବାର୍ଚ୍ଚ ପାଇଁ ଏତେ ବେଶୀ ଟଙ୍କା ଦରକାର ପଡ଼ୁଥିବା ବେଳେ ଟଙ୍କା ପଇସା ଅଭାବରେ ବଡ଼ ଟାଣଟୁଣରେ ଚଳିବାକୁ ହେଲା। ମେଟ୍‌ଙ୍କ ଲୁଇସା କାହାର ହେଲେ ବାହାହେବା ପାଇଁ ବରପାତ୍ର ମିଳି ନଥାନ୍ତି। ବର ମିଳିବାର କ'ଣ ସୁବିଧା ଅଛି ? ଅଲଡ଼୍‌କସରେ ସେମାନଙ୍କ ଯୋଗ୍ୟ ମିଳି ବର ହେବା ପାଇଁ କେହି ନାହାନ୍ତି। ତା ଛଡ଼ା ସେମାନେ ଦୁଇଜଣ ଯାହା ରୋଜଗାର କରନ୍ତି ତାହା ତାଙ୍କ ଘରେ ସମୁଦ୍ରକୁ ଶଙ୍ଖେ ପରି। ଏମିତି ଅବସ୍ଥାରେ ଭଉଣୀ, ଏକ ପକ୍ଷରେ ଚରମ ଦରିଦ୍ରତା ଓ ଅନ୍ୟ ପକ୍ଷରେ ଅନବରତ ଛୀଣ ଜୀବନ ସଂଗ୍ରାମ ଭିତରେ ପେଷି ହୋଇ କେମିତି କଠିନ ଓ ସଙ୍କୁଚିତ ହୋଇ

Digitized by srujanika@gmail.com

ଯାଉଥିଲେ । ସାରା ଜୀବନ ଏମିତି ଶୂନ୍ୟତା ଓ ହତାଶା ଭିତରେ ସେମାନଙ୍କର କ୍ଷୁଦ୍ର ପ୍ରାଣ ଭସ୍ମରେ ଜଡ଼ ହୋଇ ଯାଉଥିଲା ।

ଗୀର୍ଜାର କାମ କରିବାକୁ ଜଣେ ପୁରୋହିତର ତ ସେମିତି ହେଲେ ଦରକାର । ଘଟଣା ଚକ୍ରରେ ଲିଣ୍ଡ୍ରେଲେଙ୍କର ଜଣେ ପୁରୁଣା ସାଙ୍ଗର ପୁଅ ନାଲ ତିନି ମାସ ଧରି ଗୀର୍ଜା କାମରେ ଯୋଗ ଦେବାପାଇଁ ଅପେକ୍ଷା କରି ରହିଥିଲା । ଠିକ୍ ହେଲା ସେ ଆସି ବିନା ବେତନରେ ଲିଣ୍ଡ୍ରେଲେଙ୍କ ପାଇଁ କାମ କରିବ । ସମସ୍ତେ ଏହି ତରୁଣ ପୁରୋହିତଙ୍କର ଆସିବା ପାଇଁ ଆଗ୍ରହରେ ଅପେକ୍ଷା କରି ରହିଲେ । ତାଙ୍କର ବୟସ ସତେଇଶ ପାଖାପାଖି, ଅକ୍ସଫୋର୍ଡରୁ ଏମ. ଏ. ଓ ରୋମାନ ଆଇନ ଉପରେ ସେ ଗବେଷଣା କରିଥିଲେ । କାମ୍ବ୍ରିଜସାୟାରର ଗୋଟିଏ ପୁରୁଣା ପରିବାର ତାଙ୍କର । ତାଙ୍କର ଅଳ୍ପ କିଛି ସମ୍ପତ୍ତିବାଡ଼ି ବି ଅଛି ଓ ନର୍ଥଆମ୍ପଟନ ସାୟାରର ଗୋଟିଏ ଗୀର୍ଜାରେ ଭଲ ବେତନରେ ସେ କାମ ପାଇବା ଠିକ୍ ହୋଇଛି, ସେ ଅବିବାହିତ । ଏ ସବୁ କଥା ଚିନ୍ତାକରି ଲିଣ୍ଡ୍ରେଲେଙ୍କ ସ୍ତ୍ରୀ ଆଉ ଅଧିକା କିଛି ଟଙ୍କା ଧାର କରିପକାଇଲେ, ଓ ତାଙ୍କ ସ୍ୱାମୀଙ୍କର ଦେହ ଅସୁସ୍ଥତା ପାଇଁ ଆଉ ସେତେ ବ୍ୟସ୍ତ ହେଲେ ନାହିଁ ।

କିନ୍ତୁ ଯେତେବେଳେ ମାସି ଆସି ପହଞ୍ଚିଲା, ତାକୁ ଦେଖି ପରିବାରର ସମସ୍ତଙ୍କ ଭିତରେ ନୈରାଶ୍ୟ ଖେଳିଗଲା । ସେମାନେ ସମସ୍ତେ ଜଣେ ପାଇପ୍ ଟାଣୁଥିବା ଉଦାତ୍ତ କଣ୍ଠର ତରୁଣ ଧର୍ମଯାଜକ ଆସିବ ବୋଲି ଭାବୁଥିଲେ ଓ ଅନ୍ତତଃ ପକ୍ଷେ ଲିଣ୍ଡ୍ରେଲେଙ୍କ ବଡ ପୁଅ ସିଡ଼ନି ଠାରୁ ତାର ସ୍ୱାଲଚାଲି ନିଶ୍ଚୟ ଭଲ ହୋଇଥିବ ବୋଲି ସେମାନେ ବିଶ୍ୱାସ କରୁଥିଲେ । କିନ୍ତୁ ହେଲା କଣ ? ଯିଏ ଆସିଲା ସେ ଦେଖିବାକୁ ନକ୍ଜନିଆ, ପତଳା ହୋଇ ଛୋଟିଆ ମଣିଷଟିଏ । ବାରବର୍ଷର ଛୋଟିଆ ପିଲାଟିଏ ପରି । ଆଖିରେ ଚଷମା, ଖୁବ୍ ଭୟାଳୁ । ପ୍ରଥମ ଦେଖାରେ ତା ପାଟିରୁ ପଦେ ହେଲେ କଥା ବାହାରି ନ ଥିଲା । କିନ୍ତୁ ସେ ବିରକ୍ତିକର ଭାବରେ ଅତିମାତ୍ରାରେ ଆତ୍ମବିଶ୍ୱାସୀ ଥିଲା ।

ତାକୁ ଦେଖି ଓ ତା ବେକ ପର୍ଯ୍ୟନ୍ତ ବୋତାମ ବନ୍ଦ କୋଟକୁ ଦେଖି ଲିଣ୍ଡ୍ରେଲେଙ୍କ ସ୍ତ୍ରୀ ପ୍ରଥମେ ଭାବିଲେ କେଡ଼େ ବିକୃତିଆ ମଣିଷଟାଏ ମ ।" ଏବଂ ତାକୁ ଦେଖିବାର ବହୁଦିନ ପର୍ଯ୍ୟନ୍ତ ସେ ଭଗବାନଙ୍କୁ କୃତଜ୍ଞତା ଜଣାଉଥିଲେ ଯେ ଅନ୍ତତଃ ଭଗବାନ ତାଙ୍କ ନିଜର ପିଲାମାନଙ୍କୁ ପ୍ରତ୍ୟେକଙ୍କୁ ଦେଖିବାକୁ ସୁନ୍ଦର ଓ ସ୍ୱାସ୍ଥ୍ୟବାନ କରିଛନ୍ତି ।

ନୂଆ ପୁରୋହିତର ବୁଝି ଶୁଝି ପାରିବାର କ୍ଷମତା ବହୁତ କମ୍ ଅଳ୍ପ । ଦିନ ଭିତରେ ମଧ୍ୟ ଜଣା ପଡିଲା ଯେ ମଣିଷ ଭାବରେ, ମଣିଷ ପରି ଅନୁଭବ କରି ପାରିବା ଶକ୍ତି ମଧ୍ୟ ତା ଠାରେ କମ୍ । କିନ୍ତୁ ତାର ବେଶ୍ ଦାର୍ଶନିକ ମନ ଓ ତା ନିଜର ଦାର୍ଶନିକ ଚିନ୍ତାଧାରାକୁ ନେଇ ସେ ବଞ୍ଚେ । ତାର ଦେହ ଯେ କଣ ସେ କଥା ହୁଏତ

Digitized by srujanika@gmail.com

ଅଦୌ ଭାବ ହୁଏ ନାହିଁ, କିନ୍ତୁ ବିଦ୍ୟାବୁଦ୍ଧିରେ ତାଙ୍କୁ ହୁଏତ ଜ୍ଞାନୀ ବୋଲି କହିହେବ । ଯେତେବେଳେ ସେ କୌଣସି କଥାବାର୍ତ୍ତାରେ ଯୋଗ ଦିଏ, କଥାବାର୍ତ୍ତାର ମୋଡ଼ କେମିତି ଏକ ସୁସମ, ଦାର୍ଶନିକ ଆଲୋଚନା ଆଡ଼କୁ ଢଳିଯାଏ ତାହା ବେଶ୍ ବୁଝି ହୁଏ । ସେଇ ଆଲୋଚନାରେ ନା ଥାଏ ସ୍ୱାଭାବିକତା, ନା ଥାଏ ଉତ୍ତେଜନା ପୂର୍ଣ୍ଣ ଭାବପ୍ରକାଶ, ନା ଥାଏ ବ୍ୟକ୍ତିଗତ ଦୃଢ଼ ଆଶ୍ୱାସନା, ଥାଏ କେବଳ ଶୀତଳ, ଯୁକ୍ତି ଯୁକ୍ତ ଆଲୋଚନାର ଜମ୍ଭ । ଏସବୁ ଲିଣ୍ଡ୍ରେଲେଙ୍କ ସ୍ତ୍ରୀଙ୍କୁ ଜମା ଭଲ ଲାଗୁ ନ ଥିଲା । ପ୍ରଥମତ କଥା ପଡ଼ିଲେ ଲିଣ୍ଡ୍ରେଲେଙ୍କ ସ୍ତ୍ରୀ କିଛି ଗୋଟାଏ କଥା କହିବାପରେ ମାର୍ଟି, ତାଙ୍କ ଆଡ଼କୁ ଚାହିଁ ଏବଂ ତା ପରେ ତାର ଚ ‘‘ଚହଁଆ ସରୁ ସ୍ୱରରେ ନିଜର ହିସାବନିକାଶ ମତାମତ ସେହି କଥା ଉପରେ ଦିଏ । ମାର୍ଟିର କଥା ଶୁଣି ଲିଣ୍ଡ୍ରେଲେଙ୍କ ସ୍ତ୍ରୀଙ୍କର ମନେ ହୁଏ ଯେମିତି ଏକ ପିଚ୍ଛିଳ ଚଟାଣ ଉପରେ ତାଙ୍କର କଥାବାର୍ତ୍ତା ଛିଡ଼ା ହୋଇଛି ଓ ସେହି ଚଟାଣର ଗୋଟିଏ ଝୋଟକଣା ଦେଇ ସେ ଏକ ପତଳା ବାୟୁମଣ୍ଡଳ ଭିତରକୁ ଖସିପଡ଼ୁଛନ୍ତି । ଏଥିରେ ତାଙ୍କୁ ନିଜକୁ ବେଶ ବୋକା ବୋକା ଲାଗୁଥିଲା । କ୍ରମେ ସେ ଆଉ କଥାବାର୍ତ୍ତା ନ କରି ସୁରସୁର ଚୁପ୍ ହୋଇ ରହିଲେ ।

ଏ ସବୁ ସତ୍ତ୍ୱେ ବି ସେ ଭୁଲି ନ ଥାନ୍ତି ଯେ ମାର୍ଟି ଅବିବାହିତ । ଖୁବ୍ ଶୀଘ୍ର ସେ ଯେଉଁ କାମରେ ଯୋଗ ଦେବାକୁ ଯାଉଛି ସେଥିରେ ସେ ବାର୍ଷିକ ଛଅଶହରୁ ସାତଶହ ଟଙ୍କା ରୋଜଗାର କରିବ । ଯେଉଁଠି ଟଙ୍କା ପଇସାର ସ୍ୱଚ୍ଛଳତା ସେଠାରେ ଲୋକଟାର ଚେହେରାରୁ ବା କଣ ମିଳିବ । ଲୋକଟା ହୁଏତ ସ୍ୱାଭାବିକ ଭାବରେ ଯେପରି ହେବାକଥା ତା ନୁହେଁ । ତାଙ୍କ ନିଜର ସାଂସାରିକ ଜୀବନରେ ବାଇଶି ବର୍ଷର ଅନୁଭୂତି ଭିତରେ ତାଙ୍କ ମନର ଆବେଗ ଅପେକ୍ଷା ଦାରିଦ୍ର୍ୟର ଚକି-ପଥର ବୋଝ ତାଙ୍କ ପାଇଁ ଅଧିକ ହୋଇଛି । ସେଥିପାଇଁ ସେ ଛୋଟିଆ ଲୋକଟିକୁ ଏକ ସ୍ୱଚ୍ଛଳ ଆୟର ପ୍ରତିନିଧି ଭାବରେ ଗ୍ରହଣ କରିନେଲେ ।

ନୂଆ ପୁରୋହିତ ମାର୍ଟିର ସବୁଠାରୁ ବିରକ୍ତିକର ଅଭ୍ୟାସ ହେଲା ସେ କାହାର କଥା କହିବାରେ ବା କିଛି କରିବାରେ କୌଣସି ପ୍ରକାର ଯୁକ୍ତିହୀନ, ଅସଙ୍ଗତ ଭାବ ଦେଖିଲେ ନାକଟେକ ବିଦ୍ରୂପ ପ୍ରକଟ କରେ । ଏଇଟା ପୁରାପୁରି ତା ନିଜର ମୁଦ୍ରାଦୋଷ କହିଲେ ଚଳେ । ତା ପାଖରେ ଏଇ ଗୋଟାଏ ପ୍ରକାରର ରହସିଆ ଭାବ ଦେଖିବାକୁ ମିଳେ । ଚିନ୍ତା କରି ନ ପାରିବାର ଅକ୍ଷମତା ତାକୁ ଅତି ଆମୋଦ ଦାୟକ ଲାଗେ । ତା ପାଖରେ ଯେ କୌଣସି ଉପନ୍ୟାସ ବା ଗଳ୍ପବହି ଅର୍ଥହୀନ, ଦୁର୍ବୋଧ ଓ ରସହୀନ । ସେ କୌଣସି ରଂଗରହସ୍ୟ କଥା ଶୁଣିଲେ ତାକୁ ଅଙ୍କକଷିଲା ପରି ଫେଣ୍ଟେଇ ଫେଣ୍ଟେଇ ଅର୍ଥ ବାହାରିକରେ, ନହେଲେ ସେ କଥା ସେ ଆଦୌ ଶୁଣେ ନାହିଁ । ମଣିଷର ସାଧାରଣ ସ୍ୱାଭାବିକ ସମ୍ପର୍କର ପରିସର ଭିତରେ ସେ ନ ଥାଏ । ଘରର ନିତିଦିନ କଥାବାର୍ତ୍ତା,

Digitized by srujanika@gmail.com

ଫ୍ଲିଚଳନରେ ସେ ଭାଗ ନେଇପାରେ ନାହିଁ ଓ ହୁଏତ ଚୁପ୍‌ଚାପ୍ ଘରର କୋଣପାଖରେ ଘରବୁଲୁଥାଏ, ନହେଲେ ଖାଇବାଘରେ ବସି ବିକୃତ ଭାବରେ ଏ ପଟରୁ ସେପଟକୁ ଅର୍ଥହୀନଙ୍କୁ ଜ୍ୱଳିଆ ଦୃଷ୍ଟିରେ ତା ନିଜର ଶୀତଳ, ଶୁଷ୍କ ପୃଥିବୀ ଭିତରେ ସବୁବେଳେ ବୁଡ଼ି ରହିଥାଏ । ବେଳେ ବେଳେ ସେ ବିଦ୍‌ଘୁଟ କଲି ପରି ମତାମତ ଦିଏ ଯାହା କି ମାନବିକତା ଦୃଷ୍ଟିରୁ ଅସଙ୍ଗତ ନହେଲେ ତାର ସେଇ ଟପଚରିତ ନାକଟେକା ବିକୃତ ହସଟି ହସେ । ଏମିତି କରି ସେ ନିଜର ଅକ୍ଷମତା ଓ ଅସହାୟତାକୁ ଅନ୍ୟମାନଙ୍କର ଦୃଷ୍ଟିପଥରୁ ରକ୍ଷା କରିବାକୁ ଚେଷ୍ଟା କରେ । ଯେ କୌଣସି ପ୍ରଶ୍ନର ଉତ୍ତର ସେ ଇତସ୍ତତଃ ଭାବରେ ହଁ ବା ନାହିଁରେ ଦିଏ, କାରଣ ସେ ପ୍ରଶ୍ନଗୁଡ଼ିକର ଉଦ୍ଦେଶ୍ୟ ଠିକ ଭାବରେ ବୁଝିପାରେ ନାହିଁ ଓ ଅଳ୍ପକେ ବିଚଳିତ ହୋଇ ଉଠେ । ଲୁଇସାର ମନେହୁଏ ମାର୍ସିର ଜଣେ ମଣିଷକୁ ଅନ୍ୟଜଣକଠାରୁ ଅଲଗା ଅଲଗା କରି ଚିହ୍ନିପାରିବାର ଶକ୍ତି ନାହିଁ; କିନ୍ତୁ ଯା ହେଲେ ବି ସେ (ମାର୍ସି) ଲୁଇସା ବା ମେଗ୍ ଯାହା ନିକଟରେ ବି ହେଲେ ରହିବାକୁ ଇଚ୍ଛା କରେ କାରଣ ସେମାନଙ୍କର ସାନ୍ନିଧ୍ୟରେ ଆସି ସେ ହୁଏତ କିଛି ଅଜଣା ଉତ୍ତେଜନା ଅନୁଭବ କରେ । ଏ ସବୁ ବାହାରେ ସେ ଜଣେ ଖୁବ୍ କାମିକା ଲୋକ । ସେ ନିହାତି ଲାଜକୁଳା ହେଲେ ବି ତା ନିଜକାମରେ କେବେହେଲେ ହେଳା କରେ ନାହିଁ । ସେ ଖ୍ରୀଷ୍ଟଧର୍ମ ଯାହା ବୁଝିଛି ତାରି ଭିତରେ ଜଣେ ପ୍ରକୃତ ଖ୍ରୀଷ୍ଟଧର୍ମୀ । ଯଦି କାହାର କିଛି ଉପକାର କରି ପାରିବା କ୍ଷମତା ତା ହାତରେ ଅଛି ବୋଲି ସେ ମନେକରେ ତେବେ ସେ ତାହା ନ କରି ରହିପାରେ ନାହିଁ । ସେ ଅନ୍ୟ ଲୋକର ସମ୍ପର୍କରେ ନିଜ ତରଫରୁ ଆସିବାକୁ ଅକ୍ଷମ ହେଲେ ବି ଅନ୍ୟକୁ ସାହାଯ୍ୟ କରିବାକୁ କୁଣ୍ଠିତ ହୁଏ ନାହିଁ । ସେ ଲିଣ୍ଡ୍ରେଲେଙ୍କର ସବୁପ୍ରକାର ଯତ୍ନ ନିଏ ଏବଂ ତାଙ୍କ ଗୀର୍ଜାର ସାଇର ଲୋକମାନଙ୍କର ସେବା ବି କରେ ।

ଲିଣ୍ଡ୍ରେଲେ ଦେଖାଶୁଣା କରୁଥିବା ଗୀର୍ଜାର କାଗଜପତ୍ର ଓ ଟଙ୍କା ପଇସାର ହିସାବ ରଖେ, ସାଇର ଲୋକମାନଙ୍କର ଘର ଘର ବୁଲି ସେମାନଙ୍କ ଭଲମନ୍ଦ କଥା ବୁଝେ । ଲିଣ୍ଡ୍ରେଲେଙ୍କ ସ୍ତ୍ରୀ ତାଙ୍କ ପୁଅମାନଙ୍କ ପାଇଁ ବ୍ୟସ୍ତ ହେଉଥିବାର ଜାଣି ସେ ସେମାନଙ୍କୁ କ୍ୟାମ୍ପକୁ ପଠାଇବାର ବନ୍ଦୋବସ୍ତ କଲା । ତାର ସାହାଯ୍ୟ ଓ ସହୃଦୟତା ଦେଖି ମେଗ୍‌ଙ୍କୁ କିନ୍ତୁ ଭାରି ସଙ୍କୁଚିତ ଲାଗିଲା । ସେ ମନେ ମନେ ମାର୍ସିର ଦୟାକୁ ପ୍ରଶଂସା କଲେ ବି ତାକୁ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରିପାରିଲା ନାହିଁ । ତାର କାରଣ ମାର୍ସିର ସାହାଯ୍ୟ ବା ସହାନୁଭୂତି ଦେଖାଇବାରେ କିପରି ଏକ ଆନ୍ତରିକତାର ଅଭାବ—ସତେ ଯେପରି କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବା ଲୋକ ତା ଚିନ୍ତାର ବାହାରେ । ତା କରିବା କାମକୁ ମତେ ଯେପରି ସେ ଅଙ୍କ କଷିବା ପରି ଗଣି-ହିସାବ କରି କରୁଛି । ସତେଯେପରି ଖ୍ରୀଷ୍ଟଧର୍ମର ସେବାଧର୍ମ ଏବଂ ମଣିଷଙ୍କ ସେବା ଉଭୟ ଏକ ହିସାବ କରିବାର ବସ୍ତୁ ।

Digitized by srujanika@gmail.com

ଧର୍ମ କେବଳ କେତେକ ନିୟମ । ତାର ସାବଧାନୀ ଆବେଗରହିତ ମନ ଯାହାକୁ ମାନେ ସେହିହିଁ ତା ପାଇଁ ଧର୍ମ ।

କିନ୍ତୁ ତାର କାମ ଧାମ ଦେଖି ମେଗ୍ ତାକୁ ଶ୍ରଦ୍ଧା ଓ ସମ୍ମାନ କରିବାକୁ ଓ ତା ପାଇଁ କିଛି କରିବା ଦରକାର ବୋଲି ଭାବେ । ଏବଂ ଏଇ କିଛି କରିବା ପାଇଁ ସେ ନିଜକୁ ଇଚ୍ଛା ନଥିଲେ ବି ବାଧ୍ୟ କରେ । କିନ୍ତୁ ମାର୍ସି, ମେଗର ଏଇସବୁ ମନୋଭାବ ବୁଝି ପାରେ ନାହିଁ କି ଅନୁଭବ କରିପାରେ ନାହିଁ । ଘର ଘର ବୁଲି ସେ ଲୋକମାନଙ୍କ କଥା ବୁଝିବାବେଳେ ମେଗ୍ ତା ସାଙ୍ଗରେ ଥାଏ ।ଯେତେବେଳେ ଏଇ ଛୋଟିଆ ଲୋକଟାର କାମ ପାଇଁ ତାର ମନ ଏକ ନିରୁତ୍ସାହ ପ୍ରଶଂସାରେ ଭରିଯାଏ, ସେତେବେଳେ ତା ମନରେ ଦୟା ଦେଖା ଦିଏ ଓ ଏଇ ଛୋଟିଆ ଲୋକଟି କାନ୍ଧ ବଙ୍କେଇ ବଙ୍କେଇ, ତା ବେକ ପର୍ଯ୍ୟନ୍ତ ବୋତାମ ବନ୍ଦ କୋଟ ପିନ୍ଧି ଯେତେବେଳେ ଏଘରୁ ସେ ଘରକୁ ବୁଲି ଲୋକଙ୍କୁ ସାନ୍ତ୍ୱନା ଦିଏ ସେତେବେଳେ ମେଗର ମନ କରୁଣାରେ ପୂରିଯାଏ । ସେ ନିଜେ ଦେଖିବାକୁ ସୁନ୍ଦରୀ, ଶାନ୍ତ, ଦୀର୍ଘଗଢ଼ଣ ଓ ତା ମୁହଁରେ ଏକ କମନୀୟ ପ୍ରଶାନ୍ତ । ତାର ଲୁଗାପଟା ଦାମିକା ନୁହେଁ, ତା ପୋଷାକରେ ଚାକଚକ୍ୟ ନାହିଁ, କିନ୍ତୁ ତଥାପି ତାକୁ ଦେଖିଲେ ସେ ଯେ ସୁନ୍ଦରୀ ଏ କଥା କେହି ଦ୍ୱିମତ କରିବେନାହିଁ । ଯେତେବେଳେ ଆଲଡ଼ରସର ଲୋକମାନେ ତାକୁ ମାର୍ସି ସାଙ୍ଗରେ ଯିବାର ଦେଖନ୍ତି ସେମାନେ କହନ୍ତି । "ମେଗ୍ ଗୋଟାଏ ଆଚ୍ଛା ଲୋକକୁ ଧରିଛି । ଏମିତିକା ରୋଗିଣା, ମେଉଙ୍ଗା, ଚିଆଁ ଲୋକଟାଏ ଆଉ କୋଉଠି ଦେଖିଛ !"

ଲୋକମାନଙ୍କର କହିବା ଓ ଥଟ୍ଟା କରିବା ମେଗ୍ ବୁଝିପାରେ ଏବଂ ସେଥିପାଇଁ ସେ ସେମାନଙ୍କ ଉପରେ ମନେ ମନେ ରାଗେ ଓ ସେହିହେତୁ ଯେ ମାର୍ସିକୁ ଆଶ୍ରୟ ଦେଇପରି ତାର ଅଧିକ ନିକଟତର ହୋଇ ଯାଏ । ଏବଂ ଆଉ ଯାହା ଦେଲେ ବି ସେ ମାର୍ସି ଭିତରେ ଥିବା ମଣିଷପଣିଆକୁ ସମ୍ମାନ ଦେଖାଏ ।

ମାର୍ସି ଯାଜକମାନଙ୍କ ଘରେ ବୁଲିବାବେଳେ ଶୀଘ୍ର ଶୀଘ୍ର ବା ବେଶୀ ଦୂରକୁ ବୁଲିପାରେନାହିଁ ।

ସେଥିପାଇଁ ମେଗ୍ ତାକୁ ପଚାରେ ଆପଣଙ୍କୁ ବୋଧେ ଭଲ ଲାଗୁନାହିଁ ?"

ମାର୍ସି ଜବାବ ଦିଏ "ନା ମୋ ଦେହରେ କିଛି ଗୋଳମାଳ ଅଛି" ମେଗ୍ ଏ କଥାରେ ସାମାନ୍ୟ ଚମକି ଉଠିଲେ ବି ମାର୍ସି ହୁଏତ ବୁଝି ପାରେନା । କିନ୍ତୁ ଏହା ଅଳ୍ପ ସମୟ ପାଇଁ । ମେଗ୍ ଚୁପ୍ କରିଯାଏ ଓ ପରେ ପରେ ଆଗପରି ମାର୍ସି ସହିତ ଶାନ୍ତ ଭାବରେ କଥାବାର୍ତ୍ତା କରେ ।

ମାର୍ସି ମେଗକୁ ସ୍ନେହ କରେ । ମେଟ୍‌ର ବ୍ୟବସ୍ଥା ଅନୁସାରେ ମାର୍ସି ତା ଅଂଚଳକୁ ବୁଲିଯିବା ସମୟରେ ମେଗ୍ ବା ଲୁଇସା, ଦୁହିଁଙ୍କ ଭିତରୁ ଯେ ହେଲେ ଜଣେ

Digitized by srujanika@gmail.com

ତାପାଙ୍ଗରେ ଯାଆନ୍ତି ଅଧିକାଂଶ ସମୟ ମେଗ୍ଗି ତା ପାଙ୍ଗରେ ଯାଏ । କିନ୍ତୁ ଯଦି କୌଣସି ଦିନ ସକାଳୁ ମେଗ୍ଗି ଘରର କିଛି କାମରେ ବ୍ୟସ୍ତ ରହିଯାଇଥାଏ, ତେବେ ସେ ଦିନ ଲୁଇସା ମାସି ପାଙ୍ଗରେ ଯାଇଥାଏ । କିନ୍ତୁ ଲୁଇସା ମେଗ୍ଗି ପରି ମାସିକୁ ଗଭୀର ସେବା ଦିଏନାହିଁ । ଯଦି ବା ସେ କେବେ ସମ୍ମାନ କରିବାର ପ୍ରଶ୍ନ ଉଠେ ତା ସେ ଅତି ଅନିଚ୍ଛା ଓ ବିରକ୍ତି ସହ କରେ । ଯେତେବେଳେ ସେ ମାସିକୁ ପଛରୁ ଦେଖେ, ସେତେବେଳେ ତା ଆଖିକୁ ଦେଖାଯାଏ, ମାସିର ସେଇ ପତଳା, କାନ୍ଧବଙ୍କା, ରୋଗିଣା ତେରବର୍ଷର ପିଲାଟିଏ ପରି ଚେହେରା କଥା ଭାବି ସେ ତାକୁ ଭୀଷଣ ଘୃଣା କରେ । ତାର ସେତେବେଳେ ଇଚ୍ଛା ହୁଏ, ଏଇ ଲୋକଟାର ଅସ୍ତିତ୍ୱ ନ ଥାନ୍ତା କି ! କିନ୍ତୁ ମେଗ୍ଗି ମନର ଗଭୀର ନ୍ୟାୟ ବୋଧ ନିକଟରେ ଲୁଇସା ଶାନ୍ତ ନମ୍ର ହୋଇଉଠେ ।

ସେମାନେ ଡ୍ରୁଗ୍ରଣ୍ଟର ଘରକୁ ଡ୍ରୁଗ୍ରଣ୍ଟରକୁ ଦେଖିବାକୁ ଯାଉଥିଲେ । ଡ୍ରୁଗ୍ରଣ୍ଟ ପକ୍ଷାଘାତ ରୋଗ ଭୋଗି ମୃତ୍ୟୁ ଶଯ୍ୟାରେ ପଡ଼ିଥାଏ । କିନ୍ତୁ ଲୁଇସା ଯେତେବେଳେ ମାସି ସାଙ୍ଗରେ ତାଙ୍କ ଘରକୁ ଯାଏ ସେତେବେଳେ, ଏଇ ମେଢ଼ଙ୍ଗା ଛୋଟିଆ ଲୋକଟା ସାଙ୍ଗରେ ଯିବାକୁ ତାକୁ ଭାରି ଲାଜ ଲାଗେ ।

ଡ୍ରୁଗ୍ରଣ୍ଟର ସ୍ତ୍ରୀ ସେମାନଙ୍କ ବିଷୟରେ ଯାହା ବା କୁହନ୍ତା ନିଜର ସ୍ୱାମୀର ଅବସ୍ଥା କଥା ଭାବି ସେ ଚୁପ୍ ରହେ । ଲୁଇସା ପଚାରିଲା "ଡ୍ରୁଗ୍ରଣ୍ଟ କେମିତି ଅଛନ୍ତି ?"

ତା ସ୍ତ୍ରୀ କହିଲା "ସେମିତି ଆଗପରି, କିଛି ପରିବର୍ତ୍ତନ ନାହିଁ—କିଛି ହବ ବୋଲି ମୁଁ ଭାବୁନି ।"

କ୍ଷୁଦ୍ର ପୁରୋହିତଟି କିନ୍ତୁ ଚୁପ୍ ଚାପ୍ ଠିଆ ହୋଇ ରହିଥିଲା ।

ତାପରେ ସେମାନେ ଉପରମହଲାକୁ ଗଲେ । ତିନିଜଣ ଯାକ ଡ୍ରୁଗ୍ରଣ୍ଟର ରୋଗିଣା, ଦୁର୍ବଳ ଦେହଟାକୁ କିଛି ସମୟ ଅନାଇ ଦେଖିଲେ । ଡ୍ରୁଗ୍ରଣ୍ଟର ମୁଣ୍ଡରେ ପାଚିଲା ରୁକ୍ଷ ବାଳ । ସେ ତକିଆ ଉପରେ ମୁଣ୍ଡ ଦେଇ ଶୋଇଛି । ତାର ପାଚିଲା ଦାଢ଼ି ତକିଆ ଉପରେ ଖେଳେଇ ହୋଇ ପଡ଼ିଛି । ଡ୍ରୁଗ୍ରଣ୍ଟକୁ ଦେଖି ଲୁଇସାକୁ ଭାରି ଡର ଲାଗିଲା । ସେ ଭୟରେ ଥରି ଉଠି କହିଲା ।"

"ବାବା, କି ଭୟଙ୍କର ।"

କିନ୍ତୁ ଡ୍ରୁଗ୍ରଣ୍ଟର ସ୍ତ୍ରୀ କହିଲା "ମୁଁ ଠିକ୍ ଜାଣିଥିଲି ଏମିତି ହେବ ବୋଲି । ଲୁଇସା ଏ କଥାରେ ଡରିଗଲା । ସ୍ତ୍ରୀ ଲୋକ ଦୁଇଜଣଯାକ ମନେ ମନେ ବଡ଼ ଅସ୍ୱସ୍ତି

Digitized by srujanika@gmail.com

ବୋଧକରେ ଓ ମାସିକୁ କିଛି କହିବା ପାଇଁ ଅପେକ୍ଷାକରି ରହିଲେ । କିନ୍ତୁ ମାସି କିଛି କହିଲା ନାହିଁ, ସେ ସେମିତି ଛୋଟ କୁଜା ହୋଇ ବିବ୍ରତ ଭାବରେ ଛିଡ଼ା ହୋଇ ରହିଲା । "ସେ କଥାବାର୍ତ୍ତା ବୁଝି ପାରୁଛନ୍ତି ତ ?" ଶେଷକୁ ପଚାରିଲା ।

ତା ସ୍ତ୍ରୀ କହିଲା, "କେଜାଣି, ଏଇ ଜନ୍, ଶୁଣୁଛ, ଶୁଣୁଛ ତୁମକୁ !" ସେ ପାଟିକରି ଡ୍ରୁଏଣ୍ଟକୁ ଡାକିଲା ।

ଡ୍ରୁଏଣ୍ଟ ତାର ଦୁର୍ବଳ, ନିଷ୍ପ୍ରଭ ଓ ନିର୍ଜୀବ ଆଖିପତାକୁ ସାମାନ୍ୟ ମେଲଇ ତା ସ୍ତ୍ରୀ ଆଡ଼କୁ ଚାହିଁଲା ।

ତା ସ୍ତ୍ରୀ ମାସିକୁ କହିଲା, ହଁ ସେ ବୁଝୁଛନ୍ତି ।"

କିନ୍ତୁ ତା ଆଖିର ସେଇ ଆଲୋକହୀନ, ନିଷ୍ପ୍ରଭ, କ୍ଷୀଣ ଚାହାଣୀ ଛଡ଼ା ଡ୍ରୁଏଣ୍ଟର ଜଡ଼ ଦେହରେ ଜୀବନର ସଙ୍କେତ ଆଉ କିଛି ନ ଥିଲା । ତା ଦେହର ସବୁଆଡ଼ୁ ଜୀବନ ଯେମିତି ଶେଷ ହୋଇ ଆସିଲଣି ।

ଲୁଇସା, ମାସି ଓ ଡ୍ରୁଏଣ୍ଟର ସ୍ତ୍ରୀ ତିନିଜଣଯାକ ଚୁପ୍‌ଚାପ୍ ନୀରବରେ ଠିଆ ହୋଇ ରହିଲେ । ଲୁଇସାକୁ ଭଲଲାଗୁ ନ ଥାଏ, ପରିସ୍ଥିତିର ଚାପରେ ବାଧ୍ୟହୋଇ ସେ ଏହି ଜୀବନ ହୀନତାକୁ ସହ୍ୟ କରୁଥାଏ । କେବଳ ମାସିର ଉପସ୍ଥିତି ତାକୁ ଏକ ପ୍ରକାର ଶୃଙ୍ଖଳାର ଘେର ଭିତରେ ଧରି ରଖିଥିଲା ଓ ମାସିର ଅମାନୁଷିକ ଇଚ୍ଛା ଶକ୍ତି,ସେମାନଙ୍କୁ ପ୍ରଭାବିତ କରୁଥିଲା ।

ହଠାତ୍ ସେମାନେ ତଳଘରୁ ଗୋଟାଏ ଶବ୍ଦ ଶୁଣିବାକୁ ପାଇଲେ ଏବଂ ପରେ ସେମାନେ ଶୁଣିଲେ କିଏ ଜଣେ ପାଟି କରି କହୁଛି ।

"ମା ତୁ ଉପରେ ଅଛୁ କି ?"

ଡ୍ରୁଏଣ୍ଟର ସ୍ତ୍ରୀ ଟିକିଏ ଘୁଞ୍ଚିଯାଇ କବାଟ ପାଖରେ ତଳକୁ ଅନେଇଲା । ସେତେବେଳକୁ କେହି ଜଣେ ତର ତର ହୋଇ ଦଉଡ଼ି ଦଉଡ଼ି ପାହାଚ ଉପରେ ପହଞ୍ଚିଲା । ସେ ପାହାଚ ଉପରୁ କହି କହି ଆସିଲା,

"ମା, ମୁଁ ଟିକେ ଶୀଘ୍ର ଆସିଗଲି" ତା କଥାରେ ଉଦ୍‌ବେଗତା, ତା ମା ଉହୁଁକି ପଡ଼ି ତା ସାନପୁଅକୁ ନାବିକ ପୋଷାକ ପିନ୍ଧି ଆସିବାର ଦେଖିଲା । ପୁଅକୁ ଦେଖି ମା ଖୁସିରେ ତାକୁ କୁଣ୍ଢେଇ ପକାଇଲା । ହଠାତ୍ ମାର ମନେହେଲା ସେ ଯେମିତି ଗୋଟାଏ ଆଶ୍ରା ଖୋଜୁଥିଲା ଓ ସେ ଅଶ୍ରାଟି ହଠାତ୍ ଆସି ତା ପାଖରେ ପହଞ୍ଚିଛି । ଆଲଫ୍ରେଡ୍ ମା କୁ କୁଣ୍ଢେଇ ପକାଇ ଗେହ୍ଲାକଲା । ସେ ତାର ଭୟ ସଙ୍କୁଚିତ ସ୍ୱରକୁ ଯଥାସମ୍ଭବ ସହଜ କରି ପଚାରିଲା ।

Digitized by srujanika@gmail.com

"ମା, ସେ ଅଛନ୍ତି ତ"

ଲୁଇସା, ମା ଓ ପୁଅ ଦୁହିଁଙ୍କ ଆଡ଼କୁ ନ ଅନେଇ ମୁହଁ ବୁଲେଇ ଠିଆ ହେଲା। ତାକୁ ମାସି ସାଙ୍ଗରେ ଆସି ସେପରି ଭାବରେ ଓ୍ଵାର୍ଣ୍ଣ ଘରେ ରହିବାକୁ ଭଲ ଲାଗୁ ନ ଥିଲା । ମା ପୁଅଙ୍କର ସେଇ ଭଲପାଇବା ଆଗରେ ମାସି ବି ବଡ଼ ବିବ୍ରତ ହୋଇ ପଡ଼ିଥିଲ ।

ଓ୍ଵାର୍ଣ୍ଣରର ସ୍ତ୍ରୀ କାନ୍ଦ କାନ୍ଦ ମୁହଁରେ ଶୋଇବା ଘରକୁ ଆସିଲା । ସେ ମାସି ଓ ଲୁଇସାଙ୍କୁ ଆଲଫ୍ରେଡକୁ ଦେଖେଇ ଅତଲ ଗଳାରେ କହିଲା "ମିସ୍ ଲୁଇସା ଓ ଫ୍ଲୋରେନ୍ସ ।"

ଅଲଫ୍ରେଡ଼ର ମୁହଁର ରଂଗ ନାଲି ଓ ସେ ଦେଖିବାକୁ ଲମ୍ବାଳିଆ । ସେ ସ୍ୟାଲୁଟ ଜଣାଇବାକୁ ହାତ ଟେକିଲା । କିନ୍ତୁ ଲୁଇସା ହାତ ବଢେଇ ଦେଲା । ସେତେବେଳେ ତାର ମନେହେଲା ଯେପରି ଆଲଫ୍ରେଡ଼ର ପିଙ୍ଗଳ ଚକ୍ଷୁ ତାକୁ ମୁହୂର୍ତ୍ତକ ପାଇଁ ଚିହ୍ନିପାରିଲା ଓ ତାର ଛୋଟ ଧଳାଦାନ୍ତ ଚହଲା ଭଙ୍ଗୀରେ ହସି ଉଠିଲା—ଯୋଉ ହସ ଆଗେ ତାକୁ ଏତେ ଭଲ ଲାଗୁଥିଲା । ଲୁଇସା ବିଚଳିତ ହୋଇ ଉଠିଲା । ଆଲଫ୍ରେଡ଼ ତା ବାପାର ଖଟପାଖକୁ ଗଲା । ଅଲଫ୍ରେଡ଼ର ଗୋଡ଼ର ଯୋତା ଘରର ଚଟାଣ ଉପରେ ଖଟ ଖଟ ଶବ୍ଦ କରୁଥିଲା । ବାପାଙ୍କୁ ସସମ୍ମାନ ପ୍ରଣାମ ଜଣାଇ ସେ ପଚାରିଲା ।

"ବାପା କେମିତି ଅଛ ?" ସେ ତା ବାପା ଦେହ ଉପରେ ହାତ ରଖିଲା । କିନ୍ତୁ ବୁଢ଼ାର ଆଖି ସ୍ଥିର ନିଷ୍ପଳକ ଭାବରେ ନ ଦେଖିଲା ପରି ରହିଲା । ପୁଅ ସମ୍ପୂର୍ଣ୍ଣ ସ୍ଥିର ହୋଇ କିଛି ସମୟ ଛିଡ଼ା ହେଲା, ତାପରେ ଧିରେ ଧିରେ ଫେରି ଆସିଲା । ତାର ଛାତି ଉଠପଡ଼ ହେଉଥିଲା ଓ ନାବିକର ନୀଳ ପୋଷାକଭିତରୁ ତାର ସ୍ୱାସ୍ଥ୍ୟପୁଷ୍ଟ ଛାତିର ରେଖା ଲୁଇସାର ଆଖିରେ ପଡ଼ିଲା ।

ସେ ତା ମା ଆଡ଼କୁ ଅନେଇ କହିଲା, "ମା ସେ ତ ମୋତେ ଚିହ୍ନିପାରୁ ନାହାନ୍ତି ।" ତା ମୁହଁ କେମିତିକା ଶେତା ପଡ଼ିଗଲା ଏ କଥା କହି ।

"ନାଁରେ ପୁଅ, ସେ ଆଉ ଚିହ୍ନିପାରୁନାହାନ୍ତି କାହାକୁ," କହି ତା ମା କରୁଣ କରୁଣ ହୋଇ ବିକଳ ଭାବରେ କାନ୍ଦି ପକାଇଲା । କାନ୍ଦୁ କାନ୍ଦୁ, ଝୁଙ୍କି ପଡ଼ି ପୁଅକୁ କୁଣ୍ଢେଇ ଧରି ସେ ପୁଅର କାନ୍ଧ ଉପରକୁ ଢଳି ପଡ଼ିଲା । ଲୁଇସା ଦେଖିଲା ଅଲଫ୍ରେଡର ଦେହ ଜୋର୍‌ରେ ହଲୁଛି ଆଉ ତାର ନିଶ୍ୱାସ ଦ ସାଁ ସାଁ ହୋଇ ଜୋରରେ ପଡ଼ୁଛି । ଏ ଦୃଶ୍ୟ ଦେଖି ସେ ମୁହଁ ବୁଲାଇ କାନ୍ଦି ପକାଇଲା । ଆଲଫ୍ରେଡର ବାପାର ଦେହ ମୃତବତ୍ ପଡ଼ିଥାଏ ଖଟ ଉପରେ । ଆଲଫ୍ରେଡ଼ର ନାବିକ ଚେହେରା ଆଉ ତାର

Digitized by srujanika@gmail.com

ଝରା-ଝିଆ ନାଲି ଦେହ ପାଖରେ ମାସି କେମିତିକା ଦେଖାଯାଉଥିଲା ଜହ୍ନାତ ଅଦ୍ଭୁତ ଓ ଜଷ୍ଟୃଭ ।

ସେ ଟ୍ରୁପ୍ ଅପେକ୍ଷା କଲାପରି ଛୁଡ଼ା ହୋଇଥିଲା । ଲୁଇସାର ଇଚ୍ଛା ହେଲା ସେ ମରିଯାଆନ୍ତା—ମରିଯିବା ଉଚିତ୍ ଥିଲା ତାର । ବୁଲଗୁଣ୍ଡିବା ପାଇଁ ତାର ଅତ ସାହାସ ନ ଥିଲା ।

କିଛି ସମୟପରେ ମାସି ଦୁର୍ବଳ ସ୍ୱରରେ ପଚାରିଲେ "ପ୍ରାର୍ଥନା କରିବା କି ?" ସମସ୍ତେ ପ୍ରାର୍ଥନା କରିବାପାଇଁ ଆଣ୍ଠେଇ ବସିଲେ ।

ବିଛଣା ଉପରେ ସ୍ଥିର ହୋଇ ରହିଥିବା ଲୋକଟିକୁ ଦେଖିବାକୁ ଲୁଇସାକୁ ଭୟ ଲାଗୁଥିଲା । ମାସିର ସରୁ କଷ୍ଟୁଆ ଗଳା ଶୁଣି ଲୁଇସା ମନ ଭିତରେ ଭୟର ଆନ୍ଦୋଳନ ବୃଦ୍ଧି ପାଇଲା । କିନ୍ତୁ ସେ ନିଜକୁ ସମ୍ଭାଳି ନେଇ, ମୁହଁ ଟେକି ଉପରକୁ ଚାହିଁଲା । ଡ୍ରେଣ୍ଣର ଖଟର ଗୋଟାଏ ପାଖରେ ବସି ରହିଥାନ୍ତି ମା ଓ ପୁଅ । ମା ମୁଣ୍ଡରେ କଳାଫିତା ବନ୍ଧାହୋଇଥିବା ଟୋପି ଓ ତା ତଳେ ଛୋଟ ଧଳା ବେକର ଖୋଲା ଅଂଶ ଟିକିଏ ପଦାକୁ ଦେଖାଯାଉଥାଏ । ପୁଅର ତମ୍ବାଟିଆ, ଝରା-ଝିଆ ବାଳସବୁ ବେକ୍ ପାଖା ପାଖି, ତା'ପରେ ହରୁ ହରୁ ଯାହାକି କୁଣ୍ଢେଇବା ସହଜ ନୁହେଁ । ସେ ଟାଣେ ବେକ ଅନିଚ୍ଛାରେ ନୁଆଁଇ ବସିଥାଏ । ବୁଢ଼ା ଲମ୍ବା ପାଚିଲା ଦାଢ଼ିରେ ଟିକିଏ ବି ହଲଚଲ ହେଉ ନ ଥାଏ । ସମସ୍ତେ ପ୍ରାର୍ଥନାରେ ବସିଥାନ୍ତି । ମାସି ସୁସ୍ୱରରେ ସେହି ପରମ ଇଚ୍ଛାକୁ ମାନି ନେବା ପାଇଁ ପ୍ରାର୍ଥନା କରୁଥାଏ । ଏ ଯେପରି ଗୋଟାଏ ଶକ୍ତି ଯାହାର କର୍ତ୍ତୃତ୍ୱ ସେହି ଅବନତ ମଥାମାନେ ମାନି ନେଇଥିଲେ ବା ଏକ କଠୋର ନୀତି ପ୍ରଥା ଯାହା ଅଲଂଘନୀୟ ଭାବରେ ଅନ୍ୟମାନଙ୍କୁ ଶାସନ କରି ପାରୁଥିଲା । ମାସି ପ୍ରତି ଲୁଇସାର ଭୟ ଆସିଯାଇଥିଲା, ଓ ପ୍ରାର୍ଥନା କରୁ କରୁ ଯେପରି ବାଧ୍ୟ ହୋଇ ତା ପ୍ରତି ଲୁଇସାର ଶ୍ରଦ୍ଧା ଆସିଲା । ଏ ସତେ ଯେପରି ଏକ ଅଲଂଘନୀୟ, ଶୀତଳ ମୃତ୍ୟୁ ବା ଏକ ବିଶୃଙ୍ଖ ନ୍ୟାୟର ପୂର୍ବସ୍ୱାଦ ।

ସେଦିନ ସନ୍ଧ୍ୟାବେଳେ ଲୁଇସା, ମେଟକୁ, ଡ୍ରେଣ୍ଟ ଘରକୁ ଯିବା କଥା କହିଲା । ଲୁଇସାର ହୃଦୟ ଓ ଦେହରେ ଲାଖି ରହିଥାଏ ଅଲଫ୍ରେଡ଼ ଓ ତା ମାର ସ୍ନେହ, ବନ୍ଧନର ସେଇ ଦୃଶ୍ୟ । ଅଲଫ୍ରେଡର ଭଙ୍ଗା ସ୍ୱରରେ ସେତେବେଳର କଥା କହିବାର ଢଙ୍ଗ ଥରକୁ ଥର ତାର ମନେପଡ଼ି ନିଆଁ ପରି ; ତା ଦେହରେ ଲାଗିଯାଉଥାଏ । ମନେ ମନେ ଅଲଫ୍ରେଡର ସେଇ ସୁନ୍ଦର ମୁହଁଟାକୁ ଆଉଥରେ ସ୍ପଷ୍ଟ ଭାବରେ ଦେଖିବାପାଇଁ ତାର ଇଚ୍ଛା ହେଉଥିଲା । ଅଲଫ୍ରେଡ଼ର ଝରା-ଝିଆ ଉଜ୍ଜ୍ୱଳ ମୁହଁ, ତାର ହଳଦିଆ, ଇଷତ୍ ନାଲି ରଂଗର ଅଖି ଦୟାଳୁ ଓ ବେଖାତିରିଆ, ଯାହାକି ସ୍ୱାଭାବିକ ଭୟରେ

Digitized by srujanika@gmail.com

ମଳିନ ଦିଶୁଥିଲା; ତାର ସୁନ୍ଦର ଖରା ତେଜରେ ସିଝି ନାଲି ପଡ଼ିଥିବା ନାକ, ଏବଂ ଲୁଇସାକୁ ଦେଖି ଖୁସିରେ ହସୁଥିବା ମୁହଁ ଏସବୁ ଗୁଡ଼ିକାକୁ ତାକୁ ଭଲ ଲାଗୁଥିଲା— ସେହି ଦେହ, ଏକ ସୁନ୍ଦର ଶକ୍ତିଶାଳୀ ଜୀବନର ଉତ୍ସ ।

ସେ ମେରିକୁ କହିଲା, " ସେ ପିଲାଟା ସୁନ୍ଦର ଦେଖିବାକୁ ।"

ସେ ଏମିତି କହିଲା ସତେ ଯେପରି ଆଲଫ୍ରେଡ ତା ଠାରୁ ବୟସରେ ବଡ଼ ନୁହେଁ । ଏ କଥା କହିଲାବେଳେ ମାସିର ଅମାନୁଷିକ ବ୍ୟକ୍ତିତ୍ୱ ପ୍ରତି ତା ମନର ଗଭୀରରେ ଏକ ଭୟ, ହୁଏତ ଘୃଣା ବି ଭରି ରହିଥିଲା । ତାର ମନେହେଲା ସେ ନିଜକୁ ଓ ଆଲଫ୍ରେଡକୁ ମାସିଠାରୁ ଦୂରେଇ ରଖିବା ଉଚିତ୍ । ମେରିକୁ ସେ କହିଲା "ବୁଝିଲୁ ସେତେବେଳେ ମାସିକୁ ସେଠି ଦେଖି ମୋ ମନ ଘୃଣାରେ ପୂରିଗଲା । ସେଠାକୁ ଯିବାକୁ ତାର କି ଅଧିକାର ଅଛି ?"

ଟିକିଏ ରହି ମେରି କହିଲା, "କାହିଁକି, ତାର ତ ସମ୍ପୂର୍ଣ୍ଣ ଅଧିକାର ଅଛି ଯିବାକୁ । ସେ ଜଣେ ସଚ୍ଚୋଟ ଖ୍ରୀଷ୍ଟିୟାନ୍ ।"

"ହିଁ, ମୋ ମତରେ ସେ ଏକ ମୂଢ଼ ମୂର୍ଖ ।"

ଲୁଇସା କଥା ଶୁଣି ମେରି ଟିକିଏ ଚୁପ୍ କରିଗଲା । ତାର ପ୍ରକୃତି ଶାନ୍ତ ଓ ମଧୁର , ତାପରେ କହିଲା, "ନାଁ, ସେ ମୂର୍ଖ ନୁହେଁ ।"

"ତା ହେଲେ ମୋର ତ ମନେ ହୁଏ ସେ ଗୋଟାଏ ଛ ମାସର ଛୁଆ, ନହେଲେ ପାଞ୍ଚମାସର ଛୁଆ, ନଚେତ ଏମିତି ସେ ଜନ୍ମ ହେବା ପୂର୍ବରୁ ଠିକ୍ ଠିକ୍ ବଢ଼ିବାକୁ ସମୟ ପାଇନି," ଲୁଇସା ଜବାବ ଦେଲା ।

ମେରି ଧୀରେ ଧୀରେ କହିଲା, "ହଁ, ବୋଧେ ସେ ବିଷୟରେ ତାର କିଛି ଅଭାବ ରହିଛି । କିନ୍ତୁ ତା ଭିତରେ ଅଦ୍ଭୁତ ଭଲଗୁଣ ସବୁ ରହିଛି । ପ୍ରକୃତରେ ସେ ବେଶ୍ ଭଲ— ।"

ଲୁଇସା କହିଲା, "ହିଁ, ସେ ଭଲ ହେବାର କଣ ଦରକାର ଅଛି ? ଆଜି ବି ତା ଗୁଣକୁ ଭଲ ବୋଲି ବି କହିବାର କି ଦରକାର ?" "କିନ୍ତୁ ଏଇଟାହିଁ ତାର ମଣିଷପଣିଆ" ମେରି ଜୋର ଦେଇ କହିଲା, ଟିକିଏ ରହି ମେରି ହସି ଉଠିଲା ଓ ପୁଣି କହିଲା, "ଏକଥା ବି ତୁ ମନା କରିବୁ ।"

ତା କଥାରେ ଦୃଢ଼ତା ଥିଲା । ଆଉ ବେଶୀ କିଛି ନ କହି ସେ ଚୁପ୍ ହୋଇ ଉଠି ଚାଲିଗଲା । ତା ନିଜ ମନ ଭିତରେ ଯେଉଁ ସବୁ ପରିବର୍ତ୍ତନ ହେବାକୁ ଯାଉଛି ତା ସେ ଭଲକରି ବୁଝିଥିଲା । ସେ ଜାଣିଥିଲା ଯେ ମାସିର ବ୍ୟକ୍ତିତ୍ୱ ତା ଠାରୁ ବହୁ

Digitized by srujanika@gmail.com

ଉଚ୍ଚରେ, ଏବଂ ସେଇ ବ୍ୟକ୍ତିଙ୍କ ପାଖରେ ସେ ନିଜକୁ ସମର୍ପଣ କରିବ । ସେ ଦେଖିବାକୁ ସୁନ୍ଦରୀ, ତାର ସୁନ୍ଦର ଦେହଟା ମାସିର ଅସୁନ୍ଦର ଶରୀରଠାରୁ ଶକ୍ତିଶାଳୀ ଓ ସେଥିପାଇଁ ସେ ଗର୍ବ ଅନୁଭବ କରୁଥିଲା । ତା ଦେହର ସୌନ୍ଦର୍ଯ୍ୟ ମାସିକୁ ଘୃଣା କରେ ଓ ଦୂରେଇ ଦିଏ, କିନ୍ତୁ ମାସିର ମାନସିକ ଓ ନୈତିକ ସତ୍ତାରେ ସେ ନିଜେ ବନ୍ଦିନୀ । ସେ ଅନୁଭବ କରୁଥିଲା କ୍ରମଶଃ ତାର ଦିନଗୁଡ଼ିକ ସେ ଚରମ ମୁହୂର୍ତ୍ତ ଆଡ଼କୁ ଆଗେଇ ଯାଉଛି ଓ ତା ପରିବାରର ଲୋକମାନେ ନୀରବରେ ଅପେକ୍ଷା କରୁଛନ୍ତି ।

—୪—

ଏହାର ଅଳ୍ପ କିଛିଦିନପରେ ବୁଢ଼ା ଓ୍ୱାର୍ଣ୍ଣରର ମୃତ୍ୟୁ ହେଲା । ଲୁଇସାର ଆଲଫ୍ରେଡ଼ ସହିତ ଆଉ ଥରେ ଦେଖାହେଲା । କିନ୍ତୁ ଆଲଫ୍ରେଡ଼, ଲୁଇସାଠାରୁ ନିଜକୁ ଦୂରେଇ ରଖିଲା । ଯେମିତି ଲୁଇସା ତା ଆଖିରେ ଜଣେ ମଣିଷ ନୁହେଁ, ଆଦେଶ ପ୍ରଦାନକାରୀ ଏକ ଇଚ୍ଛା ଶକ୍ତି । ଆଜି ସେ ନିଜେ ଯେମିତି ଏକ ବିଚ୍ଛିନ୍ନ, ସ୍ୱତନ୍ତ୍ର ଇଚ୍ଛାଶକ୍ତି । ତାର ସାମନାରେ ତା'ର ଆଦେଶକୁ ଅପେକ୍ଷା କରି ରହିଛି । ଲୁଇସା ପୂର୍ବରୁ କାହା ସହିତ ଏପରି ବିଚ୍ଛିନ୍ନତା ଅନୁଭବ କରିନଥିଲା । ଏଇ ବିଚ୍ଛିନ୍ନତା ଯେପରି ଦୁହିଁଙ୍କ ମଝିରେ ରଖାଯାଇଥିବା ଏକ ଲୁହାର ଚଦର । ଏଇ ଅନୁଭୂତି ତାକୁ ବିଚଳିତ ଓ ଉଦ୍‌ଘାତିତ କରୁଥିଲା । ପ୍ରକୃତରେ ଆଲଫ୍ରେଡ଼ର କଣ ହେଲା ? ଆଲଫ୍ରେଡ଼ର ନିଷ୍ଠାର ଶୃଙ୍ଖଳାକୁ ସେ ଘୃଣା କରୁଥିଲା, ଏଇ ସବୁ ଆଦବ କାଇଦାର ସେ ବିରୋଧୀ ଥିଲା । ଏବେ ଆଲଫ୍ରେଡ ଯାହା ଥିଲା ସେଇଆ ନାହିଁ । ଏବେ ତାର ନିଜର ଇଚ୍ଛା ବା ଅଭିଳାଷ ସବୁ ନିଷ୍ଠାର ତାଲିମପ୍ରାପ୍ତ ଇଚ୍ଛା ଶକ୍ତିଦ୍ୱାରା ପରିଚାଳିତ । ଲୁଇସା ଏହାକୁ ସହଜରେ ଗ୍ରହଣ କରି ପାରୁ ନ ଥିଲା, ତାକୁ ଓ ଗ୍ରହଣ କରିବାକୁ ତା ମନ ଦ୍ୱିଧାଗ୍ରସ୍ତ ହେଉଥିଲା । ଆଲଫ୍ରେଡ କିନ୍ତୁ ଏହାଦ୍ୱାରା ନିଜକୁ ଲୁଇସାର ପ୍ରଭାବରୁ ମୁକ୍ତ କରି ନେଉଥିଲା । ସେ ନିଜକୁ ମନେକରୁଥିଲା ଲୁଇସା ପାଖରେ ଅତି କ୍ଷୁଦ୍ର ଓ ଗୌଣ, ଏମିତି ସେ ଲୁଇସାଠାରୁ ଦୂରେଇ ଯାଉଥିଲା ଓ ଲୁଇସା ସହିତ ସବୁପ୍ରକାର ସମ୍ପର୍କକୁ ମଧ୍ୟ ସେ ଦୂରେଇ ଦେଉଥିଲା । ଲୁଇସାକୁ ତାର ବିପରୀତ, ନିରପେକ୍ଷ ଢଙ୍ଗରୁ ସାମନା କରି ଏବଂ ନିଜକୁ ଲୁଇସା ଆଗରେ ଏକ ସାଧାରଣ ନିମ୍ନତର ସ୍ତରକୁ ଖସାଇ ଦେଇ ସେ ଚାହୁଁଥିଲା ଦୁହିଁଙ୍କର ବ୍ୟବଧାନ ବଢ଼େଇବାକୁ ।

ଲୁଇସା କିନ୍ତୁ ଭାବୁଥିଲା ବହୁତ କିଛି, ସ୍ଥିର ଭାବରେ କିନ୍ତୁ ବିଷର୍ଣ୍ଣ, ବିରକ୍ତ ହୋଇ ସେ ବାରମ୍ବାର ଭାବୁଥିଲା । ତାର ଅବୁଝା କ୍ରୁଦ୍ଧମନ ଏ ପରାଜୟ ମାନିନେବା

Digitized by srujanika@gmail.com

ପାଇଁ ରାଜି ନ ଥିଲା । ନିଜ ଦାବୀକୁ ସେ ଜାବୁଡ଼ି କରି ଧରି ରଖିଥିଲା । ବେଳେ ବେଳେ ତାର ମନ ଚାହୁଁଥିଲା ଅଲଫ୍ରେଡଠାରୁ ଦୂରେଇ ଯିବାକୁ । ଯିଏ ତା ଠାରୁ ଶ୍ରେଷ୍ଠ ବା ନିକୃଷ୍ଟ ସେ କାହିଁକି ତାକୁ ବିଚଳିତ କରିବ ? କିନ୍ତୁ ଯେତେ ଚେଷ୍ଟା କଲେ ବି ବାରମ୍ବାର ସେ ଆଲଫ୍ରେଡ଼ କଥା ହିଁ ଭାବୁଥିଲା ଓ ପ୍ରତିଥର ତାର ମନେ ହେଉଥିଲା ଯେମିତି ସେ ତାକୁ ଘୃଣା କରେ । ଲୁଇସା ଭାବୁଥିଲା ଅଲଫ୍ରେଡ଼ ଯେପରି ଭାବରେ ତାଠାରୁ ନିଜକୁ ଦୂରେଇ ନେଉଛି ସେ ନିଶ୍ଚୟ ଭୀରୁ ଓ କାପୁରୁଷ । ଲୁଇସାଠାରୁ ଶ୍ରେଷ୍ଠ କରି ଏବଂ ଲୁଇସାକୁ ଏକ ଉଚ୍ଚ ସ୍ଥାନ ଉପରେ ବସାଇ ଆଲଫ୍ରେଡ଼ ଦୁହିଁଙ୍କ ମଧ୍ୟରେ ଥିବା ବ୍ୟବଧାନକୁ ବୃଦ୍ଧି କରୁଥିଲା । ଅଲଫ୍ରେଡ ଆଗରେ ଲୁଇସା ପରି ଜଣେ ଅନୁଭବକ୍ଷମ ଝିଅର, ଯେ କି ଅଲଫ୍ରେଡ଼କୁ ପ୍ରେମ ଓ ଶ୍ରଦ୍ଧା କରେ, ତାର ଯେମିତି କିଛି ମୂଲ୍ୟ ନାହିଁ । କିନ୍ତୁ ଏଥିପାଇଁ ଲୁଇସା ହାର ମାନିବାକୁ ରାଜି ନ ଥିଲା । ଏକ ପ୍ରଚଣ୍ଡ ଜିଦ୍‌ରେ ସେ ନିଜକୁ ଅଲଫ୍ରେଡ ସହିତ ସମ୍ପୃକ୍ତ କରି ରଖିଲା ।

— ୬ —

ପ୍ରାୟ ଛମାସ ଭିତରେ ମାସି ସହିତ ମେଗିର ବାହାଘର ହୋଇଗଲା, ସେମାନଙ୍କ ଭିତରେ ଆଗରୁ ଭଲ ପାଇବା ନ ଥିଲା ବା ସେମାନଙ୍କ ଭଲପାଇବା ବିଷୟରେ ମଧ୍ୟ କେହି କେବେ କିଛି ମତ ପ୍ରକାଶ କରି ନ ଥିଲେ । କିନ୍ତୁ କିଛି ଗୋଟାଏ ଘଟିବ ବା ଘଟିବାକୁ ଯାଉଛି ଏଇ ଆଶଙ୍କାରେ ସମସ୍ତେ ଅତ୍ୟଧିକ ବ୍ୟଗ୍ର ରହିଥିଲେ । ସମସ୍ତ ଏମିତି ନିରୋଳସ ଭାବରେ କଟିଯାଉଥିବା ବେଳେ ଦିନେ ମାସି, ମେଗିକୁ ତା ସହିତ ବିବାହ ଦେବାପାଇଁ, କଣ୍ଡେଲେଙ୍କୁ ପଚାରିଲା । ଏଇ ଶ୍ରେଷ୍ଠ ମଣିଷଟାର ସବୁ ନିଲିପ୍ତ ସ୍ୱର ଶୁଣି ଯେମିତି କଣ୍ଡେଲେଙ୍କ ଛାତି ଭିତରଟା ଥରି ଉଠିଲା । ମାସି ପୁଣି ଏ କଥା କହି ବଡ଼ ବିବ୍ରତ ବୋଧ କରୁଥିଲା । କିନ୍ତୁ ଅଦ୍ଭୁତ ଭାବରେ ସେ ନିଜ ଭିତରେ ସମ୍ପୂର୍ଣ୍ଣ ସ୍ଥିର ନିଶ୍ଚିତ ରହିଥିଲା ।

ପୁରୋହିତ କହିଲେ "ଏ ତ ଅତି ଖୁସିର କଥା, ମୁଁ ଭାରି ଖୁସି ହେବ, କିନ୍ତୁ ମେଗିର ମତାମତ ଉପରେ ବିବାହ ନିଷ୍ପତ୍ତି ନିର୍ଭର କରେ ।" କଥା କହୁ କହୁ ସେ ଟେବୁଲ ଉପରେ ଥିବା ବାଇବେଲକୁ ଘୁଞ୍ଚେଇ ଦେଲେ ଓ ସାଙ୍ଗେ ସାଙ୍ଗେ ତାଙ୍କର ସ୍ଥିର ଦୁର୍ବଳ ହାତ ଥରି ଉଠିଲା ।

ଷଣ୍ଡ ଲୋକଟି ନିଜ ନିଷ୍ପତ୍ତିରେ ଦୃଢ଼ ରହି, ମେଗିକୁ ଖୋଜିବାକୁ ତରତର ହୋଇ ବାହାରିଗଲା । କିନ୍ତୁ ମେଗିକୁ ସାହାସ କରି କିଛି କହିବା ଆଗରୁ ସେ ଅନେକ

Digitized by srujanika@gmail.com

ସମସ୍ତ ତା ପାଖରେ ବସି ରହିଲା । ମେଘ କିଛି କିଛି କଥାବାର୍ତ୍ତା କରୁଥାଏ ସତ କିନ୍ତୁ ମାସିର ତା ପାଖକୁ ଆସିବା ଉଦ୍ଦେଶ୍ୟ ସେ ବୁଝି ପାରିଥିଲା ଓ ସେହି ଭୟ ଓ ଆଶଂକାରେ ତା ସାରା ଦେହ କଠିନ ହୋଇ ଯାଇଥିଲା । ତାର ମନେ ହେଉଥାଏ ଯେମିତି ତା ନିଜ ଦେହ ହଠାତ୍ ଝାଙ୍କିଉଠି ମାସିକୁ ଟେକି ଦୂରରେ କଚାଡ଼ି ଦେବ । କିନ୍ତୁ ତାର ଅନ୍ତରାତ୍ମା ଥରି ଉଠି ଅପେକ୍ଷା କରି ରହିଲା—ଆଶା ଓ ଆଗ୍ରହରେ ମେଘ ଅପେକ୍ଷା କଲା, ହିଁ ମୁଁ ଚାହେଁ ପ୍ରାୟ ଏଇ ଇଚ୍ଛାରେ । ତା ପରେ ସେ ଜାଣିଲା ସେ କହୁଛି । ମୁଁ ଲଣ୍ଡ୍ରେଲେଙ୍କୁ ତାଙ୍କର ମତାମତ କଥା ପଚାରିଥିଲି ।" ମାସିର କଥା ଶୁଣି ମେଘ ହଠାତ୍ ଘୃଣାରେ ତାର ଦୁଇ ନଡ଼ନଡ଼ିଆ ସରୁ ଆଣ୍ଠୁକୁ ଚାହିଁଲା । ମାସି ତାର ଅଭାବ କଥା ଜାଣିଥିଲେ ବି ତାର ମନ ଦୃଢ଼ ରହିଥିଲା ।

ମାସିର କଥା ଶୁଣି ମେଘ ଶୀତଳ ଓ ନିର୍ଜୀବ ହୋଇଗଲା, ସତେ ଯେମିତି ପଥର । ମାସି ଅସ୍ଥିର ଓ ବିବ୍ରତ ହୋଇ ଅପେକ୍ଷା କଲା । ସେ ମେଘକୁ ଜୋର କରିବାକୁ ଚାହୁଁ ନ ଥିଲା, କିନ୍ତୁ ନିଜ କାମ କରିବାପାଇଁ ଯଥାସାଧ୍ୟ ଚେଷ୍ଟା କରୁଥିଲା । ସେ ମେଘ ଆଡ଼କୁ ଚାହିଁଲା । ନିଜ ବିଷୟରେ ସେ ସ୍ଥିର ଥିଲା କିନ୍ତୁ ମେଘ ବିଷୟରେ ସେ ନିଶ୍ଚିତ ହୋଇ ପାରୁ ନ ଥିଲା । ସେ ପଚାରିଲା, "ମେଘ, ତମେ ମୋର ସ୍ତ୍ରୀ ହେବାକୁ ରାଜି ତ ?"

କିନ୍ତୁ ମେଘର ମନ ସେତେବେଳେ ଯାଏ ମଧ୍ୟ କଠୋର ଓ ଅନୁରାଗଶୂନ୍ୟ ହୋଇ ରହିଥାଏ । ଅନ୍ଧକାରରେ କିଛି ସମୟ ବସି ରହିଲା, ଓ ତାପରେ କହିଲା, "ମୁଁ ମାଙ୍କ ସାଙ୍ଗରେ ଆଗେ କଥାବାର୍ତ୍ତା କରିବ ।"

"ଠିକ୍ ଅଛି" କହି ମାସି ସାଙ୍ଗେ ସାଙ୍ଗେ ଉଠି ଚାଲିଗଲା । ମେଘ ତା ମା ପାଖକୁ ଗଲା । ତାର ମନୋଭାବ ସଂଯତ ଓ ଉଦାସୀନ । ମା କୁ କହିଲା, "ମା' ମାସି ଚାହୁଁଛି ମୁଁ ତାକୁ ବାହା ହୁଏ ।" ଲଣ୍ଡ୍ରେଲେଙ୍କ ସ୍ତ୍ରୀ ପଢୁଥିବା ବହିକୁ ଚାହିଁରହିଲେ । ତାଙ୍କର ଅନୁଭବ ଯେପରି ସଂକୁଚିତ ହୋଇଗଲା । ସେ ପଚାରିଲେ, "ତୁ ତାକୁ କଣ କହିଲୁ ?" ଦୁହିଁଙ୍କ କଥାବାର୍ତ୍ତାରେ ଶାନ୍ତ ଉଦାସୀନ ଭାବ ।

"ମୁଁ କହିଲି, ତତେ ପଚାରି ଯାହା ହେଲେ କହିବ ।" ଏ ଯେପରି ଗୋଟାଏ ପ୍ରଶ୍ନ ପରି । ମିସେସ୍ ଲଣ୍ଡ୍ରେଲେ ଏ ପ୍ରଶ୍ନର ଉତ୍ତର ଦେବାକୁ ଚାହୁଁ ନ ଥିଲେ । ସେ ନିଜର ଭାରି ଦେହଟାକୁ ଚୌକି ଉପରକୁ ବିରକ୍ତ ହୋଇ ଘୁଞ୍ଚେଇ ବସିଲେ । ମେଘ ଚୁପ୍ ଚାପ୍ ସିଧା ହୋଇ ବସି ରହିଲା ।

କିଛି ସମୟ ପରେ କଥାରେ ଯେପରି କିଛି ଗୁରୁତ୍ୱ ନାହିଁ ସେହିପରି ଭାବରେ ମିସେସ୍ ଲଣ୍ଡ୍ରେଲେ କହିଲେ, "ତୋ ବାପା ଭାବୁଛନ୍ତି ଏ ବାହାଘର ଖୁବ୍ ଖରାପ ହେବନି ।"

Digitized by srujanika@gmail.com

ଆଉ କେହି କିଛି କହିଲେ ନାହିଁ । ପ୍ରତ୍ୟେକ ଚୁପ୍‌ଚାପ୍‌ ନିସ୍ତବ୍ଧ ହୋଇ ରହିଲେ । ମେରୀ ଲୁଇସାକୁ କିଛି କହିଲ ନାହିଁ ଓ ମାନ୍ୟବର ଅର୍ନେଷ୍ଟ ଲଣ୍ଡଲେ ନିଜକୁ ଅନ୍ୟମାନଙ୍କଠାରୁ ଦୂରେଇ ରଖିଲେ । ସେଇଦିନ ସନ୍ଧ୍ୟାବେଳେ ମେରୀ ମାସିର ପ୍ରସ୍ତାବକୁ ଗ୍ରହଣ କରି କହିଲା "ହଁ ମୁଁ ତୁମକୁ ବିଭା ହେବି ।" ତା କଥାରେ ମାସି ପ୍ରତି ଯେପରି ସ୍ନେହଭାବ ରହିଥିଲା । ମାସି କିଛି ବିବ୍ରତ ହେଲେ ବି ଖୁସି ହେଲା । ମେରୀ ଲକ୍ଷ୍ୟକଲା ସତେ ଯେପରି ମାସି ତା ଅଡ଼କୁ ଅଗେଇ ଆସିବାକୁ ଚାହୁଁଛି । ତାର ପୁରୁଷାକାରକୁ ମେରୀ ଅନୁଭବ କରିପାରିଲା । ଯାହା କି ଶୀତଳ କିନ୍ତୁ ବିଜୟଦୃପ୍ତ, ସତେ ଯେପରି ନିଜକୁ ପ୍ରତିଷ୍ଠା କରିବାକୁ ଚାହୁଁଛି । ମେରୀ ନିଶ୍ଚଳ ହୋଇ ଅପେକ୍ଷା କରି ରହିଲା ।

ଲୁଇସା ଯେତେବେଳେ ଏସବୁ କଥା ଜାଣିବାକୁ ପାଇଲା, ଘରର ସମସ୍ତଙ୍କ ପ୍ରତି, ଏପରିକି ମେରୀ ପ୍ରତି ମଧ୍ୟ ତାର ମନ ରାଗ ଓ ବିରକ୍ତିରେ ପୂରି ଉଠିଲା । ତା ବିଶ୍ୱାସରେ ଆଘାତ ଲାଗିଲା । ଯାହା ତା ପାଇଁ ବାସ୍ତବ ଓ ସତ୍ୟ ସେ ସବୁ କ'ଣ ଏତେ ମୂଲ୍ୟହୀନ ? ସେ ବୁଝିଯିବାକୁ ଚାହିଁଲା । ସେ ମାସି କଥାହିଁ ବେଶୀ ଭାବୁଥିଲା । ତାର ଏକ ବିଚିତ୍ର ଶକ୍ତି ଅଛି । ଏକ ବିଚିତ୍ର ଦାବୀ ଯାହାକୁ ସହଜେ ଏଡ଼ି ଦେଇ ହେବନି । ତାର ଇଚ୍ଛା ଶକ୍ତିକୁ ବାଧା ଦେବାର ଶକ୍ତି ବୋଧହୁଏ ସେମାନଙ୍କର ନାହିଁ । ହଠାତ୍‌ ତା ମୁହଁ ଲାଲ ହୋଇ ଉଠିଲା । ମାସି ଯଦି ତା ପାଖକୁ ଆସିଥାନ୍ତା ତେବେ ସେ ତାକୁ ଧକା ମାରି ଘରୁ ବାହାର କରି ଦେଇଥାନ୍ତା । ସେ ତାକୁ କେବେହେଲେ ଛୁଇଁ ପାରିବ ନାହିଁ । ଲୁଇସା ମନେ ମନେ ଖୁସି ହେଲା । ସେ ଖୁସୀ ଯେ ମାସି ତା ନିକଟକୁ ଆସି ତାର ବର୍ବର ବୃତ୍ତିକୁ ଅବଶ କରିବାକୁ ଯେତେ ଚେଷ୍ଟା କଲେ କି ତାର ଭଲ ମଣିଷ ପଣିଆକୁ ଯେତେ ଦେଖେଇ ହେଲେ ବି ଲୁଇସାର ଉତ୍ତପ୍ତ ରକ୍ତ ସେଇ କ୍ଷୁଦ୍ର ଲୋକଟାକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରି ଦେବ । ଏକଥା କାହାକୁ ଯେତେ ବିକୃତ ଶୁଭିଲେ ବି ଏଇ କଥା ଭାବି ଲୁଇସା ଆନନ୍ଦିତ ହେଉଥିଲା । ଉତ୍ତେଜନାରେ ସେ କହି ପକାଇଲା, 'ମୋ ପାଖକୁ ଆସିଥିଲେ ମୁଁ ତାକୁ ଧକାମାରି ଘରୁ ବାହାର କରିଦିଅନ୍ତି ।' କଥାଟା ପାଟି କରି କହିଦେବାରୁ ସେ ପରମ ଆତ୍ମସନ୍ତୋଷ ଅନୁଭବ କଲା । ଏସବୁ କଥା ସତ୍ତ୍ୱେ ବି ତାକୁ ଲାଗୁଥିଲା ଦୁହେଁ ସମାନ ସମତଳରେ ଠିଆ ହୋଇଥିଲେ ବି ମେରୀ ତା ଠାରୁ ଉଚରେ । କିନ୍ତୁ ସେ ଯାହା ହେଲେ ବି, ମେରି ମେରୀ ଓ ସେ ନିଜେ ଲୁଇସା, ଏକଥା ତ ଆଉ ବଦଳିବ ନାହିଁ ।

ମେରି କିନ୍ତୁ ବାହାହୋଇ ମାସିର ବ୍ୟକ୍ତିବାଦିତା ସହିତ ନିଜକୁ ଖାପ ଖୁଆଇବାକୁ ଚେଷ୍ଟା କଲା, ଯେଉଁଠି ଅନୁଭବ ବା ଆବେଗର କୌଣସି ସ୍ଥାନ ନ ଥିଲା । ବିବାହର ଠିକ୍‌ ପରେ ପରେ ତା ଅଗରେ ଦେଖାଦେଇଥିବା ଯନ୍ତ୍ରଣାଦାୟକ ଲଜ୍ଜା ଓ

Digitized by srujanika@gmail.com

ତାର ବିବାହ ପରିଣତିର ଭୟ ମାଝରୁ ସେ ନିଜକୁ ଯଥାଶକ୍ତି ଅଲଗା କରି ରଖିଥିଲା । ପ୍ରକୃତରେ ଏକ ଅନୁଭୂତିର ପରିସର ଭିତରକୁ ସେ ଆସିବାକୁ ଚାହୁଁ ନ ଥିଲା । ତାର ଆବେଗକୁ ଅନୁଭବ କରିବାକୁ ସେ ଭୟ କରୁଥିଲା । ସେ ଚାହୁଁଥିଲା ତାର ଇଚ୍ଛାଶକ୍ତିକୁ ମାସି ଭିତରେ ସମ୍ପୂର୍ଣ୍ଣ ରୂପେ ହଜାଇ ଦେବାପାଇଁ ସେ ଏକ ନିର୍ଦ୍ଦିଷ୍ଟ ଭାଗ୍ୟକୁ ଆଦରି ନେବାକୁ ଚାହୁଁଥିଲା । ସେ ଭଲ ହେବ, ପୁରାପୁରି ଠିକ୍ ବାଟରେ ନିଜକୁ ଚଳେଇ ନେବ, ତାକୁ ଜଣା ନ ଥିବା ଏକ ଇଚ୍ଛିତର ସ୍ୱାତନ୍ତ୍ର୍ୟକୁ ଅବଲମ୍ବନ କରି ସେ ଚଳିବ, ନିତିଦିନିଆ ସାଧାରଣ ଜୀବନଠାରୁ ସେ ଦୂରେଇ ରହି ନିଜର ପବିତ୍ର ଆତ୍ମାକୁ ଏକ ସମ୍ପୂର୍ଣ୍ଣ ସତ୍‌ମାର୍ଗରେ ପରିଚାଳିତ କରିବ, ଏହାହିଁ ଥିଲା ତାର ନିର୍ଦ୍ଦିଷ୍ଟ ଲକ୍ଷ୍ୟ । ନିଜର ଶରୀରକୁ ବିକ୍ରୟ କରି ସେ ଏକ ନୂତନ ସ୍ୱାତନ୍ତ୍ର୍ୟତା ଲାଭ କରିଥିଲା । ଦେହଦାନ କରି ଦେହର କବଳରୁ ଆଜି ସେ ମୁକ୍ତ । ତାର ଦେହ ପରି ଏକ ସାଧାରଣ ନିମ୍ନସ୍ତରର କ୍ଷଣିକ ବିନିମୟରେ ସେ ଜୀବନର ଉଚ୍ଚସ୍ତରକୁ ଉପଲବ୍ଧ କରି ଏହି ସଂସାର ଅନିତ୍ୟ ତା ଠାରୁ ମୁକ୍ତ ରହିବାକୁ ସେ ପ୍ରସ୍ତୁତ ହୋଇଥିଲା । ସେ ଭାବୁଥିଲା ତା ସ୍ୱାମୀ ଠାରୁ ଯାହା ସେ ପାଉଥିଲା ତା ବଦଳରେ ତା ନିଜର ଦାନ କିଛି କମ୍ ନ ଥିଲା । ନିଜର ସ୍ୱତନ୍ତ୍ର୍ୟ ଅନୁଭବରେ ସେ ଗର୍ବିତ ଓ ମୁକ୍ତ । ତା ଦେହର ବିନିମୟର ମୂଲ୍ୟ ଏବେ ତା ଶରୀର, ଅନୁଭବର ବାହାରେ । ଏବଂ ଏହି ବିନିମୟର ଅନୁଭବରେ ହିଁ ସେ ଖୁସି । ସଂସାରରେ ତାର ନିଜ ସ୍ଥାନ ସେ ସେ ଆଜି କିଣି ପାରିଛି । ଏକଥା ସମସ୍ତେ ଜାଣିଛନ୍ତି ଓ ଗ୍ରହଣ କରିଛନ୍ତି । ଏବେ ତାର ଜୀବନର ଗତି ଉଦାରତା ଓ ଉଚ୍ଚତର ଜୀବନକୁ ଉପଲବ୍ଧି କରିବାକୁ ବ୍ୟଗ୍ର ।

ମେଗ୍ଗି ଓ ତାର ସ୍ୱାମୀ ଏକାଠି ଥିଲାବେଳେ ଅନ୍ୟ କାହାର ଉପସ୍ଥିତିକୁ ମେଗ୍ଗି ଆଦୌ ସହ୍ୟ କରି ପାରୁ ନ ଥିଲା । ତାର ବ୍ୟକ୍ତିଗତ ଜୀବନ ତା ଜୀବନର ଲଜ୍ଜା । କିନ୍ତୁ ସେ ତ ତାକୁ ଲୁଚେଇ ରଖିପାରିବ । ରେଲରାସ୍ତା ଠାରୁ ବହୁତ ଦୂରରେ ଛୋଟିଆ ଗାଁଟିର ପୁରୋହିତର ଘରେ ଅନ୍ୟମାନଙ୍କୁ ଆଡ଼େଇ ସେ ଚୁପ୍‌ଚାପ୍ ରହୁଥିଲା । ତା ସ୍ୱାମୀର ଦେହପ୍ରତି ବାହାର ଲୋକମାନଙ୍କର ଦୃଷ୍ଟିଭଙ୍ଗୀକୁ ସେ ତା ନିଜର ଦେହ ଓ ସୌନ୍ଦର୍ଯ୍ୟ ପ୍ରତି ଅବଜ୍ଞା ଓ ଅପମାନ ବୋଲି ମନେ କରି କଷ୍ଟ ପାଉଥିଲା । କିନ୍ତୁ ଯେତେବେଳେ ଗାଁର ଲୋକମାନେ ମାସିର ବ୍ୟକ୍ତିତ୍ୱ ଆଗରେ ନଇଁ ଯାଆନ୍ତି ସେତେ-ବେଳେ ତା ମନରେ କିଛି କିଛି ଗର୍ବ ଫେରିଆସେ । ସେ ଇଚ୍ଛା କଲେ ମାସିକୁ ଘୃଣା କରିପାରନ୍ତା । ଘର ଭିତରେ ମାସିର ଚାଲିଚଳନ ଢଙ୍ଗ ଢାଙ୍ଗ, ତାର କଥା କହିବାର ଚେଁ ଚେଁ ସ୍ୱରରେ ଥିବା ଅବୁଝାମଣାର ଭାବ, ତାର ନଇଁ ପଡ଼ିଥିବା ଛୋଟ ଦୁଇ କାନ୍ଧ ଓ ସୌନ୍ଦର୍ଯ୍ୟହୀନ ମୁହଁ ଏ ସବୁ ମେଗ୍ଗିକୁ ସ୍ମରଣ କରାଇଦିଏ ଏକ ଚରମ ମାନବିକ ବିକୃତିକୁ, କିନ୍ତୁ ଏକ ଅଦମ୍ୟ ଚେଷ୍ଟାରେ ସେ ନିଜର ସମ୍ମାନ ରକ୍ଷା କରିପାରିଛି । ମାସିର ସବୁପ୍ରକାର ଯତ୍ନ ସେ ନିଏ ଏବଂ ତା ପ୍ରତି ସବୁବେଳେ ଉଚିତ ବ୍ୟବହାର

Digitized by srujanika@gmail.com

କରେ । ତାର ବ୍ୟବହାରରେ ମାସି ପ୍ରତି ଏକ ସ୍ପଷ୍ଟ ଭୀରୁ ଭାବ ମଧ୍ୟ ପ୍ରକାଶ ପାଏ, ଠିକ୍ ଏକ ଅନୁଗତ ଗୋଲାମ ପରି ।

ଅନ୍ୟପକ୍ଷରେ ମାସିର ଢଙ୍ଗ ଢାଙ୍ଗ, ବ୍ୟବହାରରେ ବିଶେଷ କିଛି ଦୋଷଣୀୟ କିଛି ନ ଥିଲା । ତାର ସ୍ୱଭାବ ଓ ଦରକାରକୁ ଚାହିଁ ସେ ଦୟାଭାବ ପ୍ରକାଶ କରେ ଓ ଠିକଣା ବାଟରେ ଚାଲେ । କିନ୍ତୁ ତାର ପୁରୁଷପଣିଆରେ ରହିଛି ଉଦାସୀନତା ଓ ସ୍ୱୟଂ ସମ୍ପୂର୍ଣ୍ଣତା, ଯେମିତିକା ଏକ ଭଦ୍ରଙ୍କର ଉଚ୍ଚଭାବ । ସରୁ, ପତଳା ହୋଇ ଏଡ଼ିକି ଛୋଟିଆ ମଣିଷଟିଏ ଠାରୁ ମେଘ ଏମିତିକା ବ୍ୟବହାର ବା ମନୋଭାବ ଆଶା କରି ନ ଥିଲା । ତାର ବୈବାହିକ ସମ୍ପର୍କର ବନ୍ଧନସୂତ୍ର ଭିତରେ ଏ ଅଂଶଟିକୁ ସେ ମୋଟେ ବୁଝି ପାରୁ ନ ଥିଲା । ଏଇ ଅବସ୍ଥାକୁ ମୁହାଁମୁହିଁ ହେବାପାଇଁ ଓ ନିଜକୁ ଏହାର ଭିତରେ ଖାପଖୁଆଇବାକୁ ସେ ନିଜକୁ ସମ୍ପୂର୍ଣ୍ଣ ନୀରବ ରଖିଥିଲା । ସ୍ପଷ୍ଟ ଭାବରେ ନ ହେଲେ ମଧ୍ୟ, ଭିତରେ ଭିତରେ ସେ ବୁଝିପାରୁଥିଲା ଯେ ସେ ନିଜକୁ ଟିକି ଟିକି କରି ହତ୍ୟା କରୁଛି । ଯେତେ ହେଲେ ବି ନିଜ ଦେହକୁ ସେ ଏତେ ସହଜରେ ସଙ୍ଗ ଦେଇ ପାରିବ ନାହିଁ ଏବଂ ଏହିପରି ଭାବରେ ନିଜକୁ ନଷ୍ଟ କରିଦେବା ବେଳେ, ବେଳେ ବେଳେ ତାର ମନେ ହୁଏ—ଆଃ ସେ ଉଠିବାକୁ ଚାହେଁ, ମୃତ୍ୟୁ ଆଣିବାକୁ ଚାହେଁ —, ନିଜର ହାତ ଟେକି ସବୁକୁ ଧ୍ୱଂସ କରି ସବୁକୁ ସେ ଅସ୍ୱୀକାର କରିବାକୁ ଚାହେଁ ।

କିନ୍ତୁ ମାସି ତା ଚାରିପାଖର ଅବସ୍ଥା ବିଷୟରେ ପ୍ରାୟ ଅବହିତ ନ ଥିଲା । ଘରୋଇ ବ୍ୟାପାରରେ ମଧ୍ୟ ସେ ତା ମୁଣ୍ଡ କେବେ ଖେଳାଉ ନ ଥିଲା । ମେଘର ଯାହା ଇଚ୍ଛା ହେଉଥିଲା ତାହା ସେ ଅବାଧରେ ଘର ଭିତରେ କରିପାରୁଥିଲା । କହିବାକୁ ଗଲେ ମେଘ ସମ୍ପୂର୍ଣ୍ଣ ସ୍ୱାଧୀନ ଓ ସ୍ୱତନ୍ତ୍ର ରହିପାରୁଥିଲା ମାସିଠାରୁ । ମାସି ଘଣ୍ଟା ଘଣ୍ଟା ଧରି ନିଶ୍ଚିନ୍ତ, ନିଶ୍ଚଳ ଭାବରେ ବସି ରହେ । ତାର ହୃଦୟର ଦୟାଳୁତାକୁ ନେଇ ସେ ଅତି ବ୍ୟଗ୍ରବିବ୍ରତ ଭାବରେ ମେଘ ପ୍ରତି ବିଚାରଶୀଳ ଥିଲା । କିନ୍ତୁ ଯେତେବେଳେ ସେ ଭାବେ ଯେ କୌଣସି ବିଷୟରେ ତାର ବିଚାର ଠିକ୍ ବା ଯୁକ୍ତିଯୁକ୍ତ ସେତେବେଳେ ତାର ଅନ୍ଧ ପୁରୁଷକାର ତାକୁ କଠୋର କରିଦିଏ, ଠିକ୍ ଗୋଟାଏ ଶୀତଳ ଯନ୍ତ୍ର ପରି, ଏବଂ ତାର ଅଧିକାଂଶ ତର୍କ ହୁଏତ ଯୁକ୍ତି ଉପରେ ଠିକ୍ କିମ୍ବା ସେ ଦୁହିଁଙ୍କର ବୈବାହିକ ନୀତି-ନିୟମ ଦ୍ୱାରା ଅନୁମୋଦିତ । ତେଣୁ ମେଘ ପକ୍ଷରେ ମାସିର ବିରୁଦ୍ଧାଚରଣ କହିବା କୌଣସି ମତେ ସମ୍ଭବ ହୋଇପାରେ ନାହିଁ ।

କିଛିଦିନ ପରେ ମେଘ ବୁଝି ପାରିଲା ତା ଭିତରେ ତାର ସନ୍ତାନ ବଢ଼ୁଛି । ଏବଂ ଜୀବନରେ ପ୍ରଥମ ଥର ପାଇଁ ସେ ନିଜ ଭିତରେ ଅନୁଭବ କଲା ଭୟ, ଈଶ୍ୱର ଓ ମଣିଷ ଦୁହିଁଙ୍କ ଆଗରେ ଭୟ । ଏଇ ସନ୍ତାନକୁ ମଧ୍ୟ ତାକୁ ଗ୍ରହଣ କରିବାକୁ ପଡ଼ିବ, ତାର ସନ୍ତାନକୁ ଜନ୍ମ ଦେବାପାଇଁ ତାକୁ ପ୍ରସ୍ତୁତ ହେବାକୁ ପଡ଼ିବ । ସନ୍ତାନ ଜନ୍ମ ହେବା

Digitized by srujanika@gmail.com

ପରେ ଦେଖାଗଲା ଯେ ସେ ମରନ୍ତି, ସ୍ୱାସ୍ଥ୍ୟବାନ ପୁତ୍ର ସନ୍ତାନଟିଏ । ପୁଅକୁ ଦୁଇହାତରେ ଟେକି ଧରି ଦେଖି ଦେଖି ତା ହୃଦସ୍ପନ୍ଦନ ଥରି ଉଠିଲା । ତା ନିଜ ଦେହର ସ୍ୱାସ୍ଥ୍ୟ ସୌନ୍ଦର୍ଯ୍ୟ ଯାହାକୁ ସେ ଦୁଇପାଦରେ ଦଳି, ଚିପି ରଖିଥିଲା, ତାହାପୁଣି ଆଜି ତା ପୁଅର ଛୋଟ ଦେହରେ ସ୍ଥାନ ପାଇଛି । ଯାହାହେଲେ ବି ତ ପୁଣି ବଞ୍ଚି ରହିବାକୁ ହେବ । ହୁଏତ ସେ ଏତେ ସହଜ ବା ସରଳ ନୁହେଁ । ସେ ଚାହିଁଲେ ମଧ୍ୟ ତା ଜୀବନର ସବୁ କିଛି ଏକାଥରକେ ଶେଷ ହୋଇପାରିବନି ! ତା ଛୋଟ ପୁଅକୁ ସେ ଚାହିଁଲା ଥରକୁ ଥର, ଏବଂ ତା ମନ ଭିତରେ ତା ପୁଅପାଇଁ ଘୃଣା ଭରିଗଲା ଏବଂ ଏକ ଅତି ଅଦ୍ଭୁତ ସ୍ନେହାସିକ୍ତ ବିଷାଦ ତା ମନକୁ ଘାରି ବସିଲା । ପୁଅ ପାଇଁ ତାର ଘୃଣାର କାରଣ ଏଇ ପୁଅ ଦେହରେ ସେ ପୁନର୍ଜୀବିତ, ତାର ସୌନ୍ଦର୍ଯ୍ୟ ଓ ସ୍ୱାସ୍ଥ୍ୟକୁ ନେଇ । କିନ୍ତୁ ତାର ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟକୁ ତ ସେ ବଞ୍ଚେଇ ରଖିବାକୁ ଚାହୁଁ ନ ଥିଲା, ତାର ସେ ଇଚ୍ଛା ବି ନ ଥିଲା । ସେ ଚାହୁଁଥିଲା ତା ଦେହ ଓ ସୌନ୍ଦର୍ଯ୍ୟର ଅବସାନ, ଏବଂ ବିନିମୟରେ ଏକ ମାନସିକ ସ୍ଥିତି । କିନ୍ତୁ ତାର ଅଭିଳାଷର ଏହି ଅବସ୍ଥାରେ ଏଇ ପୁତ୍ର ସନ୍ତାନର ଜନ୍ମ ! ଏହା ଏକ ନିଷ୍ଠୁର ପରିହାସ, ତା ପାଇଁ ଅସହ୍ୟ ଯନ୍ତ୍ରଣାଦାୟକ । ସେ ତ ତା ସନ୍ତାନକୁ ସ୍ନେହ କରିବ ! ତା ଜୀବନର ଲକ୍ଷ୍ୟ ପୁଣି ଭାଙ୍ଗି ଦୁଇଖଣ୍ଡ ହୋଇଗଲା । ନିଜକୁ ଆକୃତିହୀନ, ସ୍ପଷ୍ଟ ରୂପ ନେଇ ନ ଥିବା ଏକ ଲକ୍ଷ୍ୟହୀନ ଅମ୍ବାରେ ପରିଣତ କରିବାକୁ ହେଲା । ମା ହୋଇ ସେ ହେବ ନିକୃଷ୍ଟ, ଓ ଖଣ୍ଡିତ ।

କିନ୍ତୁ ସେ ମଣିଷର ସବୁପ୍ରକାର ଅନୁଭବ ପ୍ରତି ଅନ୍ଧ ଥିଲା, ପୁଅ ହେଲାପରେ ସେ କେବଳ ପୁଅଚିନ୍ତାରେ ହିଁ ନିମଗ୍ନ ହୋଇଗଲା । ହଠାତ୍ ପୁଅକୁ ନେଇ ମାସିର ସାରା ପୃଥିବୀଟା ପୂରିଉଠିଛି । ପୁଅର ଭଲମନ୍ଦ ଓ ସେବାଯତ୍ନ ଅଭାବର ଭୟରେ ସେ ସର୍ବଦା ବ୍ୟାକୁଳ । ମାସି ପାଇଁ ତାର ପୁତ୍ରସନ୍ତାନ ଏକ ନୂତନ ଅନୁଭୂତି, ଯେମିତି ସେ ନିଜେ ପୃଥିବୀରେ ଗୋଟାଏ ଛୋଟିଆ ପିଲାହୋଇ ଜନ୍ମହୋଇଛି, ନିଜର ପ୍ରକାଶରେ ନିଜେ ସଚେତନ ଏବଂ ସେଇ ଭୟରେ ଶଙ୍କିତ । ପୂର୍ବରୁ ସେ କେବେ କାହାପାଇଁ ଭାବି ନ ଥିଲା କି ଚିନ୍ତା କରି ନ ଥିଲା, କିନ୍ତୁ ଏବେ ତା ସନ୍ତାନ ତାର ସମଗ୍ର ସତ୍ତାକୁ ଘେରି ରହିଛି । ତା ବୋଲି ସେ ପୁଅକୁ କେବେ ଗେଲ କରେ ନାହିଁ, କି ତା ସହିତ ଖେଳେ ନାହିଁ କି ତାର କିଛି ଯତ୍ନ ନିଜେ ନିଏ ନାହିଁ । ପ୍ରକୃତ ପକ୍ଷରେ ସେ ପୁଅର କୌଣସି କାମ କରେ ନାହିଁ । କିନ୍ତୁ ତା ସତ୍ତ୍ୱେ ବି ପୁଅ ତାର ସମସ୍ତ ଚିନ୍ତାର ଆଧାର । ପୁଅର ଭୋକରେ ତାର ଭାବନା କେତେବେଳେ ପୂର୍ଣ୍ଣ ତ କେତେବେଳେ ଶୂନ୍ୟ ହୋଇ ଯାଏ । ସମଗ୍ର ପୃଥିବୀଟାର ଚିନ୍ତା ତା ପାଇଁ ତା ପୁଅର ଭାବନା ଓ ଚିନ୍ତା ସଙ୍ଗେ ସମାନ ।

ମେଘ ତାର ସ୍ତ୍ରୀ ବୋଲି ମେଘକୁ ଏମିତି ଅବାନ୍ତର ପ୍ରଶ୍ନ ଗୁଡ଼ିକର ଜବାବ ମଧ୍ୟ ଦେବାକୁ ପଡ଼େ—"ସେ କାହିଁକି କାନ୍ଦୁଛି ?"—ସେ ଟିକିଏ କାନ୍ଦିଲେ ସେ ମନେ

Digitized by srujanika@gmail.com

ପଚେଇଦିଏ ମେରୀକୁ—"ମେରୀ ପୁଅ କାନ୍ଦିଲା ।"—ଆଉ ତାର ଖାଇବା ସମସ୍ତ ପାଞ୍ଚମିନିଟ ଏପଟ ସେପଟ ହୋଇଗଲେ ସେ ଅତି ବ୍ୟତିବ୍ୟସ୍ତ ହୋଇ ପଡେ । ଏ ସବୁ ଦେଖିବାକୁ ମଧ୍ୟ ମେରୀ ସେମିତି ପୂର୍ବରୁ ପ୍ରତିଶ୍ରୁତି ଦେଇ ଓ ତାକୁ ତାର ପ୍ରତିଶ୍ରୁତି ଅନୁସାରେ ଏସବୁ ମାନିନେବାକୁ ଓ ସହ୍ୟକରିବାକୁ ପଡ଼େ ।

—୭—

ଲିଣ୍ଡ୍ ଲେଙ୍କ ଘରେ, ସେଇ ମଳିନ, ଅଶାନ୍ତ ପରିବେଶରେ, ଲୁଇସା ତା ଭଉଣୀର ବିବାହରେ ବଡ଼ ମନକଷ୍ଟ ପାଇଲା । ସେ ମେରୀର ବିବାହ ସମ୍ବନ୍ଧରେ ଲାଗିଥିଲା ବେଳେ ଥରେ ଏଇ ବିବାହ ବିରୁଦ୍ଧରେ ମତଦେଇ ବାଧାଦେଇଥିଲା ; କିନ୍ତୁ ମେରୀର ଏକ ଶାନ୍ତ ଯୁକ୍ତିରେ ସେ ଚୁପ୍ ରହିଲା । ମେରୀ କହିଥିଲା, "ଲୁଇସା, ମାସି ବିଷୟରେ ମୁଁ ତୋ ସହିତ ଏକମତ ନୁହେଁ, ମୁଁ ମାସିକୁ ବିବାହ କରିବାକୁ ଚାହେଁ ।" ଏଇ ଘଟଣାପରେ ଲୁଇସା ମନରେ ଯେତେ ବେଶୀ କ୍ରୋଧ ଓ ବିରକ୍ତି ଆସିଲେ ମଧ୍ୟ ସେ ଆଉ କିଛି ନ କହି ଚୁପ୍ ରହିଥିଲା । ନିଜ ମନର ଏଇ ବିପଦଜନକ ଅବସ୍ଥା ଯୋଗୁ ଲୁଇସା ଭିତରେ ପରିବର୍ତ୍ତନ ଆସିଲା । ତାର ନିଜର ବିରାଗ ତାକୁ ମେରୀ ପାଖରୁ ଯୋଜନ ଦୂରେଇ ଆଣିଲା ।

ମାସି କଥା ମନେ ପକାଇ ଲୁଇସା କହିଲା "ବରଂ ମୁଁ ରାସ୍ତାରେ ଖାଲି ଗୋଡ଼ରେ ଭିକମାଗିବାକୁ ରାଜି ଅଛି ।" କିନ୍ତୁ ଯା ମନେହେଲା ମେରୀ ଅନ୍ୟପ୍ରକାର ବୀରତ୍ୱ ପାଇଁ ପ୍ରସ୍ତୁତ ଥିଲା । ତେଣୁ ଲୁଇସା ପରି ବାସ୍ତବବାଦୀ ହଠାତ୍ ଅନୁଭବ କଲା ଯେ ମେରୀର ଏଇ ଆଦର୍ଶବାଦଟିକୁ ସେ ସମ୍ପୂର୍ଣ୍ଣଭାବରେ ଗ୍ରହଣ କରିପାରୁନାହିଁ । ଏଇ ବିବାହକୁ ଗ୍ରହଣ କରି ମେରୀ କପରି ବା ନିର୍ମଳ ହେବ ? କେହି କଣ କେବେ ନିଜ କର୍ମରେ ଅପରିଷ୍କାର ହୋଇ ଆତ୍ମାର ପୂର୍ଣ୍ଣତା ଲାଭ କରିପାରେ ? ମେରୀର ଉଚ୍ଚ ଆଦର୍ଶବାଦକୁ ଲୁଇସା ଅବିଶ୍ୱାସ କଲା । ମେରୀର ଦୃଷ୍ଟି ତା ପାଇଁ ଏକାନ୍ତ ଅନ୍ତରଙ୍ଗ ନୁହଁ । ଆଜି ଯଦି ମେରୀ ତୁଚ୍ଛ ଆଦର୍ଶବାଦରେ ଭୁଲି ଭୁଲ କରିବାକୁ ଯାଉଥାଏ, ତେବେ ବାପା ତାକୁ ରକ୍ଷାକଲେ ନାହିଁ କାହିଁକି ? ସେ ଏଇ ପ୍ରସ୍ତାବକୁ ଘୃଣା କରୁଥିଲେ ବି ଧନଲୋଭରେ ପଛେଇ ରହିଛନ୍ତି । ଆଉ ମା ! ସତ କହିବାକୁ ଗଲେ ଏଥିରେ ମା'ର କିଛି ଯାଏ ଆସେ ନାହିଁ । ତା ଝିଅମାନେ ଯଇଚ୍ଛା ତା କରନ୍ତୁ ତାର ଆଗ୍ରହ ନାହିଁ । ସେ ତ ଖୋଲା ଖୋଲି କହିଦେଇଛି "ମାସିର ଯାହା ହୋଇଗଲେ ବି ମେରୀର

Digitized by srujanika@gmail.com

ଜୀବନ ଏବେ ବିପଦ,"—ଏପରି ଏକ ସ୍ପଷ୍ଟ ଅନ୍ତରଙ୍ଗତାପୂର୍ଣ୍ଣ ହିସାବ ନିକାଶରେ ଲୁଇସା କ୍ରୋଧରେ ଉତ୍ତେଜିତ ଓ ଜର୍ଜରିତ ହୋଇପଡ଼ିଲା । ସେ ଅତି ବେଦନାରେ ତା ମା'କୁ କହିଲା, "ଏହା ଅପେକ୍ଷା ଦରିଦ୍ରାଶ୍ରମ କି ଅନାଥାଶ୍ରମରେ ବରଂ ରହିବା ଭଲ !"

ତା ମା ପଟ୍ଟଭଳି ଜବାବ ଦେଲା, "ସେ କଥା ତୋ'ବାପା ବୁଝିବେ ।" 'ମାଆର କଥାଶୁଣି ଓ ସେ କଥାର ଶୀତଳତାରେ ଲୁଇସା ଏତେ ବେଶୀ ଆଘାତ ପାଇଲା ଯେ ତାର ଅତି ଗଭୀରତମ ଅନ୍ତର ଭିତରୁ ତା ମା'କୁ ସେ ଘୃଣା କରିବାକୁ ଆରମ୍ଭ କଲା ଓ ତା ନିଜପ୍ରତି ବି ତା'ର ଘୃଣାଭାବ ଆସିଲା । ଏଇ ଘୃଣାଭାବ ତା ମନରୁ ବିଦାୟ ନେବାକୁ ଅନେକ ସମୟ ଲାଗିଲା ଓ ତା ମନର ଏଇ ଅଶାନ୍ତି ଓ ଅସନ୍ତୋଷରେ ଘାଣ୍ଟି ହୋଇ ଶେଷରେ ସେ କହିଲା, "ସେମାନେ ଭୁଲ କରୁଛନ୍ତି—ସେମାନେ ସମସ୍ତେ ଭୁଲ କରୁଛନ୍ତି । ଯାହା ପାଇବା ପାଇଁ ସେମାନେ ଆତ୍ମବଳି ଦେଉଛନ୍ତି ତାହାର କିଛି ହେଲେ ମୂଲ୍ୟ ନାହିଁ । ସେମାନଙ୍କ ହୃଦୟରେ ସ୍ନେହ ବା ଭଲପାଇବାର ଏତେ ଟିକିଏ ବି ଅଣୁପ୍ରମାଣ ସ୍ଥାନ ନାହିଁ । କିନ୍ତୁ ମୁଁ ଚାହେଁ ପ୍ରେମ ଓ ଭଲପାଇବା । ସେମାନେ ଏହାକୁ ଅସ୍ୱୀକାର କରିବାପାଇଁ ମୋତେ ପରାମର୍ଶ ଦେଉଛନ୍ତି । କାରଣ ସେମାନେ ନିଜେ କେବେ ଏହାକୁ ଅନୁଭବ କି ଉପଲବ୍ଧି କରିନାହାନ୍ତି । ସେଥିପାଇଁ ସେମାନେ କହୁଛନ୍ତି ପୃଥିବୀରେ ଭଲପାଇବା ନାହିଁ, ସ୍ନେହ ପ୍ରୀତି ବି ନାହିଁ । କିନ୍ତୁ ମୁଁ ତା ପାଇବାକୁ ଚାହେଁ । ମୁଁ ପ୍ରେମ କରିବାକୁ ଜାଣେ ଓ ମୁଁ ପ୍ରେମ କରିବି, ମୁଁ ପ୍ରେମ କରି ହିଁ ବିବାହ କରିବି—ଏହା ମୋର ଜନ୍ମଗତ ଅଧିକାର । ଯେଉଁ ଲୋକକୁ ମୁଁ ଭଲପାଇବି ତାକୁ ମୁଁ ବିବାହ କରିବି—ଏହାହିଁ ମୋ ଜୀବନର ଶ୍ରେଷ୍ଠ ଲକ୍ଷ୍ୟ ।

ଲୁଇସା ଏବେ ସମସ୍ତଙ୍କଠାରୁ ଅଲଗା । ମାସିକୁ ନେଇ ମେଙ୍ଗ ଓ ଲୁଇସା ଦୁହିଁଙ୍କ ଭିତରେ ମତଭେଦ ସୃଷ୍ଟି ହୋଇଛି, ଦୁହିଁଙ୍କ ମୁହଁ ଦୁଇଆଡ଼େ ହୋଇଯାଇଛି । ଲୁଇସା ଆଖିରେ ମାସିକୁ ବିବାହ କରି ମେଙ୍ଗ ନିଜର ପତନହିଁ ଘଟାଇଛି । ତା ଭଉଣୀ ପରି ଏକ ମହତ ପବିତ୍ର ଆତ୍ମାର ଯେ ଏପରି ନୈତିକ ପତନ ହେବ ଏ କଥା ସେ ଆଦୌ ସହ୍ୟ କରି ପାରୁ ନ ଥିଲା । ମେଙ୍ଗ ତା ଠାରୁ ଉଚ୍ଚରେ ନୁହେଁ, ମେଙ୍ଗ ଖଣ୍ଡିତ, ଅସମ୍ପୂର୍ଣ୍ଣ । ଦୁଇ ଭଉଣୀ ନିଜ ନିଜର ମତ ଉପରେ ଅଲଗା ହୋଇଗଲେ । ଦୁହେଁ କିନ୍ତୁ ଦୁହିଁଙ୍କୁ ତେବେ ବି ଭଲ ପାଉଥିଲେ, ଯେତେଦିନ ଏ ସଂସାରରେ ରହିବେ ସେତେଦିନ ତ ସେଇ ଭଲପାଇବା ରହିବ ; କିନ୍ତୁ ଦୁହିଁଙ୍କର ଯିବାର ପଥ ଦୁଇ ଅଡ଼କୁ ଅଲଗା ହୋଇଗଲା । ଏକ ନୂତନ ଧରଣର ନିଃସଙ୍ଗତା, ଏକାକୀତ୍ୱ ଲୁଇସାକୁ ଘେରି ଆସିଲା । ବିରକ୍ତି ଓ ଘୃଣାରେ ତା ମୁହଁର ରେଖା କଠିନ ହୋଇଗଲା । ସେ ତା'ର ନିଜର ବାଟ ନିଜେ ବାଛିନେବ । କିନ୍ତୁ ସେ ବାଟଟା କେଉଁଆଡ଼େ ? ତା

Digitized by srujanika@gmail.com

ଆଖିରେ ତ ଶୂନ୍ୟ ପୃଥିବୀ ଲିଭି ଯାଉଛି ଓ ସେ ନିଜେ ସମ୍ପୂର୍ଣ୍ଣ ଏକାକୀ । ତେବେ ସେ କେମିତି ନିଜ ରାସ୍ତା ଖୋଜିପାଇବ ? ତଥାପି ନିଜ ମତରେ ସେ ଦୃଢ଼, ତା ଭଲପାଇବାର, ତା ମନର ନିଶ୍ଚୟ ସେ ନିଜେ ଖୋଜି ବାହାର କରିବ ।

—୭—

ଯେତେବେଳେ ତା ବଡ଼ପୁଅକୁ ତିନିବର୍ଷ, ମେଘର ଗୋଟିଏ ଝିଅ ହେଲା । ଝିଅ ହେବା ଆଗରୁ ତିନିବର୍ଷ କାଳ ତାର ଘଟଣାବହୁଳ ଭାବରେ କଟିଲା । ଏଇ ସମୟ-ଟିକ ବୋଧହୁଏ ତା ପାଇଁ ଥିଲା ଅନନ୍ତକାଳ ପରି ଲମ୍ବା, କିମ୍ବା ତା ପାଇଁ ଥିଲା ଛୋଟ ଏକ ରାତିର ନିଦ ପରି । ସେ କିଛି ବୁଝି ପାରୁ ନ ଥିଲା । ସେ ଖାଲି ଜାଣୁଥିଲା ଯେ ତା ଉପରେ ଗୋଟାଏ ବୋଝ ଲଦି ହୋଇରହିଥିଲା ଯାହାକି ତା ଜୀବନକୁ ଦିନ ରାତି ସବୁବେଳେ ତଳକୁ ଟାଣୁଥିଲା । ଏଇ ତିନିବର୍ଷ ଭିତରେ ଜଣାପଡ଼ିଲା ଭଳି ଯେଉଁ ଗୋଟାଏ ଘଟଣା ଘଟିଥିଲା, ତା ହେଉଛି ମାସିର ଗୋଟାଏ ଅପରେସନ୍ । ସେ ତ ସବୁଦିନ ଅତି ଦୁର୍ବଳ । ଆଜିକାଲି ମେଘ ଯନ୍ତ୍ରବତ୍ ତା ସ୍ୱାମୀର ଯତ୍ନ ନିଏ, ସେବା କରେ, ଏ ସବୁ କରିବା ଯେ ତାର କର୍ତ୍ତବ୍ୟର ଏକ ଅଂଶ ତା ସେ ବୁଝି ପାରୁଛି ।

କିନ୍ତୁ ତିନିବର୍ଷପରେ, ଏଇ ଛୋଟ ଝିଅଟା ଜନ୍ମ ହେବା ପରେ ମେଘ ବଡ଼ ବିଷର୍ଣ୍ଣ, ବିରସ ହୋଇପଡ଼ିଛି । ବଡ଼ଦିନ ପାଖେଇ ଆସିଲାଣି । ପୁରୋହିତ ଘରର ବିଷର୍ଣ୍ଣ, ଷୋଡ଼ ବଡ଼ଦିନ ଯେଉଁଠି ସବୁଦିନ ଗୁଡ଼ାକ ଏକ ଅନ୍ଧାରିଆ ଜାଲରେ ଗୁନ୍ଥା । ମେଘର ମନରେ ଭୟ ହେଉଥିଲା, ତାକୁ ଲାଗୁଥିଲା ଯେମିତି ସେଇ ବିଷର୍ଣ୍ଣ, ନିରାନନ୍ଦମୟ ଅନ୍ଧକାର ତା ଜୀବନ ଉପରକୁ ମାଡ଼ିଆସୁଛି ।

ମେଘ ମାସିକୁ କହିଲା, "ଏଡ୍‌ଓ୍ୱାର୍ଡ଼, ଏଥର ମୁଁ ବଡ଼ଦିନରେ ଆମ ଘରକୁ ଯିବି ।" କହିଲାବେଳେ ଭୟରେ ତା ଛାତିର ଦମ୍ ଯେମିତି ଅଟକି ଯାଉଥିଲା ।

ଆଖି ମିଟି ମିଟି କରି ମାସି ଉତ୍ତର ଦେଲା, "କିନ୍ତୁ ତମେ ତ ପିଲାଙ୍କୁ ଛାଡ଼ି ଯାଇ ପାରିବ ନାହିଁ ।"

"ଆମେ ସମସ୍ତେ ସାଙ୍ଗ ହୋଇ ଯିବା ।"

ମାସି ଟିକିଏ ଭାବିଲା ଓ ତା ନିଜସ୍ୱ ଢଙ୍ଗରେ ସମସ୍ତଙ୍କୁ ଏକାଠି କରି ଅଣେଇବା ପରି ଅନେଇଲା ।

Digitized by srujanika@gmail.com

"କାହିଁକି ତମେ ଘରକୁ ଯିବାକୁ ଏତେ ଇଚ୍ଛା କରୁଛ ?" ସେ ପଚାରିଲା ।

"ମୁଁ ଥରେ ଘରକୁ ଯାଇ ବୁଲାବୁଲି କରି ମନ ପରିବର୍ତ୍ତନ କରିବାକୁ ଚାହେଁ । ଥରେ ବୁଲି ଆସିଲେ ମତେ ଭଲ ଲାଗିବ । ଝିଅର କ୍ଷିର ପାଇଁ ବି ଭଲ ହେବ ।"

ସ୍ତ୍ରୀ କଥାରେ ଥିବା ଦୃଢତାରୁ ସେ ବୁଝିପାରିଲା ଓ ମନେ ମନେ ଚିନ୍ତିତ ହୋଇ ଉଠିଲା । ମେଗି କଥା ସେ ସେମିତି କିମା ବୁଝି ପାରୁ ନ ଥିଲା । କିନ୍ତୁ ସେ ଜାଣିଥିଲା ଯେ ମେଗିର ମତରେ ଦମ୍ଭ ରହିଛି । ଯେତେବେଳେ ମେଗି ତା ସନ୍ତାନମାନଙ୍କର ଯତ୍ନ ନିଏ ବା ତାର ସନ୍ତାନକୁ ଜନ୍ମ ଦେବାକୁ ଯାଉଥାଏ, ସେତେବେଳେ ମାସି ତାକୁ ଅନ୍ୟପ୍ରକାର ଦୃଷ୍ଟିରେ ଦେଖେ ।

"ଆଚ୍ଛା, ଟ୍ରେନ୍‌ରେ ଛୋଟ ଝିଅକୁ ନେଇକରି ଗଲେ କିଛି ଅସୁବିଧା ହେବନି ତ ?" ମାସି ପଚାରିଲା ମେଗିକୁ ।

"ନାହିଁ, କିଛି ହେବନି । କଣ ହେବ ?"

ଏହାପରେ ସେମାନେ ସମସ୍ତେ ସାଙ୍ଗହୋଇ ଗଲେ । ସେମାନେ ଟ୍ରେନ୍‌ରେ ଗଲାବେଳେ ବାଟରେ ବରଫ ବର୍ଷା ହେଲା । ଫାଷ୍ଟକ୍ଲାସ ଡବାର ଝରକାପାଖରେ ଠିଆ ହୋଇ ସେହି ଛୋଟିଆ ଲୋକଟି ବଡ଼ ବଡ଼ ବରଫଖଣ୍ଡ ସବୁ ଝରିପଡ଼ିବାର ଦେଖୁଥିଲା । ଯେତେ ଯେପରି ଖୋଲା ପଡ଼ିଆ, ବିଲ ଉପରେ କିଏ ଝରକା କବାଟ ସବୁ ବନ୍ଦକରି ଦେଉଥାଏ । କିନ୍ତୁ ଛୋଟ ଝିଅର ଚିନ୍ତାରେ ନିମଗ୍ନ ହୋଇଥିଲା, ଭାବେ ବନ୍ଦଗାଡ଼ି ଡବାରେ ପିଲାଙ୍କୁ ଥଣ୍ଡା ଧରିପାରେ ।

ସେ ତା ସ୍ତ୍ରୀକୁ କହିଲା, "ମେଗି, ଝିଅକୁ ଭଲକରି ଘୋଡ଼େଇ ଧରି ସେ କୋଣକୁ ବସ ।"

ତା ଆଦେଶରେ ମେଗି ଝରକା ପାଖରୁ ଘୁଞ୍ଚି ଦୂରେଇ ବସିଲା । ମାସିର ଅନ୍ତରରେ ଉପସ୍ଥିତ ହିଁ ତା ମୁଣ୍ଡ ଉପରେ ଗୋଟାଏ ଲୁହା ବୋଝର ଓଜନ । କିନ୍ତୁ ସେ ଏଇ କେତେଦିନ ପାଇଁ ସେଥିରୁ କିଛି ପରିମାଣରେ ମୁକ୍ତି ପାଇବାକୁ ଯାଉଛି ।

ମାସି ତା ପୁଅ ଜ୍ୟାକ୍‌କୁ କହିଲା, "ଜ୍ୟାକ୍, ସେ ପାଖକୁ ବସ । ସେ ପାଖକୁ ଥଣ୍ଡା କମ୍ । ନ ହେଲେ ଏଇ ଝରକା ପାଖକୁ ଆ ।"

ସେ ପୁଅକୁ ଉଦ୍‌ବେଗରେ ଚାହିଁ ରହିଲା, କିନ୍ତୁ ପୃଥିବୀରେ ଯଦି କେହିଥାଆନ୍ତି ଯେ କି ମାସି କଥା ଆଦୌ ଖାତିରି ନାହିଁ, ତେବେ ସେମାନେ ହେଲେ ତା ନିଜର ପିଲାମାନେ ।

Digitized by srujanika@gmail.com

"ଦେଖ, ମା ଦେଖ ତ ! କେମିତି ବରଫ ଖଣ୍ଡ ଗୁଡ଼ା ସିଧା ଆସି ମୋ ମୁହଁ ଉପରେ ପଡ଼ୁଛି !" ଜ୍ୟାକ୍ ପାଟି କରି କହିଲା ମେଗ୍‌କୁ ।

ତେଣି ଅଜଣା ରାଜ୍ୟରୁ କଥା କହିବା ପରି ମାର୍ଗି ପୁଣି ପୁଅକୁ କହିଲା, "ଏଇ ଜ୍ୟାକ୍, ଏଠିକି ଆ, ଏଇ କଣକୁ ।"

ପୁଅ କିନ୍ତୁ ମାର୍ଗିକଥା ନ ଶୁଣି ଖୁସିରେ ପୁଣି ପାଟିକରି ଉଠିଲା ।

"ଦେଖିଲୁ ମା, ବରଫଗୁଡ଼ା କେମିତି ଗୋଟାଏ ପିଠିରେ ଗୋଟାଏ ଚଢ଼ି ତଳକୁ ଗଡ଼ିଯାଉଛନ୍ତି !

ଛୋଟ ଲୋକଟି ତା ସ୍ତ୍ରୀକୁ ଆଦେଶ ଦେବା ଭଙ୍ଗୀରେ କହିଲା, "ମେଗ୍, ତାକୁ କୁହ ଏପଟକୁ ଚାଲିଆସିବ ।"

"ଏ ଜ୍ୟାକ୍, ଏଇ ଗ୍ରେଟ ଉପରେ ଆଣ୍ଠେଇ ବସି ଦେଖ", ମେଗ୍ ଗ୍ରେଟ ଉପରେ ହାତ ରଖି ପୁଅକୁ ଦେଖାଇ ଦେଲା । ଜ୍ୟାକ, ମା ଦେଖାଇ ଦେଇଥିବା ଜାଗାରେ ଟିକେ ସମୟ ଚୁପ୍ ହୋଇ ବସି, ହଠାତ୍ ପୁଣି ଜାଣିଶୁଣି କର୍କଶିଆ ସ୍ୱରରେ ପାଟି କରି ଉଠିଲା, "ମା ଦେଖିଲୁ, ସେ କଣରେ କେମିତି ସେଗୁଡ଼ା ଗଦାହୋଇ-ଗଲଣି ।" କହି ସେ ହାତ ବଢ଼ାଇ ଝରକା କାଚ ଉପରେ ଜମା ହୋଇଥିବା ବରଫ ଗୁଣ୍ଡର ଗଦାକୁ ଏପଟ୍ ହାତରେ ଟିପି ଦେଖାଇଲା । ମା'କୁ ଦେଖାଇବାକୁ ସେ ବୁଲାଇ ଦେଲା ।

"ସବୁ ଗଦା ହୋଇଯାଉଛି ସତେ ।" ତା ମା କହିଲା । ଜ୍ୟାକ୍ ତା ମାକୁ ଅନାଇ ତା ମୁହଁର ଭାବ ଦେଖି ଟିକେ ଅଶ୍ୱସ୍ତି ହେଲା । ତେବେ ବି ତାକୁ ଚିଡ଼ ମାଡ଼ୁଥିଲା, ମା ତା କଥା ଶୁଣୁ ଏଇଆ ସେ ଚାହୁଁଥିଲା ।

ସେମାନେ ଲିଣ୍ଡଲେଙ୍କ ଘରେ ଯାଇପହଞ୍ଚିଲା ବେଳକୁ ସାଢ଼େ ଦୁଇଟା ହେଲଣି । ସେତେବେଳ ପର୍ଯ୍ୟନ୍ତ ସେମାନେ ଖାଇ ନଥାନ୍ତି ।

ଲିଣ୍ଡଲେ ସେମାନଙ୍କୁ ଦେଖି କହିଲେ, "ଆସ, ଆସ, କ'ଣ ଏଡ଼ୱାର୍ଡ଼ ଭଲ ଅଛ ସବୁ ?" ମାର୍ଗିକୁ କୁଶଳ ପ୍ରଶ୍ନପଚାରି ସେ ଯେମିତି ବାପା ଭାବରେ ତାଙ୍କର କର୍ତ୍ତବ୍ୟ କରୁଥିଲେ । ଯେତେ ଯାହା କଲେ ବି ଲିଣ୍ଡଲେ ତାଙ୍କ ଜୋଇଁ ଆଗରେ କେବେହେଲେ ସହଜ ହୋଇପାରୁ ନ ଥିଲେ, ବଡ଼ ହତାଶ ଲାଗେ ତାଙ୍କୁ ମାର୍ଗି ପାଖରେ । ସେଥିପାଇଁ ସେ ମାର୍ଗିକୁ ଦେଖିଲେ ଆଖିକାନ ବୁଜି ତାର ଉପସ୍ଥିତିକୁ ସହ୍ୟ କରିବାକୁ ଚେଷ୍ଟା କରନ୍ତି । ଲିଣ୍ଡଲେ ଖୁବ୍ ଦୁର୍ବଳ, ଶୁଖିଲା ଓ ଶୋଚାଳିଆ ଦେଖା-ଯାଉଥାନ୍ତି । ତାଙ୍କର ବାଳସବୁ ପାଚିଯାଇଥାଏ । ଏ ପର୍ଯ୍ୟନ୍ତ ସେ ନିଜର ଅହଂକାରୀ ଭାବକୁ ବଜାୟ ରଖି ଆସିଥିଲେ ; କିନ୍ତୁ ଏଇ କିଛିଦିନ ହେବ ପିଲାମାନେ ପ୍ରତ୍ୟେକେ ବଡ଼ ହୋଇଯିବା ପରେ ତାଙ୍କର ସେଇ ଭାବରେ ଯେମିତି ଫାଟ ଧରିଛି, ଓ ସେ

Digitized by srujanika@gmail.com

କୌଣସି ମୁହୂର୍ତ୍ତରେ ଏଇ ଅହଂକାର ଭାବଟି ଗୁଣ୍ଡା ଗୁଣ୍ଡା ହୋଇ ଲଣ୍ଡଲେଙ୍କୁ ଦୁର୍ବଳ, ଦସ୍ତନାସ୍ତ କରିଦେବ ତାର ଠିକଣା ନାହିଁ । ଲଣ୍ଡଲେଙ୍କ ସ୍ତ୍ରୀ, ତାଙ୍କ ଝିଅ ଓ ଝିଅର ପିଲାମାନଙ୍କର ଯତ୍ନ ଓ ସୁବିଧା ଅସୁବିଧା କଥା ବୁଝିଲେ । କିନ୍ତୁ କ୍ରୋଧିଙ୍କୁ ଉପେକ୍ଷା କଲେ । ଲୁଇସା ମେଗିର ଛୋଟ ଝିଅକୁ ନେଇ ହସଖୁସି ଓ ଆନନ୍ଦରେ ମାତିଗଲା । ଖାଲି ମାସି ଅଲଗା ଛୁଡ଼ା ହୋଇ ରହିଲା—ବଂଗାଳିଆ, ଜିଦଖୋରିଆ, ଛୋଟିଆ ଲୋକଟି ।

ଲୁଇସା, ମେଗିର ଟିକ ଝିଅକୁ ଧରି ଖୁସିରେ ପାଟି କରି ଉଠିଲା, "ଆରେ ! ଏ ସୁନ୍ଦରିଆ, ଗୁଲୁଗୁଲିଆ ଟିକି ଝିଅଟା ଟ୍ରେନ୍‌ରେ ବସି ଆସିଛିରେ !" ଲୁଇସା ନିଆଁ ପାଖରେ ଆଣେଇ ପଡ଼ି ଝିଅକୁ ତା ଗୁଦର ଭିତରୁ ବାହାର କରି ନିଆଁ ପାଖରେ ସେକ ଧରିଲା ।

ଛୋଟ ପୁରୋହିତ କହିଲା, "ମେଗି, ଝିଅକୁ ଟିକିଏ ଉଷୁମ ପାଣିରେ ଗାଧେଇ ଦେଲେ ତ ଭଲ ହୁଅନ୍ତା, ତାକୁ ନ ହେଲେ ଥଣ୍ଡା ଧରିପାରେ ।"

"ନାଁ, ତାର ଦରକାର ନାହିଁ, ତା ଦେହ ହାତ ତ ଥଣ୍ଡା ହୋଇନି ।" ମେଗି ଝିଅ ପାଖକୁ ଆସି ତାର ଟିକି କଅଁଳିଆ ହାତ ଆଉ ପାଦରେ ହାତମାରି କହିଲା ।

ଲୁଇସା ବି କହିଲା' "ନା ଜମା ଗାଧେଇବା ଦରକାର ନାହିଁ, ତାକୁ ତ ଥଣ୍ଡା ଧରିନି ।"

"ମୁଁ ଯାଇ ତା ଗରମ ମଫଲର ଟା ନେଇଆସେ" ମାସି କହିଲା, ମନରେ ସେଇ ଗୋଟିଏ ଚିନ୍ତା ।

"ତା ହେଲେ ମୁଁ ତାକୁ ରୋଷେଇ ଘର ଭିତରେ ଗାଧୋଇ ଦେବି, "ମେଗି କହିଲା, କଥା ବଦଳେଇ ଉଦାସ ଭାବରେ ।

"ନାଁ ରୋଷେଇ ଘରେ ହବନି । ଗୃହିଣୀ ଘର ପୋଛୁଛି । ତା ଛଡ଼ା, କି ଆଶ୍ଚର୍ଯ୍ୟ, ତୁଆ ଝିଅର ଜମା ଗାଧୋଇବା ଦରକାର ନାହିଁ," ଲୁଇସା ଝିଅକୁ ଖେଳାଉ-ଖେଳାଉ କହିଲା ।

ମେଗି ଶାନ୍ତ ମାନିନେବା ସ୍ୱରରେ କହିଲା "ହଉ ସେ ଗାଧୋଇ ପଡ଼୍ ।" ଲୁଇସା ବିଜୟୀ ହୋଇ ଚୁପ୍ କରିଗଲା । ମାସି ଝିଅର ମଫଲର୍ କାନ୍ଧରେ ପକାଇ ଉପର ମହଲାରୁ ଆସିବାବେଳେ ଲଣ୍ଡ୍‌ଲେଙ୍କ ସ୍ତ୍ରୀ ତାକୁ ପଚାରିଲେ, "ଅଚ୍ଛା, ଏଡୱାର୍ଡ ତମେ ବରଂ ଟିକେ ଗରମ ପାଣିରେ ଗାଧୋଇ ପଡ଼ ?"

Digitized by srujanika@gmail.com

କିନ୍ତୁ ଶାନ୍ତିଙ୍କ କଥାର ଅର୍ଥ, ସେ ବିଷୟରେ କିଛି ହେଲେ ପ୍ରଭାବ ମାର୍ସି ଉପରେ ପଡ଼ିଲା ନାହିଁ । ସେ ତା ଝିଅର ଦେହରେ ମଫଲର ବାନ୍ଧିବାରେ ବ୍ୟସ୍ତ ରହିଥିଲା ।

ଘର ଭିତରେ ଏକ ନୀରସ, ଶୀର୍ଣ୍ଣ ପରିବେଶ । ବାହାରେ ଝିରି ଝିରି ଧଳା ବରଫ ଖଣ୍ଡସବୁ ବଗିଚାର ଘାସ ଓ ଛୋଟ ଛୋଟ ବୁଦା ଉପରେ ଲଦି ଗଦା ହୋଇ ଏକ କାଳ୍ପନିକ ପରିବେଶର ମାୟାଜାଲ ସୃଷ୍ଟି କରିଥାଏ । ଘର ଭିତର କାନ୍ଥରେ ଲମ୍ବା, ଭରି ବନ୍ଧା ଫଟୋସବୁ ନିର୍ଜୀବ ଭାବରେ ଝୁଲୁଥାଏ । ସାରାଘରେ ଏକ ମଳିନ, ଅପରିଚ୍ଛନ୍ନ ଭାବ ।

ଜଳୁଥିବା ଚୁଲି ପାଖଟା ଯାହା ଖାଲି ଆଲୁଅ ହୋଇଛି । ସେଇଠି ଛୋଟ ଝିଅର ଗାଧୁଆ କୁଣ୍ଡ ରଖା ହୋଇଥାଏ । ମେରି ଗୋଟିଏ ରବରର ଆପ୍ରନ ପିନ୍ଧି ଛଟପଟ ହେଉଥିବା ଛୁଆଟାକୁ ଧରି ଗାଧୁଆକୁଣ୍ଡ ପାଖରେ ଆଣ୍ଠେଇ ପଡ଼ିଥାଏ । ତାର କଳା, ଉଜ୍ଜ୍ୱଳ ବାଳ ସବୁଦିନ ପରି ଚିକ୍କଣ ଭାବରେ କୁଞ୍ଚିତ ହୋଇ ମୁଣ୍ଡ ଚାରି ପାଖରେ ବେଢ଼ି ରହିଥାଏ ଓ ସେ ରାଣୀ ପରି ଦିଶୁଥାଏ । ତା ସ୍ୱାମୀ ତା ପାଖରେ ତଉଲିଆ ଆଉ ଝିଅର ମଫଲର ଜାମାକୁ ଦେଖେଇ ଧରି ଠିଆ ହୋଇଥାଏ । ଲୁଇସା ଏତେ ରାଗି ଯାଇଥିଲା ଯେ ସେ ଆଉ ଝିଅର ଗାଧୋଇବା ଆନନ୍ଦରେ ଭାଗ ନେଇପାରିଲା ନାହିଁ ଓ ଦୂରକୁ ଯାଇ ଖାଇବା ଟେବୁଲକୁ ସଜାଡ଼ିଲା ।

ମେରିର ପୁଅ ଘର ଦୁଆର ମୁହଁରେ ଠିଆହୋଇ ବାହାର କବାଟର ହୁକ୍ ଖୋଲିବାକୁ ଆପ୍ରାଣ ଚେଷ୍ଟା କରୁଥାଏ ।

"ଏଇ ଜ୍ୟାକ୍ ସେ କବାଟ ପାଖରୁ ଏଆଡ଼କୁ ଚାଲିଆ, ମାର୍ସି କାହାରି ଆଡ଼କୁ ଦୃଷ୍ଟି ନ ଦେଇ ତା ପୁଅକୁ କହିଲା । ଜ୍ୟାକ୍, କିନ୍ତୁ ଯେମିତି ତାକୁ ଜମା ଶୁଣିପାରି ନାହିଁ, ସେମିତି କବାଟକୁ ଆହୁରି ଜୋରରେ ଚାପି ଧରି ତା କାମରେ ଲାଗିରହିଲା । ମାର୍ସି ତା ଆଡ଼କୁ ଚାହିଁ ଆଖି ମିଟି ମିଟି କରି କହିଲା ।

ମେରି, ତାକୁ କୁହ ସେ ସେଠୁ ଚାଲି ଆସିବା ଦରକାର, ନ ହେଲେ ଯଦି କବାଟ ଖୋଲିଯିବ, ତେବେ ଘର ଭିତରକୁ ଥଣ୍ଡା, ବରଫମିଶା ପବନ ପଶି ଆସିବ ।" ମାର୍ସି କହିଲା ତା ସ୍ତ୍ରୀକୁ ।

ମେରି ଜ୍ୟାକକୁ ଡ଼ାକିଲା, "ଜ୍ୟାକ୍, ଧନ କବାଟ ପାଖରୁ ଚାଲିଆ ଆଡ଼କୁ, ଯା ଲୁଇସା ମାଉସୀକୁ ଟ୍ରେନରେ କଣ ସବୁ ଦେଖିଥିଲୁ କହିବୁ ।" ସେ ତା ଝିଅର ଚକଚକିଆ ଓଦା ଦେହକୁ ଗୋଡରେ ପକେଇ ତଉଲିଆରେ ପୋଛୁ ପୋଛୁ ପୁଅକୁ କହିଲା । ଲୁଇସା ବି କବାଟ ଖୋଲି ଦିବାକୁ ଭୟ କରୁଥିଲା ଓ ଦୂରରୁ ଚୁଲି ପାଖରେ

Digitized by srujanika@gmail.com

ଚାଲିଥିବା ଦୃଶ୍ୟକୁ ଦେଖୁଥିଲା । ମାସି ଝିଅର ମଫଲର ଧରି ସେମିତି ଠିଆ ହୋଇଥାଏ, ଯେମିତି ସେ ଗୋଟାଏ ଯଜ୍ଞ ମୁଖ୍ୟ ପୂଜକ କାମରେ ସାହାଯ୍ୟ କରୁଛି । ସମସ୍ତେ ଯଦି ମନେ ମନେ ହସି ନ ଥାନ୍ତେ ଏ ଦୃଶ୍ୟ ବେଶ୍ ହାସ୍ୟାସ୍ପଦ ହୋଇଥାନ୍ତା ।

ହଠାତ୍ ଜ୍ୟାକ୍ କହିଲା "ମୁଁ ଝରକା ବାହାରକୁ ଅନେଇ ଦେଖିବି ।" ତା କଥା ଶୁଣି ମାସି ତରବରରେ ତା ଆଡ଼କୁ ବୁଲି ପଡ଼ିଲା ।

"ଲୁଇସା, ତାକୁ ଟିକେ ଗୋଟାଏ ଚୌକି ଉପରକୁ ଉଠେଇ ଦେବୁ କି ।" ମେଗ୍ ବି ତରତରରେ କହିଲା । ତା ବାପ ତ ବେଶ୍ ସୁକ୍ରୁମ ଶଆ !

ଛୋଟ ଝିଅର ମଫଲର, ଜାମା ପିନ୍ଧା ସାରିବା ପରେ ମାସି ଉପର ମହଲାକୁ ଯାଇ ଚାରିଟା ଛୋଟ ତକିଆ ନେଇଆସିଲା ଓ ସେଗୁଡ଼ିକ ଚୁଲିପାଖରେ ଗରମ ହେବାପାଇଁ ଟିକିଏ ସମୟ ରଖିଦେଲା । ତାପରେ ମେଗ୍ ଝିଅକୁ ଖାଇବାକୁ ଦେବାବେଳେ ସେ ସେଇଠି ତାକୁ ଅନେଇ ଅନେଇ ଦେଖିବାରେ ଲାଗିଲା । ଝିଅର ଭାବନାରେ ବୁଡ଼ିଯାଇ ମାସି ନିଜକୁ ଭୁଲି ଯାଇଥିଲା ।

ଲୁଇସା ଖାଇବା ଜିନିଷ ତିଆରି କରିବାରେ ବ୍ୟସ୍ତ । ତାକୁ କେହି ପଚାରିଲେ ସେ ବୋଧେ କହି ପାରିବନି କାହିଁକି ସେ ଏତେ ବେଶୀ ହସିଯାଉଛି । କିଣ୍ଡ୍ଲେଙ୍କ ସ୍ତ୍ରୀ, ଆଗପରି ଚୁପ୍ ଚୁପ୍ ସବୁ ଦେଖୁଥାନ୍ତି ।

ମେଗ୍ ଝିଅକୁ ଜାମାପଟା ପିନ୍ଧାଇ ଦେଇ ଉପରମହଲକୁ ନେଇଗଲା, ତା ସ୍ୱାମୀ ତକିଆତକ ଧରି ତା ପଛେ ପଛେ ଗଲା । ଅଳ୍ପ ସମୟ ପରେ ସେ ପୁଣି ତଳକୁ ଓହ୍ଲେଇ ଆସିଲା ।

"ମେଗ୍ ଉପରେ ଏତେବେଳ ଯାଏ କଣ କରୁଛି ? ତଳକୁ ଖାଇବାକୁ ଆସୁନି କାହିଁକି ?" ମେଗ୍‌ର ମା ପଚାରିଲେ ।

ମାସି କହିଲା, "ସେ ଝିଅ ପାଖରେ ଅଛି । ସେ ଘରଟା ଭାରି ଥଣ୍ଡା ହେଉଛି, ମୁଁ ଚାକରାଣୀକୁ କହୁଛି ଝିଅ ପାଖରେ ଟିକିଏ ନିଆଁ ଲଗେଇ ଦେଇ ଆସିବ ।" କହୁ କହୁ ସେ ଘର ଦୁଆର ମୁହଁ ଆଡ଼କୁ ଏକ ଲମ୍ଫରେ ଯାଉଥାଏ ।

କିନ୍ତୁ ମେଗ୍ ତ ଏ ପର୍ଯ୍ୟନ୍ତ କିଛି ଖାଇନି, ତାକୁ ଆଗେ ଥଣ୍ଡା ଲାଗିବ" । ତା ଶାଶୁ କହିଲେ ଅତି ବିରକ୍ତ ହୋଇ ।

କିନ୍ତୁ ମାସି ଯେମିତି ସେ କଥା ଶୁଣି ବି ମୋଟେ ଶୁଣି ପାରିଲା ନାହିଁ । ତଥାପି ସେ ଶାଶୁ ଆଡ଼କୁ ଚାହିଁ କହିଲା, ମୁଁ ତା ପାଇଁ ନେଇଯିବି ।"

Digitized by srujanika@gmail.com

ତାପରେ ସେ ସେଠାରୁ ଚାଲିଗଲା । ଲିଣ୍ଡନେଙ୍କ ସ୍ତ୍ରୀ ମାସିର କଥା ଶୁଣି ରାଗି ତାଙ୍କ ଚୌକି ଉପରେ ଗୋଡ଼ ହାତ ଟେକି ବିରକ୍ତିରେ ବସି ରହିଲେ । ଲୁଇସା ବି ଭୀଷଣ ଚିଡ଼ିଗଲା । କେହି କିନ୍ତୁ କିଛି କହିଲେ ନାହିଁ । ମାସି ଯେ ସେମାନଙ୍କୁ, ଘର ଚଳିବାକୁ ଟଙ୍କା ଦେଉଛି ।

ଲୁଇସା ଉପର ମହଲାକୁ ଗଲା ଦେଖିବାକୁ । ତା ଭଉଣୀ ଝିଅର ବିଛଣା ପାଖରେ ବସି ଖଣ୍ଡେ ଛିଣ୍ଡା କାଗଜ ନେଇ କଅଣ ପଢ଼ୁଥାଏ । ସେ ମେଗ୍ଗିକୁ ପଚାରିଲା, "ତୁ କଣ ତଳକୁ ଖାଇବାକୁ ଆସିବୁନି ।"

"ଟିକିଏ ପରେ ଯାଉଛି, ତୁ ଯା ତଳକୁ ।" ମେଗ୍ଗି କହିଲା । ତା ସ୍ୱରରେ ଶାନ୍ତ ଗମ୍ଭୀରତା, ସେଇ ସ୍ୱର ଦେଇ ସେ ଯେମିତି ତା ଭଉଣୀକୁ ତା ପାଖକୁ ଆସିବାକୁ ବାରଣ କଲା ।

କିନ୍ତୁ ମେଗ୍ଗିର କହିବା ଢ଼ଙ୍ଗରେ ଲୁଇସା ଭୀଷଣ ରାଗିଗଲା । ସେ ଦପ୍ ଦପ୍ କରି ତଳକୁ ଓହ୍ଲେଇ ଯାଇ ତା ମା କୁ କହିଲା, "ମା, ମୁଁ ବାହାରକୁ ଯାଉଛି, ରା ଖାଇଲାବେଳେ ବୋଧେ ଆଜି ମୁଁ ଘରକୁ ଫେରିବିନି ।"

—୮—

ସେ ଚାଲିଯିବାପରେ କେହି କିଛି କହିଲେ ନାହିଁ । ମୁଣ୍ଡରେ ପରିବ ଟୋପି ଓ ଦେହର ଟ୍ରଂକ୍ ଉପରେ, ତା ପୁରୁଣା ନରଫୋକ ଜ୍ୟାକେଟଟା ପିନ୍ଧି ସେ ବାହାରି ଗଲା । ଏଇ ପୋଷାକରେ ତାକୁ ତା ଗାଁର ଲୋକ ସମସ୍ତେ ଜାଣିଛନ୍ତି । ଲୁଇସା ଦେଖିବାକୁ ଡେଙ୍ଗା ହୋଇ ସୁନ୍ଦର ସ୍ୱାସ୍ଥ୍ୟର ଝିଅଟିଏ । ଖୁବ୍ ସାଧାସିଧା । ତା ଦୁଇଓଠ ତା ମା ଓଠ ପରି ଆଉ ଆଖିର ଭ୍ରୂରୁ ତା ବାପାର ଭ୍ରୂରୁ ପରି । ସେଇଥିରେ ଦାମ୍ଭିକତା ପ୍ରକାଶ ପାଏ । ତାର ନଜର ହେଲା ତାର ଦୁଇ ପାଉଁଶିଆ, ଭାବୁକ ଆଖି, ଯାହାକି ସେ ହସିଲେ ଭାରି ସୁନ୍ଦର ଦେଖାଯାଏ । ଲୋକେ କହନ୍ତି ତା ମୁହଁ ସବୁବେଳେ ରାଗିଲାପରି, କିନ୍ତୁ ତାର ବଡ ଆକର୍ଷଣରେ ଜିନିଷ ହେଲା ତାର ଉଜ୍ଜଳ, ବନ୍ଧାଳିଆ, ଗାଢ଼-ସୁନେଲି ବାଳ ଓ ତା ମୁଣ୍ଡର ବାଳରୁ ବାହାରୁଥିବା ଉଜ୍ଜଳ ଆଲୋକର ସୌନ୍ଦର୍ଯ୍ୟ ସାଙ୍ଗରେ ଲୁଇସାର ଚେହେରାର ଅମେଳ ହୁଏନାହିଁ ।

ବରଫ ଝଡ ଭିତରେ ଘରୁ ବାହାରି ଆସି ବାହାରେ ସେ ମନେ ମନେ ଭାବିଲା । ମୁଁ କୁଆଡ଼େ ଯାଉଛି ?" ତଥାପି ସେ କିଛି ଦ୍ୱିଧା ନ କରି, ଯନ୍ତ୍ରଚାଳିତ ପରି

Digitized by srujanika@gmail.com

ଛୋଟିଆ ପାହାଡ ଉପରୁ ତଳକୁ ଓହ୍ଲାଇ ପୁରୁଣା ବ୍ୟାଲଡ୍‌ଫସ୍ ଅଗେଇ ଯିବାରେ ଲାଗିଲା । ବଡ଼ ବଡ଼ ଛେଦିବା ଛଇଗ୍ରଇଆ, ଅନ୍ଧାରୁଆ ପାହାଡ଼ ତଳ ଖାଲଟାରେ ଥିବା ଝୋଇଲ ଖଣି ଅଞ୍ଚଳଟା ଦେଖି ଦେହ ଧୁଙ୍ଗୁଡ଼ି ମାରୁଛି ଜୋରରେ, ଝଣିରୁ ବାହାରୁଛି ସିଧାହୋଇ ଉଚା କୁଣ୍ଡଳାକୃତ ବାମ୍ପ, ସେ ଗୁଡ଼ା ପାହାଡ ଉପର ବରଫଠାରୁ ବି ଧଳା ଦେଖିବାକୁ, କିନ୍ତୁ ସେ ଧଳା ଧୁଆଁ ସବୁ ଛାଇଛାଇଆ ଦେଖାଯାଉଛି ନିସ୍ତବ୍ଧ ପବନରେ । ଲୁଇସା ଏତେ ବେଳଯାଏ ବୁଝି ନ ଥିଲା ଜାଣିବାକୁ ସେ କୁଆଡ଼େ ଯାଉଛି । ଚାଲି ଚାଲି ସେ ଆସି ପହଞ୍ଚିଲା ରେଲୱେ ଲେଭଲ୍ କ୍ରସିଂ ପାଖରେ । ରେଲଲାଇନ୍ ପାଖରେ ପହଞ୍ଚି ସେ ଦେଖିଲା ଆପଲ୍ ଗଛ ଡାଳରେ ବରଫଗୁଣ୍ଡ ସବୁ ଲାଗି ନଇଁ ପଡ଼ୁଛି ବାଡ଼ ଆଡ଼କୁ । ତାର ମନେ ହେଲା ସେଇ ନଇଁ ପଡ଼ିଥିବା ଡାଳ ଗୁଡ଼ା ଯେମିତି ତାକୁ କହୁଛନ୍ତି ଡୁବ୍ରେଣ୍ଟର ସ୍ତ୍ରୀକୁ ଦେଖି ଆସିବାକୁ କାରଣ ଡୁବ୍ରେଣ୍ଟର ବଗିଚାଭିତରୁ ଆପେଲ୍ ଗଛର ସେଇ ଡାଳ ଲମ୍ବି ଆସିଛି ବାଡ଼ଆଡ଼କୁ ।

ରାସ୍ତା ତଳକୁ ଥିବା ତାଙ୍କ ଛୋଟ ଘରେ ଆଲପ୍ରେଂଡ ପୁଣି ଏବେ ଆସିଛି ତା ମା ପାଖରେ ରହିଛି । ରେଲଲାଇନ୍ କ୍ରସିଂ କଡ଼େ କଡ଼େ, ବଡ ରାସ୍ତାର ବାଡ଼ ପାଖକୁ ଯେମିତି ଗୋଟାଏ ଲମ୍ବା ଗାତର ଗୋଟାଏ ଧାର, ଅନ୍ୟ ବଗିଚାଟା ବି ସିଧାଯାଇ ଗୋଟାଏ କାନ୍ଥ ପାଖରେ ପହୋଯାଇଛି । ରାସ୍ତାର ଏତେ ତଳକୁ ଯାଇ ଡୁବ୍ରେଣ୍ଟର ଘର ରହିଛି ଯେ ଘରର ଚିମିନିଟା ଖାଲି ଦେଖାଯାଉଛି । ଠିକ୍ ରାସ୍ତାର ଉଚ୍ଚା ସାଙ୍ଗରେ ସମାନ ହୋଇ । ଲୁଇସା ପଥର ପାହାଚରେ ରାସ୍ତାରୁ ତଳକୁ ଓହ୍ଲାଇ ଗଲା । ତଳକୁ ଯାଇ ସେ ଘରର ପଛପଟର ଅଳଙ୍ଗା, ଅଧା-ଅନ୍ଧାରୁଆ ଛୋଟ ବଗିଚାରେ ଠିଆହେଲା । ବଡ଼ ଛୋଟାଏ ନଇଁ ଆସିଛି ମହମରଂଗର ଛୋଟ ଘରଟି ଉପରକୁ । ଏଇଠି ପହଞ୍ଚି ଲୁଇସା ଯେମିତି ଏତେ ବଡ଼ ଦୁନିଆ ଭିତରେ ଟିକିଏ ନିରାପଦ ଆଶ୍ରୟ ପାଇଲା । ସେ ଦରଜା ପାଖରେ ପହଞ୍ଚି କବାଟ ଠକ୍ ଠକ୍ କଲା । ଅପେକ୍ଷା କରୁ କରୁ ଚାରିଆଡ଼କୁ ଅନେଇ ଦେଖିଲା, ଝଣି ରେଲଲାଇନର ରାସ୍ତା ପାଖରୁ ବଗିଚା ମଝି ପର୍ଯ୍ୟନ୍ତ ଧଳା ବରଫରେ ଘୋଡ଼େଇ ହୋଇ ପଡ଼ିଥାଏ । ଏଇ ମାସକ ଭିତରେ ଡୁବ୍ରେଣ୍ଟର ବୁଢ଼ାତଳେ ତଳେ ଖଣ୍ଡ ଖଣ୍ଡ ବରଫ ଗୁଣ୍ଡର ଚଢ଼ା ଜମାହେବ । ସେଇ ବରଫ ଗୁଣ୍ଡରକୁଞ୍ଚକୁଞ୍ଚିଆ ଆବଡ଼ା ଖାବଡ଼ା ଧାର କଥା ଭାବିଲେ ଲୁଇସା । ସେ ବରଫ ଚାଦର ଘୋଡ଼େଇ ହୋଇଥିବା ବଗିଚାକୁ ଚାହିଁ ଚାହିଁ ଦେଖୁଥିଲା ତା ପଛରେ ବଗିଚାଧାରକୁ ଲାଗି ଝୁଲୁଥିବା ଛୁଣ୍ଡା ଛୁଣ୍ଡା, କୁଞ୍ଚକୁଞ୍ଚିଆ ନାଲି ଫୁଲଗୁଡ଼ା ଉପରେ ବରଫ ଖଣ୍ଡ ଜମା ହୋଇ ଦେଖା ଯାଉଛି ଧଳା ଚକ୍ ଚକ୍ । ଖରାଦିନେ ଏଇ ନାଲି ଫୁଲ ଗୁଡ଼ାକ ପେନ୍ଥା ପେନ୍ଥା ଧଳା ଫୁଲ ହୋଇ ଲୁଇସାର ଠିକ୍ ମୁଣ୍ଡ ଉପରକୁ ଥିବା ଡାଳରେ ଫୁଟେ । ସେ ଭାବିଲା ଯେ, ଫୁଲଗୁଡ଼ା ପେନ୍ଥା ହୋଇ ମୁଣ୍ଡି ଉପରେ ଝୁଲି ରହିଥିଲା ବେଳେ ହାତ ବଢ଼େଇ ତୋଳିବା ପାଇଁ କି ଭଲ ଲାଗେ ସତେ ।

Digitized by srujanika@gmail.com

ଅନ୍ଧାରରେ ସେ କବାଟ ବାଡ଼େଇଲା । ଘର ଭିତରକୁ ଚାହିଁ ମାରି ଦେଖିଲା ରୋଷେଇ ଘର ଭିତରେ ନାଲି ନିଆଁ ଦପ୍ ଦପ୍ ହୋଇ ଜଳୁଛି । ନିଆଁର ନାଲି ଆଲୁଅ ଘରର ଇଟା ଚଟାଣ ଉପରେ ଓ ଛୁଟଛୁଟିଆ ରଂଗୀନ କୁସନ୍ ଉପରେ ପଡ଼ି ଆଲୁଅ କରୁଛି । କାଚକଳୀ କରା ଦେଇ ଉଜ୍ଜ୍ୱଳ ରଂଗୀନ ଆଲୋକ ଚିତ୍ର ଦେଖିବା ପରି ଘରଟା ଅଲୁଅରେ ଝଲମଲ କରୁଛି । ସେ ରୋଷେଇଘର ଟପି ଅଗକୁ ଗଲା । ରୋଷେଇଘର ଥାକରେ ଏ ଯାଏ ବି ଗୋଟାଏ ପାଣ୍ଡି ଥୁଆ ହୋଇଛି । ସାରାଘରଟାରେ କେହି କୁଆଡ଼େ ନାହିଁ । ଲୁଇସା ଧୀରେ ଧୀରେ ଡାକିଲା, "ମାଉସୀ", ମାଉସୀ",!

ସାମନା ଘରର ଇଟା ପାହାଚ ପର୍ଯ୍ୟନ୍ତ ସେ ଅଣ୍ଟିକିଏ ଆଗେଇ ଗଲା । ସେଇ ଘରେ ଡୁରାଣ୍ଡ ଦୋକାନର ବର୍କ ଟେବୁଲ୍, ଛୋଟ ଛୋଟ ଜାନଲାର ବୁଜୁଲା ସବୁ ଏ ପର୍ଯ୍ୟନ୍ତ ବି ରହିଛି । ଉପର ମହଲାକୁ ଯିବା ପାହାଚ ପାଖରେ ପହଞ୍ଚି ସେ ପୁଣି ପାଟିକରି ଅନ୍ଧାରରେ ଡାକିଲା, କିନ୍ତୁ କେହି ଜବାବ ଦେଲେ ନାହିଁ । ସେ ଭାବିଲା ଡୁରାଣ୍ଡର ସ୍ତ୍ରୀ ବୋଧେ ଘର ବାହାରକୁ ଯାଇଛି ।

ସେ ବାହାର ଅଗଣାକୁ ଯାଇ ଡୁରାଣ୍ଡର ସ୍ତ୍ରୀର ପାଦଚିହ୍ନ ଦେଖି ଦେଖି ବଗିଚା ଭିତରକୁ ଗଲା ।

ଛୋଟ ଛୋଟ ବୁଦା ଭିତର ଦେଇ ବେତକୋଳି ବୁଦା ପାଖରେ ପହଞ୍ଚି ସେ ବଗିଚା ଭିତରକୁ ଭଲକରି ଚାହିଁଲା । ଆଗରେ ଦୂରରେ ଖଣିର ସମତଳ ଭୂମି ତା ପାଖରେ ଠିଆ ହୋଇ ଡୁରାଣ୍ଡର ବଡ଼ ପରିବାର ବଗିଚାଟା । ବଗିଚାଟା ବରଫ ପରି ଧଳା ଓ ଗଛ ଛାଇରେ ଛାଇ ଛାଇଆ ଦେଖାଯାଉଛି । ଗହଳିଆ ଘଞ୍ଚ ବୁଦାର ଡାଳ ସାରା ଛୁଟଛୁଟିଆ ହୋଇ ବରଫ ପଡ଼ିଛି ଓ ବରଫରେ ସେ ଗୁଡ଼ା ଅଧା ପୋତି ହୋଇଯାଇଛି । ବାଁ ପାଖରେ ମୁଣ୍ଡ ଉପରକୁ ଖଣିର ଛୋଟ ଟେନ୍ଟା ଝଣ୍ଝଣ ଶବ୍ଦକରି ଚାଲିଗଲା । ଲୁଇସାର ଠିକ୍ ପଛପଟକୁ କିଛି ଦୂରରେ ଧାଡ଼ି ଧାଡ଼ି ହୋଇ ବଗିଚାର ଗଛ ସବୁ । ଲୁଇସା ତା ଆଗରେ ଥିବା ବଗିଚାର ଖୋଲା ରାସ୍ତାରେ ଆଗେଇଗଲା, ରାସ୍ତାର ଦୁଇପଟକୁ ଚାହିଁ ଚାହିଁ । ହଠାତ୍ କାହାକୁ ଦେଖି ସେ ପାଟି କରି ଉଠିଲା । ସେ ଦେଖିଲା ଡୁରାଣ୍ଡର ସ୍ତ୍ରୀ ବରଫ ଉପରେ ପୋଖରିଆ, ଛୋଟ ବନ୍ଧାକୋବି କିଆରି ମଝିରେ ବସି ଝୁଲୁଛି । ଲୁଇସା ତା ପାଖକୁ ଦୌଡ଼ିଗଲା ଓ ଦେଖିଲା ସେ ଧକେଇ ଧକେଇ ବସି ଅତି କଷ୍ଟରେ ଆଃ, ଉହୁଃ କରି ପାଟି କରୁଛି ।

ଲୁଇସା ସେଇ ବରଫ ଉପରେ ଆଣ୍ଠେଇ ପଡ଼ି ପଚାରିଲା "ମାଉସୀ ତମେ ଏଠି କଣ କରୁଛ ?"

ସେ ସେମିତି ଧକେଇ ଧକେଇ ଭୟ ଓ ଯନ୍ତ୍ରଣା ମିଶା, ଅନିଶ୍ୱାସୀ ସ୍ୱରରେ କାନ୍ଦିଲା ପରି କହିଲା, "ମୁଁ,—ମୁଁ—ମୁଁ ଗୋଟାଏ ବନ୍ଧାକୋବି ମୂଳ ବରଫତଳୁ

Digitized by srujanika@gmail.com

ଟାଣ୍ଡ ଟାଣ୍ଡ—ଓଃ—ମୋ ପେଟଭିତରେ କଣଟାଏ ଯେମିତି ଛିଣ୍ଡିଗଲା, ବଡ଼ କଷ୍ଟ ହେଉଛି । ମୋର ସେଠି ଅନେକ ଦିନରୁ କଷ୍ଟ ହେଉଥିଲା, କିନ୍ତୁ ଆଜି ହଠାତ୍ ଓଃ…" ସେ ଜୋରରେ ନିଶ୍ୱାସ ନେଇ ତା ପେଟକୁ ଦୁଇପଟ ଚିପିଧରି ଆଗକୁ ନଇଁ ପଡ଼ିଲା, ଯେମିତି ସେ ହାଙ୍ଗେ ସାଙ୍ଗେ ବେହୋସ୍ ହୋଇଯିବ । ଧଳା ବରଫ ଉପରେ ତା ଦେହର ହଳଦିଆ ରଂଗ ଆହୁରି ହଳଦିଆ ଦେଖାଗଲା । ଲୁଇସା ତାକୁ ଧରି ଉଠେଇଲା ।

ସେ ପଚାରିଲା, "ତୁମେ ଏବେ ଚାଲି ଯାଇ ପାରିବତ ?

"ହଁ", ବୁଢ଼ୀ ଥରଉ ଥରଉ କହିଲା ।

ଲୁଇସା ତାକୁ ଟେକି ଠିଆକଲା ।

ବୁଢ଼ୀ କହିଲା, "ସେ ବନ୍ଧାକୋବି ଗୁଡ଼ା ଆଣ ଲୁଇସା, ଆଜି ଅଲଫ୍ରେଡ଼ ପାଇଁ ରାନ୍ଧିବ ।" ଲୁଇସା ବନ୍ଧାକୋବିତକ ତଳୁ ଗୋଟେଇ ବୁଢ଼ୀକୁ ଧରି କଷ୍ଟେ ମଷ୍ଟେ ଘର ଭିତରକୁ ଆଣିଲା । ତାକୁ ଗୋଟାଏ ଆରାମଚୌକି ଉପରେ ବସାଇ ଦେଇ ତା ପାଟିରେ ଟିକେ ବ୍ରାଣ୍ଡି ଢାଳି ଦେଇ କହିଲା, "ତୁମେ ଏଇଠି ଟିକେ ଶୁଅ, ମୁଁ ଡାକ୍ତରକୁ ଡାକେ ।"

ତାପରେ ସେ ଦଉଡ଼ିଯାଇ ପାଖ ମଦ ଦୋକାନର ଘର ବାଲୀ ପାଖରେ ପହଞ୍ଚିଲା । ଘରବାଲୀ ଲୁଇସାକୁ ଦେଖି ଅଧୈର୍ଯ୍ୟ ହୋଇଗଲା ।

ଲୁଇସା ତା ବାପାଙ୍କ ଢଙ୍ଗରେ ତାକୁ କହିଲା, "ଜଣେ ଡାକ୍ତରକୁ ଡାକିବାକୁ ପଠେଇବ କି ? ଜୁର୍ଗେନ୍ସର ଘରକୁ ଯିବ ।"

ଘରବାଲୀ ଉଦବିଗ୍ନ ହୋଇ ପଚାରିଲା "କଣ ହୋଇଛି ! କଅଣ ?"

ତା ସଙ୍ଗେ କଥା ହେଉ ହେଉ ଲୁଇସା ହଠାତ୍ ଦେଖିଲା ରାସ୍ତାରେ ଜଣେ ଦୋକାନୀ ବାଲାର ଗାଡ଼ି ଇଷ୍ଟଗେଟ ଆଡ଼କୁ ଯାଉଛି । ଗାଡ଼ିପାଖକୁ ଦଉଡ଼ି ଯାଇ ସେ ଗାଡ଼ିବାଲାକୁ ଅଟକେଇ ଜଣେ ଡାକ୍ତରଙ୍କୁ ଡାକିଦେବାପାଇଁ କହିଲା ।

ଲୁଇସା ଫେରିଆସିଲା ବେଳକୁ ଜୁର୍ଗେନ୍ସର ସ୍ତ୍ରୀ ମୁହଁ ବୁଲେଇ ସୋଫା ଉପରେ ଶୋଇଥିଲା ।

ଲୁଇସା କହିଲା "ମାଉସୀ ଆସ, ତୁମକୁ ମୁଁ ବିଛଣାରେ ଶୁଆଇଦିଏ ।" ବୁଢ଼ୀ ମନା କଲାନାହିଁ ।

ଲୁଇସା କାମଦାମ କରୁଥିବା ଏଇ ଲୋକମାନଙ୍କର ଚାଲିଚଳଣି ବିଷୟରେ ଭଲକରି ଜାଣିଥିଲା । ଲୁଗା ଆଲମାରିର ତଳଥାକରୁ ସେ ପତଳାକନା ଓ ଢିଲାଥା

Digitized by srujanika@gmail.com

ବାହାର କରି ଆଣି ପୁରୁଣା ଫଟା ଗୁଦର ଛେଣା ଉପରେ ପକେଇ ଦେଲା । ତାପରେ ଅଲଫ୍ରେଡର ଛେଣା ଉପରୁ କମ୍ବଳଟା ନେଇ ସେ ଚୁଲିକୁ ଦଉଡ଼ି ଯାଇ ନିଆଁ ପାଖରେ ଗରମ ହେବାପାଇଁ ଟାଙ୍ଗିଦେଲା । ତା ପରେ ଅଲଫ୍ରେଡର ମା ବୁଢ଼ୀକୁ ସେ ଲୁଗା ବଦଳାଇ ଉପରମହଲକୁ ଟେକି ଟେକି ନେଇଗଲେ । ବୁଢ଼ୀ ପାଟିକଲା, "ତୁ ମତେ ପକାଇ ଦେବୁଲୋ ତୁ ମୋତେ ପକାଇ ଦେବୁ !"

ଲୁଇସା କିଛି ନ ଶୁଣି ବୁଢ଼ୀକୁ ଶୀଘ୍ର ଉପରକୁ ଟେକି ନେଇଗଲେ । ଉପରେ ଶୋଇବା ଘରେ କିନ୍ତୁ ସେ ନିଆଁ ଜଳେଇ ପାରିଲା ନାହିଁ, କାରଣ ସେ ଘରେ ନିଆଁ ଜଳେଇବାକୁ ଚୁଲି ନ ଥିଲା । ଘରେ ଚଟାଣଟା ବି ସିମେଣ୍ଟରେ ତିଆରି, ଗୋଟାଏ ଲାମ୍ପ ଦେଉଡ଼ିରୁ ଖୋଜି ଆଣି ଲୁଇସା ସେଇଟାକୁ ଲଗେଇ ଘରର ଗୋଟାଏ କଣରେ ଥୋଇଦେଲା ।

ଏଇ ଆଲୁଅରେ ଘରଟା ଟିକିଏ ଗରମହେବ ।" ଲୁଇସା କହିଲା ।

ବୁଢ଼ୀ କୁନ୍ଥେଇ କୁନ୍ଥେଇ କହିଲା "ହଁ"

ଲୁଇସା ତା ପରେ କିଛି ଗରମ ଜଳ ଆଣି ବୁଢ଼ୀର ଦୁଇପାଖରେ ମାଣ୍ଡିପର ଜାକି ଦେଲା । ବୁଢ଼ୀର ତଳିପେଟର ଗୋଟାଏ ପାଖରେ କ'ଣଟାଏ ବେଶି ବଡ ହୋଇ ଫୁଲି ଯାଇଥାଏ ।

ବୁଢ଼ୀର କଷ୍ଟଟିକେ କମିଆସିବାରୁ ସେ ଲୁଇସାକୁ କହିଲା "ମୋ ପେଟ ଭିତରେ କେବେଠୁ କଷ୍ଟ ହେଲାଣି । ମୁଁ ସେକଥା କାହାକୁ କହିନି । ମୁଁ ଚାହେଁନା ଅଲଫ୍ରେଡ଼ ମୋ ପାଇଁ ବ୍ୟସ୍ତ ହେଉ ।

ବୁଢ଼ୀର ଦେହ ପା ଅବସ୍ଥାରେ ଅଲଫ୍ରେଡ଼ ବା କାହିଁକି ବ୍ୟସ୍ତ ନ ହେବ ।

"କେତେଟା ବାଜିଲାଣି ?" ବୁଢ଼ୀ ଦୁର୍ବଳ ସ୍ୱରରେ ପଚାରିଲା ।

"ଦଶଟା ବାଜିବାକୁ ପନ୍ଦର ମିନିଟ ଅଛି ।"

ବୁଢ଼ୀ ପୁଣି କାତର ସ୍ୱରରେ ପାଟି କରି ଉଠିଲା, "ଅଲଫ୍ରେଡ ତ ଏଇ ଅଧଘଣ୍ଟା ଭିତରେ ଆସି ପହଞ୍ଚିବ, ତା ପାଇଁ ତ ଖାଇବାକୁ ତିଆରି ହୋଇନି ।"

ଲୁଇସା ଧୀରସ୍ୱରରେ କହିଲା, "ତା ହେଲେ ମୁଁ ଖାଇବାଟା ତିଆରି କରିଦେବି ?" "ସେଇଠି ସେ ବନ୍ଧା କୋବି ଅଛି, ଆଉ ରୋଷେଇଘର ଥାକରେ ମାଂସ ଅଛି, ଆଉ ଗୋଟିଏ ଆପ୍ଲ କେକ୍ ଅଛି । ଗରମ କରି ଦେଲେ ହେବ । ନାଇ ଆଉ ତୁ କରନା— ।" ବୁଢ଼ୀ କହିଲା ଲୁଇସାକୁ ।

Digitized by srujanika@gmail.com

"ତେବେ କଣ କରିବ ?" ଲୁଇସା ପଚାରିଲା ।

"କଣ ଆଉ କରିବ ?" ବୁଢ଼ୀ କିଛି ଠିକ୍ କରି ନ ପାରି କୁଣ୍ଠେଇଲା ସ୍ୱରରେ କହିଲା ।

ଲୁଇସା ଆଉ କିଛି ନ କହି ଆଲଫ୍ରେଡ଼ର ଖାଇବା ତିଆରି କରି ଦେଲା । ଡ଼ାକ୍ତର ଆସି ବୁଢ଼ୀକୁ ଭଲକରି ପରୀକ୍ଷା କଲେ ଓ ପରୀକ୍ଷା କରି ସାରିବାପରେ ତାଙ୍କ ମୁହଁ ଗମ୍ଭୀର ହୋଇଗଲା !

କଣ ହୋଇଛି ଡ଼ାକ୍ତର ?" ବୁଢ଼ୀ ଡାକ୍ତରଙ୍କୁ ଚାହିଁ ପଚାରିଲା । ତା ଆଖିର ରୋଗିଣା, ଅସହାୟ ଭାବରୁ ଆଶାର ଆଲୁଅ ଆଉ ନ ଥାଏ । ଡାକ୍ତର କହିଲେ, "ତମ ପେଟର ସେ ମାଂସ ପିଣ୍ଡୁଳାଟା ବୋଧେ ଆଘାତ ଲାଗି ଛିଣ୍ଡିଯାଇଛି !"

"ହୋଇଥିବ, ଓଃ !" ବୁଢ଼ୀ ଗୁଣ୍ଠୁ ଗୁଣ୍ଠୁ ହୋଇ କହି ମୁହଁ ବୁଲେଇ ଶୋଇଲା ।

ତଳକୁ ଆସି ବୁଢ଼ା ଡ଼ାକ୍ତର ଲୁଇସାକୁ କହିଲେ "ରୋଗୀ ଯେ କୌଣସି ମୁହୂର୍ତ୍ତରେ ମରିଯାଇପାରେ,—ହୁଏତ ସେ ମାଂସ ପିଣ୍ଡୁଳାଟା ଦବି ବି ଯାଇପାରେ ।

ଲୁଇସା ପୁଣି ଉପର ମହଲାକୁ ବୁଢ଼ୀ ପାଖକୁ ଗଲା ।

ବୁଢ଼ୀକୁ ସେ କହିଲା, "ଡାକ୍ତର କହିଲେ ତମ ପେଟର ଘା ଶୁଖି ଯାଇପାରେ, ଆଉ ତମେ ବି ଶୀଘ୍ର ଭଲ ହୋଇଯିବ ।"

ବୁଢ଼ୀ ଗୁଣ୍ଠୁ ଗୁଣ୍ଠୁ ହୋଇ କହିଲା "ହଉ," ଲୁଇସା କଥାକୁ ସେ ବିଶ୍ୱାସ କଲାନ । ପୁଣି ପଚାରିଲା,

"କଣ ଚୁଲିରେ ବେଶୀ ନିଆଁ ଅଛି ?"

"ଅଛି ବୋଧେ", ଲୁଇସା କହିଲା ।

ବୁଢ଼ୀ କହିଲା, "ଆଲଫ୍ରେଡ ଆସିଲେ ତାର ଟିକେ ବେଶୀ ତଡ଼ ନିଆଁ ଦରକାର ହେବ । ଲୁଇସା ଚୁଲିରେ ଭଲକରି କୋଇଲା ଦେଇଦେଲା ।

ଡୁରାଣ୍ଡର ମୃତ୍ୟୁ ପରେ, ଡୁରାଣ୍ଡର ସ୍ତ୍ରୀ ମଝିରେ ମଝିରେ ଚର୍ଚ୍ଚକୁ ଲୁଇସା କହିଲା "ମାଉସୀ, ଆସ, ତମକୁ ମୁଁ ବଗିଚାରେ ଶୁଆଇ ଦିଏ ।" ବୁଢ଼ୀ ମନା କଲାନାହିଁ ।

ଡୁରାଣ୍ଡର ମୃତ୍ୟୁ ପରେ, ଡୁରାଣ୍ଡର ସ୍ତ୍ରୀ ମଝିରେ ମଝିରେ ଚର୍ଚ୍ଚକୁ ଗଲେ, ଲୁଇସା ସାଙ୍ଗରେ ତାର ଦେଖାହୁଏ ଓ କଥାବାର୍ତ୍ତା ହୁଏ, ଲୁଇସା କିନ୍ତୁ ମନ ଭିତରେ ନିଜ

Digitized by srujanika@gmail.com

ସିଦ୍ଧାନ୍ତରେ ଦୃଢ଼ ରହୁଥାଏ, ଆଲଫ୍ରେଡ଼ ପରି ତା ମନଭିତରେ ଆଉ କେହି ଏତେ ସ୍ଥାନ ପାଇନାହାନ୍ତି, ଓ ନିଜ ହୃଦୟରେ ସେ ଆଲଫ୍ରେଡ଼କୁ ହିଁ ଗ୍ରହଣ କରିଛି, ସେଥିପାଇଁ ଲୁଇସାର ମନରେ ଆଲଫ୍ରେଡ଼ର ଅତି ସ୍ୱଭାବୀ ଓ ନିର୍ଦ୍ଦୟୀ ମା, ପାଇଁ ଏକ ସ୍ୱଭାବସୁଲଭ ସେହଭାବ ରହିଥିଲା, ସବୁ ପୁଅମାନଙ୍କ ଭିତରେ ଆଲଫ୍ରେଡ଼ ତା ମାର ବେଶୀ ଆଦରର, କିନ୍ତୁ ସେ ବୁଢ଼ୀର ଅନ୍ୟ ପୁଅମାନଙ୍କ ପରି ବଢ଼ିଥିଲା ଓ ଅନ୍ୟମାନଙ୍କ ପରି ବି ସେ ଥିଲା ଏକଜିଦିଆ ଓ ନିଜର ଇଚ୍ଛା ଛଡ଼ା ଅନ୍ୟସବୁ କଥାପ୍ରତି ସେ ଅନ୍ଧ ଥିଲା । ଅନ୍ୟପିଲାମାନଙ୍କ ପରି ସେ ବି ସ୍କୁଲପାଠ ଶେଷକରିବା ପରେ ଖଣିକୁ ଯିବାପାଇଁ ଜିଦ ଧରିଥିଲା । ସେ ଭାବୁଥିଲା ଖଣିକୁ ଯିବାବୋଧେ ମଣିଷ ହେବା ପାଇଁ ଓ ଅନ୍ୟମାନଙ୍କ ସହିତ ଜଣେ ମଣିଷଭାବରେ ସମାନ ହୋଇ ଗଣା ହେବା ପାଇଁ ଏକମାତ୍ର ଚଞ୍ଚଳବାଟ, ତା ମାର କିନ୍ତୁ ଏଥିପାଇଁ ଭାରି ମନଦୁଃଖ, ତା ମାର ଇଚ୍ଛାଥିଲା, ଅନ୍ତତଃ ଏଇ ମାନପୁଅଟି, ଯାହାକୁ ସେ ବେଶି ଭଲପାଏ, ସେ ଜଣେ ଭଦ୍ରଲୋକ ହୋଇ ପାଞ୍ଚଜଣରେ ଗଣା ହେଉ ।

ଆଲଫ୍ରେଡ଼ ଏବେ ବି ତା ମା ପ୍ରତି ବେଶୀ ସ୍ନେହ ଦେଖାଏ-ମା ପ୍ରତି ତାର ସ୍ନେହ ଓ ଭଲପାଇବା ଏତେ ବେଶୀ ଯେ ତା ଭାଷରେ ପ୍ରକାଶ କରିବା କଷ୍ଟକର, ମା କେତେବେଳେ ହାଲିଆ ହୋଇପଡ଼େ, କେତେବେଳେ ମାର ମୁଣ୍ଡପାଇଁ ଗୋଟିଏ ନୂଆ ଟୋପି ଦରକାର, ସେ ତା ବୁଝିପାରେ, କେବେ କେବେ ସେ ମା ପାଇଁ ଛୋଟ ଛୋଟ ଦରକାରୀ ଜିନିଷ ଗୁଡ଼ାଏ ମଧ କିଣି ଆଣେ, କିନ୍ତୁ ଏତେ ସତ୍ତ୍ୱେ ବି ତା ମା ପୁରାପୁରି ବୁଝିପାରେ ନାହିଁ ଆଲଫ୍ରେଡ଼ ତା ଉପରେ କେତେ ବେଶି ନିର୍ଭର କରୁଥିଲା ।

ପ୍ରକୃତରେ ତା ମା ତା ଉପରେ ଜମା ଖୁସି ହେଉ ନ ଥିଲା, ସେ ମନେ କରୁଥିଲା ଆଲଫ୍ରେଡ଼ ଠିକ୍ ଗୋଟାଏ ମଣିଷ ପରି ମଣିଷ ହୋଇ ପାରିନି । ତାର କାରଣ ଆଲଫ୍ରେଡ଼ ବେଳେ ବେଳେ ବହି ପଢ଼ିବାକୁ ଭଲପାଏ, ବହି ଅପେକ୍ଷା ପୁଣି ସେ ଉଚ୍ଚସ୍ୱରରେ ବଂଶୀ ବଜାଇବାକୁ ବେଶି ଭଲପାଏ, ବଂଶୀ ବଜେଇଲାବେଳେ ବଂଶୀରେ ଠିକ୍ ସ୍ୱରଦେବାପାଇଁ ସେ ଯେତେବେଳେ ତା ମୁଣ୍ଡକୁ ବଂଶୀ ଉପରେ ଏପଟ ସେପଟ କରେ ସେତେବେଳେ ତା ମୁଣ୍ଡ ହଲା ଦେଖିବାକୁ ତା ମା'କୁ ଭାରି ମଜା ଲାଗେ, ପୁଅକୁ ସେମିତି ଅବସ୍ଥାରେ ଦେଖିଲେ ସେ ଖୁସି ହୁଏ, ତା ମନ ସ୍ନେହ ଓ କରୁଣାରେ ଭରି ଯାଏ, କିନ୍ତୁ ସେଥିପାଇଁ ପୁଅକୁ ସେ ସମ୍ମାନ ଦେଇପାରେ ନାହିଁ, କେବଳ ଶ୍ରଦ୍ଧା ଓ ଆଦର ତା ମନକୁ ବେଶି ଆସେ, ସେ ଚାହୁଁଥିଲା ତା ପୁଅ କୌଣସି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ସ୍ଥିର ରହୁ, ନିଜର ବାଟ ଠିକ୍ କରୁ ଏବଂ ଏଥିପାଇଁ ସେ କୌଣସି ସ୍ତ୍ରୀ ଲୋକର ସାହାଯ୍ୟ ନ ନେଉ, କିନ୍ତୁ ସେ ତ ଜାଣେ ଆଲଫ୍ରେଡ଼ କେତେ ଘରମାନରେ ତା ଉପରେ ନିର୍ଭର କରେ, ତାକୁ ଭଲଲାଗେ ବେଳେ ସେ ସଙ୍ଗୀତ ଦଳରେ ଗୀତ ଗାଏ, ଖରାଦିନେ ସେ ବଗିଚାରେ କାମ କରେ, ଘୁଷୁରି ଓ କୁକୁଡ଼ାମାନଙ୍କ କଖାରୁଙ୍କ

Digitized by srujanika@gmail.com

ଓ ଯତ୍ନ ନାଏ, ସେ ପାଗ୍ ବି ରଖେ, ପ୍ରାୟ ସବୁ ଶନିବାର ଦିନ ସେ କ୍ରିକେଟ ବା ଫୁଟବଲ ଟିମ୍‌ରେ ଯାଇ ଖେଳେ । ଏ ସବୁ କଲେ ବି ତା ମାକୁ ଅଲଫ୍ରେଡ଼ ଯେ ଏକ ସ୍ୱତନ୍ତ୍ର ବ୍ୟକ୍ତିତ୍ୱ ଥିବା ମଣିଷ ଭାବରେ ବଢ଼ିଚାଲିଛି ଏ କଥା ମନେ ହୁଏନା, ତାର ମନେହୁଏ ତାର ଅନ୍ୟପୁଅମାନେ ବରଂ ତା ଠାରୁ ବେଶୀ ଯୋଗ୍ୟ ହୋଇପାରିଛନ୍ତି । ସେମାନଙ୍କର ସବୁ ବିଷୟରେ ନିଜର ସ୍ୱାଧୀନ ଓ ସ୍ୱତନ୍ତ୍ର ମତ ରହିଛି, କିନ୍ତୁ ଅଲଫ୍ରେଡ଼ର ତା ହୋଇପାରିନାହିଁ । ଆଜିଯାଏ ବି ସେ ତା ମାର ଛୋଟ ପୁଅ, ତା ମା ଏଥିପାଇଁ ତାକୁ ଯେତିକି ଭଲ ପାଏ, ତାର ଅମଣିଷ ଚଳିଆ ଓ ପିଲାଳିଆମୀ ପାଇଁ ସେତିକି ତୁଚ୍ଛ ତାଚ୍ଛଲ୍ୟ କରେ ।

ମା ପୁଅ ଦୁହିଁଙ୍କ ଭିତରେ ଏଥିପାଇଁ ଟିକିଏ ମତାନ୍ତର ବି ହୋଇଛି, ପରେ ଆଲଫ୍ରେଡ଼ ଅନ୍ୟମାନଙ୍କ ପରି ମଦ ପିଇବାକୁ ଆରମ୍ଭ କଲା । କିନ୍ତୁ ତାର ମଦପିଇବାର ଢଙ୍ଗ ବି ଅନ୍ୟମାନଙ୍କଠାରୁ ଅଲଗା ଥିଲା । ସେ ସେମାନଙ୍କ ପରି ଅନ୍ଧ ବା ଆତ୍ମଭୋଳା ଭାବରେ ମଦ ଖାଏନାହିଁ । ତେଣୁ ମଦଖାଇବା ସେ ଅନ୍ତତଃ ନିଜକୁ ଭୁଲିଯାଏନି, ଏଇସବୁ ଗୁଣ ଦେଖି ତା ମାଉ ତା ପ୍ରତି ଦୟାଳୁଏ, ସେ ତାର ଏଇ ସାନପୁଅକୁ ସବୁଠାରୁ ବେଶି ଭଲପାଉଥିଲା । କିନ୍ତୁ ପୁଅର ସବୁବେଳେ ତା ଉପରେ ସବୁ କଥାରେ ନିର୍ଭର କରିବାଟା ସେ ମୋଟେ ପସନ୍ଦ କରୁ ନ ଥିଲା । ଅଲଫ୍ରେଡ ବି ମାକୁ ଛାଡ଼ି ସ୍ୱତନ୍ତ୍ରଭାବରେ ନିଜପାଇଁ କିଛି କରିପାରେ ନାହିଁ । କୋଡ଼ିଏ ବର୍ଷ ବୟସ ବେଳକୁ ସେ ଯାଇ ନୌବାହିନୀରେ କାମ କଲା । ନୌବାହିନୀରେ କାମ କରିବା ପରେ ହିଁ ସେ ଯେମିତି ଟିକିଏ ମଣିଷ ହୋଇଛି । କିନ୍ତୁ ଜାହାଜରେ କାମକରିବାକୁ ଆଲଫ୍ରେଡ ମୋଟେ ପସନ୍ଦ କରୁ ନ ଥିଲା, ପରାଧୀନ ହୋଇ କାହାର ଅଧିନରେ ରହି କାମ କରିବାକୁ ସେ ଘୃଣା କରୁଥିଲା । ସେଥିପାଇଁ ମିଲିଟାରି ନୌବାହିନୀର ଶୃଙ୍ଖଳା ଭିତରେ ନିଜକୁ ଖାପ ଖୁଆଇବାକୁ ସେ ବର୍ଷ ବର୍ଷ ଧରି ନିଜଭିତରେ ଚେଷ୍ଟା କରି ଆସିଛି, ନିଜର ଆତ୍ମସମ୍ମାନ ରକ୍ଷାକରିବାକୁ ସେ ସବୁବେଳେ ନିଜ ସହିତ ଯୁଦ୍ଧ କରୁଥିଲା । ତାର ଅନ୍ଧ କ୍ରୋଧ, ଲଜ୍ଜା ଓ ଗୌଣ ମନୋଭାବ ସାଙ୍ଗରେ ସେ ଏଥିପାଇଁ ଯୁଦ୍ଧ କରୁଥିଲା । ଏଇ ଲଜ୍ଜିତ ଓ ଆତ୍ମଘୃଣିତ ଅବସ୍ଥାକୁ ଅତିକ୍ରମ କରି ସେ ଏକପ୍ରକାର ଅନ୍ତର୍ନିହିତ ମୁକ୍ତି ଲାଭ କରିପାରିଛି । ମା'କୁ ଭଲପାଇବାକୁ ଜୀବନରେ ଏକ ବଡ଼ ଆଦର୍ଶ ଭାବରେ ସେ ଗ୍ରହଣ କରିଛି । ଏବଂ ଏଇ ଭଲ ପାଇବା ତାକୁ ବଞ୍ଚିବାକୁ ଆଶା ଓ ବିଶ୍ୱାସ ଦେଇଛି ।

ନୌବାହିନୀରେ ଯୋଗଦେବାପରେ ଯେତେବେଳେ ସେ ଘରକୁ ଫେରିଲା ତାକୁ ସେତେବେଳକୁ ତିରିଶ ବର୍ଷ ହେଲାଣି ତେବେବି ସେ ଫେରିଲା ବେଳକୁ ତାର ପିଲାବେଳର ବୋକାଳିଆ ଭାବ ଓ ବାଳକସୁଲଭ ଅନଭିଜ୍ଞତାର କିଛିହେଲେ ପରିବର୍ତ୍ତନ

Digitized by srujanika@gmail.com

ହୋଇ ନ ଥିଲା । ଯାହା ତା ପାଇଁ ନୂଆ ଥିଲା ତା ଦେଉରୁ ପୂର୍ବାପେକ୍ଷା ସେ ଟିକିଏ ବେଶୀ ଚୁପ୍‌ଚାପ୍ ହୋଇଯାଇଥିଲା । ଏକପ୍ରକାର ନୀରବ ଲଜ୍ଜା ଓ ସଙ୍କୋଚର ଭୟରେ ସେ ଅନ୍ତର୍ମୁଖୀ ହୋଇଯାଇଥିଲା । ନେଭରେ କାମ କରୁଥିଲେ ବି ସେ ଅନ୍ୟମାନଙ୍କ ତୁଳନାରେ ଯଥେଷ୍ଟ ଭଲ ଥିଲା । ଅନ୍ତରର ଏକ ସୂକ୍ଷ୍ମ ଚେତନା ତାକୁ ନାରୀର ସଂସ୍ପର୍ଶରୁ ଦୂରେଇ ରଖିଥିଲା । ପୁରୁଷ ଲୋକମାନଙ୍କ ଭିତରେ ଯୌନବିଷୟକ କଥାବାର୍ତ୍ତାରେ ସେ ଯୋଗ ଦେଲେ ବି, ନାରୀମାନଙ୍କ ପାଖରେ ଏହି ଆଲୋଚନାରୁ ଦୂରେଇ ରହେ । ନାରୀବିଷୟରେ ଆଲଫ୍ରେଡ଼ ମନରେ ଦୁଇପ୍ରକାର ଧାରଣା । ଗୋଟାଏ ହେଲା ନାରୀର ଭାବନା ଓ ଅନ୍ୟଟି ହେଲା ଜୀବନ୍ତ ନାରୀ । ନାରୀର ଭାବନା ପାଖରେ ହୁଏତ ସେ ନିଜକୁ ଦୁଃସାହସୀ କରିପାରେ, କିନ୍ତୁ ପ୍ରକୃତ ବା ଜୀବନ୍ତ ନାରୀ ସାମନାରେ ସେ ବଡ଼ ଅପ୍ରସ୍ତୁତ ଓ ବିଚଳିତ ହୋଇପଡ଼େ, ସେଠାରୁ ନିଜକୁ ଦୂରେଇ ନେବାକୁ ସେ ସତତ ଚେଷ୍ଟା କରେ । ଯେ କୌଣସି ସ୍ତ୍ରୀ ଲୋକର ସମ୍ମୁଖରେ ସେ ନିଜକୁ ସଙ୍କୁଚିତ କରି ରଖେ ଏବଂ ନିଜକୁ ଦୂରେଇ ରଖିବାପାଇଁ ଉପଲକ୍ଷ୍ୟ ଖୋଜେ । କିନ୍ତୁ ତାର ଏ ବ୍ୟବହାରରେ ସେ ନିଜେ ଲଜ୍ଜିତ ହୁଏ । ତା ଆତ୍ମାର ନିଭୃତ ପ୍ରଦେଶରେ ସେ ଅନୁଭବ କରେ ସେ ଯେମିତି ପୁରୁଷ ନୁହେଁ,' ସାଧାରଣ ସ୍ୱାଭାବିକ ପୁରୁଷଠାରୁ ବି ସେ ହୀନ ଓ ନିକୃଷ୍ଟ । ଥରେ ଲେନୋଆରେ ସେ ଜଣେ ଷ୍ଟୋର-ଅଫିସର ସଙ୍ଗରେ ଗୋଟାଏ ମଦଦୋକାନକୁ ଯାଇଥିଲା । ସେ ମଦଦୋକାନରେ, ଏମିତିକି ସବୁଠାରୁ ସସ୍ତା ଧରଣର ଝିଅମାନେ ବି ଆସନ୍ତି ସେମାନଙ୍କ ପ୍ରେମିକ ଖୋଜିବାକୁ । ଆଲଫ୍ରେଡ଼ ସେଇ ଦୋକାନରେ ମଦପିଇବାକୁ ବସିଥିଲାବେଳେ ଦୋକାନର ଶସ୍ତା ଝିଅମାନେ ତା ଆଡ଼କୁ ଥରକୁଥର ଚାହିଁଲେ ବି ତା ପାଖକୁ କେବେହେଲେ ଆସନ୍ତି ନାହିଁ । ଆଲଫ୍ରେଡ଼ ଜାଣେ ଯେ ଯଦି ଏଇ ଝିଅମାନଙ୍କ ଭିତରୁ କେହି ତା ପାଖକୁ ଆସିବ ତେବେ ସେ ଖାଲି ତା ଖାଇବାପାଇଁ ପଇସା ଦେଇପାରିବ ଓ' ତା ପାଖେ ବସି ବସି ମଦ ଖାଇପାରିବ, କିନ୍ତୁ ତାଠାରୁ ଅଧିକ ତ କିଛି କରିପାରିବନାହିଁ । ସେମାନଙ୍କ ପାଇଁ ତା ମନରେ ଦୟା ଆସେ, ସେ ଭାବେ ଏଇ ଝିଅଗୁଡ଼ାକ ହୁଏତ ଅଭାବ ଅସୁବିଧାରେ ପଡ଼ି ଏଠାକୁ ଆସିବାକୁ ବାଧ୍ୟ ହେଉଥିବେ । ସେ ଜାଣେ ତାଙ୍କ ଭିତରୁ କାହାରି ଜଣଙ୍କ ସାଙ୍ଗରେ ବି ସେ ମିଶି ପାରିବନାହିଁ, କି କୁଆଡେ ବାହାରକୁ ବାହାରି ପାରିବନାହିଁ । ସେଇଠି ବସି ବସି ସେ ସେଠାରେ ଉଗ୍ର, ମଦ୍ୟପ ସ୍ୱଭାବ କାମୁକ ଇଟାଲିୟାନମାନଙ୍କୁ ବଡ଼ ସନ୍ତୃଷ୍ଟ, ଈର୍ଷା ପୂର୍ଣ୍ଣ ଆଖିରେ ଚାହିଁରହେ । ସେ ଦେଖେ କେମିତି ସେଇ ଇଟାଲିୟାନ ମାନଙ୍କର ଦେହ କଣେ କଣେ ସ୍ତ୍ରୀ ଲୋକ ପାଖକୁ ଏକ ପ୍ରବୃତ୍ତିଗତ, ବ୍ୟକ୍ତିତ୍ୱ-ସମ୍ଭୂତ ଆକର୍ଷଣରେ ଟାଣି ହୋଇଯାଉଛି ବିନା ଦ୍ୱିଧାରେ । ସେମାନେ ସବୁ ପୁରୁଷ । ସେ ପୁରୁଷ ନୁହେଁ. ସେଇଠି ବସି ସେ ନିଜକୁ ଖୁବ୍ ଛୋଟ ମନେ କରେ, ତାର ମନେ ହୁଏ ସେ ଯେମିତି ଜଣେ ଅକର୍ମଣ୍ୟ ରୋଗୀ । ତାପରେ ସେ ସେଇ ଦୋକାନରୁ ନିଜକୁ ଟାଣି କାଲ୍ଟନିକ ଲୋକ

ସହିତ ଜଡ଼ିତ କରି ଓ ତା ସହିତ ଯୌନ ସମ୍ବନ୍ଧୀୟ ଦୃଶ୍ୟ ସବୁ ଭାବି ଭାବି ସେଠାରୁ ଫେରିଆସେ । ସେଇ ଭାବନାରେ ବୁଡ଼ି ରହି ସେ ଚାଲି ଚାଲି ତାର ରହିବା ସ୍ଥାନକୁ ଫେରେ । କିନ୍ତୁ ଯେତେବେଳେ ପ୍ରକୃତରେ ଜଣେ ସ୍ତ୍ରୀଲୋକ ପ୍ରସ୍ତୁତ ହୋଇ ତା ପାଖକୁ ଆସେ ନିଜକୁ ସମର୍ପଣ କରିବାକୁ, ସେତେବେଳେ ସେଇ ସ୍ତ୍ରୀ ଲୋକର ପ୍ରତ୍ୟକ୍ଷ ଦେହର ସ୍ପର୍ଶ ସମ୍ଭାବନା ହିଁ ତାକୁ ନିବୃତ୍ତ କରେ । ସ୍ତ୍ରୀଲୋକଟିକୁ ସ୍ପର୍ଶ କରିବାକୁ, କିନ୍ତୁ ଏଇ ଅଯୋଗ୍ୟତା ଓ ଅକ୍ଷମତା ତା ହୃଦୟର ମର୍ମସ୍ଥଳକୁ ଭେଦ କରେ—ସତେ ଯେପରି ତା ଭିତରେ କେଉଁଠି କଣ କଣ ଫାଟି ଯାଇଛି ।

ବିଦେଶରେ ଥିଲାବେଳେ ସେ ବହୁବାର ତା ସାଙ୍ଗମାନଙ୍କ ସହିତ ମାତାଲ ହୋଇ ଲାଇସେନ୍ସ ପାଇଥିବା ବେଶ୍ୟାଳୟକୁ ଯାଇଛି । କିନ୍ତୁ ସେଠାରେ ସେଇ ଗନ୍ଧିଆ, ହୀନ ଅନୁଭୂତିର କିଛି ମୂଲ୍ୟ ନାହିଁ । ସେହା ଏକ ଅର୍ଥହୀନ ଅନୁଭୂତି । ସେ ଭାବେ ଶାରୀରିକ ଦୃଷ୍ଟିରୁ ତ ସେ ଅଣପୁରୁଷ ବା କ୍ଳୀବ ନୁହେଁ, କିନ୍ତୁ ମାନସିକ ଦୃଷ୍ଟିରୁ ସେ କ୍ଳୀବ, ପୁରୁଷତ୍ୱରେ ସେ ଅକ୍ଷମ ନୁହେଁ. କିନ୍ତୁ ବୋଧହୁଏ ତାର ଅନ୍ତର୍ନିହିତ ସ୍ୱଭାବ କ୍ଳୀବ ବା ଅକ୍ଷମ ।

ନେଭି ଟ୍ରେନିଂ ତାର ଶରୀର ଓ ସ୍ୱାସ୍ଥ୍ୟକୁ ସବଳ କରିଥିଲା । ତାର ଶରୀରର ସ୍ୱାସ୍ଥ୍ୟ ପାଇଁ ସେ ଗର୍ବ କରୁଥିଲା ଓ ଯତ୍ନ ନେଉଥିଲା । ସେ ନିୟମିତ ବ୍ୟାୟାମ କରୁଥିଲା, ଦେହକୁ ସଫା ଓ ତାକୁ କାର୍ଯ୍ୟକ୍ଷମ ରଖୁଥିଲା । କ୍ରିକେଟ ଓ ଫୁଟବଲ ମଧ୍ୟ ସେ ଖେଳୁଥିଲା । ସମୟେ ସମୟେ ସେ ପଢ଼ି ପଢ଼ି ଫେବିୟାନ୍ ସମାଜ ଧାରଣାକୁ ନିଜ ମନଭିତରେ ଉଚ୍ଛୃଙ୍ଖଳ ଭାବରେ ଗ୍ରହଣ କରି ନେଉଥିଲା । ସେ ବଂଶୀ ବଜାଇବାରେ ସିଦ୍ଧହସ୍ତ ଥିଲା । କିନ୍ତୁ ଏତେ ସବୁ କରିବା ସତ୍ତ୍ୱେ ବି ତା ଆତ୍ମାର ନିଭୃତତମ ପ୍ରଦେଶରେ ଏକ ଦୁଷ୍ଟ ବଣ ପରି ତାର ଅସମ୍ପୂର୍ଣ୍ଣତା ଓ ଲଜ୍ଜାକୁ ସେ ସବୁବେଳେ ଅନୁଭବ କରୁଥିଲା । ନିଜର ସବୁ ସ୍ୱାସ୍ଥ୍ୟ ଉଜ୍ଜ୍ୱଳ ଆନନ୍ଦର ତଳେ ସେହି ହୀନତା ତା ମନରେ ରହିଥିଲା— ନିଜର ସବୁ ବିଶ୍ୱାସ ଓ ଉଚ୍ଚଚିନ୍ତା ସତ୍ତ୍ୱେ ଏକ ଅସ୍ୱସ୍ତିକର ଦୁର୍ବଳତା ନିଜଠାରୁ ବା ନିଜର ଅତି ସଚେତନତାର ଲଜ୍ଜାରୁ ନିଜକୁ ମୁକ୍ତ କରିବାପାଇଁ ସେ ଯେକୌଣସି ପଶୁପରି ବଦଳିଯିବାକୁ ପ୍ରସ୍ତୁତ ଥିଲା । ଯେକୌଣସି ଟଣି ଶ୍ରମିକକୁ ଖୁସିରେ ଚାଲିଯିବାର ଦେଖିଲେ ସେ ଈର୍ଷାନ୍ୱିତ ହୋଇ ଉଠୁଥିଲା । ତାର ସ୍ୱତଃସ୍ଫୂର୍ତ୍ତିତା ଓ ଅନ୍ଧ ନିର୍ବୋଧତା ପାଇଁ ସେ ସବୁ କିଛି ଦେବାକୁ ପ୍ରସ୍ତୁତ ଥିଲା ।

Digitized by srujanika@gmail.com

— ୯ —

ଖଣିରେ ଯାଇ କାମ କରୁଥିଲା ବୋଲି ତା ମନରେ ଦୁଃଖ ନ ଥିଲା । ଖଣିର ଶ୍ରମିକମାନେ ତାକୁ ପ୍ରଶଂସା କରୁଥିଲେ ଓ ସମସ୍ତେ ତାକୁ ଖୁବ ଭଲ ବି ପାଉଥିଲେ । କିନ୍ତୁ ସେ ନିଜେ ବେଶି ଅନୁଭବ କରୁଥିଲା ତା ଭିତରେ ଓ ଖଣିର ଅନ୍ୟମାନଙ୍କ ଭିତରେ ଥିବା ପାର୍ଥକ୍ୟକୁ ସେ ଚାହୁଁଥିଲା ତା ନିଜର କଳଙ୍କକୁ ଲୁଚାଇ ରଖିବାକୁ କିନ୍ତୁ ସେ ଭଲଭାବରେ ଜାଣି ନ ଥିଲା ଯେ ଅନ୍ୟମାନେ ତାକୁ ପ୍ରକୃତରେ ଗୋଟାଏ ନିର୍ବୋଧ ବା ବୋକା ଭାବୁଛନ୍ତି କି ନା ସେମାନଙ୍କଠାରୁ ଯେ ସେ ପୁରୁଷ ପଣିଆରେ କମ୍ ଏକଥା ବି ସେମାନେ ଭାବୁଛନ୍ତି କି ନାହିଁ, ନିଜକୁ ପୁରୁଷ ଭାବରେ ଦେଖେଇ ହେବାକୁ ସେ ଚାହୁଁଥିଲା କେବଳ, କିନ୍ତୁ ତା ସାଙ୍ଗଲୋକମାନେ ତାର ଏଇ ସାମାନ୍ୟ ଦେଖେଇ ହେବାରେ ଏତେ ସହଜରେ ଭୁଲିଯାଉଥିବାର ଦେଖି ସେ ଆଶ୍ଚର୍ଯ୍ୟ ହେଉଥିଲା । ହସ ଖୁସି ସ୍ୱଭାବର ହୋଇଥିବାରୁ ସେ ତା କାମ ଜାଗାରେ ବେଶ୍ ଖୁସିରେ ଥିଲା । ନିଜର ପୁରୁଷ ପଣିଆ ବିଷୟରେ ସେଠାରେ ସେ ଖଣିଭିତରେ ଥିଲା ନିଶ୍ଚିତ, ଅଣ୍ଟା ପର୍ଯ୍ୟନ୍ତ ଲଙ୍ଗଳା ଦେହରେ, କମର ତାତି ଓ ଭୟଙ୍କରତା ଭିତରେ ବି ସେମାନେ ସେମାନଙ୍କର ଗୋଇଠି ଉପରେ ଉଠି ବସି ଟିକେ ସମସ୍ତ ଗପସପ କରନ୍ତି । ଖଣିର ସେଫଟି ଲାମ୍ପର ମ୍ଳାନ ଆଲୁଅରେ ସେମାନେ ପରସ୍ପରକୁ ଦେଖନ୍ତି, ସେତେବେଳକୁ ଖଣିର କଳା କୋଇଲା ଖଣ୍ଡସବୁ ସେମାନଙ୍କ ଗୃଶପାଖରେ ଗଦା ହୋଇଯାଇଥାଏ ଓ ଗୃଶପାଖର କାଠ ଠିକର ସବୁ ନିଘ୍ନ, କଳା ଅନ୍ଧକାର ମଧ୍ୟରେ ଛୋଟ ଛୋଟ ଖୁଣ୍ଟ ପରି ଛିଡ଼ା ହୋଇ ରହିଥାଏ, ତାପରେ ଘୋଡ଼ା ଆସେ ଓ ନିମ୍ନରୁ ଗ୍ୟାନ୍ସ ପିଲଟା ଖବର ନେଇଆସେ, ବା ଘୋଡା କୁଣ୍ଡରୁ ବୋତଲରେ ପାଣି ଆଣେ ବା ଅନ୍ୟ କିଛି ନ ଥିଲେ ଉପର ଦୁନିଆରୁ ଖବର ଆଣେ । ଭଲରେ, ଆନନ୍ଦରେ ଦିନ କଟିଯାଏ । ଗୃଶପାଖରେ ଗୋଟାଏ ସହଜ ଆନନ୍ଦ, ଯା ଇଚ୍ଛା ଖୁସି କର ଏହିପରି ମନୋଭାବ; ଏଣୁ ବିପଜ୍ଜନକ ଜାଗାରେ, ପୃଥିବୀର ଅନ୍ୟାନ୍ୟ ଅଂଶଠାରୁ ବିଚ୍ଛିନ୍ନ ହୋଇରହିଥିବା ଏଇ ଲୋକମାନଙ୍କ ଭିତରେ ବେଶ୍ ଗୋଟାଏ ଖୁସି ଖୁସି ଭାବ ତାର ପରିବେଶ । ଅନେକ ଅନେକ କାମ ଗାଡି କରିବା ବୋଝ, ଉଠାଇବା, କାଠର ଖୁଣ୍ଟ ଦେବା—ପବନରେ ରହସ୍ୟ ଓ ଉନ୍ମାଦନାର ଗୌରବ । ଫଳରେ ସମୁଦ୍ରପାଇଁ ବା ଖୋଲାପବନ ପାଇଁ ମଝିରେ ମଝିରେ ଦୁଃଖ ଲାଗିଲେ ବି ଆଲଫ୍ରେଡ଼କୁ ଖଣିଭିତରେ ଖରାପ ଲାଗୁ ନଥିଲା ।

Digitized by srujanika@gmail.com

ଆଜି ଡ୍ରୁବ୍ରଣ୍ଟର ବହୁତ କାମ, କଥା କହିବାକୁ ବି ସେ ଟିକିଏ ଫୁରୁସତ୍ ପାଉ ନାହିଁ । ଓପରଓଳି ସାରା ସେ ଚୁପ୍‌ଚାପ୍ ତା କାମ କରୁଥିଲା ।

ଶେଷରେ ଖଣିର କାମ ଶେଷର ସଙ୍କେତ ଦିଆଗଲା ଓ ସମସ୍ତେ ଧପ୍ ଧାପ୍ କରି ତଳକୁ ଆସିଲେ । ଚୂନ-ଧଉଳା ଖଣି ଅଫିସ ଉଜ୍ଜ୍ୱଳ ଦେଖା ଯାଉଥାଏ । ଶ୍ରମିକମାନେ ନିଜ ନିଜର ଲଣ୍ଠନସବୁ ଲିଭାଇ ଦେଇ ଦଳ ଦଳ ହୋଇ ଖଣିଗାତର ପ୍ରବେଶ ପଥ ପାଖରେ ଘେରି ବସିଲେ । ଖଣି ଗାତର ପ୍ରବେଶ ପଥ ତଳ ଦେଇ କଳା, ବହଳିଆ, ମଇଳା ପାଣି ବୁନ୍ଦା ବୁନ୍ଦା ହୋଇ ଅନବରତ ପଡୁଥାଏ ଖଣିର ମଇଳାଗାତ ଭିତରକୁ । ଖଣି ଭିତରର ଭୂଇଁତଳ ପ୍ରଧାନରାସ୍ତା ଉପରେ ବିଜୁଳି ଅଳ୍ପ ଅଳ୍ପ ଆଲୁଅ ପଡୁଥାଏ ।

ଡ୍ରୁବ୍ରଣ୍ଟ ପଚାରିଲା "ବର୍ଷା ହେଉଛି କି ?"

ଜଣେ ବୃଦ୍ଧଲୋକ ଉତ୍ତର ଦେଲା, "ନାହିଁ ବରଫ ପଡୁଛି ।" ତା କଥା ଶୁଣି ଆଲଫ୍ରେଡ ଖୁସି ହେଲା । ବରଫ ପଡିବା ବେଳେ ବରଫବର୍ଷାରେ ତାକୁ ଯିବାକୁ ଖୁବ ଭଲ ଲାଗେ ।

ବୁଢ଼ାଟି ପୁଣି କହିଲା, "ବଡ଼ଦିନ ବେଳକୁପାଣିପାଗ ଠିକ୍ ହୋଇଯିବ । ବରଫ ପଡ଼ିବା ବନ୍ଦ ହେବ ।

"ହିଁ, କହିଲା ଡ୍ରୁବ୍ରଣ୍ଟ ।

"ସାବଜା କ୍ରିସ୍‌ମାସ, ଜଂଗଲିଆ ଚଢ଼େଇ, ବୁଢ଼ା ଘୋଷଣା କଲା ପରି କହିଲା ।

ଡ୍ରୁବ୍ରଣ୍ଟ ବୁଢ଼ାର କଥା ଶୁଣି ତା ଛୋଟ ଛୋଟ ଧାରୁଆ ଦାନ୍ତସବୁ ଦେଖେଇ ହସି ପକାଇଲା ।

ଖଣି ଭିତରୁ ବାର ବାର ଜଣ ଲୋକଙ୍କୁ ବାହାରକୁ ଆଣିବା ପାଇଁ ଲିଫ୍‌ଟ୍ ଲୋକ ବୁହା ହବା ଲାଗିଛି । ବାରଜଣ ଲେଖାଁ ଧାଡ଼ିକରି ଠିଆ ହୋଇ ପ୍ରତ୍ୟେକର ଆସନ୍ତା, ଡ୍ରୁବ୍ରଣ୍ଟ ଲୋକ ବୁହା ହବାର କଣରେ ଓ ଲୁହାର ଚେନ୍‌ରେ ବରଫ ଗୁଣ୍ଡସବୁ ଲାଗିବାର ଦେଖି ଖୁବ ଖୁସି ହେଲା । ସେ ଜାଣିଲା ଖଣିଭିତରେ ଭୂଇଁତଳେ ବରଫ ପଡ଼ିଲେ ତାକୁ ଖୁବ ଭଲ ଲାଗନ୍ତା । କିନ୍ତୁ ହବାରେ ଲାଗିଥିବା ବରଫଗୁଡ଼ା ଖଣିର କାଳିଆ ପାଣିରେ ସେତେବେଳକୁ ଭିଜି ଯାଇଥିଲା ।

ତା ନିଜ ବିଷୟରେ ଜାଣିବାକୁ ଆଲଫ୍ରେଡ ଭଲପାଏ, ତା ମୁହଁରେ ହସର

Digitized by srujanika@gmail.com

ଛୋଟ ଚେଖୋଟି ପଛରେ କି ଗୋଟାଏ କୌତୁହଳ ଭାବନା ତା ମନକୁ ଛୁଉଁଥିବାର ସେ ଅନୁଭବ କଲା ।

ଧଳା ବରଫର ଆଲୁଅକୁ ଦେଖି ବୁଝିପାରିଲା ଯେ ସେ ଆଖି ପିଛୁଳାକେ ଆସି ଆଲୋକିତ ପୃଥିବୀରେ ପହଞ୍ଚି ଯାଇଛି । ଉପରେ ପହଞ୍ଚି ଖଣି କଳେ କଳେ ସେ ଥରଥର ହୋଇ ଯାଇ ଖଣି ଅଫିସରେ ତା ଲ୍ୟାମ୍ପଟାକୁ ଦେଇଦେଲା । ଲୁଗାଆଡକୁ ଚାହିଁ ଲୁଗାଆଡ଼ର ଖୋଲା ଆଲୁଅ ଓ ବରଫର ଧଳା ଜକ୍ ଜକ୍ ଆଲୁଅକୁ ଚାହିଁ ସେ ହସିଲା ମନକୁ ମନ, ଦୂର ପଟର ପାହାଡ଼ସବୁ ସୂର୍ଯ୍ୟାସ୍ତର ଆଲୁଅରେ ଫିକା ଆକାଶିଆ ପାଲଟିଥାଏ, ଏବଂ ଦୁଇପାଖର କଣ୍ଟାବାଡ଼ ଦେଖାଯାଉଥାଏ, ଅନ୍ଧାରିଆ ଓ ଭୟଙ୍କର, ରେଲଲାଇନର ଦୁଇ ଲୁହାରାସ୍ତା ମଝିରେ ବରଫ ପଡ଼ି ଆବୁଡ଼ା ଖାବୁଡ଼ା ହୋଇଥାଏ, କିନ୍ତୁ ଦୂରକୁ ଯେଉଁଠି ଖଣିର ଶ୍ରମିକମାନେ କଳା କଳା ଦେହରେ ଘରକୁ ଫେରୁଥାନ୍ତି ଛାଇପରି, ତା ସେ ପାଖକୁ ବରଫରାସ୍ତା ପୁଣି ସମାନ ହୋଇ ଛୋଟ ଜଂଗଲର ଝାଂ ଧାରିଆ କାନ୍ଥ ପର୍ଯ୍ୟନ୍ତ ଲମ୍ବିଯାଇଛି ।

ପଶ୍ଚିମ ଆକାଶରେ ଫିକା ଗୋଲାପି ରଂଗ ଓ ସେ ଆକାଶରେ ଗୋଟାଏ ବଡ଼ ତାର ଅଧା ଜହ୍ନିମାଣ ମୁହଁ ଦେଖେଇଛି । ଝଲକା ଝଣିର ଉଜ୍ଜ୍ୱଳ ଓ ହଳଦିଆ ଆଲୁଅ କୋଠାମାନଙ୍କର ଅନ୍ଧାରକୁ ଆଲୋକିତ କରୁଛି, ଏବଂ ଓଲଟ ଆଲଡ଼ିକ୍ସର ଆଲୁଅର ଧାଡ଼ି ନେଳିଆ ଗୋଧୂଳିର କ୍ଷୀଣ ଆଲୁଅ ଭିତରେ ମିଶି ଯାଇ ଜକ ଜକ କରୁଛି ।

ଓ୍ୱାର୍ଣ୍ଣ, ତା ସାଙ୍ଗ ଲୋକମାନଙ୍କ ସହିତ ହସଖୁସିରେ ଘରକୁ ଫେରିଲା । ଖଣିର ଶ୍ରମିକମାନେ ହମପ୍ତେ ବରଫ ପଡୁଥିବାରୁ ଉତ୍ତେଜିତ ହୋଇ ଗପୁଥିଲେ । ଓ୍ୱାର୍ଣ୍ଣକୁ ସେମାନଙ୍କର ସାଙ୍ଗରେ ଯିବାକୁ ଭଲ ଲାଗୁଥିଲା, ଧଳା,ବରଫ ରଂଗର ଗୋଧୂଳି ଆଲୁଅରେ ଚାଲି ଏଇ ଦୃଶ୍ୟଟାକୁ ବି ତାକୁ ଭାରି ଭଲ ଲାଗୁଥିଲା । ବଗିଚା ଫାଟକ ପାଖରେ ପହଞ୍ଚି ମନର ଉତ୍ତେଜନାରେ ସେ ଠିଆ ହୋଇ ତା ଘର ଭିତରୁ ବାହାର ବଗିଚାର ନେଳିଆ ବରଫ ଉପରେ ପଡ଼ି ଚକ୍ ଚକ୍ କରୁଥିବା ଆଲୁଅକୁ ଦେଖିଲା ।

—୧୦—

ରେଳରାସ୍ତା କଡ଼ର ବଡ଼ ଫାଟକ ପାଖରେ ତା ବଗିଚାର ବାଡ ଦେହରେ ଗୋଟିଏ ଛୋଟ ଫାଟକ, ସେ ସେଥିରେ ତାଲା ପକେଇ ଦେଇଥିଲା । ଫାଟକ ଖୋଲି

Digitized by srujanika@gmail.com

ଭିତରକୁ ପଶି, ଆଲଫ୍ରେଡ଼ ବାହାରେ ବରଫ ଉପରେ ଓ ବଗିଚାର ଛୋଟ ଛୋଟ ବୁଦା ଉପରେ ଗ୍ରୀନ୍‌ହାଉସରୁ ପଡ଼ୁଥିବା ଆଲୁଅକୁ ଲକ୍ଷ୍ୟ କଲା । ସେ ଭାବିଲା, ବୋଧହୁଏ ଗୋଟାଏ ମହମବତୀ ଜଳୁ ଜଳୁ ସନ୍ଧ୍ୟା ଆସିଯାଇଛି, ବରଫ ଉପରେ ଗଡ଼ାଣିଆ ବାଟରେ ଗୋଡ଼ ଖସେଇ ଖସେଇ ଆଗେଇଗଲା । ପାଇପ୍ ବରଫ ଉପରେ ଚିହ୍ନ କାଟି କାଟି ଚାଲିବାକୁ ତାକୁ ଖୁବ ଭଲଲାଗେ । ତାପରେ ସେ ଛୋଟ ଛୋଟ ବୁଦା ସବୁ ଟପି ଘର ଦୁଆର ମୁହଁ ପର୍ଯ୍ୟନ୍ତ ଆସିଲା । ଘର ଭିତରୁ ବୁଢ଼ୀ ଓ ଲୁଇସା ଆଲଫ୍ରେଡ଼ର ଜୋତାର ଶବ୍ଦ ଶୁଣିଲେ । ସେ କବାଟ ଖୋଲି ଭିତରକୁ ପଶିବାବେଳେ କହିବାର ଶୁଣିଲେ, "ମା, ତୁ ଏଇ ମହମବତୀଟା ଜାଳେଇ କେତେବେଳେ ବସିଥିବୁ ବୋଲି ଭାବୁଛୁ ?" ତାକୁ ଲଣ୍ଡନର ବେଶୀ ଆଲୁଅ ସବୁବେଳେ ଭଲ ଲାଗେ ଭିତରକୁ ଆସି ସେ ତା ପାଣି ବୋତଲ, ଜଳଖିଆ ଡ଼ବା ସବୁ ତଳେ ରଖିଲା, ଦେହରୁ କୋଟ କାଢ଼ି ଟେବୁଲ ଉପରେ ରଖି ପୁଣି ଗ୍ରୀନ୍‌ହାଉସ ଘର ପଛପଟକୁ ଥିବା ଛୋଟ ଘରେ ରଖି ରଖି ଲୁଇସା ତା ପାଖକୁ ଆସିଲା, ଲୁଇସାକୁ ଦେଖି ଆଶ୍ଚର୍ଯ୍ୟ ହେଲେ ବି ସେ ତା ମୁହଁକୁ ଅନେଇ ହସିଲା ।

ଆଲଫ୍ରେଡ଼ର ଆଖି ହସରେ ପୂରି ଉଠୁଥିଲା ବେଳେ ହଠାତ୍ ତା ମୁହଁର ଭାବ ବଦଳିଗଲା, ସେ ମୁହଁରେ ଭୟର ଚିହ୍ନ ସ୍ପଷ୍ଟ ହୋଇ ଉଠିଲା ।

ଲୁଇସା କହିଲା, "ତମ ମା'ଙ୍କର ଗୋଟାଏ ଦୁର୍ଘଟଣା ହୋଇଛି ।" "କେମିତି ?" ସେ ପ୍ରାୟ ଚିତ୍କାର କରି ଉଠିଲା ।

ଲୁଇସା କହିଲା, "ବଗିଚା ଭିତରେ ।" ଆଲଫ୍ରେଡ଼ ତା କୋଟଟା ହାତରେ ଧରି କଣ କରିବ ବୋଲି ଠିକ୍ କରିପାରିଲା ନାହିଁ । ସେ ତାପରେ କୋଟଟା ଟାଙ୍ଗିଦେଇ ସେଷେଇଘର ଆଡ଼କୁ ଗଲା । ପଚାରିଲା, "ମା କଣ ବିଛଣାରେ ଶୋଇଛି ?"

"ହଁ", ଲୁଇସା କହିଲା । ସେ ଆଲଫ୍ରେଡ଼କୁ ମିଛ କହିବାକୁ ଚାହୁଁ ନ ଥିଲା । ଆଲଫ୍ରେଡ଼ କିଛି ନ କହି ଚୁପ୍ ରହିଲା । ସେଷେଇଘରକୁ ଯାଇ ତା ବାପାର ପୁରୁଣା ଚେୟାରରେ ବସି ଗୋଡ଼ରୁ ଜୋତା କାଢ଼ିଲା । ଆଲଫ୍ରେଡ଼ ମୁଣ୍ଡଟି ଛୋଟିଆ କିନ୍ତୁ ତାକୁ ବେଶ୍ ମାନେ । ତା ମୁଣ୍ଡର ମାଟିଆ ରଙ୍ଗ ହାଲୁକା ବାଳ ଦେଖିବାକୁ ଉଜ୍ଜ୍ୱଳ ଓ ଯାହା ହେଲେ ବି ସେ ବାଳରେ ଆନନ୍ଦର ଢେଉ ଖେଳୁଥାଏ । ସେ ପିନ୍ଧିଥିଲା ନରମ କନାର ମୋଟା ପ୍ୟାଣ୍ଟ । ସେଥିରୁ କ୍ଷଣି ଭିତରେ ବାସି ବାସି ଦୁର୍ଗନ୍ଧ ବାହାରୁଥିଲା । ଘର-ଚପଲ ପିନ୍ଧି ସେ ଜୋତାକୁ କୋଟ ପାଖରେ ରଖିବାକୁ ନେଇଗଲା ।

ଆଲଫ୍ରେଡ ଡର ଡର ପ୍ରୀ ଲୁଇସାକୁ ପଚାରିଲା, "ମା'ର କୋଉଠି ଆଘାତ ଲାଗିଛି ?"

"ପେଟ ଭିତରେ କୋଉଠି କ'ଣ ହୋଇଛି, ଲୁଇସା କହିଲା ।

ଆଲଫ୍ରେଡ ଉପର ମହଲାକୁ ଗଲା । ମା ପୁଅ ଆସିବାକୁ ଅପେକ୍ଷା କରି ଚୁପ୍ ଚାପ୍ ଶୋଇ ରହିଥାଏ । ଲୁଇସା ତଳ ମହଲାରୁ ଶୋଇବାଘରର ଚଟାଣ ଉପରେ ଆଲଫ୍ରେଡ଼ର ପାଦ ଶବ୍ଦ ଶୁଣି ପାରିଲା ।

"ମା ତୋର କଣ ହେଲା ?" ଆଲଫ୍ରେଡ ପଚାରିଲା ବୁଢ଼ୀକୁ । ବୁଢ଼ୀ କହିଲା, "ନା,ରେ ବେଶୀ କିଛି ହୋଇନ ମୋର, ତୁ ବ୍ୟସ୍ତ ହେବା ଜମା ଦରକାର ନାହିଁ । ମୁଁ ଗଲାକାଲି କି ସପ୍ତାହକ ଆଗରୁ ଯେମିତି ଥିଲି ଏଇକ୍ଷଣା ବି ସେମିତି ଅଛି, ତାଠାରୁ ବେଶୀ କିଛି ଅଧିକା କଷ୍ଟ ହୋଇନ ମୋର । ଡାକ୍ତର ବି କହୁଛି ମୋର ସେମିତି କିଛି ବେଶୀ ହୋଇନ ।

"ତୁ କଣ କରୁଥିଲୁ ?" ଆଲଫ୍ରେଡ଼ ପଚାରିଲା ।

"ମୁଁ ବଗିଚାରେ ଗୋଟାଏ ବନ୍ଧାକୋବି ମୂଳ ଟାଣି ବାହାର କରୁଥିଲି, ଆଜି ମୁଁ ବୋଧେ ଖୁବ୍ ଜୋରରେ ଟାଣିଦେଲି ଉଃ—ପେଟ ଭିତରେ ଏତେ କଷ୍ଟ ହେଲା—" ବୁଢ଼ୀ କହିଲା ।

ଆଲଫ୍ରେଡ଼ ବୁଢ଼ୀ ଆଡ଼କୁ ଚାହିଁଲା, ବୁଢ଼ୀ ଚୁପ୍ କରି ଗଲା । "ଅଚ୍ଛା କାହାର ଭଲା ଏମିତି କଷ୍ଟ ମଝିରେ ମଝିରେ ନ ହୁଏ କହିଲୁ ବାପା ? ଆମ ସମସ୍ତଙ୍କର ତ ହୁଏ ।"

"ପେଟ ଭିତରେ କଣ ହୋଇଛି ? "

"ମୁଁ ଜାଣିନି କଣ ହୋଇଛି, ବୋଧେ ସେମିତି କିଛି ହୋଇନ । ଶୋଇବାଘରର କଣରେ ଥୁଆ ହୋଇଥିବା ବଡ ଲଣ୍ଠନର ଆଲୁଅ ଉପରେ ଟିକେ ମାଗୁଆ ପରଦା ଢଙ୍କା ହୋଇଥିଲା । ସେଥିପାଇଁ ଆଲଫ୍ରେଡ଼ ବୁଢ଼ୀର ମୁହଁ ଭଲ କରି ଦେଖି ପାରୁ ନ ଥାଏ । ତା ମନ ଭିତରେ କେତେ ପ୍ରକାର ଆଶଙ୍କା ଓ କେତେ ପ୍ରକାର ଭାବନା ଆସୁଥାଏ । ଆସ୍ତେ ଆସ୍ତେ ତା ଆଖିର ପତା କୁଞ୍ଚିତ ହୋଇଗଲା ।

ସେ କହିଲା, "ତୁ କାହିଁକି ଅଯଥା ବନ୍ଧାକୋବିକୁ ଟଣାଟଣି କରି ପେଟ ଭିତରେ ଏମିତି କଷ୍ଟ ପାଉଛୁ ? ପୁଣି ବଗିଚା ଧାରୁ ବରଫରେ ଟାଣ ହୋଇଛି । ତୁ ଏମିତି ଅବୁଝା ଯେ ଯଦି କୋବି ମୂଳ ଟାଣି ଟାଣି ତୋର ଜୀବନ ବି ଯାଇଥାନ୍ତା,

Digitized by srujanika@gmail.com

ତେବେ ବି ତୁ ସେଥିରୁ ବନ୍ଦ ହୋଇ ନ ଥାନ୍ତୁ । ବୁଢ଼ୀ କହିଲା, "ତୁ ଯିଏ ହେଲେ ବି ତ ତାକୁ ଆଣିଥାନ୍ତା ।"

"କିନ୍ତୁ ତୁ ନିଜକୁ କଷ୍ଟଦେବା ଦରକାର ନ ଥିଲା ।"

ଆଲଫ୍ରେଡ଼ ଜବାବ ଦେଲା ।

କଥାବାର୍ତ୍ତାରେ କିଛି ଲାଭ ନାହିଁ । ଲୁଇସା ତାକୁ ଦୁହିଁଙ୍କ କଥା ଶୁଣି ପାରୁଥାଏ, ତା ମନ ଭିତରଟା କେମିତି ହୋଇଯାଉଥାଏ । ମା ପୁଅ ଦୁହିଁଙ୍କ କଥାବାର୍ତ୍ତାରେ କେବଳ ନିରାଶା ଓ ଅସହାୟତା ।

ଟିକିଏ ଚୁପ୍ ରହି ଆଲଫ୍ରେଡ଼ ତା ମା କୁ ନରମ ଭାବରେ ପଚାରିଲା, "ତୁ ସତ କହୁଛୁ ମାଁ ତୋର ବେଶୀ କିଛି ହୋଇନି ?"

"ନା ମୋର କିଛି ହୋଇନି ।" ବୁଢ଼ୀ ଟିକେ ଚିଡ଼ିଯାଇ କହିଲା "ମୁଁ ଚାହେଁ ତୋ ଦେହ ବେଶୀ ଖରାପ ନ ହେଉ, ତୁ କଣ ସେ କଥା ଜାଣିନୁ ?"

"ଯା ତଳକୁ ଯାଇ ଖିଆ ପିଆ କର ।" ବୁଢ଼ୀ କହିଲା ଶାସନ କରି, ସେ ଜାଣେ ଯେ ସେ ମରିବାକୁ ଯାଉଛି, ପେଟ ଭିତରର ଯନ୍ତ୍ରଣାଟା ବି ବେଶି କଷ୍ଟ ଦେଉଥାଏ ।

ବୁଢ଼ୀ ପୁଣି କହିଲା, "ମୁଁ ବୁଢ଼ୀ ହେଲିଣି ବୋଲି ମତେ ସେମାନେ ଟିକେ ଅଧିକ ଦିନ ଦେଲେଇ ବିଶ୍ରାମ ନେବାକୁ କହୁଛନ୍ତି । ଲୁଇସା ଭାରି ଭଲ ଝିଅଟିଏ । ସେ ତୋର ଖାଇବା ତିଆରି କରି ଦେଇଛି, ତୁ ଯା ତଳକୁ ଖାଇନେ ।"

ଆଲଫ୍ରେଡ଼କୁ ଭାରି ଖରାପ ଲାଗିଲା, ସେ ମନେ ମନେ ଲଜ୍ଜିତ ହେଲା । ତା ମା ତାକୁ ଏମିତି ଅଖାଡ଼ୁଆ ଅବସ୍ଥାରେ ପକାଇବ ବୋଲି ସେ ଭାବି ନ ଥିଲା । ତେବେ ବି ତାକୁ ଯିବାକୁ ହେବ । କି ଏକ ଅଜଣା ବେଦନା ସେ ଅନୁଭବ କରୁଥିଲା । ସେ ତଳ ମହଲାକୁ ଗଲା । ତାକୁ ଯିବାର ଦେଖି ମା ବି ଖୁସି ହେଲା । ଏଥର ସେ କଷ୍ଟ କମେଇବାକୁ ଟିକିଏ ଶାନ୍ତିରେ କୁନ୍ଥେଇ ପାରିବ ।

ତାର ପୁରୁଣା ଅଭ୍ୟାସ ଅନୁସାରେ ଆଲଫ୍ରେଡ଼ ସବୁ ଦିନେ ଧୂଆ ଧୋଇ ହୋଇ ଗାଧୁଆ ପାଧୁଆ ସାରିବା ଆଗରୁ ଆଗେ ଖାଏ, ଆଜି ବି ସେମିତି ଖାଇଲା । ଲୁଇସା ତାକୁ ଖାଇବାକୁ ବାଢ଼ି ଦେଲା । ଏମିତି ବାଢ଼ି ଦେବାଟା ତାକୁ ଅଖାଡ଼ୁଆ, ଅଡ଼ୁଆ ଓ ବିବ୍ରତ ଲାଗୁଥାଏ । ଲୁଇସା ତାର ସମସ୍ତ ଉତ୍ତେଜନାକୁ ଏକାଠି କରି ମା ଓ ପୁଅ ଦୁହିଁଙ୍କର ଚଳଚଳଣ ଓ ଭାବଭଙ୍ଗୀକୁ ବୁଝିବାକୁ ଚେଷ୍ଟା କରୁଥିଲା । ଆଲଫ୍ରେଡ଼ ବସି ଖାଇଲା ବେଳେ ବି ଲୁଇସା ତାକୁ

Digitized by srujanika@gmail.com

ଲକ୍ଷ୍ୟ କଲା । ଖାଉ ଖାଉ ଆଲଫ୍ରେଡ଼ ମୁହଁ ବୁଲେଇ ନିଆଁ ଆଡ଼କୁ ଗ୍ୱହିଁଲା, ଲୁଇସାର ଅନ୍ଧା ସେମିତି ଆଲଫ୍ରେଡ଼କୁ ଟିକିନିଖି କରି ଲକ୍ଷ୍ୟ କରୁଥିଲା ଓ ସେ କଣ ଜାଣିବାକୁ ଚେଷ୍ଟା କରୁଥିଲା । ତାର କୋଇଲାବୋଳା କଳା ମୁହଁ ଓ ବାହୁ ସେମିତିକା କୃତ୍ସିତ ଓ ଅପରିଚିତ ଦେଖା ଯାଉଥାଏ । କୋଇଲା ଗୁଣ୍ଡରେ ତା ମୁହଁ ସାରା କଳା ମୁଖା ପିନ୍ଧିଲା ପରି ହୋଇଥାଏ, ସେଇ କୋଇଲା କଳା ଭିତରୁ ଲୁଇସା ତାକୁ ସ୍ପଷ୍ଟ ଭାବରେ ଦେଖି ପାରୁ ନଥିଲା କି ଜାଣି ପାରୁ ନଥିଲା, ତାର ଆଖିର ମାଟିଆ ଭୃଲୁ, ସ୍ଥିର ଅଚଞ୍ଚଳ ଆଖି, ପାଟି ଉପରେ ଛୋଟ ମୋଟ ନିଶ—ଏଗୁଡ଼ିକ ଆଲଫ୍ରେଡ଼କୁ ଚିହ୍ନିବାରେ ଜଣାଶୁଣା ସଙ୍କେତ, ତାର କୋଇଲା ବୋଳା କଳା ଦେହରେ ସେ ସେଇଠି ବସି ରହିଥିଲା ବେଳେ ସେ କଣ ଓ କିପରି ସେ କଥା ଲୁଇସା ବୁଝିପାରୁ ନ ଥିଲା ଏବଂ ସେଇଥିପାଇଁ ସେ ମନେ ମନେ ଦୁଃଖିତ ହେଉଥିଲା ।

ଲୁଇସା ଉପର ମହଲାକୁ ଯାଇ ଯାଇ ନରମ ପତଳା କନା ଓ ଗରମ ସେକ ଦେବା ବ୍ୟାଗଟା ଅଣି ନିଆଁ ପାଖରେ ରଖିଲା ଗରମ ହେବା ପାଇଁ, ବୁଢ଼ୀର ପେଟର ଯନ୍ତ୍ରଣା ପୁଣି ବଢ଼ିଛି ।

ଆଲଫ୍ରେଡ଼ ଅଧାଖିଆ ହୋଇଥାଏ । କଣ'ହେଲା ବୋଲି ଭାବି ଆଶଙ୍କାରେ ସେ କଣ୍ଟାଗୁମୁଚଟାରେ ଖାଇବା ବନ୍ଦ କରି ସେଇଟାକୁ ପ୍ଲେଟ ଉପରେ ରଖିଦେଲା ।

ଲୁଇସା କହିଲା, "ଏଗୁଡ଼ା ଉଷୁମ କରି ସେକ ଦେଲେ ମାଙ୍କର କଷ୍ଟ ଟିକେ କମ୍ ହେବ ।" ଆଲଫ୍ରେଡ଼ କଣ କହିବ ଭାବି ନ ପାରି କିଂକର୍ତ୍ତବ୍ୟ ବିମୂଢ଼ ହୋଇ ବସି ରହିଲା ।

ସେ ପଚାରିଲା, "ମା ଦେହ କଣ ବେଶୀ ହେଲାକି ?"

"ହଁ ସେମିତି ଜଣାପଡ଼ୁଛି ତ" ଲୁଇସା ଉତ୍ତର ଦେଲା, ଏ କଥାରେ ଜବାବ ଦେବା ବା କଥାବାର୍ତ୍ତା ଆଉ ବଢ଼େଇବା ଆଲଫ୍ରେଡ଼ ପକ୍ଷରେ ସମ୍ଭବ ନ ଥିଲା । କିନ୍ତୁ ଲୁଇସା ନିଜ କାମରେ ବ୍ୟସ୍ତ ଥିଲା । ସେ ପୁଣି ଉପରକୁ ଗଲା, ବୁଢ଼ୀ ଯନ୍ତ୍ରଣାରେ କାତର ହୋଇ ଶୋଇ ପଡ଼ିଯାଇଥାଏ, ଲୁଇସାର ମୁହଁରେ ବି ସେଇ ଯନ୍ତ୍ରଣାର ଛାପ ପଡ଼ିଥିଲା ଯେତେବେଳେ ସେ ଯାଉଥିଲା ସେକ ଦେଇ ତା କଷ୍ଟ କମ୍ କରିବାକୁ । ଗରମ ସେକ ଦେଇ ସେ ପାଖରେ ବସି କିଛିକ୍ଷଣ ଅପେକ୍ଷା କଲା । ଯନ୍ତ୍ରଣାର କୋପ ଧିରେ ଧିରେ କମିଲା ଓ ବୁଢ଼ୀର ବିଛଣା କଡ଼ରେ ଚୁପ୍‌ଚାପ୍ ହୋଇ ବସି ରହିଥାଏ, ହଠାତ୍ ତଳୁ ପାଣି ଛିଞ୍ଚାଡ଼ ହୋଇ ପଡ଼ିବାର ସେ ଶୁଣିବାକୁ ପାଇଲା । ଏତେବେଳେ ବୁଢ଼ୀର ଅସ୍ପଷ୍ଟ, ଉଦ୍‌ବେଗଶୂନ୍ୟ ସ୍ୱର ଶୁଣାଗଲା ।

"ଆଲଫ୍ରେଡ଼ ନିଜେ ନିଜେ ଗାଧୋଉଛି ତା ପିଠି ଧୋଇ ହେବା ପାଇଁ—"

Digitized by srujanika@gmail.com

ଲୁଇସା ଉତ୍କଣ୍ଠିତ ଭାବରେ ଜାଣିଲା ବୃଦ୍ଧାଙ୍କର ଓ ବୁଢ଼ୀର ଉଦ୍ଦେଶ୍ୟ କଣ ହୋଇପାରେ ଭାବି ମନେ ମନେ ଅସ୍ଥିର ହେଲା ।

"ତା ପିଠିର କୋଉଁଠି କଳା ଭଲକରି ଧୋଇ ନ ହେଲେ ତାକୁ ମୋଟେ ଭଲ ଲାଗେ ନାହିଁ—" ବୁଢ଼ୀ ତା ଉଦ୍ଦେଶ୍ୟରେ ସ୍ଥିର ରହି ପୁଣି କହିଲା । ସେ ତା ପୁଅର ଚ୍ଛୋଟ ବଡ ଦରକାରୀ ବିଷୟରେ କେଣି ଗୁରୁତ୍ୱ ଦେବାକୁ ଚାହୁଁ ଥିଲା । ଲୁଇସା ଉଠି ବୃଦ୍ଧାର ପାଣ୍ଡୁର ଅକ୍ଷିପତ୍ରରୁ ଝାଳ ପୋଛି ଦେଲା । ତାପରେ ଧୀର ସ୍ୱରରେ କହିଲା, ମୁଁ ତଳକୁ ଯାଉଛି, ଦେଖିବି ।" "ଗଲେ ଭଲ ହୁଅନ୍ତା" ବୁଢ଼ୀ ଗୁଣ୍ଡୁ ପୁଣ୍ଡୁ ହୋଇ ବେଗିଲା ସ୍ୱରରେ କହିଲା ।

ଲୁଇସାକୁ ଟିକେ ଅଖାଡ଼ୁଆ ଲାଗିଲା । ସେ କିଛି ସମୟ ଚୁପ୍ ହୋଇ ଅପେକ୍ଷା କଲା । ବୁଢ଼ୀ ଲୁଇସାକୁ କାମ ବରାଦ କରି ଦେଇ ଆଖି ବୁଜି ଶୋଇ ପଡ଼ିଲା । ଲୁଇସା ତଳକୁ ଗଲା । ବର୍ତ୍ତମାନ ସମୟରେ ତା ନିଜ କଥା ବା ଆଲଫ୍ରେଡ଼ର କଥା ବଡ ନୁହେଁ ବଡ ହେଉଛି ବୁଢ଼ୀ ପାଇଁ ସବୁପ୍ରକାର ସଙ୍କୋଚକୁ ସେ ଦୂରେଇ ଦେଇ ପାରେ । ଅଲଫ୍ରେଡ଼ ଆଣ୍ଠେଇ କରି, ଅଣ୍ଟା ପର୍ଯ୍ୟନ୍ତ ଖୋଲି ଦେହରେ, ଗୋଟାଏ ମାଟିର କୁଣ୍ଡରେ ପାଣି ନେଇ ଗାଧୋଉଥାଏ । ପ୍ରତିଦିନ ସନ୍ଧ୍ୟାବେଳେ ଏମିତି ଝାଇପାରି ସେ ଗାଧାଏ, ତା ଭାଇମାନେ ବି ଏମିତି କରୁଥିଲେ କିନ୍ତୁ ଲୁଇସାକୁ ଏସବୁ ଭାରି ନିଆପରି ଲାଗୁଥାଏ ।

ଆଲଫ୍ରେଡ଼୍ ଗୋଟାଏ ମେସିନ ପରି ନିଜ ଦେହ ଓ ମୁଣ୍ଡରେ ଧଳା ତେଲିଆଟାକୁ ଘଷୁଥାଏ । ଥରକୁ ଥର ଅଜାଣରେ ତା ହାତ ବେକ ମୁଣ୍ଡାରେ ବୁଲି ଆସୁଥାଏ । ଲୁଇସା ଦେଖିଲା ଆଲଫ୍ରେଡକୁ ତା ଗାଧିଆରେ ସାହାଯ୍ୟ କରିବାକୁ ବି ତାକୁ ଅଣ୍ଟା ଭିଡ଼ିବାକୁ ହେବ । ଆଲଫ୍ରେଡ଼ ପାଣି କୁଣ୍ଡ ଭିତରକୁ ମୁଣ୍ଡ ନୁଆଁଇ ସାବୁନ ଫେଣସବୁ ଭଲ କରି ସଫାକଲା । ତା ଆଖି ଉପରେ ପାଣି ସେ ତଉଲିଆରେ ଛପି ଭଲକରି ପୋଛିଦେଲା ।

କିଛି ସମୟ ଚୁପ୍ କରି ଠିଆ ହୋଇ ଲୁଇସା କହିଲା

"ମାଉସୀ କହୁଲେ ତମ ପିଠି ଧୋଇ ଦେବା ଦରକାର ।"

ଅସ୍ଥିର ମେ ଆଲଫ୍ରେଡ ପରିବାରର ନିତିଦିନିଆ ଜୀବନ ଭିତରେ ଏହିପରି ମିଶି ଯିବାଟା ଲୁଇସାକୁ କଷ୍ଟ ଦେଉଥିଲା । ସେ ଅନୁଭବ କରୁଥିଲା ଯେପରି ଏକ ବିରକ୍ତିକର ଅନ୍ତରଙ୍ଗତା ତା ଉପରେ ଚପେଇ ଦିଅଯାଉଛି । ଏ ବଡ଼ ସର୍ବସାଧାରଣ ଅନୁଭୂତ —ଗୋଟାଏ ଗୋଠରେ ରହିବା ତା ନିଜର ସ୍ୱତନ୍ତ୍ରତା ହଜି ଯାଉଥିଲା ।

ଆଲଫ୍ରେଡ଼ ପାଣି କୁଣ୍ଡରେ ମୁହଁ ବୁଡ଼େଇ ଲୁଇସା ଆଡ଼କୁ ଚାହିଁଲା । ଉପରକୁ ଦେଖିଲେ ହସ ଲାଗିବ । ଲୁଇସା ନିଜକୁ ଦୃଢ କଲା ।

Digitized by srujanika@gmail.com

ଲୁଇସା ଲକ୍ଷ୍ୟ କଲ ପାଣିକୁଣ୍ଡ ଭିତରେ ମୁଣ୍ଡ ବୁଡେଇ ମୁହଁ ଉପରକୁ କରି ଆଲଫ୍ରେଡ କେମିତି ଅବାଗିଆ ଦେଖାଯାଉଛି । ଯେତେବେଳେ ବି ସାଧାରଣ ଲୋକ ଆଉ ତା ଭିତରେ ପାର୍ଥକ୍ୟ ରହିଛି । ଯେଉଁ ପାଣିରେ ଆଲଫ୍ରେଡ ହାତ ବୁଡ଼େଇଥାଏ, ସେ ପାଣି କୋଇଲା କଳାରେ କଳା ହୋଇ ଯାଇଥାଏ । ସେ ସାବୁନ ଫେଣସବୁ ବି କାଳିଆ ଦେଖାଯାଉଥାଏ । ଆଲଫ୍ରେଡ଼କୁ ଏଇ ରୂପରେ ଦେଖି ସେ ଯେ ଜଣେ ମଣିଷ, ଏ କଥା ଲୁଇସା କଳ୍ପନା କରି ପାରିଲା ନାହିଁ । ଯନ୍ତ୍ରପରି, ସେ ଅଭ୍ୟାସ ଅନୁସାରେ, ପାଣି ଭିତରେ ହାତ ବୁଲେଇ ସାବୁନ ଓ ତଉଲିଆ କାଢ଼ି ପଛପଟକୁ ଲୁଇସା ହାତକୁ ବଢେଇ ଦେଲା । ତାପରେ ସେ ଅତି ବାଧ୍ୟ ପରି ନିଜକୁ ହଲଚଲ ନ କରି ସ୍ଥିରକରି ରଖିଲା ; ଦୁଇ ବାହୁକୁ ପାଣି କୁଣ୍ଡ ଭିତରେ ପୁରେଇ ସେ ନିଜର ଦୁଇ କାନ୍ଧକୁ ଉଗ୍ରେଇ ଟେକି ଧରିଥାଏ । ତା ଦେହର ରଂଗ ପ୍ରକୃତରେ ଭାରି ଧଳା ଓ ସୁନ୍ଦର; ଏତେ ଟିକିଏ ବି ଚିହ୍ନ ସେ ଦେହର ଚମଡ଼ା ଉପରେ ନ ଥାଏ । ସାରା ଦେହଟା ଯେମିତି କାଦୁଅ ଧଳା ରଂଗ 'ଲୁଇସା ଧିରେ ଧିରେ ଆଲଫ୍ରେଡ଼ର ଦେହକୁ ଦେଖିବାରେ ଲାଗିଲା । ଏଇ ସୁନ୍ଦର ଧଳା ଆକର୍ଷଣୀୟ ଦେହଟା ବି ତ ଆଲଫ୍ରେଡ଼ର । ସେଇ ଦେହ ତାକୁ ମୁଗ୍‌ଧ କଲା । ତା ମନରେ ଆସିଥିବା ଅନାତ୍ମୀୟ ଭାବ ତା ଠାରୁ ଦୂରେଇ ଗଲା । ସେ ଆଉ ଆଲଫ୍ରେଡ ତା ମା'ର ସମ୍ପର୍କ ଭିତରୁ ନିଜକୁ ଦୂରେଇ ନେବାକୁ ଚାହିଁଲା ନାହିଁ । ତା ପାଇଁ ଏଇ ସ୍ଥାନ ଏବେ ଅନୁଭୂତିମୟ । ତା ମନ ଓ ହୃଦୟର ଉତ୍ତାପ ବଢ଼ିଗଲା । ସେ ଏଇ ସୁନ୍ଦର ଖୋଲା ପୁରୁଷ ଦେହରେ ଏକ ବିଚିତ୍ର ଅନୁଭବକୁ ଅନୁଭବ କରି ପାରିଲା, ଏକ ସ୍ୱଚ୍ଛ, ଶୁଭ୍ର, ନିରପେକ୍ଷ ଉତ୍ତେଜନାରେ । ସେ ଆଲଫ୍ରେଡକୁ ଭଲ ପାଇବାକୁ ଆରମ୍ଭ କଲା । କିନ୍ତୁ ଖରାରେ ସିଝିଥିବା, ତାର ନାଲିଆ ବେକ ଓ କାନରେ ଅଧିକତର ଅନ୍ତରଂଗତା ଓ ଆଶ୍ଚର୍ଯ୍ୟ ଆଶ୍ଚର୍ଯ୍ୟ ଭାବ ଥିଲା । ଲୁଇସାର ଅନ୍ତରରେ ଏକ ପ୍ରକାର ଆଦରର ଭାବ ଉଠି ଆସିଲା, ତାର ମନେହେଲା ଯେମିତି ଆଲଫ୍ରେଡ଼ର ସେଇ ଦୁଇଟା ନାଲି କାନକୁ ବି ସେ ଭଲପାଏ । ଆଲଫ୍ରେଡ ତାର ଅତି ନିଜର, ତାର ଅତି ନିକଟତମ ଆତ୍ମୀୟ । ଲୁଇସା ତଉଲିଆ ତଳେ ରଖି ପୁଣି ଉପରକୁ ଗଲା, ମନ ତାର କେତେ ପ୍ରକାର ଭାବନାରେ ଆନ୍ଦୋଳିତ । ଆଜି ପର୍ଯ୍ୟନ୍ତ ସେ କେବଳ ଜଣେ ମଣିଷକୁ ଜାଣିଥିଲା । ତା ଜୀବନରେ, ସେ ହେଉଛି ତା ଭଉଣୀ ମେରି । ଅନ୍ୟ ସମସ୍ତେ ଥିଲେ ତା ପାଖରେ ଅପରିଚିତ, ଅଜଣା, ବର୍ତ୍ତମାନ ତାର ଆତ୍ମାର ପ୍ରସାରଣ ହେଉଛି, ସେ ଅନ୍ୟଜଣଙ୍କୁ ଚିହ୍ନିବାକୁ ଯାଉଛି । ତାକୁ ବଡ଼ ବିଚିତ୍ର ଓ ଗର୍ଭବତୀ ହେଲାପରି ଲାଗୁଥାଏ ।

ଲୁଇସା ଶୋଇବା ଘରକୁ ପଶିବା ମାତ୍ରେ ବୁଢ଼ୀ ଗୁଣ୍ଡି ଗୁଣ୍ଡି ହୋଇ ଶୂନ୍ୟକୁ କହିଲା ପରି କହିଲା, "ତାକୁ ଏବେ ଭାରି ଭଲ ଲାଗିବ ।' ଲୁଇସା ଏ କଥାର କିଛି ଜବାବ ଦେଲା ନାହିଁ । ନିଜ ଅନୁଭୂତି ଓ ଅନୁଭବର ଓଜନରେ ତା ହୃଦୟ ଭାରି

Digitized by srujanika@gmail.com

ହୋଇଯାଇଥାଏ । ବୁଢ଼ୀ କିଛି ସମୟ ଚୁପ୍‌ଚାପ୍ ଶୋଇ ରହିବା ପରେ ଟିକିଏ ଦୁଃଖ କରି କହିଲା,

"ଲୁଇସା ତୁମେ କିଛି ଭାବିବନି ମନରେ"

ଲୁଇସା ବଡ଼ ବିଚଳିତ ହୋଇ କହିଲା, "କାହିଁକି କଣ ଭାବିବି ମୁଁ ।"

ବୁଢ଼ୀ କହିଲା, "ଆମେମାନେ ତ ଏମିତି ଚଳୁ ।" ଲୁଇସାର ପୁଣିଥରେ ମନେହେଲା ଯେ ଯେମିତି ଏମାନଙ୍କ ଭିତରେ ଜଣେ ନୁହେଁ ଓ ସେ ଏମାନଙ୍କଠାରୁ ଦୂରେଇ ଯାଉଛି । ମନ ଦୁଃଖରେ ସେ ବସି ରହିଲା, ତା ଛାତି ଭିତର ଦୁଃଖର କୋହରେ ଭରିଗଲା । ବାଣ୍, ଏପରି ?

ଆଲଫ୍ରେଡ ଉପରକୁ ଆସିଲା । ଏବେ ସେ ଗାଧୋଇ ପାଧୋଇ ପରିଷ୍କାର ପରିଚ୍ଛନ୍ନ ହୋଇ ସଫା ଶାର୍ଟ ପିନ୍ଧି ଆସିଛି କିନ୍ତୁ ସେ ଏବେ ଜଣେ କାମିକା ଲୋକ ପରି ଦେଖାଯାଉଥିଲା । ଲୁଇସା ଅନୁଭବ କଲା ଯେମିତି ଆଲଫ୍ରେଡ଼ ଓ ସେ ଦୁହେଁ ପରସ୍ପରର ଅପରିଚିତ, ଦୁହେଁ ଦୁଇଟା ଅଲଗା ପୃଥିବୀରୁ ଆସିଛନ୍ତି । ଏଇ କଥା ଭାବି ସେ ପୁଣି କଷ୍ଟ ହୋଇ ଉଠିଲା । ସେ ଭାବିଲା ହାୟ ଯଦି ସେ କେଉଁଠି ଏକ ସ୍ଥିର ନିଶ୍ଚିତ ସମ୍ପର୍କ ବା ନିଶ୍ଚିତ ଆଶ୍ୱାସନା ପାଇ ପାରନ୍ତା, କେତେ ଭଲ ହୁଅନ୍ତା !

"ତତେ କେମିତି ଲାଗୁଛି ମା, ଆଲଫ୍ରେଡ ପଚାରିଲା ତା ମାକୁ "ଟିକେ ଭଲ ଲାଗୁଛି" ବୁଢ଼ୀ ଉତ୍ତର ଦେଲା କ୍ଳାନ୍ତ, ଅବଶ ସ୍ୱରରେ । ବୁଢ଼ୀ ନିଜର ଯନ୍ତ୍ରଣାକୁ ପୁଅଠାରୁ ଏମିତି ଲୁଚାଇବା, ନିଜକୁ ସମ୍ପୂର୍ଣ୍ଣ ଦୂରେଇ ରଖି ପୁଅର ମନ ଅନୁସାରେ ଭଲମନ୍ଦ ଭାବି ଉତ୍ତର ଦେବାଦ୍ୱାରା ମା ଓ ପୁଅଙ୍କ ଭିତରେ ଥିବା ସମ୍ପର୍କ କ୍ରମଶଃ ପ୍ରଗାଢ଼ ଓ ସୀମିତ ହୋଇ ଉଠୁଥିଲା । ମା' ପୁଅଙ୍କର ଏଇ ସମ୍ପର୍କ ଆଲଫ୍ରେଡ଼କୁ ଲୁଇସା ଆଗରେ ମ୍ଳାନହୀନ ଓ ଅନିଶ୍ଚିତ କରିପକାଉଥିଲା । ଲୁଇସା ନିଜର ହଜାଇଥିବା ଆଲଫ୍ରେଡ଼କୁ ଖୋଜି ପାଇବାକୁ ଚେଷ୍ଟା କରୁଥିଲା । ତା ପାଇଁ ଆଲଫ୍ରେଡ଼ର ମା ହୁଏତ ବାସ୍ତବ ଓ ନିଶ୍ଚିତ କିନ୍ତୁ ଆଲଫ୍ରେଡ଼ ତ ସେଇଆ ନୁହେଁ । ଏଇ କଥା ଭାବି ଲୁଇସା ବିଚଳିତ ଓ ବିବ୍ରତ ହୋଇ ଉଠିଲା । ତାର ଅନୁଭୂତି ଅନ୍ଧ ହୋଇଆସିଲା ।

"ଆଚ୍ଛା ତା ହେଲେ ହାରିସନଙ୍କ ସ୍ତ୍ରୀଙ୍କୁ ଡାକି ଆଣିବି ମା ?" ଆଲଫ୍ରେଡ ପଚାରିଲା ତା ମା'କୁ !

ବୁଢ଼ୀ ଟିକିଏ ଭାବି-ଉତ୍ତର ଦେଲା, "ଯାହାକୁ ହେଲେ ବି ତ ଡ଼ାକିବା ଦରକାର ?"

Digitized by srujanika@gmail.com

ଲୁଇସା ସେଇଠି ଠିଆ ହୋଇ ଦୁଇଜଣଙ୍କ କଥାବାର୍ତ୍ତା ଶୁଣୁଥାଏ । ସେମାନଙ୍କ କଥାରେ କଥା କହିବାକୁ ତାକୁ ଭୟ ଓ ସଙ୍କୋଚ ଲାଗୁଥାଏ । ସେମାନେ ତାକୁ

ସେମାନଙ୍କ ନିତିଦିନିଆ ଜୀବନର ପରିସର ଭିତରକୁ ଆଣୁନାହାନ୍ତି, ସେମାନେ ଭାବୁଛନ୍ତି ତାଙ୍କ ଚଳଣୀରେ ଲୁଇସାର କିଛି ଭାଗ ନାହିଁ । କେବଳ ବାହାରର ଲୋକ ଭାବରେ ସେ ଯେତିକି ସାହାଯ୍ୟ କରିପାରେ । ଏହିପରି ଆଚରଣ ଦେବାଟା ତାକୁ ବାଧିଲା । କିନ୍ତୁ ସେ ଧୈର୍ଯ୍ୟ ଧରି ନିଜର ଜିଦ୍ ଖୋରିଆ ସ୍ୱଭାବକୁ ଦବାଇ ନ ଦେଇ ବୁଢ଼ୀକୁ କହିଲା ।

"କିଛି ବ୍ୟସ୍ତ ହେବାର ନାହିଁ । ମୁଁ ଏଇଠି ରହି ତମର ଦେଖାଶୁଣା କରିବି । ଏଇ କେତେଦିନ ତମକୁ ଏମିତି ଅବସ୍ଥାରେ ତ ଛାଡ଼ି ଯାଇ ହେବ ନାହିଁ ।"

ମା ଓ ପୁଅ ଦୁହେଁ ଲୁଇସାର କଥାରେ ଲଜ୍ଜିତ ହେଲେ ଓ ତା କଥାର କଣ ଉତ୍ତର ଦେବେ ଭାବିପାରିଲେ ନାହିଁ ।

ବୁଢ଼ୀ କ୍ଳାନ୍ତ ସ୍ୱରରେ କହିଲା, "ନାଇଁ ଆମେ କାହାକୁ ଅଣିବାକୁ ବ୍ୟବସ୍ଥା କରିବୁ ।" କଣ ହେବ ନ ହେବ ସେଥିପାଇଁ ତାର ସେମିତି ଆଗ୍ରହ ନଥିଲା ।

"ଯାହା ହେଲେ ବି ମୁଁ କାଲି ସକାଳ ପର୍ଯ୍ୟନ୍ତ ରହିବି । ତାପରେ କ'ଣ ହେବ ଦେଖାଯିବ ।" ଲୁଇସା କହିଲା ।

"ତୁମେ ଏମିତି ହଇରାଣ ହେବା ଉଚିତ୍ ନୁହେଁ ।" ବୁଢ଼ୀ ଯନ୍ତ୍ରଣା ସ୍ୱରରେ କହିଲା । ଯେ ହେଲେ ଦେଖୁ ସେ ଚାହୁଁଥିଲା ।

ଲୁଇସାର ରହିବା ଠିକ୍ ହେବାରୁ ସେ ଖୁସି ହେଲା, ଦିନେ ଦୁଇଦିନ ପାଇଁ ହେଉ ପଛେ । ସେମାନଙ୍କ ଜୀବନରେ ଭାଗ ନେଇ ପାରିବ ତ । ଅବଶ୍ୟ ତା ନିଜ ଘରେ ବି ତାର ରହିବା ଦରକାର, କାରଣ ମେଘ ଆସିଛି ।

କିନ୍ତୁ ସେମାନେ ତା ବିନା ସାହାଯ୍ୟରେ ଚଳିଯିବେ ।

ଲୁଇସା କହିଲା, "ମୁଁ ଟିକେ ବାପାଙ୍କ ପାଖକୁ ଖବର ପଠାଇବି ।"

ଆଲଫ୍ରେଡ ତା ଆଡ଼କୁ ପରଖିବା ଭଙ୍ଗୀରେ ଚାହିଁଲା, ସେ ଭାବୁଥିଲା ସେ ଲୁଇସାର କିଛି କାମରେ ଆସିବ କି ନାହିଁ ଓ ଆସିଲେ ସେ ଖୁସି ହେବ । ନୌବାହିନୀରେ କାମ କରିବା ଦିନଠାରୁ ତାର ଏଇ କର୍ମତତ୍ପରତାକୁ ସେ ବଜାୟ ରଖିଛି । କିନ୍ତୁ ଅନ୍ୟର କାମ କରିଦେବାର ତତ୍ପରତା ଭିତରେ ଆଲଫ୍ରେଡର ସରଳ ସ୍ୱତନ୍ତ୍ରତା ଲୁଇସାକୁ ଭଲ ଲାଗୁଥିଲା । କିନ୍ତୁ ତଥାପି ସେ ଆଲଫ୍ରେଡକୁ ସମ୍ପୂର୍ଣ୍ଣ ରୂପେ ବୁଝି

Digitized by srujanika@gmail.com

ପାରୁନଥିଲା । ଆଲଫ୍ରେଡ୍ ତାକୁ ଏତେ ସମ୍ମାନ ଦେଖାଏ ଯେ, ଲୁଇସା ପାଟିରୁ କଥା ବାହାରିବା ମାତ୍ରେ ଯେ କୌଣସି କାମ କରିବା ପାଇଁ ପ୍ରସ୍ତୁତ ହୋଇ ଉଠେ ମନେ,ମନେ ଏବଂ ସେଥିପାଇଁ ତା ଭିତରର ମଣିଷକୁ ଲୁଇସା ବୁଝିବାକୁ ସକ୍ଷମ ହେଉ ନ ଥିଲା ।

ଆଲଫ୍ରେଡ୍ ବି ଲଇସାକୁ ଲକ୍ଷ୍ୟ କରୁଥାଏ ଠିକଣାଗି କରି । ଲୁଇସା ଦେଖିଲା । ଆଲଫ୍ରେଡ୍‌ର ଆଖିର ରଂଗ ହାଲଦିଆ ମାଟିଆ ମିଶା, ସେ ଆଖିର ପୁଅ ଅତି ଛୋଟ ଓ ସେମିତି ଆଖିରେ ଜଣେ ଖୁବ୍ ଦୂରରୁ ଖୁବ୍ ଭିତରକୁ ଲକ୍ଷ୍ୟ କରିପାରେ । ଲୁଇସା ଆଗରେ ଆଲଫ୍ରେଡ୍ ସତର୍କ ଓ ଚଞ୍ଚଳ ଭାବରେ ଠିଆ ହୋଇଥାଏ, ସତେ ଯେପରି ତାର ମିଲିଟାରୀ କାଇଦାକୁ ଅନୁସରଣ କରି ।

"କ'ଣ କାଗଜ କଲମ ଦରକାର ତମର ?" ଅଲଫ୍ରେଡ୍ ପଚାରିଲା । ତା ସ୍ୱରରେ ମାନ୍ୟ ବ୍ୟକ୍ତିଙ୍କୁ କହିବାପରି ସମ୍ମାନ ସୂଚକ ସମ୍ଭାଷଣ । ଲୁଇସା ତା କଥାରେ ବିଚଳିତ ହୋଇ ଉଠିଲା ।

"ହଁ ଦିଅ" ସେ କହିଲା ।

ଆଲଫ୍ରେଡ୍ ବୁଲିପଡ଼ି ତଳ ମହଲାକୁ ଗଲା, ତାର ଅସ୍ୱଚ୍ଛୋଳ ଓ ସ୍ଥିର ନିର୍ଦ୍ଦିଷ୍ଟ ଚାଲିଚଳଣରେ ଲୁଇସା ପ୍ରଭାବିତ ହେଉଥିଲା । ଲୁଇସା ଭାବୁଥିଲା ସେ କେମିତି ଅଲଫ୍ରେଡ୍ ନିକଟବର୍ତ୍ତୀ ହେବ ? ଆଲଫ୍ରେଡ୍ ତ ତା ପଟରୁ ଏକ ପାଦ ବି ଆଗକୁ ଯିବୁନାହିଁ । ସେ ଲୁଇସାର ସେବା କରିବାକୁ ପୁରାପୁରି ରାଜି କିନ୍ତୁ ସମ୍ପୂର୍ଣ୍ଣ ନିରାସକ୍ତ ଭାବରେ, ନିଜକୁ ଲୁଇସାଠାରୁ ଦୂରେଇ ରଖି କାମ କରିବାକୁ ସେ ଇଚ୍ଛା କରୁଥିଲା । ଲୁଇସା ଲକ୍ଷ୍ୟ କରିଛି ତା ପାଇଁ ଛୋଟ କାମଟିଏ କରିପାରିଲେ ବି ଆଲଫ୍ରେଡ୍ ଖୁସି ହୁଏ । କିନ୍ତୁ ସେଇ କାମର ସ୍ୱୀକୃତି ବା କୃତଜ୍ଞତା ଜଣାଇଲେ ସେ ବିଚଳିତ ହୋଇପଡେ, ମନରେ ଆଘାତ ପାଏ । ଆଲଫ୍ରେଡ୍‌ର ଢଙ୍ଗ ଢାଙ୍ଗ ତାର ହୁଗୁଳା ଶାର୍ଟ ଓ ବୋତାମ ଖୋଲା ଜ୍ୟାକେଟ ଏବଂ ଖୋଲା ବେକରେ ଲୁଇସା ପାଇଁ କିଛି କାମ କରିଦେବାର ଆଗ୍ରହ ଓ ତତ୍ପରତା ଲୁଇସାକୁ ଆକର୍ଷଣ କରୁଥିଲା ଥରକୁ ଥର । କିନ୍ତୁ ଯେତେବେଳେ ଅଲଫ୍ରେଡ୍ ତାକୁ କାଗଜ କଲମ ଆଣି ଦେଇ ଯାଉଥିଲା ସେତେବେଳେ ଆଲଫ୍ରେଡ୍‌ର ପ୍ରଶଂସା ଦୃଷ୍ଟିକୁ ବୁଝି ଲୁଇସା ନିଜ ଭିତରେ କି ଏକ କମ୍ପନ ଅନୁଭବ କଲା ।

ତାପରେ ଲୁଇସା ତା ଘରକୁ ଚିଠି ଲେଖିବାକୁ ଆରମ୍ଭ କଲା । ସେ ଲେଖୁଥିଲା ବେଳେ ଆଲଫ୍ରେଡ୍ ଆଉ ଗୋଟାଏ ଜଳନ୍ତା ମହମବତୀ ଆଣି ତା ପାଖରେ ରଖିଲା । ବତୀ ଦୁଇଟାର ଉଜ୍ଜ୍ୱଳ ଆଲୁଅ ଲୁଇସାର ବାଳ ଗୁଚ୍ଛ ଭିତରେ ଦୁଇ ଜାଗାରେ ବାଛୁଡ଼ି ହୋଇ ପଡ଼ି ତା ବାଳକୁ ଉଜ୍ଜ୍ୱଳ ଓ ଚକ୍‌ଚକ୍ କରୁଥିଲା, ଯେମିତି ଗୁଡ଼ାଏ ହାଲଦିଆ

ଚଢ଼େଇ ପରି ସଜଡ଼ା ହେଇ ଥୁଆ ହୋଇଛି । ତା ପଛ ପାଖରେ ଖୋଲା ବେକର ରଂଗ ଗାଢ଼ ଶୁଭ୍ର ଓ ସେଥିରେ ମିଶିଥିଲା ନରମ ଘାସ କେଶ ପରି ସରୁ ସରୁ ହଳଦିଆ ଲୋମ ଆଲଫ୍ରେଡ଼ ଦେଖିଥିଲା ଲୁଇସାର ଏଇ ମନୋହର ସୌନ୍ଦର୍ଯ୍ୟକୁ ଏବଂ ନିଜେ ହଜି ଯାଉଥିଲା ସେଥିରେ ଲୁଇସାର ଏହି ସୌନ୍ଦର୍ଯ୍ୟ ପ୍ରକାଶ ଓ ଚମତ୍କାରିତା କଳ୍ପନାତୀତ ଥିଲା । ଯାହା କିଛି ତା କଳ୍ପନା ଓ ଭାବନାର ବାହାରେ, ଯାହା କିଛି ତା ପାଇଁ ଥିଲା ଆଦର୍ଶଣୀୟ ସେ ସେଇଠି ଲୁଇସାକୁ କଳ୍ପନା କରୁଥିଲା ଏବଂ ସେଇ ଲୁଇସାକୁ ଦେଖିବାକୁ ଯାଇ ସେ ଯେମିତି ଆତ୍ମହରା ହୋଇ ପଡୁଥିଲା, ତା ସହିତ ଲୁଇସାର ତ କିଛି ସମ୍ପର୍କ ନାହିଁ । ସେ ତ ଲୁଇସାକୁ କିଛି ବି ଅନୁରୋଧ କରିନାହିଁ । ଏଇ ଲୁଇସା ତା ପାଇଁ ଏକ ବିରାଟ ବ୍ୟବଧାନ । କିନ୍ତୁ ତାକୁ ଆଜି ନିଜ ଘରେ ପାଇବା ବି ଏକ ଅଦ୍ଭୁତ ଅନୁଭୂତି । ତା ମାର ଶାରୀରିକ ଚିନ୍ତାରେ ସେ ଆବଦ୍ଧ ହୋଇଥିଲେ ମଧ୍ୟ ଏଇ ସନ୍ଧ୍ୟାରେ ଜୀବନର ଏକ ମଧୁର ସ୍ପର୍ଶର ଉପସ୍ଥିତିକୁ ସେ ଉପଲବ୍ଧି କରି ପାରୁଥିଲା । ମହମବତୀର ଅଳ୍ପ ଆଲୁଅ ଲୁଇସାର ବାଳରେ ଚିକ୍ ଚିକ୍ କରୁଥାଏ ଓ ସେଇ ଆଲୋକିତ ବାଳର ସ୍ନିଗ୍ଧତା ତାକୁ ମୁଗ୍ଧ କଲା । ଲୁଇସା କଥା ଭାବି ଏକ ପକ୍ଷରେ ସେ କିଛି ଭୀତ ହେଲେ ବି ଅନ୍ୟ ପକ୍ଷରେ ଏକ ଅପୂର୍ବ ଆନନ୍ଦ ଅନୁଭବ କରୁଥିଲା । ସେ ତା ମା ଓ ଲୁଇସା ଅନ୍ତତଃ କିଛି ସମୟ ପାଇଁ ଏଇ ବିରାଟ ଅଜଣା ପରିବେଶରେ ଏକାଠି ହୋଇପାରିବେ, କିନ୍ତୁ ଯେତେବେଳେ ସେ ଚିଠି ନେଇ ଘରୁ ବାହାରିଲା, ସେ ମନେ ମନେ ଡରିଗଲା । ସେ ଦେଖିଲା ତା ମୁଣ୍ଡ ଉପରେ, ଆକାଶରେ ଉଜ୍ଜ୍ୱଳ ତାରା ସବୁ ମିଟି ମିଟି କରୁଛନ୍ତି ଏବଂ ତଳେ ମାଟି ଉପରେ ଥିବା ଧଳା ବରଫ ଆଖିରେ ପ୍ରତିଫଳିତ ହେଉଛି ଏବଂ ସେ ଅନୁଭବ କଲା ତା ଗୃହପାଖରେ ଏକ ନୂତନ ସୃଷ୍ଟି ତାକୁ ଆଜି ଘେରି ରହିଛି । ଏଇ ସବୁ ଅନୁଭୂତିର ବିଲୋପ ଆଶଙ୍କାରେ ସେ ଭୟଭୀତ ହେଉଥିଲା ତାକୁ ଘେରି ରହିଥିବା ଏହି ନୂତନ ସୃଷ୍ଟିର ବା ଅର୍ଥ କଣ ତା ପାଇଁ, ଏଇ ନୂତନ ପରିବେଶରେ ସେ ବା କିଏ ? ସେ ନିଜକୁ ଚିହ୍ନି ପାରୁ ନ ଥିଲା ଓ ଏଇ ନୂତନ ପରିବେଶକୁ ବି ସେ ଚିହ୍ନି ପାରୁ ନ ଥିଲା ତା ମା କଥା ଭାବିବାକୁ ତାକୁ ଭୟ ଲାଗୁଥିଲା । କିନ୍ତୁ ତେବେ ବି ମା ବିଷୟରେ ଓ ମାର କଣ ହେବାକୁ ଯାଉଛି ସେ ବିଷୟରେ ସେ ଚିନ୍ତିତ ଓ ସଚେତନ ଥିଲା । ମାକୁ ଛାଡ଼ି ସେ ରହିପାରିବନି କିନ୍ତୁ ତା ମା ତାକୁ ଏକ ଅଜଣା, ଅବୁଝା ନେଇ ନ ଥିବା ଅନିଶ୍ଚିତତା ଭିତରକୁ ନେଇଯାଉଥିଲା ।

Digitized by srujanika@gmail.com

—୧୧—

ଏକ ମାନସିକ ଯନ୍ତ୍ରଣାରେ ବୃଦ୍ଧ ରହୁ ଆଲଫ୍ରେଡ ରାସ୍ତାରେ ଚାଲିଥାଏ । କିନ୍ତୁ ଏ ଯନ୍ତ୍ରଣା କାହିଁକି ଓ କ'ଣ ପାଇଁ ସେ ବିଷୟ ସେ ବୁଝି ପାରୁ ନ ଥିଲା । ସେ ଖାଲି ଅନୁଭବ କରୁଥିଲା ଯେମିତି ଖଣ୍ଡେ ଜଳନ୍ତା ନାଲି ରଙ୍ଗ ନିଆଁ ଖଣ୍ଡ ତା ଛାତିରେ ଚାପି ହୋଇ ରହିଛି । କିଛି ଭାବି ନ ପାରି ଆବେଗରେ ଦୁଇ ଧାର ଟୋପା ଲୁହ ତା ଆଖିରୁ ଖସି ପଡ଼ିଲା ବରଫ ଉପରେ । ତେବେ ବି ସେ ବିଶ୍ୱାସ କରି ପାରୁ ନ ଥାଏ ଯେ ତା ମାଆ ମୃତ୍ୟୁ ହେବ । ତା ମନ କିନ୍ତୁ ଏବେ ତା ମା ଠାରୁ ଅଧିକ ଏକ ଶକ୍ତିଶାଳୀ ଚିନ୍ତାରେ ବୁଡ଼ି ରହୁଥାଏ । ପୁରୋହିତଙ୍କ ବଡ଼ ହଲ ଘରେ ବସି, ମେଟ ଲୁଇସାର ଜିନିଷ ପତ୍ର ସଜାଡ଼ି ଆଣି ଦେବାର ସମୟଟିକୁ ଅପେକ୍ଷା କରି ରହୁ, ଆଲଫ୍ରେଡ଼ ମନେ ମନେ ଭାବୁଥିଲା ଯେ ସେ କାହିଁକି ଏତେ ଲାଜ ପଡୁଛି, କାହିଁକି ସେ ଏତେ ବିଚଳିତ ହୋଇ ଯାଉଛି । ପୁରୋହିତଙ୍କ ବଡ଼ ଘର ଦେଖି ତାକୁ ବଡ଼ ଅଦ୍ଭୁତ ଓ ଅସହାୟ ଲାଗୁଥାଏ । ସେଇ ଘର ତାକୁ ମନେ ପକାଇ ଦେଉଥାଏ ଯେ ସେ ସେଇ ଘରର ଲୋକ ନୁହେଁ, ସେ ଜଣେ ଅତି ସାଧାରଣ ଲୋକ । ଯେତେବେଳେ ମେଟ ତା ପାଖକୁ ଆସି କଥା କହିଲା, ସେ ସମ୍ଭ୍ରମରେ ତାକୁ ନମସ୍କାର କରି ପକାଇଲା ।

'ବେଶ୍ ଭଲ ଲୋକ' ମେଟ୍ଟା ମନେ ମନେ ଭାବିଲା ।

ମେଟ୍ଟର ଆଲଫ୍ରେଡ଼କୁ ଏଇ ଅନୁଗ୍ରହ ପ୍ରଦର୍ଶନ ମେଟ୍ଟର ନିଜର ରୋଗରେ ମଲମ ବୋଳିଲା ପରି ମନେହେଲା । ସେ ତ ସେଇ ଉଚ୍ଚ ସ୍ଥାନରେ ରହି ଆସିଛି, ସେଇଠାରୁ ସେ ଅନ୍ୟକୁ ଅନୁଗ୍ରହ କରି ପାରିବ । ସେତିକି ମାତ୍ର ତା ପାଖରେ ରହିଛି । କିନ୍ତୁ ଏଇ ସାମାଜିକ ଉଚ୍ଚସ୍ଥାନ ଛଡ଼ା ସେ ତ ବଂଚି ପାରନ୍ତା ନାହିଁ କି ଅନ୍ୟ କେଉଁଠି ନିଜକୁ ବିଶ୍ୱାସ ବି କରି ପାରନ୍ତା ନାହିଁ । କିମ୍ବା ନିଜର ଏହି ଉଚ୍ଚଶ୍ରେଣୀ କଥା ମନରେ ନ ଥିଲେ ସେ ନିଜକୁ ସମ୍ମାନ ଦେଇ ପାରନ୍ତା ନାହିଁ ।

ଆଲଫ୍ରେଡ୍ ତା ଘରର ବାହାର ଫାଟକ ପାଖରେ ପହଞ୍ଚିଲା ବେଳେ ପୁଣି ଥରେ ସେଇ ପୂର୍ବର ଯନ୍ତ୍ରଣା ହୃଦୟରେ ଅନୁଭବ କଲା ଓ ନୂଆ ଆକାଶକୁ ଦେଖିଲା । ସେ କିଛି ସମୟ ଠିଆ ହୋଇ ଉତ୍ତର ଆକାଶରେ ସପ୍ତର୍ଷିମଣ୍ଡଳ ସାଙ୍ଗରେ ରାତି ବଢ଼ିବାର ସଙ୍କେତକୁ ଏବଂ ଦୂର ପ୍ରାନ୍ତରେ ବରଫ ଜ୍ୟୋତିକୁ ଦେଖିଲା । ହଠାତ୍ ତାର ମନର ଯନ୍ତ୍ରଣା ଶାରୀରିକ ବେଦନାରେ ପରିଣତ ହେଲା । ସେ

Digitized by srujanika@gmail.com

ଫାଟକର କାଠକୁ ଚିପି ଧରି ଦୁଃଖର ଆବେଗରେ ଓଠ କାମୁଡ଼ି ଫୁଁପାଫୁଁପା ସ୍ୱରରେ ଡ଼ାକିଲା "ମା !" ଦୁଃଖର ଏଇ ଭୟଙ୍କର, ଅସହ୍ୟ ଶାରୀରିକ ବେଦନା, ହୃତ୍ପିଣ୍ଡରେ ମାରି ମାରି ଥରକୁ ଥର ତାକୁ ଅତିଷ୍ଠ କରି ପକାଇଲା, ଠିକ୍ ଯେମିତି ତା ମା'ର ପେଟର ବେଦନା ଥରକୁ ଥର ହାତୁଡ଼ି ମାରିଲା ପରି ଆସି ତାକୁ ଅତିଷ୍ଠ କରୁଥିଲା । ସେ ଯନ୍ତ୍ରଣାର କୋପରେ ଆଲ୍‌ଫ୍ରେଡ଼ ଯେମିତି ସିଧା ହୋଇ ଠିଆ ହୋଇ ପାରୁ ନ ଥିଲା । ସେ ବୁଝି ପାରୁ ନ ଥିଲା ତାର ଏ ଯନ୍ତ୍ରଣା କେଉଁଠାରୁ ଆସୁଛି ଓ କାହିଁକି, ତା ଭାବନା ସହିତ ଏ ଯନ୍ତ୍ରଣାର ତ କିଛି ସମ୍ପର୍କ ନାହିଁ, ଏ ଯନ୍ତ୍ରଣାର ବି ନିଜ ସହିତ କିଛି ସମ୍ପର୍କ ନାହିଁ; କିନ୍ତୁ ଏ ଯନ୍ତ୍ରଣା ତାକୁ ଯେମିତି ଚିପି ଧରିଛି ଓ ତାକୁ ସେ ମୁଣ୍ଡପାତି ମାନି ନେବାକୁ ବାଧ୍ୟ ହେଉଛି । ତା ଆତ୍ମାର ସବୁ ଯନ୍ତ୍ରଣା ଯେମିତି ଏକାଠି ଏକ ଢ଼େଉ ପରି ଅଜଣା ପଥରେ ଗୁଡ଼େଇ ଗୁଡ଼େଇ ହୋଇ ମୁଖ ଆଡ଼କୁ ମୁହାଁଇ ଯାଉଛି ଓ ସେଥିରେ ଆଲ୍‌ଫ୍ରେଡ଼ ନିଜେ ଅସହାୟ ଭାବରେ ଖଣ୍ଡେ କୁଟାଖିଅ ପରି ଟାଣି ହୋଇ ଯାଉଛି । ତା ଭାବନା ଓ ଚିନ୍ତା ସବୁ ଟିକି ଟିକି ହୋଇ ସେଇ ସ୍ରୋତରେ ପଡ଼ିଯାଇ ଲୀନ ହୋଇଗଲା ଓ ଆଲ୍‌ଫ୍ରେଡ଼କୁ ଏକ ଅଜଣା ଜାଗାକୁ ସତେ ଯେପରି ଠେଲି ଦେଲା । ଯେତେବେଳେ ଆଲ୍‌ଫ୍ରେଡ଼ର ଚେତନା ଫେରି ଆସିଲା ସେ ଘର ଭିତରକୁ ଆସିଲା । ଘରେ ପହଞ୍ଚି ତା ମନ ଆନନ୍ଦରେ ଉତ୍ତେଜିତ ହୋଇ ଉଠିଥିଲା ଓ ସେ ଘରର ଛୋଟ ଛୋଟ ଜିନିଷ ଗୁଡ଼ିକ ନେଇ ଏପାଖ ସେପାଖ ପକେଇବାକୁ ଆରମ୍ଭ କଲା । ସେ ମା'ର ବିଛଣା ଉପରେ ଗୋଟାଏ ପାଖରେ ଯାଇ ବସିଲା । ଅନ୍ୟ ପାଖରେ ବସିଥାଏ କ୍ଲାଇଭା ଓ ଏକ ଅଜଣା ଆନନ୍ଦ ସମସ୍ତଙ୍କୁ ଘେରି ରହିଥାଏ ଯେମିତି । କିନ୍ତୁ ରାତି ନ' ଘଡ଼ିର ଅନିଶ୍ଚିତ ଭୟଙ୍କରତା ଆସ୍ତେ ଆସ୍ତେ ଆସୁଥାଏ ।

ଆଲ୍‌ଫ୍ରେଡ ମା ଠାରୁ ବିଦାୟ ନେଇ ଶୋଇବାକୁ ଗଲା । ଶୋଇବା ଆଗରୁ ଲୁଗାପଟା ଖୋଲୁ ଖୋଲୁ ହଠାତ୍ ମା'ର ଭାବନା ତା ମନକୁ ଛୁଇଁଲା ଓ ସେ ଭାବନାର ଯନ୍ତ୍ରଣା ଦୁଇ ହାତରେ ତାକୁ ଯେମିତି ଚପି ଧରି ଚିପି ଦେବାକୁ ବସିଲା । ସେ ସ୍ଥିରେ ଟଳିଟ୍ ହୋଇ ଖଟ ଉପରେ ଲୁଗା ବନ୍ଦ କରି ଶୋଇରହିଲା । ତାର ମାନସିକ ଯନ୍ତ୍ରଣା ତାକୁ ଏତେ ବେଶୀ ବିଚଳିତ ଓ ବିବ୍ରତ କରିପକାଇଲା ଯେ ସେ ଆଉ ବିଛଣାରୁ ଉଠି ଅଧ ଖୋଲା ଲୁଗାକୁ ପୁଣି ଖୋଲିବାକୁ ବି ଜୋର ହରେଇ ବସିଲା । ବିଛଣାରେ ପଡ଼ି ପଡ଼ି ସେ କେତେବେଳେ ଶୋଇ ପଡ଼ିଲା । ଅଧରାତି ବେଳକୁ ନିଦ ଭାଙ୍ଗି ସେ ଦେଖିଲା ତା ଦେହ ବରଫ ପରି ଥଣ୍ଡା ହୋଇଯାଇଛି । ସେ ଉଠି ଲୁଗାପଟା ଭଲ କରି ଖୋଲି ପୁଣି ଥରେ ବିଛଣାକୁ ଗଲା ଓ ନିଦରେ ଶୋଇ ପଡ଼ିଲା !

ତା ନିଦ ଭାଙ୍ଗିଲା ବେଳକୁ ଛଅଟା ବାଜିବାକୁ ଆଉ ପନ୍ଦର ମିନିଟ ଅଛି । ଆଗେ ସାଙ୍ଗେ ତାର ମା କଥା ମନେ ପଡ଼ିଲା ଧାଇ ମାମାଙ୍କୁ ଡାକ ଡାକ କରି

ପିନ୍ଧନେଇ, ହାତରେ ଗୋଟାଏ ଜଳନ୍ତା ମହମବତୀ ଧରି ସେ ମା'ର ଶୋଇବା ଘର ଭିତରକୁ ଗଲା । ମହମବତୀର ହାତ ଦେଖେଇ ସେ ଅଢ଼ୁଆଳ କଲା ଯେମିତି ମା ମୁହଁ ଉପରେ ଆଲୁଅ ନ ପଡ଼ିବ ।

ଫୁସ୍ ଫୁସ୍ କରି ଡ଼ାକିଲା, "ମା !"

"କିଅଣ", ମା ଉତ୍ତର ଦେଲା ।

ତାପରେ ଆଲଫ୍ରେଡ଼ କଣ କରିବ ନ କରିବ ଠିକ୍ କରି ନ ପାରି ଚୁପ୍ ହୋଇ ଠିଆ ହୋଇ କିଛିଏ ରହିଲା, କିଛି ସମୟ ପରେ ସେ ପୁଣି ପଚାରିଲା ।

"ମା' ମୁଁ ଆଜି କାମକୁ ଯିବି ?" ପଚାରି ସେ ଅପେକ୍ଷା କରି ରହିଲା, ଉତ୍ତରକୁ, ତା ଛାତି ଭିତରେଟା ଭୟରେ ଦପ୍ ଦପ୍ କରୁଥାଏ,

"ମୁଁ ତ କାମକୁ ଯାଆନ୍ତି ବାପା," ମା କହିଲା ।

ଆଲଫ୍ରେଡ ହତାଶ ଓ ବିରକ୍ତ ହେଲା, ସେ ପୁଣି ପଚାରିଲା

"କିଣ, ମୁଁ ଯିବି ?"

ମହମବତୀର ଆଲୁଅ ଉପରୁ ସେ ହାତ ଟିକକୁ ଖସେଇଲା, ବତୀ ଆଲୁଅ ଆସି ତା ମା ବିଛଣାରେ ପଡ଼ିଲା, ସେ ଦେଖିଲା ମା ବିଛଣାରେ ଲୁଇସା ଶୋଇ ରହି ତା ଅଡ଼କୁ ଚାହିଁ ହେଉଛି, ଏକ ଲକ୍ଷ୍ୟରେ ଲୁଇସା ଆଲଫ୍ରେଡ଼କୁ ଚାହିଁ ରହିଥିଲା, ଆଲଫ୍ରେଡ଼ର ଦୃଷ୍ଟି ତା ଉପରେ ପଡ଼ିବାକ୍ଷଣି ସେ ହଠାତ୍ ଆଖି ବନ୍ଦକରି, ତକିଆରେ ମୁହଁ ଅଧଘୁଞ୍ଚା କରି କଡ଼ବୁଲେଇ ପଛକରି ଶୋଇଲା । ତାର ଅସଜଡ଼ା, ଅଡ଼ୁଆବାଳ, ଉଜ୍ଜଳ କୁନ୍ତଳ ପରି ମୁଣ୍ଡ ଚାରିପାଖରେ ଘେରିଥାଏ ଓ ସେଥିରୁ ଦୁଇ ଚନ୍ଦଟା କେଶ ମୋଡ଼ି ମୋଡ଼ି ହୋଇ ବିଛଣାଚାଦର ଉପରେ ପଡ଼ି ରହିଥାଏ । ଆଲଫ୍ରେଡ ବିଚଳିତ ହୋଇ ଉଠିଲା କିନ୍ତୁ ଦମ୍ଭଧରି ସେ ସ୍ଥିର ଭାବରେ ଠିଆ ହୋଇ ରହିଲା, ଲୁଇସା ସଙ୍କୋଚ ଅନୁଭବ କରୁଥିଲା, ଆଲଫ୍ରେଡ଼ ତା ମା ଆଡ଼କୁ ଚାହିଁଲା, ଓ ସାଙ୍ଗେ ସାଙ୍ଗେ ତାର ସବୁ ଦମ୍ଭ ଓ ସବଳ ଚାଲିଗଲା, ପୁଣି ନିଜ ମନର ଅନିଶ୍ଚିତ ଭାବନାରେ ସେ ବିଚଳିତ ହୋଇ ଉଠି ନିଜକୁ ଯେମିତି ହରେଇ ବସିଲା ।

ମା କହିଲା, "ହଁ ବାପା, କାମକୁ ଯା,"

"ହଉ କହି ଆଲଫ୍ରେଡ ମା ଠାରୁ ବିଦାୟ ନେଇଗଲା, କିନ୍ତୁ ତା ମନ ବିରକ୍ତି ଓ ନିରାଶାରେ ଦବି ଯାଇଥାଏ ।

ସେ ଯିବା ପରେ ପରେ ମା' ପୁଣି ଫୁସଫୁସ କରି ଡ଼ାକିଲା,

Digitized by srujanika@gmail.com

"ଆଲଫ୍ରେଡ୍ !"

ଆଲଫ୍ରେଡ୍ ଫେରି ଆସିଲା, ତା ଛାତି ଭିତରଟା ଉତ୍ତେଜନାରେ ଧପ୍ ଧପ୍ କରୁଥାଏ ।

"କଣ ମା !" ସେ ଜବାବ ଦେଲା ।

"ଆଲଫ୍ରେଡ, ତୁ ତୋ ଜୀବନରେ ଠିକ୍ ବାଟରେ ଯିବୁ, ଯାହା ଠିକ୍ ତୁ ସବୁବେଳେ ସେଇଆ କରିବୁ ତ ?" ବୁଢ଼ୀ ହଠାତ୍ ପଚାରିଲା, ମା'ର ଏ କଥା ଆଲଫ୍ରେଡ ଠିକ୍ ବୁଝିପାରିଲାନାହିଁ ଓ ବେଶି ଡ଼ରିଗଲା ।

"ହଁ," ସେ ଉତ୍ତର ଦେଲା ଓ ମା'କୁ ଟିକେ ଅଉଁସି ଦେଇ ମନଦୁଃଖରେ ସେଠୁ ଚାଲିଗଲା ।

ସେ କାମକୁ ଗଲା ।

—୧୨—

ଦିନ ଦ୍ୱିପହର ବେଳକୁ ତା ମା ଚାଲିଗଲା । ଝଣି ମୁହଁରେ ସେ ସେଇ ଖବର ପାଇଲା, କିନ୍ତୁ ତା ଅନ୍ତର ଭିତରେ ସେ ବୁଝିପାରୁଥିଲା ଯେ ମାର ମୃତ୍ୟୁ ଖବର ତା ପାଇଁ ଅପ୍ରତ୍ୟାଶିତ ନ ଥିଲା ବା ସେଥିପାଇଁ ସେ ଉପସ୍ଥିତ ହୋଇ ନ ଥିଲା, କିନ୍ତୁ ତେବେ ବି ସେଇ ଖବର ପାଇ ତା ଛାତି ଭିତର ଥରି ଉଠିଲା । ଅନୁତ୍ତେଜିତ ଶାନ୍ତ ହୃଦୟ ନେଇ ସେ ଘରକୁ ଫେରିଲା, କେବଳ ତା ଛାତିଭିତରର ନିଶ୍ୱାସ ଜୋର ଜୋର ପଡ଼ୁଥାଏ ।

ଲୁଇସା ସେତେବେଳ ଯାଏ ତାଙ୍କ ଘରେ ଥାଏ, ଯାହା କିଛି ସେ କରି ପାରିବ ତାକୁ ସେ ସବୁ ସଜାଡ଼ି ଦେଇ ଯିବାକୁ ହେବ, ଅତି ସଂକ୍ଷେପରେ ସେ ଆଲଫ୍ରେଡ଼ର ଜାଣିବା କଥା ସବୁ ତାକୁ କହିଦେଲା, କିନ୍ତୁ ଗୋଟାଏ କଥା ଜାଣିବାକୁ ସେ ମନେ ମନେ ଉତ୍କଣ୍ଠିତ ହେଉଥିଲା ।

ସେ ଆଲଫ୍ରେଡ଼ର ମୁହଁକୁ ଚାହିଁ ପଚାରିଲା, "ଏମିତି ହେବ ବୋଲି ତମେ କ'ଣ ଆଗରୁ ଆଶା କରୁଥିଲ ? ସେଥିପାଇଁ ବୋଧେ ତମେ ବେଶୀ ଭାଙ୍ଗି ପଡ଼ୁନାହଁ ?" ଲୁଇସାର ଆଖିରେ ଶାନ୍ତ, ନୀରବ ଜିଜ୍ଞାସା, ସେ ବି ତ ଆଲଫ୍ରେଡର ମା ମୃତ୍ୟୁକୁ ଅନୁଭବ କରିପାରୁଛି । ଆଲଫ୍ରେଡ଼ କିନ୍ତୁ ସମ୍ପୂର୍ଣ୍ଣ ନିର୍ଲିପ୍ତ ଓ ନିରସକ୍ତ ।

Digitized by srujanika@gmail.com

ସେ ବୋକାଙ୍କ ପରି କହିଲା, "ହଁ ବୋଧେ ସେଇଆ ।" ଲୁଇସା ଦୃଷ୍ଟିରୁ ନିଜକୁ ଦୂରେଇ ନେବାପାଇଁ ସେ ଅନ୍ୟଆଡ଼କୁ ମୁହଁ ବୁଲେଇଲା ।

"ଏମିତି ହେବ ବୋଲି ତୁମେ ଭାବି ନ ଥିଲ, ମୁଁ ଏକଥା ଭାବି ପାରୁନି ।" ଲୁଇସା କହିଲା ।

ଆଲଫ୍ରେଡ଼ କିଛି ଉତ୍ତର ଦେଲା ନାହିଁ ।

ଏଇ ସମୟରେ ଲୁଇସାର ଉପସ୍ଥିତିକୁ ସେ ବଡ଼ କଷ୍ଟରେ ସହ୍ୟ କରୁଥିଲା । ସେ ଟିକେ ନିରୋଳାରେ ଏକାକୀ ରହିବାକୁ ଚାହୁଁଥିଲା, ଯେମିତି ଆଲଫ୍ରେଡ଼ର ବନ୍ଧୁ ବାନ୍ଧବମାନେ ଆସିବାକୁ ଆରମ୍ଭ କଲେ, ଲୁଇସା ନିଜ ଘରକୁ ଫେରିଗଲା ଓ ଆଉ ଆଲଫ୍ରେଡ଼ର ଘରକୁ ଆସିଲାନାହିଁ । ଘରେ ଯେତେବେଳେ ଲୋକଭର୍ତ୍ତି ଓ ସବୁ ଜିନିଷପତ୍ର ସଜଡ଼ା ସଜଡ଼ି ଚାଲିଥାଏ, ଯେତେବେଳେ ଆଲଫ୍ରେଡ଼ ନିଜର ଘରଦ୍ୱାରର ରକ୍ଷଣାବେକ୍ଷଣ କଥା ବୁଝୁଥାଏ, ସେତେବେଳେ ସବୁ ଠିକ୍ ଥିଲା, କେବଳ ମଝିରେ ମଝିରେ ନିଜର ବେଦନା ତାକୁ ବିଚଳିତ କରି ଦେଉଥିଲା, ଅନ୍ୟସବୁ ଭାବନା ଚିନ୍ତା ତା ପାଇଁ ଥିଲା ଅଳୀକ ଓ ସାମୟିକ, ନିଜ ଭିତରେ ସେ ତାର ଏଇ ଭୟଙ୍କର ଉନ୍ମାଦପ୍ରାୟ ଯନ୍ତ୍ରଣାକୁ ସହ୍ୟ କରୁଥିଲା, କିନ୍ତୁ ଯନ୍ତ୍ରଣା କଟିଯିବା ସଙ୍ଗେ ସଙ୍ଗେ ତାର ମନ ଶାନ୍ତ ପରିଷ୍କାର ହୋଇ ଯାଉଥିଲା, ଜୀବନର ଏଇ ଯନ୍ତ୍ରଣାକୁ ଅନୁଭବ କରିବା ପୂର୍ବରୁ ସେ କେବେହେଲେ ବୁଝିପାରୁନଥିଲା ଯେ ଏ ପୃଥିବୀରେ ସବୁ ଜିନିଷ ଭଙ୍ଗୁର, ସବୁ ଜିନିଷ ଭାଙ୍ଗି ଯାଇପାରେ, ସେ ନିଜେ ବି ଭାଙ୍ଗି ଯାଇପାରେ ଓ ତା ପାଇଁ ଏପରି ଏକ ସମ୍ପୂର୍ଣ୍ଣ ବିଶୃଙ୍ଖଳ ଅବସ୍ଥା ସୃଷ୍ଟି ହୋଇପାରେ । ଏଇ ବିଶୃଙ୍ଖଳା ତା ପାଇଁ ଥିଲା ସୀମାହୀନ ଓ ବିସ୍ମୟକର, ତାର ମନେ ହେଲା ଯେମିତି ତା ଜୀବନର ବନ୍ଧ ଭାଙ୍ଗି ଯାଇଛି, ଆଉ ସେ ନିଜେ ସେଇ ଭୟଙ୍କର ଜୀବନ-ବନ୍ୟାରେ ଭାସିଯାଉଛି ଅକୂଳ ହୋଇ—ସେଇ ବନ୍ୟା ଯାହା ନିର୍ଦ୍ଧନ ଓ ସୀମାହୀନ ଓ ସେ ନିଜେ ସେଇ ବନ୍ୟାଭିତରକୁ ଭାଙ୍ଗି ପଡ଼ି, ଉଚ୍ଛୁଳି ପଡ଼ି ବୋହିଯାଉଛି, ଦୁଃଖ ଓ ଯନ୍ତ୍ରଣାର ଉପରେ ନୀରବରେ ସେ ରହି ରହି ଜୋର ଜୋର ନିଶ୍ୱାସ ନେଉଥାଏ ଓ ଥରକୁ ଥର ଦୁଃଖ ତା ନିକଟକୁ ଫେରି ଆସୁଥାଏ ।

ଯେତେବେଳେ କ୍ୟାଥି କଟେଜରୁ ଆଲଫ୍ରେଡ଼ର ବନ୍ଧୁ ବାନ୍ଧବ ଓ ସମ୍ପର୍କୀୟମାନେ, ତାକୁ ଜଣେ ବୟସ୍କା ମହିଳାଙ୍କ ହେପାଜତରେ ରଖି ଯାହାର ଘରକୁ ଚାଲିଗଲେ, ସେତେବେଳେ ଯାଇଁ ଆଲଫ୍ରେଡ଼ର ଦୀର୍ଘ ପରୀକ୍ଷା ଆରମ୍ଭ ହେଲା । ବରଫ ତରଳି ପୁଣି ଜମାଟ ବାନ୍ଧିଲା, ପୁଣି ସବୁଆଡ଼ ଧଳା ହୋଇଗଲା ଓ ପୁଣି ସେ ସବୁ ତରଳି ବାକୁ ଆରମ୍ଭ କଲା, ଚାରିଆଡ଼େ ଖାଲି କାଦୁଅ କାଦୁଅ ଧୂସର ବରଫ, ସନ୍ଧ୍ୟା ହେଲେ ଆଲଫ୍ରେଡ଼ର କିଛି କରିବାକୁ ନ ଥାଏ, ଛୋଟ ଛୋଟ ଘଟଣାଗୁଡ଼ିକୁ ନେଇ ତା ଜୀବନ,

Digitized by srujanika@gmail.com

କିନ୍ତୁ ଏ କଥା ଆଗରୁ ସେ ବୁଝି ପାରିନଥିଲା, ସେଥିପାଇଁ ନିଜ ମା'ଙ୍କୁ କେନ୍ଦ୍ରକରି ତା ଜୀବନ ଗଢ଼ିଉଠିଥିଲା ଓ ମା ତାର ସବୁକଥା ବୁଝୁଥିଲା । ଏବେ ବି ଯେତେବେଳେ ତା ଘର ସେହି ବସ୍ତୁସ୍ଥା ମନ୍ଦିଳାଟି ଗୁଳିଗଲେଣି ଯେତେବେଳେ ସେ ପୁଣି ଆଗଭଳି ସେଇ ପୁରୁଣା ଢଙ୍ଗରେ ଚାଲି ଯାଇପାରନ୍ତା, କିନ୍ତୁ ଅଗର ସେଇ ଦମ୍ଭ ଓ ଜୀବନର ସ୍ୱାଭାବିକତା ସେ ଏବେ ହରାଇଛି, ଆଜିକାଲି ସେ ହାତରେ ବନ୍ଧୁଧରି ପଢ଼ିବାର ଛଳନା କରେ ଓ ନିଜକୁ ସେଇ ବନ୍ଦ ପଡ଼ାରେ ଆବଦ୍ଧ କରି ରଖିବାକୁ ଚେଷ୍ଟା କରେ, କିନ୍ତୁ ପଢିବାର ଛଳନା କରି ସେ ବୁଝିପାରେ ନାହିଁ ସେ କଣ କରୁଛି । ସେ କ୍ଲାନ୍ତ ଓ ଶ୍ରାନ୍ତ ହୋଇ ପଡ଼ିବା ପର୍ଯ୍ୟନ୍ତ ଦୀର୍ଘ କାଳ ଓ କର୍ଦ୍ଦମାକ୍ତ ପଥରେ ଗ୍ରୁଲି ନିଜକୁ ଭୁଲିଯିବାକୁ ଚେଷ୍ଟାକରେ, କିନ୍ତୁ ଏ ସବୁ ସତ୍ତ୍ୱେ ସେ ଯେଉଁଠୁ ପଳେଇବାକୁ ଚେଷ୍ଟା କରୁଥିଲା ସେଠାକୁ ଫେରି ଅଫିସାକୁ ଏ କଥା ସେ ଜାଣିଥିଲା, ତା କାମରେ ଥିଲା ବେଳେ ସେ ଠିକ୍ ଥାଏ । ଯଦି ଖରାଦିନ ହୋଇଥାନ୍ତା ତେବେ ସେ ରାତିରେ ଶୋଇବା ପର୍ଯ୍ୟନ୍ତ ଅନ୍ତତଃ ବଗିଚାରେ କାମ କରି ସମସ୍ତ କଟେଇ ଦେଇ ପାରନ୍ତା । କିନ୍ତୁ ବର୍ତ୍ତମାନ ତାର ମୁକ୍ତି ନାହିଁ, ବା ମୁକ୍ତି ପାଇବାର ଆଶା ବି ନାହିଁ, ବୋଧହୁଏ ତାର ସ୍ୱଭାବ ଅନୁସାରେ ସେ ଭାବନା ବା ଚିନ୍ତା କରିପାରେ ନାହିଁ, ଯେତେ ଶାରୀରିକ ପରିଶ୍ରମ କରିପାରେ, ଭାବିବା ନୁହେଁ, କାମ କରିବା ତାର ଅଭ୍ୟାସ, ତା ନିଜର କାର୍ଯ୍ୟପନ୍ଥା ତାକୁ ଭୟଭୀତ କରୁଥିଲା, ସତେ ଯେମିତି ପହଁରି ଜାଣିଥିବା ଲୋକଟି ହଠାତ୍ ପହଁରିବାକୁ ଭୁଲି ଯାଇଛି ।

ପ୍ରାୟ ସପ୍ତାହେ ପର୍ଯ୍ୟନ୍ତ ଏଇ ଅନିଶ୍ଚିତାପୀ ଭାବକୁ ହଟିବାପାଇଁ ସେ ମନର ବଳ ଖର୍ଚ୍ଚ କଲା । କିନ୍ତୁ ତାପରେ ସେ ଖୁବ୍‌ଶୀଘ୍ର କ୍ଲାନ୍ତ ହୋଇପଡ଼ିଲା । ସେ ଜାଣିଥିଲା ଯେ ଏହି ଅବସ୍ଥା ସେ ଚିରକାଳ ସହି ପାରିବନାହିଁ, ନିଜକୁ ରକ୍ଷା କରିବାକୁ ଓ ନିଜକୁ ଏହି ଅବସ୍ଥାରୁ ମୁକ୍ତ କରିବାର ପ୍ରବୃତ୍ତି ତା ଭିତରେ ବୃଦ୍ଧି ପାଇବାକୁ ଲାଗିଲା କିନ୍ତୁ ତା ଆଗରେ ବର୍ତ୍ତମାନ ବଡ଼ ପ୍ରଶ୍ନ ହେଲା ସେ କୁଆଡ଼କୁ ଯିବ ? କ୍ଲବ ବା ମଦ ଦୋକାନ ସହିତ ତାର କିଛି ହେଲେ ସମ୍ପର୍କ ନାହିଁ, ତେଣୁ ସେଠିକୁ ଯାଇ ତାର କିଛି ଲାଭ ହେବନି । ଏଥର ସେ ଆଲଡରସନ ଛାଡ଼ି ପଳେଇଯିବାର କଥା ଭାବିଲା, ଅନ୍ୟ ଜାଗାକୁ ଗଲେ ସେଠାରେ ସେ ଠିକ୍ ବଞ୍ଚିଯିବ, ସେଇକଥା ଭାବି ସେ ଦେଶ ପରିବର୍ତ୍ତନ ଅଫିସ ମାନଙ୍କୁ ଚିଠି ଲେଖିବାକୁ ଲାଗିଲା ।

ମା'ର ମୃତ୍ୟୁକାର୍ଯ୍ୟପରେ, ସେ ରବିବାର ଦିନ ଅଲଫ୍ରେଡ଼ ତା ଗାଁରେ ରହୁଥିବା ଅନ୍ୟ ଭାଇମାନଙ୍କ ସହିତ ଚର୍ଚ୍ଚକୁ ଗଲେ, ସେଠାରେ ସେ ଲୁଇସାକୁ ତା ଭଉଣୀ ମେଗି ପାଖରେ ବସିଥିବାର ଦେଖିଲା । ଲୁଇସାର ମୁହଁର ଭାବ ମ୍ଳାନ ଓ ଅବୋଧଶୂନ୍ୟ, ସେ ଭଉଣୀ ମେଗି ଲିଣ୍ଡଲେ ପରିବାରର ଅନ୍ୟମାନଙ୍କ ସଙ୍ଗରେ ବସିଥାଏ, ତା

ବ୍ୟବହାରରେ ଗଟ ଓ ଉଚ୍ଚରେ ଥିବା ବ୍ୟବଧାନ ସ୍ପଷ୍ଟ ବାରି ହୋଇ ପଡ଼ୁଥାଏ, ଶ୍ରେଣୀର ଶ୍ରମିକ ମାନଙ୍କ ଠାରୁ ଲଣ୍ଡଲେଙ୍କ ପରିବାରର ବ୍ୟବଧାନ ବହୁତ ବେଶୀ । ଆଲଫ୍ରେଡ୍ ସେହି ଲୋକମାନଙ୍କୁ କଳ୍ପନା ବି କରିପାରେ ନାହିଁ, ସେମାନଙ୍କ ବିଷୟରେ ସେ କେବେ କିଛି ଭାବେନାହିଁ, ତା ଜୀବନର ଗତିପଥରେ ଏମାନଙ୍କର କିଛି ହେଲେ ସଂପର୍କ ନାହିଁ । ଚର୍ଚ୍ଚର ପ୍ରାର୍ଥନାପରେ ଲୁଇସା, ଆଲଫ୍ରେଡ଼ ପାଖକୁ ଆସି ଶୁଭେଚ୍ଛା ଜଣାଇଲା ।

"ତମେ ଯଦି ସୁବିଧାକରି ଦିନେ ସନ୍ଧ୍ୟାବେଳେ ଆସି ଆମଘରେ ଖାଇବ ତେବେ ମୋ ଭଉଣୀ ଖୁବ ଖୁସି ହେବ," ଲୁଇସା କହିଲା ଆଲଫ୍ରେଡ଼କୁ । ଆଲଫ୍ରେଡ଼ ମେଘ ମୁହଁକୁ ଗ୍ୱହିଁଲା, ଓ ମେଘ ମୁଣ୍ଡନଇଁ ନିଜର ସମ୍ମତି ଜଣେଇଲା, ଲୁଇସା ପ୍ରତି ସ୍ନେହ ଓ ସହାନୁଭୂତି ଯୋଗୁ ମେଘ ଲୁଇସା ତରଫରୁ ଆଲଫ୍ରେଡକୁ ନିମନ୍ତ୍ରଣ କରିଥିଲା, ଯଦିଚ ସେ ନିଜର ଏଇ ପ୍ରସ୍ତାବକୁ ମନେ ମନେ ପୂରାପୂରି ସମର୍ଥନ କରୁ ନ ଥିଲା, କିନ୍ତୁ ତାର ଏଇ ନିମନ୍ତ୍ରଣ ବିଷୟରେ ସେ ସେତେବେଳେ ବେଶୀ କିଛି ଭାବି ନ ଥିଲା ।

ଆଲଫ୍ରେଡ ରହିରହି କହିଲା, "ହଉ ଯଦି ତମେ କହୁଛ ତେବେ ମୁଁ ଆସିବି" । କିନ୍ତୁ ସେ ମନେ ମନେ ଭାବୁଥିଲା ତାକୁ ନିମନ୍ତ୍ରଣ କରିବାଟା ବୋଧହୁଏ ଠିକ୍ ହୋଇନାହିଁ । ତେବେ ତମେ କାଲି ସନ୍ଧ୍ୟା ସାଢ଼େ ଛ'ଟା ସୁଦ୍ଧା ଆସ", ମେଘ କହିଲା ।

ତାପର ଦିନ ସନ୍ଧ୍ୟାବେଳେ ଆଲଫ୍ରେଡ଼ ଗଲା ଲୁଇସା ଘରକୁ । ଲୁଇସା ତା ସହିତ ଖୁବ୍ ଭଲ ବ୍ୟବହାର ଦେଖାଇଲା । ମେଘର ଛୋଟ ଛୋଟ ପିଲାମାନଙ୍କର ଅସୁବିଧା ହେବବୋଲି ସେମାନେ ଗୀତ କି ବାଜା ବଜେଇଲେ ନାହିଁ, ଆଲଫ୍ରେଡ଼ ତା ଜଙ୍ଘଉପରେ ହାତର କହୁଣୀ ରଖି, ଚୁପ୍‌ଚାପ, ନୀରବରେ ବସିରହିଲା, ଲଣ୍ଡଲେ ପରିବାରର ଲୋକମାନଙ୍କ ଭିତରେ ସେ ଭାବନାଗ୍ରସ୍ତ ଭାବରେ ବସିରହି ଯେମିତି ନିଜକୁ ଭୁଲି ଯାଇଥିଲା । ଲୁଇସାର ଘରଲୋକ ଓ ତା ନିଜ ଭିତରେ କିଛି ସଂପର୍କ ନାହିଁ । ଏକଥା ସେ ଯେମିତି ଜାଣେ ସେମାନେ ବି ସେମିତି ଜାଣିଛନ୍ତି । କିନ୍ତୁ ତାଙ୍କ ଘରେ ନିଜକୁ ବିଚଳିତ ନ କରିବାକୁ ସେ ଖୁବ୍ ଚେଷ୍ଟା କରୁଥିଲା । ସନ୍ଧ୍ୟା ଆସ୍ତେ ଆସ୍ତେ କଟିଗଲା । ଲଣ୍ଡଲେଙ୍କ ସ୍ତ୍ରୀ ଆଲଫ୍ରେଡକୁ ଡାକୁଥିଲେ "ବାବୁ, ତମେ ଏଇଠି ଆସିବସ, ଆଲଫ୍ରେଡ଼ ସେଇଠି ଯାଇ ବସିଲା ଚୁପ୍‌ଚାପ୍ । ସେ କୌଣସି ନାଁରେ ଡ଼ାକଲେ ବି ତାର କିଛି ଯାଏ ଆସେ ନାହିଁ । ସବୁ ନାଁ ତା ପାଇଁ ସମାନ ।

ଲଣ୍ଡଲେ କିନ୍ତୁ ତାକୁ ଖୁବ୍ ସ୍ନେହପୂର୍ଣ୍ଣ ସ୍ୱରରେ କଥା କହୁଥିଲେ । ତାଙ୍କ ସ୍ୱନରେ ଥିଲା ଅଭିଭାବକର ସ୍ନେହ । ଆଲଫ୍ରେଡ଼କୁ ସେମାନଙ୍କର ଏପରି ବ୍ୟବହାର ନିହାତି ଖରାପ ଲାଗୁନଥିଲା, ସେ କିଛି ନ ଭାବି ସେମାନଙ୍କୁ ଗ୍ରହଣ କରିଥିଲା କିନ୍ତୁ ସେମାନଙ୍କ ଆଗରେ ବସି ଖାଇବାକୁ ତାକୁ ଜମା ଭଲ ଲାଗୁ ନ ଥିଲା ଓ ସେ ଖାଇବାକୁ

Digitized by srujanika@gmail.com

ଇଚ୍ଛା ବି କରୁ ନଥିଲା । ସେ ଜାଣିଥିଲା ଯେ ଏଠାରେ ସେ ଠିକ୍ ମିଶି ପାରିବ ନାହିଁ । ତଥାପି ତାକୁ କିଛି ସମୟ ଯେମିତି ହେଲେ ରହିବାକୁ ହେବ । ବେଶୀ କିଛି କଥା ନ କହି 'ହଁ' 'ନା'ରେ ସେ ସବୁକଥାର ଜବାବ ଦେଇ କଥାଶେଷ କରୁଥିଲା ।

କିଣ୍ଡଲେଙ୍କ ଘରୁ ଫେରିଲାବେଳେ ନିଜମନର ଗୋଲମାଲିଆ ପରିସ୍ଥିତିରେ ସେ ଖୁବ୍ ସଙ୍କୁଚିତ ହୋଇ ଉଠିଥିଲା, ଯାହାହେଉ ତାର କର୍ତ୍ତବ୍ୟ ସରିଯାଉଛି, ସେଥିକରେ ସେ ଖୁସି, ଯେତେ ଶୀଘ୍ର ପାରେ ସେ ଚାଲି ଚାଲି ଫେରିଗଲା ଏବଂ ଏହି ଘଟଣାପରେ ସେ କାନାଡାକୁ ଚାଲିଯିବା ପାଇଁ ଆହୁରି ବେଶୀ ଇଚ୍ଛାକଲା ।

ଲୁଇସାର ଆତ୍ମାର ଯନ୍ତ୍ରଣା କିନ୍ତୁ ବଢ଼ିଥିଲା । ତାର ମନ ଘରର ସମସ୍ତଙ୍କ ବିରୋଧରେ ଆଲଫ୍ରେଡ଼୍ ବିରୁଦ୍ଧରେ ମଧ୍ୟ ବିଦ୍ରୋହ କରି ଉଠିଥିଲା, କିନ୍ତୁ ଏଇ ବିଦ୍ରୋହ କରି ଉଠିବାର କାରଣ କ'ଣ ସେ ବିଷୟରେ ସେ ନିଜେ ବି କିଛି ବୁଝିପାରୁ ନ ଥିଲା ।

—୧୩—

ଦୁଇ ଦିନ ପରେ, ସନ୍ଧ୍ୟା ପ୍ରାୟ ସାଢ଼େଛ'ଟା ବେଳେ ଲୁଇସା ଯାଇ କ୍ୱାରି କଟେଜ୍‌ର କବାଟରେ ଠକ୍ ଠକ୍ କଲା; ସେତେବେଳକୁ ଆଲଫ୍ରେଡ ଖଣିରୁ ଫେରି ତା ଖାଇବା ଶେଷ କରିଥାଏ, ଗୃହକର୍ତ୍ରୀ ବାସନପତ୍ର ଧୋଇ ଧାଇ ଦେଇ ଗଲାଣି । କିନ୍ତୁ ଆଲଫ୍ରେଡ୍ ଖଣିରୁ ଫେରିଥିବା କୋଇଲା-ବୋଳା କଳା ଦେହରେ ସେମିତି ବସି ରହିଥାଏ । ଏବେ କେତେଦିନ ହେବ ସେ ନିଉ-ଇନ୍ ମଦ ଦୋକାନକୁ ଯିବାକୁ ଆରମ୍ଭ କରିଛି କାରଣ ସମୟ କଟାଇବାକୁ କେଉଁଠିକୁ ହେଲେ ତାକୁ ଯିବାକୁ ହେବ, ତାଛଡ଼ା ବାହାରର ଅନ୍ୟଲୋକମାନଙ୍କ ସହିତ ତାର ସମ୍ପର୍କ ରଖିବା ଦରକାର, ସେଇ ଦୋକାନରେ ଥିବା ଲୋକମାନଙ୍କର ଗୋଳମାଳ, କୋଳାହଳ ଓ ଉତ୍ତେଜନାମୟ ପରିବେଶ ଭିତରେ ସେ ସମୟକୁ ଭୁଲି ଯିବାକୁ ଇଚ୍ଛା କରୁଥିଲା, ଆଜି କିନ୍ତୁ ଏ ପର୍ଯ୍ୟନ୍ତ ସେ ତାର କିଛି କାମ ଶେଷ କରି ନାହିଁ, ସେ ସେଇ ନିଛାଟିଆ ଖାଲି ଘରଟାରେ ଏକାକୀ ବସିରହିଛି ଏବଂ ଘରର ଶୂନ୍ୟତା ଅସ୍ୱାଭାବିକ ଭାବରେ ତାକୁ ଆଚ୍ଛନ୍ନ କରିବାକୁ ଆରମ୍ଭ କରିଛି ।

ସେଇ କୋଇଲା—କଳା ଦେହରେ ସେ ଉଠିଯାଇ ବାହାର କବାଟ ଖୋଲିଲା ।

Digitized by srujanika@gmail.com

ଲୁଇସା କହିଲା, "ମୁଁ ଆସିବାକୁ ଇଚ୍ଛା କରୁଥିଲି ଆଜି ଆଦୌ" ବୋଲି କହି ସେ ଝଟକରେ ଆସି ସୋଫା ଉପରେ ଯାଇ ବସିଲା । ଆଲଫ୍ରେଡ୍ ମନେ ମନେ ଆଶ୍ଚର୍ଯ୍ୟ ହେଲା ଯେ ଲୁଇସା କାହିଁକି ଯାଇ ତା ମା'ର ଆରାମ ଚୌକିରେ ବସିଲା ନାହିଁ ; କିନ୍ତୁ ଯେତେବେଳେ ଘରବାଲା ହେଇ ଚୌକିରେ ବସିଥିଲା ତା ମନରେ ବେଗ ଉଠି ଆସିଥିଲା ।

"ମୋର ଦଫା ସୁରୁର ହେବା ଦରକାର", ଆଲଫ୍ରେଡ଼୍ କାନ୍ଥ ଘଣ୍ଟାକୁ ଚାହିଁ କହିଲା । ଘଣ୍ଟାର ଚାରିପାଖରେ ଫଳଫୁଲ ଓ ଜାମୁକୋଳିର ଚିତ୍ର ଦେଇ ସଜାହୋଇଛି ଓ ତା ଦେହରେ ଲେଖା ହୋଇଛି "ଟି ବ୍ରୁକ୍ସ, ମନମ୍ଫଲ୍ଡ଼" । ଦୁଇହାତରେ ଆଲଫ୍ରେଡ଼୍ ତାର କଳାକଳା ଦୁଇବାହୁକୁ ଆଉଁସିଲା । ଲୁଇସା ତା ଆଡ଼କୁ ଅନେଇଲା । ଆଲଫ୍ରେଡ଼୍ ମୁହଁରେ ଲୁଇସା ଦୃଷ୍ଟି ପୂର୍ବର ସେଇ ଶାନ୍ତ, ସରଳ, ଉଦାସୀନ ଭାବ ଓ ସେଇ ଉଦାସୀନତାକୁ ଲୁଇସା ଭୟ କରୁଥିଲା । ଆଲଫ୍ରେଡ ଆଡ଼କୁ ଅଗ୍ରସର ହେବାକୁ ଏଇ ଉଦାସୀନତା ଲୁଇସାକୁ ବାଧାଦିଏ । ସେ ଆଲଫ୍ରେଡକୁ କହିଲା, "ତମକୁ ମୁଁ ଖାଇବାକୁ ଡାକି ବୋଧେ ଠିକ୍ କଲିନି—ପରେ ମୋତେ ଖରାପ ଲାଗିଲା ।"

"ନାଁ ସେମିତି ଖାଇବାକୁ ଯିବାକୁ ମୋର ଅଭ୍ୟାସ ନାହିଁ ।" ଆଲଫ୍ରେଡ ତା ଛୋଟା ଛୋଟା ଦାନ୍ତ ଦେଖେଇ ହସି ହସି କହିଲା । ତା ଆଖିର ଭାବ ସ୍ଥିର, ଉଦାସୀନ ।

ଲୁଇସା ସାଙ୍ଗେ ସାଙ୍ଗେ କହିଲା, "ନାଁ, ତା ନୁହେଁ ଯେ," ଲୁଇସା ମୁହଁରେ ଏକ ଅପୂର୍ବ ଉତ୍କଣ୍ଠା ଭାବ ଓ ତା'ର ଗାଢ଼ ମାଟିଆ ଆଖିରେ ଆଲଫ୍ରେଡକୁ ବୁଝି ପାରିବାର ସହାନୁଭୂତି ପ୍ରକାଶ ପାଉଥିଲା । ଲୁଇସାକୁ ବସିରହିଥିବାର ଦେଖି ଓ ଧୀରେ ଧୀରେ ତାର ଉପସ୍ଥିତିକୁ ଉପଲବ୍ଧି କରିପାରି ଆଲଫ୍ରେଡ୍ ମନେ ମନେ ଭୟଭୀତ ହୋଇଉଠିଲା ।

ଲୁଇସା ପୁଣି ପଚାରିଲା, "ତମେ କେମିତି ଏକା ଏକା ରହିପାରୁଛ"?

ଆଲଫ୍ରେଡ ମୁହଁ ବୁଲେଇ ନିଆଁ ଆଡ଼କୁ ଚାହିଁଲା, "ହଁ," କହି ସେ ଏପାଖ ସେ ପାଖ ହୋଇ ଚୁପ୍ କରିଗଲା ଓ ସେ ପ୍ରଶ୍ନର ଉତ୍ତର ସେ ପୂରା କରି ପାରିଲା ନାହିଁ ।

ତାର ଉତ୍ତର ଶୁଣି ଲୁଇସାର ମୁହଁ ଟିକିଏ ଗମ୍ଭୀର ହେଲା ।'

"ଏଇ ଘରଭିତରଟା ବେଶ୍ ଗରମ ଲାଗୁଛି, ଆଉ ନିଆଁଟା ବି ଘରଭିତରେ ଖୁବ୍ ଜୋରରେ ଜଳୁଛି, ମୁଁ କୋଇଲାଟା କାଢ଼ି ପକାଉଛି" ଲୁଇସା କହିଲା ।

Digitized by srujanika@gmail.com

ଆଲଫେ୍ରଡ ଲୁଇସାକୁ ତା କୋଟ୍ ଓ ଟୋପିକାଢ଼ି ପକାଇବାର ଦେଖିଲା । କୋଟ୍ ଭିତରେ ସେ ଢିଅ ରଙ୍ଗର ସିଲ୍କ ସୂତାରେ କାଶ୍ମୀର ବ୍ଲାଉଜ ପିନ୍ଧିଛି । ସେଥିରେ ସୁନା ରଙ୍ଗର ସିଲକ୍ ସୂତାରେ ହାତ କାମ ହୋଇଛି । ଆଲଫେ୍ରଡ୍‌ଙ୍କୁ ଲୁଇସାର ବ୍ଲାଉଜଟା ଦାମିକା ଓ ଖୁବ ସୁନ୍ଦର ମନେ ହେଲା ଏବଂ ସେଇଟା ଲୁଇସାର ବେକ ପର୍ଯ୍ୟନ୍ତ ଓ ପୂରାହାତ ପର୍ଯ୍ୟନ୍ତ ଠିକ୍ ଖାପ୍ ଖାଉଥିଲା । ଲୁଇସାକୁ ସେଇ ପୋଷାକରେ ଦେଖିବାକୁ ଅଲଫେ୍ରଡଙ୍କୁ ଖୁବ ଖୁସି ଲାଗିଲା । ଲୁଇସାର ପୋଷାକର ପରିଚ୍ଛନ୍ନତା ଯେତେ ଯେମିତି ତାଙ୍କୁ ତା ନିଜ ଭିତରୁ ବାହାରକୁ ନେଇଗଲା ।

ଟିକଏ ଅନ୍ତରଙ୍ଗତା ଦେଖେଇ ଲୁଇସା ପଚାରିଲା "କଣ ଭାବୁଛ ମନେ ମନେ, ଏତେବେଳେ ଯାଏ ଗାଧୋଇବାକୁ ଯାଇନାହିଁ କାହିଁକି ? ଆଲଫେ୍ରଡ ତା କଥା ଶୁଣି ଅନ୍ୟଆଡ଼କୁ ମୁହଁ ବୁଲେଇ ହସିଲା । ତା ଆଖିର ଧଳା ଅଂଶ ତା କଳା କୋଇଲା ବୋଳା ମୁହଁ ଭିତରୁ ସ୍ପଷ୍ଟ ବାରହୋଇ ପଡ଼ୁଥିଲା ।

ସେ କହିଲା "ଓଃ, ସେକଥା ମୁଁ ତମକୁ କହି ପାରିବନି", ତା ପରେ ଦୁହେଁ କିଛି ସମୟପାଇଁ ଚୁପ୍ ହୋଇଗଲେ । ଲୁଇସା ଟିକଏ ରହି ପଚାରିଲା, "ତମେ ଏ ଘରଟାକୁ ଆଗପରି ରଖିବ ତ ? ଏ ପ୍ରଶ୍ନ ଶୁଣି ଆଲଫେ୍ରଡ ଚଉକିରେ ଏ ପାଖ ସେ ପାଖ ହେଲା । ଉତ୍ତର ଦେଲା "କେଜାଣି କଣହେବ । ଖୁବ୍ ସମ୍ଭବ ମୁଁ କାନାଡା ଚାଲିଯାଉଛି ।"

ଅଲଫେ୍ରଡର ଉତ୍ତର ଶୁଣି ଲୁଇସା ମନେ ମନେ ଖୁବ୍ ଚକିତ ଓ ଆଗ୍ରହୀ ହୋଇ ଉଠିଲା । ସେ ପଚାରିଲା କାହିଁକି ? ଆଲଫେ୍ରଡ ପୁଣି ଚଞ୍ଚଳ ହୋଇ ଏପାଖ ସେପାଖ ହେଲା, କହିଲା, "କାହିଁକି— ।" ସେ ଆସ୍ତେ ଆସ୍ତେ କହିଲା—

"ଏ ଜୀବନଟାକୁ ପରୀକ୍ଷା କରି ଦେଖିବି ।"

"କେଉଁ ଜୀବନ ?"

"ଯେମିତି ବି କେତେ ପ୍ରକାରର ଅଛି—ଗୃହକାମ, ଜଙ୍ଗଲ କଟା କାମ, ନ ହେଲେ ଖଣି କାମ, ଯେମିତିକା କାମ ମିଳିଲେ ବି ମୋର କିଛି ଆପତ୍ତି ନାହିଁ ।"

"ତମେ କଣ ପକ୍କାରେ ସେଇଆ ଚାହଁ ।"

ଆଲଫେ୍ରଡ ଅବଶ୍ୟ ଏମିତି ଭାବରେ କେବେ କିଛି ଭାବିନାହିଁ, ତେଣୁ ସେ ଲୁଇସାର ପ୍ରଶ୍ନର ଉତ୍ତର ଦେଇପାରିଲା ନାହିଁ । ସେ କହିଲା "ମୁଁ ଜାଣେନା, ସେଠି ଯାଇ ଚେଷ୍ଟା ନ କଲେ ପର୍ଯ୍ୟନ୍ତ କିଛି କହି ହେବନି ।"

ଲୁଇସା ଦେଖିଲା ଅଲଫେ୍ରଡ ସବୁଦିନପାଇଁ ତା ଠାରୁ ଦୂରେଇ ଯାଉଛି । ସେ ପଚାରିଲା ।

Digitized by srujanika@gmail.com

"ଏଇ ଘର, ବଗିଚା, ଏ ସବୁ ଛାଡ଼ିଯିବାକୁ ତମକୁ କଷ୍ଟ ଲାଗବନି ?

ନିଜ ଅନିଚ୍ଛାରେ ଅଲଫ୍ରେଡ ଉତ୍ତର ଦେଲା, "କେଜାଣି, ମୁଁ ସେ କଥା କହିପାରିବି ନାହିଁ । ବୋଧେ ଫ୍ରେଡ ଆସି ଏ ଘରେ ରହିବ, ସେ ତ ସେଇଆ ଚାହୁଁଛି ।"

ଲୁଇସା ପଚାରିଲା, "ତମେ କ'ଣ ଘର ଦ୍ୱାର କରିବାକୁ ଚାହୁଁନା ।"

ଅଲଫ୍ରେଡ୍ ତା ନିଜ ଚେୟାରର ହାତ ଉପରେ ନଇଁପଡ଼ି ବସି ରହିଥିଲା । ସେ ଲୁଇସା ଆଡ଼କୁ ବୁଲି ଚାହିଁଲା । ଲୁଇସାର ମୁହଁର ରଂଗ ଶେତା ପଡ଼ିଯାଇଥିଲା । ଓ ମୁହଁର ରେଖା ସବୁ ସ୍ପଷ୍ଟ ଓ ଉଦାସୀନ ଦିଶୁଥାଏ । ତା ମୁଣ୍ଡର ସୁନ୍ଦର ବାଳଗୁଡ଼ିକ ତା ଶେତା ଚେହେରା ଉପରେ ଆହୁରି ସୁନ୍ଦର ଦେଖାଯାଉଥାଏ, ଅଲଫ୍ରେଡର ମନେ ହେଉଥିଲା ଲୁଇସା ଯେମିତି ତା ପାଇଁ ଏକ ସ୍ଥିର, ଅବିଚଳିତ ଚରମ ବସ୍ତୁ । କି ଏକ ଭୟ ଓ ଆଶଂକାର ଯନ୍ତ୍ରଣାରେ ତା ହୃଦୟ ଭିତର ଯେମିତି ପୋଡ଼ିଗଲା, ଅଲଫ୍ରେଡର ସାରାଦେହ ସେଇ ଭୟ ଓ ଯନ୍ତ୍ରଣାରେ ଅକ୍ଲାନ୍ତ ହୋଇପଡ଼ିଲା । ଅଲଫ୍ରେଡ ଚାହୁଁଥିଲା ତାର ସମଗ୍ର ସତ୍ତ୍ୱାକୁ ଲୁଇସ ଠାରୁ ଦୂରେଇ ନେବାକୁ । ଦୁହିଁଙ୍କ ଭିତରେ ଥିବା ନୀରବତା ତାକୁ ଅସହ୍ୟ ହେଉଥାଏ, ଲୁଇସା ସେଠି ରହୁ, ଏକଥା ସେ ଯେମିତି ସହ୍ୟ କରି ପାରୁନଥାଏ, ତା ଛାତି ଭିତର ଉତ୍ତେଜନାରେ ଉତ୍ତପ୍ତ ହୋଇ ଶ୍ୱାସରୁଦ୍ଧ ହେଲପରି ତାକୁ ଲାଗୁଥାଏ ।

ଲୁଇସା ପଚାରିଲେ, "ତୁମେ ଆଜି ରାତିରେ କ୍ଲାଉଡ଼େ ଯିବକି ?"

'ନାଇଁ, ଏବେ ମୁଁ 'ଜର୍ଜ-ଇନ୍'କୁ ଯିବି ।'

ପୁଣି ଦୁହେଁ ନୀରବ ହୋଇଗଲେ ।

ଲୁଇସା ତା ଟୋପି ଉଠାଇ ହାତରେ ଧରିଲା । ଆଉ କିଛି କରିବ ସେ ଭାବି ପାରିଲା ନାହିଁ, ଏବେ ତାକୁ ଯିବାକୁ ହିଁ ହେବ । ଅଲଫ୍ରେଡ୍ ତା ଚାଲିଯିବା ପାଇଁ ଅପେକ୍ଷା କରି ବସିରହିଲା । ସେ ଚାଲିଗଲେ ଅନ୍ତତଃ ତାକୁ ମୁକ୍ତି ମିଳିବ ।

କିନ୍ତୁ ଲୁଇସା ଜାଣିଥିଲା ଯଦି ସେ ଏଘରୁ ଏମିତି ଚାଲିଯିବ, ତେବେ ସେ ନିଜପାଖରେ ହାରିଯିବ ତଥାପି ତା ଟୋପି ମୁଣ୍ଡରେ ଲଗାଇ ସେଥିରେ ପିନ୍ ଲଗେଇଲା । ଆଉ ଗୋଟାଏ ମୁହୂର୍ତ୍ତରେ ତାକୁ ଏ ଘର ଛାଡ଼ି ଚାଲିଯିବାକୁ ହେବ । ଗୋଟାଏ କିଛି ଅଜଣା ଶକ୍ତି ତାକୁ ବିବ୍ରତ କରୁଥିଲା ।

ହଠାତ୍ ବିଜୁଳି କରେଣ୍ଟ ଲାଗିଲାପରି କି ଏକ ଜଟିଳ ଯନ୍ତ୍ରଣାରେ ତାର ଅପାଦମସ୍ତକ ଦଗ୍ଧ ହୋଇଗଲା ଓ ସେ ନିଜର ଅଚ୍ଛନ୍ନ ହୋଇ ବସିଲା ।

Digitized by srujanika@gmail.com

ସେ ଆଲଫ୍ରେଡ଼ଙ୍କୁ ପଚାରିଲା "ତମେ କଣ ଚାହୁଁଛ ମୁଁ ଚାଲିଯାଏ ? ତା ସ୍ୱର ସଂଯତ କିନ୍ତୁ ତା ଯେପରି ତା ନିଜର ଅଗ୍ନିଗର୍ଭ ଯନ୍ତ୍ରଣାରୁ ବାହାରି ଆସିଲା, ସତେ ଯେପରି ତା ନିଜ ଭିତରୁ ନିଜର କୌଣସି ଚେଷ୍ଟା ନ ଥାଇ ସେ କଥା କହୁଛି ।

ଆଲଫ୍ରେଡ଼ ତାର ସେଇ ଅପରିଚ୍ଛିନ୍ନ, କଳା ଚେହେରାରେ ବି ଶେତା ପଡ଼ିଗଲା ।

"କାହିଁକି ?" ଲୁଇସା ଆଡ଼କୁ ଡ଼ରି ଡରି କରି ଚାହିଁ ସତେ ଯେପରି ବାଧ୍ୟ ହୋଇ ସେ ପଚାରିଲା ।

"ତମେ କଣ ଚାହଁ ମୁଁ ଚାଲିଯାଏ ବୋଲି ?"

ଆଲଫ୍ରେଡ଼ ବି ପୁଣି କହିଲା "କାହିଁକି ?"

ଲୁଇସା ପୁଣି ପଚାରିଲା "କାରଣ ମୁଁ ତମ ପାଖରେ ରହିବାକୁ ଚାହେଁ," ଲୁଇସା ଶ୍ୱାସରୁଦ୍ଧ କଣ୍ଠରେ କହିଲା, ତା ଛାତି ଭିତରେ ଯେମିତି ନିଆଁ ଜଳିଯାଉଥାଏ ।

ଆଲଫ୍ରେଡ଼ର ମୁହଁରେ ଏଇକଥାର ପ୍ରଭାବ ପଡ଼ିଲା । ସେ ଟିକିଏ ଆଗକୁ ଝୁଙ୍କି ପଡ଼ି ଲୁଇସାର ଆଖିକୁ ଏକଦୃଷ୍ଟିରେ ଚାହିଁ ଦେଖିବାକୁ ଚେଷ୍ଟା କଲା । ମନର ଯନ୍ତ୍ରଣା ଓ ହୃଦୟର ଅସ୍ଥିରତାର ଦୁଃଖରେ ସେ ନିଜକୁ ଆୟତ୍ତରେ ରଖି ପାରୁ ନ ଥିଲା, ପଥରମୂର୍ତ୍ତି ପରି ଲୁଇସା ବି ଆଲଫ୍ରେଡ଼ର ଆଖିକୁ ଏକ ଦୃଷ୍ଟିରେ ଚାହିଁରହିଲା, ଦୁହିଁଙ୍କର ଆତ୍ମା ଯେପରି ମୁହୂର୍ତ୍ତ ପାଇଁ ଉଲଗ୍ନ ହୋଇଗଲା, ଏ ତୀବ୍ର ଯନ୍ତ୍ରଣା ଉଭୟଙ୍କ ପାଇଁ ଅସହ୍ୟ, ଆଲଫ୍ରେଡ଼ ଯନ୍ତ୍ରଣାରେ ମୁଣ୍ଡ ତଳକୁ କଲା ଓ ତାର ସାରା ଦେହ ତୀକ୍ଷ୍ଣ ବେଦନାରେ ଆନ୍ଦୋଳିତ ହେଲା ।

ଲୁଇସା ତା କୋଟ୍ ନେବାପାଇଁ ଚୁଲି ଛିଡ଼ା ହେଲା, ଭିତରେ ତାର ଆତ୍ମା ଯେପରି ଚେତନହୀନ ହୋଇଯାଉଥାଏ । ତାର ହାତ ଥରୁଥାଏ, କିନ୍ତୁ କିଛି ଅନୁଭବ କରି ପାରିବାର ଶକ୍ତି ତାର ନ ଥିଲା, ସେ କୋଟକୁ ଟାଣିନେଲା, ଘର ଭିତରେ ଏକ ନିସ୍ତବ୍ଧତା, ମରଣ ଅନିଶ୍ଚିତତା । ତାର ଚାଲିଯିବା ମୁହୂର୍ତ୍ତ ଆସିଲା, ଆଲଫ୍ରେଡ଼ ମୁଣ୍ଡ ଟେକି ଚାହିଁଲା, ତାର ଆଖି ମୁକ୍ତା ପରି—ଅଭିବ୍ୟକ୍ତିଶୂନ୍ୟ, ଖାଲି ଯନ୍ତ୍ରଣାର କଳା କଳା ଅନ୍ଧାର, ସେଇ ଆଖି ତାକୁ ବାନ୍ଧିରଖିଲା, ସତେ ଯେପରି ତାର ନିଜର କିଛି ଇଚ୍ଛା ନାହିଁ, କିଛି ଜୀବନ ନାହିଁ, ଓ ତାର ମନେହେଲା ସେ ଭାଙ୍ଗି ପଡ଼ୁଛି । ଅତି ଅସହାୟ ଭାବରେ ସେ ଆଲଫ୍ରେଡ଼ଙ୍କୁ ପଚାରିଲା ।

"ତମେ କଣ ମତେ ଚାହଁନାହିଁ ?"

Digitized by srujanika@gmail.com

ଆଲଫ୍ରେଡର ଦୁଇ ଆଖି ଦେଇ ଯେମିତି ତୀବ୍ର ବେଦନାର ସ୍ରୁଅ ବୋହିଗଲା ଓ ସେଇ ବେଦନା ଲୁଇସାକୁ ବାନ୍ଧି ରଖିଲା ।

"ମୁଁ—ମୁଁ—" ଆଲଫ୍ରେଡ଼ କହିବାକୁ ଆରମ୍ଭ କଲା, କିନ୍ତୁ ସେ କିଛି କହିପାରିଲା ନାହିଁ, ଏକ ତୀବ୍ର ଆବେଗରେ ସେ ତାର ଚୌକି ଉପରୁ ଲୁଇସା ଆଡ଼କୁ ଟାଣି ହୋଇ ଆସିଲା, ଲୁଇସା ମନ୍ତ୍ରମୁଗ୍ଧ ପରି ନିଷ୍ପଳକ ଭାବରେ, ଜାଲରେ ପଡ଼ିଥିବା ଏକ ଅସହାୟ ପ୍ରାଣୀ ପରି ଠିଆ ହୋଇ ରହିଥିଲା, ଦ୍ୱିଧାଗ୍ରସ୍ତ, ଅନିଶ୍ଚିତ ଭାବରେ ଆଲଫ୍ରେଡ଼ ତ ହାତ ଲୁଇସାର ବାହୁଉପରେ ରଖିଲା, ତା ମୁହଁରେ ଏକ ବିଚିତ୍ର ଅମାନୁଷିକ ଭାବ, ଲୁଇସା ସେମିତି ନୀରବ, ନିଷ୍ପଳ ମୂର୍ତ୍ତିପରି ଛିଡ଼ା ହୋଇ ରହିଥାଏ, ଆଲଫ୍ରେଡ଼ ଅସ୍ଥିର, ବିଶୃଙ୍ଖଳ ଭାବରେ ନିଜର ଦୁଇ ବାହୁରେ ଲୁଇସାକୁ କୁଣ୍ଢେଇ ଧରି ନିଜ ଆଡ଼କୁ ଟାଣିଲା, ଅତି ନିଷ୍ଠୁର ଓ ଅନ୍ଧଭାବରେ ଓ ତା ବୁକରେ ଲୁଇସା ଯେପରି ଚେତା ହରେଇ ବସିଲା ଓ ଆଲଫ୍ରେଡ଼ ନିଜେ ବି ଟଳମଳ ହୋଇ-ପ୍ରାୟ ପଡ଼ିଗଲା ।

ତାପରେ ଧିରେ ଧିରେ ଲୁଇସାକୁ ଜୋରରେ ଚିପିଧରି ଧରି, ଯେତେବେଳେ ଆଲଫ୍ରେଡର ମୁଣ୍ଡ ଘୂରେଇବାକୁ ଲାଗିଲା, ତାର ମନେହେଲା ସେ ତିଳକୁ ତିଳକୁ ନିଜଠାରୁ ଖସି ପଡ଼ୁଛି, ଆଉ ଯେ ସମର୍ପିତା ନାରୀ ଯେତେବେଳେ ମୃତ୍ୟୁ ପରି ଅଚେତ, ଆଲଫ୍ରେଡ଼ର ଆଖି ଆଗରେ ଏକ ଗଭୀର ଅଂଧକାର ଘୋଟିଆସିଲା ଏବଂ ଉଭୟ ଦୀର୍ଘ ନିଦ୍ରାରୁ ଉଠିଲା ପରି ଆସ୍ତେ ଆସ୍ତେ ପୁଣି ଥରେ ଚେଇଁ ଉଠିଲେ, ଆଲଫ୍ରେଡ଼ର ନିଜସ୍ୱ-ବୋଧ ଫେରି ଆସିଲା ।

କିଛି ସମୟ ପରେ ଆଲଫ୍ରେଡର ବାହୁ ଲୁଇସାର ଦେହଉପରୁ ଟିକିଏ ହୁଗୁଳା ହେଲା ଓ ଲୁଇସା ନିଜକୁ ଅଳ୍ପ ହୁଗୁଳେଇ ନେଇ ତା ଦୁଇବାହୁକୁ ଆଲଫ୍ରେଡର ଦେହ ଚାରିପାଖରେ ବେଢ଼େଇ ଆଣିଲା, ଦୁହେଁ ଦୁହିଁଙ୍କୁ ଜୋରରେ ଧରି ରଖିଥାନ୍ତି ଓ ପ୍ରତ୍ୟେକ ନିଜକୁ ଅନ୍ୟଠାରେ ଲୁଚେଇଦେବାକୁ ଚେଷ୍ଟା କରୁଥାନ୍ତି, ଯେତେଯେପରି ପରସ୍ପର ଅସହାୟ, ନୀରବତାରେ ଉଭୟ ପରସ୍ପରର ସାହାଯ୍ୟପ୍ରାର୍ଥୀ, ଲୁଇସାର ହାତ ଆଲଫ୍ରେଡ଼ର ଦେହର ନିବିଡ଼ତାରେ ଥକୁଥିଲା ଓ ସେ ଆଲଫ୍ରେଡ଼କୁ ପ୍ରେମରେ ନିଜର ଆହୁରି ନିକଟକୁ ଟାଣିନେଉଥିଲା ।

ଶେଷକୁ ଲୁଇସା ମୁହଁ ଉଠେଇ ଆଲଫ୍ରେଡ଼ର ମୁହଁକୁ ଚାହିଁଲା । ତା ଆଖି ଲୁହରେ ଭିଜା ଓ ସେଥିରେ ଆଲୁଅ ପଡ଼ି ଚକ୍ ଚକ୍ କରୁଥିଲା । ଆଲଫ୍ରେଡ଼ର ହୃଦୟ ଏ ସବୁ ଲକ୍ଷ୍ୟ କରି ଭୟରେ ନୀରବ ରହିଥିଲା, ଆଲଫ୍ରେଡ଼ ତ ଲୁଇସାର ପାଖେ ପାଖେ ଥିଲା । ଲୁଇସା ଆଲଫ୍ରେଡର ଅନ୍ଧାର, ଦୁର୍ବୋଧ୍ୟ ମୁହଁକୁ ଦେଖିଲା । ତାର ମନେ ହେଲା ଅଲଫ୍ରେଡ ତା ପାଇଁ ଚିରନ୍ତନ ଓ ତାର ମଧୁ ବେଦନାର

Digitized by srujanika@gmail.com

ତେଣିଧୁଣି ପରମ ଆନନ୍ଦର ଅଲଭ୍ୟତାରେ ଫେରି ଆସିଲା । ଆନନ୍ଦର ଅତିଶଯ୍ୟରେ ଲୁଇସା ଆଖିରେ ଲୁହ ଭରିଗଲା ।

କହିଁ କହିଁ ହୋଇ କାନ୍ଦୁ କାନ୍ଦୁ ଥରିଲା ଓଠରେ ସେ କହିଲା, "ମୁଁ ତୁମକୁ ଭଲପାଏ ।" ଆଲଫ୍ରେଡ ମୁଣ୍ଡ ନୁଆଁଇ ତା ମୁଣ୍ଡ ଲୁଇସା ଉପରେ ରଖିଲା । ଲୁଇସାର କଥା ସେ ଶୁଣି ପାରୁ ନ ଥିଲା । ଏଇ ଅକସ୍ମାତ ଆବେଗ ଓ ଆନନ୍ଦର ଅତିଶଯ୍ୟ ତା ହୃଦୟକୁ ଯେମିତି ଭାଙ୍ଗି ପକାଉଥିଲା । ସେମାନେ ଏକାଠି ଚୁପ୍‌ଚାପ୍ ଛିଡ଼ା ହୋଇ ରହିଲେ । ଏ ଆବେଗ ଅଳ୍ପ ଅଳ୍ପ ଦୂରେଇ ଗଲା ।

ଶେଷରେ ଲୁଇସା ପୁଣି ମୁହଁ ଟେକି ଆଲଫ୍ରେଡ ମୁହଁକୁ ଚାହିଁଲା । ଆଲଫ୍ରେଡର ଆଖି ଛୋଟ କଳା ପୁଅ ଗୁରିପାଖରେ ଏକ ଅପୂର୍ବ, ଉଜ୍ଜଳ ଆଲୋକରେ ଜଳୁଥାଏ—ଅପୂର୍ବ ଓ ଲୁଇସା ପରି ବେଶ ଶକ୍ତିଶାଳୀ । ଆସ୍ତେ ଆସ୍ତେ ଆଲଫ୍ରେଡର ମୁହଁ ଲୁଇସାର ମୁହଁ ଉପରେ ନଇଁ ଆସିଲା, ଅତି ଧୀରେ ଲୁଇସାର ଦୁଇ ଆଖି ବୁଜି ହୋଇଗଲା ଓ ଆଲଫ୍ରେଡର ଓଠ ଲୁଇସାର ଓଠକୁ ଖୋଜି ଖୋଜି ଧିରେ ତା' ଉପରେ ନିବିଡ଼ରୁ ନିବିଡ଼ତର ଭାବରେ ଏକଣ ହୋଇଗଲା ।

ଦୁହେଁ କିଛିକ୍ଷଣ ପାଇଁ ଚୁପ୍‌ଚାପ୍ ଠିଆ ହୋଇ ରହିଲେ ପ୍ରବଳ ଆବେଗ ଓ ଦୁଃଖରେ, ନିର୍ବିବତ୍ତ । ଦୁହେଁ କିଂକର୍ତ୍ତବ୍ୟବିମୂଢ଼ ହୋଇ ପରସ୍ପରକୁ ଧରି ରଖିଲେ । ଯନ୍ତ୍ରଣାର ଆବେଗରେ ଦୁହେଁ ଦୁହିଁଙ୍କୁ ଚୁମ୍ବନ ଦେବାରେ ଲାଗିଲେ । ଦୀର୍ଘ ଚୁମ୍ବନର ଯନ୍ତ୍ରଣାରେ ଉଭୟଙ୍କର ଭୟ ଓ କାମନା ମିଶିଗଲା । କିଛି ସମୟ ପରେ ଲୁଇସା ଆଲଫ୍ରେଡଠାରୁ ନିଜକୁ ମୁକ୍ତ କରିନେଲା । ଆଲଫ୍ରେଡର ମନେହେଲା ତା ହୃଦୟରେ ଆଘାତ ଲାଗିଛି, କିନ୍ତୁ ଆନନ୍ଦ, ଗଭୀର ଆନନ୍ଦରେ ସେ ଲୁଇସାର ମୁହଁକୁ ଚାହିଁବାକୁ ସାହସ କରି ପାରିଲା ନାହିଁ । ହୃଦୟର ଆବେଗମୟ କୃତଜ୍ଞତା ଓ କାମନାରେ ଆଲଫ୍ରେଡ଼ ଲୁଇସାର ହାତକୁ ଧରି ରଖିଥିଲା । କିଛି କଥା କହି ନିଜର ଭାବ ପ୍ରକାଶ କରିବା ପରି ମାନସିକ ଅବସ୍ଥା ତାର ଫେରି ନ ଥିଲା । ଜୀବନର ଏଇ ସୁଖାନୁଭୂତିରେ ସେ ମୁଗ୍ଧ ଓ ଉଲ୍ଲସିତ ହେଉଥିଲା ।

ଲୁଇସା କହିଲା, "ମୁଁ ଘରକୁ ଯିବି ।"

ଆଲଫ୍ରେଡ଼ ତା ମୁହଁକୁ ଅନେଇଲା । ସତେ ଯେପରି ଲୁଇସା ଚାଲିଯିବା କଥା ସେ ବୁଝି ପାରୁ ନ ଥିଲା । ସେ ଜାଣିଥିଲା ଲୁଇସାଠାରୁ ସେ ଆଉ କେବେହେଲେ ଅଲଗା ହୋଇ ପାରିବ ନାହିଁ । କିନ୍ତୁ ସେ ନିଜର ଅଧିକାରକୁ ଦାବୀ କରିବାକୁ ସାହସ କରି ପାରୁ ନ ଥିଲା । ସେ ଲୁଇସାର ହାତକୁ ଜୋର୍‌ରେ ଧରିରଖିଲା ।

"ତମ ମୁହଁ ସାରା କଳା ହୋଇଛି", ଲୁଇସା କହିଲା, ଆଲଫ୍ରେଡ ହସିଲା, ତାପରେ କହିଲା,

Digitized by srujanika@gmail.com

"ତମ ମୁହଁରେ ବି ସେ ଦାଗ ଲାଗିଛି ।"

ବର୍ତ୍ତମାନ ଦୁହେଁ ଦୁହିଁଙ୍କୁ ଭୟ କରୁଥିଲେ, ଓ କଥା କହିବାକୁ ବି ସେମାନଙ୍କୁ ଭୟ ଲାଗୁଥିଲା । ଆଲଫ୍ରେଡ଼ କେବଳ ଲୁଇସାକୁ ନିଜ ପାଖରେ ରଖିପାରେ । କିନ୍ତୁ ସମସ୍ତପରେ ଲୁଇସା ତା ମୁହଁର କଳାଦାଗ ଧୋଇବାକୁ ଗଲା । ଆଲଫ୍ରେଡ଼ ତାକୁ ଅଳ୍ପ ଗରମ ପାଣି ଆଣିଦେଲା ଓ ପାଖରେ ଠିଆ ହୋଇ ଲୁଇସାକୁ ଲକ୍ଷ୍ୟ କଲା । କଣ ଗୋଟାଏ କହିବ ବୋଲି ଭାବିଲେ ବି କହିବାକୁ ଆଲଫ୍ରେଡର ସାହସ ହେଉ ନ ଥାଏ । ମୁହଁ ଧୋଇ ପୋଛି ଲୁଇସା ତା ବାଳ ଭଲ କରି ସଜାଡ଼ି ବାନ୍ଧିଲା ।

ଆଲଫ୍ରେଡ଼ ତାକୁ ଅନେଇ ଅନେଇ ଦେଖୁଥାଏ । ସେ କହିଲା, "ତମ ବ୍ଲାଉଜ୍ ମଇଳା ହୋଇଥିବା ତମ ଘରେ ସମସ୍ତେ ଦେଖିବେ" । ଲୁଇସା ତା ବ୍ଲାଉଜ ହାତକୁ ଚାହିଁ ଆନନ୍ଦରେ ହସି ଉଠିଲା । ଆଲଫ୍ରେଡ ବି ଆନନ୍ଦରେ ଗର୍ବ ଅନୁଭବ କଲା । ସେ ପଚାରିଲା, "ତମେ କଣ କରିବ ?"

"କୋଉଥି ପାଇଁ ?" ଲୁଇସା ପଚାରିଲା ।

ଆଲଫ୍ରେଡକୁ ଉତ୍ତର ଦେବାକୁ ଅଡୁଆ ଲାଗୁଥିଲା ।

"ମୋ ବିଷୟରେ" ସେ କହିଲା ।

ଲୁଇସା ହସି ହସି କହିଲା,

"ମୁଁ କଣ କରିବ ବୋଲି ତମର ଇଚ୍ଛା,"

ଆଲଫ୍ରେଡ଼ ଆସ୍ତେ ଆସ୍ତେ ଲୁଇସା ଆଡକୁ ହାତ ବଢ଼ାଇଦେଲା, ଯା ହେଉ ଚିନ୍ତା ନାହିଁ ।

ଲୁଇସା କହିଲା, "ତମେ ଯାଅ, ଧୂଆଁ ଧୋଇ ହୋଇ ଦେହ ସଫା କର ।"

—୧୪—

ସେମାନେ ଦୁହେଁ ପାହାଡ ଉପରେ ଚଢି ଯାଉ ଯାଉ ଅନ୍ଧକାର କେଉଁ ଅଜ୍ଞେୟ ଅଜଣା ସନ୍ଧିତ ଘନୀଭୂତ ହେଉଥିଲା । ଦୁହେଁ ଚାଲୁଥାନ୍ତି ପରସ୍ପରର ଖୁବ୍ ପାଖା ପାଖି, ସେମାନଙ୍କର ମନେ ହେଉଥାଏ ଯେମିତି ତାଙ୍କ ଚାରିପାଖର ଏଇ ଘନ ଅନ୍ଧକାରର ଜୀବନ ଅଛି ଓ ତାହା ଯେମିତି ଏକ ଝାଳ ସମୁଦ୍ର । ଚୁପ୍‌ଚୁପ୍ ଦୁହେଁ

Digitized by srujanika@gmail.com

ପାହାଡ ଉପରେ ଚାଲିଥାନ୍ତି । ପ୍ରଥମେ ପ୍ରଥମେ ରାସ୍ତା ଦୁଇ କଡରେ ଆଲୁଅ ସବୁ ଥିଲା । ଅନେକ ଲୋକ ତାଙ୍କୁ ଅତିକ୍ରମ କରି ଆଗକୁ ଚାଲି ଯାଉଥାନ୍ତି । ଆଲଫ୍ରେଡ଼କୁ ଲୁଇସା' ଅପେକ୍ଷା ବେଶୀ ସଙ୍କୋଚ ଲାଗୁଥାଏ ଓ ଯଦି ଲୁଇସା ବର୍ତ୍ତମାନ ତାଙ୍କୁ ସାମାନ୍ୟ ଟିକିଏ ଅବକାଶ ଦିଅନ୍ତା, ତେବେ ସେ ବୋଧହୁଏ ତାଙ୍କୁ ଛାଡ଼ି ଚାଲିଯାଆନ୍ତା । କିନ୍ତୁ ଲୁଇସା ଦୃଢ଼ ଭାବରେ ଚାଲିଥାଏ ।

ତାପରେ ସେମାନେ ପଡ଼ିଆ ଭିତରର ଗାଢ଼ ଅନ୍ଧାର ଭିତରକୁ ଆସିଲେ । କଥାବାର୍ତ୍ତା ହେବାକୁ ସେମାନେ ଚାହୁଁ ନ ଥିଲେ, କେବଳ ନୀରବରେ ପରସ୍ପରକୁ ଅତି ନିକଟରେ ଅନୁଭବ କରିବାକୁ ଚାହୁଁଥିଲେ । ଦୁହେଁ ଆସି ଲିଣ୍ଡେନଙ୍କ ହତାର ଫାଟକ ପାଖରେ ପହଞ୍ଚିଲେ ଓ ଘର ସାମନା ଝଙ୍କାଳିଆ ବାଦାମ ଗଛ ତଳେ ଠିଆ-ହେଲେ ।

"ତୁମେ ନ ଗଲେ କଅଣ ହୁଅନ୍ତାନି ।" ଆଲଫ୍ରେଡ କହିଲା,

ଲୁଇସ ଫିଂକ୍ନରର ଛୋଟ ହସଟିଏ ହସିଦେଲା । ନୀଚ ସ୍ୱରରେ କହିଲା, "କାଲି ଆସ, ଆଜି ବାପାଙ୍କୁ ପଚାରି ।

ଆଲଫ୍ରେଡ ହାତର ସ୍ପର୍ଶ ଲୁଇସା ଅନୁଭବ କଲା ତା ଦେହରେ, ତା ମୁହଁରେ ପୂର୍ବର ସେଇ ଯନ୍ତ୍ରଣାଦାୟକ ଅନୁଭୂତିର ଛୋଟ ହସ ପୁଣି ଫୁଟି ଉଠିଲା । ତାପରେ ସେ ଆଲଫ୍ରେଡକୁ ଚୁମ୍ବନଟିଏ ଦେଇ ତା ଘରକୁ ପଠାଇଦେଲା ।

ଘରେ ପହଞ୍ଚି ଆଲଫ୍ରେଡର ପୁରୁଣା ମାନସିକ ବେଦନା ପୁଣି ଏକ ପ୍ରବଳ ଆବେଗରେ ତାକୁ ଘେରିବସିଲା । ସେଇ ପ୍ରବଳ ଆବେଗରେ ଲୁଇସା ଓ ତା ନିଜର ମା, ଯାହାର ମୃତ୍ୟୁ ପାଇଁ ତାର ହୃଦୟ ଏତେ କ୍ଷତବିକ୍ଷତ, ସେମାନେ ସମସ୍ତେ ନିଶ୍ଚିହ୍ନ ହୋଇଗଲେ । କିନ୍ତୁ ଏଇ ବେଦନା ଭିତର ଦେଇ ତା ଅନ୍ତର ଭିତରେ ସେ ଏକ ପରମ ଶାନ୍ତି ସେ ଅନୁଭବ କରୁଥିଲା ।

—୧୫—

ତା ପରଦିନ ସନ୍ଧ୍ୟାବେଳେ ସେ ତା ପୋଷାକପତ୍ର ପିନ୍ଧି ବାହାରିଲା ପୁରୋହିତଙ୍କ ଘରକୁ । ତାଙ୍କୁ ତ ଯେମିତି ହେଲେ ସେଠାକୁ ଯିବାକୁ ହେବ, କିନ୍ତୁ ତା'ର ପରିଣତି ଯେ କଣ ହେବ ସେ ବିଷୟରେ ସେ ଭାବିପାରୁ ନ ଥିଲା ! ପୁରୋହିତଙ୍କୁ

Digitized by srujanika@gmail.com

ଯାଇ କହିବା ତା ପକ୍ଷରେ ବଡ଼ ନ ଥିଲା । ଲୁଇସା ବିଷୟରେ ସେ ସ୍ଥିର ନିଶ୍ଚିତ ହୋଇଥିଲା ଓ ଲୁଇସା ସହିତ ତାର ବିବାହ, ତା ନିଜ ଭାଗ୍ୟ ପରି ତା ପାଇଁ ହିଁ ଅଭିପ୍ରେତ । ତାର ମନେ ହେଉଥିଲା ଏହି ବିବାହ ଯେପରି ତା ପାଇଁ ଏକ ମଂଗଳକର ବିଧି-ନିର୍ଦ୍ଦେଶ । ଏଥିପାଇଁ ସେ ନିଜେ ଦାୟୀ ନୁହେଁ ବା ଏଥିପାଇଁ ଲୁଇସାର ପରିବାରର ଲୋକଙ୍କର କିଛି ହେଲେ କରିବାକୁ ନାହିଁ ।

ପୁରୋହିତଙ୍କ ଘରେ ପହଞ୍ଚିବା ପରେ ତାଙ୍କ ଘର ଲୋକେ ତାକୁ ନେଇ ଚଡ଼ାଦରେ ବସାଇଲେ । ସେ ଘରେ ନିଆଁ ନ ଥାଏ ଘର ଗରମ କରିବାକୁ । କିଛି ସମୟ ପରେ ପୁରୋହିତ ଆସିଲେ । ତାଙ୍କର ଭାବ ଭଙ୍ଗୀରେ ଉଦାସୀନତା ଓ ବିରୋଧତା ପ୍ରକାଶ ପାଉଥିଲା । ସେ କହିଲେ,

“କଅଣ ବାବୁ, କଅଣ ଦରକାର ?”

ଏ କଥା ପଚାରିବା ଆଗରୁ ସେ ଘଟଣା କଣ ଅନୁମାନ କରିଥିଲେ । ଆଲଫ୍ରେଡ ତାଙ୍କ ମୁହଁକୁ ଚାହିଁଲା, ଜାହାଜର ନାବିକ ତାର ଉପର କର୍ମଚାରୀଙ୍କୁ ଚାହିଁଲା ପରି । ତା ବ୍ୟବହାରରେ ସବୁବେଳେ ଆନୁଗତ୍ୟତା ପ୍ରକାଶ ପାଉଥିଲା । କିନ୍ତୁ ମନେ ମନେ ସେ ଦୃଢ଼ ଓ ନିଶ୍ଚିତ ରହିଥିଲା ।

ସେ ପୁରୋହିତଙ୍କୁ କହିଲା, “ମୁଁ ଆପଣଙ୍କର—” କହିବାକୁ ଆରମ୍ଭ କଲା ବେଳେ ସେ ଖୁବ୍ ସମ୍ମାନ ଦେଖାଇ ଆରମ୍ଭ କରିଥିଲା । କିନ୍ତୁ ହଠାତ୍ ତା ମୁହଁର ରଂଗ ବଦଳିଗଲା । ତାର ମନେହେଲା ଯାହା ସେ କହିବାକୁ ଯାଉଛି ତା ଯେପରି ନିୟମ ବିରୁଦ୍ଧ । ଏଠି ସେ କଣ କରିବାକୁ ଆସିଛି ? କିନ୍ତୁ ସେ ସାହସ ସଂଚୟ କଲା, ତାକୁ ଯେମିତି ହେଲେ କହିବାକୁ ଓ ନିଷ୍ପତ୍ତି କରିବାକୁ ପଡ଼ିବ । ନିଜର ଆତ୍ମସମ୍ମାନ ଓ ସ୍ୱାତନ୍ତ୍ର୍ୟକୁ ତାକୁ ଦୃଢ଼ ଭାବରେ ଉପସ୍ଥାପିତ କରିବାକୁ ହିଁ ପଡ଼ିବ । ସେ ଏମିତି ଦ୍ୱିଧାଗ୍ରସ୍ତ ଅନିଶ୍ଚିତତା ମଧ୍ୟରେ ଗତି କରିବ ନାହିଁ । ନିଜର ଏଇ ପରାଜିତ ମନୋଭାବକୁ ସେ ପଛକୁ ଘୁଞ୍ଚାଇ ଦେବ । ବର୍ତ୍ତମାନ ଅବସ୍ଥାରେ ତା ନିଜର ବ୍ୟକ୍ତିଗତ ଅନୁଭବ ଅପେକ୍ଷା ପରିସ୍ଥିତିର ଗୁରୁତ୍ୱ ଯଥେଷ୍ଟ ବେଶୀ । ତାର ଦୁର୍ବଳତାକୁ ଦୂରେଇ ଦେବ । ଏଇ ମୁହୂର୍ତ୍ତରେ ସେଇଟା ହିଁ ତାର ସବୁଠାରୁ ବଡ଼ କର୍ତ୍ତବ୍ୟ ।

“ତମେ କଣ ଚାହଁ ?—” ପୁରୋହିତ ପୁଣି ପଚାରିଲେ ।

ଆଲଫ୍ରେଡର ମୁହଁ ଶୁଖିଯାଇଥାଏ । କିନ୍ତୁ ସେ ଦମ୍ଭଭାବରେ କହିଲା “ଆପଣଙ୍କ ଝିଅ ଲୁଇସା ମୋତେ ବିବାହ କରିବାକୁ ଚାହେଁ ।”

“ମୋ ଝିଅ ଲୁଇସାକୁ ବିବାହ କରିବାକୁ ତମେ ପ୍ରସ୍ତାବ ଦେଉଛ ।” ଲଣ୍ଡ୍ରେଲେ ତାକୁ ସଂଶୋଧନ କରି କହିଲେ । କିନ୍ତୁ ଆଲଫ୍ରେଡ୍ ତ ଲୁଇସାକୁ ସେମିତି କିଛି କହି

Digitized by srujanika@gmail.com

ନାହିଁ । ତେବେ ବି ସେ କହିଲା, "ଯଦି ସେ ମୋତେ ବିବାହ କରେ, ତେବେ ଆପଣ ବୋଧେ ଅମତ ହେବେ ନାହିଁ ।" କହି ସେ ସାମାନ୍ୟ ହସିଲା, ପୁରୋହିତ ଲକ୍ଷ୍ୟ କଲେ ଆଲଫ୍ରେଡର ଚେହେରା ଦେଖିବାକୁ ବେଶ୍ ସୁନ୍ଦର ।

"ମୋ ଝିଅ ତମକୁ ବିଭା ହେବାକୁ ଚାହେଁ ତ ?"

"ହଁ", ଆଲଫ୍ରେଡ ଉତ୍ତର ଦେଲା ଗମ୍ଭୀର ଭାବରେ । କିନ୍ତୁ ସେମିତି ଉତ୍ତର ଦେବାକୁ ତାକୁ ଅଡୁଆ ଲାଗୁଥାଏ । ପୁରୋହିତ ଓ ତା ନିଜ ଭିତରେ ଥିବା ପ୍ରକୃତିଗତ ବିଚ୍ଛିନ୍ନତାକୁ ସେ ଅନୁଭବ କରି ପାରୁଥିଲା ।

ପୁରୋହିତ ତାକୁ କହିଲେ, "ତମେ ଏଇବାଟେ ଭିତରକୁ ଆସ" । ସେ ଆଲଫ୍ରେଡକୁ ତାଙ୍କ ଖାଇବା ଘର ପର୍ଯ୍ୟନ୍ତ ଡାକିନେଲେ, ସେଠାରେ ମେରୀ, ଲୁଇସା ଓ ଲିଣ୍ଡ୍ଲେଙ୍କ ସ୍ତ୍ରୀ ବସିଥିଲେ । ଘରର ଗୋଟାଏ କୋଣରେ ମାସି ଗୋଟାଏ ବତୀ ଆଲୁଅରେ ବସି କ'ଣ କରୁଥିଲା । ପୁରୋହିତ ଲୁଇସାକୁ ପଚାରିଲେ "ଲୁଇସା, ଆଲଫ୍ରେଡ ତତେ ବିବାହ କରିବାପାଇଁ ପ୍ରସ୍ତାବ ନେଇ ଆସିଛନ୍ତି ।"

ଲୁଇସା କହିଲା । "ହଁ" ସିଧା ହୋଇ ସଯତ୍ନ ଭାବରେ ଠିଆ ହୋଇଥିବା ଆଲଫ୍ରେଡର ଆଖିକୁ ଚାହିଁବାକୁ ସାହସ କରୁ ନଥିଲା, ସେ କେବଳ ତାର ଉପସ୍ଥିତିକୁ ବୁଝି ପାରୁଥିଲା ।

ଲୁଇସାର ମା ଅତି ବିରକ୍ତ ହୋଇ କହିଲେ, "କୋଇଲା ଖଣିର ଗୋଟାଏ ଶ୍ରମିକକୁ ତୁ ବୋଧେ କେବେହେଲେ ବାହା ହେବାକୁ ରାଜି ହେବୁନି ?" ଗୋଟାଏ ଢିଲା ଧାଉଁଶିଆ ଲମ୍ବା ଗାଉନ୍ ପିନ୍ଧି, ନିଜର ସ୍ଥୂଳକାୟ, ଅସହାୟ ଶରୀରକୁ ନେଇ ଏକେ ଚକଲଗା ଚୌକି ଉପରେ ଖାଲି କୁଜି ହୋଇ ସେ ବସିଥିଲେ ।

ମେରୀ କହିଲା, "ଓଃ ! ମା ତୁ ରହ, କାହିଁକି ଏତେ ବଡ ପାଟି କରୁଛୁ ? ତା ସ୍ୱରରେ ଶାନ୍ତ ଗର୍ବିତ ଭାବ ।

ଲିଣ୍ଡ୍ଲେଙ୍କ ସ୍ତ୍ରୀ ପୁଣି ତାଙ୍କ କର୍କଶସ୍ୱରରେ ଆଲଫ୍ରେଡକୁ ପଚାରିଲେ, "ଯାହାକୁ ବାହାହେବ ।-ତାକୁ ଚଳେଇଲା ପରି ତୁମର ରୋଜଗାର ଅଛିତ ?"

ଆଲଫ୍ରେଡ ସାମାନ୍ୟ ଚମକି ଉତ୍ତର ଦେଲା, "ହଁ, ମୁଁ ଯଥେଷ୍ଟ ରୋଜଗାର କରିପାରିବି ।"

"କେତେ ରୋଜଗାର କରି ପାରିବ ?" ସେମିତି କର୍କଶିଆ ସ୍ୱରରେ ଲିଣ୍ଡ୍ଲେ ସ୍ତ୍ରୀ ପଚାରିଲେ ।

Digitized by srujanika@gmail.com

ଅଲଫ୍ରେଡ କହିଲା, "ଦିନକୁ ମୁଁ ୧୦ । ୧୫ ଟଙ୍କା ରୋଜଗାର କରିପାରିବି ।" "କିନ୍ତୁ ଏହାଠାରୁ ଅଧିକା କଣ କେବେ ପାଇବ ତମେ ?"

ସେ କହିଲା, "ହିଁ ମୁଁ ହୁଏତ ପାଇପାରିବି ।"

"ତମେ କଣ ତମର ସେଇ ସଙ୍କୀର୍ଣ୍ଣ, ଛୋଟ ଘରଟାରେ ରହିବ ?" "ହିଁ ଯଦି ବିଶେଷ ଅସୁବିଧା ନ ହୁଏ, ସେଇଠି ରହିବି ।"

ଲୁଇସାର ଘର ଲୋକଙ୍କ କଥାରେ ସେ ଅପମାନିତ ହେଲାନାହିଁ, ଯଦିଓ ତା ମନ ଟିକିଏ ଦବି ଯାଇଥିଲା ଯେ ସେମାନେ ତାକୁ କୌଣସି ପ୍ରାଧାନ୍ୟ ଦେଉନାହାନ୍ତି ବୋଲି । ସେ ଜାଣେ ଯେ ସେମାନଙ୍କ ଦୃଷ୍ଟିରେ ସେ କେତେ ମୂଲ୍ୟହୀନ ।

ଲୁଇସାର ମା ନିଜେ ନିଜେ ଟିପ୍ପଣି କରିବା ଢଙ୍ଗରେ କହିଲେ, "ଯଦି ସେ ତମକୁ ବାହା ହେବ, ତେବେ ମୁଁ ଜାଣିବି ଯେ ତାଠାରୁ ବୋକା ଏଇ ପୃଥିବୀରେ ଆଉ କେହି ନାହାନ୍ତି ।"

ମେଗି ତା ମାକୁ ବାଧା ଦେଇ କହିଲା, "ମା' ତୁ କାହିଁକି ଏମିତି କହୁଛୁ ? ଏ ତ ଲୁଇସାର ନିଜର କଥା, ଆମର ମନେ ରଖିବା ଦରକାର—"

ତା ମା କହିଲେ । "ହିଁ ସେ ଯେମିତିକା କାମ କରୁଛି ସେମିତିକା ଫଳ ପାଇବ । କିନ୍ତୁ ଏଥିପାଇଁ ଦିନେ ସେ ଅନୁତାପ କରିବ ।"

ଏତିକି ବେଳେ ଫ୍ରେଡେରିକ୍ କହିଲେ, କିନ୍ତୁ ଲୁଇସା ତ ତା ନିଜପାଇଁ ଖାଲି ଭାବିଲେ ହେବ ନାହିଁ । ତା ପରିବାରର ଲୋକଙ୍କ କଥା ବି ତାକୁ ଭାବିବାକୁ ପଡ଼ିବ ।"

"ଆପଣଙ୍କର କଣ ଅସୁବିଧା ହେବ ବାପା," ଲୁଇସା ଟିକେ ତା ସ୍ୱର ଟାଣି କରି କହିଲା ।

ଜଣ୍ଡ୍ରେଲେ କହିଲେ, "ତୁ ଯଦି ଏଇ ଲୋକକୁ ବାହା ହେବା ପାଇଁ ସ୍ଥିର କରିଛୁ ଏବଂ ଯଦି ବାହାହୋଇ ମୋର ଏଇ ଅଞ୍ଚଳରେ ରହିବୁ, ତେବେ ତ ମୁଁ କାହାରି କାହା ପାଖରେ ମୁହଁ ଦେଖାଇ ପାରିବି ନାହିଁ । ମୋର ସମ୍ମାନରେ ଆଞ୍ଚ ଆସିବ । ଯଦି ତମେ ବାହାହୋଇ ଆଉ କେଉଁଠିକୁ ଦୂରକୁ ଚାଲିଯିବ, ତେବେ ହୁଏତ ମୋର ଏତେ ଅସୁବିଧା ହେବ ନାହିଁ । କିନ୍ତୁ ଏଇଠି, ମୋର ଆଖି ଆଗରେ, ତୁ ଯାଇ ଜଣେ ଶ୍ରମିକର ଘରେ ରହିବୁ, ସେ କଥା ମତେ ବଡ଼ ଅପମାନଜନକ ବୋଧହେବ । ମୁଁ ତ ପୁଣି ମୋର ନିଜର ଆତ୍ମସମ୍ମାନ ଜଗିବି, ମୋର ନିଜର ସମ୍ମାନ ଓ ସାମାଜିକ ସ୍ଥାନ ତ ପିଲାଖେଳ କଥା ନୁହଁ ।"

Digitized by srujanika@gmail.com

ଲୁଇସାର ମା ତାର କର୍କଶିଆ ସ୍ୱରରେ ଡାକିଲେ, "ଅଲଫ୍ରେଡ, ତୁମେ ଏ ଅଡକୁ ଆସିଲ, ଆମେ ଟିକେ ତୁମକୁ ଭଲକରି ଦେଖୁ ।"

ଅଲଫ୍ରେଡର ମୁହଁ ଲଜ୍ଜାରେ ନାଲ୍ ପଡ଼ିଗଲା । ତେବେ ବି ସେ ଯାଇ ଅତି ବାଧ୍ୟ, ଅନୁଗତ ପରି ସିଧାହୋଇ ପାଖରେ ଠିଆହେଲା । ସେ କିନ୍ତୁ ପୁରାପୁରି ମିଲିଟାରୀ କାଇଦାରେ ଠିଆ ହେଲ ନାହିଁ । ତେଣୁ ସେ ତା ହାତ ଦୁଇଟାକୁ ନେଇ କ'ଣ କରିବ ସେ କଥା ବୁଝି ପାରୁ ନ ଥାଏ । ଲୁଇସା ତାକୁ ସେମିତି ଅତି ବାଧ୍ୟ ପରି ଠିଆ ହେବାର ଦେଖି ଖରି ଲାଗିଲା ମନେ ମନେ, ଏମିତି କାପୁରୁଷ ପରି ବ୍ୟବହାରକୁ ସେ ଜମା ପସନ୍ଦ କରୁ ନ ଥିଲା ।

ଲୁଇସାର ମା କହିଲେ, 'ଅଚ୍ଛା, ତୁମେ କଣ ତାକୁ ବାହାରକୁ କୁଆଡକୁ ନେଇଯାଇପାରିବନି, ଯେମିତି ଆମେ ଅଉ ତୁମ ଦୁହିଁଙ୍କୁ ଦେଖିବୁ ନାହିଁ । ତୁମେ ଦୁହେଁ ଆମ ଆଖିଆଗରୁ ଦୂରକୁ ଚାଲିଯିବା ଦରକାର ।"

ଅଲଫ୍ରେଡ୍ କହିଲା । "ହଁ, ତା ଅମେ କରିପାରିବୁ । ଆମେ ଅନ୍ୟ କେଉଁଠିକୁ ଦୂରକୁ ଯାଇ ରହିବୁ ।"

"ତୁମେ କଣ ଦୂରକୁ ଯିବାକୁ ଚାହୁଁଛ ?" ମେରୀ ତାକୁ ସ୍ପଷ୍ଟ ଭାବରେ ପଚାରିଲେ । ଅଲଫ୍ରେଡ ମେରୀ ଅଡକୁ ଚାହିଁଲା । ମେରୀକୁ ଖୁବ୍ ମର୍ଯ୍ୟାଦାବନ୍ତ ପରି ମନେହେଲା । ଅଲଫ୍ରେଡର ମୁହଁର ରଂଗ ବଦଳି ଗଲା ମେରୀ କଥାରେ ।

ସେ କହିଲା, "ମୁଁ ବାହାହେବା ଦ୍ୱାରା ଯଦି କାହାର କିଛି ଅସୁବିଧା ହେବ ତେବେ ମୁଁ ବାହାରକୁ ଯିବାକୁ ବାଧ୍ୟ ହେବ ।"

"କିନ୍ତୁ କେହି କିଛି ନ କହିଲେ ବୋଧେ ତୁମେ ଏଠି ରହନ୍ତ ।" ମେରୀ ପୁଣି ପଚାରିଲା ।

ସେ କହିଲା "ହଁ, ଏଇଟା ମୋର ଘର, ମୁଁ ଏଇ ଘରେ ଜନ୍ମ ହୋଇଛି । ଏହାକୁ ଛାଡ଼ି ଯିବାକୁ କାହିଁକି ମୋର ମନ ହେବ ?"

"ତାହେଲେ, ମୁଁ ଭାବି ପାରୁନି, ବାପା, ତୁମେ କେମିତି ଅଲଫ୍ରେଡ ସାଙ୍ଗରେ ଏଣେ ଟ୍ରିକ୍ କରୁଛ । ତାଙ୍କ ନିଜଘରେ ରହିବାକୁ ତାଙ୍କର ସବୁପ୍ରକାର ଅଧିକାର ରହିଛି, ଅଉ ଲୁଇସା ଯେତେବେଳେ ନିଜେ ଠିକ୍ କରୁଛି ସେଇଠି ବିବାହ କରିବାକୁ—" ମେରୀ ତା ବାପା ମାଙ୍କ ଅଡକୁ ଅନେଇ କହିଯାଉଥିଲା ।

ହଠାତ୍ ତା ବାପା ଚିତ୍କାର କରି କହି ଉଠିଲେ, "କାହିଁକି ତମସ୍ତେ ଖାଲି ଲୁଇସା, ଲୁଇସା ହେଉଛ ? ମୁଁ ତ ବୁଝି ପାରୁନି ଲୁଇସା ନିଜେ କାହିଁକି ଏ

Digitized by srujanika@gmail.com

ବିଷୟରେ ଠିକ୍ ନିଷ୍ପତ୍ତି ନେଇ ନ ପାରିବ । ମୁଁ ତ ଜାଣି ପାରୁନି ଲୁଇସା କାହିଁକି କେବଳ ତା ନିଜ କଥା ଭାବିବ ଏବଂ ତା ପରିବାରର ଆଉ ସମସ୍ତଙ୍କୁ ସେଇ କାରଣରୁ ବାଦ ଦେବ, ଘଟଣା ଯାହା ହୋଇଛି, ସେଥିରେ ସେ ତ ବର୍ତ୍ତମାନ ତା ପରିବାର ପାଇଁ ଯାହା ସବୁଠାରୁ ମଙ୍ଗଳଦାୟକ ସେଇକଥାହିଁ ତାର ଭାବିବା ଦରକାର । ଆଉ ଯଦ—" ଲୁଇସା କହିଲା । "କିନ୍ତୁ ବାପା, ମୁଁ ତ ତାଙ୍କୁ ଭଲପାଏ," "ମୁଁ ଭାବୁଛି ତୁ ତ ତୋ ବାପା ମାଙ୍କୁ ବି ସେମିତି ଭଲପାଉ, ଏବଂ ସେଥିପାଇଁ ବୋଧେ ତୁ ସେମାନଙ୍କୁ ଓ ସେମାନଙ୍କର ଆତ୍ମସମ୍ମାନ ଯେପରି ନଷ୍ଟ ନ ହୁଏ ସେଇ ଚେଷ୍ଟା କରିବୁ ।" ତା ବାପା କହିଲେ ଲୁଇସାକୁ ।

"ଠିକ୍ ଅଛି, ଆମେ ଅନ୍ୟଆଡ଼କୁ ଯାଇ ବଂଚି ପାରିବୁ" ଲୁଇସା କହୁ କହୁ କାନ୍ଦି ପକାଇଲା । ସେ ମନରେ ବେଶ୍ ଆଘାତ ପାଇଥିଲା ଆଲଫ୍ରେଡ଼ ତର ତର ହୋଇ ବେଦନାପୂର୍ଣ୍ଣ କଣ୍ଠରେ କହିଲା, "ହଁ ହଁ ଅତି ସହଜରେ ।"

"ଘରେ ସମସ୍ତେ ଚୁପ୍ ହୋଇଗଲେ ।"

"ହଁ ଦୂରକୁ ଯାଇ ରହିବା ବୋଧେ ଭଲ ହେବ ତୁମ ପାଇଁ ।" ପୁରୋହିତ ଆଶ୍ୱସ୍ତ ହୋଇ ଟିକିଏ କୋମଳ ସ୍ୱରରେ କହିଲେ ।

ଲିଣ୍ଡଲେଙ୍କ ସ୍ତ୍ରୀ ବି ତାଙ୍କ କଥାକୁ ସମର୍ଥନ କରି ନିଜର କର୍କଶିଆ ସ୍ୱରରେ କହିଲେ, "ହଁ ସେଇଆ ସବୁଠୁ ବୋଧେ ଭଲ ହେବ ।"

ମେଗି ଦୁଃଖିତ ହେଲା ଭଳି କହିଲା, "କିନ୍ତୁ ଏପରି ଅନୁରୋଧ କରୁଥିବାରୁ ଆମର ଲଜ୍ଜିତ ହେବା ଉଚିତ୍ ।"

ଆଲଫ୍ରେଡ଼ କହିଲା, "ନା, ନା, ସେଇଟା ସବୁଠାରୁ ଭଲ ହେବ" । ସେ ଭିତ ଭିତ ଖୁସି ହେଲା ଯେ ଏଥର ତାକୁ ନେଇ ଆଉ ବଡ଼ା ବଡ଼ି ହେବ ନାହିଁ ।

"ଆଚ୍ଛା, ତାହେଲେ ଆମେ ଏଇଠି ଏ ଘରେ ବିବାହ ପାଇଁ ଠିକ୍ ହେବ ନା କୋର୍ଟକୁ ଯାଇ ରେଜିଷ୍ଟ୍ରି କରିବା ? "ଆଲଫ୍ରେଡ ଆହ୍ୱାନ କଲାପରି ସ୍ପଷ୍ଟ ଭାବରେ ପଚାରିଲା ।

"ନା ଆମେ କୋର୍ଟକୁ ଯାଇ ରେଜିଷ୍ଟ୍ରି କରିବା" ଲୁଇସା ବି ନିଷ୍ପତ୍ତି ନେବା ଢଙ୍ଗରେ କହିଲା ।

ଘର ଭିତରେ ସମସ୍ତେ ପୁଣି ଚୁପ୍ ହୋଇଗଲେ ।

Digitized by srujanika@gmail.com

ଟିକଏ ପରେ ଲୁଇସାର ମା ଜୋର ଦେଇ କହିଲେ, "ଠିକ୍ ଅଛି, ତମେ ନିଜେ ନିଜର ବାଟ ଠିକ୍ କରୁଛ, ତେବେ ତମକୁ ଯାହା ଭଲ ଦିଶୁଛି ତା କର ।"

ଏତେବେଳ ଯାଏ ମାସି ଅଙ୍ଗଣା ଓ ଅନ୍ଦ୍ରୋ ଖୁବ୍ ଦରର ହୋଇ କଣରେ ବସି ରହିଥିଲ । ଘରେ ଏତେ ସବୁ ଘଟଣା ଘଟିବା ବେଳେ ସେ ଯେମିତି ସେଠାରେ ଅନୁପସ୍ଥିତ ଥିଲ । ହଠାତ୍ ସେମାନଙ୍କର କଥାବାର୍ତ୍ତା ଶେଷ ହେବାବେଳକୁ ସେ ଉଠିପଡ଼ି କହିଲ,

"ମେଗ୍, ଝିଅକୁ ଟିକଏ ଦେଖି ଆସ ।"

ମେଗ୍ ଉଠି ଗୁଣୀ ପରି ଘର ବାହାରକୁ ଚାଲିଗଲେ । ତା ପଛେ ପଛେ ତାର ଛୋଟିଆ ସ୍ୱାମୀଟି ମଧ୍ୟ ପାଦ ଟେକେଇ ଟେକେଇ ଗଲା । ଅଲଫ୍ରେଡ୍ ହେଇ, ଛୋଟିଆ, ଦୁବଳିଆ ଲୋକଟିର ଯିବା ବାଟକୁ ଅଚମ୍ଭିତ ହେଲା ପରି ଚାହିଁ ରହିଲା ।

ପୁରୋହିତ ଏଥର ଅତି ଖୁସି ହେବା ଭଙ୍ଗୀରେ ଅଲଫ୍ରେଡକୁ ପଚାରିଲେ, "ତେବେ ବାହାଘର ପରେ ତମେ ଦୁହେଁ କେଉଁଠିକୁ ଯିବ ବୋଲି ଭାବୁଛ ?"

ଅଲଫ୍ରେଡ୍ ଏଇ ପ୍ରଶ୍ନରେ ପୁଣି ଚମକି ଉଠିଲା ।

ସେ କହିଲା, "ମୁଁ ବାହାରକୁ ଯିବ ବୋଲି ଭାବୁଛି ।"

"କୋଉଁଠିକୁ ? କାନାଡ଼ା ?"

"ହଁ, କାନାଡାକୁ ଯାଇପାରେ ।"

"ହଁ, କାନାଡା ଗଲେ ଖୁବ୍ ଭଲ ହେବ ।"

ପୁଣି ହମସ୍ତେ ଚୁପ୍ ହୋଇଗଲେ ।

ଲିଣ୍ଡ୍ଲେଙ୍କ ସ୍ତ୍ରୀ ଅଣ୍ଟାଳିଆ, ଟାଣ ସ୍ୱରରେ କହିଲେ, 'ତେବେ ଅମେ ତ ତମକୁ ଅଉ କୋଉଁ ଭାବରେ ବେଶୀ ସମୟ ଦେଖିବାକୁ ପାଇବୁ ନାହିଁ ।"

ସେ କହିଲା "ନାଁ, ବେଶୀ ଦେଖା ହେବନି ।"

ତାପରେ ସେ ଯିବାକୁ ବାହାରିଲା । ଲୁଇସା ତା ସାଙ୍ଗରେ ବାହାର ବଗିଚାର ଗେଟ୍ ପର୍ଯ୍ୟନ୍ତ ବଳେଇ ଦେବାକୁ ଗଲା । ଗେଟ୍ ପାଖରେ ସେ ମନଦୁଃଖରେ ଅଲଫ୍ରେଡ ପାଖରେ ଠିଆ ହୋଇ ଅତି ନରମ ଭାବରେ ତାକୁ କହିଲା,

Digitized by srujanika@gmail.com

ସେମାନେ ତମକୁ ଯାହା ସବୁ କହିଲେ ସେଥିରେ ତମେ ମନରେ କିଛୁ ଭାବବ ନାହିଁ ।"

"ନାଁ ମୋତେ ସେମାନେ ବ୍ୟସ୍ତ ନ କଲେ ମୁଁ ଆଦୌ ଖରାପ ଭାବବନ ।" ଆଲଫ୍ରେଡ ଲୁଇସାକୁ କହିଲା । ସେ ନଇଁ ପଡ଼ି ଲୁଇସାକୁ ଚୁମ୍ବନ କଲା ।

ଲୁଇସାର ଆଖିରେ ଲୁହ ଭର୍ତ୍ତି ହୋଇଗଲା । ସେ ଗୁଣ୍ଣୁ ଗୁଣ୍ଣୁ ସ୍ୱରରେ କହିଲା, "ଆମେ ଶିଘ୍ର ବାହା ହେବା ।

"ଠିକ୍ ଅଛ, ମୁଁ କାଲି ବାରଫୋର୍ଡ ଯାଇଁ ସବୁ ବ୍ୟବସ୍ଥା କରିବ ।"

Digitized by srujanika@gmail.com